ଧରିତ୍ରୀ
DHARITRI
ସୋମବାର, ମାର୍ଚ୍ଚ ୩୦/୨୦୨୦ (୨୩ ପୃଷ୍ଠା)
Monday, March 30/2020
୪୬ଶ ଭାଗ ୧୨୫ ସଂଖ୍ୟା
www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada
ମୂଲ୍ୟ ₹ ୪/-



**ଲକ୍‌ଡାଉନ ବେଳେ ଘରେ ରୁଟି କରୁଛନ୍ତି ହିମାଂଶୀ**
ବିଗ୍‌ବସ୍ ଫେମ୍ ହିମାଂଶୀ ଖୁରାନାଙ୍କ ଏକ ଭିଡିଓ ଇଣ୍ଟରନେଟରେ ସେନ୍‌ସେସନ ପାଲଟିଛି। ଭିଡିଓରେ ହିମାଂଶୀ ଘରେ ରୁଟି କରୁଥିବାର ଦେଖିବାକୁ ମିଳିଛି।
୧୨

୨୩
**ଯୋଗୀନ୍ଦରଙ୍କୁ ଆଇସିସିର ପ୍ରଶଂସା**
କଠିନ ପରିସ୍ଥିତିରେ ନିଷ୍ଠାର ସହିତ ପୋଲିସ ଅଫିସର ଦାୟିତ୍ୱ ନିର୍ବାହ କରୁଥିବା ପୂର୍ବତନ କ୍ରିକେଟର ଯୋଗୀନ୍ଦର ଶର୍ମାଙ୍କୁ ଆଇସିସିର ପ୍ରଶଂସା।



# ୨୪ ଘଣ୍ଟାରେ ଗଲା ୮ ଜୀବନ

## ୨୭ରେ ପହଞ୍ଚିଲା ମୃତ୍ୟୁ ସଂଖ୍ୟା

ନୂଆଦିଲ୍ଲୀ,୨୯।୩(ପି.ଟି.)

ଲକ୍‌ଡାଉନ ସତ୍ତ୍ୱେ ଦିନକୁ ଦିନ ଅଧିକ ଭୟଙ୍କର ହେଉଛି କରୋନା। ଭାରତରେ ଗତ ୨୪ ଘଣ୍ଟା ମଧ୍ୟରେ ୮ ଜଣଙ୍କ ଜୀବନ ନେଲାଣି ଏହି ଭୂତାଣୁ। ଦେଶରେ ମୃତ୍ୟୁସଂଖ୍ୟା ୨୭ରେ ପହଞ୍ଚିଥିବା ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ମହାରାଷ୍ଟ୍ରରେ ସର୍ବାଧିକ ୮ ଜଣଙ୍କର କରୋନାରେ ମୃତ୍ୟୁ ଘଟିଲାଣି। ଦେଶରେ ସଂକ୍ରମିତଙ୍କ ସଂଖ୍ୟା ୧୦୨୪ ଅତିକ୍ରମ କରିଛି। ସେଥିରେ ୪୮ ଜଣ ବିଦେଶୀ ଅଛନ୍ତି। ଏପର୍ଯ୍ୟନ୍ତ ୮୬ ଜଣ ସଂକ୍ରମିତ ସୁସ୍ଥ ହୋଇଥିବା ଜଣାପଡ଼ିଛି। ମହାରାଷ୍ଟ୍ରରେ ସଂକ୍ରମିତଙ୍କ ସଂଖ୍ୟା ସର୍ବାଧିକ ୧୮୬ ରହିଛି। ଦ୍ୱିତୀୟ ସ୍ଥାନରେ ଥିବା କେରଳରେ ରୋଗୀ ସଂଖ୍ୟା ୧୮୨ରେ ପହଞ୍ଚିଛି। ଗୁଜରାଟରେ ୪ ଜଣଙ୍କର ଏହି ଭୂତାଣୁ ସଂକ୍ରମଣରେ ମୃତ୍ୟୁ ହୋଇଥିବାବେଳେ କର୍ନାଟକରେ ୩, ମଧ୍ୟପ୍ରଦେଶ ଓ ଦିଲ୍ଲୀରେ ଦୁଇଜଣ ଲେଖାଏ ପ୍ରାଣ ହରାଇଛନ୍ତି। କେରଳ, ତେଲଙ୍ଗାନା, ତାମିଲନାଡୁ, ବିହାର, ପଞ୍ଜାବ, ପଶ୍ଚିମବଙ୍ଗ, ଜମ୍ମୁ-କଶ୍ମୀର ଓ ହିମାଚଳପ୍ରଦେଶରେ ଜଣେ ଲେଖାଏ ଜୀବନ ହରାଇଛନ୍ତି। ତେଲଙ୍ଗାନାରେ କରୋନା ରୋଗୀସଂଖ୍ୟା ୬୬ ହୋଇଥିବାବେଳ କର୍ନାଟକରେ ଏହି ସଂଖ୍ୟା ୭୬ରେ ପହଞ୍ଚିଛି। ରାଜସ୍ଥାନରେ ୫୪, ଉତ୍ତରପ୍ରଦେଶରେ ୫୫ ଓ ଗୁଜରାଟରେ ୫୩ ଜଣ ସଂକ୍ରମିତ ହୋଇଛନ୍ତି। ଅନ୍ୟ ରାଜ୍ୟ ମଧ୍ୟରେ ତାମିଲନାଡୁରେ ୪୨, ଦିଲ୍ଲୀରେ ୩୯, ପଞ୍ଜାବରେ ୩୮, ହରିୟାଣାରେ ୩୩, ମଧ୍ୟପ୍ରଦେଶରେ ୩୦, ଜମ୍ମୁ-କଶ୍ମୀରରେ ୩୧, ପଶ୍ଚିମବଙ୍ଗରେ ୧୭,ଆନ୍ଧ୍ରପ୍ରଦେଶରେ ୧୪, ଲଦାଖରେ ୧୩ ଜଣ କରୋନା ସଂକ୍ରମିତ। ବିହାରରେ ୯, ଚଣ୍ଡିଗଡ଼ରେ ୮, ଛତିଶଗଡ଼ ଓ ଉତ୍ତରାଖଣ୍ଡରେ ୬ ଜଣ ଲେଖାଏ, ହିମାଚଳପ୍ରଦେଶ ଓ ଓଡ଼ିଶାରେ ୩ ଜଣ ଲେଖାଏ, ଆଣ୍ଡାମାନ ନିକୋବରରେ ୯ ଜଣ ଓ ଗୋଆରେ ୩ ଏହି ଭୂତାଣୁ ଦ୍ୱାରା ସଂକ୍ରମିତ ଥିବା ଜଣାପଡ଼ିଛି।



ଲଣ୍ଡନ,୨୯।୩(ଆଇଏଏନ୍‌ଏସ୍)

ସ୍ପେନ୍ ଯୁବରାଣୀ ମାରିଆ ଟେରେସାଙ୍କର କରୋନା ସଂକ୍ରମଣରେ ମୃତ୍ୟୁ ଘଟିଛି। ଏହି ରୋଗରେ ପ୍ରାଣ ହରାଇବାରେ ସେ ପ୍ରଥମ ରାଜ ପରିବାର ସଦସ୍ୟ। ତାଙ୍କୁ ୮୬ ବର୍ଷ ହୋଇଥିଲା। ସେ ସ୍ପେନ୍ ରାଜା ଫିଲିପ୍ ଷଷ୍ଠଙ୍କ ସମ୍ପର୍କୀୟ ଭଉଣୀ। ସ୍ପେନ୍‌ରେ କରୋନା ପାଖାପାଖି ୬୦୦୦ ଲୋକଙ୍କ ଜୀବନ ନେଇଥିବାବେଳେ ଇଟାଲିରେ ୧୦ ହଜାର ଅତିକ୍ରମ କରିଛି। ପୂର୍ବରୁ ☞ପୃଷ୍ଠା-୪

## ଲକ୍‌ଡାଉନ୍ ପାଇଁ କ୍ଷମା ମାଗିଲେ ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ,୨୯।୩(ପି.ଟି.)

କରୋନା ଭୂତାଣୁ (କୋଭିଡ୍-୧୯) ବିରୋଧରେ ସାରା ଦେଶ ଲଢ଼େଇ ଜାରି ରଖିଛି। ଏହି ଯୁଦ୍ଧ ଜିତିବାକୁ ହେବ ଏବଂ ଆମେ ନିଶ୍ଚୟ ଜିତିବା ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରବିବାର ତାଙ୍କର ମାସିକ ରେଡିଓ କାର୍ଯ୍ୟକ୍ରମ 'ମନ୍ କୀ ବାତ୍'ରେ ଦେଶବାସୀଙ୍କୁ ଉଦ୍‌ବୋଧନ ଦେବା ଅବସରରେ କହିଛନ୍ତି। ଭୂତାଣୁ ସଂକ୍ରମଣ ଦୂର କରିବା ଲାଗି ଲକ୍‌ଡାଉନ୍ ଭଳି କଠୋର ନିଷ୍ପତ୍ତି ନେବାକୁ ପଡ଼ିଛି। ଏଥିପାଇଁ ଅନେକ ଲୋକ ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ଏଭଳି କଠୋର ନିଷ୍ପତ୍ତି ନେଇଥିବାରୁ ତାଙ୍କୁ ରାଷ୍ଟ୍ର କ୍ଷମା କରିଦେବା ପାଇଁ ପ୍ରଧାନମନ୍ତ୍ରୀ ଅନୁରୋଧ କରିଛନ୍ତି।

ଭାରତରେ କରୋନା ୨୫ ଜୀବନ ନେଲାଣି ଓ ଏହି ଭୂତାଣୁ ଦ୍ୱାରା ୧୦୦୦ରୁ ଊର୍ଦ୍ଧ୍ୱ ଲୋକ ସଂକ୍ରମିତ ହୋଇଛନ୍ତି। ଡାକ୍ତର, ନର୍ସ, ପାରାମେଡିକାଲ କର୍ମଚାରୀ ତଥା କରୋନା ବିରୋଧୀ ଲଢ଼େଇରେ ସାମିଲ ହୋଇଥିବା ଅନ୍ୟମାନଙ୍କୁ ଆଗଧାଡ଼ିର ସୈନିକ ବୋଲି କହି ସେମାନଙ୍କର ଉଚ୍ଚ ପ୍ରଶଂସା କରିଛନ୍ତି ପ୍ରଧାନମନ୍ତ୍ରୀ। ସେମାନଙ୍କ ଅକ୍ଳାନ୍ତ ପରିଶ୍ରମ ଯୋଗୁ ୨୪ ତାରିଖରୁ ୨୧ ଦିନିଆ ଲକ୍‌ଡାଉନ ଘୋଷଣା ସତ୍ତ୍ୱେ ଦେଶ ସମ୍ପୂର୍ଣ୍ଣ ଅଚଳ ହୋଇଯାଇନାହିଁ। କରୋନା ଭୂତାଣୁ ବିରୋଧରେ ଲଢ଼େଇ କରିବା ବ୍ୟତୀତ ଅନ୍ୟ ଉପାୟ ନାହିଁ। ଏହା ଜୀବନ ଓ ମୃତ୍ୟୁ ପାଇଁ ଲଢ଼େଇ। ତେଣୁ ଲକ୍‌ଡାଉନ ଭଳି କଠୋର ନିଷ୍ପତ୍ତି ନେବାକୁ ପଡ଼ିଲା। ଲୋକଙ୍କ ଜୀବନ ନେବାକୁ ଆସିଥିବା ଏହି ମହାମାରୀ ବିରୋଧରେ ସମଗ୍ର ମାନବଜାତିକୁ ଏକାଠି ହେବା ଜରୁରୀ ହୋଇପଡ଼ିଛି। ସଂକ୍ରମଣଠାରୁ ଦୂରେଇ ରହିବା ଲାଗି ସାମାଜିକ ଦୂରତ୍ୱ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଆମକୁ ସାମାଜିକ ଦୂରତ୍ୱ ବଜାୟ ରଖିବାକୁ ହେବ, ଭାବଗତ କିମ୍ବା ମାନବୀୟ ଦୂରତ୍ୱ ନୁହେଁ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

କେହି ଜାଣିଶୁଣି ନିୟମ ଭାଙ୍ଗେ ନାହିଁ। ତେବେ କେତେଜଣ ନିୟମ ଭାଙ୍ଗୁଛନ୍ତି। ଯଦି ସେମାନେ ଲକ୍‌ଡାଉନ ନିୟମ ମାନିବେ ନାହିଁ, ତେବେ କରୋନା ମହାମାରୀ ଭଳି ବିପଦରୁ ଆମକୁ ରକ୍ଷା କରିବା କଷ୍ଟକର ହୋଇପଡ଼ିବ। ଏହି ଭୂତାଣୁ ସାରା ବିଶ୍ୱକୁ କବଳିତ କରିଛି। ଏହା ଜ୍ଞାନ, ବିଜ୍ଞାନ, ଧନୀ, ଗରିବ, ଦୁର୍ବଳ, ବଳବାନ୍ - ସମସ୍ତଙ୍କ ପାଇଁ ଚ୍ୟାଲେଞ୍ଜ ସୃଷ୍ଟି କରିଛି। ଏହି ଭୂତାଣୁ କୌଣସି ଦେଶର ସୀମାରେଖା ମଧ୍ୟରେ ସୀମିତ ନାହିଁ କିମ୍ବା କୌଣସି ଜଳବାୟୁକୁ ଖାତିର କରୁନାହିଁ। ☞ପୃଷ୍ଠା-୪

**ମନ୍ କୀ ବାତ୍**
- କରୋନା ବିରୋଧୀ ଯୁଦ୍ଧରେ ନିଶ୍ଚୟ ଜିତିବା
- ସାମାଜିକ ଦୂରତ୍ୱ ରଖିବା, ଭାବଗତ ଦୂରତ୍ୱ ନୁହେଁ



## ଦୁଇଦିନ ବର୍ଷା ସହ ବଜ୍ରପାତ

**ତାପମାତ୍ରା ଆହୁରି ବଢ଼ିବ**

ଭୁବନେଶ୍ୱର,୨୯।୩(ବ୍ୟୁରୋ)

ସାରା ରାଜ୍ୟରେ ଏବେ ତାପମାତ୍ରା ବଢ଼ିବାରେ ଲାଗିଛି। ଦିନବେଳା ଜନଜୀବନ ଅସ୍ତବ୍ୟସ୍ତ ହୋଇପଡୁଛି। ହେଲେ ଅପରାହ୍ଣରୁ ହଠାତ ପାଗରେ ପରିବର୍ତ୍ତନ ଘଟୁଛି। ରବିବାର ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ସହିତ ବଜ୍ରପାତ ମଧ୍ୟ ହୋଇଛି। ଆସନ୍ତା ଦୁଇଦିନ ଏହିଭଳି ପାଗ ରହିବ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି। ସୋମବାର ଉପକୂଳ ଓଡ଼ିଶା, କନ୍ଧମାଳ, ନବରଙ୍ଗପୁର, କୋରାପୁଟ, ଢେଙ୍କାନାଳ, ମୟୂରଭଞ୍ଜ, କେନ୍ଦୁଝର, ରାୟଗଡ଼ା, ବଲାଙ୍ଗୀର, କଳାହାଣ୍ଡି ଓ ନୂଆପଡ଼ାରେ ବର୍ଷା ହେବାର ସମ୍ଭାବନା ରହିଛି। ଝଡ଼ତୋଫାନ ଓ ବଜ୍ରପାତ ନେଇ ଉପକୂଳ ଓଡ଼ିଶା ସମେତ ବୌଦ୍ଧ, କନ୍ଧମାଳ, ରାୟଗଡ଼ା, ଢେଙ୍କାନାଳ, ମୟୂରଭଞ୍ଜ ☞ପୃଷ୍ଠା-୪



ଲକ୍‌ଡାଉନ୍ ଯୋଗୁ ଦିଲ୍ଲୀ-ଉତ୍ତରପ୍ରଦେଶ ସୀମାରେ ରବିବାର ଦାଦନ ଶ୍ରମିକମାନେ ନିଜ ଜିନିଷପତ୍ର ଧରି ଗ୍ରାମ ଅଭିମୁଖେ ଯାଉଛନ୍ତି।

## ଘର ବାହୁଡ଼ା ଶ୍ରମିକଙ୍କୁ ସୀମାରେ ରଖ

**ରାଜ୍ୟ ସରକାରଙ୍କୁ ହାଇକୋର୍ଟଙ୍କ ନିର୍ଦ୍ଦେଶ**

କଟକ ଅଫିସ,୨୯।୩

ସାରା ଦେଶରେ ଲକ୍‌ଡାଉନ୍ ଘୋଷଣା ପରେ ଦାଦନ ଶ୍ରମିକମାନେ ଏବେ ଘରମୁହାଁ। ତେବେ ଯାନବାହନ ଚଳାଚଳ ବନ୍ଦ ଥିବାରୁ ସେମାନେ ଗମନାଗମନଜନିତ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଅନ୍ୟପଟେ ଏମାନେ ବହୁ ସଂଖ୍ୟାରେ ଗୋଟିଏ ଜାଗାରୁ ଅନ୍ୟ ଜାଗାକୁ ସ୍ଥାନାନ୍ତର ହେଉଥିବାରୁ କରୋନା ଭୂତାଣୁ ସଂକ୍ରମଣ ବ୍ୟାପିବା ଆଶଙ୍କା ରହିଛି। ଏଭଳିସମୟରେ ରବିବାର ଗୁରୁତ୍ୱପୂର୍ଣ୍ଣ ରାୟ ଶୁଣାଇଛନ୍ତି ହାଇକୋର୍ଟ। ଘରବାହୁଡ଼ା ଶ୍ରମିକମାନଙ୍କୁ ସୀମାରେ ଅଟକାଇବା ପାଇଁ ପଦକ୍ଷେପ ନେବାକୁ ରାଜ୍ୟ ସରକାରଙ୍କୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ସୀମାରେ ସେମାନଙ୍କ ରହିବା, ଖାଇବା ଏବଂ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବାକୁ ମଧ୍ୟ ନିର୍ଦ୍ଦେଶନାମାରେ ଉଲ୍ଲେଖ କରାଯାଇଛି।

ବାହାର ରାଜ୍ୟରୁ ଓଡ଼ିଶାକୁ ଫେରୁଥିବା ଦାଦନ ଶ୍ରମିକଙ୍କ ଗମନାଗମନକୁ ନେଇ ହାଇକୋର୍ଟ ରେଜିଷ୍ଟ୍ରାରଙ୍କ ତରଫରୁ ଏକ ଜନସ୍ୱାର୍ଥ ମାମଲା ରୁଜୁ କରାଯାଇଥିଲା। ହାଇକୋର୍ଟ କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ଜଷ୍ଟିସ ସଞ୍ଜୁ ପଣ୍ଡା ଏବଂ ଜଷ୍ଟିସ ବିଶ୍ୱନାଥ ରଥଙ୍କୁ ନେଇ ଗଠିତ ଖଣ୍ଡପୀଠ ରବିବାର ଏହି ଜନସ୍ୱାର୍ଥ ମାମଲାର ଶୁଣାଣି କରିଥିଲେ। ହାଇକୋର୍ଟଙ୍କ ପକ୍ଷରୁ ରାଜ୍ୟ ସରକାରଙ୍କୁ କୁହାଯାଇଛି ଯେ, ଲକ୍‌ଡାଉନ ଘୋଷଣା ହେବା ପରେ ପଡ଼ୋଶୀ ରାଜ୍ୟ ଓ ଜିଲାଗୁଡ଼ିକୁ ଶ୍ରମିକମାନେ ସେମାନଙ୍କ ପରିବାର ସହ ସ୍ଥାନାନ୍ତର ହେଉଛନ୍ତି। ଏହାକୁ ନେଇ ଏକ ଭୟଙ୍କର ସମସ୍ୟା ଦେଖାଦେଇଛି। ସେମାନେ କରୋନା ଭୂତାଣୁ ଦ୍ୱାରା ଆକ୍ରାନ୍ତ କି ନାହିଁ, ତାହା ପରୀକ୍ଷା କରିବା ପାଇଁ କୌଣସି ବ୍ୟବସ୍ଥା ନାହିଁ । ବିପୁଳ ସଂଖ୍ୟାରେ ଶ୍ରମିକଙ୍କ ସ୍ଥାନାନ୍ତର, କରୋନା ଭୂତାଣୁ ବ୍ୟାପିବାରେ ସାହାଯ୍ୟ କରିବ। ହଜାର ହଜାର ସଂଖ୍ୟକ ଏହି ଶ୍ରମିକଙ୍କ ସୁବିଧା ଅସୁବିଧା ବୁଝିବା ସହଜ ନୁହଁ। ଯାନବାହନ ଯୋଗାଇଦେବା ମଧ୍ୟ କଷ୍ଟକର କାର୍ଯ୍ୟ। ଏହାକୁ ଦୃଷ୍ଟିରେ ରଖି ଲକ୍‌ଡାଉନ୍ ସମୟରେ କରୋନା ଭୂତାଣୁ ବିସ୍ତାରକୁ ରୋକିବା ଏବଂ ଶ୍ରମିକଙ୍କ ଖାଦ୍ୟପେୟ ସମସ୍ୟା ନେଇ ଦାଖଲ ହୋଇଥିବା ଏକ ଜନସ୍ୱାର୍ଥ ମାମଲାକୁ ଗ୍ରହଣ କରାଯାଇଛି। ଘରକୁ ଫେରୁଥିବା ଦାଦନ ଶ୍ରମିକଙ୍କ ରହଣି, ଖାଦ୍ୟ, ପରିମଳ ଏବଂ ଚିକିତ୍ସା ଯୋଗାଇ ଦେବା ଦିଗରେ ପଦକ୍ଷେପ ନେବାକୁ ସୀମାନ୍ତ ଜିଲାର ଜିଲାପାଳ ଏବଂ ଏସ୍‌ପିମାନଙ୍କୁ ରାଜ୍ୟ ସରକାର ନିର୍ଦ୍ଦେଶ ଦେବାକୁ ହାଇକୋର୍ଟ ରାୟରେ ଉଲ୍ଲେଖ କରିଛନ୍ତି। ଏପରିକି ସ୍ଥାନ ଅଭାବ ହେଲେ ଶୌଚାଳୟ ସୁବିଧା ଥିବା କଲେଜ ଓ ବିଦ୍ୟାଳୟରେ ଦାଦନ ଶ୍ରମିକଙ୍କୁ ରଖାଯାଇପାରିବ। ଜିଲାସ୍ତରରେ ସ୍ଥାନାନ୍ତର ପାଇଁ ମଧ୍ୟ ସମାନ ବ୍ୟବସ୍ଥା କରାଯାଉ। ଲକ୍‌ଡାଉନ କଟକଣା ଉଠିବା ପର୍ଯ୍ୟନ୍ତ ଏହି ବ୍ୟବସ୍ଥା ଜାରି ରଖିବାକୁ ନିର୍ଦ୍ଦେଶରେ ଉଲ୍ଲେଖ ରହିଛି।

**ଆଜିର ସମ୍ପାଦକୀୟ**

**ଲକ୍‌ଡାଉନ୍ ଯଥେଷ୍ଟ ନୁହେଁ**

**ଆଜିର ମନ୍ତବ୍ୟ**

"ବିମୁଦ୍ରୀକରଣ ଭଳି ଅତି ତରବରିଆ ଭାବେ ନିଆଯାଇଛି ଲକ୍‌ଡାଉନ୍ ନିଷ୍ପତ୍ତି।
-ଅଭିଷେକ ମନୁ ସିଂଘଭୀ, କଂଗ୍ରେସ ମୁଖପାତ୍ର

Vencobb
CHICKEN
29.03.2020

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 64 | 111 | 121 |
| CTC | 62 | 109 | 119 |
| DKL | 62 | 109 | 119 |
| BDK | 62 | 109 | 119 |
| BLS | 62 | 109 | 119 |
| ANG | 62 | 109 | 119 |
| BMP | 62 | 109 | 119 |

*Conditions Apply
Issued in the Interest of Consumers

## ଦିନିକିଆ ଅଧିବେଶନ, ଯୋଗଦେବେ ୩୦% ସଦସ୍ୟ

- ଆଜି ପାରିତ ହେବ ବ୍ୟୟ ମଞ୍ଜୁରୀ ବିଲ୍
- କରୋନା ସମ୍ପର୍କିତ ବିଶେଷ ଆଲୋଚନା ଲାଗି ଦାବି କରିବେ ବିରୋଧୀ
- ଲୋକସେବା ଭବନ ନୂତନ କନ୍‌ଭେନ୍‌ଶନ ହଲ୍‌ରେ ବସିବ ଅଧିବେଶନ
- କନ୍‌ଭେନ୍‌ଶନ ହଲ୍ ହେଲା ସାନିଟାଇଜ

ଭୁବନେଶ୍ୱର, ୨୯।୩(ବ୍ୟୁରୋ)

ବିଧାନସଭାର ବଜେଟ ଅଧିବେଶନ ସୋମବାର ଲୋକସେବା ଭବନର ନୂତନ କନ୍‌ଭେନ୍‌ଶନ ବିଲ୍ଡିଂରେ ଅନୁଷ୍ଠିତ ହେବ। ଏହି ଅଧିବେଶନରେ ୨୦୨୦-୨୧ ଆର୍ଥିକ ବର୍ଷ ପାଇଁ ବ୍ୟୟ ମଞ୍ଜୁରୀ ବିଲ ପାରିତ ହେବ। ଏଥିଲାଗି ରବିବାର ଲୋକସେବା ଭବନକୁ ସମ୍ପୂର୍ଣ୍ଣ ସାନିଟାଇଜ କରାଯାଇଛି। ଅଗ୍ନିଶମ ବିଭାଗର କର୍ମଚାରୀମାନେ ଏହି କାର୍ଯ୍ୟରେ ନିୟୋଜିତ ଥିବା ଦେଖିବାକୁ ମିଳିଛି। ପୂର୍ବାହ୍ଣ ୧୦ଟାରେ ଅଧିବେଶନ ଆରମ୍ଭ ହୋଇ ପ୍ରାୟ ୧୨.୩୦ସୁଦ୍ଧା ଶେଷ ହୋଇଯିବ ବୋଲି ଜଣାପଡ଼ିଛି। ପ୍ରଥମେ ଗିଲୋଟିନ୍ ପ୍ରସ୍ତାବ ଅଣାଯିବ। ବ୍ୟୟ ମଞ୍ଜୁରୀ ବିଲ୍ ପାରିତ ହେବା ପରେ ବିଧାନସଭାକୁ ଅନିର୍ଦ୍ଦିଷ୍ଟକାଳ ପର୍ଯ୍ୟନ୍ତ ବାଚସ୍ପତି ବନ୍ଦ ଘୋଷଣା କରିବେ ବୋଲି ସୂଚନା ମିଳିଛି। ଏହି ଅଧିବେଶନରେ ସବୁ ଦଳର ୩୦ପ୍ରତିଶତ ବିଧାୟକମାନଙ୍କୁ ଯୋଗଦେବା ପାଇଁ କୁହାଯାଇଛି। ସେହି ଅନୁଯାୟୀ ସବୁ ଦଳ ନିଜର କେଉଁ ପ୍ରତିନିଧିମାନଙ୍କୁ ପଠାଇବେ ସେନେଇ ପ୍ରସ୍ତୁତି କରୁଛନ୍ତି। ବିଶ୍ୱସ୍ତସୂତ୍ରରୁ ମିଳିଥିବା ସୂଚନା ମୁତାବକ ଅଧିକାଂଶ ବିଧାୟକ ଏହି ଅଧିବେଶନରେ ଯୋଗଦେବା ଲାଗି ରାଜି ହେଉ ନ ଥିବା ଜଣାଇ ଦେଇଛନ୍ତି।

ଭୟଙ୍କର କରୋନା ଭାଇରସ ସଂକ୍ରମଣକୁ ଦୃଷ୍ଟିରେ ରଖାଯାଇ ଗତ ୧୩ତାରିଖରେ ବିଧାନସଭା ଅଧିବେଶନକୁ ୨୯ ତାରିଖ ପର୍ଯ୍ୟନ୍ତ ସ୍ଥଗିତ କରାଯାଇଥିଲା। ତେବେ ରାଜ୍ୟରେ ଚିହ୍ନଟ ହୋଇଥିବା ତୃତୀୟ କରୋନା ଆକ୍ରାନ୍ତ ବିଧାନସଭା ଡିସ୍‌ପେନସାରୀକୁ ଯାଇଥିବା କାରଣରୁ ବଜେଟ୍ ଅଧିବେଶନର ଶେଷଦିନଟି ଲୋକସେବା ଭବନର କନଭେନ୍‌ଶନ ହଲ୍‌ରେ କରିବା ପାଇଁ ସ୍ଥିର କରାଯାଇଛି। ବିଧାନସଭାର କର୍ମଚାରୀମାନେ କାଳେ ଉକ୍ତ ସଂକ୍ରମିତଙ୍କ ସଂସ୍ପର୍ଶରେ ଆସିଥିବେ, ସେଥିଲାଗି ବିଧାନସଭାରେ ଅଧିବେଶନ କରାଯାଉନାହିଁ। ୨୦୨୦-୨୧ ଆର୍ଥିକବର୍ଷ ଲାଗି ଚାଲିଥିବା ଏହି ବଜେଟ ଅଧିବେଶନରେ ବ୍ୟୟ ମଞ୍ଜୁରୀ ବିଲ୍ ପାସ୍ ନ ହେବା ପର୍ଯ୍ୟନ୍ତ ସରକାର ଟଙ୍କା ଖର୍ଚ୍ଚ ☞ପୃଷ୍ଠା-୪

## ଅଂଶୁଘାତ ଆଶଙ୍କା, ଜିଲାପାଳଙ୍କୁ ସତର୍କ କଲେ ଏସ୍‌ଆର୍‌ସି

ଭୁବନେଶ୍ୱର,୨୯।୩(ବ୍ୟୁରୋ)

କରୋନା ମୁକାବିଲା ପାଇଁ ସରକାରଙ୍କଠାରୁ ଆରମ୍ଭ କରି ସାଧାରଣ ଜନତା ସମସ୍ତେ ଲଢ଼େଇ ଜାରି ରଖିଛନ୍ତି। ଏପରି ସ୍ଥିତିରେ ରାଜ୍ୟରେ ତାପମାତ୍ରା ବୃଦ୍ଧି ଚିନ୍ତା ବଢ଼ାଇ ଦେଇଛି। ଅଂଶୁଘାତ ଆଶଙ୍କା ଦେଖାଦେଇଥିବାରୁ ଆବଶ୍ୟକ ସତର୍କତାମୂଳକ ପଦକ୍ଷେପ ଗ୍ରହଣ କରିବାକୁ ରାଜ୍ୟ ସରକାର ନିର୍ଦ୍ଦେଶ ଦେଇଛନ୍ତି। ଏନେଇ ଅତିରିକ୍ତ ମୁଖ୍ୟ ଶାସନ ସଚିବ, ଓସ୍‌ଡମାର ପରିଚାଳନା ନିର୍ଦ୍ଦେଶକ ତଥା ସ୍ପେଶାଲ ରିଲିଫ୍ କମିଶନର (ଏସ୍‌ଆର୍‌ସି) ପ୍ରଦୀପ ଜେନା ସମସ୍ତ ଜିଲାପାଳଙ୍କୁ ପତ୍ର ଲେଖିଛନ୍ତି।

ପ୍ରତିବର୍ଷ ଗ୍ରୀଷ୍ମଋତୁରେ ସରକାରଙ୍କ ପକ୍ଷରୁ ସତର୍କତାମୂଳକ ପଦକ୍ଷେପ ଗ୍ରହଣ କରାଯାଉଛି। ତେବେ ଏଥର କରୋନା ଲଢ଼େଇ ସହ ଅଂଶୁଘାତ ମୁକାବିଲା ବଡ଼ ଚ୍ୟାଲେଞ୍ଜ ହେବ। ପୁଣି ଏବର୍ଷ ତାପମାତ୍ରା ଅଧିକ ରହିବ ବୋଲି ପୂର୍ବାନୁମାନ କରାଯାଇଥିବାରୁ ଏହାର ପ୍ରଭାବ କେବଳ ମଣିଷ ନୁହେଁ, ପଶୁପକ୍ଷୀଙ୍କ ଉପରେ ପଡ଼ିବ। ଗତ କିଛିଦିନ ହେଲା ଉପକୂଳ ଓ ଆଭ୍ୟନ୍ତରୀଣ ଓଡ଼ିଶାରେ ଦିନର ସର୍ବୋଚ୍ଚ ତାପମାତ୍ରା ଲଗାତର ବୃଦ୍ଧି ପାଇ ୪୦ ଡିଗ୍ରୀ ଡେଇଁଛି। ଏପରିସ୍ଥିତି ଲାଗି ରହିଲେ ଭାରତୀୟ ପାଣିପାଗ ବିଭାଗ ଏହାକୁ ଗ୍ରୀଷ୍ମପ୍ରବାହ ଭାବେ ଘୋଷଣା କରିପାରନ୍ତି। ଜିଲାପାଳମାନେ ଏହା ଉପରେ ସତର୍କ ଦୃଷ୍ଟି ରଖିବା ସହିତ ଏଥିସହ ଜଡ଼ିତ ବିଭାଗଗୁଡ଼ିକୁ ନେଇ ନିୟମିତ ଜିଲା, ସବ୍‌ଡିଭିଜନ ଓ ବ୍ଲକ ସ୍ତରରେ ପ୍ରସ୍ତୁତି ☞ପୃଷ୍ଠା-୪

**ଇରାନରୁ ଫେରିଲେ ୨୭୫ ଭାରତୀୟ**

କରୋନା ସଂକ୍ରମିତ ଇରାନରୁ ସ୍ୱତନ୍ତ୍ର ବିମାନ ଯୋଗେ ୨୭୫ ଭାରତୀୟଙ୍କୁ ଫେରାଇ ଅଣାଯାଇଛି। ସେମାନେ ଦିଲ୍ଲୀରେ ପହଞ୍ଚିବା ପରେ କ୍ୱାରାଣ୍ଟାଇନରେ ରଖିବା ଲାଗି ସ୍ପାଇସ୍‌ଜେଟ ଏବଂ ଇଣ୍ଡିଗୋ ବିମାନ ଯୋଗେ ଯୋଧପୁର ନିଆଯାଇଥିବା ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ହରଦୀପ ସିଂ ପୁରି କହିଛନ୍ତି। ସମସ୍ତ ଅନ୍ତର୍ଜାତୀୟ ଓ ଘରୋଇ ବିମାନ ଚଳାଚଳ ବନ୍ଦ ରହିଛି। ଅନ୍ୟ ଦେଶରେ ଥିବା ଭାରତୀୟଙ୍କୁ ଆଣିବା ଲାଗି 'ଅପରେଶନ ନମସ୍ତେ' ଜରିଆରେ ବିମାନ ସେବା ଯୋଗାଇ ଦିଆଯାଉଛି।



ନୂଆଦିଲ୍ଲୀର ଲାକ୍ କ୍ୱାର୍ଟର ବସ୍‌ଷ୍ଟାଣ୍ଡରେ ନିଜ ନିଜ ଗାଁକୁ ଯିବା ପାଇଁ ବସ୍‌ରେ ଚଢୁଛନ୍ତି ଦାଦନ ଶ୍ରମିକ।

## ଭଡ଼ା ମାଗିବେ ନାହିଁ ଘର ମାଲିକ

### ଲକ୍‌ଡାଉନ୍ ବେଳେ ସମ୍ପୂର୍ଣ୍ଣ ମଜୁରି ଦେବେ ନିଯୁକ୍ତିଦାତା

**ନୂଆଦିଲ୍ଲୀ,୨୯।୩:** କୋଭିଡ୍-୧୯ ସଂକ୍ରମଣ ରୋକିବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦେଶବ୍ୟାପୀ ୨୧ ଦିନିଆ ସମ୍ପୂର୍ଣ୍ଣ ଲକ୍‌ଡାଉନ୍ ଘୋଷଣା କରିଛନ୍ତି। ଏହି ସମୟ ମଧ୍ୟରେ ନିଯୁକ୍ତିଦାତାମାନେ କର୍ମଚାରୀମାନଙ୍କୁ ସମ୍ପୂର୍ଣ୍ଣ ମଜୁରି ପ୍ରଦାନ କରିବେ। ସେମାନଙ୍କ ଦରମାରୁ କାଟଛାଣ୍ଟ କରିବା ଅନୁଚିତ ବୋଲି ରବିବାର ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ଏକ ନିର୍ଦ୍ଦେଶନାମା ଜାରି କରାଯାଇଛି। ସେହିପରି ଶ୍ରମିକ, ଦିନ ମଜୁରିଆ ଶ୍ରେଣୀର ଭଡ଼ାଟିଆଙ୍କଠାରୁ ଘର ମାଲିକମାନେ ମଧ୍ୟ ଘରଭଡ଼ା ମାଗିବା ଉପରେ କଟକଣା ଜାରି କରାଯାଇଛି। ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ଜାରି ନିର୍ଦ୍ଦେଶନାମାରେ ଉଲ୍ଲେଖ କରାଯାଇଛି ଯେ, ଲକ୍‌ଡାଉନ୍ ଅବଧି ମଧ୍ୟରେ ଶିଳ୍ପ, ଦୋକାନ ଓ ବ୍ୟବସାୟିକ ସଂସ୍ଥାର ସମସ୍ତ କର୍ମଜୀବୀଙ୍କ ପାଉଣା ନ କାଟି ମାଲିକମାନେ ସମ୍ପୂର୍ଣ୍ଣ ଦେୟ ଉଚିତ ସମୟରେ ପ୍ରଦାନ କରିବେ। କୌଣସି ଘର ମାଲିକ ଶ୍ରମିକ ଓ ଛାତ୍ରୀଛାତ୍ରଙ୍କୁ ଘର ଛାଡ଼ିବା ପାଇଁ ବାଧ୍ୟ କଲେ ବିପର୍ଯ୍ୟୟ ପରିଚାଳନା ଆଇନ, ୨୦୦୫ର ଧାରା ୧୦(୨)(୧) ବଳରେ ସମ୍ପୃକ୍ତ ମାଲିକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ। ବିଭିନ୍ନ ସହରର ଦାଦନ ଶ୍ରମିକମାନେ ସେମାନଙ୍କ ଗାଁ ଅଭିମୁଖେ ଯିବା ପାଇଁ ସଂଗ୍ରାମ କରୁଥିବା ନେଇ ରିପୋର୍ଟ ପ୍ରକାଶ ପାଇବା ପରେ ସ୍ୱରାଷ୍ଟ୍ର ସଚିବଙ୍କ ଦସ୍ତଖତ ସମ୍ବଳିତ ଏହି ନିର୍ଦ୍ଦେଶନାମା ରବିବାର ଅପରାହ୍ଣରେ ଜାରି କରାଯାଇଛି। ଲକ୍‌ଡାଉନ୍ ବେଳେ ଶ୍ରମିକମାନେ ଯେପରି ସରହଦ ଅତିକ୍ରମ କରି ଅନ୍ୟତ୍ର ପଳାୟନ ନ କରନ୍ତି ସେଥିଲାଗି ରାଜ୍ୟଗୁଡ଼ିକର କର୍ତ୍ତୃପକ୍ଷମାନେ ରାଜ୍ୟ ତଥା ଜିଲା ସୀମା ବନ୍ଦ ପାଇଁ ସୁନିଶ୍ଚିତ କରିବେ ବୋଲି ଏଥିରେ ଉଲ୍ଲେଖ ରହିଛି। ପ୍ରକାଶ ଯେ, ଶ୍ରମ ଓ ନିୟୋଜନ ମନ୍ତ୍ରଣାଳୟ ପକ୍ଷରୁ ମଧ୍ୟ ଗତ ୨୩ ତାରିଖରେ ଉଭୟ ସରକାରୀ ଓ ଘରୋଇ ନିଯୁକ୍ତିଦାତାଙ୍କ ସକାଶେ ଏକ ଆଡ୍‌ଭାଇଜରି ଜାରି କରାଯାଇଥିଲା। ଲକ୍‌ଡାଉନ୍ ବେଳେ କର୍ମଚାରୀମାନଙ୍କୁ ଛଟେଇ ନ କରିବା ଓ ସେମାନଙ୍କ ଦରମା ନ କାଟିବା ପାଇଁ ଏଥିରେ ଉଲ୍ଲେଖ କରାଯାଇଥିଲା।

# ଥମୁନି ଦାଦନଙ୍କ ଗଣପଳାୟନ

**କୋଭିଡ୍-୧୯ ସଂକ୍ରମଣ ରୋକିବା ପାଇଁ କେନ୍ଦ୍ର ପକ୍ଷରୁ ଦିଆଯାଇଥିବା ଲକ୍‌ଡାଉନ୍ ଡାକରା ପଞ୍ଚମ ଦିନରେ ପହଞ୍ଚିଛି। ସାମ୍ପ୍ରତିକ ଅଚଳାବସ୍ଥା ଦେଶର ବଡ଼ ବଡ଼ ସହରରେ ନିୟୋଜିତ ଦାଦନ ଶ୍ରମିକମାନଙ୍କ ଦୁର୍ଦ୍ଦଶାକୁ ବହୁଗୁଣିତ କରିଛି। ଫଳରେ ସେମାନେ ନିଜ କର୍ମକ୍ଷେତ୍ର ଛାଡ଼ି ଭିଟାମାଟି ଅଭିମୁଖେ ଗଣପଳାୟନ କରିବାରେ ଲାଗିଛନ୍ତି। ଶନିବାର ରାତିରେ ଗାଜିଆବାଦରେ ହଜାର ହଜାର ଗାଁମୁହାଁ ଶ୍ରମିକ ଯେପରି ଭାବେ ଏକତ୍ରିତ ହୋଇଥିଲେ ସେଥିରୁ ସମସ୍ୟା ଜଟିଳ ହେବା ଜଳଜଳ ହୋଇ ଦିଶୁଛି। ରବିବାର ମଧ୍ୟ କେରଳ, ଦିଲ୍ଲୀ, ବିହାର ଓ ଉତ୍ତରପ୍ରଦେଶରେ ସମାନ ଅବସ୍ଥା ସୃଷ୍ଟି ହୋଇଛି। ସଂକ୍ରମଣରୁ ରକ୍ଷା ପାଇବା ଲାଗି ସାମାଜିକ ଦୂରତ୍ୱ ଅପରିହାର୍ଯ୍ୟ ହୋଇଥିବାବେଳେ ପ୍ରାଣ ବିକଳରେ ବସ୍‌କୁ ଅପେକ୍ଷା କରିଥିବା ଶ୍ରମିକମାନେ ଏହାକୁ ଗୁରୁତ୍ୱ ଦେଉନାହାନ୍ତି। ଫଳରେ ସହରରୁ ଗାଁକୁ କରୋନା ଭୂତାଣୁ ବ୍ୟାପିବା ଆଶଙ୍କା ଦୃଢ଼ୀଭୂତ ହୋଇଛି।**

## ସୀମା ସିଲ୍ କରିବାକୁ ରାଜ୍ୟଗୁଡ଼ିକୁ ନିର୍ଦ୍ଦେଶ

- ମୁଖ୍ୟ ସଚିବ, ଡିଜିପିଙ୍କ ସହ କ୍ୟାବିନେଟ ସଚିବଙ୍କ ଭିଡିଓ କନ୍‌ଫରେନ୍ସିଂ
- ଲକ୍‌ଡାଉନ୍ ନିୟମ କଡ଼ାକଡ଼ି କର
- ବାହାର ଲୋକଙ୍କୁ ସୀମାରେ ଅଟକାଇ ସ୍ୱାସ୍ଥ୍ୟ ପରୀକ୍ଷା କର
- ୧୪ ଦିନ କ୍ୱାରାଣ୍ଟାଇନରେ ରହିବେ ଦାଦନ

ନୂଆଦିଲ୍ଲୀ,୨୯।୩(ପି.ଟି.)

ଲକ୍‌ଡାଉନ ନିୟମ କଡ଼ାକଡ଼ି ପାଳନ କରିବା ସହ ରାଜ୍ୟ ଓ ଜିଲା ସୀମାକୁ ସିଲ୍ କରିଦେବାକୁ କେନ୍ଦ୍ର ସରକାର ରବିବାର ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକୁ ନିର୍ଦ୍ଦେଶ ଦେଇଛନ୍ତି। ଲକ୍‌ଡାଉନ ବେଳେ ଦାଦନ ଶ୍ରମିକଙ୍କୁ ସୀମାରେ ଅଟାଇବାକୁ କୁହାଯାଇଛି। ମୁଖ୍ୟ ଶାସନ ସଚିବ ଓ ଡିଜିପିମାନଙ୍କ ସହିତ ଭିଡିଓ କନ୍‌ଫରେନ୍ସିଂ ଜରିଆରେ କ୍ୟାବିନେଟ ସଚିବ ରାଜୀବ ଗୌବା ଓ ସ୍ୱରାଷ୍ଟ୍ର ସଚିବ ଅଜୟ ଭାଲ୍ଲା ଉପରୋକ୍ତ ପରାମର୍ଶ ଦେଇଛନ୍ତି। ସହର ଭିତର ଦେଇ ଯାଇଥିବା ଜାତୀୟ ରାଜପଥରେ ଲୋକଙ୍କ ଯାତାୟାତ ବନ୍ଦ କରିବା ଲାଗି ମଧ୍ୟ କୁହାଯାଇଛି। ଦେଶର ବିଭିନ୍ନ ଭାଗରୁ ଦାଦନମାନେ ସେମାନଙ୍କ ରାଜ୍ୟକୁ ଫେରୁଥିବା ଦେଖାଯାଇଛି। ତେଣୁ ରାଜ୍ୟ ଓ ଜିଲା ସୀମାକୁ ସମ୍ପୂର୍ଣ୍ଣ ବନ୍ଦ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି। ସୀମାନ୍ତ ଜିଲାର ଜିଲାପାଳ ଏବଂ ଏସ୍‌ପିମାନଙ୍କୁ ନିର୍ଦ୍ଦେଶ କାର୍ଯ୍ୟକାରୀ କରିବା ଦାୟିତ୍ୱ ଦିଆଯାଇଛି। ଦାଦନ ଶ୍ରମିକଙ୍କ ସମେତ ଅନ୍ୟ ଅଭାବୀ ଲୋକଙ୍କ ପାଇଁ ପର୍ଯ୍ୟାପ୍ତ ଖାଦ୍ୟ ଓ ଆଶ୍ରୟ ବ୍ୟବସ୍ଥା କରିବା ଲାଗି ନିର୍ଦ୍ଦେଶ ଦିଆଯାଇଛି।

ବାହାର ରାଜ୍ୟରୁ ଫେରୁଥିବା ଦାଦନମାନଙ୍କୁ ରାଜ୍ୟ ସରକାର ୧୪ ଦିନ ପାଇଁ କ୍ୱାରାଣ୍ଟାଇନରେ ରଖି ସେମାନେ କରୋନା ସଂକ୍ରମିତ ନୁହନ୍ତି ବୋଲି ନିଶ୍ଚିତ ହେବା ପରେ ଘରକୁ ଛାଡ଼ିବାକୁ କୁହାଯାଇଛି। ଲକ୍‌ଡାଉନ ଯୋଗୁ କାମଧନ୍ଦା ହରାଇ ଦାଦନ ଶ୍ରମିକ ଓ ଦିନମଜୁରିଆମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ଅଧିକାଂଶ ରାଜ୍ୟରୁ ହଜାର ହଜାର ଦାଦନ ଚାଲିଚାଲି ଫେରୁଥିବାବେଳେ ଗୋଷ୍ଠୀ ସଂକ୍ରମଣ ସମ୍ଭାବନା ସୃଷ୍ଟି ହୋଇଛି। ତେଣୁ ଲକ୍‌ଡାଉନ୍ ନିୟମକୁ କଡ଼ାକଡ଼ି ପାଳନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଦିଲ୍ଲୀ, ଗାଜିଆବାଦ ଓ ନୋଏଡ଼ା ସୀମାରେ ଅଟକି ରହିଥିବା ଲକ୍ଷାଧିକ ଦାଦନ ଶ୍ରମିକଙ୍କୁ ସେମାନଙ୍କ ଘରେ ପହଞ୍ଚାଇବା ପାଇଁ ଶନିବାର ସରକାରଙ୍କ ପକ୍ଷରୁ ଅଭିଯାନ ଆରମ୍ଭ ହୋଇଥିଲା। ଏହି କାର୍ଯ୍ୟରେ ଉତ୍ତରପ୍ରଦେଶ ପରିବହନ ବିଭାଗର ୧୦୦୦ ବସ୍ ସାଙ୍ଗକୁ ୨୦୦୦ ଘରୋଇ ବସ୍, ଟ୍ରକ, ଟ୍ରଲି, ଟ୍ରାକ୍ଟର ଓ ଅନ୍ୟାନ୍ୟ ଯାନକୁ ନିୟୋଜିତ କରାଯାଇଥିଲା। ଲକ୍‌ଡାଉନ ଯୋଗୁ ନିଜ ରାଜ୍ୟକୁ ଫେରି ନ ପାରି ଅଟକି ରହିବା ଫଳରେ ଅଭାବନୀୟ ସ୍ଥିତି ସୃଷ୍ଟି ହୋଇଛି। ଗହଳି ହଟାଇବା ଲାଗି ସେମାନଙ୍କୁ ଘରେ ପହଞ୍ଚାଇବାକୁ ପଦକ୍ଷେପ ନିଆଯାଇଥିଲା। ଦିଲ୍ଲୀ ସରକାର ମଧ୍ୟ ୧୦୦ ଡିଟିଏସ୍ ବସ୍‌କୁ ଏହି କାର୍ଯ୍ୟରେ ନିୟୋଜିତ କରିଥିଲେ। ତେବେ ଦିଲ୍ଲୀରେ ଥିବା ଦାଦନ ଶ୍ରମିକ ଫେରି ନ ଯିବା ଲାଗି ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ ନିବେଦନ କରିଛନ୍ତି। ଦିଲ୍ଲୀ ସରକାର ଶ୍ରମିକମାନଙ୍କ ପାଇଁ ଆଶ୍ରୟସ୍ଥଳ ଯୋଗାଇଦେବା ସହ ଖାଦ୍ୟ ପାନୀୟର ବ୍ୟବସ୍ଥା କରିଛନ୍ତି।



ଦାଦନ ଶ୍ରମିକମାନଙ୍କୁ ନେଇ ଯାଉଥିବା ଏକ ଟ୍ରକ୍ ହରିୟାଣାର ଫରିଦାବାଦରେ ଓଲଟିପଡ଼ିଛି।

## 'ଆତଙ୍କ ସୃଷ୍ଟି କରିଛି ହଠାତ୍ ଲକ୍‌ଡାଉନ୍'

ନୂଆଦିଲ୍ଲୀ,୨୯।୩



ରାହୁଲ ଗାନ୍ଧୀ

କରୋନା ଭୂତାଣୁ ମୁକାବିଲା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗତ ୨୪ ତାରିଖରେ ହଠାତ୍ ୨୧ ଦିନିଆ ଲକ୍‌ଡାଉନ୍ ଘୋଷଣା କରିଥିବାରୁ ଦେଶବ୍ୟାପୀ ଦ୍ୱନ୍ଦ୍ୱ ଓ ଆତଙ୍କ ସୃଷ୍ଟି ହୋଇଛି। ତେଣୁ ଦେଶରେ ଏହି ଭାଇରସ୍ ଯୋଗୁ ହେବାକୁ ଥିବା ସମ୍ଭାବ୍ୟ ବିପର୍ଯ୍ୟୟ ସୃଷ୍ଟିକାରୀ ପ୍ରଭାବ ସମ୍ପର୍କରେ ବିଚାର କରି ବିହିତ ପଦକ୍ଷେପ ନେବାକୁ ପ୍ରଧାନମନ୍ତ୍ରୀଙ୍କୁ ଚିଠି ଲେଖିଛନ୍ତି କଂଗ୍ରେସ ନେତା ରାହୁଲ ଗାନ୍ଧୀ। ଉକ୍ତ ପତ୍ରରେ ରାହୁଲ ଉଲ୍ଲେଖ କରିଛନ୍ତି, ଭାରତରେ ଅନ୍ୟ ଦେଶ ଭଳି ସ୍ଥିତି ନାହିଁ। ତେଣୁ ଅନ୍ୟ ରାଷ୍ଟ୍ରଗୁଡ଼ିକ ଭଳି କାର୍ଯ୍ୟପନ୍ଥା ଏଠାରେ ଗ୍ରହଣ କରାଯିବା ଅନୁଚିତ। ଭାରତରେ ଦୈନିକ ଆୟ ଉପରେ ନିର୍ଭର କରି ଚଳୁଥିବା ଗରିବଙ୍କ ସଂଖ୍ୟା ବହୁ ଅଧିକ। ଏହି ଲକ୍‌ଡାଉନ୍ ଯୋଗୁ ସେମାନଙ୍କ ଅର୍ଥନୀତି ବିପର୍ଯ୍ୟସ୍ତ ହୋଇଛି। ତେଣୁ ଗରିବ ଲୋକଙ୍କ ସାମାଜିକ ନିରାପତ୍ତାକୁ ସୁଦୃଢ଼ କରି ସେମାନଙ୍କୁ ଆଶ୍ରୟ ଦେବା ପାଇଁ ପ୍ରଧାନମନ୍ତ୍ରୀଙ୍କୁ ରାହୁଲ ଅନୁରୋଧ କରିଛନ୍ତି। ସେହିପରି କଂଗ୍ରେସ ମୁଖପାତ୍ର ଅଭିଷେକ ମନୁ ସିଂଘଭୀ ମଧ୍ୟ ଏହି ପ୍ରସଙ୍ଗରେ ପ୍ରଧାନମନ୍ତ୍ରୀଙ୍କୁ ଟାର୍ଗେଟ କରିଛନ୍ତି। ସିଂଘଭୀ କହିଛନ୍ତି, କୋଭିଡ୍-୧୯କୁ ନେଇ ଲକ୍‌ଡାଉନ୍ ଘୋଷଣା ବିମୁଦ୍ରୀକରଣ ଭଳି ନିଷ୍ପତ୍ତି। କରୋନା ସଂକ୍ରମଣ ପରୀକ୍ଷା ପାଇଁ ଭାରତରେ ଟେଷ୍ଟିଂ କିଟ୍ସଗୁଡ଼ିକ ୪,୫୦୦ ଟଙ୍କାରେ ମିଳୁଛି। ଦିନ ମଜୁରିଆମାନେ ଏତେ ଟଙ୍କା ଦେଇ ନିଜ ସ୍ୱାସ୍ଥ୍ୟ ପରୀକ୍ଷା କରାଇପାରିବେ ନାହିଁ। ଏହା ଦେଶର ଗରିବଙ୍କ ପ୍ରତି ଉପହାସ ବୋଲି ସେ ସମାଲୋଚନା କରିଛନ୍ତି।

## ଦିନକୁ ୨୦୦ ଜଣଙ୍କ ସହ ଭାବ ବିନିମୟ କରୁଛନ୍ତି ମୋଦି



**ନୂଆଦିଲ୍ଲୀ,୨୯।୩(ପି.ଟି.):** କରୋନା ଭାଇରସ୍ ବିରୋଧରେ ଭାରତର ଲଢ଼େଇ ସମ୍ପର୍କରେ ମତାମତ ନେବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନିୟମିତ ଭାବେ ଦେଶବାସୀଙ୍କ ସହ ଯୋଗାଯୋଗ କରୁଛନ୍ତି। ଏହିକ୍ରମରେ ସେ ଦୈନିକ ୨୦୦ରୁ ଊର୍ଦ୍ଧ୍ୱ ଲୋକଙ୍କ ସହ ଭାବ ବିନିମୟ କରୁଛନ୍ତି ବୋଲି ରବିବାର ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ (ପିଏମ୍‌ଓ) ପକ୍ଷରୁ ସୂଚନା ଦିଆଯାଇଛି। ପିଏମ୍‌ଓ ଜାରି କରିଥିବା ଏକ ବିବୃତିରେ କୁହାଯାଇଛି ଯେ, ମୋଦି ପ୍ରତିଦିନ ବିଭିନ୍ନ ରାଜ୍ୟର ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ, ସ୍ୱାସ୍ଥ୍ୟମନ୍ତ୍ରୀମାନଙ୍କୁ ଫୋନ୍ କରି ଫିଡ୍‌ବ୍ୟାକ୍ ନେଉଛନ୍ତି। ଏହାସହ ସେ ଡାକ୍ତର, ନର୍ସ, ସ୍ୱାସ୍ଥ୍ୟକର୍ମୀ, ସଫେଇ କର୍ମଚାରୀମାନଙ୍କ ସହ ଆଲୋଚନା କରି ସେମାନଙ୍କୁ କୃତଜ୍ଞତା ଜଣାଉଛନ୍ତି। କୋଭିଡ୍-୧୯ ସଂକ୍ରମଣକୁ କିପରି ରୋକାଯାଇପାରିବ ସେ ନେଇ ପ୍ରଧାନମନ୍ତ୍ରୀ ବିଭିନ୍ନ ବର୍ଗର ଲୋକଙ୍କଠାରୁ ପଚାରି ବୁଝୁଛନ୍ତି।



କୋଲ୍‌କାତାର ଏକ ରେଳ ଷ୍ଟେଶନରେ ରେଲୱେ ପ୍ରୋଟେକ୍ସନ ଫୋର୍ସ (ଆର୍‌ପିଏଫ୍) ପକ୍ଷରୁ ଦିଆଯାଇଥିବା ଖାଦ୍ୟ ଖାଉଛନ୍ତି ବାସହୀନ ଲୋକେ।

## ୨୦୦ କି.ମି. ଚାଲି କର୍ମଚାରୀଙ୍କ ମୃତ୍ୟୁ

### ଲକ୍‌ଡାଉନ୍ ଦୁଃଖ

ନୂଆଦିଲ୍ଲୀ,୨୯।୩



ରଣବୀର ସିଂ

କରୋନା ସଂକ୍ରମଣ କମାଇବା ପାଇଁ ସରକାର ଘୋଷଣା କରିଥିବା ଲକ୍‌ଡାଉନ୍ ଦାଦନ ଶ୍ରମିକଙ୍କ ଦୁଃଖକୁ ବହୁଗୁଣିତ କରିଦେଇଛି। ରାଜଧାନୀ ଦିଲ୍ଲୀରୁ ଘରକୁ ଫେରିବା ଲାଗି ଜଣେ ୩୮ ବର୍ଷୀୟ ଯୁବକ ୨୦୦ କିଲୋମିଟର ଚାଲିବା ପରେ ଶନିବାର ସକାଳେ ଦିଲ୍ଲୀ-ଆଗ୍ରା ଜାତୀୟ ରାଜପଥରେ ତାଙ୍କର ମୃତ୍ୟୁ ଘଟିଛି। ରଣବୀର ସିଂ ନାମକ ଏହି ଯୁବକଙ୍କ ଘର ମଧ୍ୟପ୍ରଦେଶର ମୋରେନା ଜିଲାରେ। ସେ ଦିଲ୍ଲୀରେ ଏକ କମ୍ପାନୀରେ କାର୍ଯ୍ୟ କରୁଥିଲେ। ଘରକୁ ଫେରିବା ଲାଗି ସେ ଅନ୍ୟ ଦୁଇଜଣଙ୍କ ସହ ଚାଲିଚାଲି ଯାଉଥିଲେ। ଘର ଆଉ ୧୦୦ କିଲୋମିଟର ଦୂର ଥିବାବେଳେ ତାଙ୍କର ଛାତିରେ ଯନ୍ତ୍ରଣା ଅନୁଭବ ହୋଇଥିଲା। ଅଳ୍ପବାଟ ଯିବା ପରେ ସେ ଟଳିପଡ଼ିଥିଲେ ବୋଲି ତାଙ୍କ ସହ ଥିବା ଅନ୍ୟ ଦୁଇଜଣ କହିଛନ୍ତି। ଦକ୍ଷିଣ ଦିଲ୍ଲୀର ତୋଗଲକାବାଦରେ ଥିବା ଇଟିଙ୍ଗ ଜଏଣ୍ଟସ୍ ନାମକ ରେସ୍ତୋରାଁ ବନ୍ଦ ହୋଇଯାଇଥିଲା। ଫଳରେ ସେଠାରେ କାର୍ଯ୍ୟ କରୁଥିବା ରଣବୀର ଚାଲିଚାଲି ଯାଇ ଘରେ ପହଞ୍ଚିବେ ବୋଲି ଆଶା ରଖିଥିଲେ। ହଜାର ହଜାର ଦାଦନଙ୍କ ଭଳି ସେ ଚାଲିଥିଲେ। ଆଗ୍ରାରେ ପହଞ୍ଚିବା ପରେ ତାଙ୍କର ମୃତ୍ୟୁ ଘଟିଥିଲା ବୋଲି ଜଣେ ପୋଲିସ ଅଧିକାରୀ କହିଛନ୍ତି।

## ପିଏମ୍-କେୟାର୍ସ ପାଣ୍ଠିକୁ ୧୫୧ କୋଟି ଦେବ ରେଲୱେ

### ମାସକର ବେତନ ଦାନ କରିବେ ରାଷ୍ଟ୍ରପତି

### ସିଏସ୍‌ଆର୍ ପାଣ୍ଠି ଦାନ କରିପାରିବେ କମ୍ପାନୀ

ନୂଆଦିଲ୍ଲୀ,୨୯।୩(ପି.ଟି.)

କରୋନା ମୁକାବିଲା ପାଇଁ ପ୍ରଧାନମନ୍ତ୍ରୀ ଗଠନ କରିଥିବା ପିଏମ୍-କେୟାର୍ସ ପାଣ୍ଠିକୁ ରେଲୱେ ୧୫୧ କୋଟି ଟଙ୍କା ଦାନ କରିବ। ରେଳମନ୍ତ୍ରୀ ପୀୟୂଷ ଗୋୟଲ ରବିବାର ଏହା ଘୋଷଣା କରିଛନ୍ତି। ମନ୍ତ୍ରୀ ଗୋୟଲ ଏବଂ ସୁରେଶ ଅଙ୍ଗଦି ମାସକର ଲେଖାଏ ବେତନ ଦାନ କରିବେ ବୋଲି କହିଥିବା ବେଳେ ୧୩ ଲକ୍ଷ ରେଳ ଓ ପିଏସ୍‌ୟୁ କର୍ମଚାରୀ ଦିନକର ବେତନ ଦାନ କରିବେ। ଏହିଭଳି ମୋଟ ୧୫୧ କୋଟି ଟଙ୍କା ପିଏମ୍-କେୟାର୍ସ ପାଣ୍ଠିକୁ ଯିବ ବୋଲି ରେଳମନ୍ତ୍ରୀ ଟୁଇଟ୍ କରିଛନ୍ତି। ରାଷ୍ଟ୍ରପତି ରାମନାଥ କୋବିନ୍ଦ ମାସକର ବେତନ ଉକ୍ତ ପାଣ୍ଠିକୁ ଦେବେ ବୋଲି କହିଥିବାରୁ ପ୍ରଧାନମନ୍ତ୍ରୀ ତାଙ୍କୁ ଧନ୍ୟବାଦ ଜଣାଇଛନ୍ତି। କେନ୍ଦ୍ରୀୟ ତଦନ୍ତକାରୀ ସଂସ୍ଥା (ସିବିଆଇ)ର ଅଧିକାରୀମାନେ ଗୋଟିଏ ଦିନର ଦରମା ଦାନ କରିବାକୁ ନିଷ୍ପତ୍ତି ନେଇଛନ୍ତି। ସିବିଆଇରେ ପାଖାପାଖି ୬୦୦୦ ଅଧିକାରୀ ରହିଛନ୍ତି। ବିଭିନ୍ନ ବର୍ଗର ଲୋକେ କୋଭିଡ୍-୧୯ ବିରୋଧୀ ଲଢ଼େଇରେ ଦାନ କରିବା ଲାଗି ଆଗେଇ ଆସିଛନ୍ତି।

କରୋନା ବିରୋଧୀ ଲଢ଼େଇ ଲାଗି ପ୍ରଧାନମନ୍ତ୍ରୀ ଗଠନ କରିଥିବା ପିଏମ୍-କେୟାର୍ସ ଫଣ୍ଡକୁ ବିଭିନ୍ନ କମ୍ପାନୀ ସେମାନଙ୍କର ସିଏସ୍‌ଆର୍ ପାଣ୍ଠି ଦାନ କରିପାରିବେ ବୋଲି କର୍ପୋରେଟ ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ଏନେଇ କର୍ପୋରେଟ ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ବିଜ୍ଞପ୍ତ ପ୍ରକାଶ ପାଇଥିବା ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ସୋସିଆଲ ମିଡିଆ ଜରିଆରେ ଘୋଷଣା କରିଛନ୍ତି। କରୋନା ଯୋଗୁ ସୃଷ୍ଟ ଜରୁରୀ ସ୍ଥିତିରେ କ୍ଷତିଗ୍ରସ୍ତ ହୋଇଥିବା ଲୋକଙ୍କୁ ଏହି ପାଣ୍ଠିରୁ ସହାୟତା ଯୋଗାଇଦିଆଯିବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଉକ୍ତ ପାଣ୍ଠିର ଅଧ୍ୟକ୍ଷ ଥିବାବେଳେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ, ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା ଏବଂ ଅର୍ଥମନ୍ତ୍ରୀ ସୀତାରାମନ୍ ଏହାର ସଦସ୍ୟ ରହିଛନ୍ତି।



ଶିକାଗୋର 'ବିନ୍' ନାମରେ ପରିଚିତ କ୍ଲାଉଡ୍ ଗେଟ୍ ସ୍ଥାପତ୍ୟ ନିକଟରେ ପ୍ରୋଟେକ୍ଟିଭ୍ ମାସ୍କ ପିନ୍ଧି ଯାଉଛନ୍ତି ଜଣେ ମହିଳା।

## ମହାନଦୀରୁ ଯୁବକଙ୍କ ମୃତଦେହ ଉଦ୍ଧାର

**କଟକ ସଦର,୨୯।୩(ଡି.ଏନ୍.ଏ.):** କିଶନ ନଗର ଥାନା ଅନ୍ତର୍ଗତ କିଶୋର ନଗର ବଜାର ନିକଟସ୍ଥ ମହାନଦୀରୁ ରବିବାର ସକାଳେ ଜଣେ ଯୁବକ ମୃତଦେହ ଉଦ୍ଧାର ହୋଇଛି। ସେ ହେଲେ ସ୍ଥାନୀୟ ଅଞ୍ଚଳର ବିଶ୍ୱନାଥ ନନ୍ଦୀ। ଖବରପାଇ ଅଗ୍ନିଶମ ବିଭାଗ ଓ ପୋଲିସ ପହଞ୍ଚି ମୃତଦେହକୁ ଉଦ୍ଧାର କରିବା ପରେ ବ୍ୟବଚ୍ଛେଦ ପାଇଁ କଟକ ବଡ଼ ମେଡିକାଲ ପଠାଇ ଦିଆଯାଇଛି। ଏ ନେଇ ପୋଲିସ ନଂ.୪/୨୦ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ସୂଚନା ଅନୁଯାୟୀ, ବିଶ୍ୱନାଥ ଶନିବାର ରାତିରେ ଘରକୁ ଫେରି ନ ଥିଲେ। ରବିବାର ସକାଳେ ଗାଁ ଲୋକେ ଗାଧୋଇବାକୁ ନଦୀକୁ ଯାଉଥିବାବେଳେ ବିଶ୍ୱନାଥଙ୍କ ପ୍ୟାଣ୍ଟ ଶାର୍ଟ ବାହାରେ ଥିବା ଦେଖିଥିଲେ। କିନ୍ତୁ ଲୋକେ ଗାଧୋଉଥିବାବେଳେ ତାଙ୍କ ମୃତଦେହ ଦେଖିଥିଲେ। ପରେ ପୋଲିସ ଓ ପରିବାର ଲୋକଙ୍କୁ ଜଣାଇଥିଲେ। ପୋଲିସ ପହଞ୍ଚି ରଘୁନାଥପୁର ଅଗ୍ନିଶମ ବିଭାଗକୁ କହିବା ପରେ ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ। ତେବେ ବିଶ୍ୱନାଥଙ୍କ ମୃତ୍ୟୁର କାରଣ ସ୍ପଷ୍ଟ ହୋଇନାହିଁ। ବ୍ୟଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ଜଣାପଡ଼ିବ ବୋଲି ଥାନାଧିକାରୀ ବାମଦେବ ସ୍ୱାଇଁ କହିଛନ୍ତି।

## ଆଇଆଇଟିରେ ଫସିଛନ୍ତି ଶତାଧିକ ଶ୍ରମିକ

**ଜଟଣୀ,୨୯।୩(ଡି.ଏନ.ଏ): ଜଟଣୀସ୍ଥିତ** ଆଇଆଇଟି ପରିସରରେ ବାହାର ରାଜ୍ୟର ୧୦୦ରୁ ଉର୍ଦ୍ଧ୍ୱ ଶ୍ରମିକ ଫସି ରହିଛନ୍ତି। କରୋନା ଭୂତାଣୁ ସଂକ୍ରମଣକୁ ଦୃଷ୍ଟିରେ ରଖି ଦେଶ ସାରା ଏବେ ଲକ୍‌ଡାଉନ୍ କରାଯାଇଛି। ଫଳରେ ସମସ୍ତ ନିର୍ମାଣ କାର୍ଯ୍ୟ ବନ୍ଦ ରହିଛି। ଏଠାରେ କାର୍ଯ୍ୟରତ ଶ୍ରମିକମାନେ ଦୁଃଖକଷ୍ଟରେ ରହିଛନ୍ତି। ବିହାର, ଉତ୍ତରପ୍ରଦେଶ, ପଶ୍ଚିମବଙ୍ଗ ଆଦି ରାଜ୍ୟର ଏହି ଶ୍ରମିକମାନେ ନିଜ ଘରକୁ ଯିବା ପାଇଁ ଚାହୁଁଥିଲେ ମଧ ଯାଇପାରୁନାହାନ୍ତି। ପେଟପାଟଣା ଓ ପରିବାର ଚିନ୍ତା ସେମାନଙ୍କୁ ବିବ୍ରତ କରୁଛି। ଏଥିପ୍ରତି ପ୍ରଶାସନ ଦୃଷ୍ଟି ଦେବାକୁ ସେମାନେ ଅନୁରୋଧ କରିଛନ୍ତି।

## ସଡ଼କ ଦୁର୍ଘଟଣାରେ ୨ ମୃତ

**ଖୋର୍ଦ୍ଧା ଅଫିସ,୨୯।୩:** ୧୬ନମ୍ବର ଜାତୀୟ ରାଜପଥର ନିରାକାରପୁର ଥାନା ଅନ୍ତର୍ଗତ ରାମେଶ୍ୱର ଛକସ୍ଥିତ ପେଟ୍ରୋଲ ପମ୍ପ ନିକଟରେ ରବିବାର ପୂର୍ବାହ୍ନ ସାଢେ ୧୧ଟାରେ ଏକ ସଡ଼କ ଦୁର୍ଘଟଣା ଘଟିଛି। ଏକ କାର ବାଇକକୁ ଧକ୍କା ଦେଇ ପରେ ଏକ ଟ୍ରକ ସହ ପିଟି ହୋଇଯାଇଥିଲା। ଫଳରେ ୨ଜଣଙ୍କର ମୃତ୍ୟୁ ଘଟିଛି। ସେମାନେ ହେଲେ କାର୍ ଚାଳକ ନୟାଗଡ ଟାଉନ ଥାନା ଅଧୀନ ସୀତାରାମପୁର ଗ୍ରାମର ବିଦ୍ୟାଧର ସ୍ୱାଇଁ ଏବଂ ବାଇକ ଚାଳକ ଚାନ୍ଦପୁର ଥାନା ଅନ୍ତର୍ଗତ ରାଜଜଙ୍କିଆ ଗ୍ରାମର ନିଲୁ ସେନାପତି।

# ନେଦରଲାଣ୍ଡ୍‌ସର ବର୍ଜ୍ୟଜଳରେ କରୋନା ଭୂତାଣୁ

■ ଆର୍‌ଆଇଭିଏମ୍ ରିପୋର୍ଟରେ ସ୍ପଷ୍ଟ
■ କଳିଙ୍ଗନଗର ଶିଳ୍ପାଞ୍ଚଳକୁ ବିପଦ



**ଯାଜପୁର ଅଫିସ,୨୯।୩**

କରୋନା (କୋଭିଡ୍-୧୯)ର ଭୟାବହତା ଦିନକୁ ଦିନ ମଣିଷର ଜୀବନଚର୍ଯ୍ୟାକୁ ବହୁଳ ମାତ୍ରାରେ ପ୍ରଭାବିତ କରୁଛି। ଏହିକ୍ରମରେ ନେଦରଲାଣ୍ଡ୍‌ସର ବର୍ଜ୍ୟଜଳରେ କରୋନା ଭୂତାଣୁର ସନ୍ଧାନ ମିଳିବା ଆଉ ଏକ ମୁଣ୍ଡବ୍ୟଥାର କାରଣ ହୋଇଛି। ଗତ ୨୪ ତାରିଖରେ ନେଦରଲାଣ୍ଡ୍‌ସର 'ନ୍ୟାଶନାଲ ଇନଷ୍ଟିଚ୍ୟୁଟ ଅଫ୍ ପବ୍ଲିକ ହେଲ୍‌ଥ ଆଣ୍ଡ ଦ ଏନଭାଇରନମେଣ୍ଟ'(ଆର୍‌ଆଇଭିଏମ୍) ରିପୋର୍ଟରେ ଏହା ପ୍ରକାଶ ପାଇଛି। ରିପୋର୍ଟରେ ଆହୁରି ଦର୍ଶାଯାଇଛି ଯେ, ଯେଉଁ କର୍ମଚାରୀମାନେ ୱେଷ୍ଟ ୱାଟର ଟ୍ରିଟମେଣ୍ଟ ପ୍ଲାଣ୍ଟରେ କାର୍ଯ୍ୟ କରୁଛନ୍ତି ସେମାନେ ଯଦି ସ୍ୱଚ୍ଛତା ପଦ୍ଧତି ଅବଲମ୍ବନ ନ କରିବେ ତେବେ କରୋନା ଭୂତାଣୁ ସଂକ୍ରମଣ ହେବା ସମ୍ଭାବନା ରହିଛି।

ଆର୍‌ଆଇଭିଏମ୍‌ର ରିପୋର୍ଟ ଅନୁଯାୟୀ ନେଦରଲାଣ୍ଡ୍‌ସର ସ୍କିଫଲ ଏୟାରପୋର୍ଟରୁ ସାପ୍ତାହିକ ବର୍ଜ୍ୟଜଳ ନମୁନା ଗତ ଫେବୃୟାରୀ ୧୭ରେ ସଂଗ୍ରହ କରାଯାଇଥିଲା। ତେବେ ଏହି ବର୍ଜ୍ୟଜଳରୁ ପ୍ରଥମ ଦୁଇ ସପ୍ତାହ ପର୍ଯ୍ୟନ୍ତ କୋଭିଡ୍-୧୯ର ସନ୍ଧାନ ମିଳି ନଥିଲା। ଏହାପରେ ମାର୍ଚ୍ଚ ୨, ୯ ଓ ୧୬ ତାରିଖରେ ବର୍ଜ୍ୟଜଳ ନମୁନା ସଂଗ୍ରହ ହୋଇଥିଲା। ସେହିପରି ମାର୍ଚ୍ଚ ୩, ୧୦ ଓ ୧୭ରେ ଟିଲବର୍ଗର ଏକ ୱେଷ୍ଟ ୱାଟର ଟ୍ରିଟମେଣ୍ଟ ପ୍ଲାଣ୍ଟରୁ ବର୍ଜ୍ୟଜଳ ନମୁନା ସଂଗ୍ରହ କରାଯାଇଥିଲା। ଯେଉଁଥିରେ କରୋନା ଭୂତାଣୁର ସନ୍ଧାନ ମିଳିଥିଲା ବୋଲି ଆର୍‌ଆଇଭିଏମ୍ ରିପୋର୍ଟରେ ପ୍ରକାଶ ପାଇଛି। ବର୍ଜ୍ୟଜଳ ସହ ସିଧାସଳଖ ସମ୍ପୃକ୍ତ ଥିବା ବ୍ୟକ୍ତିଙ୍କୁ କରୋନା ଭୂତାଣୁ ସଂକ୍ରମିତ ହୋଇପାରେ ବୋଲି କୁହାଯାଇଛି।

ଏଭଳି ସ୍ଥିତିରେ ଯାଜପୁର ଜିଲା କଳିଙ୍ଗନଗର ଶିଳ୍ପାଞ୍ଚଳରେ ଜଳ ସଞ୍ଚୟ ଓ ବିଶୋଧନ ପ୍ରକ୍ରିୟା ଠିକ୍ ଭାବେ ହେଉ ନ ଥିବାରୁ ଜଳ ପ୍ରଦୂଷଣ ଉତ୍କଟ ହୋଇଛି। ଆରଆଇଭିଏମ୍‌ର ରିପୋର୍ଟକୁ ଅନୁଧ୍ୟାନ କଲେ ଏଠାରେ ବି କରୋନା ଭୂତାଣୁ ସଂକ୍ରମଣ ହେବାର ସମ୍ଭାବନାକୁ ଏଡାଇ ଦିଆଯାଇ ନ ପାରେ ବୋଲି ମତପ୍ରକାଶ ପାଉଛି। କଳିଙ୍ଗନଗର ଶିଳ୍ପାଞ୍ଚଳର ଏକାଧିକ କାରଖାନା ଉପଯୁକ୍ତ ଭାବେ ବିଶୋଧନ ନ କରି ବର୍ଜ୍ୟପାଣି ବାହାରକୁ ଛାଡୁଛନ୍ତି। ପୂର୍ବରୁ ଜଳ ପ୍ରଦୂଷଣ ନେଇ ସ୍ଥାନୀୟ କେତେଜଣ ସଚେତନ ବ୍ୟକ୍ତି ନ୍ୟାଶନାଲ ଗ୍ରୀନ୍ ଟ୍ରିବ୍ୟୁନାଲ(ଏନ୍‌ଜିଟି)ର ଦ୍ୱାରସ୍ଥ ହୋଇଥିଲେ। ତାହା ବିଚାରାଧୀନ ଥିବାବେଳେ ଏସ୍‌ପିସିବି(ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ) ପକ୍ଷରୁ ଦିଆଯାଇଥିବା ରିପୋର୍ଟ ମିଥ୍ୟା ବୋଲି କଳିଙ୍ଗନଗର ପରିବେଶ ସୁରକ୍ଷା ସମିତି ପକ୍ଷରୁ ଅଭିଯୋଗ କରାଯାଇଛି। କଳିଙ୍ଗନଗର ଶିଳ୍ପାଞ୍ଚଳର ବିଜୁ ପଟ୍ଟନାୟକ ମାର୍ଗରେ ଥିବା କଲଭର୍ଟ ନମ୍ବର ୧ରେ ଏକ ନିର୍ଦ୍ଦିଷ୍ଟ ଷ୍ଟିଲ୍ କମ୍ପାନୀର ବିଷାକ୍ତ ଜଳ ଚାଷଜମିରେ ମିଶୁଛି। ଏହାବାଦ ଉକ୍ତ ବର୍ଜ୍ୟଜଳ ଦାନଗଦି ବ୍ଲକର ଯଖପୁରା ମୌଜା ଦେଇ ଅଁଳାପାଳ, ବାଲୁଙ୍ଗାବନ୍ଧି, ରୁଙ୍ଗୁରୁଙ୍ଗା, ମଙ୍ଗଳପୁର, ଖରଡି ଦେଇ ନୂଆଁଗାଠାରେ ଗଣ୍ଡନାଳାରେ ମିଶୁଛି।

ସୂଚନାଥାଉ କି, ବଡବିଲଠାରୁ କଳିଙ୍ଗନଗର ବିଆର୍‌ପିଏଲ୍ ପ୍ଲାଣ୍ଟକୁ ୨୨୦ କିଲୋମିଟର ପାଇପ ଲାଇନରେ ଆସୁଥିବା ବର୍ଜ୍ୟଜଳ ବାହାରକୁ ଛଡ଼ାଯାଉଥିବା ନେଇ କଳିଙ୍ଗନଗର ପରିବେଶ ସୁରକ୍ଷା ସମିତି ଏନ୍‌ଜିଟିର ଦ୍ୱାରସ୍ଥ ହୋଇଥିଲା। ପୂର୍ବରୁ ଏହି ପାଣିକୁ ମେସ୍କା କାରଖାନାକୁ ଯୋଗାଣ ହେଉଥିଲା। କିନ୍ତୁ ମେସ୍କୋ କାରଖାନା ବନ୍ଦ ହୋଇଯିବା ପରେ ୬ଟି ଅଣ୍ଡରଗ୍ରାଉଣ୍ଡ ପାଇପଲାଇନରେ ଘଣ୍ଟା ପ୍ରତି ପ୍ରାୟ ୫୦୦ ଘନମିଟର ବର୍ଜ୍ୟପାଣି ବାହାରକୁ ଛଡ଼ାଯାଉଥିବାରୁ ଗଣ୍ଡନାଳା ସମେତ ଆଖପାଖ ଅଞ୍ଚଳ ଜଳ ପ୍ରଦୂଷଣ ଉତ୍କଟ ହେଉଛି ବୋଲି ସମିତି ପକ୍ଷରୁ ୨୦୧୭ରେ ଏନ୍‌ଜିଟିରେ ଏକ ମାମଲା ରୁଜୁ ହୋଇଛି। କିନ୍ତୁ ଏହାର କୌଣସି ପ୍ରତିକାର ବ୍ୟବସ୍ଥା ଏଯାଏ ହୋଇପାରିନାହିଁ। ଏ ସଂକ୍ରାନ୍ତରେ ଏସ୍‌ପିସିବିର କଳିଙ୍ଗନଗର ଆଞ୍ଚଳିକ ଅଧିକାରୀ ପ୍ରମୋଦ କୁମାର ବେହେରାଙ୍କୁ ପଚାରିବାରେ ସେ କହିଛନ୍ତି ଆବଶ୍ୟକ ବିଶୋଧନ କରାଯାଇ ପାଣି ବାହାରକୁ ଛଡାଯାଉଛି। କୌଣସି ଅଣ୍ଡରଗ୍ରାଉଣ୍ଡରେ ବର୍ଜ୍ୟଜଳ ବାହାରକୁ ଯାଉନାହିଁ।

## ବିଭିନ୍ନ ପ୍ରକଳ୍ପ କାର୍ଯ୍ୟର ରିପୋର୍ଟ ମାଗିଲା ସୁଡା

**ଭୁବନେଶ୍ୱର,୨୯।୩(ବ୍ୟୁରୋ)**

ସାରା ରାଜ୍ୟରେ କରୋନା ସଂକ୍ରମଣକୁ ରୋକିବା ପାଇଁ ଲକ୍‌ଡାଉନ୍‌କୁ କଡାକଡି ପାଳନ କରାଯାଇଛି। ସରକାରୀସ୍ତରରେ କେବଳ କରୋନା ମୁକାବିଲାକୁ ସର୍ବାଧିକ ଗୁରୁତ୍ୱ ଦିଆଯାଇଛି। ହେଲେ ଏହି ସମୟରେ ରାଜ୍ୟ ସହରାଞ୍ଚଳ ଉନ୍ନୟନ ସଂସ୍ଥା (ସୁଡା) ପକ୍ଷରୁ ବିଭିନ୍ନ ସଂସ୍ଥାଠାରୁ ରିପୋର୍ଟ ତଲବ କରାଯାଇଛି। ଆସନ୍ତା ଏପ୍ରିଲ ୬ ସୁଦ୍ଧା ଏହି ରିପୋର୍ଟ ଦେବାପାଇଁ ନିର୍ଦ୍ଦେଶ ରହିଛି। ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ଅଧୀନରେ କାର୍ଯ୍ୟ କରୁଥିବା ସୁଡା ଏହି ରିପୋର୍ଟକୁ ଭିତ୍ତିକରି କିଛିନୂଆ ନିଷ୍ପତ୍ତି ନେବ ବୋଲି ଜଣାପଡିଛି। ଲକ୍‌ଡାଉନ୍ ସମୟରେ ବିଭିନ୍ନ ଦପ୍ତରରେ ହାତଗଣତି କର୍ମଚାରୀରେ କାମ ହେଉଛି। ଏପରି ସ୍ଥିତିରେ ଏପ୍ରିଲ ୬ ସୁଦ୍ଧା କିପରି ପୂର୍ଣ୍ଣାଙ୍ଗ ରିପୋର୍ଟ ମିଳିପାରିବ, ସେ ନେଇ ସନ୍ଦେହ ପ୍ରକାଶ ପାଇଛି। ସୁଡା ଦ୍ୱାରା ସହରାଞ୍ଚଳରେ ବିଭିନ୍ନ ସରକାରୀ ପ୍ରକଳ୍ପ କାର୍ଯ୍ୟକୁ ଏକାଧିକ ବେସରକାରୀ ସଂସ୍ଥା ଦ୍ୱାରା କରାଯାଇଥାଏ। ୨୦୧୮ରୁ ହୋଇ ଆସୁଥିବା ଏହି କାର୍ଯ୍ୟର ଅବଧି ଚଳିତ ମାର୍ଚ୍ଚ ୩୧ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଥିଲା। ସଂସ୍ଥାଗୁଡିକରୁ ରିପୋର୍ଟ ଆସିବା ପରେ ସୁଡା ପକ୍ଷରୁ ପରବର୍ତ୍ତୀ ପଦକ୍ଷେପ ପାଇଁ ନିଷ୍ପତ୍ତି ନିଆଯିବ ବୋଲି ଜଣାପଡ଼ିଛି। ସୁଡା ଦ୍ୱାରା ଜାତୀୟ ସହରାଞ୍ଚଳ ଜୀବିକା ମିଶନ (ଏନ୍‌ୟୁଏଲ୍‌ଏମ୍) ଏବଂ ସ୍ୱଚ୍ଛ ଭାରତ ମିଶନ ଭଳି କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରାଯାଇଥାଏ।

## ଓଡ଼ିଶାରେ ଅଟକିଛନ୍ତି ୧୫,୬୦୦ ଶ୍ରମିକ

■ ୧୦୪ କ୍ୟାମ୍ପରେ ଆଶ୍ରୟ ସହ ଖାଦ୍ୟ ଯୋଗାଇ ଦିଆଯାଇଛି
■ ବାହାରେ ଫସିଥିବା ଓଡ଼ିଆ ଶ୍ରମିକଙ୍କ ପାଇଁ ହେଲ୍ପ ଲାଇନ୍ ନମ୍ବର ଜାରି

**ଭୁବନେଶ୍ୱର,୨୯।୩(ବ୍ୟୁରୋ)**

ଲକ୍‌ଡାଉନ୍ ଫଳରେ ଓଡ଼ିଶାରେ ରାଜ୍ୟ ବାହାରର ୧୫ହଜାର ୬ଶହରୁ ଉର୍ଦ୍ଧ୍ୱ ଶ୍ରମିକ ଫସି ରହିଛନ୍ତି। ଏମାନେ ପଶ୍ଚିମବଙ୍ଗ, ରାଜସ୍ଥାନ, ହରିୟାଣା, ଉତ୍ତରପ୍ରଦେଶ, ବିହାର, ଆନ୍ଧ୍ରପ୍ରଦେଶ, ମଧ୍ୟପ୍ରଦେଶ ଆଦି ରାଜ୍ୟର ବୋଲି ଜଣାପଡିଛି। ଏମାନଙ୍କୁ ୧୦୪ଟି କ୍ୟାମ୍ପରେ ରଖାଯାଇ ଖାଦ୍ୟ ଦିଆଯାଉଛି। ସହାୟତା ପାଇଁ ଶ୍ରମିକ ସହାୟତା କଣ୍ଟ୍ରୋଲ ରୁମ୍‌କୁ ୧୩୦ଟି କଲ୍ ଆସିଥିବା ଶ୍ରମ ବିଭାଗ ପକ୍ଷରୁ ଟୁଇଟ୍ କରି ସୂଚନା ଦିଆଯାଇଛି। ଅନ୍ୟପଟେ ରାଜ୍ୟ ବାହାରେ ଫସିଥିବା ଓଡ଼ିଆମାନେ ଏହି ଲକ୍‌ଡାଉନ୍ ସମୟରେ ଯେପରି ଅସୁବିଧାର ସମ୍ମୁଖୀନ ନ ହୁଅନ୍ତି, ସେଥିପାଇଁ ରାଜ୍ୟ ସରକାର ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେଇଛନ୍ତି। ସହାୟତା ପାଇଁ ଗୃହ ବିଭା ପକ୍ଷରୁ ହେଲ୍ପ ଲାଇନ ନମ୍ବର ଜାରି କରାଯାଇଛି। ସେଗୁଡିକ ହେଲା ଲ୍ୟାଣ୍ଡ୍ ଲାଇନ୍ ଫୋନ୍ ନଂ.୦୬୭୪-୨୩୯୨୧୧୫ ଏବଂ ହ୍ୱାଟସ୍‌ଆପ୍ ନମ୍ବର-୯୪୩୮୯୧୫୯୮୬। ସେହିପରି ଓଡ଼ିଶାରେ ଅଟକି ରହିଥିବା ଅନ୍ୟ ରାଜ୍ୟର ଲୋକଙ୍କ ପାଇଁ ମଧ ହେଲ୍ପଲାଇନ ନଂ.୧୮୦୦-୩୪୫-୬୭୦୩ ଜାରି ହୋଇଛି।

ଏଠାରେ ଉଲ୍ଲେଖଯୋଗ୍ୟ, ଦେଶର ବିଭିନ୍ନ ରାଜ୍ୟରେ ଓଡ଼ିଆ ଲୋକ ଫସି ରହିଛନ୍ତି। କାମ ଓ ପେଟପାଟଣା ସନ୍ଧାନରେ ଯାଇ ଏବେ କରୋନା କଟକଣାରେ ନାନା ହଇରାଣ ହେଉଛନ୍ତି। ସେମାନେ ଏବେ ଘରକୁ ଫେରିବାକୁ ନିବେଦନ କରୁଛନ୍ତି। କନ୍ଧମାଳ ଜିଲାର ବହୁ ଲୋକ ଏବେ କେରଳରେ ଭୋକ ଉପାସରେ ପଡି ରହିଛନ୍ତି। ସେହିପରି ଭଦ୍ରକ ଜିଲା ତିହିଡି, ଚାନ୍ଦବାଲି, ଧାମରା ଅଞ୍ଚଳର ବହୁ ଲୋକ ତାମିଲନାଡୁ, ଗୋଆ, କର୍ଣ୍ଣାଟକ ଏବଂ ମହାରାଷ୍ଟ୍ରରେ ଫସି ରହିଛନ୍ତି। ଏହାଛଡ଼ା କେନ୍ଦ୍ରାପଡ଼ା ଆଳି ଅଞ୍ଚଳର ବହୁ ଲୋକ ତେଲେଙ୍ଗାନା, ଆନ୍ଧ୍ରପ୍ରଦେଶ, ଗୁଜରାଟରେ କାମ କରୁଥିବାବେଳେ ଲକ୍‌ଡାଉନ୍ ଯୋଗୁ କାମ ହରାଇଥିବା ଜଣାଇଛନ୍ତି। ଭିଡିଓ ମେସେଜ୍ ଜରିଆରେ ଏମାନେ ନିଜ ଘରକୁ ଫେରିବାକୁ ନିବେଦନ କରିଛନ୍ତି।

## ଔଷଧ କମ୍ପାନୀଙ୍କୁ ରାଜ୍ୟ ସରକାରଙ୍କ ପ୍ରୋତ୍ସାହନ ରାଶି ପ୍ରଦାନ

**ଭୁବନେଶ୍ୱର,୨୯।୩(ବ୍ୟୁରୋ)**

କରୋନାର ସଫଳ ମୁକାବିଲା ନିମନ୍ତେ ସରକାର ସବୁପ୍ରକାର ଉଦ୍ୟମ ଜାରି ରଖିଥିବାବେଳେ ଔଷଧ ଯୋଗାଉଥିବା କମ୍ପାନୀଗୁଡିକୁ ଉତ୍ସାହିତ କରିବା ପାଇଁ ପୁରସ୍କାର ଘୋଷଣା କରିଥିଲେ। ୭ଦିନ ମଧ୍ୟରେ କୋଭିଡ୍-୧୯ ପାଇଁ ଉଦ୍ଦିଷ୍ଟ ଜରୁରୀକାଳୀନ ଔଷଧ ଯୋଗାଇଲେ ମୋଟ କ୍ରୟ ମୂଲ୍ୟର ୫୦% ରାଶି ପ୍ରୋତ୍ସାହନ ଆକାରରେ ଦେବା ନିମନ୍ତେ ରାଜ୍ୟ ସରକାର ନିଷ୍ପତ୍ତି ନେଇଥିଲେ। ଯୋଗାଣ ପ୍ରକ୍ରିୟା ଚାଲୁ ରହିଥିବାବେଳେ ରବିବାର ଓଡ଼ିଶା ରାଜ୍ୟ ଔଷଧ ନିଗମକୁ ୨୦ଲକ୍ଷ ଟ୍ରିପ୍ଲରୀ ମାସ୍କ ଯୋଗାଣ କରିଥିବାରୁ ଦୁଇଟି ଔଷଧ କମ୍ପାନୀକୁ ପ୍ରୋତ୍ସାହନ ରାଶି ଆକାରରେ ୯୧.୧୧ ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି।

## ଜରୁରୀ ସାମଗ୍ରୀ ପରିବହନ କରିବ ପୂର୍ବତଟ ରେଳପଥ

**ଭୁବନେଶ୍ୱର,୨୯।୩(ବ୍ୟୁରୋ)**




କରୋନା ସଂକ୍ରମଣ ମୁକାବିଲା ଲାଗି ସମଗ୍ର ଦେଶରେ ୨୧ ଦିନିଆ ଲକ୍‌ଡାଉନ୍ ଜାରି ରହିଥିବାବେଳେ ଅତ୍ୟାବଶ୍ୟକ ସାମଗ୍ରୀର ପରିବହନରେ ସମସ୍ୟା ସୃଷ୍ଟି ହୋଇଛି। ଏଭଳିସ୍ଥିତିରେ ପୂର୍ବତଟ ରେଳପଥ ଜରୁରୀକାଳୀନ ସାମଗ୍ରୀର ପରିବହନ ଲାଗି ସହଯୋଗର ହାତ ବଢାଇଛି। ରେଳପଥ ପକ୍ଷରୁ ସମସ୍ତ ପ୍ରକାର ମେଡିକାଲ ଉପକରଣ ସହ ଦୁଗ୍ଧଜାତ ଦ୍ରବ୍ୟ, ଗ୍ରସେରି, ତେଲ ଓ ବିଭିନ୍ନ ଖାଦ୍ୟ ସାମଗ୍ରୀର ପରିବହନ କରିବାକୁ ବ୍ୟବସ୍ଥା ହୋଇଛି। ଭାରତୀୟ ରେଳପଥର ନିଷ୍ପତ୍ତି ଆଧାରରେ ପୂର୍ବତଟ ରେଳପଥ ୨୦ଟି ପର୍ଯ୍ୟନ୍ତ ପାର୍ସଲ ଭ୍ୟାନ୍ ବା ଭିପିୟୁ ଥିବା ସ୍ୱତନ୍ତ୍ର ଟ୍ରେନ୍ ଚଳାଚଳ କରିବ। ଏଥିପାଇଁ ଏହି ଟ୍ରେନଗୁଡିକର ନିର୍ଦ୍ଧାରିତ ସମୟ ସ୍ଥିର ହୋଇଥିବାବେଳେ ନୂତନ ସମୟ ପାଇଁ ଆଗ୍ରହୀ ସଂସ୍ଥା, ବ୍ୟବସାୟୀ କିମ୍ବା ବ୍ୟକ୍ତିବିଶେଷ ତୁରନ୍ତ ପୂର୍ବତଟ ରେଳପଥ ଅଧିକାରୀଙ୍କୁ ଯୋଗାଯୋଗ କରିବାକୁ କୁହାଯାଇଛି।

■ ଚାଲିବ ସ୍ୱତନ୍ତ୍ର ପାର୍ସଲ ଟ୍ରେନ
■ ମେଡିକାଲ ଉପକରଣ, ଖାଦ୍ୟ ସାମଗ୍ରୀକୁ ଗୁରୁତ୍ୱ

ବିଶାଖାପଟନମ୍‌ରୁ ହାୱଡ଼ା ପର୍ଯ୍ୟନ୍ତ ହାଇଦ୍ରାବାଦ-ହାୱଡ଼ା ଏକ୍ସପ୍ରେସ୍ ଓ ବିଶାଖାପଟନମ୍‌ରୁ ଗୌହାଟୀ ପର୍ଯ୍ୟନ୍ତ ବାଙ୍ଗାଲୋର-ଗୌହାଟୀ ପାର୍ସଲ ସ୍ପେଶାଲ ଟ୍ରେନ୍ ଚଳାଚଳ କରିବ। ଏହାପରେ ପରିସ୍ଥିତିକୁ ଦେଖି ଚାହିଦା ମୁତାବକ ଅଧିକ ପାର୍ସଲ କାର୍ଗୋ ଟ୍ରେନ୍‌ର ଚଳାଚଳ କରିବାକୁ ରେଳପଥ ନିଷ୍ପତ୍ତି ନେବ ବୋଲି କୁହାଯାଇଛି। ପୂର୍ବରୁ ପଶ୍ଚିମ ରେଳପଥ ପକ୍ଷରୁ ଅହମ୍ମଦାବାଦରୁ କଟକ ପର୍ଯ୍ୟନ୍ତ ଏକ ସ୍ୱତନ୍ତ୍ର ପାର୍ସଲ ଟ୍ରେନ୍ ଚଳାଚଳ କରିବାକୁ ସ୍ଥିର ହୋଇଛି।

# ଜମୁନି ସାଙ୍ଗ-ଭାଙ୍ଗ-ପଙ୍ଗତ

**ବନ୍ଦୀ କରିଦେଇଛି କରୋନା**
**ଖାଲି ପଡ଼ିଛି ଜାଗାଘର**

**ପୁରୀ ଅଫିସ,୨୯।୩**

ମହାମାରୀ କରୋନା ଏବେ ଆତଙ୍କ ଖେଳାଇଛି। ସମଗ୍ର ବିଶ୍ୱ ଏବେ କରୋନା ସହିତ ଲଢେଇ କରୁଛି। କିନ୍ତୁ ବେକାବୁ ଏହି ପ୍ରାଣଘାତୀ ଭୂତାଣୁ। ଦିନକୁ ଦିନ ଅଧିକ ଉଗ୍ରରୂପ ଧାରଣ କରି ଗୋଟିଏ ପରେ ଗୋଟିଏ ଦେଶକୁ ମାଡ଼ିବା ସହ ପ୍ରତିଦିନ ଶହ ଶହ ମୁଣ୍ଡ ଗଡ଼ାଇ ଚାଲିଛି। କୋଟି କୋଟି ପରିବାରର ଜୀବିକା ବି ଛଡ଼ାଇ ନେଇଛି କରୋନା। ପୁଣି ସାମାଜିକ ଚଳଣିରେ ଆଣିଛି ବ୍ୟତିକ୍ରମ। ଭୟରେ ଲୋକେ ଘରୁ ବାହାରିପାରୁ ନାହାନ୍ତି। ସମସ୍ତଙ୍କୁ ଏକପ୍ରକାର ବନ୍ଦୀ କରିଦେଇଛି ଘାତକ କରୋନା। ଏହାର ପ୍ରଭାବ ପୁରୀ ସହରରେ ବେଶ୍ ବାରି ହୋଇପଡୁଛି। କରୋନାର ଭୟାବହତା ପାଇଁ ବନ୍ଦ ହୋଇଯାଇଛି ପୁରୀର ନିଆରା ସଂସ୍କୃତି ସାଙ୍ଗ-ଭାଙ୍ଗ-ପଙ୍ଗତ। ସଞ୍ଜ ନଇଁଲେ ଯେଉଁଠି ସାଙ୍ଗ ହୋଇ ଭାଙ୍ଗର ଆସର ଜମୁଥିଲା ଏବଂ ପଙ୍ଗତ ପଡୁଥିଲା ଆଜି ସେହି ଜାଗା ଆଖଡ଼ା ଖାଁ ଖାଁ।

ପୁରୀର ଏକ ନିଆରା ସଂସ୍କୃତି ହେଉଛି ସାଙ୍ଗ-ଭାଙ୍ଗ-ପଙ୍ଗତ। ବିଶେଷଭାବେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଉପାସନା ସହିତ ଜଡ଼ିତ ସେବକ, ଯାତ୍ରୀ ପରିଚର୍ଯ୍ୟାକାରୀ ଏବଂ ସାତସାହି ଆଖଡ଼ା ସହିତ ସମ୍ପୃକ୍ତ ବ୍ୟକ୍ତିବିଶେଷ ସଞ୍ଜ ନଇଁଲେ ଜୀବନକୁ ଏକ ନୂତନ ଶୈଳୀରେ ଆଗେଇ ନିଅନ୍ତି। ଦିନଭରି ପରିଶ୍ରମ ଏବଂ ସଂସାର ଜଞ୍ଜାଳରୁ ଦୂରେଇ ଯାଆନ୍ତି। ସାଙ୍ଗ ହୋଇ ଜାଗା ଆଖଡ଼ା ବା କ୍ଲବକୁ ଯାଆନ୍ତି। ସେଠାରେ ବାଦାମ ସରବତ ସହିତ ଶିଳରେ ବଟା ଭାଙ୍ଗ ମିଶାଯାଇ ପ୍ରସ୍ତୁତ ପଣା ପିଇଥାନ୍ତି। ଏହାପରେ ସନ୍ଧ୍ୟା ନିତ୍ୟକର୍ମ ସାରି ଜାଗା ପୋଖରୀରେ ଭଲ ଭାବେ ଗାଧୁଆପାଧୁଆ କରନ୍ତି। ପୁରୀରେ ସାଙ୍ଗ ହୋଇ ପୋଖରୀରେ ଗାଧୋଇବାର ମଜା ନିଆରା। ସେଥିପାଇଁ ଜାଗା ଘରଗୁଡ଼ିକ ଜନବସତିଠାରୁ ଦୂରରେ ରହିଥିଲା। ଜାଗା ଘରେ ରୋଷେଇର ବ୍ୟବସ୍ଥା ଥାଏ। ପ୍ରାୟ ପ୍ରତିଦିନ ଏଠାରେ ରୋଷେଇ ହୁଏ। ଥିଲାବାଲା ସାଙ୍ଗ ରୋଷେଇର ସମସ୍ତ ବ୍ୟବସ୍ଥା କରିଥାନ୍ତି। ଘିଅ, ମହୁ, ଛେନା, ରାବିଡ଼ି, କାଜୁ, କିସ୍‌ମିସ୍, ଲହୁଣି ବ୍ୟବହୃତ ହୋଇ ଗରିଷ୍ଠ ବା ଆଭିଜାତ୍ୟପୂର୍ଣ୍ଣ ଖାଦ୍ୟ ପ୍ରସ୍ତୁତ ହୋଇଥାଏ। ମଞ୍ଜ କଦଳୀପତ୍ରରେ ଖାଦ୍ୟ ପରଷା ଯାଏ। ଭାଙ୍ଗ ନିଶା ସେତେବେଳକୁ ଆସ୍ତେ ଆସ୍ତେ ମସ୍‌ଗୁଲ କରିଥାଏ। ସମସ୍ତେ ସାଙ୍ଗ ହୋଇ ବସିଖାନ୍ତି। ହସଖୁସିର ଆସର ଜମେ। ବିଳମ୍ବିତ ରାତିରେ ସମସ୍ତେ ନିଜ ନିଜ ଘରକୁ ଫେରିଥାନ୍ତି। ଭାଇଚାରାର ଏହି ପରମ୍ପରା ସହାବସ୍ଥାନର ବାର୍ତ୍ତା ବି ଦେଇଥାଏ। ସମସ୍ତେ ସମସ୍ତଙ୍କୁ ସହଯୋଗ କଲା ଭଳି ବାତାବରଣଟିଏ ଏଥିରୁ ମିଳିଥାଏ। ହେଲେ ସେ ପରମ୍ପରା ଆଜି ବନ୍ଦ ହୋଇଯାଇଛି। ଏଥିରେ କରୋନା ସାଜିଛି ବାଧକ। ଏବେ ସବୁ ଶୁନଶାନ୍। କେହି ଏକାଠି ବସିପାରୁନାହାନ୍ତି, କିମ୍ବା ପଙ୍ଗତ ପଡୁନି। ଜାଗା ପୋଖରୀରେ ଗାଧୁଆ ବି ହେଉନି। ଭାଙ୍ଗ ସରବତର ଆସର ଜମୁନି କି ଜାଗା, ଆଖଡ଼ାରେ କୁସ୍ତି କସରତ କରାଯାଉନି। ଗଞ୍ଜପା, ଚଉସାର ଏବଂ ପଶାପାଲିର ଛଅ ତିନିପୁଅ ନଅ ଡାକ ବି ଶୁଭୁନି। ସମସ୍ତଙ୍କୁ ନିଜ ନିଜ ଘରେ କରୋନା ଯେପରି ବନ୍ଦୀ କରିଦେଇଛି।

ପ୍ରମୋଦ ମହାପାତ୍ର କହିଛନ୍ତି, ସାଙ୍ଗ-ଭାଙ୍ଗ-ପଙ୍ଗତ ପୁରୀର ଏକ ନିଆରା ସଂସ୍କୃତି। ଜାଗା ଆଖଡାରେ ଭାଙ୍ଗ ବଟାଯିବ, ସମସ୍ତେ ସାଙ୍ଗ ହୋଇ ଭାଙ୍ଗ ସରବତ ପିଇବା ପ୍ରାୟ ସବୁଦିନିଆ ଘଟଣା। ସେହିପରି ଜାଗା ଆଖଡାରେ କୁସ୍ତି, କସରତ ଏବଂ ଭୋଜି ବି ହୋଇଥାଏ। ସମସ୍ତେ ଏକାଠି ବସି ଖିଆପିଆ କରିଥାନ୍ତି। ହେଲେ ବର୍ତ୍ତମାନ କରୋନା ପାଇଁ କଟକଣା ଲାଗିଥିବାରୁ ଏ ସବୁ ବନ୍ଦ ରହିଛି। ସଞ୍ଜ ନଇଁଲେ ପୁରୀରେ ଅଧିକାଂଶ ଲୋକ ଭାଙ୍ଗ ଖାଇଥାନ୍ତି। କିନ୍ତୁ ଦୋକାନ ବଜାର ବନ୍ଦ ରହିଥିବାରୁ ଏହା ସମ୍ଭବ ହୋଇପାରୁନାହିଁ। ଯାହା ବି ହେଉ ବର୍ତ୍ତମାନ କରୋନା ମୁକାବିଲା ପାଇଁ ସରକାରଙ୍କ ପକ୍ଷରୁ ଯେଉଁ କଟକଣା ଲଗାଯାଇଛି ତାହାକୁ ସମସ୍ତେ ମାନିବା ଦରକାର।





## ପ୍ରବାସୀ ଓଡ଼ିଆଙ୍କ ସମ୍ପର୍କରେ ଆଲୋଚନା କଲେ କେନ୍ଦ୍ରମନ୍ତ୍ରୀ

**ଭୁବନେଶ୍ୱର, ୨୯।୩(ବ୍ୟୁରୋ):** ବିଭିନ୍ନ ରାଜ୍ୟରେ ଫସି ରହିଥିବା ଓଡ଼ିଆଙ୍କ ସମସ୍ୟା ନେଇ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ରବିବାର କେନ୍ଦ୍ରମନ୍ତ୍ରୀ ପ୍ରତାପ ଷଡ଼ଙ୍ଗୀଙ୍କ ସମେତ ଭାଜପାର ବରିଷ୍ଠ ନେତାମାନଙ୍କ ସହ ଭିଡିଓ କନ୍‌ଫରେନ୍ସ ଜରିଆରେ ଆଲୋଚନା କରିଛନ୍ତି। ଏହି ଅବସରରେ ଧର୍ମେନ୍ଦ୍ର କହିଛନ୍ତି ଯେ, କରୋନା ସମୟରେ ରାଜ୍ୟର ଲୋକମାନେ ବିଭିନ୍ନ ରାଜ୍ୟରେ ଫସି ରହିଥିବା ବେଳେ ସେମାନଙ୍କ ଖାଇବା, ରହିବା, କରୋନା ସତର୍କତା ଏବଂ ସୁରକ୍ଷା ନେଇ ସମସ୍ୟା ସମାଧାନ ନିମନ୍ତେ ତୁରନ୍ତ ପଦକ୍ଷେପ ନେବା ଜରୁରୀ। ଅନ୍ୟ ରାଜ୍ୟରେ ଥିବା ଓଡ଼ିଆ ବିଶେଷଭାବେ ଶ୍ରମିକମାନଙ୍କ ତାଲିକା, ଫୋନ୍ ନମ୍ବର ପ୍ରସ୍ତୁତ କରି ସେମାନଙ୍କ ସହ ଯୋଗାଯୋଗ ରଖାଯାଉଛି। ବିଭାଗୀୟ ମନ୍ତ୍ରଣାଳୟ ଅଫିସ ଓ ମନ୍ତ୍ରୀ ଷଡ଼ଙ୍ଗୀଙ୍କ କାର୍ଯ୍ୟାଳୟରୁ ଜିଲାପାଳମାନଙ୍କ ସହ ଯୋଗାଯୋଗ କରାଯାଉଛି ବୋଲି ସେ କହିଛନ୍ତି। ଦେଶରେ କରୋନା ଭୂତାଣୁ ବିରୋଧରେ ମୁକାବିଲା ଲାଗି ଧର୍ମେନ୍ଦ୍ର ପ୍ରଧାନମନ୍ତ୍ରୀ ରାଷ୍ଟ୍ରୀୟ ରିଲିଫ୍ ପାଣ୍ଠିକୁ ନିଜ ମାସକର ଦରମା ସମେତ ଏମ୍‌ପି ଲାଡ୍‌ରୁ ୧ କୋଟି ଟଙ୍କା ପ୍ରଦାନ କରିଛନ୍ତି। ଏ ନେଇ ଧର୍ମେନ୍ଦ୍ର ଟୁଇଟ୍ କରି ଜଣାଇଛନ୍ତି।

## ଦିନକୁ ୮ଘଣ୍ଟା ଡ୍ୟୁଟି କରିବେ ପୋଲିସ କର୍ମଚାରୀ

**ସପ୍ତାହରେ ଦିନେ ଛୁଟି**

**କଟକ ଅଫିସ,୨୯।୩:** କରୋନା ଭୂତାଣୁ ସଂକ୍ରମଣକୁ ରୋକିବା ପାଇଁ ସାରା ଦେଶରେ ଲକ୍‌ଡାଉନ୍ ଜାରି ହୋଇଛି। ଓଡ଼ିଶାରେ ବି ଏହାର ପ୍ରଭାବ ଦେଖିବାକୁ ମିଳୁଛି। ଲକ୍‌ଡାଉନ୍‌କୁ କାର୍ଯ୍ୟକାରୀ କରିବାର ଗୁରୁଦାୟିତ୍ୱ ପୋଲିସ କର୍ମଚାରୀଙ୍କ ଉପରେ ରହିଛି। ଦିନତମାମ୍ ସେମାନଙ୍କୁ ବିଭିନ୍ନ ଛକ ଏବଂ ପ୍ରମୁଖ ସ୍ଥାନଗୁଡ଼ିକରେ ମୁତୟନ କରାଯାଉଛି। ଅନେକେ ବିଶ୍ରାମ ପାଉନାହାନ୍ତି। ଏହାକୁ ଗମ୍ଭୀରତାର ସହ ନେଇଛନ୍ତି ପୋଲିସ ମହାନିର୍ଦ୍ଦେଶକ ଅଭୟ। ସେ ପୋଲିସ କର୍ମଚାରୀଙ୍କ ପାଇଁ କାର୍ଯ୍ୟ ନିର୍ଘଣ୍ଟ କରିଛନ୍ତି। ଏକ ପ୍ରେସ୍ ବିବୃତିରେ କୁହାଯାଇଛି ଯେ, ବର୍ତ୍ତମାନ ସରକାର ୩ ସପ୍ତାହ ପାଇଁ ଲକ୍‌ଡାଉନ୍ ଘୋଷଣା କରିଛନ୍ତି। କିନ୍ତୁ କୋଭିଡ୍-୧୯ ସମ୍ପର୍କିତ ନିୟମର ପ୍ରବର୍ତ୍ତନ ଆଉ କିଛି ମାସ ଧରି ଜାରି ରହିପାରେ। ବର୍ତ୍ତମାନ ନିୟମକୁ ଠିକ୍ ଭାବେ ପାଳନ କରାଯାଉଥିବାରୁ ଅନେକ ସୁଧାର ଆସିଛି। ଏ ବାବଦରେ ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଅଭୟ ଜିଲା ଆରକ୍ଷୀ ଅଧୀକ୍ଷକ ଏବଂ ଡିସିପିମାନଙ୍କ ସହ ଭିଡିଓ କନ୍‌ଫରେନ୍ସ ମାଧ୍ୟମରେ ଆଲୋଚନା କରି ଏକ ମାର୍ଗଦର୍ଶିକା ପ୍ରକାଶ କରିଛନ୍ତି। ସମସ୍ତ ଜିଲା ଆରକ୍ଷୀ ଅଧୀକ୍ଷକ ଏବଂ ଡିସିପିଙ୍କୁ ପରାମର୍ଶ ଦିଆଯାଇଛି କି, ସେମାନେ ବିଭିନ୍ନ ସହର ଓ ସଡ଼କରେ ମୁତୟନ ପୋଲିସ କର୍ମଚାରୀଙ୍କ କାର୍ଯ୍ୟ ନିର୍ଘଣ୍ଟକୁ ପୁନଃ ସମୀକ୍ଷା କରିବେ। ଯଥାସମ୍ଭବ ନିଶ୍ଚିତ କରିବେ ଯେ, ନିୟୋଜିତ ପୋଲିସ କର୍ମଚାରୀମାନେ ସପ୍ତାହରେ ଦିନଟିଏ ବିଶ୍ରାମ ପାଇବେ। ଏଥିସହ ସେମାନଙ୍କ ଦୈନିକ କାର୍ଯ୍ୟ ଅବଧି ୮ଘଣ୍ଟାରୁ ଅଧିକ ହେବ ନାହିଁ ବୋଲି ସେ ନିର୍ଦ୍ଦେଶ ଦେଇଛନ୍ତି। ତେବେ ଅଧିକାଂଶ ଜିଲା ଏହାକୁ କାର୍ଯ୍ୟକାରୀ କରିବା ଆରମ୍ଭ କରିଦେଇଥିବା ସୂଚନା ମିଳିଛି।

# ଇଟାଲୀରେ ୧୦,୭୭୯ ଜଣଙ୍କ ମୃତ୍ୟୁ

- ବିଶ୍ୱରେ ଆକ୍ରାନ୍ତଙ୍କ ସଂଖ୍ୟା ୭ ଲକ୍ଷ ଟପିଲା
- ମୋଟ ମୃତ୍ୟୁସଂଖ୍ୟା ୩୩,୫୨୨
- ଆମେରିକାରେ ଉଦ୍‌ବେଗଜନକ ଭାବେ ବଢ଼ୁଛି ମୃତକ ଓ ସଂକ୍ରମିତଙ୍କ ସଂଖ୍ୟା



| ଦେଶ | ମୋଟ ସଂକ୍ରମିତ | ରବିବାର ସଂକ୍ରମିତ | ମୋଟ ମୃତ୍ୟୁ | ରବିବାର ମୃତ୍ୟୁ | ଆରୋଗ୍ୟ ହୋଇଛନ୍ତି | ଚିକିତ୍ସାଧୀନ |
|---|---|---|---|---|---|---|
| ଆମେରିକା | ୧,୩୩,୦୯୪ | +୯,୫୧୬ | ୨,୩୬୩ | +୧୪୨ | ୪,୩୭୮ | ୧,୨୬,୩୫୩ |
| ଇଟାଲି | ୯୭,୬୮୯ | +୫,୨୧୭ | ୧୦,୭୭୯ | +୭୫୬ | ୧୩,୦୩୦ | ୭୩,୮୮୦ |
| ଚାଇନା | ୮୧,୪୩୯ | +୪୫ | ୩,୩୦୦ | +୫ | ୭୫,୪୪୮ | ୨,୬୯୧ |
| ସ୍ପେନ | ୭୮,୭୯୯ | +୫,୫୬୪ | ୬,୬୦୬ | +୬୨୪ | ୧୪,୭୦୯ | ୫୭,୪୮୪ |
| ଜର୍ମାନୀ | ୬୦,୬୫୯ | +୨,୯୬୪ | ୪୮୨ | +୪୯ | ୯,୨୧୧ | ୫୦,୯୬୬ |
| ଫ୍ରାନ୍ସ | ୪୦,୧୭୪ | +୨,୫୯୯ | ୨,୬୦୬ | +୨୯୨ | ୭,୨୦୨ | ୩୦,୩୬୬ |
| ଇରାନ | ୩୮,୩୦୯ | +୨,୯୦୧ | ୨,୬୪୦ | +୧୨୩ | ୧୨,୩୯୧ | ୨୩,୨୭୮ |
| ବ୍ରିଟେନ | ୧୯,୫୨୨ | +୨,୪୩୩ | ୧,୨୨୮ | +୨୦୯ | ୧୩୫ | ୧୮,୧୫୯ |
| ପାକିସ୍ତାନ | ୧୫୨୬ | +୩୧ | ୧୪ | +୩ | ୧୦ | ୧୨୧୯ |
| ଭାରତ | ୧୧୩୩ | +୧୦୪ | ୨୬ | +୩ | ୯୦ | ୧୦୧୬ |

ରୋମ୍/ୱାଂଶିଟନ, ୨୯।୩

ସାରା ବିଶ୍ୱରେ କରୋନା ଭାଇରସ୍‌ର ପ୍ରକୋପ ଆଶାତୀତ ଭାବେ ବଢ଼ିଚାଲିଛି। ଅନେକ ଦେଶରେ ଲକ୍‌ଡାଉନ୍ ଥିବା ସତ୍ତ୍ୱେ କରୋନା ଭାଇରସ୍ ସଂକ୍ରମଣ ଅନିୟନ୍ତ୍ରିତ ହୋଇପଡ଼ିଛି। ବିଶେଷକରି ଇଟାଲୀରେ ସବୁଠୁ ଅଧିକ ମୃତ୍ୟୁ ଘଟିଥିବାବେଳେ ସଂକ୍ରମିତଙ୍କ ସଂଖ୍ୟାରେ ଆମେରିକା ଆଗରେ ରହିଛି। ରବିବାର ରାତି ୧୧ଟା ସୁଦ୍ଧା ସାରା ବିଶ୍ୱରେ ମୋଟ ସଂକ୍ରମିତଙ୍କ ସଂଖ୍ୟା ୭ ଲକ୍ଷ ୭ ହଜାର ୧୫୧ ଥିବାବେଳେ ସେଥିରୁ ୧ ଲକ୍ଷ ୫୦ ହଜାର ୭୩୨ଜଣ ଆରୋଗ୍ୟ ହୋଇଛନ୍ତି। ସେହିପରି ମୋଟ ମୃତ୍ୟୁସଂଖ୍ୟା ୩୩,୫୨୨ ହୋଇଥିବାବେଳେ ରବିବାର ୨୬୬୫ଜଣଙ୍କ ମୃତ୍ୟୁ ଘଟିଛି। ଇଟାଲୀରେ ମୋଟ ମୃତ୍ୟୁସଂଖ୍ୟା ୧୦ ହଜାର ୭୯୯ ହୋଇଥିବାବେଳେ ରବିବାର ୭୫୬ଜଣଙ୍କ ମୃତ୍ୟୁ ଘଟିଛି।

ଆମେରିକାରେ ମଧ୍ୟ ମୃତ୍ୟୁ ସଂଖ୍ୟା ଦିନକୁ ଦିନ ବଢ଼ିବାରେ ଲାଗିଛି। ଏଠାରେ ଗତ ଫେବୃୟାରୀ ୨୯ରେ ଜଣଙ୍କର ମୃତ୍ୟୁ ଘଟିଥିଲା। ମାର୍ଚ୍ଚ ୨୧ ସୁଦ୍ଧା ମୃତ୍ୟୁସଂଖ୍ୟା ୩୦୧ରେ ପହଞ୍ଚିଥିଲା। ଏହାପରେ ମାର୍ଚ୍ଚ ୨୨ରେ ୧୧୩, ୨୩ରେ ୧୪୧, ୨୪ରେ ୨୨୫, ୨୫ରେ ୨୪୭, ୨୬ରେ ୨୬୮, ୨୭ରେ ୪୦୧ ଏବଂ ୨୮ ତାରିଖରେ ୫୨୫ଜଣଙ୍କ ମୃତ୍ୟୁ ଘଟି ମୋଟ ସଂଖ୍ୟା ୨୨୨୧ ହୋଇଥିଲା। ରବିବାର ରାତି ୧୧ଟା ସୁଦ୍ଧା ମୋଟ ମୃତ୍ୟୁସଂଖ୍ୟା ୨,୩୬୩କୁ ବୃଦ୍ଧିପାଇଥିବାବେଳେ ଗୋଟିଏ ଦିନରେ ୧୪୨ ଜଣ ଆଖିବୁଜିଛନ୍ତି। ସେହିପରି ଆମେରିକାରେ ସଂକ୍ରମିତଙ୍କ ସଂଖ୍ୟା ସବୁଠୁ ଉଦ୍‌ବେଗଜନକ ରହିଛି। ରବିବାର ସୁଦ୍ଧା ହସ୍ତଗତ ତଥ୍ୟ ଅନୁଯାୟୀ ମୋଟ ୧ ଲକ୍ଷ ୩୩ ହଜାର ୯୪ଜଣ ସଂକ୍ରମିତ ହୋଇଥିବାବେଳେ ସେଥିରୁ ୪,୩୭୮ଜଣ ଆରୋଗ୍ୟ ହୋଇପାରିଛନ୍ତି। ଦୈନିକ ହିସାବ କଲେ ଗତ ମାର୍ଚ୍ଚ ୨୧ରେ ୪,୮୨୫ ଜଣ ଆକ୍ରାନ୍ତ ହୋଇଥିବାବେଳେ ୨୨ରେ ୯ ହଜାର ୪୦୦, ୨୩ରେ ୧୦ ହଜାର ୧୮୯, ୨୪ରେ ୧୧ ହଜାର ୦୭୫, ୨୫ରେ ୧୩ ହଜାର ୩୫୫, ୨୬ରେ ୧୭ ହଜାର ୨୨୪, ୨୭ରେ ୧୮ ହଜାର ୬୯୧ ଏବଂ ୨୮ ତାରିଖରେ ୧୯ ହଜାର ୪୫୨ ଜଣ କୋରାନା ଭାଇରସ୍‌ରେ ସଂକ୍ରମିତ ହୋଇଛନ୍ତି।

# ଲକ୍‌ଡାଉନ୍ ନିୟମକୁ ଫୁଁ

## ମାଛ ମାର୍କେଟରେ ରବିବାରିଆ ଭିଡ଼

ପୁରୀ ଅଫିସ,୨୯।୩

ସମଗ୍ର ଦେଶରେ ଏବେ ୨୧ ଦିନିଆ ଲକ୍‌ଡାଉନ ଚାଲିଛି। କରୋନା ଭାଇରସ୍ ମୁକାବିଲା ପାଇଁ ଏଭଳି ଏକ ପଦକ୍ଷେପ ନିଆଯାଇଛି। ପୁରୀ ଜିଲା ପ୍ରଶାସନ ଲକ୍‌ଡାଉନ କଟକଣାକୁ କିପରି କଡ଼ାକଡ଼ି ଭାବେ ପାଳନ କରାଯିବ ସେ ଦିଗରେ ଉଦ୍ୟମ ଜାରି ରଖିଛି। କିନ୍ତୁ ରବିବାର ମାଛ ମାର୍କେଟରେ ଲକ୍‌ଡାଉନ ନିୟମକୁ ଖୋଲାଖୋଲି ଉଲ୍ଲଂଘନ କରିଛନ୍ତି ମାଛ ବ୍ୟବସାୟୀ ଓ ଗ୍ରାହକ। ସାମାଜିକ ଦୂରତାକୁ ଭୁଲି ଗୋଟିଏ ଦୋକାନରେ ଲାଗିଥିଲା ଗହଳି। ମାଛ ନେବା ପାଇଁ ମୁହଁକୁ ମୁହଁ ଯୋଡ଼ି ଛିଡା ହୋଇଥିଲେ ଗ୍ରାହକ।

କରୋନା ମୁକାବିଲା ପାଇଁ ସାମାଜିକ ଦୂରତା ରକ୍ଷା ଉପରେ ଅଧିକ ଗୁରୁତ୍ୱ ଦିଆଯାଇଛି। କେଉଁଠି ଯେପରି ଲୋକଙ୍କ ଗହଳି ନ ହେବ ସେଥିପାଇଁ ସାମାଜିକ କାର୍ଯ୍ୟକ୍ରମ ବନ୍ଦ ରହିଛି। ଏଥିପାଇଁ ଦେଶବ୍ୟାପୀ ଲକ୍‌ଡାଉନ ହୋଇଛି। କେବଳ ଅତ୍ୟାବଶ୍ୟକ ସାମଗ୍ରୀ କିଣିବା ପାଇଁ ଲୋକଙ୍କୁ ଘରୁ ବାହାରିବାକୁ ଅନୁମତି ଥିବାବେଳେ ଅନେକେ ଏହାର ଫାଇଦା ନେଉଛନ୍ତି। ଅତ୍ୟାବଶ୍ୟକ ସାମଗ୍ରୀ କିଣିବା ବାହାନାରେ ବିଭିନ୍ନ ଦୋକାନରେ ଭିଡ଼ ଜମାଉଛନ୍ତି। ତେଣୁ ପରିବା ହାଟ, ଦୋକାନ ସମ୍ମୁଖରେ ଗ୍ରାହକ ଛିଡ଼ା ହେବା ପାଇଁ ଚିହ୍ନ ଦିଆଯାଇଛି। ମାତ୍ର ମାଛ ମାର୍କେଟରେ ଏପରି କରାଯାଇ ନାହିଁ। ରବିବାର ସହରର ବିଭିନ୍ନ ମାଛ ମାର୍କେଟରେ ପୂର୍ବଭଳି ଭିଡ଼ ଦେଖିବାକୁ ମିଳିଥିଲା। ବ୍ୟବସାୟୀ ନା ଗ୍ରାହକ କେହି ବି ସାମାଜିକ ଦୂରତାକୁ ରକ୍ଷା କରି ନ ଥିଲେ। ଲକ୍‌ଡାଉନ ନିୟମକୁ ଖୋଲାଖୋଲି ଉଲ୍ଲଂଘନ କରିଥିଲେ। ଗୋଟିଏ ମାଛ ଦୋକାନ ସମ୍ମୁଖରେ ୧୦/୧୫ ଜଣ ଗହଳି କରି ଛିଡ଼ା ହୋଇଥିବା ଦେଖିବାକୁ ମିଳିଥିଲା। ଜଣେ ମାଛ ବ୍ୟବସାୟୀ କହିଛନ୍ତି, ଆମେ ଗ୍ରାହକଙ୍କୁ ଗୋଟିଏ ମିଟର ଦୂରତା ରକ୍ଷା କରିବା ଲାଗି କହୁଛୁ। ମାତ୍ର ସେମାନେ ଶୁଣୁନାହାନ୍ତି। ଆମେ କ'ଣ କରିବୁ ବୋଲି ସେ କହିଥିଲେ। ତେବେ ମାଛ ମାର୍କେଟ ଉପରେ ପ୍ରଶାସନ ପକ୍ଷରୁ ନଜର ଦିଆଯିବା ଦରକାର ବୋଲି ଅନେକ ବୁଦ୍ଧିଜୀବୀ କହିଛନ୍ତି।



ମାଛ ମାର୍କେଟରେ ଲୋକଙ୍କ ଭିଡ଼।

# ଲକ୍‌ଡାଉନ ଖିଲାପକାରୀଙ୍କ ଉପରେ ଚଢାଉ

## ୯ ବାଇକ୍, ୪ କାର୍, ଦେଶୀମଦ ଜବତ

ବାଲେଶ୍ୱର ଅଫିସ, ୨୯।୩

କରୋନା ଭୂତାଣୁ ସଂକ୍ରମଣ ରୋକିବା ଲାଗି ଦେଶବ୍ୟାପୀ ଲକ୍‌ଡାଉନ ଘୋଷଣା କରାଯାଇଛି। ବାଲେଶ୍ୱର ଜିଲା ନୀଳଗିରି ବ୍ଲକ ପୋଡାଶୂଳ ଛକରେ ରବିବାର ରାତି ୮ଟା ବେଳେ ଲକଡାଉନ ନିୟମକୁ ଅବମାନନା କରି କେତେକ ଯୁବକ ଏକାଠି ହେବା ସହ ଦୋକାନ ଆଗରେ ଭିଡ ଜମାଇଥିଲେ। ଖବରପାଇ ନୀଳଗିରି ଉପଜିଲାପାଳ ତଥା ମାଜିଷ୍ଟ୍ରେଟ ହରିଶ ଜେନା ଏକ ପ୍ଲାଟନ ପୋଲିସ ଫୋର୍ସ ସହ ଚଢାଉ କରିଥିଲେ। ଚଢାଉ ବେଳେ ଏକାଠି ହୋଇଥିବା ଯୁବକମାନେ ଭୟରେ କିଏ କୁଆଡେ ପଳାଇ ଯାଇଥିଲେ। ସେଠାରେ ଥିବା ୯ଟି ବାଇକ୍, ୪ କାର୍ ଓ ଦେଶମଦ ଜବତ କରାଯାଇଛି।

# କରୋନା ମୁକାବିଲା: ପ୍ରଶିକ୍ଷଣ ନେବେ ଏମ୍‌ବିବିଏସ୍ ଛାତ୍ରୀଛାତ୍ର

- ଡାକ୍ତର ଅଭାବ ପୂରଣ କରିବାକୁ ନୂଆ ପଦକ୍ଷେପ
- ପ୍ରଥମେ ସରକାରୀ ମେଡିକାଲ କଲେଜ ଛାତ୍ରୀଛାତ୍ରଙ୍କୁ ପ୍ରଶିକ୍ଷଣ

ଭୁବନେଶ୍ୱର,୨୯।୩(ବ୍ୟୁରୋ)

କରୋନା ମୁକାବିଲା ପାଇଁ ଏମ୍‌ବିବିଏସ୍ ଛାତ୍ରୀଛାତ୍ରଙ୍କୁ ସ୍ୱତନ୍ତ୍ର ପ୍ରଶିକ୍ଷଣ ଦେବେ ରାଜ୍ୟ ସରକାର। ବର୍ତ୍ତମାନ କୋଭିଡ୍-୧୯ର ଷ୍ଟେଜ୍-୩ ଆଶଙ୍କା ଦେଖାଦେଇଛି। ତେଣୁ ଆଗୁଆ ପ୍ରସ୍ତୁତି ସ୍ୱରୂପ ଏଭଳି ପଦକ୍ଷେପ ନେଇଛି ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ। ସଂକ୍ରମଣ ବ୍ୟାପିବା ପୂର୍ବରୁ ରାଜ୍ୟ ସ୍ୱାସ୍ଥ୍ୟ ବ୍ୟବସ୍ଥାକୁ ସୁଦୃଢ଼ କରିବାକୁ ଏମ୍‌ବିବିଏସ୍ ଛାତ୍ରୀଛାତ୍ରଙ୍କୁ ପ୍ରଶିକ୍ଷଣ ଦିଆଯାଇ ଆବଶ୍ୟକସ୍ଥଳେ କାର୍ଯ୍ୟରେ ନିୟୋଜିତ କରାଯିବ ବୋଲି କୁହାଯାଇଛି।

ବର୍ତ୍ତମାନ ସ୍ଥିତିରେ ରାଜ୍ୟରେ ଆବଶ୍ୟକ ସଂଖ୍ୟକ ଡାକ୍ତର ନାହାନ୍ତି। ଏହି ଅଭାବକୁ ଦୂର କରିବାକୁ ରାଜ୍ୟର ସମସ୍ତ ସରକାରୀ ମେଡିକାଲ କଲେଜର ୭ମ, ୮ମ ଏବଂ ୯ମ ସେମିଷ୍ଟର୍ ଏମ୍‌ବିବିଏସ୍ ଛାତ୍ରୀଛାତ୍ରଙ୍କୁ ପ୍ରଶିକ୍ଷଣ ଦିଆଯିବ। ପ୍ରୋଟୋକଲ୍ ଅନୁଯାୟୀ ପ୍ରାଥମିକ ପର୍ଯ୍ୟାୟରେ କେବଳ ସରକାରୀ ମେଡିକାଲ କଲେଜର ଛାତ୍ରୀଛାତ୍ରଙ୍କୁ ଏଥିରେ ସାମିଲ କରାଯିବ। ପରବର୍ତ୍ତୀ ପର୍ଯ୍ୟାୟରେ ବେସରକାରୀ ମେଡିକାଲ କଲେଜର ଉଭୟ ଡାକ୍ତର ଏବଂ ଏମ୍‌ବିବିଏସ୍ ଛାତ୍ରୀଛାତ୍ରଙ୍କୁ ମଧ୍ୟ ପ୍ରଶିକ୍ଷଣ ଦିଆଯିବ। ଏହାସହ ରାଜ୍ୟର ସମସ୍ତ ସରକାରୀ ଓ ବେସରକାରୀ ହସ୍ପିଟାଲରେ କାର୍ଯ୍ୟରତ ଡାକ୍ତରମାନଙ୍କୁ ରାଜ୍ୟ ସରକାର କରୋନା ସଂକ୍ରମିତଙ୍କ ଚିକିତ୍ସା ଲାଗି ପ୍ରଶିକ୍ଷଣ ଦେବେ। ଦ୍ରୁତ ସଂକ୍ରମିତ ରୋଗ ହୋଇଥିବାରୁ କେବଳ ଡାକ୍ତର ନୁହନ୍ତି, ଆଇସୋଲେଶନ ୱାର୍ଡରେ ରୋଗୀଙ୍କ ସିଧାସଳଖ ସଂସ୍ପର୍ଶରେ ଆସିବାକୁ ଥିବା ପାରାମେଡିକାଲ କର୍ମୀ ଏବଂ ଅନ୍ୟ ସମସ୍ତ ସ୍ୱାସ୍ଥ୍ୟକର୍ମୀଙ୍କୁ ସମସ୍ତ ପ୍ରୋଟୋକଲ୍‌କୁ ଅନୁକରଣ କରାଯାଇ ପ୍ରଶିକ୍ଷିତ କରାଯିବ। ବୋଲି ରାଜ୍ୟ ମୁଖ୍ୟ ଶାସନ ସଚିବ ଅସିତ ତ୍ରିପାଠୀ କହିଛନ୍ତି। ବରିଷ୍ଠ ଆଇଏଏସ୍ ଅଧିକାରୀ ଅନୁ ଗର୍ଗ ଏବଂ ଭୁପେନ୍ଦ୍ର ସିଂ ପୁନିଆ ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମର ସମସ୍ତ କାର୍ଯ୍ୟ ତଦାରଖ କରିବେ।

ପ୍ରଥମ ପୃଷ୍ଠାରୁ...

## ଦିନିକିଆ...

କରିପାରିବେ ନାହିଁ। ସେଥିଲାଗି ଏହି ଅଧିବେଶନରେ ମୁଖ୍ୟତଃ ବ୍ୟୟ ମଞ୍ଜୁରୀ ବିଲ୍ ପାସ୍ କରାଇବା ସରକାରଙ୍କ ମୂଳ ଉଦ୍ଦେଶ୍ୟ। ବିଲ୍ ପାସ୍ ଲାଗି ସବୁ ଦଳର ୩୦ ପ୍ରତିଶତ ବିଧାୟକଙ୍କ ଆବଶ୍ୟକତା ଥିବାରୁ ସେତିକି ଜଣଙ୍କୁ ଆସିବା ପାଇଁ କୁହାଯାଇଛି। କନଭେନ୍‌ଶନ ହଲ୍‌ରେ ଆସନ ଆୟୋଜନ କାହା ପାଇଁ କ'ଣ ରହିବ ସେପରି ନିର୍ଦ୍ଦିଷ୍ଟଭାବେ କରାଯାଇନାହିଁ। ସଦସ୍ୟମାନେ ସୁବିଧା ଅନୁଯାୟୀ ଦୂରତା ରଖି ବସିପାରିବେ।

ବିରୋଧୀ ଦଳ ନେତା ପ୍ରଦୀପ୍ତ କୁମାର ନାଏକ କରୋନା ସମ୍ପର୍କରେ ଅଧିବେଶନ ସମୟରେ ଆଲୋଚନା କରିବା ଲାଗି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଗତ ଦୁଇଦିନ ତଳେ ଏକ ଚିଠି ଲେଖି ଅନୁରୋଧ କରିଥିଲେ। ଉକ୍ତ ପତ୍ରରେ ସେ ଉଲ୍ଲେଖ କରିଥିଲେ ଯେ, ଯଦି ବିରୋଧୀଙ୍କୁ ସାଙ୍ଗରେ ନେଇ କରୋନା ମୁକାବିଲା ନେଇ ଯଦି ଆଲୋଚନା କରା ନ ଯିବ ତେବେ ସରକାରଙ୍କ ନାଁରେ ଏକ କଳଙ୍କିତ ଅଧ୍ୟାୟ ଯୋଡି ହୋଇଯିବ। ତେଣୁ ଭାଜପା ସଦସ୍ୟ କରୋନା ସମ୍ପର୍କରେ ଏକ ବିଶେଷ ଆଲୋଚନା ଲାଗି ଦାବି କରିବେ ବୋଲି ଜଣାପଡିଛି। ସେହିପରି କଂଗ୍ରେସ ପକ୍ଷରୁ କେଉଁ ସଦସ୍ୟମାନେ ଭିତରକୁ ଯିବେ ସେ ନେଇ ସ୍ଥିର ହୋଇନାହିଁ। ମାତ୍ର କଂଗ୍ରେସ ସଦସ୍ୟମାନେ ମଧ କରୋନା ସମ୍ପର୍କରେ ବିଶେଷ ଆଲୋଚନା ଦାବି କରିବାର ଯଥେଷ୍ଟ ସମ୍ଭାବନା ଥିବା ଜଣାପଡ଼ିଛି।

## ଅଂଶୁଘାତ...

ଆରମ୍ଭ କରିବାକୁ କୁହାଯାଇଛି। ଗ୍ରୀଷ୍ମ ପ୍ରବାହ ଯୋଜନା-୨୦୨୦ ପାଇଁ ଥିବା ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରୋସିଡିଓର(ଏସ୍‌ଓପି) ନେଇ ଆଲୋଚନା କରାଯିବା ଆବଶ୍ୟକ। ନଚେତ କରୋନା ମୁକାବିଲା ସମୟରେ ଗ୍ରୀଷ୍ମପ୍ରବାହ ଆମ ପାଇଁ ବଡ଼ ସମସ୍ୟା ସୃଷ୍ଟି କରିବ। ଓସ୍‌ଡମା ପକ୍ଷରୁ ପୂର୍ବରୁ ଜିଲାପାଳମାନଙ୍କୁ ଗ୍ରୀଷ୍ମପ୍ରବାହ ଯୋଜନା ସଂକ୍ରାନ୍ତରେ ଅବଗତ କରାଯାଇଛି। ବିଭିନ୍ନ ବିଭାଗ ସମନ୍ୱୟ ରକ୍ଷା କରି କିଭଳି ପଦକ୍ଷେପ ଗ୍ରହଣ କରିବେ ତାହା ବିସ୍ତୃତ ଭାବେ ଉଲ୍ଲେଖ ରହିଛି। ଅଂଶୁଘାତ ମୁକାବିଲା କାର୍ଯ୍ୟରେ କୌଣସି ସମସ୍ୟା ଉପୁଜିଲେ ତୁରନ୍ତ ସେ ସଂକ୍ରାନ୍ତରେ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଜଣାଇବାକୁ କୁହାଯାଇଛି।

## କରୋନାରେ...

ବ୍ରିଟେନ ଯୁବରାଜ ପ୍ରିନ୍ସ ଚାର୍ଲ୍ସ ଏବଂ ମୋନାକୋର ପ୍ରିନ୍ସ ଆଲବର୍ଟ ଦ୍ୱିତୀୟଙ୍କଠାରେ କରୋନା ପଜିଟିଭ୍ ଚିହ୍ନଟ ହୋଇଥିଲା।

ବ୍ରିଟେନରେ ୧୦୮ ବର୍ଷୀୟ ସବୁଠୁ ବୟସ୍କା ମହିଳା ହିଲ୍‌ଦା ଚର୍ଚ୍ଚିଲଙ୍କୁ କରୋନା ସଂକ୍ରମିତ ହୋଇଥିବା ଜଣାପଡିବାର କିଛି ସମୟ ପରେ ତାଙ୍କର ମୃତ୍ୟୁ ଘଟିଛି। ସେ ସାଲଫୋର୍ଡର କେନ୍ୟୋନ ଲଜ୍ କେୟାର ହୋମ୍‌ରେ କିଛିଦିନ ହେଲା ନିଜକୁ ଆଇସୋଲେଶନରେ ରଖିଥିଲେ।

## ଲକ୍‌ଡାଉନ୍...

ତେଣୁ ସମସ୍ତଙ୍କୁ ସତର୍କ ରହିବାକୁ ହେବ। ଲକ୍ଷଣ ନ ଥିବା ସତ୍ତ୍ୱେ କେତେଜଣ କ୍ୱାରାଣ୍ଟାଇନରେ ରହିଥିବାରୁ ପ୍ରଧାନମନ୍ତ୍ରୀ ସେମାନଙ୍କ ଦାୟିତ୍ୱବୋଧକୁ ପ୍ରଶଂସା କରିଛନ୍ତି। ଲକ୍‌ଡାଉନ ସମୟରେ କିଛି ଲୋକ ସେମାନଙ୍କ ପୁରୁଣା ବାଦ୍ୟଯନ୍ତ୍ର ବାହାର କରି ଅଭ୍ୟାସ କରିବା ଆରମ୍ଭ କରିଛନ୍ତି। ଅନ୍ୟମାନେ ମଧ ଏହି ସମୟର ସଦୁପଯୋଗ କରିବାକୁ ପ୍ରଧାନମନ୍ତ୍ରୀ ପରାମର୍ଶ ଦେଇଛନ୍ତି।

## ଦୁଇଦିନ...

ଓ କେନ୍ଦୁଝରକୁ ସତର୍କ କରାଯାଇଛି। ଏସବୁ ଜିଲାକୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ମଙ୍ଗଳବାର ରାୟଗଡ଼ା, କୋରାପୁଟ, କନ୍ଧମାଳ, ବୌଦ୍ଧ, ଗଜପତି, କଳାହାଣ୍ଡି, କେନ୍ଦୁଝର, ମୟୂରଭଞ୍ଜ ଓ ଗଞ୍ଜାମ ଜିଲାରେ ବର୍ଷା ହେବାର ଆଶଙ୍କା ରହିଛି। ଝଡ଼ତୋଫାନ ଓ ବଜ୍ରପାତ ନେଇ ବିଭିନ୍ନ ଜିଲାକୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ଏହି ଜିଲାଗୁଡ଼ିକ ହେଲା ରାୟଗଡ଼ା, ଗଜପତି, କୋରାପୁଟ, କନ୍ଧମାଳ, କେନ୍ଦୁଝର ଓ ମୟୂରଭଞ୍ଜ।

ଅନ୍ୟପକ୍ଷରେ ରବିବାର ଅନୁଗୋଳରେ ସର୍ବାଧିକ ତାପମାତ୍ରା ୩୯.୫ଡିଗ୍ରୀ ଥିବାବେଳେ ନୟାଗଡ଼ ୩୯, ବାରିପଦା ୩୮.୮, ଭୁବନେଶ୍ୱର ଓ ଟିଟିଲାଗଡ଼ରେ ୩୮.୫ଡିଗ୍ରୀ ତାପମାତ୍ରା ରେକର୍ଡ କରାଯାଇଛି। ଆସନ୍ତା ତିନିଦିନ ପର୍ଯ୍ୟନ୍ତ ଉପକୂଳ ଓଡ଼ିଶାରେ ତାପମାତ୍ରା ୨ରୁ ୩ ଡିଗ୍ରୀ ଏବଂ ଆଭ୍ୟନ୍ତରୀଣ ଓଡ଼ିଶାରେ ୨ଦିନ ପର୍ଯ୍ୟନ୍ତ ୧ରୁ ୨ଡିଗ୍ରୀ ବଢ଼ିପାରେ ବୋଲି ଆଞ୍ଚଳିକ ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି।



## ଜିଲା ଚିଠି
## ଗଜପତି

# କରୋନା ବିଗାଡ଼ିଲା

ଭାଇରସ୍ ସାରା ବିଶ୍ୱରେ ଅଚଳାବସ୍ଥା ସୃଷ୍ଟି କରିଛି। କରୋନାକୁ ପ୍ରତିହତ କରିବାକୁ ପ୍ରଧାନମନ୍ତ୍ରୀ ସମଗ୍ର ଭାରତକୁ ଲକ୍‌ଡାଉନ୍ ଘୋଷଣା କରିଛନ୍ତି। ଜୀବନ ବଞ୍ଚାଇବା ପାଇଁ ଲୋକେ ସରକାରଙ୍କ ନିଷ୍ପତ୍ତିକୁ ସ୍ୱାଗତ କରି ନିଜକୁ ଘରେ ବନ୍ଦ କରି ରଖିଛନ୍ତି। ହେଲେ ଆର୍ଥିକ ସ୍ଥିତି ବିଗିଡ଼ିବାରେ ଲାଗିଛି। ଓଡ଼ିଶାର ସୀମାନ୍ତବର୍ତ୍ତୀ ଗଜପତି ଜିଲାରେ ଏବେ ପରିସ୍ଥିତି ସଙ୍ଗୀନ ହୋଇଛି। ତିତ୍‌ଲି ବାତ୍ୟା ଓ ଏହା ପରବର୍ତ୍ତୀ ବନ୍ୟାରେ ଏହି ଜିଲା ସର୍ବାଧିକ କ୍ଷତିଗ୍ରସ୍ତ ହୋଇଥିଲା। ତଥାପି ଲୋକେ ମେରୁଦଣ୍ଡ ସଳଖି ଠିଆ ହେବାକୁ ଚେଷ୍ଟା କରିଥିଲେ। ହେଲେ କରୋନା ଭାଇରସ୍ ଜିଲା ଅର୍ଥନୀତିକୁ ସମ୍ପୂର୍ଣ୍ଣ ଦୋହଲାଇଦେଇଛି। ଆନ୍ଧ୍ର ସୀମାନ୍ତ ଜିଲାଭାବେ ବ୍ୟବସାୟ କ୍ଷେତ୍ରରେ ଜିଲାବାସୀ ପଡ଼ୋଶୀ ରାଜ୍ୟ ଉପରେ ନିର୍ଭରଶୀଳ। ଅନୁରୂପ ଭାବେ ଆନ୍ଧ୍ର ସୀମାନ୍ତ ଅଞ୍ଚଳର ଲୋକେ ମଧ ଗଜପତି ଜିଲା ଉପରେ ନିର୍ଭର କରିଥାନ୍ତି। ହେଲେ କରୋନାର ଭୟାବହତାକୁ ନଜରରେ ରଖି ଲକଡାଉନ୍ ଘୋଷଣା ଯୋଗୁ ପାରଳାଖେମୁଣ୍ଡି ଠାରୁ ଆନ୍ଧ୍ରକୁ ସଂଯୋଗ କରୁଥିବା ପୁରୁଣାପାଟଣା, ଢାମୁଣୀଗାଁ-ମିଳିଆପୁଟି, ଲାବଣ୍ୟଗଡ଼-ଗୋପିଲୀ, ହାଡୁଭାଙ୍ଗି-କଡୁରୁକୁ ସଂଯୋଗ କରୁଥିବା ସମସ୍ତ ରାସ୍ତା ସିଲ୍ କରାଯାଇଛି। ବ୍ୟବସାୟ ପାଇଁ ପନିପରିବା, ଫଳ, ମାଛ, କୁକୁଡ଼ା ଆଦି ପାଇଁ ଜିଲାବାସୀ ଆନ୍ଧ୍ର ଉପରେ ନିର୍ଭର କରନ୍ତି। ଏବେ ବ୍ୟବସାୟୀ, ଶ୍ରମିକ ସମସ୍ତେ ଘରେ ବସିଥିବାରୁ କୌଣସି ଜିନିଷ ଆମଦାନୀ ହୋଇପାରୁନି। ସେହିପରି ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ମଧ ଗଜପତି ଜିଲାବାସୀ ବିଶାଖାପାଟଣା ଏବଂ ଶ୍ରୀକାକୁଲମ୍ ଉପରେ ନିର୍ଭରଶୀଳ। ହେଲେ ସୀମା ସିଲ୍ ଏବଂ ଯାନବାହନ ଚଳାଚଳ ବନ୍ଦ ଯୋଗୁ ଅନେକ ଗାଡ଼ି ମାଲିକ ତଥା ଚାଳକଙ୍କ ରୋଜଗାର ବନ୍ଦ ହୋଇଛି। ବିଶେଷକରି ଜଙ୍ଗଲଜାତ ଦ୍ରବ୍ୟ ବିକ୍ରି କରି ପରିବାର ଚଳାଉଥିବା ଉପାନ୍ତ ଅଞ୍ଚଳର ଆଦିବାସୀ ଲୋକଙ୍କ ଜୀବନ ଦୁର୍ବିସହ ହୋଇପଡ଼ିଛି। ମହାମାରୀ କରୋନାର କାୟା ବିସ୍ତାରକୁ ରୋକିବା ପାଇଁ ଜିଲା ପ୍ରଶାସନ ଏବଂ ସରକାର ଉପଯୁକ୍ତ ପଦକ୍ଷେପ ନେଇଛନ୍ତି। ଏହାକୁ ଜିଲାବାସୀ ସ୍ୱତଃସ୍ଫୂର୍ତ୍ତ ସମର୍ଥନ ଜଣାଇଛନ୍ତି। ଏବେ ଆର୍ଥିକ କଷ୍ଟ ବାଧୁଥିଲେ ମଧ ସତର୍କ ରହିଲେ ଶୀଘ୍ର ସମସ୍ୟା ଦୂର ହେବ ଏବଂ ପୁଣି ରୋଜଗାରର ଉପାୟ ମିଳିପାରିବ ବୋଲି ସମସ୍ତେ ଆଶା ବାନ୍ଧିଛନ୍ତି।

- ରଶ୍ମିରଞ୍ଜନ ମିଶ୍ର

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ଆଜି ରାଶ୍ୟାଧିପତି ସହ ଅନ୍ୟ ଦୁଇଟି ଗ୍ରହଙ୍କ ସମାବେଶ କର୍ମକ୍ଷେତ୍ରରେ ବିବାଦୀୟ ପରିସ୍ଥିତି ସୃଷ୍ଟି କରିପାରନ୍ତି। ପରିବାରରେ ସାମାନ୍ୟ କଥାକୁ କେନ୍ଦ୍ରକରି ପାରିବାରିକ କ୍ଷେତ୍ରରେ ସମସ୍ୟାଜନିତ ଟେନ୍‌ସନ ସୃଷ୍ଟି କରିବ। ବ୍ୟବସାୟ କ୍ଷେତ୍ରରେ କେତେକ ସୁବିଧା ସୁଯୋଗ ପାଇ ଖୁସି ହୋଇପାରନ୍ତି।

**ବୃଷ** ସ୍ୱଗୃହୀ ଶୁକ୍ର ପ୍ରଭାବରେ ଆରୋଗ୍ୟଲାଭ କରିବେ ଏବଂ ବନ୍ଧୁଙ୍କ ପରାମର୍ଶରୁ ଆଶ୍ୱସ୍ତି ଲାଭ କରିପାରନ୍ତି। ଶିଳ୍ପ, ବାଣିଜ୍ୟ ଓ ପରିବହନ ସକାଶେ ଦିନଟି ବହୁତ ଭଲ। ବନ୍ଧୁସମ୍ପର୍କରେ ଉନ୍ନତି ଘଟିବ ଏବଂ ଫଳପ୍ରଦ ଆଲୋଚନା କରିପାରନ୍ତି। ଗଠନମୂଳକ ପରାମର୍ଶ ଦେଇ ବନ୍ଧୁ ଗହଣରେ ପ୍ରଶଂସିତ ହୋଇପାରନ୍ତି।

**ମିଥୁନ** ରାଶିରେ ବଳବାନ୍ ରାହୁ ଏବଂ ଭାଗ୍ୟସ୍ଥ ବୁଧ ଯୋଗୁ ଯେଉଁ କାମରେ ହାତ ଦିଅନ୍ତୁନା କାହିଁକି,ଆପଣଙ୍କ ଚେଷ୍ଟା କଦାପି ନିଷ୍ଫଳ ହେବନାହିଁ। ଭାଇ,ବନ୍ଧୁ କିମ୍ବା ପଡୋଶୀମାନଙ୍କ ସହ ଆଲୋଚନା ଫଳପ୍ରଦ ହେବ। ନିର୍ମାଣାଧୀନ କାମ ଓ ଆନୁଷ୍ଠାନିକ କାମରେ କେତେକ ବ୍ୟତିକ୍ରମ ସୃଷ୍ଟି ହେବାର ସୂଚନା ରହିଛି।

**କର୍କଟ** ଚନ୍ଦ୍ର ଏବଂ ମଙ୍ଗଳଙ୍କ ଉଚ୍ଚାବସ୍ଥାନ ଆପଣଙ୍କ କାର୍ଯ୍ୟସିଦ୍ଧି, ଆର୍ଥିକ ଉନ୍ନତି ସହ ବନ୍ଧୁସମ୍ପର୍କକୁ ଦୃଢ଼ୀଭୂତ କରିବ। ଅତୀତର ଘଟଣାଗୁଡିକର ସମୀକ୍ଷା କରି ଚିନ୍ତିତ ରହିପାରନ୍ତି। ଅର୍ଥଲାଭ କରିବା ସକାଶେ ବନ୍ଧୁଙ୍କ ସହ ଆଲୋଚନା କରିପାରନ୍ତି। କର୍ମକ୍ଷେତ୍ରରେ ସହକର୍ମୀଙ୍କୁ ମନେଇ କାର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ।

**ସିଂହ** ସାମାନ୍ୟ ଅସ୍ଥିରତା ଲାଗି ରହିଲେ ମଧ ଦୈହିକ ସୁସ୍ଥତା ଅକ୍ଷୁଣ୍ଣ ରହିଥିବାରୁ ଆଶ୍ୱସ୍ତି ଅନୁଭବ କରିବେ। ପଦସ୍ଥବ୍ୟକ୍ତିଙ୍କ ପରାମର୍ଶରେ କର୍ମକ୍ଷେତ୍ରରେ ରହିଥିବା ସମସ୍ୟା ସମାଧାନ ହୋଇଯିବ। ଯେତେ ଭଲ କଥା କହିଲେ ମଧ ବନ୍ଧୁ ଭୁଲ୍ ବିଚାର କରିପାରନ୍ତି। ସାମାଜିକ ସ୍ତରରେ କୌଣସି ନୂତନ ଦାୟିତ୍ୱ ହାତକୁ ନେବାକୁ ପଡ଼ିପାରେ।

**କନ୍ୟା** ଗତକାଲିଠାରୁ ଆପଣ ଯେଉଁଥିପାଇଁ ଚିନ୍ତିତ ରହିଛନ୍ତି,ଆଜି ସେଥିରୁ ଅନେକାଂଶରେ ହାଲୁକା ଅନୁଭବ କରିବେ। ଅଫିସରେ ଭାବପ୍ରବଣବଶତଃ ପ୍ରତିକ୍ରିୟା ହଠାତ୍ ପ୍ରକାଶ କରିବା ଠିକ୍ ହେବନାହିଁ। ବନ୍ଧୁଙ୍କ ସହ ସମ୍ପର୍କରୁ ସୁଫଳ ମିଳିବ। ବ୍ୟବସାୟରେ ପ୍ରତିଦ୍ୱନ୍ଦ୍ୱିତା ଓ ପରିବହନ ସମସ୍ୟାରେ ଜଡିତ ହୋଇପାରନ୍ତି।

**ତୁଳା** ଅଭାବ ନ ଥିଲେ ମଧ ମାନସିକ ସ୍ତରରେ କିଛିଟା ଆଲୋଡନ ଅସ୍ଥିରତାର କାରଣ ହୋଇପାରେ। ବନ୍ଧୁମାନଙ୍କ ଜରିଆରେ କୌଣସି ଖବର ପାଇ ବିସ୍ମୟ ପ୍ରକାଶ କରିପାରନ୍ତି। ସରକାରୀ କାମ ଓ ପଦସ୍ଥ ବ୍ୟକ୍ତିବିଶେଷଙ୍କ କ୍ଷେତ୍ରରୁ ଉପକୃତ ହେବେ। ଶତ୍ରୁ ଉପଦ୍ରବ ସମ୍ପୂର୍ଣ୍ଣ ଭାବେ କମିଯାଇଥିବାରୁ ଚିନ୍ତାମୁକ୍ତ ହୋଇପାରନ୍ତି।

**ବିଛା** ପାପଗ୍ରହଯୁକ୍ତ ତୃତୀୟଭାବ ପ୍ରଭାବରେ ବନ୍ଧୁଙ୍କ ଉପରେ ଅଯଥା ରାଗ କିମ୍ବା ଅଭିମାନ କରି ଚୁପ୍ ରହିଲେ କ୍ଷତିରେ ପଡିବେ। ବିଶିଷ୍ଟ ବ୍ୟକ୍ତିମାନଙ୍କ ଅନୁରୋଧରେ ସାମାଜିକ କାର୍ଯ୍ୟରେ ଯୋଗଦେଇପାରନ୍ତି। ଅଧିକାଂଶ ସମୟ ବନ୍ଧୁଙ୍କ ସହ ଆଳାପ ଆଲୋଚନାରେ ସମୟ କଟାଇପାରନ୍ତି।

**ଧନୁ** ପାଖ ପଡ଼ୋଶୀଙ୍କ ସହାୟତାରେ ପାରିବାରିକ ଅସ୍ଥିରତା ଦୂର ହେବା ସାଙ୍ଗକୁ ମନର ବଳ ଖୁବ୍ ଟାଣ ରହିବ। ଶନି ଓ ବୃହସ୍ପତି ଏକତ୍ର ଯୋଗୁ ଆଶା ପୂରଣ ହେବାରେ ଜଣେ ବନ୍ଧୁ ସାହାଯ୍ୟ କରିପାରନ୍ତି। ଅବହେଳିତ କାର୍ଯ୍ୟ ସକାଶେ ଅନୁତାପ କରିବାକୁ ପଡ଼ିପାରେ। ଭ୍ରାତୃ ସମ୍ପର୍କରେ କିଛିଟା ବ୍ୟତିକ୍ରମ ହେବାର ସୂଚନା ରହିଛି।

**ମକର** ପାରିବେଶିକ ଅସ୍ଥିରତା କାରଣରୁ ମାନସିକ ଅଶାନ୍ତି ଦେଖାଦେଇପାରେ। ବାହାର ସ୍ଥାନରେ ଜିନିଷପତ୍ର ପ୍ରତି ସତର୍କ ରୁହନ୍ତୁ, ନଚୁବା ଅଦଳବଦଳ ହୋଇଯାଇପାରେ। ଘରର ବ୍ୟତିକ୍ରମ କଥା କହି ବନ୍ଧୁଙ୍କ ସାହାଯ୍ୟ ସହଯୋଗ ଲୋଡ଼ିପାରନ୍ତି। ଶିଳ୍ପ, ବାଣିଜ୍ୟ, ପରିବହନ କ୍ଷେତ୍ରରେ ଆଶାନୁରୂପ ଫଳ ପାଇବେ।

**କୁମ୍ଭ** ଆଜି ଯେଉଁ କାମରେ ବାହାରିବେ ସେଥିରେ କୌଣସି ପ୍ରକାର ଅସୁବିଧା ହେବ ନାହିଁ। ପାରିବାରିକ ଭାବପ୍ରବଣତା ଆପଣଙ୍କୁ କେତେମାତ୍ରାରେ ବିବ୍ରତ କରିପାରେ। ବନ୍ଧୁମାନଙ୍କଠାରୁ ସମାଲୋଚିତ ହେବେ। ସମସ୍ୟାକୁ ସୁଧାରି ନେବା ସକାଶେ ପରିବାରର ବ୍ୟକ୍ତିବିଶେଷଙ୍କ ସମର୍ଥନ ମିଳିବ।

**ମୀନ** ଉଚ୍ଚାରୋହୀ ରବି ଓ ମଙ୍ଗଳ ପ୍ରଭାବରେ ସରକାରୀ ସ୍ତରରୁ ଆର୍ଥିକ ସାହଯ୍ୟ ଲାଭକରି କେତେକାଂଶରେ ଖୁସି ରହିବେ। ଆକସ୍ମିକ ଭାବରେ ବନ୍ଧୁମାନଙ୍କ ସହ ଆଲୋଚନାରେ ସମୟ ଅତିବାହିତ କରିପାରନ୍ତି। ଆରମ୍ଭ କରିଥିବା କାମଟିକୁ ଶେଷ କରିପାରିବେନି। ସାହିତ୍ୟ, ସଙ୍ଗୀତ କ୍ଷେତ୍ରରେ ଥିବା ସମସ୍ୟାର ସମାଧାନ ହୋଇଯିବ।

ଆଜି ଚୈତ୍ର ଶୁକ୍ଳ ଷଷ୍ଠୀ ସୋମବାର, ଶ୍ରୀମନ୍ଦିର ବେଢ଼ାସ୍ଥିତ ସୂର୍ଯ୍ୟଦେବଙ୍କ ଚୈତ୍ର ଗୁଣ୍ଡିଚା ଯାତ୍ରା, କବି ଦଣ୍ଡପାଣି ମିଶ୍ରଙ୍କ ଜୟନ୍ତୀ, ମାର୍ଚ୍ଚ ୩୦ ତାରିଖ, ରାଶି ନକ୍ଷତ୍ର-ରୋହିଣୀ। ବୃଷ, ବିଛା ରାଶିର ଘାତଚନ୍ଦ୍ର, ମିଥୁନ ରାଶିର ଘାତବାର, ଷଷ୍ଠୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଅଦ୍ୟ ଯଜୁର୍ବେଦୀ ବ୍ରତୋପନୟନ, ବୃକ୍ଷରୋପଣ, ବାଣିଜ୍ୟକରଣ ସକାଶେ ଶୁଭଦିନ। ପ୍ରାତଃ ଘ.୦୫।୪୫ ଗତେ ଘ.୦୭। ୨୨ ମଧ୍ୟେ, ଘ.୧୦।୩୮ଗତେ ଘ.୦୧।୦୪ ମଧ୍ୟେ, ସନ୍ଧ୍ୟା ଘ.୦୬।୪୪ ଗତେ ଘ.୦୯।୦୫ମଧ୍ୟେ, ରାତ୍ର ଘ.୧୧।୨୭ଗତେ ଘ.୦୨।୩୫ ମଧ୍ୟେ ଅମୃତବେଳା, ଦିବା ଘ.୦୩।୩୦ ଗତେ ଘ.୦୫।୦୮ ମଧ୍ୟେ ମାହେନ୍ଦ୍ରବେଳା। ପ୍ରାତଃ ଘ.୦୭।୧୬ ଗତେ ଘ୦୮।୪୮ ମଧ୍ୟେ ରାହୁକାଳ।



# ୪ ଦିନରେ ପ୍ରସ୍ତୁତ ହେଲା ପୋର୍ଟେବଲ ଭେଣ୍ଟିଲେଟର





**କାନପୁର:** କରୋନା ଭାଇରସ୍‌କୁ ପ୍ରତିହତ କରିବା ପାଇଁ ସରକାର ବିଭିନ୍ନ ସତର୍କତାମୂଳକ ପଦକ୍ଷେପ ନେଉଛନ୍ତି। ବୈଜ୍ଞାନିକ ଓ ଗବେଷକମାନେ ମଧ୍ୟ ଭାଇରସ୍ କବଳରୁ କିଭଳି ମୁକ୍ତି ମିଳିବ, ସେ ନେଇ ପ୍ରଚେଷ୍ଟା ଜାରି ରଖିଛନ୍ତି। କୋଭିଡ୍-୧୯ ସଂକ୍ରମିତଙ୍କ ସଂଖ୍ୟା ଦିନକୁ ଦିନ ବଢୁଥିବାବେଳେ ଭେଣ୍ଟିଲେଟର୍‌ର ଆବଶ୍ୟକତା ମଧ୍ୟ ବଢୁଛି। ତେଣୁ ଆଇଆଇଟି କାନପୁରର ଛାତ୍ରମାନେ ନିଜକୁ ଏହି ଲଢ଼େଇରେ ସାମିଲ କରି ପୋର୍ଟେବଲ୍ ଭେଣ୍ଟିଲେଟର୍‌ର ପ୍ରୋଟୋଟାଇପ୍ ପ୍ରସ୍ତୁତ କରିବାରେ ସଫଳ ହୋଇଛନ୍ତି। ଏହି ଭେଣ୍ଟିଲେଟର୍ ଶୀଘ୍ର ରୋଗୀଙ୍କ ଉପରେ ପରୀକ୍ଷା କରାଯିବ ଏବଂ ମାସେ ମଧ୍ୟରେ ୧ହଜାର ପୋର୍ଟେବଲ୍ ଭେଣ୍ଟିଲେଟର୍ ତିଆରିର ଲକ୍ଷ୍ୟ ରହିଛି। ଡାକ୍ତରଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ଏଥିରେ ଅନେକ ସୁବିଧା ଇନ୍‌ବିଲ୍ଡ୍ ରହିଥିବା ଜଣାପଡ଼ିଛି। ଭେଣ୍ଟିଲେଟର୍‌କୁ ବାରମ୍ବାର ଛୁଇଁ ଚଳାଇବାକୁ ପଡୁଥିବାରୁ ଡାକ୍ତରମାନଙ୍କ ପାଇଁ ବିପଦ ରହିଥାଏ। ତେବେ

## ମୋବାଇଲ୍‌ରେ ହେବ ପରିଚାଳିତ

ଏହି ପୋର୍ଟେବଲ୍ ଭେଣ୍ଟିଲେଟର୍ ମୋବାଇଲ୍ ଦ୍ୱାରା ଚାଲିବ। ଏହାଠୁ ଦୂରରେ ରହି ଡାକ୍ତର ଏବଂ ସ୍ୱାସ୍ଥ୍ୟକର୍ମୀ ସୁରକ୍ଷିତଭାବେ ପରିଚାଳନା କରିପାରିବେ। ଇଟାଲୀରେ ରୋଗୀଙ୍କ ମୃତ୍ୟୁ ଏବଂ ହସ୍ପିଟାଲରେ ସଂକ୍ରମିତଙ୍କ ସଂଖ୍ୟାକୁ ଦେଖି ଅନ୍ୟ ଦେଶରୁ ଭେଣ୍ଟିଲେଟର୍ ମଗାଯାଇଥିଲା। ତେବେ ସବୁ ଦେଶ ଏବେ କୋଭିଡ୍-୧୯ ସଂକ୍ରମଣ ଓ ମୃତ୍ୟୁକୁ ନେଇ ଲଢ଼େଇ କରୁଥିବାରୁ ଭେଣ୍ଟିଲେଟର୍ ଯୋଗାଇବାକୁ କେହି ଆଗଭର ହୋଇ ନ ଥିଲେ। ଭାରତରେ ମଧ୍ୟ ସଂକ୍ରମିତ ଓ ମୃତ୍ୟୁ ସଂଖ୍ୟା ଦ୍ରୁତଗତିରେ ବଢୁଥିବା ନଜରରେ ରଖି ଆଇଆଇଟି କାନ୍‌ପୁର ଏବଂ ପୁରାତନ ଛାତ୍ରମାନେ ଆଗଭର ହୋଇ ୪ ଦିନ ମଧ୍ୟରେ ପୋର୍ଟେବଲ୍ ଭେଣ୍ଟିଲେଟର୍‌ର ପ୍ରୋଟୋଟାଇପ୍ ମଡେଲ୍ ପ୍ରସ୍ତୁତ କରିଛନ୍ତି। ଏହି ସଫଳତାକୁ ନେଇ ଆଇଆଇଟି କାନ୍‌ପୁରର ନିର୍ଦ୍ଦେଶକ ପ୍ରଫେସର୍ ଅଭୟ କରନ୍ଦିକର୍ ଟିମ୍‌ର ଉତ୍ସାହ ବଢ଼ାଇଛନ୍ତି। ପୁରାତନ ଛାତ୍ର ନିଖିଲ୍ କୁରେଲେ ଏବଂ ହର୍ଷିତ୍ ରାଠୋର୍ ଆଇଆଇଟିର ଇନୋଭେଶନ୍ ଆଣ୍ଡ ଇନ୍‌କ୍ୟୁବେଶନ୍ ହବ୍‌ର ସହଯୋଗରେ ଏହି ଭେଣ୍ଟିଲେଟର୍ ତିଆରି ନେଇ ଚିନ୍ତା କରିଥିଲେ। ଏବେ କରୋନା ବିପଦକୁ ଦେଖି ହବ୍ ଦାୟିତ୍ୱରେ ଥିବା ପ୍ରଫେସର୍ ଅମିତାଭ୍ ବନ୍ଦୋପାଧ୍ୟାୟ ନିଖିଲ୍ ଏବଂ ହର୍ଷିତଙ୍କ ସହ ଆଲୋଚନା କରିଥିଲେ। ଦୁଇ ପୁରାତନ ଛାତ୍ର ମଡେଲ୍ ତିଆରି ନେଇ ସହମତି ପ୍ରକାଶ କରିଥିଲେ। ଏଥିରେ ମେକାନିକାଲ୍ ଇଞ୍ଜିନିୟରିଂ ବିଭାଗର ପ୍ରଫେସର ସମୀର୍ ଖାଣ୍ଡେକର୍, ଅରୁଣ ଶାହା, ଜେ. ରାମକୁମାର, ବିଶାଖ ଭଟ୍ଟାଚାର୍ଯ୍ୟ ଏହି ମଡେଲ୍ ପ୍ରସ୍ତୁତିରେ ସହଯୋଗ କରିଥିଲେ। ଲକ୍‌ଡାଉନ୍ ଚାଲିଥିବାରୁ ଦୁଇ ଛାତ୍ର ସଂସ୍ଥାନକୁ ଆସିପାରି ନ ଥିଲେ ମଧ୍ୟ ଭିଡିଓ କନ୍‌ଫରେନ୍ସିଂ, ସ୍କାଇପି ଏବଂ ଅନ୍ୟ ମାଧ୍ୟମରେ ଦିନ ରାତି ଏକ କରି ଏହି ମଡେଲ୍ ପ୍ରସ୍ତୁତ କରିଥିବା ଜଣାପଡ଼ିଛି। ଏମାନଙ୍କ କମ୍ପାନୀ କେତେକ ଅନ୍ୟ ସଂସ୍ଥାର ସହଯୋଗରେ ଶୀଘ୍ର ଅଧିକ ଭେଣ୍ଟିଲେଟର୍ ତିଆରି ପାଇଁ ମଧ୍ୟ ନିଷ୍ପତ୍ତି ନେଇଥିବା ଜଣାପଡ଼ିଛି। ମାସେ ମଧ୍ୟରେ ୧ହଜାର ଭେଣ୍ଟିଲେଟର୍ ତିଆରି ପାଇଁ ଟିମ୍ ଲକ୍ଷ୍ୟ ରଖିଛି। ଏହି ଭେଣ୍ଟିଲେଟର୍ ଅତି ହାଲୁକା ଏବଂ ଏଥିରେ ସହଜରେ ଅକ୍ସିଜେନ୍ ସିଲିଣ୍ଡର ମଧ୍ୟ ସଂଯୋଗ କରାଯାଇପାରିବ।

# କରୋନା ସଂକ୍ରମିତଙ୍କୁ ଭିଟାମିନ୍-ସି

**ବେଜିଂ/ୱାଶିଂଟନ:** କରୋନା ସଂକ୍ରମଣ ଯୋଗୁ ସାରା ପୃଥିବୀରେ ଅଚଳାବସ୍ଥା ସୃଷ୍ଟି ହୋଇଛି। ଏହାକୁ ରୋକିବାରେ କେଉଁ ଔଷଧ ସଫଳ ହେଉ ନ ଥିବାବେଳେ ଏବେ ଭିଟାମିନ୍-ସି'ର ଉପଯୋଗ ବେଶ୍ ସଫଳ ରହିଛି। ଚାଇନା ଏବଂ ଆମେରିକାର ଗବେଷକ ଏସମ୍ପର୍କରେ ସୂଚନା ଦେଇଛନ୍ତି। ଉହାନ୍‌ରେ କରୋନା ସଂକ୍ରମିତଙ୍କୁ ଭିଟାମିନ୍-ସି ଦିଆଯାଇ ସେମାନଙ୍କ ରୋଗ ପ୍ରତିରୋଧକ ଶକ୍ତିକୁ ବୃଦ୍ଧି କରାଯାଇଥିଲା। ଗୁରୁତର କରୋନା ସଂକ୍ରମିତଙ୍କ ଚିକିତ୍ସା ଆରମ୍ଭ ସମୟରେ ୧୫୦୦ମିଲିଗ୍ରାମ୍ ଭିଟାମିନ୍-ସି ଦିଆଗଲେ ବେଶ୍ ସୁଫଳ ମିଳିଥାଏ। ଏହାପରେ ସେମାନଙ୍କୁ ଦିନରେ ୩ରୁ ୪ଥର ଭିଟାମିନ୍-ସି ଦିଆଯିବା ଦ୍ୱାରା ସ୍ଥିତିରେ ବିକାଶ ଦେଖାଦେଇଥିବା ନ୍ୟୁୟର୍କର ନର୍ଥୱେଲ ହସ୍ପିଟାଲର ଡାକ୍ତର ଏଣ୍ଡ୍ରୁ ୱେବର ସୂଚନା ଦେଇଛନ୍ତି। ଏହାର ପ୍ରୟୋଗ ପ୍ରଥମେ ଉହାନ୍‌ର ଝୋଙ୍ଗନନ୍ ହସ୍ପିଟାଲର ଡାକ୍ତରମାନଙ୍କ ଦ୍ୱାରା ଆରମ୍ଭ କରାଯାଇଥିଲା। କିଛି ସଂକ୍ରମିତଙ୍କଠାରେ ଏହାଦ୍ୱାରା ସୁଫଳ



ମିଳିବାରୁ ଏହାକୁ ଅନ୍ୟ ରୋଗୀଙ୍କୁ ମଧ୍ୟ ଦିଆଯାଇଥିଲା। ସାଧାରଣତଃ ଦିନ ପିଛା ଜଣେ ସୁସ୍ଥ ପୁରୁଷଙ୍କୁ ୯୦ ମିଲିଗ୍ରାମ୍ ଏବଂ ମହିଳାଙ୍କୁ ୭୫ ମିଲିଗ୍ରାମ୍ ର ଭିଟାମିନ୍-ସି ଦିଆଯାଇଥାଏ। ତେବେ ଏହାର ୧୬ଗୁଣା ଭିଟାମିନ୍-ସି ଦିଆଗଲେ ଏହା କରୋନାଠାରୁ ଦୂରେଇ ରଖିବାକୁ ସକ୍ଷମ ହୋଇଥାଏ। ସେହିପରି କମଳା ରସ ମଧ୍ୟ ସଂକ୍ରମିତଙ୍କୁ ଦିଆଗଲେ ସୁଫଳ ମିଳିଥାଏ। ଭିଟାମିନ୍-ସି ସହିତ କରୋନା ସଂକ୍ରମିତଙ୍କୁ ମ୍ୟାଲେରିଆ ଔଷଧ ହାଇଡ୍ରୋକ୍ସି କ୍ଲୋରୋକ୍ୱିନ୍ ଏବଂ ଆଜିଥ୍ରୋମାଇସିନ୍ ଆଣ୍ଟିବାୟୋଟିକ୍ସ ଦିଆଗଲେ ସୁଫଳ ମିଳୁଛି ବୋଲି ୱେବର କହିଛନ୍ତି।



# ଇଟାଲୀ ଚର୍ଚ୍ଚରେ କଫିନ୍‌ର ଲମ୍ବା ଲାଇନ

**ରୋମ୍:** ସାରା ପୃଥିବୀ କରୋନା ଆତଙ୍କରେ ରହିଛି। ଚାଇନାରେ ମୃତ୍ୟୁର ତାଣ୍ଡବ ରଚିବା ପରେ କରୋନା ଇଟାଲି, ସ୍ପେନ୍, ଇରାନ୍, ଆମେରିକା, ଫ୍ରାନ୍ସ ଆଦି ଦେଶଗୁଡ଼ିକରେ ମଧ୍ୟ ଘରେ ଘରେ ଆତଙ୍କ ସୃଷ୍ଟି କରିଛି। ସମ୍ପ୍ରତି ଇଟାଲିରେ ମୃତକଙ୍କ ସଂଖ୍ୟା ୧୦ ହଜାର ଟପିଛି। ଧାର୍ମିକ ପରମ୍ପରା ଅନୁସାରେ ଏଠାରେ ମୃତକଙ୍କୁ କଫିନରେ କବର ଦିଆ ଯାଇଥାଏ। ପ୍ରତିଦିନ ମୃତ୍ୟୁସଂଖ୍ୟା ବଢୁଥିବାରୁ ଏଠାକାର ବିଭିନ୍ନ ଚର୍ଚ୍ଚରେ ମୃତଦେହ ଥିବା କଫିନ୍‌ର ଲମ୍ବା ଲାଇନ୍ ଦେଖିବାକୁ ମିଳୁଛି। କଫିନ୍ ଗୁଡ଼ିକୁ ଟ୍ରକ୍‌ରେ ବିଭିନ୍ନ କବରସ୍ଥାନକୁ ନିଆଯାଇ ସେଠାରେ ପୋତି ଦିଆଯାଉଛି। ବହୁ କ୍ଷେତ୍ରରେ ସଂକ୍ରମଣ ଭୟରେ ମୃତକଙ୍କୁ ଶେଷ ଥର ପାଇଁ ଦର୍ଶନ କରିବାକୁ କୌଣସି ପରିବାର ସଦସ୍ୟ ମଧ୍ୟ ଆସୁ ନାହାଁନ୍ତି। ତେଣୁ ସରକାରଙ୍କ ପକ୍ଷରୁ ଚର୍ଚ୍ଚରୁ କଫିନ୍‌ଗୁଡ଼ିକୁ କବରସ୍ଥାନ ପର୍ଯ୍ୟନ୍ତ ନିଆ ଯିବାର ବ୍ୟବସ୍ଥା କରାଯାଉଛି। ଏବେ ଏହାର ଫଟୋ ସୋସିଆଲ୍ ମିଡ଼ିଆରେ ଭାଇରାଲ ହେବାରେ ଲାଗିଛି।

# ପ୍ଲେଗ୍, କଲେରା, ସ୍ପାନିଶ୍ ଫ୍ଲୁ ପରେ କରୋନା

## ୪ ମହାମାରୀ ଯୋଗୁ ଦୋହଲିଛି ଆର୍ଥିକ ସ୍ଥିତି



**ୱାଶିଂଟନ:** କରୋନା ଭୂତାଣୁ ସଂକ୍ରମଣ ନେଇ ସାରା ପୃଥିବୀରେ ଆତଙ୍କ ଦେଖାଦେଇଛି। ଇତିମଧ୍ୟରେ ପୃଥିବୀର ୧୯୯ ଦେଶରେ କରୋନା ସଂକ୍ରମିତ ହୋଇସାରିଛି। ସେହିପରି ମୃତ୍ୟୁ ସଂଖ୍ୟା ୩୨ ହଜାର ଛୁଇଁଛି। କରୋନାକୁ ମିଶାଇ ୪ ମହାମାରୀ ଯୋଗୁ ପୃଥିବୀର ଆର୍ଥିକ ସ୍ଥିତି ଦୋହଲି ଯାଇଥିଲା। ସେଥିମଧ୍ୟରେ ୧୭୨୦ରେ ପ୍ଲେଗ୍ ଯୋଗୁ ସ୍ଥିତି ଅସମ୍ଭାଳ ହୋଇଥିଲା। କୋଟି କୋଟି ଲୋକଙ୍କ ମୃତ୍ୟୁ ଘଟିଥିଲା। ପରିଷ୍କାର ପରିଚ୍ଛନ୍ନତାରେ ଅଭାବ ଯୋଗୁ ଶିଳ୍ପସଂସ୍ଥା ଗଢ଼ିଉଠିଥିବା ଅଞ୍ଚଳରେ ମୂଷା ଚୁଚୁନ୍ଦ୍ରାଙ୍କ ଦ୍ୱାରା ପ୍ଲେଗ୍ ଭୂତାଣୁ ସଂକ୍ରମଣ ହୋଇ ମହାମାରୀ ସ୍ଥିତି ସୃଷ୍ଟି କରିଥିଲା। ପରବର୍ତ୍ତୀ ସମୟରେ ୧୮୨୦ରେ କଲେରା ଯୋଗୁ କୋଟି କୋଟି ଲୋକଙ୍କ ଜୀବନ ଯାଇଥିଲା। ଭାରତରେ ଶହ ଶହ ଗାଁ କଲେରା ଯୋଗୁ ପଦା ହୋଇଯାଇଥିବାର ନଜିର ରହିଛି। ୧୯୨୦ରେ ସ୍ପାନିଶ୍ ଫ୍ଲୁ ଭୂତାଣୁ ସଂକ୍ରମଣରେ କୋଟି କୋଟି ଲୋକଙ୍କ ମୃତ୍ୟୁ ଘଟିଥିଲା। ଏହି ମହାମାରୀ ଘଟିବାର ପ୍ରାୟ ଶହେବର୍ଷ ପରେ ଏବେ ପୃଥିବୀରେ କରୋନା ଆତଙ୍କ ସୃଷ୍ଟି କରିଛି। ଏହାକୁ ରୋକିବାକୁ ବର୍ତ୍ତମାନ ସୁଦ୍ଧା କୌଣସି ଦେଶର ସରକାର ସକ୍ଷମ ହୋଇ ନାହାଁନ୍ତି। ଉଦ୍ୟମ ଜାରି ରହିଛି। ଖୁବ୍ ଶୀଘ୍ର ଏହାର ଚିକିତ୍ସା ସମ୍ଭବ ହେବ ବୋଲି ଚାଇନା, ଆମେରିକା ଆଦି ବିକଶିତ ରାଷ୍ଟ୍ରର ବୈଜ୍ଞାନିକମାନେ ସୂଚନା ଦେଇଛନ୍ତି।

# ବିଦେଶ ନ ଯାଇ ବି ପାଇଲଟ କରୋନା ପଜିଟିଭ୍

**ନୂଆଦିଲ୍ଲୀ:** କରୋନା ସଂକ୍ରମିତଙ୍କ ସଂଖ୍ୟା ଭାରତରେ ବଢ଼ିବାରେ ଲାଗିଛି। ବିଶେଷକରି ବିଦେଶରୁ ସ୍ୱଦେଶ ଫେରିଥିବା ବହୁ ଭାରତୀୟଙ୍କଠାରେ କରୋନା ସଂକ୍ରମଣ ଚିହ୍ନଟ ହୋଇଛି। ତେବେ ସ୍ୱାଇସ୍ ଜେଟ୍‌ର ଜଣେ ପାଇଲଟ ମାର୍ଚ୍ଚରେ କୌଣସି ବିଦେଶ ଉଡ଼ାଣ କରି ନ ଥିଲେ ମଧ୍ୟ ସେ କରୋନା ସଂକ୍ରମିତ ହୋଇଛନ୍ତି। ତାଙ୍କ ନମୁନା ପରୀକ୍ଷଣରେ ପଜିଟିଭ୍ ରିପୋର୍ଟ ମିଳିଛି। ତାଙ୍କୁ କ୍ୱାରାଣ୍ଟାଇନ୍‌ରେ ରଖାଯାଇଥିବା ସ୍ୱାଇସ୍ ଜେଟ୍ ମୁଖପାତ୍ର ରବିବାର ସୂଚନା ଦେଇଛନ୍ତି। ପାଇଲଟଙ୍କ ସହିତ ସମ୍ପର୍କରେ ଥିବା ଅନ୍ୟକର୍ମଚାରୀଙ୍କୁ ମଧ୍ୟ ୧୪ଦିନିଆ କ୍ୱାରାଣ୍ଟାଇନ୍‌ରେ ରଖାଯିବାକୁ ନିର୍ଦ୍ଦେଶ ଦିଆଯାଇଛି। ପାଇଲଟ ଜଣକ ଶେଷ ଥର ପାଇଁ ମାର୍ଚ୍ଚ ୨୧ରେ ଚେନ୍ନାଇରୁ ଦିଲ୍ଲୀ ଘରୋଇ ଉଡ଼ାଣ କରିଥିଲେ। କରୋନା ମୁକାବିଲା ପାଇଁ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଏବଂ ଭାରତ ସରକାର ଯେଉଁ ସବୁ ନିର୍ଦ୍ଦେଶନାମା ଜାରି କରୁଛନ୍ତି, ତାକୁ ଠିକ୍‌ଭାବେ ଅନୁପାଳନ କରାଯାଉଛି। ବିଶେଷକରି ଯାତ୍ରୀ ଏବଂ କର୍ମଚାରୀଙ୍କ ସୁରକ୍ଷା ଦୃଷ୍ଟିରୁ ଆମ ପାଇଁ ଗୁରୁତ୍ୱପୂର୍ଣ୍ଣ ବୋଲି ସ୍ୱାଇସ୍ ଜେଟ୍ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି।

# ଆଲ୍‌କୋହଲ ଯାଞ୍ଚକୁ ସାମୟିକ ବନ୍ଦ ରଖିବାକୁ ଅନୁରୋଧ

**ନୂଆଦିଲ୍ଲୀ, ୨୯ ।୩:** କରୋନା ସଂକ୍ରମଣ ଭାରତରେ ଆତଙ୍କ ସୃଷ୍ଟି ହୋଇଛି। ସ୍ୱାଇସ୍ ଜେଟ୍‌ର ଜଣେ ପାଇଲଟଙ୍କ ନମୁନା ପରୀକ୍ଷା ରିପୋର୍ଟ ପଜିଟିଭ୍ ଆସିଛି। ଏପରିସ୍ଥଳେ ସାମୟିକ ଭାବେ ଆଲ୍‌କୋହଲ ଯାଞ୍ଚକୁ ସାମୟିକ ବନ୍ଦ ରଖିବାକୁ ଏୟାର ଇଣ୍ଡିଆ ପାଇଲଟ ସଂଘ ପକ୍ଷରୁ ବିମାନ ଚଳାଚଳ ନିୟାମକ ବେସାମରିକ ବିମାନ ଚଳାଚଳ ନିର୍ଦ୍ଦେଶାଳୟ(ଡିଜିସିଏ)କୁ ଅନୁରୋଧ କରାଯାଇଛି। ପାଇଲଟ ମଦ୍ୟପାନ କରିଛନ୍ତି କି ନାହିଁ ତାହା ନିଃଶ୍ୱାସ-ପ୍ରଶ୍ୱାସ ବିଶ୍ଳେଷକ(ବ୍ରେଦ୍‌ଗ୍ୟାସ୍‌ଆନାଲାଇଜର) ଦ୍ୱାରା ଜଣାପଡ଼ିଥାଏ। ତେବେ ଏହାଦ୍ୱାରା କରୋନା ସଂକ୍ରମଣର ଆଶଙ୍କା ଥିବାରୁ କିଛି ଦିନ ପାଇଁ ଏଭଳି ନ କରିବାକୁ ସଂଘ ପକ୍ଷରୁ କୁହାଯାଇଛି।

# ୫୧ ଡାକ୍ତରଙ୍କ ଗଲାଣି ଜୀବନ

**ରୋମ୍:** କରୋନା ସଂକ୍ରମିତଙ୍କ ସଂଖ୍ୟା ଦିନକୁ ଦିନ ପୃଥିବୀରେ ବଢ଼ିବାରେ ଲାଗିଛି। ଇଟାଲିରେ କରୋନା ସଂକ୍ରମଣ ମହାମାରୀ ଭଳି ମାଡ଼ି ଚାଲିଛି। ଏଠାରେ କରୋନା ସଂକ୍ରମିତଙ୍କ ଚିକିତ୍ସା କରୁଥିବା ୭୧୦୦ ଜଣ ସ୍ୱାସ୍ଥ୍ୟକର୍ମୀ କରୋନା ସଂକ୍ରମିତ ବୋଲି ଜଣାପଡ଼ିଛି। ଏହି ଭୂତାଣୁ ଦ୍ୱାରା ଏଠାରେ ଅଦ୍ୟାବଧି ୫୧ ଡାକ୍ତରଙ୍କ ମୃତ୍ୟୁ ଘଟିସାରିଲାଣି। ତେବେ ବି ଏଠାରେ କରୋନା ସହିତ ଲଢ଼େଇ ଜାରି ରହିଛି। ସେହିପରି ସଂକ୍ରମିତଙ୍କ ସଂଖ୍ୟା ୯୨ ହଜାର ଟପିଛି। ସୁରକ୍ଷା ଦୃଷ୍ଟିରୁ ସରକାରଙ୍କ ପକ୍ଷରୁ ଲକ୍‌ଡାଉନ୍ ଜାରି କରାଯାଇଛି।



# ୩ ଜଣରେ ସାରିଲେ ବାପାଙ୍କ ଦଶାହ କର୍ମ

## ଲକ୍‌ଡାଉନ ବେଳେ ଉଦାହରଣ ସୃଷ୍ଟି କଲେ ପୁଅ



**ବନ୍ତଲା, ୨୯।୩(ଡି.ଏନ.ଏ.):** କରୋନା ସଂକ୍ରମଣ ରୋକିବାକୁ ସରକାର ଘୋଷଣା କରିଥିବା ଲକ୍‌ଡାଉନକୁ କିପରି ପାଳନ କରାଯାଇପାରେ ତାହାର ଉଦାହରଣ ଦେଇଛନ୍ତି ଅନୁଗୋଳ ଜିଲା ହାତୀଶାଳପଡା ପୋକତୁଙ୍ଗା ଗ୍ରାମର ରୁଦ୍ର ନାରାୟଣ ପ୍ରଧାନ ଓ ସୁରେନ୍ଦ୍ର ପ୍ରଧାନ। ରବିବାର ବାପାଙ୍କ ଦଶାହ କର୍ମରେ ସେମାନେ ଦଶତୁଠରେ ବନ୍ଧୁବର୍ଗ, ସାହିଭାଇଙ୍କୁ ଏକାଠି ନ କରି କେବଳ ୩ ଜଣରେ କାର୍ଯ୍ୟ ଶେଷ କରିଛନ୍ତି। ଏଥିସହ ଦେଶବାସୀଙ୍କ ସୁରକ୍ଷା ପାଇଁ ସରକାର କରିଥିବା ନିୟମ ମାନିବାକୁ ସେମାନେ ଲୋକଙ୍କୁ ଅନୁରୋଧ କରିଛନ୍ତି।

ଗତ ୨୦ ତାରିଖରେ ପୋକତୁଙ୍ଗା ଗ୍ରାମର ସ୍ୱପ୍ନେଶ୍ୱର ପ୍ରଧାନ(୫୦)ଙ୍କ ହୃଦ୍‌ଘାତରେ ମୃତ୍ୟୁ ଘଟିଥିଲା। ୨୯ ତାରିଖରେ ଦଶାହ କର୍ମ ପଡୁଥିବାରୁ ପରିବାର ପକ୍ଷରୁ ସମସ୍ତ ପ୍ରସ୍ତୁତି କରାଯାଇଥିଲା। ହେଲେ ଲକ୍‌ଡାଉନକୁ ଦୃଷ୍ଟିରେ ରଖି ପରିବାର ଲୋକେ ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟକ୍ରମ ବାତିଲ କରିଥିଲେ। ଏପରି କି ଦୁଇପୁଅ ରୁଦ୍ର ନାରାୟଣ, ସୁରେନ୍ଦ୍ର ଏବଂ ମୃତକଙ୍କ ସାନ ଭାଇ ସଲିଳ ପ୍ରଧାନ ଦଶତୁଠରେ ବନ୍ଧୁ ଓ ସାହି ଭାଇଙ୍କୁ ଏକାଠି ନ କରିବାକୁ ନିଷ୍ପତ୍ତି ନେଇଥିଲେ। ପୁରୋହିତ ରଞ୍ଜନ କୁମାର କରଙ୍କ ସହ ସେମାନେ ୩ଜଣ ଦଶାହ କର୍ମ ଶେଷ କରିଥିଲେ। ସୁରେନ୍ଦ୍ର କହିଛନ୍ତି, ବାପାଙ୍କ ଦେହାନ୍ତ ହୋଇଥିଲେ ହେଁ ଅନ୍ୟମାନଙ୍କ ସ୍ୱାସ୍ଥ୍ୟ ରକ୍ଷା ଆମ କର୍ତ୍ତବ୍ୟ। ସରକାରଙ୍କ ନିୟମ ନ ମାନିଲେ ଆଗକୁ କଠିନ ପରିସ୍ଥିତି ସୃଷ୍ଟି ହୋଇପାରେ। ତେଣୁ ଦଶତୁଠରେ ବନ୍ଧୁ ଓ ସାହିଭାଇଙ୍କୁ ଏକାଠି କରିନାହୁଁ।

# ଭିଡିଓ କଲ୍‌ରେ ପୁଅର ଶେଷକୃତ୍ୟ ଦେଖିଲେ ଯବାନ

ଲକ୍‌ଡାଉନ୍ ଦୁଃଖ

**ଦାନ୍ତେୱାଡା(ଛତିଶଗଡ଼):** 'ମତେ କ୍ଷମା କରିଦେବୁ ପୁଅ, ଶେଷଥର ପାଇଁ ତତେ ମିଶିବାକୁ ଆସିପାରିଲି ନାହିଁ'। ଏହା କୌଣସି ସିନେମାର ଡାଇଲଗ୍ ନୁହେଁ। ଏହା ହେଉଛି ସୀମାନ୍ତରେ କାର୍ଯ୍ୟରତ ଜଣେ ଯବାନଙ୍କ ପୁଅକୁ ଶେଷଥର ପାଇଁ ଦେଖି ନ ପାରିବାର ଦୁଃଖ। କରୋନା ପାଇଁ ସାରା ଦେଶ ଲକ୍‌ଡାଉନ୍‌ରେ ଥିବାବେଳେ ସୀମାନ୍ତରୁ ଆସିଛି ଏପରି ଏକ ହୃଦୟ ବିଦାରକ ଚିତ୍ର। ସହକର୍ମୀଙ୍କ ସମସ୍ତ ଉଦ୍ୟମ ସତ୍ତ୍ୱେ ସମ୍ପୃକ୍ତ ଯବାନଙ୍କ ଘରକୁ ଆସିବାର ସବୁ ରାସ୍ତା ବନ୍ଦ ହୋଇଯାଇଥିଲା। ଏପରି ସ୍ଥିତିରେ ମୋବାଇଲ ଭିଡିଓ କଲିଂ ମାଧ୍ୟମରେ ସେ ଶେଷଥର ପାଇଁ ଦେଖିଥିଲେ ପୁଅକୁ।

ଛତିଶଗଡ଼ ରାଜ୍ୟ ଦାନ୍ତେୱାଡ଼ା ଜିଲା ଘୋଟପାଲ ଗ୍ରାମର ରାଜକୁମାର ଜଣେ ଏସ୍‌ଏସ୍‌ବି ହାବିଲଦାର। ସେ ଏବେ ଭାରତ-ନେପାଳ ସୀମାରେ କାର୍ଯ୍ୟରତ। ଦୀର୍ଘ ୧୪ ବର୍ଷର ଚାକିରି ଜୀବନ ମଧ୍ୟରେ ଅଧିକାଂଶ ସମୟ ତାଙ୍କୁ ପରିବାରଠାରୁ ପୃଥକ୍ ରହିବାକୁ ପଡିଛି। ତାଙ୍କର ୨ ଝିଅ ଏବଂ ବର୍ଷକର ପୁଅ। ପୁଅ ଆଦିତ୍ୟ କିଛି ମାସ ହେଲା ଟ୍ୟୁମରଜନିତ ଦୁରାରୋଗ୍ୟରେ ପୀଡ଼ିତ ଥିଲେ। ସେ ସୁସ୍ଥ ହୋଇ ଆସୁଥିଲେ। ହେଲେ ବୁଧବାର ହଠାତ୍ ତାଙ୍କର ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ିଗଲା। ଘରଲୋକେ ତାଙ୍କୁ ତୁରନ୍ତ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଗୁରୁବାର ତାଙ୍କର ମୃତ୍ୟୁ ହୋଇଯାଇଥିଲା। ପୁଅ ଅସୁସ୍ଥ ଥିବା ସୂଚନା ପାଇ ରାଜକୁମାର ଘରକୁ ଆସିବାକୁ ଯଥାସାଧ୍ୟ ଉଦ୍ୟମ କରିଥିଲେ। ହେଲେ ଲକ୍‌ଡାଉନ୍ କାରଣରୁ ଏହା ସମ୍ଭବ ହୋଇ ନ ଥିଲା। ଏହାପରେ ସେ ପୁଅର ମୃତ୍ୟୁ ସୂଚନା ପାଇଥିଲେ।



ରାଜକୁମାର କୁହନ୍ତି, ଦେଶର ସୁରକ୍ଷା ତାଙ୍କର ପ୍ରଥମ କର୍ତ୍ତବ୍ୟ। ପୁଅର ମୃତ୍ୟୁ ସମ୍ପର୍କରେ ସେ ଅଧିକାରୀଙ୍କୁ ଅବଗତ କରାଇଥିଲେ। ସହକର୍ମୀଙ୍କଠାରୁ ଭରପୂର ସହାୟତା ମିଳିଲା। ଘରେ ପହଞ୍ଚାଇବା ଏବଂ ପୁଅର ଶେଷ ଯାତ୍ରାରେ ସାମିଲ ହେବାଲାଗି ସେମାନେ ଶତଚେଷ୍ଟା କଲେ। ହେଲେ ଲକ୍‌ଡାଉନ ଯୋଗୁ ଏହା ସମ୍ଭବପର ହେଲାନାହିଁ। ଶେଷଥର ପୁଅକୁ ଦେଖି ନ ପାରିବାର ଦୁଃଖ ଜୀବନସାରା ମନରେ ରହିବ। ବଡ଼ କଷ୍ଟରେ ଭିଡିଓ କଲିଂ ମାଧ୍ୟମରେ ପୁଅକୁ ଶେଷଥର ପାଇଁ ଦେଖିପାରିଲେ। ପରିସ୍ଥିତି ସ୍ୱାଭାବିକ ହେଲେ ଘରକୁ ଯିବେ। ହେଲେ ଏଥର ପୁଅ ତାଙ୍କ ପାଖରେ ନ ଥିବ ବୋଲି ଦୁଃଖର ସହ କହିଛନ୍ତି ରାଜକୁମାର।

# ଜୋତା ଦ୍ୱାରା ବି ହୋଇପାରେ କରୋନା ସଂକ୍ରମଣ

**ୱାଶିଂଟନ:** କରୋନା ସଂକ୍ରମଣଠାରୁ ଦୂରେଇ ରହିବା ପାଇଁ ସାରା ପୃଥିବୀରେ ବିଭିନ୍ନ ରାଷ୍ଟ୍ର ପକ୍ଷରୁ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଦ୍ୱାରା ଜାରି ହୋଇଥିବା ମାର୍ଗଦର୍ଶିକାକୁ ପାଳନ କରାଯାଉଛି। କରୋନା କିଭଳି ସଂକ୍ରମିତ ହେଉଛି, ସେ ନେଇ ମଧ୍ୟ ଲୋକଙ୍କୁ ସଚେତନ କରାଯାଇଛି। ତେବେ ଜୋତା ଏବଂ ଚପଲ ଦ୍ୱାରା ମଧ୍ୟ କରୋନା ସଂକ୍ରମଣ ହୋଇଥାଏ ବୋଲି ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ପକ୍ଷରୁ କୁହାଯାଇଛି। ବାହାରେ ବୁଲୁଥିବା ସମୟରେ ସଭିଏଁ ଜୋତା ଅବା ଚପଲ ପିନ୍ଧିଥାନ୍ତି। ଜୋତା ଓ ଚପଲର ସୋଲ୍ ଦ୍ୱାରା ମଧ୍ୟ କୋରାନା ଭୂତାଣୁ ଜଣଙ୍କଠାରୁ ଅନ୍ୟ ଜଣଙ୍କୁ ସଂକ୍ରମିତ ହେବାର ଆଶଙ୍କା ରହିଥାଏ। କରୋନା ସଂକ୍ରମିତଙ୍କ ଛେପ ଖଙ୍କାର ଯଦି ବାହାରେ ପଡ଼େ, ତେବେ ଏହାକୁ ଅନ୍ୟ କେହି ଚପଲ ଅବା ଜୋତାରେ ମାଡ଼ିବାର ଆଶଙ୍କା ରହିଥାଏ। ଏପରି ହେଲେ ସମ୍ପୃକ୍ତ ବ୍ୟକ୍ତିଙ୍କ ଜୋତା ଓ ଚପଲରେ ଭୂତାଣୁ ତାଙ୍କ ଘର କିମ୍ବା ଯାଉଥିବା ସୁପରମାର୍କେଟ୍, ଶପିଂ ମଲ୍, ହସ୍ପିଟାଲ ବିଭିନ୍ନ ସ୍ଥାନକୁ ସହଜରେ ସ୍ଥାନାନ୍ତରିତ ହୋଇଥାଏ। ଚପଲ ଅବା ଜୋତା ସୋଲ୍‌ରେ କରୋନା ଭୂତାଣୁ ୫ ଦିନ ପର୍ଯ୍ୟନ୍ତ ସକ୍ରିୟ ରହିଥାଏ। ଫଳରେ ଏହା ଦ୍ୱାରା ସହଜରେ କମ୍ୟୁନିଟି ସଂକ୍ରମଣର ଆଶଙ୍କା ରହିଥାଏ। ଏଭଳି ସଂକ୍ରମଣକୁ ସାଧାରଣତଃ ତୃତୀୟ ଷ୍ଟେଜ୍ ଭାବେ ଧରି ନିଆଯାଇଥାଏ। ଯଦି ଥରେ କମ୍ୟୁନିଟି ସଂକ୍ରମଣ ଆରମ୍ଭ ହୋଇଯାଏ ତେବେ ଏହାକୁ ରୋକିବା କଷ୍ଟକର ବ୍ୟାପାର ବୋଲି ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ପକ୍ଷରୁ କୁହାଯାଇଛି।



> ଈଶ୍ୱର ଯଦି ମୋ ପାଇଁ ନରକବାସର ବ୍ୟବସ୍ଥା କରନ୍ତି– ତେବେ ମୁଁ ଜାଣେ ନା– ମୁଁ ବା କାହିଁକି ସ୍ୱର୍ଗରେ ବାସ କରିବା ପାଇଁ ଅଭିଳାଷ କରିବି ? କାରଣ– ମୋ ଲାଗି କ'ଣ ଶୁଭ ବା ଭଲ ତାହା କେବଳ ତାଙ୍କୁ ଇ ଭଲ ଭାବେ ଜଣା।
>
> –ଶ୍ରୀଅରବିନ୍ଦ



# ଲକ୍‌ଡାଉନ୍ ଯଥେଷ୍ଟ ନୁହେଁ

କରୋନା ଭାଇରସ୍ ଭାରତରେ ୧୧୦୦ରୁ ଊର୍ଦ୍ଧ୍ୱ ଲୋକଙ୍କୁ ସଂକ୍ରମିତ କରିଥିବା ବେଳେ ୨୭ ଜଣଙ୍କ ଜୀବନ ନେଇଗଲାଣି। ଗତ କିଛି ଦିନ ମଧ୍ୟରେ ଏହା ଯେଭଳି ଭାବେ ବ୍ୟାପିଛି, ଖୁବ୍ ଶୀଘ୍ର ଉତ୍କଟ ରୂପ ଧାରଣ କରିବାର ସବୁ ଆଶଙ୍କା ସୃଷ୍ଟି ହୋଇଗଲାଣି। ୨୮ ମାର୍ଚ୍ଚରେ ନୂଆଦିଲ୍ଲୀ ଓ ଉତ୍ତର ପ୍ରଦେଶ ସୀମାନ୍ତ କୌଶମ୍ବି ଅଞ୍ଚଳରେ ଅନେକ ହଜାର ଲୋକ ନିଜ ଗାଁକୁ ଯିବା ପାଇଁ ଭିଡ଼ କରି ବସ୍‌କୁ ଅପେକ୍ଷା କରିଥିବା ଦେଖିବାକୁ ମିଳିଥିଲା। ସେହିପରି ୨୯ ମାର୍ଚ୍ଚରେ କେରଳର କୋଟ୍ଟାୟାମ୍ ଜିଲାର ପଇପାଡ୍‌ରେ ଶହଶହ ଦେଶାନ୍ତରୀ ଶ୍ରମିକ ଲକ୍‌ଡାଉନ୍ ନିୟମ ଉଲ୍ଲଂଘନ କରି ଖାଦ୍ୟ, ପାନୀୟ ଜଳ ଯୋଗାଇ ଦେବାକୁ ଦାବି କରି ରାସ୍ତାକୁ ଓହ୍ଲାଇଛନ୍ତି। ନିଜ ଭିଟାମାଟିକୁ ଫେରିଯିବା ସକାଶେ ସରକାର ଯାନ ଯୋଗାଇଦେବାକୁ ମଧ୍ୟ ସେମାନେ କହିଛନ୍ତି। ଗଣମାଧ୍ୟମରେ ଯେଉଁମାନେ ଉକ୍ତ ଭିଡ଼ର ଦୃଶ୍ୟ ଦେଖିଥିବେ ସେମାନେ ଅନୁମାନ ଲଗାଇପାରିବେ ଯେ, ସଂକ୍ରମଣ ବ୍ୟାପିବା ଲାଗି ପରିସ୍ଥିତି କିଭଳି ସୃଷ୍ଟି ହୋଇଯାଇଛି।

ବିଭିନ୍ନ ରାଜ୍ୟର ଲୋକେ କାର୍ଯ୍ୟ ଅନ୍ୱେଷଣରେ ଦେଶର ଭିନ୍ନ ଭିନ୍ନ ସ୍ଥାନରେ ରହୁଛନ୍ତି। କେନ୍ଦ୍ର ସରକାର ଭାରତସାରା ସମ୍ପୂର୍ଣ୍ଣ ଲକ୍‌ଡାଉନ୍ ଘୋଷଣା କରିବା ପରେ କାମଧନ୍ଦା ପୂରାପୂରି ବନ୍ଦ ହୋଇଯାଇଛି। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ ସାଧାରଣ ଲୋକଙ୍କ ମଙ୍ଗଳ ପାଇଁ ଦିଆଯାଇଥିବା ପ୍ୟାକେଜ ଅଧିକାଂଶଙ୍କ ନିକଟରେ ପହଞ୍ଚିପାରି ନାହିଁ। ଫଳରେ ଭୋକଉପାସରେ ଶ୍ରମିକମାନେ ଦିନ କାଟୁଛନ୍ତି। କାମ ମିଳିପାରୁଥିବା ସହରକୁ ଛାଡ଼ି ସେମାନେ ଗ୍ରାମାଭିମୁଖୀ କାହିଁକି ହେଉଛନ୍ତି ବୋଲି ପ୍ରଶ୍ନ ଉଠିବା ସ୍ୱାଭାବିକ। କେତେକେ ସିଧାସଳଖ କହିଲେଣି ଯେ, କରୋନାରେ ମରିବା ପୂର୍ବରୁ ସେମାନେ ଅନାହାରରେ ମାରି ସାରିଥିବେ। କୌଣସି ବିଧିବଦ୍ଧ ଯୋଜନା କରା ନ ଯାଇ ଲକ୍‌ଡାଉନ୍ ଘୋଷଣା କରି ଜାତି ଉଦ୍ଦେଶ୍ୟରେ ଭାଷଣ ଦେଇଦେଲେ ସମସ୍ୟାର ସମାଧାନ ହୋଇପାରିବ ନାହିଁ। ଜନସାଧାରଣଙ୍କ କଲ୍ୟାଣ ଚାହୁଁଥିବା ସରକାର ପ୍ରଥମେ ପ୍ରାକ୍ଟିକାଲ ରୋଡ୍‌ମ୍ୟାପ୍ ବା ବାସ୍ତବ ନକ୍ସା ପ୍ରସ୍ତୁତ କରିବା ଉଚିତ ଥିଲା।

ଭାରତ ସରକାର ବାହାରେ ରହୁଥିବା ତା'ର ନାଗରିକଙ୍କ ପ୍ରତି ସହାନୁଭୂତି ଦେଖାଇବାକୁ ଯାଇ ସେମାନଙ୍କୁ ସ୍ୱଦେଶ ପ୍ରତ୍ୟାବର୍ତ୍ତନ କରାଇବାରେ ଲାଗିଛି। ୨୯ ମାର୍ଚ୍ଚରେ ଇରାନ୍‌ରୁ ୨୭୫ ଜଣଙ୍କୁ ଅଣାଯାଇ ରାଜସ୍ଥାନର ଯୋଧପୁରସ୍ଥିତ ଆର୍ମି ୱେଲନେସ୍ କେନ୍ଦ୍ରରେ ରଖାଯାଇଛି। ଏହା ପୂର୍ବରୁ ସଂକ୍ରମିତ ଦେଶରୁ ଅନେକ ହଜାର ଭାରତୀୟଙ୍କୁ ଅଣାଯାଇସାରିଛି। କରୋନା ଭାଇରସ୍ ଦ୍ୱାରା ସ୍ଥାନୀୟ ସଂକ୍ରମଣ ଘଟିବା ପୂର୍ବରୁ ତାହା ବିଦେଶରୁ ଆସୁଥିବା ଲୋକଙ୍କ ମାଧ୍ୟମରେ ଆମଦାନି କରାଯିବା ମାରାତ୍ମକ ପାଲଟିଛି। ଅନ୍ୟ ଦେଶଗୁଡ଼ିକରେ ଯେତେବେଳେ ଏହି ଭୂତାଣୁ ବ୍ୟାପିଥିଲା, ସେତେବେଳେ ଭାରତ କଠୋର ନିଷ୍ପତ୍ତି ନେଇ ବିଦେଶରେ ଥିବା ନାଗରିକଙ୍କୁ ସେହିଠାରେ ରହି ଚିକିତ୍ସିତ ହେବା ଲାଗି ସବୁ ପ୍ରକାର ସୁବିଧା ଯୋଗାଇ ଦେଇଥିଲେ ପରିସ୍ଥିତି ଆଜି ଗୁରୁତର ରୂପ ଧାରଣ କରି ନ ଥାନ୍ତା। ସମ୍ଭବତଃ ଓଡ଼ିଶା ହାଇକୋର୍ଟ ଏବର ସ୍ଥିତି ଆକଳନ କରି କହିଛନ୍ତି ଯେ, ଓଡ଼ିଶା ବାହାରୁ ଆସୁଥିବା ଶ୍ରମିକମାନଙ୍କୁ ସୀମାରେ ଅଟକାଯାଇ ସେହିଠାରେ ହିଁ ରହିବା ଓ ଖାଇବାର ବ୍ୟବସ୍ଥା କରାଯାଉ। ଶ୍ରମଜୀବୀଙ୍କ ପାଇଁ ଅସ୍ଥାୟୀ ରହଣିସ୍ଥଳରେ ସ୍ୱାସ୍ଥ୍ୟ ପରୀକ୍ଷା କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଏହା ନିଶ୍ଚିତ ସ୍ୱାଗତଯୋଗ୍ୟ। ଓଡ଼ିଶା ହାଇକୋର୍ଟଙ୍କ ନିର୍ଦ୍ଦେଶକୁ କେନ୍ଦ୍ର ସରକାର, ଦିଲ୍ଲୀ ଓ ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ମଧ୍ୟ ଅନୁସରଣ କରିବା ଦରକାର। ଏଥିସହିତ ବିଦେଶରେ ଥିବା ନାଗରିକଙ୍କ ପାଇଁ କେନ୍ଦ୍ର ସରକାର ଯେଭଳି ଚିନ୍ତିତ ରହିଛନ୍ତି, ନିଜ ଦେଶ ଭିତରେ ଯନ୍ତ୍ରଣା ଭୋଗୁଥିବା ଶ୍ରମିକମାନଙ୍କୁ ନିଜ ଅଞ୍ଚଳକୁ ପଠାଇବା ସକାଶେ ବ୍ୟବସ୍ଥା କରିପାରିଥିଲେ ସେମାନେ ଉପକୃତ ହୋଇପାରନ୍ତେ।

ଭାରତରେ ୨୧ ଦିନିଆ ଲକ୍‌ଡାଉନ୍ ବା ଏକପ୍ରକାର ଜାତୀୟ କର୍ଫ୍ୟୁ ଲଗାଯିବା ପରେ କରୋନା ଭୂତାଣୁ ସଂକ୍ରମଣ ଅନେକାଂଶରେ ରୋକାଯାଇପାରିବ ବୋଲି କୁହାଯାଉଛି। କିନ୍ତୁ ଏହି ଅବଧି ଶେଷ ହେବା ପରେ ଅବସ୍ଥା କ'ଣ ହେବ ବୋଲି ପ୍ରଶ୍ନ ଉଠିପାରେ। ଅଦ୍ୟାବଧି ଏହି ରୋଗ ପାଇଁ ଔଷଧ ବାହାରି ନାହିଁ। ଔଷଧ ବାହାରିଲେ ମଧ୍ୟ ଭାରତ ଭଳି ଜନବହୁଳ ଦେଶରେ ଏହାର ସୁଫଳ ତତ୍‌କ୍ଷଣାତ୍ ମିଳି ନ ପାରେ। ଭାରତରେ ଟେଷ୍ଟିଂ ପାଇଁ ଅଦ୍ୟାବଧି ସହଜ ଯନ୍ତ୍ର ବା ପଦ୍ଧତି ଆପଣାଯାଇପାରି ନାହିଁ। ଏଭଳି ସ୍ଥଳେ ବାସ୍ତବ ସଂକ୍ରମିତଙ୍କ ସଂଖ୍ୟା କେତେ ରହିଛି ଜାଣିବା କଷ୍ଟକର। ତେଣୁ ଟେଷ୍ଟିଂ ଭିତ୍ତିଭୂମି ଉନ୍ନତ କରାଯାଇ ଲୋକଙ୍କୁ କ୍ୱାରାନ୍‌ଟାଇନ୍ ବା ଏକାନ୍ତବାସ କରାଯାଇପାରିଲେ ସଂକ୍ରମଣକୁ ରୋକାଯାଇପାରନ୍ତା। କେବଳ ଲକ୍‌ଡାଉନ୍ ଭାଇରସ୍ ସଂକ୍ରମଣରୁ ଆମକୁ ରକ୍ଷା କରିପାରିବ ନାହିଁ।

# କରୋନା ବିରୋଧରେ ଯୁଦ୍ଧ–ଆମେ ଜିତିବୁ

ରଣେନ୍ଦ୍ର ପ୍ରତାପ ସ୍ୱାଇଁ

କରୋନାକୁ ରୋକିବା ପାଇଁ ଆସନ୍ତା ତିନି ସପ୍ତାହ ଭାରତ ସମ୍ପୂର୍ଣ୍ଣ ବନ୍ଦ ରହିବ। ବିଶ୍ୱ ଏହି ଭୂତାଣୁ ସଂକ୍ରମଣ ଯୋଗୁ ଚଳିତ ଶତାବ୍ଦୀରେ ପ୍ରଥମ ଥର ପାଇଁ ସ୍ୱାସ୍ଥ୍ୟଜନିତ ଆର୍ଥିକ ସଙ୍କଟରେ ସମ୍ମୁଖୀନ ହେବାକୁ ଯାଉଛି। ଚାଇନାର ଉହାନରୁ ଉତ୍ପନ୍ନ ହୋଇଥିବା ଏହି ଭୂତାଣୁ ଏବେ ବିଶ୍ୱର ପ୍ରତ୍ୟେକ ଦେଶକୁ ନିଜ କବ୍‌ଜାକୁ ନେଇଛି। ପ୍ରାରମ୍ଭରେ ସମସ୍ତ ଦେଶ ଭାବୁଥିଲେ ଏହା ଚାଇନାର ସମସ୍ୟା, ତା'ର ପ୍ରଭାବ ସେମାନଙ୍କ ଦେଶ ଉପରେ ପଡିବ ନାହିଁ। କିନ୍ତୁ ଦିନ କେଇଟାରେ କରୋନା ସମଗ୍ର ବିଶ୍ୱକୁ କବଳିତ କରିଛି, ଯାହା ପ୍ରତ୍ୟେକ ଦେଶ ଅନୁଭବ କଲେଣି। ଏହା କେବଳ ଦେଶଗୁଡ଼ିକରେ ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି କରି ନାହିଁ, ପ୍ରତ୍ୟେକ ଦେଶ ପାଇଁ ଆର୍ଥିକ ସମସ୍ୟାର ବୋଝ ହୋଇ ଉଭା ହୋଇଛି।

କୋଭିଡ–୧୯ ବା କରୋନା ଭୂତାଣୁ ଜନିତ ରୋଗ ମାନବ ସମାଜର ସ୍ଥିତି ପାଇଁ ଏକ ଆହ୍ୱାନ। ଆଗରୁ ଦେଖାଦେଇଥିବା ସମସ୍ତ ଭୂତାଣୁ ଜନିତ ରୋଗଠାରୁ ଏହା ଅଧିକ ସଂକ୍ରମିତ । ବିଜ୍ଞାନର ବିବିଧ ଅଗ୍ରଗତି ସତ୍ତ୍ୱେ ବୈଜ୍ଞାନିକମାନେ ଏହି ରୋଗର ଚିକିତ୍ସା ପାଇଁ କୌଣସି ଔଷଧ ବାହାର କରିନାହାନ୍ତି କିମ୍ବା କୌଣସି ପ୍ରତିଷେଧକ ଟିକା ଉଦ୍ଭାବନ ହୋଇନାହିଁ। ତେଣୁ ଜୀବନ ବଞ୍ଚାଇବାକୁ ହେଲେ ନିଜକୁ ସଂକ୍ରମଣ ଠାରୁ ଦୂରେଇ ରହିବାକୁ ହେବ। କୋଭିଡ୍–୧୯ ରୋଗର ମୃତ୍ୟୁହାର ଅନ୍ୟ ଭୂତାଣୁଜନିତ ରୋଗ ଯେପରି ସାର୍ସ ଓ ଇବୋଲା ମୃତହାରଠାରୁ ବହୁତ କମ୍। କରୋନାରେ ମୃତ୍ୟୁହାର ମାତ୍ର ୪.୬୩ ପ୍ରତିଶତ, ଯାହା ଦେଶରୁ ଦେଶ ଭିନ୍ନ ଅଟେ। କିନ୍ତୁ ଭାରତରେ ଏହା ୧ ପ୍ରତିଶତରୁ କମ୍ । ଏହାର ସଂକ୍ରମଣ ହାର ଅତି ଘାତକ। କରୋନା ଭୂତାଣୁ ଅଳ୍ପ ସମୟ ମଧ୍ୟରେ ବହୁ ଲୋକଙ୍କୁ ସଂକ୍ରମିତ କରିଥାଏ। ଏହାର ସଂକ୍ରମଣ ଗୁଣତର ଶ୍ରେଣୀରେ ବଢ଼ିଥାଏ। ସୁନାମିର ଢେଉ ଯେପରି କ୍ଷୟକ୍ଷତି କରିଥାଏ, କରୋନା ସଂକ୍ରମଣ ସ୍ୱାସ୍ଥ୍ୟବିଭାଗର ଭିତ୍ତିଭୂମିକୁ ଦୋହଲାଇ ଦେଇଛି।

ଲୋକେ ପ୍ରଶ୍ନ କରୁଛନ୍ତି, ଭାରତରେ ସଂପୂର୍ଣ୍ଣ ତାଲା ବନ୍ଦ ଆବଶ୍ୟକ ଥିଲା କି ? ମୁଁ କହିବି ହଁ। ଯଦି ବା ଭାରତ କରୋନା ଭୂତାଣୁ ସଂକ୍ରମଣର ଦ୍ୱିତୀୟ ସୋପାନରେ, ଏଠାରେ ପ୍ରମାଣ ଅଛି ଯେ ସଂକ୍ରମଣ ଗୋଟିଏ କମ୍ୟୁନିଟିରୁ ଅନ୍ୟ କମ୍ୟୁନିଟିକୁ ବ୍ୟାପୁଛି। ଯେହେତୁ ଆମେ ସନ୍ଦିଗ୍ଧ କରୋନା ରୋଗୀଙ୍କ ରକ୍ତ ନମୁନା କମ୍ ପରୀକ୍ଷା କରୁଛେ, ସେଥିପାଇଁ ଦେଶରେ କରୋନା ରୋଗୀଙ୍କ ସଂଖ୍ୟା କମ୍ ଥିଲା ପରି ଲାଗୁଛି। ଯେଉଁଠି ଦକ୍ଷିଣ କୋରିଆରେ ୧୦ଲକ୍ଷ ସନ୍ଦିଗ୍ଧ କରୋନା ରୋଗୀଙ୍କ ମଧ୍ୟରୁ ୪୦ହଜାର ଲୋକଙ୍କର କରୋନା ଭୂତାଣୁ ପରୀକ୍ଷା କରାଯାଉଛି, ସେଭଳି ସ୍ଥଳେ ଭାରତରେ ୧୦ଲକ୍ଷ ସନ୍ଦିଗ୍ଧ କରୋନା ରୋଗୀଙ୍କ ମଧ୍ୟରୁ ମାତ୍ର ୪ଜଣଙ୍କର ପରୀକ୍ଷା କରାଯାଉଛି। ଯେଉଁଥିପାଇଁ ଭାରତରେ ବହୁ କମ୍ କରୋନା ରୋଗୀ ଚିହ୍ନଟ ହୋଇପାରିଛନ୍ତି, ଯାହା ଚିନ୍ତାଜନକ ।

ଲୋକେ ଭାବିବା ଉଚିତ୍ ନୁହେଁ କି ୩ ସପ୍ତାହ ତାଲାବନ୍ଦ ବା ସଙ୍ଗରୋଧ ରହିଲେ କରୋନା ରୋଗ ଚାଲିଯିବ। ତାଲାବନ୍ଦର ମୂଳ ଉଦ୍ଦେଶ୍ୟ ହେଉଛି ସଂକ୍ରମଣକୁ ଶିଥିଳ କରିବା। ଏହାଦ୍ୱାରା ଆମର ଥିବା ସୀମିତ ସ୍ୱାସ୍ଥ୍ୟସେବା ଭିତ୍ତିଭୂମିରେ କରୋନା ରୋଗୀଙ୍କୁ ଚିକିତ୍ସା ଯୋଗାଇ ଦେଇପାରିବା। କରୋନା ସଂକ୍ରମିତଙ୍କ ମଧ୍ୟରୁ ୨୦ପ୍ରତିଶତ ଲୋକଙ୍କୁ ଡାକ୍ତରଖାନାରେ ଭର୍ତ୍ତି ହେବାକୁ ପଡିପାରେ। ଆଉ କିଛି ରୋଗୀ ଘରେ ରହି ସାଧାରଣ ଚିକିତ୍ସା ଦ୍ୱାରା ସୁସ୍ଥ ହୋଇପାରନ୍ତି ଏବଂ ଅଧିକାଂଶ ରୋଗୀ କରୋନା ସଂକ୍ରମିତ ଜାଣି ପାରିବେ ନାହିଁ ଯେ, ସେମାନେ ସଂକ୍ରମିତ ହୋଇଛନ୍ତି ବୋଲି। କିନ୍ତୁ କୁହାଯାଉଛି, ୨୦ପ୍ରତିଶତ କରୋନା ରୋଗୀଙ୍କ ମଧ୍ୟରୁ ୧୪ ପ୍ରତିଶତଙ୍କର ଆଇସିୟୁ ଆବଶ୍ୟକ ପଡିପାରେ ଏବଂ ୬ ପ୍ରତିଶତଙ୍କ ପାଇଁ ଆଇସିୟୁ ସହିତ ଭେଣ୍ଟିଲେଟରର ଆବଶ୍ୟକତା ରହିଛି। ଇଟାଲିରେ ବିଶ୍ୱର ସବୁଠାରୁ ଭଲ ସ୍ୱାସ୍ଥ୍ୟସେବା ଭିତ୍ତିଭୂମି ଥାଇ ମଧ୍ୟ ସେଠାକାର ଡାକ୍ତର ଚିନ୍ତାକରୁଛନ୍ତି କେଉଁ ରୋଗୀଙ୍କୁ ଆଇସିୟୁରେ ଭର୍ତ୍ତିକରି ଭେଣ୍ଟିଲେଟରରେ ରଖିବେ। କାରଣ ହେଉଛି ଆଇସିୟୁ ଶଯ୍ୟା ସଂଖ୍ୟା କମ୍। ସମସ୍ତେ ଜାଣନ୍ତି ଉହାନରେ ଲୋକେ କିପରି ଡାକ୍ତରଖାନାରେ ବେଡ୍ ପାଇ ନ ଥିଲେ। ଡାକ୍ତରଖାନାରେ ଭର୍ତ୍ତି ପାଇଁ ଅପେକ୍ଷା କରି ବହୁ କରୋନା ରୋଗୀଙ୍କର ମୃତ୍ୟୁ ହୋଇଥିଲା। ସ୍ୱାସ୍ଥ୍ୟ ଭିତ୍ତିଭୂମିରେ ଇଟାଲି ଦ୍ୱିତୀୟ ଏବଂ ଥାଇଲାଣ୍ଡ ୬ଷ୍ଠ ସ୍ଥାନରେ ଥିବାବେଳେ ଭାରତ ୧୪୨ତମ ସ୍ଥାନରେ ଅଛି। ଆପଣ ଜାଣିଲେ ଆଶ୍ଚର୍ଯ୍ୟ ହେବେ ଆମ ଦେଶରେ ସମୁଦାୟ ପାଖାପାଖି ୧ଲକ୍ଷ ଆଇସିୟୁ ବେଡ୍ ଅଛି, ସେଥିମଧ୍ୟରୁ ୪୦ ହଜାର ଆଇସିୟୁରେ ଭେଣ୍ଟିଲେଟରର ସୁବିଧା ଅଛି। ଦେଶରେ ଥିବା ସମସ୍ତ ଆଇସିୟୁ ବେଡ୍ ମଧ୍ୟରୁ ୭୦% ବେଡ୍‌ରେ ରୋଗୀ ରହି ଚିକିତ୍ସିତ ହେଉଛନ୍ତି। ଆଉ ମାତ୍ର ୩୦ହଜାର ଆଇସିୟୁ ବେଡ୍ କରୋନା ରୋଗୀଙ୍କ ଚିକିତ୍ସା ପାଇଁ ରହିଛି। ସେଥିମଧ୍ୟରୁ ୨୦ହଜାର ଆଇସିୟୁରେ ଭେଣ୍ଟିଲେଟରର ବ୍ୟବସ୍ଥା ରହିଛି। ଏପରି ସ୍ଥିତିରେ ପହଞ୍ଚିବା ପାଇଁ ଚାହିଁବା ନାହିଁ ଯେଉଁଥିରେ ଡାକ୍ତର ବାଛିବେ ଯେ କେଉଁ କରୋନା ରୋଗୀଙ୍କୁ ଆଇସିୟୁରେ ଭର୍ତ୍ତି କରିବେ ଏବଂ କେଉଁ କରୋନା ରୋଗୀଙ୍କୁ ମରିବା ପାଇଁ ଛାଡିଦେବେ। କରୋନା ସଂକ୍ରମଣ ରୋକିବା ଏବଂ କରୋନା ଭୂତାଣୁ ବୃଦ୍ଧି ଚକ୍ରକୁ ଭାଙ୍ଗିବା ପାଇଁ କେନ୍ଦ୍ର ସରକାର ଲକ୍‌ଡାଉନ୍ ନିମନ୍ତେ ନିଷ୍ପତ୍ତି ନେଇଛନ୍ତି, ଯାହା ଯୁକ୍ତିଯୁକ୍ତ ।

ପରିସ୍ଥିତିର ଗମ୍ଭୀରତାକୁ ଦେଖି ଓଡ଼ିଶା ସରକାର ଆଗୁଆ ସମସ୍ତ ୩୦ଟି ଜିଲାରେ ତାଲାବନ୍ଦର ନିଷ୍ପତ୍ତି ନେଇସାରିଛନ୍ତି। ଏହାଦ୍ୱାରା ସଂକ୍ରମଣକୁ ରୋକାଯାଇ ପାରିବ ଏବଂ ସ୍ୱାସ୍ଥ୍ୟ ବିଭାଗ ନିଜର ସୀମିତ ଭିତ୍ତିଭୂମିରେ କରୋନା ରୋଗୀଙ୍କୁ ଚିକିତ୍ସା ଯୋଗାଇ ଦେବ। ଦୁଃଖର ସହିତ କହିବାକୁ ପଡୁଛି ଯେ, ରାତାରାତି ଭେଣ୍ଟିଲେଟର ସୁବିଧା ଥିବା ଆଇସିୟୁ ତିଆରି କରାଯାଇପାରିବ ନାହିଁ। ଏହା ହେଉଛି ଏକ ସ୍ୱତନ୍ତ୍ର କାର୍ଯ୍ୟ। ଦେଶରେ ଗୋଟିଏ ଦୁଇଟି ସଂସ୍ଥା ଏହି କାର୍ଯ୍ୟ କରିଥାନ୍ତି। କରୋନା ପାଇଁ ବିଦେଶରୁ ଆଇସିୟୁ ଯନ୍ତ୍ରାଂଶ ଆଣିହେଉନାହିଁ, କାରଣ ପ୍ରତ୍ୟେକ ଦେଶରେ ଏହାର ଆବଶ୍ୟକତା ରହିଛି ଏବଂ ସେମାନେ ରପ୍ତାନି ବନ୍ଦ କରିଛନ୍ତି। ଘରୋଇ ସଂସ୍ଥା ଏମ୍ ଆଣ୍ଡ ଏମ୍ ଏବଂ ଡିଆରଡିଓ ସ୍ଥାନୀୟ ଜ୍ଞାନକୌଶଳ ବ୍ୟବହାର କରି କମ୍ ସମୟରେ ଅଧିକ ସଂଖ୍ୟକ ଆଇସିୟୁ ଏବଂ ଭେଣ୍ଟିଲେଟର ସରଞ୍ଜାମ ନିର୍ମାଣ କରିବାକୁ ଚେଷ୍ଟା କରୁଛନ୍ତି। ଏହି ତିନିସପ୍ତାହ ଆମ୍ଭମାନଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ । କରୋନା ସଂକ୍ରମଣକୁ ରୋକିବା ଏବଂ ସ୍ୱାସ୍ଥ୍ୟ ବ୍ୟବସ୍ଥାକୁ କରୋନା ସହିତ ଲଢ଼ିବା ପାଇଁ ପ୍ରସ୍ତୁତ ରଖିବା ଆବଶ୍ୟକ।

କରୋନା କେବଳ ସ୍ୱାସ୍ଥ୍ୟ ସଂକଟ ସୃଷ୍ଟି କରିନାହିଁ ଏହା ମଧ୍ୟ ଦେଶରେ ଆର୍ଥିକ ଦୁଃସ୍ଥିତି ଆଣିଛି। ଗତ ତିନି ଦଶନ୍ଧି ମଧ୍ୟରେ ବିଭିନ୍ନ ଆର୍ଥିକ ସଂକଟ ଯଥା ୧୯୮୭ ମସିହାର କଳା ସୋମବାର, ୧୯୯୦ ଦଶକର ଡଟ୍‌କମ୍ ବବ୍‌ଲୁର ବିସ୍ଫୋରଣ, ୨୦୦୧ର ଆର୍ଥିକ ମାନ୍ଦାବସ୍ଥା, ୨୦୦୮ର ବିଶ୍ୱ ଆର୍ଥିକ ସଙ୍କଟ ଏବଂ ହର୍ଷଦ ମେହେଟାଙ୍କ ଦୁର୍ନୀତି। ଏସବୁ ମନୁଷ୍ୟକୃତ ଥିଲା, ଯେଉଁଥିରେ ବ୍ୟବସ୍ଥାରେ ବିଭ୍ରାଟ କରାଯାଇ କୃତ୍ରିମ ଆର୍ଥିକ ସଙ୍କଟ ସୃଷ୍ଟି କରାଯାଇଥିଲା। ଏଥିରେ ପ୍ରକୃତ ଅର୍ଥ ବ୍ୟବସ୍ଥା ପ୍ରଭାବିତ ହୋଇ ନ ଥିଲା। କିନ୍ତୁ ବର୍ତ୍ତମାନ ଆର୍ଥିକ ସଂକଟ ମନୁଷ୍ୟକୃତ ନୁହେଁ। କରୋନା ଭୂତାଣୁ ଯୋଗୁ ଅର୍ଥନୀତି ଚୂର୍ଣ୍ଣଭୂତ ହୋଇ ବନ୍ଦ ହେବାକୁ ଯାଉଛି। ବିଶ୍ୱର ଛୋଟବଡ ବ୍ୟବସାୟୀଙ୍କ ବ୍ୟାପାର ପ୍ରାୟ ବନ୍ଦ କହିଲେ ଚଳେ। ଦେଶର ଅର୍ଥନୀତି ସହିତ କରୋନା ସମାନ୍ତରାଳ ଭାବେ ଅଣୁ କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗ (ଏମ୍‌ଏସ୍‌ଏମ୍‌ଇ)ର କ୍ଷତି ଘଟାଇବାକୁ ଯାଉଛି। ଆଗରୁ ନୋଟ୍ ବନ୍ଦୀ ଏବଂ ଜିଏସ୍‌ଟି ପ୍ରଚଳନ ଦ୍ୱାରା ଏମ୍‌ଏସ୍‌ଏମ୍‌ଇର ବ୍ୟାପକ କ୍ଷତି ହୋଇଛି । ଯଦି କେନ୍ଦ୍ର ସରକାର ଏଭଳି ଘଡିସନ୍ଧି ମୁହୂର୍ତ୍ତରେ ଏମ୍‌ଏସ୍‌ଏମ୍‌ଇ କ୍ଷେତ୍ରକୁ ସହାୟତା ପ୍ରଦାନ ନ କରନ୍ତି, ଏହାର ମେରୁଦଣ୍ଡ ଭାଙ୍ଗିଯିବ। ସେହିପରି ଦେଶର ସମୁଦାୟ ଶ୍ରମବଳର ଅଧା ହେଉଛନ୍ତି ଦିନମଜୁରିଆ, ଯେଉଁମାନେ ଅଣସଙ୍ଗଠିତ କ୍ଷେତ୍ରରେ କାର୍ଯ୍ୟକରି ଜୀବିକା ନିର୍ବାହ କରିଥାନ୍ତି। ସଂପୂର୍ଣ୍ଣ ତାଲା ବନ୍ଦ ପରେ ସେମାନେ ନିଜର ଗୁଜୁରାଣ ମେଣ୍ଟାଇବା କଷ୍ଟସାଧ୍ୟ ହୋଇପଡିଛି। ଏପରି ସ୍ଥିତିରେ କେନ୍ଦ୍ର ସରକାର ଏବଂ ରିଜର୍ଭ ବ୍ୟାଙ୍କ ସହାୟତାର ହାତ ବଢ଼ାଇବା ଉଚିତ, ନଚେତ୍ ଅନାବଶ୍ୟକ ସାମାଜିକ ସମସ୍ୟା ଦେଶରେ ଉପୁଜିବ। ଦେଶର ୫୦ ପ୍ରତିଶତ ପରିବାରର ପୋଷଣ ପାଇଁ ଭତ୍ତାର ଆବଶ୍ୟକତା ରହିଛି, ଯାହାଦ୍ୱାରା ସେମାନେ ଦିମୁଠା ଖାଇପାରିବେ। ସେଥିପାଇଁ ସରକାର ସ୍ୱତନ୍ତ୍ର ସହାୟତା ଘୋଷଣା କରନ୍ତୁ। ଅଶୋଧିତ ତୈଳ ମୂଲ୍ୟ ବିଶ୍ୱ ବଜାରରେ ସର୍ବନିମ୍ନ ସ୍ତରରେ ଥିବାବେଳେ କେନ୍ଦ୍ର ସରକାର ୩ ଲକ୍ଷ କୋଟି ଟଙ୍କାର ପାଣ୍ଠି ଗଠନ ପାଇଁ ଉପଭୋକ୍ତାଙ୍କଠାରୁ ଲିଟର ପିଛା ଅତିରିକ୍ତ ୩ଟଙ୍କା ଟିକସ ଆଦାୟ କରୁଛନ୍ତି। ଏହି ଅର୍ଥକୁ ଦେଶର ଆର୍ଥିକ ଦୁରବସ୍ଥା ସୁଧାରିବାକୁ ବିନିଯୋଗ କରାଯିବା ଉଚିତ୍।

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦୂରଦର୍ଶୀ ନେତୃତ୍ୱ ବଳରେ ରାଜ୍ୟ ସରକାର କରୋନା ମୁକାବିଲା ପାଇଁ ଅଭୂତପୂର୍ବ ପଦକ୍ଷେପ ଗ୍ରହଣ କରିଛନ୍ତି। କେନ୍ଦ୍ର ସରକାରଙ୍କ ଘୋଷଣା ପୂର୍ବରୁ ଓଡ଼ିଶା ପ୍ରଥମ ରାଜ୍ୟ ଭାବେ ସମସ୍ତ ଜିଲାରେ ସମ୍ପୂର୍ଣ୍ଣ ତାଲାବନ୍ଦ କରିଛି। ଗ୍ରାମ ପଞ୍ଚାୟତସ୍ତରରେ ପୃଥକୀକରଣ ବ୍ୟବସ୍ଥା ପାଇଁ ୫ଲକ୍ଷ ଟଙ୍କା ଦିଆଯାଇଛି। ସ୍ୱାସ୍ଥ୍ୟ ବିଭାଗ ଏବଂ ଅନ୍ୟ ଅଧିକାରୀମାନେ କରୋନାର ମୁକାବିଲା ପାଇଁ କାର୍ଯ୍ୟରତ ଅଛନ୍ତି। ବ୍ୟବହାର ହେଉ ନ ଥିବା ବିଭିନ୍ନ କୋଠାବାଡ଼ିକୁ କରୋନା ରୋଗୀଙ୍କ ଚିକିତ୍ସା ପାଇଁ ବ୍ୟବହାର କରିବାକୁ ସରକାର କାର୍ଯ୍ୟ କରୁଛନ୍ତି।

ଏହି ସମୟରେ ଖାଦ୍ୟ ଓ ଯୋଗାଣ ବିଭାଗର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଖାଦ୍ୟ ଯୋଗାଣକୁ ବଳବତ୍ତର ରଖିବା ପାଇଁ ବିଭାଗ କାର୍ଯ୍ୟରତ। ରାଜ୍ୟ ଓ ଜାତୀୟ ଖାଦ୍ୟ ସୁରକ୍ଷା ଅଧୀନରେ ଥିବା ସମସ୍ତ ଖାଉଟିଙ୍କୁ ୩ମାସର ଅଗ୍ରିମ ରାଶନ ପ୍ରଦାନ କରାଯାଉଛି। ରାଶନ ଦୋକାନରେ ଭିଡ଼ କମାଇବା ପାଇଁ ଖାଉଟିମାନଙ୍କ ଘରେ ରାଶନ ପହଞ୍ଚାଇବାର ବ୍ୟବସ୍ଥା କରାଯାଇଛି। ଖାଦ୍ୟପଦାର୍ଥ, ଜାଳେଣି, ଔଷଧ ଏବଂ ସ୍ୱାସ୍ଥ୍ୟ ସୁରକ୍ଷା ସାମଗ୍ରୀର କଳାବଜାର ଏବଂ ବେନିୟମ, ମହଜୁଦ୍ ଉପରେ ଯୋଗାଣ ବିଭାଗ ତୀକ୍ଷ୍ଣ ଦୃଷ୍ଟି ରଖିଛି। କରୋନା ପ୍ରଭାବର ଉପଶମ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସଂକଳ୍ପବଦ୍ଧ। ଏହି ଘଡ଼ିସନ୍ଧି ମୁହୂର୍ତ୍ତରେ ରାଜ୍ୟରେ ଥିବା ସମସ୍ତ ଘରୋଇ ହସ୍‌ପିଟାଲ ନିଜର ସୁବିଧା ନ ଦେଖି କରୋନା ରୋଗୀଙ୍କ ପରୀକ୍ଷା ଓ ଚିକିତ୍ସା କରିବା ଉଚିତ୍।

କରୋନା ଏପରି ସମସ୍ୟା ସୃଷ୍ଟି କରିଚାଲିଛି ଯେ, ସରକାର ଏକା ଚାହିଁଲେ ସମସ୍ୟାର ସମାଧାନ ହେବ ନାହିଁ। ଏହି ସମସ୍ୟାର ମୁକାବିଲା କରିବା ସକାଶେ ପ୍ରତ୍ୟେକ ବ୍ୟକ୍ତି ସହାୟତାର ହାତ ବଢ଼ାଇବା ଉଚିତ। ଜାତୀୟ ଜନଗଣନା ରେଜିଷ୍ଟର (ଏନ୍‌ପିଆର୍) ପାଇଁ ରଖାଯାଇଥିବା ଅର୍ଥକୁ କରୋନା ମୁକାବିଲା ପାଇଁ ଖର୍ଚ୍ଚ କରିବା ଆବଶ୍ୟକ। କରୋନାକୁ ମୁକାବିଲା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ତାଙ୍କର ତିନିମାସର ଦରମା ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିକୁ ଦାନକରିବା ସହିତ ଅନ୍ୟମାନଙ୍କୁ ମୁକ୍ତ ହସ୍ତରେ ଦାନ ପାଇଁ ନିବେଦନ କରିଛନ୍ତି। ଏପରି ସ୍ଥିତିରେ ସମସ୍ତେ ସଜାଗ ରହିବା ସହିତ ସରକାରଙ୍କ ମାର୍ଗଦର୍ଶିକା ମାନିବା ଦରକାର। କରୋନା ସଂକ୍ରମଣକୁ ରୋକିବା ପାଇଁ ଘରେ ରୁହନ୍ତୁ, କୌଣସି ଗୁଜବ ଶୁଣନ୍ତୁ ନାହିଁ। ନିବାରଣ ହିଁ ଆରୋଗ୍ୟ। ପ୍ରତ୍ୟେକ ମଣିଷ ଏହି ଭୟଙ୍କର ସଂକ୍ରମଣରୁ ରକ୍ଷା ପାଇବା ପାଇଁ ଉପାୟ ବାହାର କରିବା ଉଚିତ। ଆମ୍ଭେ ସ୍ୱତଃପ୍ରବୃତ୍ତ ଭାବେ ସଙ୍ଗରୋଧରେ ରହିବା। ତାଲାବନ୍ଦକୁ ସରକାରଙ୍କ ଶାସ୍ତିମୂଳକ ପଦକ୍ଷେପ ନ ଭାବି ଏହାକୁ ପାଳନ କରି ନିଜ ପରିବାର ସହିତ ସମୟ ବିତାନ୍ତୁ। ଶେଷରେ ଆମ ମୁଖ୍ୟମନ୍ତ୍ରୀଙ୍କ 'ମୋ ଜୀବନ' ଶପଥ ନେଇ ନିଜ ସହିତ ମାନବ ସମାଜର ସୁରକ୍ଷା ପାଇଁ ସାମାଜିକ ଦୂରତ୍ୱ ବଜାୟ ରଖିବାକୁ ମୁଁ ଦେଶର ଜଣେ ସାଧାରଣ ନାଗରିକ ଭାବେ ଆପଣମାନଙ୍କୁ ଅନୁରୋଧ କରୁଛି।

ସୂର୍ଯ୍ୟଭବନ, ଆଠଗଡ

## ଏଇ ଭାରତରେ

କରୋନା ସଂକ୍ରମଣର ମୁକାବିଲା ଲାଗି ଭାରତରେ ୨୧ ଦିନିଆ ଲକ୍‌ଡାଉନ କରାଯାଇଛି। ଏହି ସମୟରେ ବେଙ୍ଗାଲୁରୁର ଏକ ସ୍ୱେଚ୍ଛାସେବୀ ଦଳ ଲୋକମାନଙ୍କୁ ସେବା ଯୋଗାଇଦେଇ ଅନ୍ୟମାନଙ୍କୁ ଏଭଳି କରିବା ଲାଗି ବାଟ ଦେଖାଇଛନ୍ତି। ଏହି ସଂଗଠନରେ ୩୦ ଜଣ ସଦସ୍ୟ ରହିଛନ୍ତି। ଏମାନେ ସମସ୍ତେ ଚାର୍ଟାର୍ଡ ଆକାଉଣ୍ଟାଣ୍ଟ କୋଚିଂ ସେଣ୍ଟରରେ କୋଚିଂ ନେଉଛନ୍ତି। ଅଭାବୀ ମୁଖ୍ୟତଃ ଦିନ ମଜୁରିଆ ପରିବାରକୁ ଅତ୍ୟାବଶ୍ୟକ ସାମଗ୍ରୀ ଯୋଗାଇ ଦେଉଛନ୍ତି। ଏବେସୁଦ୍ଧା ଏମାନେ ୫୦୦ରୁ ଊର୍ଦ୍ଧ୍ୱ ପରିବାରକୁ ସାମଗ୍ରୀ ଯୋଗାଇ ସାରିଲେଣି। ଲକ୍‌ଡାଉନରେ ସବୁଠାରୁ ବେଶି ପ୍ରଭାବିତ ହେଉଛନ୍ତି ଶ୍ରମିକ ଶ୍ରେଣୀରଲୋକ ବୋଲି କହନ୍ତି ସଂଗଠନର ସଦସ୍ୟ ଶ୍ରବଣ ଏମ୍. ରାଓ। ଏଣୁ ଏମାନେ ଅଭାବୀ ପରିବାରକୁ ଅତ୍ୟାବଶ୍ୟକୀୟ ସାମଗ୍ରୀ ଯୋଗାଇ ଦେବା ଲାଗି ନିଷ୍ପତ୍ତି ନେଇ ଏଭଳି ସେବା ଆରମ୍ଭ କରିଛନ୍ତି। ସେମାନେ ଏହି ସବୁ ସାମଗ୍ରୀ କିଣି ତାହାକୁ ଅଟୋରେ ନେଇ ଲୋକମାନଙ୍କ ପାଖରେ ପହଞ୍ଚାଉଛନ୍ତି। ଏସବୁ ବାବଦରେ ସବୁ ଖର୍ଚ୍ଚ ଏମାନେ ନିଜେ ବହନ କରୁଛନ୍ତି।

## su | do | ku — ସୁ–ଡୋ–କୁ

Puzzles by Srikant Ghosh

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| D | 3 | 7 | | | E | | A | | | 9 | | | | |
| | | | 9 | | B | | | | 6 | | | | 3 | D |
| | 5 | | | 6 | D | | | | | 4 | | 2 | | |
| 4 | C | | | 0 | | | 9 | | | | | B | 1 | E |
| | | 6 | 2 | | | | 0 | | | | | | | |
| | | | | | | | 6 | 4 | | 2 | | 8 | E | 7 |
| 6 | | 0 | | | | | D | B | | | 9 | | | |
| | | D | | 5 | 1 | | 3 | | 4 | 6 | | | | C |
| 3 | | | | 9 | | 7 | | | D | 0 | | 6 | | |
| | | E | | 7 | | | | 1 | | B | 3 | | | 4 |
| 8 | | | | | 7 | | | 5 | | 3 | 0 | 4 | B | 1 |
| 7 | | | 3 | | 2 | | | 8 | E | 5 | | | | |
| | | 3 | | D | | | B | 9 | C | 7 | | | 8 | 6 |
| | 0 | | | B | 9 | | | | | | | C | | |
| | | 5 | | 4 | | | 2 | | | | 1 | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 4 | 2 | 3 | 5 | 0 | E | A | 8 | 9 | 7 | D | 1 | C | 6 | B |
| D | C | 6 | 2 | 1 | 8 | B | 0 | E | A | 4 | 3 | 9 | 5 | 7 |
| 9 | A | 7 | B | 3 | D | C | 1 | 5 | 6 | 0 | 2 | 4 | 8 | E |
| 8 | 5 | 1 | 9 | 6 | 7 | D | 3 | 4 | E | B | C | 2 | 0 | A |
| 0 | E | B | A | 4 | C | 7 | 6 | 2 | 9 | 8 | 5 | 3 | 1 | D |
| 1 | 8 | A | E | 7 | 0 | 9 | B | C | 4 | 2 | 6 | 5 | D | 3 |
| 5 | D | 0 | C | 8 | 6 | 3 | E | 7 | B | 1 | 9 | A | 2 | 4 |
| E | 7 | 4 | 1 | D | 5 | 8 | 2 | A | C | 3 | 0 | B | 9 | 6 |
| B | 3 | 9 | 4 | A | 2 | 0 | 5 | 6 | 8 | 7 | D | E | C | 1 |
| 2 | 6 | C | 3 | B | 9 | 1 | 4 | D | 5 | E | A | 0 | 7 | 8 |
| A | 4 | E | 8 | C | B | 6 | 9 | 1 | 0 | 5 | 7 | D | 3 | 2 |
| C | B | 5 | D | 2 | 1 | 4 | A | 0 | 3 | 6 | 8 | 7 | E | 9 |
| 7 | 9 | D | 6 | 5 | 4 | 2 | C | 3 | 1 | A | E | 8 | B | 0 |
| 6 | 0 | 8 | 7 | E | 3 | 5 | D | B | 2 | 9 | 4 | 1 | A | C |
| 3 | 1 | 2 | 0 | 9 | A | E | 7 | 8 | D | C | B | 6 | 4 | 5 |

ଗତକାଲିର ଉତ୍ତର

# ମଣିଷ ହୁଅ

ଦ୍ୱିତୀ ଚନ୍ଦ୍ର ସାହୁ

ସମସ୍ତଙ୍କ ଉପସ୍ଥିତିରେ ସାଇଁକରି ଗାଡ଼ିଟିକୁ ଚକ୍ରାକାରରେ ଘୂରେଇଲା ଜଣେ ଯୁବକ। ଆଗ ଚକ ଟିକେ ଉପରକୁ ଉଠାଇଲା ଆଉ ଆଖିବୁଜା ବେଗରେ ନିମିଷକରେ ଉଭାନ ହୋଇଗଲା। ସମସ୍ତେ ହତମ୍ବ ହୋଇଗଲେ। ଉପସ୍ଥିତ ବୟସ୍କ ବ୍ୟକ୍ତି ଜଣକ କହିଲେ – 'ଗଲା ବିଗିଡି ଗଲା। ଆଉ ଏଇ ଛୁଆମାନେ ମଣିଷ ହେବେନି !' ଦଲକାଏ ପବନରେ ଉଡ଼ି ଯାଉଥିବା ରଫ୍‌କାଗଜ ପରି ଏ କଥା ବି ମିଳେଇ ଗଲା ପବନରେ କ୍ଷଣିକ ଭିତରେ। ନିଜ ନିଜ କାର୍ଯ୍ୟରେ ଲାଗିଗଲେ ସମସ୍ତେ। ସ୍ୱାଦ ଚାଖିବା ଲାଗି ସହରରେ ନୂଆକରି ଖୋଲିଥିବା ଚା ପାର୍ଲୋରରେ ବସିଥିବା ଦୁତିଆର ମଗଜରୁ ଏଇ କଥା କିନ୍ତୁ ବସା ବାନ୍ଧି ରହିଗଲା ଯେମିତି। କୋଉ କାମଟା ଠିକ୍ ଭାବେ କରି ନ ପାରିଲେ ମା' ତା'ର କହିଦେବ 'ଗଲୁରେ ବାବୁ ! ତୁ ଆଉ ମଣିଷ ହେବୁନି !' ଦୁତିଆ ଭଲକରି ଜାଣିଥାଏ ଯଦି କେବେ କାମରେ ଖଇଚା ହୋଇଯିବ ତ ତା'ର ମା' ସେଇ କଥା ନିଶ୍ଚିତ କହିବ। ଜୀବନତମାମ ସେଇ କଥା ତା' ପାଇଁ ଘୋଷରା ହୋଇ ଆସିଥିଲା। ଏମିତିକି ଦୁତିଆ ଚାକିରି କରି ରୋଜଗାର କଲା। ବାହାସାହା ହୋଇ ଘରସଂସାର କଲା। ତଥାପି ତାରି ଭିତରେ ବି ମା' ତା'ର କହିଦେଉଥିଲା ସେଇ କଥା। ଗୁରୁତ୍ୱ ଦେଇ ଆସିନି ସେଇ କଥାରେ କେବେ। ବରଂ ମିଠା ଗାଳି ଭାବେ ତାକୁ ସହଜରେ ଗ୍ରହଣ କରିଆସିଛି। କିନ୍ତୁ ତାରି ମଧ୍ୟରେ ଯେ ଅଜସ୍ର ଗୋପନେ ସାଇତା କଥା ରହିଛି ସେ କେବେ ଅନୁଭବ କରିପାରିନି। ମା'ର ଅବର୍ତ୍ତମାନରେ ଏଇ ମରମ କଥାକୁ ଅନେକ ସ୍ଥାନରେ ବହୁବାର ଶୁଣିଛି। ପ୍ରବଚକମାନେ ନିଜ ପ୍ରବଚନରେ କହିଲେଣି ତ ବୁଦ୍ଧିଜୀବୀ, ମ୍ୟାନେଜମେଣ୍ଟ ଗୁରୁ ସର୍ବୋପରି ଧାର୍ମିକ ଗୁରୁମାନେ ବି ସେଇ ଗୋଟିଏ କଥା କହିଲେଣି 'ମଣିଷ ହୁଅ !' କହିବାକୁ ଗଲେ ସଚରାଚର ଯେତେ ମଣିଷ ଦେଖାଯାଉଛନ୍ତି ସେମାନେ ସମ୍ଭବତଃ ମଣିଷ ହୋଇପାରି ନାହାନ୍ତି ! ମଣିଷ ପ୍ରଜାତିରେ ଜନ୍ମଲାଭ କରିଛନ୍ତି ଅଥଚ ଯାବତୀୟ କାମ ସବୁ ଅମଣିଷ ଭଳି କରୁଛନ୍ତି। ଆଚରଣ ଓ ଉଚ୍ଚାରଣରେ ଅନେକ ଫରକ। ମଣିଷ ଭିତରେ ଥିବା ସମ୍ବେଦନଶୀଳତା ଶେଷ ହୋଇଯାଇଛି। ବାହାର ପରିବେଶ, ପ୍ରକୃତି, ଜଳବାୟୁର କୌଣସି ପ୍ରଭାବ ତାରି ଉପରେ ପଡୁନି ଯେମିତି। ମିଳୁଛି ସେଇ ଏକା ପ୍ରତିକ୍ରିୟା। ମଣିଷ ପ୍ରଦର୍ଶନ କରୁଛି ସମାନ ବ୍ୟବହାର। ମାନବୀୟ ଗୁଣ ସବୁ ବନ୍ଧା ପଡ଼ିଛି। ଅନ୍ୟପ୍ରତି ଦରଦ ନାହିଁ କି ସହାନୁଭୂତି ନାହିଁ। ମରିଯାଉଥିବା ମଣିଷ ପ୍ରତି ବି ତା'ର ଦୟା ନାହିଁ। ସାମ୍ନାରେ ଦେଖୁଥିବା ମଣିଷ, ଜୀବ ପ୍ରତି ଉଦ୍‌ବେଗ ନାହିଁ। ନିଜର କାମ ପାଇଁ ଉଦ୍‌ବେଳନ ନାହିଁ। ଭୁଲ କାମ ପାଇଁ ପଶ୍ଚାତ୍ତାପ ବି ମନକୁ ଛୁଉଁନି। ମାନବୀୟ ମନ୍ତ୍ରରେ ଅଭିମନ୍ତ୍ରିତ ମଣିଷ ଏବେ ଯନ୍ତ୍ରବତ୍ ହୋଇପଡ଼ିଛି। ନିର୍ଦ୍ଦିଷ୍ଟ କାମ ପାଇଁ ଯନ୍ତ୍ର ଯେମିତି ଅନବରତ କାମ କରିଚାଲିଛି ମଣିଷ ବି ଯନ୍ତ୍ର ତୁଲ୍ୟ ମନେ ହେଉଛି। ପିଲାଟି ଦିନରୁ ଘରେ ଘରେ ଯନ୍ତ୍ର ନିର୍ମାଣର ପ୍ରକ୍ରିୟା ଆରମ୍ଭ ହୋଇଯାଉଛି। ଯାବତୀୟ ସୁଖଦୁଃଖ, ପାରିବାରିକ ଭାବାବେଗ, ସମ୍ପର୍କର ସୁନେଲି ଆବେଗଠାରୁ ନିଜର ଛୁଆକୁ ଦୂରରେ ରଖାଯାଉଛି। ଏମିତିକି ଆବଶ୍ୟକସ୍ଥଳେ ପର୍ବପର୍ବାଣି, ଜାନିଯାତ, ପାରିବାରିକ ଉତ୍ସବଠାରୁ ମଧ୍ୟ ଦୂରରେ ରଖାଯାଉଛି। ନିରବଚ୍ଛିନ୍ନ ଅଧ୍ୟୟନ ଲାଗି ତୁହାକୁ ତୁହା ପରାମର୍ଶ। ପରୀକ୍ଷା ଫଳକୁ ନେଇ ସମୀକ୍ଷା ଓ ତୁଳନା। ଆହୁରି ଉତ୍କର୍ଷ ଲାଗି ଚାପ ପ୍ରୟୋଗ। ସମୟର ସଦ୍‌ବିନିଯୋଗ ଲାଗି ଉପଦେଶ। ପଢ଼ିବା ଲାଗି ରଖାଯାଉଛି ସବୁ କୋଳାହଳଠାରୁ ଦୂରରେ। ଏମିତିକି ଆବାସିକ ଅଧ୍ୟୟନ ଲାଗି ଅଭିଭାବକ ପାଣି ଭଳି ଅର୍ଥ ଖର୍ଚ୍ଚ କରୁଛନ୍ତି। ପାରିବାରିକ ସମ୍ପର୍କଠାରୁ ଦୂରରେ ରଖାଯାଇ ଗୋଟିଏ ମାର୍ଗ ଦେଖାଇ ଦିଆଯାଉଛି ଓ ଗୋଟିଏ ଲକ୍ଷ୍ୟକୁ ପୂରଣ ପାଇଁ ଅଣନିଃଶ୍ୱାସୀ ହୋଇ ଦୌଡ଼ିବାକୁ କୁହାଯାଉଛି। ପିଲାଟି ଦୌଡୁଛି କ୍ଷୀପ୍ର ବେଗରେ। ଲମ୍ବା ରେସର ଘୋଡା ଭଳି ଲକ୍ଷ୍ୟ ପୂରଣରେ ଅଧିକାଂଶ ସଫଳ ବି ହେଉଛନ୍ତି। ପୁଳା ପୁଳା ଟଙ୍କା ଅର୍ଜିପାରୁଥିବା ବୃତ୍ତିରେ ବି ନିଜର ପିଲାଟି ନିଜକୁ ଯୋଗ୍ୟ ବିବେଚିତ କରୁଛି। କିନ୍ତୁ ମଣିଷ ହୋଇପାରୁନି। ପରିବାର ସଦସ୍ୟଙ୍କୁ ଚିହ୍ନି ପାରୁନି। ସମ୍ମାନବୋଧ ଶିଖିପାରୁନି। ଅବଶେଷରେ ମଣିଷ ହିସାବରେ ଅନ୍ୟ ମଣିଷ ପ୍ରତି କିଭଳି ଆଚରଣ ପ୍ରଦର୍ଶନ କରିବା ଉଚିତ ସେହି ସାମାନ୍ୟତମ ମୂଲ୍ୟବୋଧକୁ ବି ହାସଲ କରିପାରୁନି। ଯାବତୀୟ ପ୍ରାଚୁର୍ଯ୍ୟ ଭିତରେ ରହି ବି ପୁଅମାନେ ପରବର୍ତ୍ତୀ ଜୀବନରେ ନିଜ ମାତାପିତାଙ୍କ ପାଇଁ ଭଲ ପୁଅ ହୋଇପାରୁ ନାହାନ୍ତି କି ନିଜ ଛୁଆମାନଙ୍କ ପାଇଁ ଭଲ ବାପା ହୋଇପାରୁ ନାହାନ୍ତି। ଆଉ ଘରକରଣାଠାରୁ ଦୂରରେ ରହି ଆସିଥିବା ଝିଅମାନେ ନିଜକୁ ମନ ଜିଣିବା ମା'ଟିଏ ଭାବେ ନିଜକୁ ପ୍ରସ୍ତୁତ କରିପାରୁ ନାହାନ୍ତି। ଆଉ ଏଭଳି ମାଆବାପାଙ୍କଠାରୁ ଜନ୍ମିତ ଛୁଆ ପାଖରେ ସବୁ ସୁଖ ଓ ସରଞ୍ଜାମ ରହୁଛି। ଅଥଚ ଯାହା ରହିବା କଥା, ସେତକ ଗୁଣ ରହିପାରୁନି। ମଣିଷ ଯେମିତି ବେଳକୁ ବେଳ ନିର୍ବୋଧ ପାଲଟିଯାଉଛି। ନିଜର ଜ୍ଞାନେନ୍ଦ୍ରିୟକୁ ଇଚ୍ଛା ମୁତାବକ ବ୍ୟବହାର କରିପାରୁଛି ସତ, ଅଥଚ ମନ, ବୁଦ୍ଧି, ଚିତ୍ତ ଓ ଅହଂକାର ରୂପୀ ଅନ୍ତଃକରଣକୁ ମଣିଷ ସମ୍ଭବତଃ ଠିକ୍ ଭାବେ ପରିଚାଳନା କରିପାରୁନାହିଁ। ସେଥିପାଇଁ ସମ୍ଭବତଃ ସବୁଠି ସମସ୍ତେ ଗୋଟିଏ ପରାମର୍ଶ ଦେଇ ଚାଲିଛନ୍ତି 'ମଣିଷ ହୁଅ !' ଚା' ସହ ଚର୍ଚ୍ଚାରେ ବିଭୋର କେହି ଜଣେ ଅନ୍ୟମନସ୍କ ହୋଇ ଛାଡିଯାଇଥିବା ଟଙ୍କା ଭର୍ତ୍ତି ପର୍ସକୁ ପାଇଲା ଦୁତିଆ। ନିକଟରେ ବସିଥିବା ବନ୍ଧୁ ଫେରେଇବାକୁ ବାରଣ କଲେ। ଦୁତିଆ କିନ୍ତୁ ପର୍ସରୁ ନମ୍ବର ପାଇ ନିଜ ମୋବାଇଲରୁ ଭଦ୍ର ବ୍ୟକ୍ତିଙ୍କୁ କଲ୍ କରିବାକୁ ଲାଗିଲା। ନିଜ ଭିତରେ ଆତ୍ମବୋଧ ହେଉଥିଲା ମା'ର ସେଇ କଥା – 'ତୁ ଆଉ ମଣିଷ ହେବୁନି !'

ଇନ୍ଦିରା ନଗର, ଚତୁର୍ଥ ଗଳି, ରାୟଗଡ଼ା, ମୋ– ୯୫୫୬୨୮୭୭୭୫

## ଚିରନ୍ତନୀ

ତୁ ଯେବେ ଆଗ ଯିବୁ କେସନ ମୁଁ
ବଞ୍ଚିବଇଁ
ମରଣୁ ବଳି ପର
ଜୀବନର ଭାର ବହି।
ମରିବି ଯେବେ ଆଗ କେସନ ମୁଁ
ମରିବି ଗୋ
ମରଣୁଁ ବଳି ତା'ର
ଅନ୍ଧକାର ଦଶଦିଗ।

(ମରଣ ପାଳି)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ୨୫ ବର୍ଷ ତଳର ଧରିତ୍ରୀ

୩୦ ମାର୍ଚ୍ଚ ୧୯୯୫

- ଇରାନରୁ ତୈଳ ରପ୍ତାନି ପାଇଁ ଜାରି କରାଯାଇଥିବା ବାସନ୍ଦ ବ୍ୟବସ୍ଥାକୁ ଉଠାଇନେବା ପାଇଁ ରୁଷିଆ ଓ ଫ୍ରାନ୍ସ ମିଳିତଭାବେ ଜାତିସଂଘରେ ଏକ ଚିଠା ପ୍ରସ୍ତାବ ଆଗତ କରିଛନ୍ତି।
- ଶ୍ରୀଲଙ୍କାରେ ଥାଲାସିମିଆ ରୋଗରେ ଆକ୍ରାନ୍ତ ହୋଇ ୬୦୦ ଶିଶୁ ପ୍ରାଣ ହରାଇଥିବା ସୂଚନା।

## ସାପ୍ତାହିକ ପଞ୍ଜିକା

**ମାର୍ଚ୍ଚ ୨୩–** କୋଲକାତାରେ ପ୍ରଥମ କରୋନା ମୃତ୍ୟୁ।

**ମାର୍ଚ୍ଚ ୨୫–** ବ୍ରିଟେନ ରାଣୀ ଏଲିଜାବେଥ ଦ୍ୱିତୀୟଙ୍କ ବଡ଼ପୁଅ ପ୍ରିନ୍ସ ଚାର୍ଲ୍ସ କରୋନା ଭୂତାଣୁରେ ଆକ୍ରାନ୍ତ।

▸▸ ଭାରତରେ କରୋନା ଭୂତାଣୁ ସଂକ୍ରମିତଙ୍କ ସଂଖ୍ୟା ୬୦୬ରେ ପହଞ୍ଚିଥିବାବେଳେ ୧୦ ଜଣଙ୍କ ଜୀବନ ଯାଇଛି।

**ମାର୍ଚ୍ଚ ୨୬–** କରୋନା ସଙ୍କଟର ମୁକାବିଲା ଲାଗି କେନ୍ଦ୍ର ସରକାର ୧ଲକ୍ଷ ୭୦ ହଜାର କୋଟି ଟଙ୍କାର ସହାୟତା ପ୍ୟାକେଜ ଘୋଷଣା କରିଛନ୍ତି।

**ମାର୍ଚ୍ଚ ୨୭–** ଭାରତରେ କରୋନା ସଂକ୍ରମଣଜନିତ ମୃତ୍ୟୁ ସଂଖ୍ୟା ୨୦ରେ ପହଞ୍ଚିଛି।

▸▸ କରୋନା ଭାଇରସ୍ ଅଦ୍ୟାବଧି ବିଶ୍ୱବ୍ୟାପୀ ୨୫ ହଜାର ୪୧୦ ମୁଣ୍ଡ ନେଇଥିବା ବେଳେ ସଂକ୍ରମିତଙ୍କ ସଂଖ୍ୟା ୫ ଲକ୍ଷ ୬୫ ହଜାରରେ ପହଞ୍ଚିଲାଣି।

## ପାଠକ ଶ୍ରେଷ୍ଠ ବିଚାରକ

### ଭୁବନେଶ୍ୱର ରାସ୍ତା

ମହାଶୟ,

ରାଜଧାନୀ ରାସ୍ତା ଏକ ମରଣଯନ୍ତା। ଯେତିକି ରାସ୍ତା ଅଛି ପ୍ରାୟ ଅଞ୍ଚଳରେ ପୋଲ, ଖମା ଏବଂ ସମତଳ କୌଣସି ଜାଗାରେ ନାହିଁ। ଉଦାହରଣ ସ୍ୱରୂପ କଳିଙ୍ଗ ହସ୍ପିଟାଲ ଛକରୁ ଡମଣା ପର୍ଯ୍ୟନ୍ତ ରାସ୍ତାର କିଛି ଅଂଶ ମୋଟା ଏବଂ କିଛି ପତଳା। ଏହାଦ୍ୱାରା ଦୁଇଚକିଆ ଯାନ ଚକା ଘୂରି ଅନେକ ଚାଳକ ଦୁର୍ଘଟଣାରେ ଆହତ ହେଉଛନ୍ତି। ନିକଟରେ ଯୁକ୍ତ୨ ପରିଷଦର ଜଣେ କର୍ମଚାରୀ ନିଶ୍ଚିତ ମୃତ୍ୟୁମୁଖରୁ ବଞ୍ଚିଗଲେ। ସପ୍ତମ ବାଟାଲିୟନ ହାଇସ୍କୁଲ ସମ୍ମୁଖରେ ଥିବା ଦୁଇଟିଯାକ ହମ୍ପସରେ ଧଳାଚୂନ ବୋଳାଯାଇ ନ ଥିବାରୁ ପ୍ରତ୍ୟେକ ଦିନ ଦୁର୍ଘଟଣା ଘଟୁଛି। କେତେବେଳେ ଅକାଳରେ କାହାର ଜୀବନ ଯିବ କହିବା ମୁସ୍କିଲ। ରାସ୍ତା କୋଠାବାଡି ବିଭାଗକୁ ଫୋନ କଲେ ଆମ ଦାୟିତ୍ୱ ନୁହେଁ କହୁଛନ୍ତି। ୫ଟି କ'ଣ ପାଇଁ।

କେ. ରବି, ଜିଜିପି କଲୋନୀ, ଭୁବନେଶ୍ୱର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ୪୧ ଅସ୍ଥାୟୀ ହାଟ କରିବ ବିଏମ୍‌ସି

**ଭୁବନେଶ୍ୱର,୨୯।୩(ବ୍ୟୁରୋ):** ୨୧ଦିନିଆ ଲକଡାଉନ ଘୋଷଣା ପରେ ରାଜ୍ୟ ସରକାର ଜନସାଧାରଣଙ୍କୁ ନିରନ୍ତର ସେବା ଯୋଗାଇବା ପାଇଁ ବିଭିନ୍ନ ବିଭାଗକୁ ନିର୍ଦ୍ଦେଶ ଦେଇଛି। ଏ ନେଇ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି)କୁ ଜନସାଧାରଣଙ୍କ ସେବା ଓ ସୁବିଧାକୁ ଗୁରୁତ୍ୱ ଦେଇ ଭୁବନେଶ୍ୱରରେ ନୂଆ କରି ୪୧ଟି ଅସ୍ଥାୟୀ ହାଟ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଭୁବନେଶ୍ୱରରେ ଥିବା ବିଭିନ୍ନ ହାଟରେ ଲୋକଙ୍କ ଗହଳି ପରିଲକ୍ଷିତ ହେବାରୁ ଅଧିକ ହାଟ ବସାଇ ଲୋକଙ୍କ ଗହଳିକୁ ନିୟନ୍ତ୍ରଣ କରିବାକୁ ବିଏମ୍‌ସି ସ୍ଥିର କରିଥିବା କମିଶନର ପ୍ରେମଚନ୍ଦ୍ର ଚୌଧାରୀ ସୂଚନା ଦେଇଛନ୍ତି। ଭୁବନେଶ୍ୱର ସ୍ମାର୍ଟସିଟି ଲିମିଟେଡ୍ (ବିଏସ୍‌ଏସିଏଲ୍)ର ଜେନେରାଲ୍ ମ୍ୟାନେଜର (ପ୍ରଶାସନିକ) କମଲଜିତ୍ ଦାସ କହିଛନ୍ତି ଯେ, ଗହଳିରେ କରୋନା ଭାଇରସ୍ ଅଧିକ ମାତ୍ରାରେ ସଂକ୍ରମିତ ହୋଇଥାଏ। ତେଣୁ ଲୋକଙ୍କୁ ବାହାରକୁ ନ ବାହାରିବାକୁ ପରାମର୍ଶ ଦିଆଯାଇଛି। ତାହା ସତ୍ତ୍ୱେ ବି ଜନସାଧାରଣ ହାଟ ବଜାରରେ ଭିଡ଼ ଜମୁଥିବାର ଦେଖିବାକୁ ମିଳିଛି। ସେଥିପାଇଁ ବିଏମ୍‌ସି ସହରର ବିଭିନ୍ନ ସ୍ଥାନରେ ୪୧ଟି ଅସ୍ଥାୟୀ ହାଟ କରାଯିବ। ଏ ନେଇ ବିଭିନ୍ନ ସ୍ଥାନରେ ଚିହ୍ନଟ ପ୍ରକ୍ରିୟା ହୋଇସାରି ଥିବାବେଳେ ଖୁବଶୀଘ୍ର ହାଟ ହେବ ବୋଲି ସେ କହିଛନ୍ତି। ଲୋକଙ୍କ ସୁରକ୍ଷା ପାଇଁ ବିଏମ୍‌ସି ଏହି ସତର୍କତାମୂଳକ ପଦକ୍ଷେପ ଗ୍ରହଣ କରିଛି।

## ଆନ୍ଧ୍ରରେ ଫସିଥିବା ଓଡ଼ିଆଙ୍କ ରହିବା, ଖାଇବା ବ୍ୟବସ୍ଥା କଲେ ବିଶ୍ୱଭୂଷଣ

**ଭୁବନେଶ୍ୱର, ୨୯।୩(ବ୍ୟୁରୋ):** ସାରା ଦେଶରେ କରୋନା କାରଣରୁ ଲକ୍‌ଡାଉନ୍ ହୋଇଯିବା ଦ୍ୱାରା ବିଭିନ୍ନ ଅଞ୍ଚଳରେ ଅନେକ ଲୋକ ଘରକୁ ଫେରି ନ ପାରି ହଇରାଣ ହରକତ ହେଉଛନ୍ତି। ଓଡ଼ିଶାରୁ ଆନ୍ଧ୍ରପ୍ରଦେଶକୁ ଆସିଥିବା କେତେଜଣ ତୀର୍ଥଯାତ୍ରୀ ଓ ଶ୍ରମିକ ଫସିଯାଇଛନ୍ତି। ସେମାନଙ୍କର ରହିବା ଓ ଖାଇବାର ବ୍ୟବସ୍ଥା କରିବା ପାଇଁ ଆନ୍ଧ୍ରପ୍ରଦେଶ ରାଜ୍ୟପାଳ ବିଶ୍ୱଭୂଷଣ ହରିଚନ୍ଦନ ସେଠାକାର ପ୍ରଶାସନକୁ ନିର୍ଦ୍ଦେଶ ଦେବା ପରେ ସେମାନଙ୍କ ସମସ୍ତ ବନ୍ଦୋବସ୍ତ କରାଯାଇଛି। ଓଡ଼ିଶାରୁ ୧୫ଜଣ ତୀର୍ଥଯାତ୍ରୀ ତିରୁପତି ଦର୍ଶନ କରିବା ପାଇଁ ଆନ୍ଧ୍ରପ୍ରଦେଶ ଆସିଥିଲେ। ଦେଶରେ ଜନତା କର୍ଫ୍ୟୁ ଓ ପରେ ଲକ୍‌ଡାଉନ୍ ଜାରି ପରେ ଉକ୍ତ ତୀର୍ଥଯାତ୍ରୀ ଓଡ଼ିଶା ଫେରି ନ ପାରି ରହିବା ଓ ଖାଇବାର ସମସ୍ୟାର ସମ୍ମୁଖୀନ ହୋଇଥିଲେ। ତାଙ୍କର ଜଣେ ସମ୍ପର୍କୀୟ ରାଜ୍ୟପାଳଙ୍କ ଦୃଷ୍ଟି ଆକର୍ଷଣ କରିବା ଫଳରେ ପ୍ରଶାସନକୁ କହି ସେମାନଙ୍କ ରହିବା ଓ ଖାଇବାର ବନ୍ଦୋବସ୍ତ କରିଛନ୍ତି। ସେହିପରି ଗୁଣ୍ଟୁର ଜିଲାର ମଙ୍ଗଳାଗିରିଠାରେ ୩୦ ଜଣ ଶ୍ରମିକ, ଦୁବାଡାଠାରେ ୨୦ଜଣ ଶ୍ରମିକ, ବିଜୟୱାଡ଼ା ଠାରେ୨୦ ଜଣ ଓ ବିଶାଖାପାଟଣାଠାରେ ୨୩ ଜଣ ଶ୍ରମିକ ଏହି ଲକ୍‌ଡାଉନ୍‌ର ଶିକାର ହୋଇ ନାହିଁ ନ ଥିବା ଅବସ୍ଥା ଭୋଗିଥିଲେ। ସେମାନଙ୍କ ସମ୍ପର୍କୀୟମାନେ ରାଜ୍ୟପାଳଙ୍କୁ ଅବଗତ କରାଇବା ପରେ ସେମାନଙ୍କ ରହିବା ଓ ଖାଇବାର ବ୍ୟବସ୍ଥା କରାଯାଇଛି।

# କରୋନା ମୁକାବିଲା ପ୍ରସ୍ତୁତି ପରଖିଲେ ବାଗ୍‌ଚୀ

**ପୁରୀ ଅଫିସ,୨୯।୩**

ରାଜ୍ୟ ସରକାରଙ୍କ କୋଭିଡ୍-୧୯ର ମୁଖ୍ୟ ମୁଖପାତ୍ର ସୁବ୍ରତୋ ବାଗ୍‌ଚୀ ରବିବାର ପୁରୀ ଗସ୍ତରେ ଆସିଥିଲେ। କରୋନା ମୁକାବିଲା ନେଇ ପୁରୀ ଜିଲା ପ୍ରଶାସନ କେତେ ପ୍ରସ୍ତୁତ ତାହା ପରଖିଥିଲେ। ଏହି ଅବସରରେ ଜିଲା ନିୟନ୍ତ୍ରଣ କକ୍ଷ, ପୋଲିସ ନିୟନ୍ତ୍ରଣ କକ୍ଷ, ଆଇସୋଲେଶନ ସେଣ୍ଟର ବୁଲିବା ସହ ଜିଲାପାଳ, ଏସ୍‌ପି, ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ସହ ଆଲୋଚନା କରିଥିଲେ। ସଚେତନତା ଓ ସତର୍କତା ପାଇଁ କ'ଣ ସବୁ ପଦକ୍ଷେପ ନିଆଯାଇଛି, କେତେ ସଂଖ୍ୟକ ବେଡ୍ ପ୍ରସ୍ତୁତ ରହିଛି, ଆଇସୋଲେଶନ ସେଣ୍ଟରରେ ସମସ୍ତ ପ୍ରକାର ସୁବିଧା ମିଳୁଛି ନା ନାହିଁ ଆଦି ପଚାରି ବୁଝିଥିଲେ। ଲୋକେ କିଭଳି ସାମାଜିକ ଦୂରତା ମାନୁଛନ୍ତି, ବାହାର ରାଜ୍ୟର ଶ୍ରମିକ, ନିରାଶ୍ରୟ, ମାନସିକ ବିକାରଗ୍ରସ୍ତ, ଗରିବ ଓ ଦିନମଜୁରିଆଙ୍କ ବ୍ୟବସ୍ଥା ସମ୍ପର୍କରେ ତଥ୍ୟ ନେବା ସହ ବରିଷ୍ଠ ନାଗରିକ ଦେଖାଶୁଣା ଉପରେ ଗୁରୁତ୍ୱ ଦେଇଥିଲେ। ପୋଲିସ ନିୟନ୍ତ୍ରଣ କକ୍ଷ ପରିଦର୍ଶନ ବେଳେ ତାଙ୍କୁ ଏସ୍‌ପି ଉମାଶଙ୍କର ଦାଶ ବ୍ୟବସ୍ଥା ସମ୍ପର୍କରେ ବୁଝାଇଥିଲେ। ବରିଷ୍ଠ ନାଗରିକଙ୍କ ପାଇଁ ରେଜିଷ୍ଟ୍ରେଶନ ବ୍ୟବସ୍ଥା ହୋଇଛି। ସ୍ୱେଚ୍ଛାସେବୀମାନେ ସେମାନଙ୍କ ପାଖକୁ ଯାଇ ଆବଶ୍ୟକ ଜିନିଷପତ୍ର ଏବଂ ଔଷଧ ଯୋଗାଇ ଦେଉଛନ୍ତି ବୋଲି ଏସ୍‌ପି କହିଥିଲେ।

ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ନୀଳକଣ୍ଠ ମିଶ୍ର ଜିଲା ମୁଖ୍ୟ ଚିକିତ୍ସାଳୟରେ କେଉଁଭଳି ଭାବେ ବ୍ୟବସ୍ଥା ହୋଇଛି ସେନେଇ ବାଗ୍‌ଚୀଙ୍କୁ ସୂଚନା ଦେଇଥିଲେ। ଜିଲା ମୁଖ୍ୟ ଚିକିତ୍ସାଳୟ, ଆୟୁର୍ବେଦ ମହାବିଦ୍ୟାଳୟ, ଜିଲା ସଂକ୍ରାମକ ରୋଗ ଚିକିତ୍ସାଳୟ ପରିସରରେ ହୋଇଥିବା ଆଇସୋଲେଶନ ସେଣ୍ଟର, କରୋନା ସନ୍ଦିଗ୍ଧ ଆସିଲେ ସେମାନଙ୍କୁ କିପରି ଚିକିତ୍ସା କରାଯାଇପାରିବ, ଡାକ୍ତର, ସ୍ୱାସ୍ଥ୍ୟ କର୍ମଚାରୀଙ୍କ ସମ୍ପର୍କରେ ତଥ୍ୟ ରଖିଥିଲେ। ବାଗ୍‌ଚୀ ପୁରୀ ମେଡିକାଲ କଲେଜକୁ ଯାଇ ସମସ୍ତ ପ୍ରସ୍ତୁତି ସଂକ୍ରାନ୍ତରେ ସମୀକ୍ଷା କରିଥିଲେ। ଜରୁରୀ ପରିସ୍ଥିତିରେ କରୋନା ସଂକ୍ରମିତଙ୍କ ଚିକିତ୍ସା ନିମନ୍ତେ ସେଠାରେ ୨୫୦ ଶଯ୍ୟା ପ୍ରସ୍ତୁତ ହୋଇଛି। ସେହିପରି ବାଲିଗୁଆଳି ବାତ୍ୟା ଆଶ୍ରୟସ୍ଥଳୀରେ ଥିବା ଅସ୍ଥାୟୀ ମେଡିକାଲ ଶିବିର ପରିଦର୍ଶନ କରିଥିଲେ। ଲକ୍‌ଡାଉନ ନିୟମକୁ କିପରି ଜିଲାରେ ପାଳନ କରାଯାଉଛି ଏବଂ ଗରିବ, ଦିନମଜୁରିଆ, ରାଜ୍ୟ ବାହାର ଶ୍ରମିକଙ୍କୁ ରାଶନ ଏବଂ ରନ୍ଧାଖାଦ୍ୟ ପ୍ରଦାନ ସମ୍ପର୍କରେ ଜିଲାପାଳ ବଲୱନ୍ତ ସିଂ ତଥ୍ୟ ରଖିଥିଲେ। ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରସ୍ଥ ଜିଲା ନିୟନ୍ତ୍ରଣ କକ୍ଷ ବୁଲି ବାଗ୍‌ଚୀ ସନ୍ତୋଷ ବ୍ୟକ୍ତ କରିଥିଲେ। ବାଗ୍‌ଚୀଙ୍କ ଏହି ଗସ୍ତ ସମୟରେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ବିଶାଳ ସିଂ, ଅତିରିକ୍ତ ଜିଲାପାଳ ବିନୟ କୁମାର ଦାଶ, ପୌରସଂସ୍ଥା ନିର୍ବାହୀ ଅଧିକାରୀ ବିଜୟ କୁମାର ଦାଶ, ସଦର ବିଡିଓ ଜ୍ୟୋତିଶଙ୍କର ସାହୁ, ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ବିରଜା ଶଙ୍କର ରଥ ପ୍ରମୁଖ ଉପସ୍ଥିତ ଥିଲେ।


ଜିଲାପାଳ ଏବଂ ଏସ୍‌ପିଙ୍କ ସହ ସୁବ୍ରତୋ ବାଗ୍‌ଚୀ ଆଲୋଚନା କରୁଛନ୍ତି।

- ବୁଲିଲେ ଜିଲା ଓ ପୋଲିସ ନିୟନ୍ତ୍ରଣ କକ୍ଷ
- ଦେଖିଲେ ଆଇସୋଲେଶନ ସେଣ୍ଟର



ରବିବାର ରାଜଧାନୀର ବିଭିନ୍ନ ମାଛ ବଜାରରେ ଦେଖାଯାଇଥିବା ଲୋକଙ୍କ ଭିଡ଼।

# ଆମିଷ ଦୋକାନରେ ଭିଡ଼, ମାନିଲେନି କଟକଣା

**ଭୁବନେଶ୍ୱର, ୨୯।୩ (ବ୍ୟୁରୋ):** ଭିଡ଼ ନ କରିବା ଓ ସାମାଜିକ ଦୂରତ୍ୱ ବଜାୟ ରଖିବା ପାଇଁ ରାଜଧାନୀର ବିଭିନ୍ନ ପରିବା ହାଟକୁ ଖୋଲା ସ୍ଥାନ ଓ ରାସ୍ତା ପାର୍ଶ୍ୱକୁ ଉଠାଇ ଦିଆଯାଇଛି। ସେହିଭଳି ହାଟ ବଜାର ଉପରେ ମଧ୍ୟ କଟକଣା ଲଗାଯାଇଛି। ଦୋକାନ ସମ୍ମୁଖରେ ଦିଆଯାଉଥିବା ଗୋଲ ଚିହ୍ନରେ ଠିଆ ହୋଇ ଜିନିଷ କିଣିବା ପାଇଁ ବାରମ୍ବାର ପରାମର୍ଶ ଦିଆଯାଉଛି। ଏପରିକି ଗରାଖମାନେ ଠିକ୍ ଭାବେ ଯେପରି ପାଳନ କରିବେ ସେଥିପ୍ରତି ଦୃଷ୍ଟି ଦେବାକୁ ଦୋକାନୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ହେଲେ ବିଭିନ୍ନ ମାଛ, ମାଂସ ଦୋକାନରେ ଅଧିକାଂଶ ଦିନ ଏହି କଟକଣାକୁ ଲୋକେ ମାନୁ ନ ଥିବାବେଳେ ଦୋକାନୀମାନେ ମଧ୍ୟ ସେପରି ଗୁରୁତ୍ୱ ଦେଉନାହାନ୍ତି। ରବିବାର ୟୁନିଟ୍-୪ ମାର୍କେଟ ଭଳି ସହରର ବହୁ ମାଛ ଓ ମାଂସ ଦୋକାନରେ ପ୍ରବଳ ଭିଡ଼ ହୋଇଥିଲା। ଘଣ୍ଟା ଘଣ୍ଟା ଧରି ଗହଳି ଜମାଇଥିଲେ ମଧ୍ୟ କରୋନା କଟକଣାକୁ ସତେ ଯେପରି କାହାର ଖାତିର ନ ଥିଲା। ପରସ୍ପରକୁ ସ୍ପର୍ଶ କରିବା ସହ ଜିନିଷ ନେବାକୁ ପ୍ରତିଯୋଗିତା ଚାଲିଥିଲା। ବ୍ୟସ୍ତ ଥିବା ବ୍ୟବସାୟୀମାନେ ମଧ୍ୟ ଗ୍ରାହକଙ୍କୁ ଆକଟ କରିବାକୁ ଚାହୁଁ ନ ଥିଲେ। ତେବେ ବହୁ ସଚେତନ ଗ୍ରାହକ ଏପରି ସ୍ଥିତିରୁ ଦୂରେଇ ରହିଥିଲେ। କେତେଜଣ ଅସନ୍ତୋଷ ପ୍ରକାଶ କରି ଫେରିଥିଲେ।

ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ଆଡିଶନାଲ କମିଶନର ସୁରଥ ଚନ୍ଦ୍ର ମଲ୍ଲିକ କହିଛନ୍ତି, ବିଏମ୍‌ସି ବାରମ୍ବାର ଜନସାଧାରଣ ତଥା ବ୍ୟବସାୟୀଙ୍କୁ ସାମାଜିକ ଦୂରତା ବଜାୟ ରଖିବାକୁ ସଚେତନ କରୁଛି। ଯଦି ଆମିଷ ଦୋକାନମାନଙ୍କରେ ଉଲ୍ଲଂଘନ କରାଯାଇଥିବା ପ୍ରମାଣ ମିଳେ ତେବେ ସମ୍ପୃକ୍ତ ବ୍ୟବସାୟୀଙ୍କ ପ୍ରତି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଆବଶ୍ୟକ ପଡ଼ିଲେ ସେଠାରେ ବ୍ୟବସାୟ କରିବାକୁ ବାରଣ କରାଯିବା ସହ ବିକ୍ରି କରାଯାଉଥିବା ସାମଗ୍ରୀକୁ ଜବତ କରାଯିବ ବୋଲି ସେ କହିଛନ୍ତି।

## ୨ ଦିନରେ ୨ ହଜାର ହୋମ୍ ଡେଲିଭରି କଲେ ମଲ୍



**ଭୁବନେଶ୍ୱର,୨୯।୩(ବ୍ୟୁରୋ):** ସାରା ଦେଶରେ ଲକଡାଉନ ହେବା ପରେ ଲୋକଙ୍କ ମଧ୍ୟରେ ଅତ୍ୟାବଶ୍ୟକ ସାମଗ୍ରୀ କିଣିବାକୁ ନେଇ ବିଭିନ୍ନ ମଲ, ଦୋକାନରେ ଲମ୍ବାଲାଇନ ଓ ଭିଡ ହେବାରେ ଲାଗିଛି। ଏହାକୁ ଦୃଷ୍ଟିରେ ରଖି ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି) ପକ୍ଷରୁ ଭୁବନେଶ୍ୱରର ୨୮ ମଲ ଓ ଦୋକାନଗୁଡ଼ିକୁ ହୋମ ଡେଲିଭରି ଅଭିଯାନ ଆରମ୍ଭ କରିଛି। ସାମାଜିକ ଦୂରତା ଏବଂ ଭିଡ଼ କମାଇବାକୁ ନେଇ ବିଏମ୍‌ସିର ଏହି ପଦକ୍ଷେପକୁ ଜନସାଧାରଣ ପସନ୍ଦ କରିଛନ୍ତି। ଏହି ଅଭିଯାନର ଆରମ୍ଭ ହେବାର ଗତ ୨ ଦିନ ମଧ୍ୟରେ ମଲ ଓ ଷ୍ଟୋରମାନେ ୨ହଜାରରୁ ଊର୍ଦ୍ଧ୍ୱ ହୋମ ଡେଲିଭରି କରିଥିବା ଜଣାପଡ଼ିଛି। ହ୍ୱାଟ୍‌ସ ଆପ ମାଧ୍ୟମରେ ଆବଶ୍ୟକୀୟ ସାମଗ୍ରୀର ପରିମାଣ ଲେଖି ମଲ୍ କର୍ତ୍ତୃପକ୍ଷଙ୍କୁ ମେସେଜ କରିଲେ ନିଜ ଘରେ ଉକ୍ତ ସାମଗ୍ରୀକୁ ପାଇପାରିଛନ୍ତି। ୨୮ ମଲ ଓ ଷ୍ଟୋର ମଧ୍ୟରୁ ସିମ୍ଫୋନୀ ମଲ୍ ସବୁଠୁ ଅଧିକ ହୋମ ଡେଲିଭରି କରିଥିବା ଜଣାପଡ଼ିଛି। ଭୁବନେଶ୍ୱର ସ୍ମାର୍ଟସିଟି ଲିମିଟେଡ୍ (ବିଏସ୍‌ଏସିଏଲ୍)ର ଜେନେରାଲ୍ ମ୍ୟାନେଜର (ପ୍ରଶାସନିକ) କମଲଜିତ୍ ଦାସ କହିଛନ୍ତି, ଆରମ୍ଭ କରାଯାଇଥିବା ହୋମ ଡେଲିଭରି ସେବା ଲୋକଙ୍କ ଦ୍ୱାରା ବିଶେଷ ଭାବେ ଆଦୃତ ହୋଇଛି। କେନ୍ଦ୍ର ସରକାରଙ୍କ ଲକ୍ ଡାଉନ୍ ନିୟମକୁ ଲୋକମାନେ ସମ୍ମାନ ଜଣାଇ ଘରେ ରହିବା ସହ ନିଜକୁ ସଂକ୍ରମିତ ହେବାରୁ ବଞ୍ଚାଉଛନ୍ତି। ସେଥିପାଇଁ ୨ଦିନ ମଧ୍ୟରେ ଅଭିଯାନ ଅଧିକ ସଫଳ ହୋଇପାରିଛି। ଅପରପକ୍ଷେ ମଲ୍ ଓ ଷ୍ଟୋର କର୍ତ୍ତୃପକ୍ଷ ହ୍ୱାଟସ୍ ଆପରେ ମେସେଜ୍ ଦେଲେ ସିନ୍ ହେଉ ନ ଥିବା ଅଭିଯୋଗ ହୋଇଥିଲା। ଏପରି କି କେତେଜଣ ଲୋକ ସୋସିଆଲ ମିଡିଆରେ ଏନେଇ ଅସନ୍ତୋଷ ପ୍ରକାଶ କରିଥିଲେ। ହେଲେ ଏକାସଙ୍ଗେ ଅଧିକାଂଶ ଲୋକଙ୍କ ମେସେଜ୍ ଦେଉଥିବାରୁ ସମସ୍ତ ମେସେଜ୍ ଦେଖି ହୋଇ ପାରୁନାହିଁ। ତେଣୁ ଯଦି ଥରେ ଦେଖି ହୋଇନାହିଁ ଆଉ ଥରେ ମେସେଜ୍ ପଠାଇବା ପାଇଁ ମଲ୍ ଓ ଷ୍ଟୋର କର୍ତ୍ତୃପକ୍ଷ କହିଥିବା ସେ କହିଛନ୍ତି। ଉଲ୍ଲେଖଯୋଗ୍ୟ, ଲକ୍ ଡାଉନ୍‌କୁ ଲକ୍ଷ୍ୟରେ ରଖି ମଲ୍ ଓ ବଡ ଷ୍ଟୋର ମାଲିକଙ୍କ ସହ ହୋମ ଡେଲିଭରି କରିବା ପାଇଁ ବିଏମ୍‌ସି ଗତ ୨୬ ତାରିଖରେ ଏକ ଚୁକ୍ତି ସ୍ୱାକ୍ଷରିତ କରିଥିଲା। ସକାଳ ୭ରୁ ୧୧ ଯାଏ ମଲ୍ ଓ ଷ୍ଟୋର କର୍ତ୍ତୃପକ୍ଷ ହୋମ ଡେଲିଭରି କରିବା ପାଇଁ ଅନୁମତି ମିଳିଥିଲା।

## ଘରେ ସଉଦା ଯୋଗାଇବ ସ୍ୱିଗି




**ଭୁବନେଶ୍ୱର,୨୯।୩(ବ୍ୟୁରୋ):** କୋଭିଡ୍-୧୯ର ସଂକ୍ରମଣକୁ ଏଡ଼ାଇବା ସହ ଜନସାଧାରଣଙ୍କ ସୁବିଧାକୁ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ଗୁରୁତ୍ୱ ଦେଇଛି। ୨୧ଦିନର ଲକ୍‌ଡାଉନ୍‌କୁ ଲକ୍ଷ୍ୟ କରି ବିଏମ୍‌ସି ରନ୍ଧା ଖାଦ୍ୟ ପରିବହନ କରି ଜନସାଧାରଣଙ୍କୁ ଦେଉଥିବା ଘରୋଇ ସଂସ୍ଥା 'ସ୍ୱିଗି' ସହ ହାତ ମିଳାଇଛି। ଏଣିକି ସ୍ୱିଗୀ ମଧ୍ୟ ଅନ୍ୟ ମଲ ଓ ଷ୍ଟୋର ଭଳି ଭୁବନେଶ୍ୱରବାସୀଙ୍କ ଘରେ ଅତ୍ୟାବଶକୀୟ ସାମଗ୍ରୀ ଯୋଗାଇବ। ଏହି ସାମ୍ପ୍ରତିକ ସ୍ଥିତିରେ ଜନସାଧାରଣଙ୍କ ସହଯୋଗ କରିବା ପାଇଁ ବିଏମ୍‌ସି ସ୍ୱିଗିକୁ ଏହି ଦାୟିତ୍ୱ ଦେଇଥିବା ବିଏମ୍‌ସି କମିଶନର ପ୍ରେମଚନ୍ଦ୍ର ଚୌଧାରୀ କହିଛନ୍ତି।

ଏ ନେଇ ଭୁବନେଶ୍ୱର ସ୍ମାର୍ଟସିଟି ଲିମିଟେଡ୍ (ବିଏସ୍‌ଏସିଏଲ୍)ର ଜେନେରାଲ୍ ମ୍ୟାନେଜର (ପ୍ରଶାସନିକ) କମଲଜିତ୍ ଦାସ କହିଛନ୍ତି, ସ୍ୱିଗି ଦ୍ୱାରା କାର୍ଯ୍ୟରତ ଡେଲିଭରି କର୍ମଚାରୀମାନେ ଭୁବନେଶ୍ୱରର ଗଳିକନ୍ଦି ସହ ଭଲ ଭାବେ ପରିଚିତ। ତେଣୁ ଲୋକଙ୍କ ସୁବିଧା ପାଇଁ ବିଏମ୍‌ସି ଏହି କାର୍ଯ୍ୟ ହାତକୁ ନେଇଛି। ଏଥିରେ ଲୋକ ବିଶେଷ ଭାବେ ଉପକୃତ ହେବାବେଳେ ସ୍ୱିଗି ମଧ୍ୟ ଉପକୃତ ହେବ। ଲକ୍ ଡାଉନ୍ ଘୋଷଣା ହୋଇଥିବା ବେଳେ ସଉଦା ଆଣିବା ବାହାନା ଦର୍ଶାଇ ବହୁ ଲୋକ ବାହାରକୁ ବାହାରୁଛନ୍ତି। ଭୁବନେଶ୍ୱରରେ ୩ କରୋନା ସଂକ୍ରମିତ ଚିହ୍ନଟ ହୋଇସାରିବା ପରେ ଲୋକମାନେ ଯେପରି ଜମାରୁ ଘରୁ ନ ବାହାରନ୍ତୁ ସେ ପାଇଁ ଏହି ପଦକ୍ଷେପ ନିଆଯାଇଥିବା ସେ କହିଛନ୍ତି। ଏହା ପୂର୍ବରୁ ମଧ୍ୟ ବିଏମ୍‌ସି ପକ୍ଷରୁ ରାଜଧାନୀର ୨୮ଟି ମଲ୍ ଏବଂ ଷ୍ଟୋର କର୍ତ୍ତୃପକ୍ଷଙ୍କ ସହ ହୋମ ଡେଲିଭରି ପାଇଁ ଚୁକ୍ତି ସ୍ୱାକ୍ଷରିତ ହୋଇଛି।

## ଡାଲା ଅଟୋରେ ବିକ୍ରି ହେଲା ପରିବା

**ଭୁବନେଶ୍ୱର,୨୯।୩(ବ୍ୟୁରୋ):** ୨୧ଦିନର ଲକ୍‌ଡାଉନ୍‌କୁ ଲକ୍ଷ୍ୟ କରି ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ତା'ର ୩ଟି ଜୋନରେ ୩୦ଟି ଲେଖାଏ ୯୦ଟି ଡାଲା ଅଟୋରେ ପରିବା ବିକ୍ରି କରିବା ପାଇଁ ଅନୁମତି ଦେଇଛି। ଇଚ୍ଛୁକ ପରିବା ବ୍ୟବସାୟୀମାନେ ଭୁବନେଶ୍ୱରର ବିଭିନ୍ନ ଅଞ୍ଚଳରେ ଅଟୋ ସାହାଯ୍ୟରେ ପରିବା ବିକ୍ରି କରୁଥିବାର ନଜରକୁ ଆସିଛି। ଭୁବନେଶ୍ୱରବାସୀ କିପରି ଘରେ ରହିବା ସହ କରୋନା ସଂକ୍ରମଣରୁ ବର୍ତ୍ତିପାରିବେ ସେନେଇ ବିଏମ୍‌ସି ଏହି ପଦକ୍ଷେପ ନେଇଥିବା ଜଣାପଡ଼ିଛି। କେନ୍ଦ୍ର ତଥା ରାଜ୍ୟ ସରକାର ଲୋକଙ୍କୁ ଘରେ ରହି କରୋନା ଭୂତାଣୁରୁ ନିରାପଦ୍ଦ ରହିବାକୁ କହିଛନ୍ତି। ଏଥିପାଇଁ ବିଏମ୍‌ସି ଲୋକଙ୍କୁ ସଚେତନ କରିବା ସହ ସୁରକ୍ଷା ଦୃଷ୍ଟି ରଖି ଡାଲା ଅଟୋରେ ପରିବା ବିକ୍ରି କରିବା ପାଇଁ ନିଷ୍ପତ୍ତି ନେଇଥିବା ଭୁବନେଶ୍ୱର ସ୍ମାର୍ଟସିଟି ଲିମିଟେଡ୍ (ବିଏସ୍‌ଏସିଏଲ୍)ର ଜେନେରାଲ୍ ମ୍ୟାନେଜର (ପ୍ରଶାସନିକ) କମଲଜିତ୍ ଦାସ କହିଛନ୍ତି। ଲୋକେ ବାହାରକୁ ନ ଆସି ଘରେ ରହି ସବୁ ସୁବିଧା କିପରି ପାଇବେ ସେଥିପ୍ରତି ବିଏମ୍‌ସି ବିଶେଷ ଧ୍ୟାନ ରଖିଛି। ବିଏମ୍‌ସି ଏହା ପୂର୍ବରୁ ଲୋକଙ୍କ ସୁବିଧା ପାଇଁ ହାଟରେ ସାମାଜିକ ଦୂରତା ବଜାୟ ରଖିବା ପାଇଁ ଗୋଲ ଚିହ୍ନ ଟାଣିଥିବା ବେଳେ ମଲ୍ ଏବଂ ଷ୍ଟୋର କର୍ତ୍ତୃପକ୍ଷଙ୍କୁ ଅତ୍ୟାବଶ୍ୟକ ସାମଗ୍ରୀକୁ ହୋମ୍ ଡେଲିଭରି ପାଇଁ ବ୍ୟବସ୍ଥା କରିଛି।


ଡାଲା ଅଟୋରେ ପରିବା ବିକ୍ରି କରାଯାଉଛି।

## ବଜାରକୁ ସାନିଟାଇଜେଶନ କଲେ: ମାସ୍କ, ସାନିଟାଇଜର ବାଣ୍ଟିଲେ



**ପିପିଲି,୨୯।୩(ଡି.ଏନ୍.ଏ.):** କରୋନା ଯୋଗୁ ଲକ୍‌ଡାଉନ ଘୋଷଣା କରିବା ସହ ଅତ୍ୟାବଶ୍ୟକ ସାମଗ୍ରୀ ତଥା ମେଡିସିନ୍ ଷ୍ଟୋର, ଦୁଗ୍ଧ ପାଉରୁଟି ଷ୍ଟଲ, ଫଳ ଓ ପନିପରବା ଦୋକାନଗୁଡିକ ଖୋଲା ରଖିବା ପାଇଁ ସରକାରଙ୍କ ଅନୁମତି ରହିଛି। ଏହି ଦୋକାନଗୁଡିକୁ ଲୋକମାନେ ଯିବା ଆସିବା କରୁଥିବାରୁ ସାନିଟାଇଜେଶନର ନିହାତି ଆବଶ୍ୟକତା ରହିଛି। ଏହି କ୍ଷେତ୍ରରେ ପିପିଲିର ଜଣେ ବ୍ୟବସାୟୀ ପ୍ରବୀର ହାଲଦାର ଲୋକଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ପିପିଲି ବଜାରରେ ଥିବା ଦୋକାନଗୁଡ଼ିକୁ ସାନିଟାଇଜେଶନ କରିବା ସହ ଲୋକମାନଙ୍କୁ ମାଗଣାରେ ମାସ୍କ ଓ ସାନିଟାଇଜର ବାଣ୍ଟିଛନ୍ତି। ଗତ ତିନି ଦିନ ଧରି ଲଗାତର ଭାବେ ନିଜ କାନ୍ଧରେ ୩୦କିଲୋର ସାନିଟାଇଜର ଧରି ପିପିଲି ବଜାରକୁ ଯାଇଥାନ୍ତି। ଏଥିପାଇଁ ସେ କାହର ସହାୟତା ଲୋଡିନାହାନ୍ତି। ନିଜେ ଆଗ୍ରହର ସହ ପିପିଲି ହାଟଛକ, ଡେଲାଙ୍ଗ ଛକ, ନିମାପଡ଼ା ଛକ, ପଣ୍ଡାବଜାରରେ ଖୋଲା ଥିବା ଅତ୍ୟାବଶ୍ୟକ ସାମଗ୍ରୀ ଦୋକାନଗୁଡ଼ିକରେ ସାନିଟାଇଜେଶନ କରିଛନ୍ତି। ଏଥିସହ ଯେଉଁବ୍ୟକ୍ତି ମାସ୍କ ପିନ୍ଧି ନ ଥିବାର ଦେଖୁଛନ୍ତି ତାଙ୍କୁ ମାସ୍କ ଓ ସାନିଟାଇଜର ଦେଇ ବାହାର ନ ରହିବାକୁ କୁହନ୍ତି। ଏହାସହ ପ୍ରବୀର ପିପିଲି ମେଡିକାଲରେ ମଧ୍ୟ ବିଭିନ୍ନ ୱାର୍ଡ, ମେଡିକାଲ ପରିସର ସାନିଟାଇଜେସନ କରିଛନ୍ତି। ତାଙ୍କର ଏହିଭଳି ଜନସେବା କାର୍ଯ୍ୟ ପାଇଁ ବୁଦ୍ଧିଜୀବୀମାନେ ପ୍ରଶଂସା କରୁଛନ୍ତି। ତେବେ ଯେ ପର୍ଯ୍ୟନ୍ତ କରୋନା ବିପତ୍ତି ନ ହଟିଛି ସେ ପର୍ଯ୍ୟନ୍ତ ତାଙ୍କର ଏହି ନିଃସ୍ୱାର୍ଥପର ଜନସେବା କାର୍ଯ୍ୟ ଜାରି ରହିବ ବୋଲି ପ୍ରବୀର ହାଲଦାର କହିଛନ୍ତି।

## ପୋଲିସଙ୍କୁ ମାଗଣାରେ ଚା, ବିସ୍କୁଟ୍ ବାଣ୍ଟିଲେ ଧୀରେନ

**ଭୁବନେଶ୍ୱର,୨୯।୩(ବ୍ୟୁରୋ):** କରୋନା ଭୂତାଣୁର ସଂକ୍ରମଣରୁ ରୋକିବା ଲାଗି ସାରା ଦେଶରେ ୨୧ଦିନିଆ ଲକ୍‌ଡାଉନ ଘୋଷଣା କରାଯାଇଛି। ଫଳରେ ଦୋକାନ, ବଜାର ସବୁ ବନ୍ଦ ରହିଛି। ଏହି ସମୟରେ ଜନସାଧାରଣଙ୍କୁ ଘରେ ରହିବାକୁ ନିବେଦନ କରାଯାଇଥିବାବେଳେ ପୋଲିସ, ଡାକ୍ତର, ସ୍ୱାସ୍ଥ୍ୟକର୍ମୀ ଓ ଖବରଦାତାମାନଙ୍କୁ ସଚେତନ କରିବାକୁ କୁହାଯାଇଛି। ଯଦ୍ୱାରା ପୋଲିସ ଓ ଖବରଦାତାମାନେ ଦିନତମାମ ଖରାରେ ଛିଡ଼ା ହୋଇ ଲୋକଙ୍କୁ ବାହାରକୁ ନ ଯିବାକୁ ସତର୍କ କରାଇବା ସହ ନିଜ କର୍ତ୍ତବ୍ୟ ତୁଲାଉଛନ୍ତି। ଏପରି କ୍ଷେତ୍ରରେ ସେମାନଙ୍କ ମନକୁ ସ୍ଥିର ରଖିବା ପାଇଁ ଭୁବନେଶ୍ୱରର ଜଣେ ଚା' ଦୋକାନୀ ମହାନତା ଦେଖାଇଛନ୍ତି। ସେ ଭୁବନେଶ୍ୱରର ବିଭିନ୍ନ ଛକରେ କାର୍ଯ୍ୟରତ ଥିବା ପୋଲିସ କର୍ମଚାରୀମାନଙ୍କୁ ମାଗଣାରେ ଚା' ଓ ବିସ୍କୁଟ ଦେଉଥିବାର ଦେଖିବାକୁ ମିଳିଛି। ସେ ହେଉଛନ୍ତି ମାଷ୍ଟରକ୍ୟାଣ୍ଟିନରେ ଚା' ଦୋକାନ କରିଥିବା ଧୀରେନ ବାରିକ। ତେବେ ଲକଡାଉନ ଯୋଗୁ ତାଙ୍କ ଦୋକାନ ଏବେ ବନ୍ଦ ରହିଛି। ତେଣୁ ସେ ଘରେ ଚା' ପ୍ରସ୍ତୁତ କରିବା ପରେ ବାଇକ୍‌ରେ ବୁଲି ପୋଲିସ କର୍ମଚାରୀମାନଙ୍କୁ ଚା' ଏବଂ ବିସ୍କୁଟ ଦେଉଛନ୍ତି। କରୋନା ସଂକ୍ରମଣରୁ ବର୍ତ୍ତିବା ପାଇଁ ମୁହଁରେ ମାସ୍କ ଓ ହାତରେ ଗ୍ଲୋଭସ ପିନ୍ଧି ସେ ଚା' ଦେବାକୁ ଯାଉଛନ୍ତି। ଏଥିପାଇଁ ପୋଲିସ କର୍ମଚାରୀମାନେ ପଇସା ଦେଲେ ମଧ୍ୟ ସେ ନେଉ ନାହାନ୍ତି। ଏ ନେଇ ଧୀରେନ କୁହନ୍ତି, ଲକଡାଉନ ଯୋଗୁ ଦୋକାନ ବଜାର ସବୁ ବନ୍ଦ ରହିଛି। ଏହି ସମୟରେ କାର୍ଯ୍ୟ କରୁଥିବା ପୋଲିସ ଓ ମିଡିଆ ଭାଇମାନେ ବହୁତ ହଇରାଣ ହେଉଛନ୍ତି। ତେଣୁ ମୁଁ ଚିନ୍ତା କଲି ତାଙ୍କ ପାଖରେ ଚା' ପହଞ୍ଚାଇଲେ ସେମାନେ ଆଉ କିଛି ସମୟ ଭଲରେ ଡିୟୁଟି କରିପାରିବେ ଏବଂ ଲୋକଙ୍କୁ କରୋନା ସମ୍ପର୍କରେ ସଚେତନ କରାଇପାରିବେ। ସେହିପରି ଜଣେ ପୋଲିସ କର୍ମଚାରୀ କହିଛନ୍ତି, ଏଭଳି ସମୟରେ ଧୀରେନ ଆମ ପାଖରେ ଚା' ଟିକେ ପହଞ୍ଚାଉଛନ୍ତି। ତେଣୁ ତାଙ୍କୁ ଧନ୍ୟବାଦ।



## ସଂକ୍ଷେପରେ

### ସାଲେପୁରରେ ଖୋଲିଲା ୧୦ ମାଗଣା ରନ୍ଧାଖାଦ୍ୟ କେନ୍ଦ୍ର

**ସାଲେପୁର,୨୯।୩(ଡି.ଏନ.ଏ.):** ସାଲେପୁର ବ୍ଲକର ୧୦ରୁ ଊର୍ଦ୍ଧ୍ୱ ପଞ୍ଚାୟତରେ ରନ୍ଧା ଖାଦ୍ୟ କେନ୍ଦ୍ର ଖୋଲାଯାଇଛି। ଏସବୁ କେନ୍ଦ୍ରରେ ଶତାଧିକ ଲୋକ ଖାଉଛନ୍ତି। ବ୍ଲକ ଅଧୀନ ଓଡ଼ାସିଂହ ପଞ୍ଚାୟତ ଯତୀନ୍ଦ୍ର ନାଥ ଉଚ୍ଚ ବିଦ୍ୟାଳୟ ପରିସରରେ କେନ୍ଦ୍ର ହୋଇଥିବାବେଳେ ବାଲିସାହି ପଞ୍ଚାୟତ ମଣ୍ଡପ ପରିସରରେ ଏହି କେନ୍ଦ୍ର ଖୋଲାଯାଇଛି। ସେହିପରି ଦ୍ୱୀପାଞ୍ଚଳର ରଟିଲୋ ପଞ୍ଚାୟତର ମହାନଦୀ ମହାବିଦ୍ୟାଳୟ ପରିସରରେ କେନ୍ଦ୍ର ଖୋଲାଯାଇ ଅଞ୍ଚଳରେ ରହୁଥିବା ଗରିବ ଓ ଅସହାୟଙ୍କୁ ସ୍ୱୟଂସହାୟକ ଗୋଷ୍ଠୀଙ୍କ ଦ୍ୱାରା ରନ୍ଧାଖାଦ୍ୟ ଦିଆଯାଉଥିବା ବିଡିଓ ଦେବରାଜ ସେଠୀ ପ୍ରକାଶ କରିଛନ୍ତି।

### ଉଦୁବୁରି ଜଙ୍ଗଲରୁ ମୃତ ହାତୀ ଉଦ୍ଧାର



**ଖୋର୍ଦ୍ଧା ଅଫିସ,୨୯।୩:** ଟାଙ୍ଗୀ ବନାଞ୍ଚଳ ଅଧୀନ ଉଦୁବୁରି ଜଙ୍ଗଲରୁ ରବିବାର ଏକ ଦନ୍ତା ହାତୀର ମୃତଦେହ ଉଦ୍ଧାର କରାଯାଇଛି। କୀଟନାଶକ ପ୍ରଭାବରେ ହାତୀଟିର ମୃତ୍ୟୁ ଘଟିଥିବା ଅନୁମାନ କରାଯାଉଥିବାବେଳେ ପ୍ରକୃତ କାରଣ ଅସ୍ପଷ୍ଟ ରହିଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ କାରଣ ସ୍ପଷ୍ଟ ହେବ ବୋଲି ଟାଙ୍ଗୀ ବନାଞ୍ଚଳ ଅଧିକାରୀ ଅଜୟ ଜଗଦେବ କହିଛନ୍ତି। ସ୍ଥାନୀୟ ଗ୍ରାମବାସୀଙ୍କଠାରୁ ଖବର ପାଇ ବନ ବିଭାଗ କର୍ମଚାରୀମାନେ ଉଦୁବୁରି ଜଙ୍ଗଲରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ଲାଗି ପଠାଇଛନ୍ତି। ସୂଚନାଯୋଗ୍ୟ, ଗତ ୨୦ ତାରିଖରେ ଏକ ମାଈ ହାତୀର ଅସୁସ୍ଥ ଅବସ୍ଥାରେ ମୃତ୍ୟୁ ହୋଇଥିଲା। ରବିବାର ଘଟଣାକୁ ମିଶାଇ ଗତ ୧୦ଦିନ ମଧ୍ୟରେ ୨ଟି ହାତୀଙ୍କର ଜୀବନ ଗଲାଣି। ଖୋର୍ଦ୍ଧା ବନଖଣ୍ଡରେ ଗତ ୨୦୦୬ରୁ ୨୦୨୦ ମାର୍ଚ୍ଚ ୨୯ ସୁଦ୍ଧା ୮ଟି ହାତୀ ପ୍ରାଣ ହରାଇଲେଣି।

### ଅନାହାରରେ ଦିନମଜୁରିଆ, ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର

**କଟକ ଅଫିସ,୨୯।୩:** ଦିନ ମଜୁରିଆ ଭାବେ କାମ କରି ପରିବାର ପୋଷୁଥିବା ଲୋକେ ଏବେ ହାତ ବାନ୍ଧି ବସିଛନ୍ତି। ଓଳିଏ ଖାଇଲେ ଆଉ ଓଳି ଉପାସ। ଏମାନଙ୍କ ଜୀବିକା ସଙ୍କଟାପନ୍ନ ହୋଇ ସାରିଲାଣି। ଏବେ ସରକାର ଦୃଷ୍ଟି ନ ଦେଲେ ରାଜ୍ୟରେ ମହାବିପତ୍ତି ଦେଖାଦେବ ବୋଲି ଏସ୍‌ୟୁସିଆଇ(ସି) ଓ ବସ୍ତି ବାସିନ୍ଦାଙ୍କ ମିଳିତ ମଞ୍ଚ ପକ୍ଷରୁ କୁହାଯାଇଛି। ଏ ନେଇ ମୁଖ୍ୟମନ୍ତ୍ରୀଙ୍କ ନିକଟକୁ ଦାବିପତ୍ର ମଧ୍ୟ ପଠାଯାଇଛି। ଲକ୍‌ଡାଉନ ଫଳରେ ଏହି ଲୋକମାନେ ଉପାସରେ ରାସ୍ତାକଡରେ ଅସହାୟ ଅବସ୍ଥାରେ ପଡ଼ିରହିଛନ୍ତି। ଏମାନଙ୍କୁ ରନ୍ଧାଖାଦ୍ୟ ଏବଂ ଅନ୍ୟ ସହାୟତା ଯୋଗାଇଦେବା ପାଇଁ ଜିଲା ପ୍ରଶାସନ ସହଯୋଗ କରିବାକୁ ଏସ୍‌ୟୁସିଆଇ(ସି) କଟକ ଜିଲା ସମ୍ପାଦକ ବିଶ୍ୱାବସୁ ଦାସ ଓ ବସ୍ତିବାସିନ୍ଦା ମିଳିତ ମଞ୍ଚର ଆବାହକ ଖଗେଶ୍ୱର ସେଠୀ ନିବେଦନ କରିଛନ୍ତି।

# ପାନଚାଷୀଙ୍କ ମୁଣ୍ଡରେ କରୋନା ଚଡ଼କ

**ପୁରୀ ଅଫିସ,୨୯।୩**




କରୋନା ପାଇଁ ଲକ୍‌ଡାଉନ୍ ହୋଇଛି ସାରା ଦେଶ। ଫଳରେ ଅନେକଙ୍କ ଜୀବନ ଜୀବିକା ଉପରେ ଏହାର ପ୍ରଭାବ ପଡ଼ିଛି। ବିଶେଷକରି ଶ୍ରମିକ ଓ ଦିନମଜୁରିଆ ଶ୍ରେଣୀର ଲୋକେ ପରିବାର ପ୍ରତିପୋଷଣ କରିବା ନେଇ ସମସ୍ୟାରେ ପଡ଼ିଛନ୍ତି। ଦୋକାନ ବଜାର ଖୋଲୁ ନ ଥିବାରୁ ପରୋକ୍ଷରେ ଏହା ଉପରେ ନିର୍ଭର କରୁଥିବା ଅନେକ ଚାଷୀ ଏବେ ହାତବାନ୍ଧି ବସିଛନ୍ତି। ଉତ୍ପାଦିତ ଦ୍ରବ୍ୟ କାହାକୁ ବିକ୍ରି କରିପାରୁନାହାନ୍ତି। ପୁରୀ ଜିଲା ପାନଚାଷୀଙ୍କ କ୍ଷେତ୍ରରେ ଏହିଭଳି ସ୍ଥିତି ଉପୁଜିଛି। ସେମାନଙ୍କ ମୁଣ୍ଡରେ ପଡ଼ିଛି କରୋନା ଚଡ଼କ। ସବୁ ପାନ ଦୋକାନ ବନ୍ଦଥିବାବେଳେ ପାନ ନେବା ପାଇଁ ବାହାରୁ ଗାଡ଼ି ଆସୁନି। ତେଣୁ ପାନ ବିକ୍ରି କରି ନ ପାରି ଏବେ ମୁଣ୍ଡରେ ହାତ ଦେଇ ବସିଛନ୍ତି।

ଜିଲାର ପିପିଲି, ନୟାହାଟ, ଓଥକା, କୁଣ୍ଡେଇ, ଅସ୍ତରଙ୍ଗ ଏବଂ କଟକ ଜିଲାର ନିଆଳିରେ ସାପ୍ତାହିକ ପାନହାଟ ରହିଛି। ଏସବୁ ହାଟ ଉପରେ ପିପିଲି, ବଳଙ୍ଗା, ସାତଶଙ୍ଖ, ନିମାପଡ଼ା, ବାମନାଳ, ଚାରିଛକ, ନୟାହାଟ, କାକଟପୁର, ଅସ୍ତରଙ୍ଗ, ବାଙ୍ଗୁରି ଗାଁ, କୋଣାର୍କ ପ୍ରଭୃତି ଅଞ୍ଚଳର ପାନଚାଷୀ ନିର୍ଭର କରନ୍ତି। ଚାଷୀମାନେ ପାନ ବିକ୍ରି କରି ବରଜ ପାଇଁ ଆବଶ୍ୟକ ପଟ, ପାଖୁଡ଼ି, ରଶି, ଦଉଡ଼ି, ବାଉଁଶ, ପିଡ଼ିଆ, ଜୁଣ, ଟୋକେଇ, ବେତା, କୀଟନାଶକ ପ୍ରଭୃତି କିଣିବା ସହିତ ପରିବାର ପ୍ରତିପୋଷଣ ଲାଗି ଜିନିଷପତ୍ର କିଣିଥାନ୍ତି। ଉପରୋକ୍ତ ପାନହାଟଗୁଡ଼ିକରୁ ପାନ ବ୍ୟବସାୟୀମାନେ ଚାଷୀଙ୍କଠାରୁ ପାନ କିଣି ବାଂଲାଦେଶ, ମୁମ୍ବାଇ, ହାଇଦ୍ରାବାଦ, ଚେନ୍ନାଇ, ବେଙ୍ଗାଲୁରୁ, ବିଶାଖାପାଟଣା ପ୍ରଭୃତି ସ୍ଥାନକୁ ପଠାଉଥିଲେ। ଚାଷୀମାନେ ଦି' ପଇସା ରୋଜଗାର କରି ପରିବାର ପ୍ରତିପୋଷଣ କରୁଥିଲେ। ମାତ୍ର ଏବେ ଗାଡ଼ି ଚଳାଚଳ ବନ୍ଦ ରହିଥିବାରୁ ପାନ ବ୍ୟବସାୟୀମାନେ ହାଟକୁ ଆସୁନାହାନ୍ତି। ପାନଦୋକାନ ସବୁ ବନ୍ଦ। ବିକ୍ରି ହେଉ ନ ଥିବାରୁ ଚାଷୀ ବରଜରୁ ପାନ ତୋଳୁନାହାନ୍ତି। ଫଳରେ ଧୀରେ ଧୀରେ ପାନପତ୍ର ଗଛରେ ପାକଳ ହୋଇ ପଚିଯାଉଛି।

ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ବିଭିନ୍ନ ପ୍ୟାକେଜ ଘୋଷଣା କରିଥିଲେ ମଧ୍ୟ ପାନଚାଷୀଙ୍କ କଥା କେହି ବିଚାରକୁ ନେଇନାହାନ୍ତି। ଦୁର୍ଦ୍ଦିନରେ ଦିନ କାଟୁଛନ୍ତି ପାନଚାଷୀ ଓ ପାନଚାଷ ଉପରେ ନିର୍ଭର କରୁଥିବା ହଜାର ହଜାର ପରିବାର। ପୁରୀ ଜିଲା କାକଟପୁର ବ୍ଲକରେ ୧୨ ହଜାରରୁ ଊର୍ଦ୍ଧ୍ୱ ପାନଚାଷୀ ଥିବାବେଳେ ଅସ୍ତରଙ୍ଗରେ ୧୦ ହଜାର, ନିମାପଡ଼ାରେ ୧୫ ହଜାର, ଗୋପରେ ୧୫ ହଜାର ଓ ପିପିଲି ବ୍ଲକରେ ପ୍ରାୟ ୧୦ ହଜାର ପାନଚାଷୀ ହାତବାନ୍ଧି ବସିଛନ୍ତି। ଖରାଦିନ ଆରମ୍ଭ ହେଲାଣି, ମାତ୍ର ଏଭଳି ସ୍ଥିତି ଯୋଗୁ ଚାଷୀମାନେ ବରଜରେ ପାଣି ମଡ଼ାଇବାକୁ ଆଗ୍ରହ ପ୍ରକାଶ କରୁନାହାନ୍ତି। ଫଳରେ ପାନବରଜ ଲୋପ ପାଇଯିବା ଆଶଙ୍କା ସୃଷ୍ଟି ହୋଇଛି। ଅସ୍ତରଙ୍ଗ ଅଞ୍ଚଳର ଚାଷୀ ନରେନ୍ଦ୍ର ବେହେରା କହିଛନ୍ତି, ୧୯୯୯ ମହାବାତ୍ୟା ପାନଚାଷକୁ ଉଜାଡ଼ି ଦେଇଥିଲା। ଏହାକୁ ସଜାଡ଼ି ଚାଷୀମାନେ ଅଣ୍ଟା ସଳଖୁ ଥିବାବେଳେ ଫାଇଲିନ୍, ହୁଦ୍‌ହୁଦ୍, ତିତ୍‌ଲି, ଫନୀ ପ୍ରଭୃତି ଝଡ଼ବାତ୍ୟା ପୁଣି ଦାଉ ସାଧିଲା। ଏବେ କରୋନା ପାଇଁ ଯେପରି କଟକଣା କରାଯାଇଛି ଉପକୂଳବର୍ତ୍ତୀ ପୁରୀ ଜିଲା ଅଞ୍ଚଳରେ ପାନଚାଷ ଲୋପ ପାଇଯିବା ଆଶଙ୍କା ସୃଷ୍ଟି ହୋଇଛି। ସେହିପରି କାକଟପୁର ଅଞ୍ଚଳର ଚାଷୀ ସୁରେନ୍ଦ୍ର ପାଳ କହିଛନ୍ତି, ପାନପତ୍ର ଏବେ ଗୋରୁଙ୍କ ଖାଦ୍ୟ ପାଲଟିଛି। ହାଟ, ବଜାର ବନ୍ଦ ହୋଇଯିବା ଫଳରେ ପାନ କଡ଼ାଏ କେହି ବି କିଣୁନାହାନ୍ତି। ବାଧ୍ୟ ହୋଇ ପାନବରଜ ଭାଙ୍ଗି ଅନ୍ୟ ଚାଷ କରିବାକୁ ପଡ଼ିବ।

## ହାଟ ଟୋକନ ପାଇଁ ବ୍ୟବସାୟୀ ଠେଲାପେଲା

**ସାଲେପୁର,୨୯।୩(ଡି.ଏନ.ଏ.)**




କରୋନା ପାଇଁ ଦେଶବ୍ୟାପୀ ଲକ୍‌ଡାଉନ୍ ଘୋଷଣା କରାଯିବା ସହ ସାମାଜିକ ଦୂରତା ପ୍ରତି ଗୁରୁତ୍ୱ ଦିଆଯାଉଥିବାବେଳେ ସାଲେପୁରରେ ତାହାର ବ୍ୟତିକ୍ରମ ଦେଖିବାକୁ ମିଳିଛି। ସାମାଜିକ ଦୂରତା ବଜାୟ ରଖିବା ଉଦ୍ଦେଶ୍ୟରେ ସାଲେପୁର ହାଟକୁ ସ୍ଥାନାନ୍ତର କରାଯାଇ ସାଲେପୁର ବଜାର ତହସିଲ ଗେଟ୍‌ଠାରୁ ମାଛୁଆତି ଓ ଡାକପୋଲଠାରୁ କୁଳିଆ ପର୍ଯ୍ୟନ୍ତ ବ୍ୟବସାୟୀଙ୍କୁ ବସାଇ ଅସ୍ଥାୟୀ ହାଟ କରିବା ପାଇଁ ନିଷ୍ପତ୍ତି ହୋଇଛି। ହାଟ ପରିଚାଳନା ପାଇଁ ଚନ୍ଦ୍ରାଦେଇପୁର ପଞ୍ଚାୟତକୁ ଦାୟିତ୍ୱ ଦିଆଯାଇଛି। ପଞ୍ଚାୟତ ପକ୍ଷରୁ ଟୋକନ୍ କରାଯାଇ ବ୍ୟବସାୟୀଙ୍କୁ ବସିବାପାଇଁ ଅନୁମତି ଦିଆଯାଇଥିଲା। ରବିବାର ଭୋର ୪ଟାରୁ ଅସ୍ଥାୟୀ ହାଟରେ ବ୍ୟବସାୟ ପାଇଁ ଟୋକନ୍ ନେବା ନିମନ୍ତେ ଶହଶହ ଚାଷୀ ଓ ବ୍ୟବସାୟୀ ଲାଇନ୍‌ରେ ଛିଡ଼ା ହେବା ସହ ଠେଲାପେଲା ହୋଇଥିଲେ। ଏହି ସମୟରେ ପୋଲିସ କିମ୍ବା ତହସିଲ ପ୍ରଶାସନର ଦେଖା ନ ଥିଲା। ବହୁମାତ୍ରାରେ ଲୋକମାନେ ଆସି ଏଠାରେ ଜମା ହୋଇଥିଲେ। ଯେଉଁ ଉଦ୍ଦେଶ୍ୟ ନେଇ ଏହି ହାଟକୁ ସାଲେପୁର ବଜାରକୁ ଅଣାଗଲା, ସେ ଉଦ୍ଦେଶ୍ୟ ଠିକ୍ ଭାବେ କାର୍ଯ୍ୟକାରୀ ହୋଇ ନ ଥିବା ଦେଖିବାକୁ ମିଳିଥିଲା। ସେହିପରି ପ୍ରଶାସନର ଖାମଖିଆଲୀ ନୀତି ଯୋଗୁ ଏବେ ମଧ୍ୟ ସାଲେପୁରର କେତେକ ଅଞ୍ଚଳରେ ଲୋକମାନେ ଖୁଲମ୍‌ଖୁଲା ବୁଲୁଥିବାବେଳେ ଦୋକାନବଜାର ଖୋଲାରହୁଛି। ୪ଟାହେଲେ ସାଲେପୁର ଅଞ୍ଚଳର ବିଭିନ୍ନ ଖେଳପଡ଼ିଆରେ ଫୁଟବଲ୍ ଓ କ୍ରିକେଟ୍ ଖେଳ ଚାଲିଛି। ନାମକୁ ମାତ୍ର ଲକ୍‌ଡାଉନ୍ କାର୍ଯ୍ୟକାରୀ ହେଉଛି ବୋଲି କୁହାଯାଉଛି। ଏନେଇ ସାଲେପୁର ଥାନାକୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ କୌଣସି ପ୍ରତିକ୍ରିୟା ମିଳି ପାରି ନ ଥିଲା।

**ସାମାଜିକ ଦୂରତାକୁ ଖାତିର ନାହିଁ**

## କଟକ-ଚାନ୍ଦବାଲି ରାସ୍ତା କଡ଼ରେ ଖୋଲିବ ପରିବା ହାଟ

**ନିଶ୍ଚିନ୍ତକୋଇଲି,୨୯।୩(ସ୍ୱ.ପ୍ର.)**

ଲକ୍‌ଡାଉନବେଳେ ଲୋକେ କିପରି ସୁବିଧାରେ ଅତ୍ୟାବଶ୍ୟକ ସାମଗ୍ରୀ କ୍ରୟ କରିବେ ସେନେଇ ଏକ ପ୍ରଶାସନିକ ବୈଠକ ନିଶ୍ଚିନ୍ତକୋଇଲି ବ୍ଲକ ସମ୍ମିଳନୀ କକ୍ଷରେ ବିଡିଓ କର୍ଣ୍ଣଦେବ ସମାଦ୍ଦାରଙ୍କ ତତ୍ତ୍ୱାବଧାନରେ ରବିବାର ଅନୁଷ୍ଠିତ ହୋଇଛି। ବୈଠକରେ ତହସିଲଦାର ଜିତେନ୍ଦ୍ର ପାତ୍ର ଉପସ୍ଥିତ ରହି ନିଶ୍ଚିନ୍ତକୋଇଲି ବ୍ଲକ ଅଧୀନରେ ଥିବା ୧୧ଟି ହାଟର ପରିଚାଳନା ନେଇ ଆଲୋଚନା କରିଥିଲେ। ନିଶ୍ଚିନ୍ତକୋଇଲି ହାଟ କଟକ-ଚାନ୍ଦବାଲି ରାସ୍ତାକୁ ସ୍ଥାନାନ୍ତ କରାଯିବା ପାଇଁ ନିଷ୍ପତ୍ତି ହୋଇଥିଲା। ରାସ୍ତାକଡ଼ରେ ୨୦ ଫୁଟ ବ୍ୟବଧାନରେ ଷ୍ଟଲ ମାଧ୍ୟମରେ ପରିବା ହାଟ ଖୋଲାଯିବ। ନଡିଆ, କଦଳୀ ହନୁମାନ ଜୀଉଙ୍କ ସମ୍ମୁଖରେ ଖୋଲାଯିବ। ଗ୍ରସେରି ହାଟ ପୂର୍ବପରି ହାଟ ଚାଳିରେ ଖୋଲାଯିବ। ସେହିପରି ନେମାଳ, ତରତ, ଅସୁରେଶ୍ୱର, ଜନାର୍ଦ୍ଦନପୁର ଶନି, ବର୍ଗି, ନଗସପୁର ଓ ହରଚଣ୍ଡି ହାଟ ପୂର୍ବବତ୍ ଚାଲିବ। କିନ୍ତୁ ସ୍ଥାନୀୟ ଲୋକପ୍ରତିନିଧି ଓ ସ୍ୱେଚ୍ଛାସେବୀ ଉପସ୍ଥିତ ରହି ସାମାଜିକ ଦୂରତ୍ୱ ବଜାୟ ରଖିବାକୁ କୁହାଯାଇଛି। କାଜିହାଟ ବସିବା ପୂର୍ବରୁ ତହସିଲଦାର ପ୍ରସ୍ତୁତି ବୈଠକ କରାଇବେ। ଆବଶ୍ୟକ ପଡିଲେ ପୋଲିସ ଉପସ୍ଥିତିରେ ସମୟ ନିର୍ଘଣ୍ଟ କରାଯାଇ ହାଟ ଖୋଲାଯିବ ବୋଲି ନିଷ୍ପତ୍ତି ହୋଇଛି। ବୈଠକରେ ଅତିରିକ୍ତ ଗ୍ରାମାଞ୍ଚଳ ଏସ୍‌ପି ପ୍ରଦ୍ୟୁମ୍ନ ଜେନା, ଏସଡିପିଓ ନିମାଇଁ ସେଠୀ, ନିଶ୍ଚିନ୍ତକୋଇଲି ଥାନା ଅଧିକାରୀ ଶୁଭ୍ରାଂଶୁ ପରିଡା, ନେମାଳ ଥାନା ଅଧିକାରୀ ନିହାର ମହାନ୍ତି, ବ୍ଲକ ଅଧ୍ୟକ୍ଷାଙ୍କ ପ୍ରତିନିଧି ଅଶୋକ ଓଝା, ଗିରିଶ ମହାପାତ୍ର, ରମାକାନ୍ତ ମହାନ୍ତି, ନିଶ୍ଚିନ୍ତକୋଇଲି ସରପଞ୍ଚ ରବୀନ୍ଦ୍ର ସେଠୀ, ଅସୁରେଶ୍ୱର ସରପଞ୍ଚ ମହେଶ୍ୱର ବାରିକ ପ୍ରମୁଖ ଉପସ୍ଥିତ ରହି ମତ ରଖିଥିଲେ।

## କର କ୍ଲିନିକରେ ମିଳିବ ଜରୁରୀ ସେବା

**ଭୁବନେଶ୍ୱର,୨୯।୩(ବ୍ୟୁରୋ)**

କର କ୍ଲିନିକରେ ମିଳିବ ଜରୁରୀ ସ୍ୱାସ୍ଥ୍ୟ ସେବା। ରବିବାର କ୍ଲିନିକକୁ ସମ୍ପୂର୍ଣ୍ଣ ଭାବେ ବିଶୋଧନ କରାଯାଇଛି। ଏଣିକି ଏଠାରେ ଡାଏଲିସିସ୍ ଭଳି ଜରୁରୀ ସେବା ଆରମ୍ଭ ହେବ ବୋଲି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଟୁଇଟ୍ କରି ସୂଚନା ଦିଆଯାଇଛି। ସୂଚନାଯୋଗ୍ୟ, ରାଜ୍ୟର ତୃତୀୟ କରୋନା ଆକ୍ରାନ୍ତ ବ୍ୟକ୍ତି କର କ୍ଲିନିକରେ ଚିକିତ୍ସା ହୋଇଥିବା ଜଣାପଡିବା ପରେ ତାହାକୁ ବନ୍ଦ କରିଦିଆଯାଇଥିଲା। କୌଣସି ରୋଗୀଙ୍କୁ କ୍ଲିନିକକୁ ନ ଯିବା ପାଇଁ ବାରଣ କରାଯାଇଥିଲା। ଆଉ କ୍ଲିନିକର ଡାକ୍ତର, ନର୍ସ ଓ କର୍ମଚାରୀଙ୍କୁ କ୍ୱାରାଣ୍ଟାଇନରେ ରହିବାକୁ ନିର୍ଦ୍ଦେଶ ଦିଆଯିବା ସହ କର୍ତ୍ତୃପକ୍ଷଙ୍କୁ କେତେକ ପରାମର୍ଶ ଦିଆଯାଇଥିଲା। ଏହି ଅନୁସାରେ, ଦୁଇଦିନ ଧରି କ୍ଲିନିକକୁ ସମ୍ପୂର୍ଣ୍ଣ ଭାବେ ସାନିଟାଇଜ କରାଯାଇଥିଲା। ସମସ୍ତ କର୍ମଚାରୀ ମଧ୍ୟ ୧୪ଦିନିଆ କ୍ୱାରାଣ୍ଟାଇନ୍‌ରେ ରହିଛନ୍ତି। ଏ ସଂକ୍ରାନ୍ତରେ କ୍ଲିନିକ୍ କର୍ତ୍ତୃପକ୍ଷ ସରକାରଙ୍କୁ ଜଣାଇବା ପରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଏପରି ନିଷ୍ପତ୍ତି ନିଆଯାଇଛି। ସୂଚନାଯୋଗ୍ୟ, କ୍ଲିନିକ୍ ବନ୍ଦ ଥିବା ଜାଣି ନ ପାରି ଶନିବାର ଡାଏଲିସିସ୍ ଓ ଅନ୍ୟ ଚିକିତ୍ସା ପାଇଁ ଆସିଥିବା ବହୁ ଗୁରୁତର ରୋଗୀ ଫେରିଯାଇଥିଲେ।

## ବର୍ଷକର ଦରମା ଦେଲେ ବ୍ଲକ୍ ଅଧ୍ୟକ୍ଷା

**ନିଶ୍ଚିନ୍ତକୋଇଲି,୨୯।୩(ସ୍ୱ.ପ୍ର.)**

କରୋନା ମୁକାବିଲା ପାଇଁ କଟକ ଜିଲା ନିଶ୍ଚିନ୍ତକୋଇଲି ବ୍ଲକ ଅଧ୍ୟକ୍ଷା ସବିତା ଓଝା ତାଙ୍କ ବର୍ଷକର ଦରମା ୩୩,୮୪୦ଟଙ୍କା ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିକୁ ଦାନ କରିଛନ୍ତି। ରବିବାର ଅଧ୍ୟକ୍ଷାଙ୍କ ପ୍ରତିନିଧି ଅଶୋକ ଓଝା ବ୍ଲକ କାର୍ଯ୍ୟାଳୟକୁ ଆସି ତହସିଲଦାର ଜିତେନ୍ଦ୍ର ପାତ୍ରଙ୍କୁ ଏବାବଦ ଚେକ୍ ପ୍ରଦାନ କରିଛନ୍ତି। ଚେକ୍ ପ୍ରଦାନ ସମୟରେ ବିଡିଓ କର୍ଣ୍ଣଦେବ ସମାଦ୍ଦାର, ଉପାଧ୍ୟକ୍ଷାଙ୍କ ପ୍ରତିନିଧି ରମାକାନ୍ତ ମହାନ୍ତି ଉପସ୍ଥିତ ଥିଲେ। ସ୍ୱଚ୍ଛଳବର୍ଗ ଲୋକେ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ଦାନ କରିବାକୁ ଅଧ୍ୟକ୍ଷା ନିବେଦନ କରିଛନ୍ତି।

## ନାସିକ୍, କୋଏମ୍ବାଟୁର୍‌ରେ ଫସିଛନ୍ତି ଓଡ଼ିଆ ଯୁବକ

**କଟକ ଅଫିସ,୨୯।୩**



**ସୋସିଆଲ ମିଡିଆରେ ଭିଡିଓ ଭାଇରାଲ୍**

କରୋନା ଭାଇରସ୍‌କୁ ନେଇ ଲକ୍‌ଡାଉନ ଜାରି ରହିଥିବାବେଳେ କଟକ ଜିଲାରୁ ଅନେକ ଯୁବକ ରାଜ୍ୟ ବାହାରେ ଫସି ରହିଛନ୍ତି। ଯାତାୟତ ବ୍ୟବସ୍ଥା ବନ୍ଦ ଥିବାରୁ ଘରକୁ ଫେରିବା ସେମାନଙ୍କ ପାଇଁ ମୁସ୍କିଲ ହୋଇପଡ଼ିଛି। ନାସିକରେ ଆଠଗଡ଼ ଓ ବାଙ୍କୀ ବ୍ଲକର ଫସିଥିବା ଅନେକ ଯୁବକ ଭିଡିଓ ଦ୍ୱାରା ସେମାନଙ୍କୁ ଫେରାଇ ଆଣିବାକୁ ଆକୁଳ ନିବେଦନ କରିଛନ୍ତି। ଯାହା ଏବେ ଭାଇରାଲ ହେବାରେ ଲାଗିଛି। ତାମିଲନାଡୁର କୋଏମ୍ବାଟୁରରେ ମଧ୍ୟ କେତେଜଣ ଯୁବକ ଫସିଥିବା ଜଣାପଡ଼ିଛି। ବାଙ୍କୀ ଓ ଆଠଗଡ଼ ବ୍ଲକର ମାଳବିହାରପୁର, ରେଗେଡ଼ାପଡ଼ା, ରାମଚନ୍ଦ୍ରପୁର, ରଘୁରାମପୁର, ଖଣ୍ଡହତା ଗ୍ରାମର ୧୩ଜଣ ଯୁବକ ଏବେ ନାସିକରେ ଅଛନ୍ତି। ଫେରାଇ ଆଣି ଗାଁଠାରୁ ୨୦ କିମି ଦୂରରେ ରଖ ପଛେ, ହେଲେ ଆମେ ଜନ୍ମମାଟିକୁ ଯିବାକୁ ଚାହୁଁଛୁ ବୋଲି ସେମାନେ ଭିଡିଓ ମାଧ୍ୟମରେ ନିବେଦନ କରି କହିଛନ୍ତି। ସେଠାକାର ପୋଲିସ ବାହାରକୁ ଯିବାକୁ ଦେଉ ନ ଥିବାରୁ ଭୋକଉପାସରେ ରହିବାକୁ ପଡୁଛି ବୋଲି କହିଛନ୍ତି। ସେହିପରି କଟକ ସହରର କେତେଜଣ ଯୁବକ କୋଏମ୍ବାଟୁରରେ ଫସିଛନ୍ତି। ଅର୍ଥାଭାବରୁ ଫେରି ପାରୁନାହାନ୍ତି। ଏମାନଙ୍କୁ ଫେରାଇ ଆଣିବାକୁ ମୁନ୍ନା ଗୁରୁ, ପ୍ରମୋଦ ଗୁରୁ, ଚନ୍ଦ୍ରଭାନୁ କାଣ୍ଡି ପ୍ରମୁଖ ସରକାରଙ୍କୁ ନିବେଦନ କରିଛନ୍ତି।

## କୁକୁର, ମାଙ୍କଡ଼ଙ୍କ ପାଇଁ ଦେବଦୂତ ସ୍ୱେଚ୍ଛାସେବୀ

**ପୁରୀ ଅଫିସ,୨୯।୩**

କରୋନା ଭୂତାଣୁ ସଂକ୍ରମଣ ରୋକିବା ଲାଗି ଦେଶ ଲକ୍‌ଡାଉନ ହୋଇଛି। ଫଳରେ ଦୋକାନବଜାର, ହୋଟେଲ, ଜଳଖିଆ ଦୋକନ ସବୁ ବନ୍ଦ ରହିଛି। କେବଳ ଅତ୍ୟାବଶ୍ୟକ ସାମଗ୍ରୀ ବିକ୍ରି ଲାଗି ଅନୁମତି ରହିଛି। ଏଭଳି ଘଡ଼ିସନ୍ଧି ମୁହୂର୍ତ୍ତରେ ଅନେକ ନିରାଶ୍ରୟ, ଗରିବ ଓ ଦିନମଜୁରିଆ ପେଟକୁ ଦିମୁଠା ଖାଇବା ପାଇଁ ପାଉନାହାନ୍ତି। ବୁଲା କୁକୁର, ମାଙ୍କଡ଼ ପ୍ରଭୃତି ପଶୁପକ୍ଷୀ ବି ଭୋକରେ ଆଉଟୁ ପାଉଟୁ ହେଉଛନ୍ତି। ଏହି ସମୟରେ ପ୍ରଶାସନ ପକ୍ଷରୁ ସ୍ୱେଚ୍ଛାସେବୀମାନେ ଏମାନଙ୍କ ପାଇଁ ଦେବଦୂତ ସାଜିଛନ୍ତି। ସେମାନେ ବୁଲା କୁକୁର, ମାଙ୍କଡ଼ ଏବଂ ଷଣ୍ଢ, ଗାଈଙ୍କୁ ଖାଇବାକୁ ଦେଉଛନ୍ତି।

ଜିଲା ପ୍ରଶାସନ ପକ୍ଷରୁ ସହରରେ ରହିଥିବା ରାଜ୍ୟ ବାହାରର ଶ୍ରମିକ, ଦିନମଜୁରିଆ, ଗରିବ, ନିରାଶ୍ରୟ ଏବଂ ମାନସିକ ବିକାରଗ୍ରସ୍ତଙ୍କୁ ରନ୍ଧାଖାଦ୍ୟ ଓ ରାଶନ ସାମଗ୍ରୀ ଯୋଗାଇ ଦିଆଯାଉଛି। ବାସହୀନଙ୍କୁ ନୀଳାଦ୍ରି ନିଳୟରେ ରଖାଯାଇଛି। ବିଭିନ୍ନ ସ୍ୱେଚ୍ଛାସେବୀ ସଙ୍ଗଠନ ପକ୍ଷରୁ ବୁଲା କୁକୁର, ମାଙ୍କଡ଼ ପ୍ରଭୃତିଙ୍କୁ ଖାଇବାକୁ ଦିଆଯାଉଛି। ସାହିଭାଇ, ହୋପ୍‌ଇଜ ଲାଇଫ୍, ୟୁଥ୍ ଫର ବେଟର ପୁରୀ ଆଦି ବିଭିନ୍ନ ଅନୁଷ୍ଠାନ ଏ ଦିଗରେ ସେବା ଜାରି ରଖିଛନ୍ତି।



ପୁରୀ ଲୋକନାଥ ମନ୍ଦିର ସମ୍ମୁଖରେ କୁକୁର, ଗୋରୁ ଓ ମାଙ୍କଡ଼ ଖାଦ୍ୟ ଅନ୍ୱେଷଣରେ ବୁଲୁଛନ୍ତି।

## ୨ଶହ ଗରିବଙ୍କୁ ରନ୍ଧାଖାଦ୍ୟ ଦେଲେ ସ୍ୱେଚ୍ଛାସେବୀ

**ଖୋର୍ଦ୍ଧା ଅଫିସ,୨୯।୩**

କରୋନା ଭୂତାଣୁ ସଂକ୍ରମଣ ଲାଗି ସାରା ଲକ୍‌ଡାଉନ ହୋଇଛି। ଏହାର ପ୍ରଭାବରେ ଅସହାୟ, ଗରିବ, ଖଟିଖିଆ, ବୃଦ୍ଧାବୃଦ୍ଧା ବିଶେଷ ପ୍ରଭାବିତ ହୋଇଛନ୍ତି। ଭୋକ ଉପାସରେ ଦିନ କାଟୁଥିବାରୁ ଏମାନଙ୍କ ଲାଗି ଆଗେଇ ଆସିଛନ୍ତି ଖୋର୍ଦ୍ଧା ବିକାଶ ପରିଷଦ, ପୌର ପ୍ରଶାସନ ଏବଂ ସ୍ଥାନୀୟ ସ୍ୱେଚ୍ଛାସେବୀ। ରବିବାର ଏହି ଅଭିଯାନ ଆରମ୍ଭ ହୋଇଥିବାବେଳେ ପ୍ରାୟ ୨ଶହ ଗରିବ ଲୋକଙ୍କୁ ରନ୍ଧାଖାଦ୍ୟ ଯୋଗାଇ ଦିଆଯାଇଛି। ପ୍ରଥମ ଦିନରେ ପରିଷଦର କର୍ମକର୍ତ୍ତାମାନେ ଡମ ସାହି, ଭାଲିଆବାଡି, ଟାଉନ ହଲ ସମେତ ବସ୍ତି ଅଞ୍ଚଳ ବୁଲି ରନ୍ଧା ଖାଦ୍ୟ ପ୍ରଦାନ କରୁଛନ୍ତି। ଖୋର୍ଦ୍ଧା ଆରକ୍ଷୀ ଅଧୀକ୍ଷକ ଅଜୟ ପ୍ରତାପ ସ୍ୱାଇଁ, ଏସଡିପିଓ ସୁଶୀଲ କୁମାର ମିଶ୍ର ପ୍ରମୁଖ ଉପସ୍ଥିତ ରହି ଏହି ଅଭିଯାନ ଶୁଭାରମ୍ଭ କରିଥିଲେ। ସେହିପରି ପୌର ପ୍ରଶାସନ ପକ୍ଷରୁ ମଧ୍ୟ ସହରରେ ଚିହ୍ନଟ କରାଯାଇଥିବା ବୃଦ୍ଧାବୃଦ୍ଧଙ୍କୁ ରନ୍ଧା ଖାଦ୍ୟ ପ୍ରଦାନ କରାଯାଉଛି ବୋଲି କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ୱେତପଦ୍ମା ଶତପଥୀ କହିଛନ୍ତି। ସେହିପରି ପରିବେଶପ୍ରେମୀ ଧନେଶ୍ୱର ବହିଦାର ରାସ୍ତାକଡ଼ରେ ବୁଲା ଗୋରୁ, କୁକୁରଙ୍କୁ ଶୃଙ୍ଖଳା ଖାଦ୍ୟ, ପାଣି ପ୍ରଦାନ କରୁଛନ୍ତି। ପରିଷଦ ପକ୍ଷରୁ ଏହି ଅଭିଯାନରେ ସାମାଜିକ କର୍ମୀ ଶକ୍ତିଶଙ୍କର ମିଶ୍ର, ଦୟାନିଧି ରାଉତ, ନିକୁଞ୍ଜ ପଟ୍ଟନାୟକ, ମିହିର ବିଧାର, ମନ୍ମଥ ମିଶ୍ର ପ୍ରମୁଖ ସାମିଲ ହୋଇଛନ୍ତି।

# ଟ୍ରମ୍ପ୍‌ଙ୍କ ଆସନ ଟଳମଳ

## ଆମେରିକା ସ୍ଥିତି ଅସମ୍ଭାଳ



ୱାଶିଂଟନ,୨୯।୩

କୋଭିଡ୍-୧୯ ମାଡ଼ରେ ବିଶ୍ୱର ସର୍ବାଧିକ କ୍ଷତିଗ୍ରସ୍ତ ରାଷ୍ଟ୍ର ପାଲଟିବାକୁ ଯାଉଛି ଶକ୍ତିଶାଳୀ ଆମେରିକା। ମହାମାରୀ କରୋନା ବିଶ୍ୱବ୍ୟାପୀ କାୟା ବିସ୍ତାର କରି ମୁଣ୍ଡ ପରେ ମୁଣ୍ଡ ନେଇ ଚାଲିଥିବାବେଳେ ଏହାକୁ 'ଚାଇନା ଭୂତାଣୁ' ବୋଲି କଟାକ୍ଷ କରୁଥିବା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଏବେ ଗାଲରେ ହାତ ଦେଇ ବସିଛନ୍ତି। କାରଣ ଆମେରିକାରେ ସଂକ୍ରମିତଙ୍କ ସଂଖ୍ୟା ୧,୨୫,୩୦୮ରେ ପହଞ୍ଚିଥିବାବେଳେ ମୃତ୍ୟୁସଂଖ୍ୟା ୨,୨୪୬ ଛୁଇଁଛି। ବେଳ ଥାଉ ଥାଉ ଟ୍ରମ୍ପ୍ କାହିଁକି ଲକ୍‌ଡାଉନ୍ ଘୋଷଣା କଲେ ନାହିଁ ବୋଲି ଏବେ ଆମେରିକାବାସୀ ପ୍ରଶ୍ନ କରିବା ଆରମ୍ଭ କରିଦେଲେଣି। ଆସନ୍ତା ନଭେମ୍ବରରେ ରାଷ୍ଟ୍ରପତି ନିର୍ବାଚନ ଥିବାରୁ ପୁନଃ ନିର୍ବାଚିତ ହେବା ପାଇଁ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ଟ୍ରମ୍ପ୍‌ଙ୍କ ବିରୋଧରେ ପୁଞ୍ଜିଭୂତ ଅସନ୍ତୋଷ ତାଙ୍କ ଆସନକୁ ଟଳମଳ କରିଦେଇଛି। ଭୂତାଣୁ ସଂକ୍ରମଣ ରୋକିବାରେ ବିଫଳ ଟ୍ରମ୍ପ୍ ଆଗାମୀ ନିର୍ବାଚନରେ ପରାଜିତ ହେବେ ବୋଲି କେତେକ ବିଶ୍ଳେଷକ ଏବେଠୁ ଭବିଷ୍ୟବାଣୀ କଲେଣି।

ଚାଇନାର ଉହାନ ସହରରୁ ବାହାରି ୨୦୦ ଦେଶକୁ ବ୍ୟାପିସାରିଛି କରୋନା ଭାଇରସ୍। ଏହି ଘାତକ ଭୂତାଣୁକୁ ଚାଇନା ତିଆରି କରିଥିଲା ବୋଲି ଏକ ରିପୋର୍ଟ ରବିବାର ସାମ୍ନାକୁ ଆସିଛି। ଏହି ଭୂତାଣୁ ବିକଶିତ କରିବା ଲାଗି ଆମେରିକା ବେଜିଂ ସହ ଡିଲ୍ କରିଥିଲା ବୋଲି ଚାଇନାର ଜଣେ ବରିଷ୍ଠ ଅଧିକାରୀ ପ୍ରଘଟ କରିଛନ୍ତି। ଏହାକୁ ନେଇ ଚାଞ୍ଚଲ୍ୟ ଖେଳିଯାଇଛି। କରୋନା ଭୂତାଣୁ ଅନ୍ୟ ଦେଶଗୁଡ଼ିକୁ ବ୍ୟାପିବା ଆରମ୍ଭ କରିଥିବାବେଳେ ଏହାକୁ 'ଚାଇନିଜ୍ ଭାଇରସ୍'ର ଆଖ୍ୟା ଦେଇ ଚାଇନାକୁ କଟାକ୍ଷ କରୁଥିଲେ ଟ୍ରମ୍ପ। ସେ ଅନେକ ସମୟରେ ଏପରି ଉଲ୍ଲେଖ କରି ଟୁଇଟ୍ ମଧ୍ୟ କରିଥିଲେ। ଏପରି କି ଭାରତ ସମେତ ଅନ୍ୟ କେତେକ ରାଷ୍ଟ୍ରରେ ଲକ୍‌ଡାଉନ୍ ଘୋଷଣା କରାଯିବାବେଳେ ଟ୍ରମ୍ପ୍ କହିଥିଲେ, ଆମେରିକା ପ୍ରତି କିଛି ବିପଦ ନାହିଁ। ଆମେରିକୀୟମାନେ ଘରେ ବସି ରହିପାରିବେ ନାହିଁ। ଆମେ ଲକ୍‌ଡାଉନ୍ କରିବୁ ନାହିଁ ବୋଲି ଆସ୍ଫାଳନ କରୁଥିଲେ। ହେଲେ ଏବେ ପାଣି ବେକ ଯାଏ ଉଠିଲାଣି। ଫଳରେ ଟ୍ରମ୍ପ୍ କରୋନାର ମୁକାବିଲା ପାଇଁ ଚାଇନାର ସହାୟତା ଲୋଡ଼ିଛନ୍ତି। ଆମେରିକାର ଅର୍ଥନୀତିକୁ କରୋନା ଭାଇରସ୍ ସାଂଘାତିକ ଭାବେ ପ୍ରଭାବିତ କରିଛି। ସବୁଠୁ ବେଶି ବିପର୍ଯ୍ୟସ୍ତ ହୋଇଛି ବ୍ୟବସାୟ ଓ ସ୍ୱାସ୍ଥ୍ୟ ସେବା କ୍ଷେତ୍ର। ତେଣୁ ଅର୍ଥନୀତିକୁ ଟ୍ରାକ୍‌କୁ ଫେରାଇ ଆଣିବା ପାଇଁ ଟ୍ରମ୍ପ୍ ଶୁକ୍ରବାର ୨ ଟ୍ରିଲିୟନ୍ ଡଲାରର ଜରୁରୀ ପ୍ୟାକେଜ ଘୋଷଣା କରିଛନ୍ତି।

# ଜର୍ମାନ ମନ୍ତ୍ରୀଙ୍କ ଆତ୍ମହତ୍ୟା



ବର୍ଲିନ,୨୯।୩: ବିଶ୍ୱବ୍ୟାପୀ କରୋନା ଭାଇରସ୍ ଉଗ୍ରରୂପ ଧାରଣ କରିଥିବା ବେଳେ ସମସ୍ତେ ଆତଙ୍କିତ ଅବସ୍ଥାରେ ରହିଛନ୍ତି। ଏତିକିବେଳେ ଦୁଃଖରେ ଭାଙ୍ଗିପଡ଼ି ଜର୍ମାନର ହେସେ ପ୍ରଦେଶରେ ଅର୍ଥମନ୍ତ୍ରୀ ଥିବା ଥୋମାସ୍ ଚଫେର(୫୪) ଆତ୍ମହତ୍ୟା କରିଛନ୍ତି। କରୋନା ଆର୍ଥିକ ମେରୁଦଣ୍ଡ ଭାଙ୍ଗି ଦେଇଥିବା ବେଳେ କିପରି ଏଥିରୁ ମୁକୁଳିବା ସେଇ ଚିନ୍ତାରେ ସେ ଆତ୍ମହତ୍ୟା କରିଥିବା ପ୍ରଦେଶ ମୁଖ୍ୟ ଭୋଲ୍‌କର ବୋଫିୟର ରବିବାର ପ୍ରକାଶ କରିଛନ୍ତି। ଶନିବାର ଏକ ରେଳ ଲାଇନ୍ କଡ଼ରୁ ତାଙ୍କ ମରଶରୀରକୁ ଉଦ୍ଧାର କରାଯାଇଥିଲା। ପ୍ରକାଶଥାଉ କି, ହେସେ ହେଉଛି ଜର୍ମାନର ଆର୍ଥିକ ରାଜଧାନୀ ଫ୍ରାଙ୍କ୍‌ଫର୍ଟର କେନ୍ଦ୍ରସ୍ଥଳ। ଏଠାରେ ବିଭିନ୍ନ ବଡ଼ ବଡ଼ ବ୍ୟାଙ୍କର ମୁଖ୍ୟାଳୟ ରହିଛି। ୟୁରୋପିଆନ୍ ସେଣ୍ଟ୍ରାଲ ବ୍ୟାଙ୍କ ମଧ୍ୟ ଏଠାରେ ଅଛି। ଗତ ୧୦ ବର୍ଷ ହେବ ଏଠାରେ ଅର୍ଥମନ୍ତ୍ରୀ ଭାବେ ଥୋମାସ୍ ଚଫେର ଦାୟିତ୍ୱ ତୁଲାଇ ଆସୁଥିଲେ। ବିଭିନ୍ନ କମ୍ପାନୀ ଓ କର୍ମଚାରୀଙ୍କ ଲାଗି ସେ ଦିନରାତି ଏକ୍ କରୁଥିଲେ। ଏବେ ତାଙ୍କର ବିଧବା ସ୍ତ୍ରୀ ଓ ୨ ପିଲା ଅଛନ୍ତି।

# ମହାରାଷ୍ଟ୍ରରେ ୭ ମୁଣ୍ଡ ନେଲାଣି କରୋନା

**ସଂକ୍ରମିତଙ୍କ ସଂଖ୍ୟା ୧୯୩କୁ ବୃଦ୍ଧି**

ମୁମ୍ବାଇ,୨୯।୩: ଭାରତରେ ୨୭ ମୁଣ୍ଡ କରୋନା ଭୂତାଣୁ ନେଇଥିବା ବେଳେ କେବଳ ମହାରାଷ୍ଟ୍ରରେ ଗଡ଼ିଲାଣି ୭ ମୁଣ୍ଡ। ରବିବାର ଜଣେ ୪୦ ବର୍ଷୀୟା ମହିଳାଙ୍କ ମୁମ୍ବାଇରେ ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ଛାତି ଯନ୍ତ୍ରଣା ସହ ନିଃଶ୍ୱାସ ପ୍ରଶ୍ୱାସ ନେବାରେ କଷ୍ଟ ଅନୁଭବ କରିବାରୁ ଶନିବାର ତାଙ୍କୁ ସିଭିକ୍ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଏଥିସହ ରାଜ୍ୟରେ କରୋନା ସଂକ୍ରମିତଙ୍କ ସଂଖ୍ୟା ବଢ଼ି ୧୯୩ରେ ପହଞ୍ଚିଛି। ରବିବାର ୧୨ ନୂଆ ମାମଲା ସାମ୍ନାକୁ ଆସିଛି। ପୁଣେରୁ ୫, ମୁମ୍ବାଇରୁ ୪, ଜଲ୍‌ଗାଓଁ, ସାଙ୍ଗ୍‌ଲି ଓ ନାଗପୁର ପ୍ରତ୍ୟେକ ଜାଗାରୁ ଗୋଟିଏ ଲେଖାଏ ମାମଲା ହସ୍ତଗତ ହୋଇଛି। ରାଜ୍ୟରେ ୨୭ ସଂକ୍ରମିତ ଭଲହୋଇ ଘରକୁ ଫେରିଥିଲେ ହେଁ ଗୁରୁତର ରୋଗୀଙ୍କ ସଂଖ୍ୟା ୧୬୭ ରହିଥିବା ଅଧିକାରୀଙ୍କ ସୂତ୍ରରୁ ପ୍ରକାଶ।

## ପ୍ରଧାନମନ୍ତ୍ରୀଙ୍କ ସହଯୋଗ ଲୋଡ଼ିଲେ ବ୍ରିଟେନରେ ଅଟକିଥିବା ଭାରତୀୟ ଛାତ୍ର

ଲଣ୍ଡନ,୨୯।୩: କରୋନା ସଂକ୍ରମଣଜନିତ ଯାତାୟାତ କଟକଣା ଯୋଗୁ ବ୍ରିଟେନରେ ଶହ ଶହ ଭାରତୀୟ ଛାତ୍ରଛାତ୍ରୀ ଅଟକି ରହିଛନ୍ତି। ସେମାନଙ୍କୁ ସେଠାରୁ ଉଦ୍ଧାର କରିବା ଲାଗି ବିମାନ ବ୍ୟବସ୍ଥା କରିବା ନିମନ୍ତେ ଛାତ୍ରୀଛାତ୍ରମାନେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ନିବେଦନ କରିଛନ୍ତି। ୨୮୦ ଭାରତୀୟ ଛାତ୍ରୀଛାତ୍ର ସେମାନଙ୍କ ପାସ୍‌ପୋର୍ଟ ତଥ୍ୟ ସହ ଏକ ଡାଟା ଚେନ୍ ଜରିଆରେ ସହାୟତା ପାଇଁ ଭାରତ ସରକାରଙ୍କ ପାଖରେ ଲବି ଆରମ୍ଭ କରିଛନ୍ତି।

## ଅତ୍ୟାବଶ୍ୟକ ସାମଗ୍ରୀ ପରିବହନ ଲାଗି ରେଲୱେର ପାର୍ସଲ ଭ୍ୟାନ୍ ସେବା

ନୂଆଦିଲ୍ଲୀ,୨୯।୩(ପି.ଟି.): ଲକ୍‌ଡାଉନ ବେଳେ ଅତ୍ୟାବଶ୍ୟକ ସାମଗ୍ରୀ ପରିବହନରେ ଯେପରି ବାଧା ସୃଷ୍ଟି ନ ହୁଏ, ସେଥିପାଇଁ ପାର୍ସଲ ଭ୍ୟାନ୍ ସେବା ଆରମ୍ଭ କରିବାକୁ ଭାରତୀୟ ରେଳପଥ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ୨୨ ତାରିଖରୁ ଯାତ୍ରୀବାହୀ ଟ୍ରେନ ଚଳାଚଳ ବନ୍ଦ ରହିଛି। ଏଥିସହିତ ସଂଲଗ୍ନ ପାର୍ସଲ ଭ୍ୟାନ ସେବା ମଧ୍ୟ ବନ୍ଦ ରହିଥିଲା। ସ୍ୱତନ୍ତ୍ର ପାର୍ସଲ ଏକ୍ସପ୍ରେସ୍ ଟ୍ରେନ ନୂଆଦିଲ୍ଲୀ-ଗୁଆହାଟୀ, ନୂଆଦିଲ୍ଲୀ-ମୁମ୍ବାଇ, ନୂଆଦିଲ୍ଲୀ-କଲ୍ୟାଣ, ନୂଆଦିଲ୍ଲୀ-ହାଓ୍ୱଡ଼ା, ଚଣ୍ଡିଗଡ଼-ଜୟପୁର ଏବଂ ମୋଙ୍ଗା-ଛାଙ୍ଗସାରୀ ରୁଟ୍‌ରେ ଚଳାଚଳ କରିବ ବୋଲି ରେଲୱେର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି। ସ୍ଥାନୀୟ ବଜାରଗୁଡ଼ିକରେ ଅତ୍ୟାବଶ୍ୟକ ସାମଗ୍ରୀର ଅଭାବ ଦେଖାଦେଇଥିବାରୁ ପାର୍ସଲ ଭ୍ୟାନ୍ ସେବା ଯୋଗାଇଦେବା ଜରୁରୀ ହୋଇପଡ଼ିଛି। ଏଥିରେ ଖାଦ୍ୟ, ଔଷଧ, ମେଡିକାଲ ଉପକରଣ ଓ ଅନ୍ୟ ଛୋଟ ପାର୍ସଲ ପରିବହନ କରାଯିବ। ପାର୍ସଲ ଭ୍ୟାନ୍ ଲୋଡ଼ିଂ ଅନ୍‌ଲୋଡ଼ିଂ ପାଇଁ ଶ୍ରମିକ ଯୋଗାଇଦେବାକୁ ଜିଲା ପ୍ରଶାସନକୁ କୁହାଯାଇଛି। ଶ୍ରମିକମାନଙ୍କୁ ଅସ୍ଥାୟୀ ଭାବେ ରଖିବାରେ ରେଲୱେର ପୁରୁଣା କୋଚଗୁଡ଼ିକୁ ବ୍ୟବହାର କରିବା ଲାଗି ମଧ୍ୟ ନିଷ୍ପତ୍ତି ହୋଇଛି।

## ଭୋକିଲା ପ୍ରବାସୀଙ୍କ ଲାଗି କୋର୍ଟ ପରିସର ଖୋଲିଲେ ବିଚାରପତି

ହାଇଦ୍ରାବାଦ,୨୯।୩: ଭାରତରେ ୨୧ ଦିନ ଲକ୍‌ଡାଉନ୍ ପରେ ଏବେ ପ୍ରବାସୀଙ୍କ ଅବସ୍ଥା ଗୁରୁତର ହୋଇପଡ଼ିଛି। ଖାଇବା, ରହିବାରେ ସମସ୍ୟା ଯୋଗୁ ସେମାନେ ନିଜ ନିଜ ଘରକୁ ଫେରିଯାଉଛନ୍ତି। ଗାଡ଼ିମୋଟର ନ ଥିବାରୁ ଚାଲି ଚାଲି ସେମାନେ ବହୁ ଦୁଃଖକଷ୍ଟରେ ଯାଉଛନ୍ତି। ଏଭଳି ସ୍ଥିତିରେ ତେଲଙ୍ଗାନାର ସାଙ୍ଗାରେଡ୍ଡୀ ସହରରେ ଥିବା ଏକ କୋର୍ଟ ପରିସରକୁ ପ୍ରମୁଖ ଜିଲାଜଜ୍ କେ. ସାଇ ରମାଦେବୀ ଖୋଲିବା ସହ ପ୍ରବାସୀଙ୍କୁ ଖାଇବାକୁ ଦେଉଛନ୍ତି। ମେଡାକ୍, ସାଙ୍ଗାରେଡ୍ଡୀ, ଜାହିରାବାଦ୍ ଆଦି ଅଞ୍ଚଳରେ ପ୍ରବାସୀମାନେ ଏଠାକୁ ଆସୁଥିବା ଜଣାପଡ଼ିଛି। କାମଧନ୍ଦାରେ ଏଠାକୁ ଆସିଥିବା ପ୍ରବାସୀମାନେ ଲକ୍‌ଡାଉନ୍ ପରେ ଚାଲିଯିବାକୁ ପରାମର୍ଶ ଦିଆଯାଇଛି। ପିଲାଛୁଆଙ୍କୁ ଧରି ବିକଳରେ ଫେରିଆସୁଥିବା ବହୁ ପ୍ରବାସୀ ନ ଖାଇ ନ ପିଇ ଚେତାଶୂନ୍ୟ ହୋଇପଡୁଥିବା ନଜରକୁ ଆସିବା ପରେ ବିଚାରପତି ଏଭଳି ନିଷ୍ପତ୍ତି ନେଇଥିଲେ। ଏଭଳି କାର୍ଯ୍ୟକୁ ବିଭିନ୍ନ ମହଲରୁ ସ୍ୱାଗତ କରାଯାଇଛି।

## ଯୁବ ବିଜେଡି ନେତାଙ୍କ ପରଲୋକ

ଭୁବନେଶ୍ୱର,୨୯।୩(ବ୍ୟୁରୋ): ବିଜୁ ଯୁବ ଜନତା ଦଳର ରାଜ୍ୟ ସାଧାରଣ ସମ୍ପାଦକ ପ୍ରମୋଦ କୁମାର ମହାପାତ୍ରଙ୍କ ରବିବାର ସକାଳୁ ଅକାଳ ବିୟୋଗ ଘଟିଛି। ସେ ଦୀର୍ଘଦିନ ଧରି ଅସୁସ୍ଥ ରହିଥିଲେ। ପୁରୀ ଜିଲା ପିପିଲି ଅଞ୍ଚଳରେ ସେ ବିଜେଡି ସଙ୍ଗଠନ ପାଇଁ କାର୍ଯ୍ୟ କରୁଥିଲେ। ତାଙ୍କ ବିୟୋଗରେ ଯୁବ ଜନତା ଦଳର ଅପୂରଣୀୟ କ୍ଷତି ହୋଇଥିବା ବିଜୁ ଯୁବ ଜନତା ଦଳ ପକ୍ଷରୁ କୁହାଯାଇଛି। ଯୁବ ବିଜେଡି ସଭାପତି ଅମରେଶ ପତ୍ରୀ ପ୍ରମୋଦଙ୍କ ବିୟୋଗରେ ଶୋକବ୍ୟକ୍ତ କରି କହିଛନ୍ତି ଯେ, ସେ ଜଣେ ଦୃଢ଼ ସଙ୍ଗଠକ ତଥା ସମାଜସେବୀ ଥିଲେ। ଜୀବନ ବିନ୍ଦୁ କାର୍ଯ୍ୟକ୍ରମକୁ ସୁପରିଚାଳନା କରୁଥିଲେ। ତାଙ୍କ ଅକାଳ ବିୟୋଗ ବିଜୁ ପରିବାରର ସମସ୍ତଙ୍କ ମନରେ ଶୋକର ଛାୟା ଖେଳାଇଦେଇଥିବା ଅମରେଶ ପତ୍ରୀ କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଯୁବ ବିଜେଡି ନେତା ଶିଶିର ପରିଜା, ଦୁର୍ଗା ସାମନ୍ତରାୟ ଏବଂ ସଞ୍ଜିତ ମହାନ୍ତି ପ୍ରମୁଖ ଶୋକବ୍ୟକ୍ତ କରିଛନ୍ତି।

# ଏମ୍‌କେସିଜିରେ ପୁଣି ୨ କରୋନା ସନ୍ଦିଗ୍ଧ ଭର୍ତ୍ତି

ବ୍ରହ୍ମପୁର ଅଫିସ,୨୯।୩: କରୋନା ଭାଇରସ୍‌ର ପ୍ରକୋପ ଏବେ ଭାରତ ଉପରେ ଧୀରେ ଧୀରେ ବଢ଼ିବାରେ ଲାଗିଛି। ଏହି ଧାରାରେ ଏମ୍‌କେସିଜି ମେଡିକାଲରେ ଦିନକୁ ଦିନ କରୋନା ସନ୍ଦିଗ୍ଧ ଭର୍ତ୍ତି ହେବାରେ ଲାଗିଛନ୍ତି। ଶନିବାର ୫ କରୋନା ସନ୍ଦିଗ୍ଧ ଭର୍ତ୍ତି ହୋଇଥିବା ବେଳେ ରବିବାର ପୁଣି ୨ ଜଣ ଭର୍ତ୍ତି ହୋଇଛନ୍ତି। ଶେରଗଡ ଅଞ୍ଚଳର ଜଣେ ବ୍ୟକ୍ତି ରାଜସ୍ଥାନରେ କାମ କରୁଥିବା ବେଳେ ଗତ ୧୬ ତାରିଖରେ ଗାଁକୁ ଫେରିଥିଲେ। ରବିବାର ସକାଳେ ତାଙ୍କର କାଶ ସହ ଭୀଷଣ ଜ୍ୱର ହେବାରୁ ସେ ଏମ୍‌କେସିଜି ମେଡିକାଲ ସ୍ୱତନ୍ତ୍ର କରୋନା କକ୍ଷରେ ଭର୍ତ୍ତି ହୋଇଛନ୍ତି।

ସେହିପରି ପୁରୁଷୋତ୍ତମପୁର ଅଞ୍ଚଳର ଜଣେ ବ୍ୟକ୍ତି ଆବୁଧାବିରେ କାମ କରୁଥିବା ବେଳେ ସେ ଗତ ୧୭ ତାରିଖରେ ଗାଁକୁ ଫେରିଥିଲେ। ଶନିବାରଠାରୁ ସେ କାଶ ଓ ଜ୍ୱରରେ ଆକ୍ରାନ୍ତ ହୋଇଥିଲେ। ରବିବାର ସକାଳେ ତାଙ୍କୁ ଏମ୍‌କେସିଜିରେ ଭର୍ତ୍ତି କରାଯାଇଥିଲା। ୨ ଜଣ ସନ୍ଦିଗ୍ଧଙ୍କ ସ୍ୱାବ୍ ସଂଗ୍ରହ କରାଯାଇ ରବିବାର ପରୀକ୍ଷା ପାଇଁ ଭୁବନେଶ୍ୱର ଆରଏମ୍‌ଆରସିକୁ ପଠାଯାଇଛି ବୋଲି ମେଡିକାଲ ଅଧୀକ୍ଷକ ପ୍ରଫେସର ଡା ସନ୍ତୋଷ କୁମାର ମିଶ୍ର ସୂଚନା ଦେଇଛନ୍ତି। ସେହିପରି ଶନିବାର କରୋନା ୱାର୍ଡରେ ଭର୍ତ୍ତି ହୋଇଥିବା ୫ ଜଣ ସନ୍ଦିଗ୍ଧଙ୍କ ସ୍ୱାବ ପରୀକ୍ଷା ରିପୋର୍ଟ ରବିବାର ରାତି ସୁଦ୍ଧା ଆସିଯିବ ବୋଲି ସେ କହିଛନ୍ତି।

ସୂଚନାଯୋଗ୍ୟ, ଗତ ୨୬ ତାରିଖରେ ମାଲଦୀପରୁ ଫେରିଥିବା କବିସୂର୍ଯ୍ୟନଗର ଅଞ୍ଚଳର ଜଣେ ବ୍ୟକ୍ତି ଏମ୍‌କେସିଜି ମେଡିକାଲର କରୋନା ୱାର୍ଡରେ ଭର୍ତ୍ତି ହୋଇଥିବା ବେଳେ ତାଙ୍କ ସ୍ୱାବ ପରୀକ୍ଷା ରିପୋର୍ଟ ନେଗେଟିଭ ଆସିଛି। ରବିବାର ତାଙ୍କୁ ଡିସ୍‌ଚାର୍ଜ କରାଯିବ ବୋଲି ଅଧୀକ୍ଷକ ମିଶ୍ର କହିଛନ୍ତି।

# ଜୀବନ ନେଇପାରେ ଦେଶୀ, ନକଲି ମଦ

- ନିଶା ଔଷଧ, ନକଲି ଆଲ୍‌କୋହଲ ମିଶାଇ ହେଉଛି ତିଆରି
- ରାଜଧାନୀର ବସ୍ତି, ନିଛାଟିଆ ଅଞ୍ଚଳରେ ଜମୁଛି ଆଡ୍ଡା
- ଜରୁରୀ ସାମଗ୍ରୀ ବାହାନାରେ ଚାଲିଛି ଚାଲାଣ



ଭୁବନେଶ୍ୱର, ୨୯।୩ (ବ୍ୟୁରୋ)

ମହାମାରୀ କରୋନାକୁ ନେଇ ଏବେ ସମସ୍ତେ ଆତଙ୍କିତ। ଘାତକ ଭୂତାଣୁ 'କୋଭିଡ୍-୧୯' କବଳରୁ ରକ୍ଷା ପାଇବା ପାଇଁ ଏଯାଏ ସଫଳ ଔଷଧ ବାହାରି ନାହିଁ। ଏପରିସ୍ଥିତିରେ ଜୀବନମୃତ୍ୟୁର ଦୋଛକିରେ ପଡ଼ିଥିବା ମଣିଷ ଏବେ ନାନା ଗୁଜବ ଓ ଚର୍ଚ୍ଚାକୁ ବିଶ୍ୱାସ କରି କରୋନାଠାରୁ ବଡ଼ ବିପଦର ସାମ୍ନା କରୁଛି। ଏଭଳି ଗୁଜବ ଇରାନରେ ମୃତ୍ୟୁର ବିଭୀଷିକା ରଚିଛି। କରୋନା ସଂକ୍ରମଣରୁ ବର୍ତ୍ତିବା ପାଇଁ ଇଣ୍ଡଷ୍ଟ୍ରିଆଲ ଆଲ୍‌କୋହଲ ପିଇ ୩ଶହରୁ ଊର୍ଦ୍ଧ୍ୱ ଲୋକ ପ୍ରାଣ ହରାଇଥିବାବେଳେ ଓଡ଼ିଶାରେ ଏଭଳି ଭୟ ମଧ୍ୟ ଉଙ୍କି ମାରୁଛି। ମଦ ଓ ଆଲ୍‌କୋହଲିକ୍ ସାମଗ୍ରୀର ଢ଼େର୍ ଡିମାଣ୍ଡ ପରେ ଧୀରେ ଧୀରେ ଏସବୁ ସାମଗ୍ରୀ ଏବେ ବଜାରରୁ ଉଭାନ ହେବାକୁ ବସିଛି। ଦୋକାନରୁ ଆଉ ବିଦେଶୀ ମଦ ମିଳୁ ନ ଥିବାବେଳେ ଲୋକେ ଏବେ ଦେଶୀ ଓ ନକଲି ମଦ ଆଡକୁ ମୁହାଁଇଛନ୍ତି। ଏହାର ସୁଯୋଗ ନେଇ ରାଜଧାନୀର ବିଭିନ୍ନ ବସ୍ତି, ନିଛାଟିଆ ଅଞ୍ଚଳ ଓ କେତେକ କଲୋନୀରେ ବେଆଇନ ଭାବେ ଦେଶୀ ଓ ନକଲି ମଦ କାରଖାନା ଗଢ଼ି ଉଠିଛି। ପୋଲିସ ଲକ୍‌ଡାଉନ୍‌ରେ ବ୍ୟସ୍ତ ରହୁଥିବାରୁ ମଦ ମାଫିଆମାନେ ସୁରୁଖୁରୁରେ ର୍ୟାକେଟ ଚଳାଇଛନ୍ତି। ଅତ୍ୟାବଶ୍ୟକ ସାମଗ୍ରୀ ବାହାନାରେ ସହରର ବିଭିନ୍ନ ଅଞ୍ଚଳ ଓ ବାହାରକୁ ମଧ୍ୟ ଚାଲାଣ କରୁଛନ୍ତି। ସହର ଉପକଣ୍ଠରେ ମଧ୍ୟ ନକଲି ଆଲ୍‌କୋହଲ ତିଆରି ହୋଇ ସହରକୁ ଆସୁଥିବା ସୂଚନା ମିଳିଛି। ଏହା ଉପରେ କାହାର ନଜର ନ ଥିବାରୁ ଆଗାମୀ ଦିନରେ ରାଜଧାନୀ ଭୟଙ୍କର ବିପଦର ସାମ୍ନା କରିବ ଓ ନକଲି ମଦ ଜୀବନ ନେଇଯିବ ବୋଲି ଆଶଙ୍କା ପ୍ରକାଶ ପାଇଛି।

ରାଜଧାନୀର ବିଭିନ୍ନ ବସ୍ତି ଏବେ ପାଲଟିଛି ନକଲି ମଦର ଆଡ୍ଡାସ୍ଥଳ। ଦେଶୀ ସହ ନାମିଦାମୀ ବ୍ରାଣ୍ଡରେ ଏଠାରେ ନକଲି ମଦ ବିକ୍ରି ହେଉଛି। ମିଳିଥିବା ସୂଚନାନୁସାରେ, ମେଡିସିନ ଦୋକାନରେ ମିଳୁଥିବା ଜିଞ୍ଜର ଓ ଅନ୍ୟକେତେକ ନିଶା ଔଷଧ ବ୍ୟବହାର କରି ନକଲି ମଦ ପ୍ରସ୍ତୁତ କରାଯାଉଛି। ସେଥିରେ ଟେଷ୍ଟ ପାଇଁ ବିଭିନ୍ନ ଫ୍ଲେଭର ଦିଆଯାଉଛି। ଫଳରେ ଏହା କେତେବେଳେ ବି ବିଷାକ୍ତ ହୋଇ ଜୀବନ ନେଇଯାଇପାରେ। ୟୁନିଟ-୬ର ଦୁଇଟି ବସ୍ତି, ଗଙ୍ଗନଗର ବସ୍ତି, ଡୁମୁଡୁମା, ସାଲିଆସାହି, ନୀଳାଦ୍ରି ବିହାର ଅଞ୍ଚଳରେ ଥିବା ଏକାଧିକ ବସ୍ତିରେ ଏହି ମଦ ତିଆରି ହେଉଛି। ଅଭ୍ୟାସଗତ ମଦ୍ୟପମାନେ ପୋଲିସ ନିକଟରେ ବିଭିନ୍ନ ବାହାନା କରି ସେଠାରେ ପହଞ୍ଚି ଅସଲ ଭାବି ଚଢ଼ା ଦାମ୍‌ରେ କିଣୁଛନ୍ତି। ନିବ୍ ପିଛା ୨୫୦ରୁ ୩୫୦ ଟଙ୍କା ବିକ୍ରି ହେଉଥିବାବେଳେ ୩୮୦ ମିଲିକୁ ୫ ଶହରୁ ୬ ଶହ ଟଙ୍କାରେ ବିକ୍ରି ହେଉଛି। ୭୫୦ ମିଲିକୁ ୧ହଜାରରୁ ୧୨ଶହ ଟଙ୍କା ନିଆଯାଉଛି। ଏହାଠାରୁ ଦାମୀ ବ୍ରାଣ୍ଡର କ୍ୱାଟ୍ ୨ ହଜାରରୁ ୨୨ ଟଙ୍କାରେ ବିକ୍ରି ହେଉଛି। ତେବେ ଏହିସବୁ ମଦ କିନ୍ତୁ ଅସଲି ନ ଥିବା ଅନୁସନ୍ଧାନରୁ ଜଣାପଡିଛି। ଦାମୀ ବ୍ରାଣ୍ଡର ଲେବୁଲ୍ ଥିବା ପୁରୁଣା ବୋତଲରେ ନକଲି ମଦ ବିକ୍ରି କରାଯାଉଥିବା ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଚର୍ଚ୍ଚା ଚାଲିଛି। ଗୋଟିଏ ପଟେ ରାଜ୍ୟ ସରକାର ଓ ରାଜ୍ୟବାସୀ କରୋନା ସହ ଲଢୁଥିବାବେଳେ ଏପଟେ ନିଶା ମାଫିଆ ରାଜ୍ୟ ରାଜଧାନୀରେ ବିଷାକ୍ତ ମଦ ବିକ୍ରି କରି ଭବିଷ୍ୟତରେ ମଦ ମୃତ୍ୟୁ ବିଭୀଷିକା ଘଟାଇପାରନ୍ତି ବୋଲି ଆଶଙ୍କା ପ୍ରକାଶ ପାଇଛି।

# ଦିନକର ଦରମା ଦେବେ ସଚିବାଳୟ କର୍ମଚାରୀ

ଭୁବନେଶ୍ୱର,୨୯।୩(ବ୍ୟୁରୋ)

ରାଜ୍ୟ ସରକାର କରୋନା ମୁକାବିଲା ପାଇଁ ସ୍ୱତନ୍ତ୍ର ପାଣ୍ଠି ସଂଗ୍ରହ କରୁଛନ୍ତି। ବିଭିନ୍ନ ସଂସ୍ଥା ଓ ବ୍ୟକ୍ତିବିଶେଷ ଏଥିପାଇଁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ସିଧାସଳଖ ସହାୟତା ପ୍ରଦାନ କରୁଛନ୍ତି। ଏହି କ୍ରମରେ ଓଡ଼ିଶା ସଚିବାଳୟ ସେବା ସଂଘ(ଓସା)ର କର୍ମକର୍ତ୍ତାମାନେ ନିଜ ନିଜର ଗୋଟିଏ ଦିନର ଦରମା ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ଦେବା ପାଇଁ ସ୍ଥିର କରିଛନ୍ତି। ସମସ୍ତେ ଏହି ନିଷ୍ପତ୍ତିକୁ ପାଳନ କରିବା ପାଇଁ ଓସା ପକ୍ଷରୁ ଚିତ୍ତରଞ୍ଜନ ହୋତା, ହରପ୍ରସାଦ ବିଶ୍ୱାଳ, ବିନୋଦ କୁମାର ସାହୁ, ଜ୍ୟୋତି ରଞ୍ଜନ ମିଶ୍ର ଏବଂ ବିବେକ ସାହୁ ପ୍ରମୁଖ ଅନ୍ୟମାନଙ୍କୁ ଅନୁରୋଧ କରିଛନ୍ତି। କର୍ମଚାରୀମାନେ ଶନିବାରଠାରୁ ଅନ୍‌ଲାଇନ ମାଧ୍ୟମରେ ନିଜ ନିଜର ଅଂଶ ପ୍ରଦାନ କରିବା ଆରମ୍ଭ କରିଛନ୍ତି। କରୋନାର ଭୟାବହତାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଅଧିକାଂଶ କାର୍ଯ୍ୟାଳୟକୁ ବନ୍ଦ କରିଛନ୍ତି। ସମସ୍ତ ଅଧିକାରୀ ଅଫିସ ନ ଆସିଲେ ବି ନିଜ ଦରମା ପାଇବେ ବୋଲି ଜଣାପଡିଛି। ଅପରପକ୍ଷରେ କରୋନା ଯୋଗୁ ରାଜସ୍ୱ ସଂଗ୍ରହ ମଧ୍ୟ ହ୍ରାସ ପାଇଛି। ଅନ୍ୟାନ୍ୟ ବିଭାଗ ଅପେକ୍ଷା ଗୃହ ବିଭାଗ ଅଧିକ ସକ୍ରିୟ ରହିଛି। ବିଭାଗ ପକ୍ଷରୁ ଏକ ୨୪ ଘଣ୍ଟିଆ ନିୟନ୍ତ୍ରଣ କକ୍ଷ ଖୋଲାଯାଇଛି। ଏଥିରେ ନିୟୋଜିତ ସମସ୍ତ କର୍ମଚାରୀଙ୍କୁ ସବୁଦିନ ଆସିବାକୁ କୁହାଯାଇଛି। କେତେକ ବିଭାଗ କର୍ମଚାରୀ ରୋଷ୍ଟର ମାଧ୍ୟମରେ ଡ୍ୟୁଟି କରୁଛନ୍ତି। ସେହିଭଳି ଏହି ସମୟରେ ସଚିବାଳୟରେ କର୍ତ୍ତବ୍ୟ ସମ୍ପାଦନ ପାଇଁ ଆସୁଥିବା କର୍ମଚାରୀଙ୍କୁ ମାସ୍କ, ସାନିଟାଇଜର ଯୋଗାଯାଉ ବୋଲି ଦାବି କରାଯାଇଛି। ସେହିପରି ସେମାନେ ବସୁଥିବା ସ୍ଥାନକୁ ନିୟମିତ ବିଶୋଧନ ପାଇଁ କର୍ମଚାରୀମାନେ ଅନୁରୋଧ କରିଛନ୍ତି।

# 'ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଶ୍ରମିକଙ୍କୁ ଭତ୍ତା ଦିଅ'

- ପ୍ରଧାନମନ୍ତ୍ରୀଙ୍କୁ ଚିଠି ଲେଖିଲେ ନବୀନ
- ୨୧ ଦିନ ପାଇଁ ଆବଶ୍ୟକ ୩୮୦.୩୯ କୋଟି

ଭୁବନେଶ୍ୱର, ୨୯।୩(ବ୍ୟୁରୋ)

କରୋନା ଭୂତାଣୁ ସଂକ୍ରମଣ ରୋକିବାକୁ କେନ୍ଦ୍ର ଏବଂ ରାଜ୍ୟ ସରକାର ମିଳିତ ଉଦ୍ୟମ ଜାରି ରଖିଛନ୍ତି। ସମାଜର ତୃଣମୂଳସ୍ତରରେ ଲୋକମାନେ ଯେପରି କମ୍ କ୍ଷତିଗ୍ରସ୍ତ ହେବେ ସେଥିପ୍ରତି ବିଶେଷ ଦୃଷ୍ଟି ଦିଆଯାଉଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦ୍ୱାରା ଆହ୍ୱାନ କରାଯାଇଥିବା ୨୧ ଦିନିଆ ଲକ୍‌ଡାଉନ୍‌କୁ ଜନତାଙ୍କ ସହଯୋଗ ମିଳିଥିବା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି। ଲକ୍‌ଡାଉନ୍ ଦ୍ୱାରା ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆର୍‌ଇଜିଏସ୍) କାର୍ଯ୍ୟ କରୁଥିବା ଶ୍ରମିକମାନେ ରୋଜଗାର ହରାଇଛନ୍ତି। ତେଣୁ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ବାବଦ ଅର୍ଥରୁ ସମ୍ପୃକ୍ତ ଶ୍ରମିକଙ୍କୁ ବେକାରି ଭତ୍ତା ପ୍ରଦାନ କରାଯାଉ ବୋଲି ମୁଖ୍ୟମନ୍ତ୍ରୀ ପ୍ରସ୍ତାବ ରଖିଛନ୍ତି। ଏଥିଲାଗି ଅନୁମତି ଦେବାକୁ ଶନିବାର ସେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଚିଠି ଲେଖିଛନ୍ତି। ମୁଖ୍ୟମନ୍ତ୍ରୀ ଚିଠିରେ ଉଲ୍ଲେଖ କରିଛନ୍ତି, ଲକ୍‌ଡାଉନ ଯୋଗୁ ରାଜ୍ୟର ୩୬,୧୦,୭୯୭ ସକ୍ରିୟ ଶ୍ରମିକ କାମ ପାଇ ନାହାନ୍ତି। ସେମାନଙ୍କ ଜୀବିକାକୁ ସୁରକ୍ଷିତ ରଖିବା ପାଇଁ ୩୮୦.୩୯ କୋଟି ଟଙ୍କାର ସହାୟତା ରାଶି ଆବଶ୍ୟକ ରହିଛି। ଏହି ଅର୍ଥ ଏମ୍‌ଜିଏନ୍‌ଆରଇଜିଏସ୍ ବାବଦ ମଜୁରି ଅର୍ଥର ଏକ ଚତୁର୍ଥାଂଶ। ଉକ୍ତ ଅର୍ଥ ଶ୍ରମିକଙ୍କୁ ଦିଆଗଲେ ସେମାନେ ଉପକୃତ ହୋଇପାରିବେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ମୁଖ୍ୟମନ୍ତ୍ରୀଙ୍କ ଚିଠିରେ ଦିଆଯାଇଥିବା ସୂଚନା ଅନୁଯାୟୀ, ମାର୍ଚ୍ଚ ୨୫ରୁ ୩୧ (୭ଦିନ) ଶ୍ରମିକମାନେ କାର୍ଯ୍ୟରୁ ବଞ୍ଚିତ ହୋଇଛନ୍ତି। ସେହିପରି ଏପ୍ରିଲ ୧ରୁ ୧୪ (୧୪ ଦିନ) ଶ୍ରମିକମାନେ କାର୍ଯ୍ୟରୁ ବଞ୍ଚିତ ହେବେ। ମାର୍ଚ୍ଚ ମାସର ୭ଦିନ ବାବଦକୁ ଅଣକୁଶଳୀ ଶ୍ରମିକଙ୍କୁ ଦିନ ପିଛା ୧୮୮ ଟଙ୍କା ହିସାବରେ ୧୧୮.୭୯ କୋଟି ଏବଂ ଏପ୍ରିଲ ମାସର ୧୪ ଦିନ ବାବଦକୁ ଦିନ ପିଛା ୨୦୭ ଟଙ୍କା ହିସାବରେ ୨୬୧.୬୦ କୋଟି ଆବଶ୍ୟକ ବୋଲି କୁହାଯାଇଛି।

**କେମ୍ବ୍ରିଜ ବିଶ୍ୱବିଦ୍ୟାଳୟ ଗବେଷକଙ୍କ ଯୁକ୍ତି**

# ଭାରତରେ ୪୯ ଦିନର ଲକ୍‌ଡାଉନ୍ ଜରୁରୀ



ନୂଆଦିଲ୍ଲୀ,୨୯।୩

କରୋନା ଭାଇରସ୍ ଯୋଗୁ ବିଶ୍ୱ ଏବେ ଆତଙ୍କିତ ହୋଇପଡ଼ିଛି। ଏହି ମହାମାରୀକୁ ରୋକିବା ଲାଗି ବିଭିନ୍ନ ଦେଶ ପକ୍ଷରୁ ଭିନ୍ନ ଭିନ୍ନ ପଦକ୍ଷେପ ଗ୍ରହଣ କରାଯାଇଛି। ବିଶେଷକରି ଅଧିକାଂଶ ଦେଶ ଲକ୍‌ଡାଉନ୍ ଉପରେ ଗୁରୁତ୍ୱ ଦେଇଛନ୍ତି। ଭାରତରେ ମଧ୍ୟ ୨୧ ଦିନର ଲକ୍‌ଡାଉନ୍ ଘୋଷଣା କରାଯାଇଛି। ହେଲେ ଏହି ୨୧ ଦିନ ଭାରତରେ କରୋନା ଭାଇରସ୍‌କୁ ରୋକିବାରେ ସଫଳ ହେବ କି ନାହିଁ, ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟିହୋଇଛି। ବ୍ରିଟେନର କେମ୍ବ୍ରିଜ ବିଶ୍ୱବିଦ୍ୟାଳୟରେ ଗବେଷକ ଭାବେ କାର୍ଯ୍ୟ କରୁଥିବା ୨ ପ୍ରବାସୀ ଭାରତୀୟ ଏକ ନୂଆ ଗାଣିତିକ ସୂତ୍ର ବାହାର କରିଛନ୍ତି। ଭାରତରେ ୪୯ ଦିନର ସମ୍ପୂର୍ଣ୍ଣ ଲକ୍‌ଡାଉନ୍‌କୁ ସେମାନେ ସମର୍ଥନ କରିଛନ୍ତି। ଏହାଦ୍ୱାରା କୋଭିଡ୍-୧୯ ହାର୍ ମାନିବ ଓ ଭାରତର ପୁନରୁତ୍ଥାନ ସମ୍ଭବ ହୋଇପାରିବ ବୋଲି ସେମାନେ ଯୁକ୍ତି ବାଢ଼ିଛନ୍ତି। ବିଶ୍ୱବିଦ୍ୟାଳୟର ଆପ୍ଲାଏଡ୍ ମ୍ୟାଥମାଟିକ୍ସ ବିଭାଗର ଗବେଷକ ରୋନୋଜୟ ଅଧିକାରୀ ଓ ଥିଓରିଟିକାଲ ଫିଜିକ୍ସର ଗବେଷକ ରାଜେଶ୍ ସିଂ ଦର୍ଶାଇଛନ୍ତି, ଭାରତ ସରକାର ଲଗାଇଥିବା ୨୧ ଦିନର ଲକ୍‌ଡାଉନ୍ ସେଭଳି ସଫଳ ହେବନାହିଁ। ଶେଷଆଡ଼କୁ କୋଭିଡ୍-୧୯ ପୁଣି ମୁଣ୍ଡ ଟେକିବାର ଆଶଙ୍କା ରହିଛି। ସେମାନଙ୍କ ସନ୍ଦର୍ଭ 'ଇଏଜ୍ ଷ୍ଟ୍ରକ୍‌ଚର୍ଡ ଇମ୍ପାକ୍ଟ ଅଫ୍ ସୋସିଆଲ ଡିଷ୍ଟାନ୍ସିଂ ଅନ୍ ଦ କୋଭିଡ୍-୧୯ ପାଣ୍ଡେମିକ୍ ଇନ୍ ଇଣ୍ଡିଆ'ରେ ବୟସ ଓ ଭାରତର ଜନସଂଖ୍ୟା ଘନତ୍ୱକୁ ଗୁରୁତ୍ୱ ଦିଆଯାଇଛି। ଏଥିସହ ଲକ୍‌ଡାଉନ୍ ବେଳେ ସ୍କୁଲ ବନ୍ଦ, କାର୍ଯ୍ୟସ୍ଥଳରେ ଅନୁପସ୍ଥିତି ଆଦିର ପ୍ରଭାବ ସମ୍ପର୍କରେ ଉଲ୍ଲେଖ କରାଯାଇଛି। ସାମାଜିକ ଘନତ୍ୱ ଭାରତରେ କରୋନା ମହାମାରୀକୁ ବୃଦ୍ଧି କରିବାର ଆଶଙ୍କାକୁ ବୃଦ୍ଧି କରିବ ବୋଲି ସନ୍ଦର୍ଭରେ ଉଲ୍ଲେଖ ରହିଛି। ଏଭଳି ସ୍ଥିତିରେ ସାମାଜିକ ଦୂରତ୍ୱ ବଜାୟ ରଖିବା ଲାଗି ଲକ୍‌ଡାଉନ୍ ଅବଧି ବୃଦ୍ଧିକୁ ଗୁରୁତ୍ୱ ଦିଆଯାଇଛି। ଭାରତରେ ଲକ୍‌ଡାଉନ୍ ଲାଗୁ କରିବାର ସମୟ ବେଳେ କରୋନା ଆକ୍ରାନ୍ତଙ୍କ ସ୍ଥିତି ଓ ପରବର୍ତ୍ତୀ ସଂକ୍ରମଣ ପ୍ରକ୍ରିୟାକୁ ସନ୍ଦର୍ଭରେ ବିଚାରକୁ ନିଆଯାଇଛି। ତେଣୁ ବିଭିନ୍ନ ବିଚାରକୁ ଦେଖିଲେ ଭାରତରେ କରୋନା ସଂକ୍ରମଣକୁ ରୋକିବା ଲାଗି ଅତି କମ୍‌ରେ ୪୯ ଦିନର ଲକ୍‌ଡାଉନ୍ ଆବଶ୍ୟକ ବୋଲି ଗବେଷକ ଦର୍ଶାଇଛନ୍ତି।

**ଲକ୍‌ଡାଉନ୍ ପ୍ରଭାବ**

# କ୍ଷୀର ଢାଳିଲେ ଚାଷୀ



ରାସ୍ତାରେ କ୍ଷୀର ଢାଳି ପ୍ରତିବାଦ କରୁଛନ୍ତି ଚାଷୀ।

ବାଲିଅନ୍ତା,୨୯।୩(ଡି.ଏନ୍.ଏ.)

କରୋନା ଭୂତାଣୁ ସଂକ୍ରମଣକୁ ରୋକିବା ଲାଗି ସରକାରଙ୍କ ପକ୍ଷରୁ ୨୧ଦିନିଆ ଲକଡାଉନ ଘୋଷଣା କରାଯାଇଛି। ଏହାର ପ୍ରଭାବ ରାଜଧାନୀ ଉପକଣ୍ଠ ବାଲିଅନ୍ତା ବ୍ଲକର ଜଣେ ଦୁଗ୍ଧ ବ୍ୟବସାୟୀଙ୍କ ଉପରେ ପଡ଼ିଛି। ବ୍ଲକର ଜୟଦେବ ପଞ୍ଚାୟତ ଅଧୀନ ଫିରିଫିରା ଗ୍ରାମର ଚାଷୀମାନେ ସପ୍ତାହ ହେବ କ୍ଷୀର ନ ବିକ୍ରି କରିପାରି ରାସ୍ତାରେ କ୍ଷୀର ଢାଳି ପ୍ରତିବାଦ କରିଛନ୍ତି। ସୂଚନାଯୋଗ୍ୟ, ଏହି ଗ୍ରାମର ପ୍ରାୟ ୨୦୦ ଗୋପାଳ ପରିବାର କ୍ଷୀର, ଛେନା, ପନିର ଓ ଦହି ବିକ୍ରି କରି ପରିବାର ଚଳାଉଛନ୍ତି। ପ୍ରାୟତଃ ଭୁବନେଶ୍ୱର ମାର୍କେଟ ଉପରେ ଏହି ଚାଷୀମାନେ ନିର୍ଭର କରିଥାନ୍ତି। ଭୁବନେଶ୍ୱରର ବିଭିନ୍ନ ହୋଟେଲ, କ୍ୟାଣ୍ଟିନ ଓ ମିଠା ଦୋକାନକୁ ଦୁଗ୍ଧଜାତ ସାମଗ୍ରୀ ପଠାଯାଇଥାଏ। କିନ୍ତୁ ଲକଡାଉନ ଯୋଗୁ ସବୁ ବନ୍ଦ ହୋଇଯାଇଛି। ଫଳରେ କୌଣସି ସାମଗ୍ରୀ ବିକ୍ରି ନ ହେବାରୁ ଚାଷୀମାନେ ହଟହଟା ହୋଇଛନ୍ତି। ଏହି ସମୟରେ ସାମଗ୍ରୀ ନ ବିକ୍ରି ହେବାକୁ ପୁଣି ଗାଈ, ମଇଁଷିଙ୍କୁ ଦାନା ଦେବାରେ ଅସୁବିଧା ହେଉଥିବା ଗ୍ରାମର ଦିଲୀପ ବେହେରା ଅଭିଯୋଗ କରିଛନ୍ତି। ଗ୍ରାମର ବିଭିନ୍ନ ଗୋପାଳଙ୍କ ଘରେ ଏବେ ୫୦୦୦ ଲିଟ କ୍ଷୀର, ଛେନା ମହଜୁଦ ରହିଛି। ତେଣୁ ଏମାନଙ୍କ ପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି।



କେନ୍ଦୁଝର ଜିଲା ଯୋଡାରୁ ଶତାଧିକ ଖଣି ଶ୍ରମିକ ପ୍ରାୟ ୭ଶହ କି.ମି. ଦୂର ଝାଡଖଣ୍ଡ ଓ ବିହାର ରାଜ୍ୟକୁ ଚାଲି ଚାଲି ଯାଉଛନ୍ତି।



ଲକ୍‌ଡାଉନ୍ ଯୋଗୁ କଟକ ଦରଘା ବଜାରରେ ରିକ୍ସା ଚାଳକମାନେ ହାତବାନ୍ଧି ବସିଛନ୍ତି।



ଭୁବନେଶ୍ୱର ଏଜି ଛକରେ ରବିବାର ସାମାଜିକ ସଂଗଠନର କର୍ମକର୍ତ୍ତାମାନେ ପୋଲିସକୁ ଥଣ୍ଡା ପାନୀୟ ଓ ସର୍ବତ ବଣ୍ଟନ କରୁଛନ୍ତି।



ଭୁବନେଶ୍ୱର ୟୁନିଟ୍-୧ ହାଇସ୍କୁଲ୍ ପଡ଼ିଆକୁ ଏକ ନମ୍ବର ହାଟକୁ ଅସ୍ଥାୟୀ ଭାବେ ସ୍ଥାନାନ୍ତର ପରେ ବି ସାମାଜିକ ଦୂରତ୍ୱକୁ ମାନୁନାହାନ୍ତି ଲୋକେ।

# କୋଭିଡ୍-୧୯ ହସ୍ପିଟାଲ କାର୍ଯ୍ୟ ତଦାରଖ କଲେ ୫-ଟି ସଚିବ



ଭୁବନେଶ୍ୱର,୨୯।୩(ବ୍ୟୁରୋ)

କରୋନା ସଂକ୍ରମଣ ମୁକାବିଲା ପାଇଁ ଓଡ଼ିଶାରେ ହେବାକୁ ଥିବା ଦେଶର ପ୍ରଥମ ଓ ସର୍ବବୃହତ କୋଭିଡ-୧୯ ହସ୍ପିଟାଲକୁ ଯଥାଶୀଘ୍ର କାର୍ଯ୍ୟକ୍ଷମ କରିବା ଉପରେ ଗୁରୁତ୍ୱ ଦେଇଛନ୍ତି ରାଜ୍ୟ ସରକାର। ସୋଆ କ୍ୟାମ୍ପସ୍-୨ର କନ୍‌ଭେନ୍‌ଶନ୍ ସେଣ୍ଟରରେ ହେବାକୁ ଥିବା ନୂତନ କୋଭିଡ୍-୧୯ ହସ୍ପିଟାଲର ଅଗ୍ରଗତି କାର୍ଯ୍ୟକୁ ରବିବାର ୫-ଟି ସଚିବ ଭି. କେ. ପାଣ୍ଡିଆନ ଅନୁଧ୍ୟାନ କରିଥିଲେ। ଉନ୍ନୟନ କମିଶନର ସୁରେଶ ଚନ୍ଦ୍ର ମହାପାତ୍ର ଓ କୃଷି ବିଭାଗର ପ୍ରମୁଖ ସଚିବ ସୌରଭ ଗର୍ଗ ଉପସ୍ଥିତ ରହି ସମସ୍ତ କାର୍ଯ୍ୟର ତଦାରଖ କରିବା ସହ ଭିତ୍ତିଭୂମି ପରଖିଥିଲେ। ଏହି ଅବସରରେ ସୋଆର ପ୍ରତିଷ୍ଠାତା ସଭାପତି ପ୍ରଫେସର ମନୋଜ ରଞ୍ଜନ ନାୟକ ବିସ୍ତୃତ ତଥ୍ୟ ପ୍ରଦାନ କରିଥିଲେ। ସୋଆ କୁଳପତି ପ୍ରଫେସର ଡା. ଅଶୋକ କୁମାର ମହାପାତ୍ର, ଆଇଏମ୍ଏସ୍ ଓ ସମ ହସ୍ପିଟାଲର ମେଡିକାଲ ସୁପରିଣ୍ଟେଣ୍ଡେଣ୍ଟ ପ୍ରଫେସର ପୁଷ୍ପରାଜ ସାମନ୍ତସିଂହାର, ଅତିରିକ୍ତ ମେଡିକାଲ୍ ସୁପରିଣ୍ଟେଣ୍ଡେଣ୍ଟ ଡା. ରାଜେଶ ଲେଙ୍କା, ଆଇଟିଇଆର୍‌ର ନିର୍ଦ୍ଦେଶକ ପ୍ରଫେସର ମାନସ କୁମାର ମଲ୍ଲିକ ଓ ପ୍ରଫେସର ଜ୍ୟୋତି ରଞ୍ଜନ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ୫ଶହ ଶଯ୍ୟାର ଏହି ହସ୍ପିଟାଲରେ କୋଭିଡ୍-୧୯ ସଂକ୍ରମିତଙ୍କ ଚିକିତ୍ସା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ହୋଇଥିବାବେଳେ ଡାକ୍ତର, ନର୍ସ, ପାରାମେଡିକାଲ କର୍ମଚାରୀଙ୍କ ସହ ଲାବରେଟୋରି, ରେଡିଓଲୋଜି, ଆଇସିୟୁ ଏବଂ ଅନ୍ୟ ସମସ୍ତ ସୁବିଧା ଯୋଗାଇ ଦିଆଯିବ। ଏହାବ୍ୟତୀତ ରାଜ୍ୟ ସରକାରଙ୍କ ପକ୍ଷରୁ ୪୫୦ ଶଯ୍ୟାର ଅନ୍ୟଏକ ସ୍ୱତନ୍ତ୍ର ହସ୍ପିଟାଲ କିମ୍ସ ହସ୍ପିଟାଲ ପରିସରରେ ପ୍ରତିଷ୍ଠା କରାଯାଉଛି। ଶନିବାର ଏହି କାର୍ଯ୍ୟକୁ ରାଜ୍ୟ ମୁଖ୍ୟ ଶାସନ ସଚିବ ଅସିତ କୁମାର ତ୍ରିପାଠୀ ଏବଂ ୫-ଟି ସଚିବ ପାଣ୍ଡିଆନ ତଦାରଖ କରିଥିଲେ। ଏହି ଦୁଇ ସ୍ୱତନ୍ତ୍ର ହସ୍ପିଟାଲ ସ୍ଥାପନ ଲାଗି ଗତ ଗୁରୁବାର ରାଜ୍ୟ ସରକାର ଉଭୟ କିମ୍ସ ଓ ସମ୍ ସହ ତ୍ରିପାକ୍ଷିକ ଚୁକ୍ତି ସ୍ୱାକ୍ଷର କରିଥିଲେ।

# ଫିଲ୍ମ ଇଣ୍ଡଷ୍ଟ୍ରୀ କର୍ମଚାରୀଙ୍କ ପାଇଁ ୨.୫ଲକ୍ଷ ଦେଲେ ନୀଳମାଧବ

ଭୁବନେଶ୍ୱର,୨୯।୩(ବ୍ୟୁରୋ)



ଭିନ୍ନସ୍ୱାଦର ଫିଲ୍ମ ତିଆରି କରି ଜାତୀୟ ଓ ଅନ୍ତର୍ଜାତୀୟସ୍ତରରେ ଓଡ଼ିଶାର ନାମକୁ ଗୌରବାନ୍ୱିତ କରିଥିବା ଓଡ଼ିଶା ଜନ୍ମିତ ଫିଲ୍ମମେକର ନୀଳମାଧବ ପଣ୍ଡା ସହାୟତାର ହାତ ବଢାଇଛନ୍ତି। କରୋନା ପାଇଁ ସମସ୍ୟାରେ ପଡିଥିବା ଓଡ଼ିଆ ଫିଲ୍ମ ଇଣ୍ଡଷ୍ଟ୍ରୀର କର୍ମଚାରୀଙ୍କ ଉଦ୍ଦେଶ୍ୟରେ ୨.୫ ଲକ୍ଷ ଟଙ୍କାର ସହାୟତା ରାଶି ଓଡ଼ିଶା ମୋଶନ ପିକ୍‌ଚର୍ ଟେକ୍ନିସିଆନ୍ସ ଆଣ୍ଡ୍ ୱାର୍କର୍ସ ଆସୋସିଏଶନ୍‌କୁ ପ୍ରଦାନ କରିଛନ୍ତି। ଗତ ୧୯ ତାରିଖଠାରୁ ରାଜ୍ୟ ତଥା ଦେଶରେ ଫିଲ୍ମ, ଟେଲିଭିଜନ ଏବଂ ୱେବ୍‌ସିରିଜ ଆଦିର ଶୁଟିଂ ବନ୍ଦ ରହିଛି। ଫଳରେ ଏହା ଉପରେ ନିର୍ଭର କରି ପେଟ ପୋଷୁଥିବା ଲାଇଟ୍ ବଏଜ୍, ସ୍ପଟ୍ ବଏଜ୍, ମେକ୍‌ଅପ୍ ଆର୍ଟିଷ୍ଟ, ଆର୍ଟ ଏବଂ ପ୍ରଡକ୍ସନ ସହ ଜଡ଼ିତ କର୍ମଚାରୀ ନିଜର ଜୀବିକା ହରାଇଛନ୍ତି। ଓଡ଼ିଶାର ପ୍ରାୟ ୫୦୦ ପରିବାର କରୋନା ଲକ୍‌ଡାଉନ୍ ଦ୍ୱାରା ପ୍ରଭାବିତ ହୋଇଛନ୍ତି। ଏପରିସ୍ଥିତିରେ ସମସ୍ତଙ୍କ ଘରେ ମାସିକ ରାଶନ ଏବଂ ଜରୁରୀ ସାମଗ୍ରୀ ପଠାଇବା ଅସମ୍ଭବ ହୋଇଥିବାରୁ ସେ ଏହି ଛୋଟ ସହାୟତା କରିଥିବା ପଣ୍ଡା କହିଛନ୍ତି। ପରିସ୍ଥିତି କେବେ ଠିକ୍ ହେବ ତାହା କେହି ଜାଣି ନ ଥିବାବେଳେ ସମସ୍ତେ ଏକାଠି ହୋଇ ପରସ୍ପରକୁ ସାହାଯ୍ୟ କରିବାକୁ ସେ ନିବେଦନ କରିଛନ୍ତି।

# ପ୍ରବାସୀ ଓଡ଼ିଆଙ୍କ ପାଇଁ ନୋଡାଲ ଅଧିକାରୀ

ଭୁବନେଶ୍ୱର,୨୯।୩(ବ୍ୟୁରୋ)

କୋଭିଡ୍-୧୯ ପରିପ୍ରେକ୍ଷୀରେ ସାରା ଦେଶରେ ହୋଇଥିବା ତାଲାବନ୍ଦ (ଲକ୍‌ଡାଉନ୍) ଯୋଗୁ ବିଭିନ୍ନ ରାଜ୍ୟରେ ଓଡ଼ିଶାର ଶ୍ରମଜୀବୀ, ଛାତ୍ର, ତୀର୍ଥଯାତ୍ରୀ ଓ ପର୍ଯ୍ୟଟକ ଅଟକି ରହିଛନ୍ତି। ଅଧିକାଂଶ ଭୋକ ଉପାସରେ ଅତି ଦୟନୀୟ ଜୀବନ ବିତାଉଥିବା ମଧ୍ୟ ନଜରକୁ ଆସୁଛି। ତେଣୁ ଏମାନଙ୍କୁ ସହାୟତା ଯୋଗାଇ ଦେବା ନିମନ୍ତେ ଓଡ଼ିଶା ସରକାର ସ୍ୱତନ୍ତ୍ର ପ୍ରଶାସନିକ ବ୍ୟବସ୍ଥା କରିଛନ୍ତି। ଇତିମଧ୍ୟରେ କରୋନା ପାଇଁ ଖୋଲାଯାଇଥିବା ରାଜ୍ୟ ନିୟନ୍ତ୍ରଣ କକ୍ଷ (କଣ୍ଟ୍ରୋଲ ରୁମ୍)ରେ ବୈଷୟିକ ଆଧୁନିକୀକରଣ କରାଯାଇ ୨୦ଟିଅଧିକ ଫୋନ୍ କଲ୍ ନମ୍ବରର ବ୍ୟବସ୍ଥା କରାଯାଇଛି। ଏବେ ବିଭିନ୍ନ ରାଜ୍ୟ ପାଇଁ ବରିଷ୍ଠ ପ୍ରଶାସନିକ ଅଧିକାରୀଙ୍କୁ ନୋଡାଲ୍ ଅଧିକାରୀ ଭାବେ ନିୟୋଜିତ କରିଛନ୍ତି ରାଜ୍ୟ ସରକାର। ସେମାନେ ହେଲେ ତେଲଙ୍ଗାନା ରାଜ୍ୟ ପାଇଁ ଯେଦୁଲା ବିଜୟ, ଆନ୍ଧ୍ରପ୍ରଦେଶ ପାଇଁ ବି. ପରମେଶ୍ୱରନ୍, ପଶ୍ଚିମବଙ୍ଗ ଭାସ୍କରଜ୍ୟୋତି ଶର୍ମା, ଗୁଜରାଟ ପାଇଁ ଜୱାଲେ ନିତିନ୍ ଭାନୁଦାସ୍, ମହାରାଷ୍ଟ୍ର ପାଇଁ ରାଜେଶ ପ୍ରଭାକର ପାଟିଲ୍, ତାମିଲନାଡୁ ପାଇଁ ଚିତ୍ରା ଅରୁମୁଗମ୍, ବିହାର ଓ ଝାଡ଼ଖଣ୍ଡ ପାଇଁ ମହମ୍ମଦ୍ ସାଦିକ୍ ଆଲାମ୍, କେରଳ ପାଇଁ ମୁଥୁକୁମାର, ନୂଆଦିଲ୍ଲୀ ପାଇଁ ସଞ୍ଜୀବ ମିଶ୍ର ଏବଂ ଅନ୍ୟ ସମସ୍ତ ରାଜ୍ୟ ପାଇଁ ଅମିତାଭ ଠାକୁରଙ୍କୁ ଦାୟିତ୍ୱ ଦିଆଯାଇଛି। ଏହି ନୋଡାଲ୍ ଅଧିକାରୀମାନେ ଗୃହ ବିଭାଗରେ କାର୍ଯ୍ୟ କରୁଥିବା ନିୟନ୍ତ୍ରଣ କକ୍ଷ ସହ ଟେଲିଫୋନ୍ ନମ୍ବର-୦୬୭୪-୨୩୯୨୧୧୫ରେ ଯୋଡିହୋଇ ରହିବେ। ସେମାନଙ୍କ ନିକଟକୁ ଆସୁଥିବା କଲ୍‌ଗୁଡ଼ିକର ଅନୁଧ୍ୟାନ କରି ସମ୍ପୃକ୍ତ ସଂସ୍ଥାମାନଙ୍କ ସହ ଯୋଗାଯୋଗ କରି ରାଜ୍ୟ ସରକାରଙ୍କୁ ଜଣାଇବେ। ଏହାପରେ ଅଟକି ରହିଥିବା ଓଡ଼ିଆଙ୍କ ନିମନ୍ତେ ମୌଳିକ ଆବଶ୍ୟକତାଗୁଡ଼ିକର ବ୍ୟବସ୍ଥା କରାଇବେ।

# ବଜ୍ରପାତରେ ଚାଷୀ, ଗୋରୁ ମୃତ

ଖୋର୍ଦ୍ଧା ଅଫିସ,୨୯।୩

ଖୋର୍ଦ୍ଧା ଜିଲାର ବିଭିନ୍ନ ସ୍ଥାନରେ ରବିବାର ଅପରାହ୍ନରେ ବର୍ଷା ସହ ବଜ୍ରପାତ ହୋଇଛି। ବିଲରୁ ମୁଗ ତୋଳିସାରି ଗୋରୁ ଧରି ଫେରୁଥିବା ବେଳେ ବଜ୍ରପାତରେ ଜଣେ ଚାଷୀ ଓ ଗୋରୁର ଜୀବନ ଯାଇଛି। ମୃତକ ହେଲେ ବୋଲଗଡ ବ୍ଲକ ଅଧୀନ ସାନପଦର ପଞ୍ଚାୟତ ରାସଲ ଗ୍ରାମର କୁମାର ପରିଡ଼ା (୬୧)। ସୂଚନା ଅନୁଯାୟୀ, କୁମାର ବିଲକୁ ଯାଇଥିଲେ। ବର୍ଷା ପବନ ହେବାରୁ ତରତର ହୋଇ ଘରକୁ ଫେରୁଥିଲେ। ବାଟରେ ବଜ୍ରପାତ ହେବାରୁ ଗୋରୁ ସହ ତାଙ୍କର ମୃତ୍ୟୁ ଘଟିଥିଲା।

# ସଙ୍କଟ ବଢ଼ାଉଛି ସଙ୍ଗରୋଧ ଉଲ୍ଲଂଘନ

କଟକ ଅଫିସ,୨୯।୩

- ୩ ଦିନରେ ୬୧ ମାମଲା
- ଲାଗୁଛି ୪ଟି ଦଫା

ବିଦେଶରୁ ଓଡ଼ିଶା ଫେରୁଥିବା ବ୍ୟକ୍ତିମାନଙ୍କୁ ହୋମ୍ କ୍ୱାରାଣ୍ଟାଇନ୍(ସଙ୍ଗରୋଧ)ରେ ୧୪ ଦିନ ପାଇଁ ରଖାଯାଉଛି। ସେହିଭଳି ଅନ୍ୟ ରାଜ୍ୟରୁ ଆସୁଥିବା ବ୍ୟକ୍ତିଙ୍କ ପାଖରେ ଯଦି କରୋନା ଭୂତାଣୁ ସଂକ୍ରମଣର ଲକ୍ଷଣ ଦେଖାଯାଏ, ତେବେ ତାଙ୍କୁ ମଧ୍ୟକ୍ୱାରାଣ୍ଟାଇନ୍‌ରେ ରହିବାକୁ ପରାମର୍ଶ ଦିଆଯାଉଛି। କିନ୍ତୁ ଓଡ଼ିଶାର ବିଭିନ୍ନ ଜିଲାରେ କ୍ୱାରାଣ୍ଟାଇନ୍‌ରେ ଥିବା ବ୍ୟକ୍ତିମାନେ ଏହାକୁ ଉଲ୍ଲଂଘନ କରୁଛନ୍ତି। ଘର, ହୋଟେଲ୍‌ରେ କ୍ୱାରାଣ୍ଟାଇନ୍‌ରେ ରହିବା ବଦଳରେ ସେମାନେ ବଜାରରେ ସାଙ୍ଗସାଥୀଙ୍କ ସହ ବୁଲାବୁଲି କରୁଛନ୍ତି। ସେମାନଙ୍କଠାରୁ ଭୂତାଣୁ ବ୍ୟାପିବାର ଆଶଙ୍କା ରହିଛି। ରାଜ୍ୟରେ ଏଭଳି ମାମଲା ଗତ ୩ଦିନ ଭିତରେ ଲଗାତାର ଭାବେ ବଢ଼ିବାରେ ଲାଗିଛି। ଗୁରୁବାରଠାରୁ ଶନିବାର ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ଥାନାରେ କ୍ୱାରାଣ୍ଟାଇନ୍ ଉଲ୍ଲଂଘନ ଜନିତ ୬୧ଟି ମାମଲା ରୁଜୁ ହୋଇଛି।

ବିଦେଶରୁ ଫେରୁଥିବା ବ୍ୟକ୍ତିଙ୍କୁ ସରକାରଙ୍କ ପୋର୍ଟାଲ୍‌ରେ ନିଜ ବିଷୟରେ ତଥ୍ୟ ଦେବାକୁ କୁହାଯାଇଛି। ଏଥିପାଇଁ ସ୍ୱତନ୍ତ୍ର ପୋର୍ଟାଲ୍ ସହ ୧୦୪ ନମ୍ବର ଜାରି ହୋଇଛି। ତଥ୍ୟ ଦେବା ପରେ ୧୪ଦିନ ପାଇଁ କ୍ୱାରାଣ୍ଟାଇନ୍‌ରେ ରଖାଯାଉଛି। ଅନ୍ୟ ଭୂତାଣୁ ବିସ୍ତାରକୁ ରୋକିବା ପାଇଁ ଏଭଳି ପଦକ୍ଷେପ ନିଆଯାଉଛି। ରାଜ୍ୟ ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ବିଭାଗର ତଥ୍ୟ ଅନୁଯାୟୀ, ଶନିବାର ସୁଦ୍ଧା ୪ହଜାର ୨୮୬ ବିଦେଶ ଫେରନ୍ତା ଏବଂ ଅନ୍ୟ ରାଜ୍ୟରୁ ଫେରିଥିବା ୨୭୯୪ଜଣ ନିଜ ନାମ ପଞ୍ଜୀକରଣ କରିଛନ୍ତି। ଏମାନଙ୍କ ମଧ୍ୟରୁ କେହି ହୋମ୍ କ୍ୱାରାଣ୍ଟାଇନ୍‌ରେ ରହିଥିବା ବେଳେ ଆଉ କିଏ ହୋଟେଲ୍ ଏବଂ ସରକାରୀ ଗୃହରେ କ୍ୱାରାଣ୍ଟାଇନ୍‌ରେ ରହିଛନ୍ତି। କଟକରେ ୨୬ ଏବଂ ଭୁବନେଶ୍ୱରର ୧୨ଟି ହୋଟେଲ୍‌ରେ କ୍ୱାରାଣ୍ଟାଇନ୍ ସୁବିଧା ରହିଛି। ଯେଉଁମାନେ ହୋମ୍ କ୍ୱାରାଣ୍ଟାଇନ୍‌ରେ ରହୁଛନ୍ତି, ସେମାନଙ୍କ ଘର ଆଗରେ ଏନେଇ ସୂଚନାଫଳକ ଲଗାଯାଉଛି। ସାମାଜିକ ଦୂରତା ରକ୍ଷା କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। କ୍ୱାରାଣ୍ଟାଇନ୍ ନିୟମ ଉଲ୍ଲଂଘନକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ସରକାର ଚେତାବନୀ ଦେଇଛନ୍ତି।

ରାଜ୍ୟରେ ହୋମ୍ କ୍ୱାରାଣ୍ଟାଇନ ଉଲ୍ଲଂଘନ ନେଇ ଥାନାଗୁଡ଼ିକରେ ମାମଲା ରୁଜୁ ହେବାରେ ଲାଗିଛି। ମାର୍ଚ୍ଚ ୨୨ରେ ରାଜ୍ୟର ପ୍ରଥମ ମାମଲା କଟକ ପୁରୀଘାଟ ଥାନାରେ ରୁଜୁ ହୋଇଥିଲା। ଆମେରିକାରୁ ଫେରିଥିବା ବ୍ୟକ୍ତି କ୍ୱାରାଣ୍ଟାଇନରେ ରହିବା ବଦଳରେ ବଜାରରେ ବୁଲୁଥିଲେ। ସେହି ଦିନ ସମ୍ବଲପୁର ଜିଲାରେ ୨ଟି ମାମଲା ରୁଜୁ ହୋଇଥିଲା। ୨୩ ତାରିଖରେ ରାଜ୍ୟରେ ୨ଟି, ୨୪ ଏବଂ ୨୫ ତାରିଖରେ ୫ଟି ଲେଖାଏ ମାମଲା ରୁଜୁ ହୋଇଥିଲା। କିନ୍ତୁ ଗତ ୩ଦିନରେ ଏଥିରେ ବୃଦ୍ଧି ଘଟିଛି। ୨୬ତାରିଖରେ ୨୫ଟି, ୨୭ରେ ୧୫ଟି ଏବଂ ୨୮ତାରିଖରେ ୨୧ଟି ମାମଲା ବିଭିନ୍ନ ଥାନାରେ ରୁଜୁ ହୋଇଛି। ଉଲ୍ଲଂଘନକାରୀଙ୍କ ବିରୋଧରେ ୪ଟି ଦଫା ଯଥା ୧୮୮, ୨୬୯, ୨୭୦, ୨୭୧ ଲାଗୁଛି, ଯାହାକି ଜାମିନ୍ ଯୋଗ୍ୟ। ଏଗୁଡ଼ିକ ମୁଖ୍ୟତଃ ସରକାରୀ ନିୟମ ନ ମାନିବା, ରୋଗ ସଂକ୍ରମଣରେ ସହାୟକ ହେବା, ଲୋକଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି କରିବା ଏବଂ କ୍ୱାରାଣ୍ଟାଇନ୍ ନିୟମ ଉଲ୍ଲଂଘନ ଭଳି ଅପରାଧ। ଆଗାମୀ ଦିନରେ ଉଲ୍ଲଂଘନକାରୀଙ୍କ ବିରୋଧରେ ଆଇନ୍‌ଗତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି।

# ରୁକୁଣା ରଥଯାତ୍ରା ବଜାୟ ରଖିବାକୁ ସେବାୟତଙ୍କ ପ୍ରୟାସ

ପୁରୁଣା ଭୁବନେଶ୍ୱର,୨୯।୩(ଡି.ଏନ୍.ଏ.)

ମହାପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ରଥଯାତ୍ରାକୁ ନେଇ ଏବେବି ଦ୍ୱନ୍ଦ୍ୱରେ ପଡିଛନ୍ତି ସେବାୟତ। ଆସନ୍ତା ୧ ତାରିଖରେ ହେବାକୁ ଥିବା ରଥଯାତ୍ରା ହେବ କି ନାହିଁ ସେନେଇ ଏଯାଏ ମନ୍ଦିର ପ୍ରଶାସନ ପକ୍ଷରୁ କିଛି ସ୍ପଷ୍ଟ କରାଯାଉନି। ଶନିବାର ଜିଲାପାଳ ବୈଠକ ଡାକି କେବଳ ଗାଇଡ୍‌ଲାଇନ୍ ଶୁଣାଇଥିଲେ। ଏପଟେ ରବିବାର ମଧ୍ୟ ରଥଖଳାରେ ରଥ ନିର୍ମାଣ କାର୍ଯ୍ୟ ଚାଲିଥିବା ଦେଖିବାକୁ ମିଳିଥିଲା। ସୋମବାର ପଟାବାଡିଆ ସହ ଧ୍ୱଜ ବତା ଲାଗିବ ଓ ମଙ୍ଗଳବାର ମନ୍ଦିର ପ୍ରଶାସନକୁ ରଥ ହସ୍ତାନ୍ତର କରାଯିବ ବୋଲି ମହାରଣା ସେବାୟତ କହିଛନ୍ତି। ତେବେ ତ୍ରେତୟା ଯୁଗରୁ ରହି ଆସିଥିବା ଏହି ପରମ୍ପରାକୁ ବଜାୟ ରଖିବା ପାଇଁ ସେବାୟତମାନେ ପ୍ରୟାସ ଜାରି ରଖିଥିବାବେଳେ କେତେକ ଦାବି ଓ ନିବେଦନ ସରକାରଙ୍କ ନିକଟରେ ରଖିଛନ୍ତି। ରଥଯାତ୍ରାରେ ସରକାରଙ୍କ ଗାଇଡ୍‌ଲାଇନ ମାନି ସାମାଜିକ ଦୂରତ୍ୱକୁ ଗୁରୁତ୍ୱ ଦିଆଯିବ। ପୁରୀରେ ବାଡ଼ ନୃସିଂହଙ୍କ ଯାତ୍ରା ଭଳି ଅଳ୍ପ କେତେଜଣ ସେବାୟତ ରଥକୁ ୧୨ ହାତ ଗଡ଼ାଇବେ। ରଥଖଳାରୁ ରାମେଶ୍ୱର ମନ୍ଦିର ପର୍ଯ୍ୟନ୍ତ ପହଣ୍ଡି ବିଜେ କରାଯାଇ ରଥଯାତ୍ରା ପରମ୍ପରା ବଜାୟ ରଖିବାକୁ ଅନୁମତି ଦିଆଯାଉ ବୋଲି ବ୍ରାହ୍ମଣ ନିଯୋଗ ସମ୍ପାଦକ ବିରଞ୍ଚି ନାରାୟଣ ପତି ସରକାରଙ୍କୁ ନିବେଦନ କରିଛନ୍ତି।



# ଲକ୍‌ଡାଉନ ନିୟମ ମାନିବାକୁ ନିରଞ୍ଜନଙ୍କ ଅନୁରୋଧ

ଭୁବନେଶ୍ୱର, ୨୯।୩(ବ୍ୟୁରୋ)

କରୋନା ଭାଇରସ୍ ବିଶ୍ୱରେ ବ୍ୟାପକ କ୍ଷତି ଘଟାଇଛି। ଏହି ଭାଇରସ୍ ଦ୍ୱାରା ପ୍ରାୟ ସବୁ ଦେଶ ପ୍ରଭାବିତ ହୋଇଛନ୍ତି। ଏହାର ପ୍ରତିରୋଧ କରିବା ଲାଗି ଲକ୍‌ଡାଉନ ଏକମାତ୍ର ବିକଳ୍ପ। ଏହି ସମୟରେ ସରକାରଙ୍କ ଆଦେଶ ମାନନ୍ତୁ। ବାହାରକୁ ଯାଆନ୍ତୁ ନାହିଁ। ଯଦି ବାହାରକୁ ଯିବାକୁ ପଡୁଛି ତେବେ ସମ୍ପୂର୍ଣ୍ଣ ସତର୍କତା ଅବଲମ୍ବନ କରନ୍ତୁ ବୋଲି ପ୍ରଦେଶ କଂଗ୍ରେସ କମିଟି (ପିସିସି) ସଭାପତି ନିରଞ୍ଜନ ପଟ୍ଟନାୟକ ଅନୁରୋଧ କରିଛନ୍ତି। ଏକ ଭିଡିଓ ବାର୍ତ୍ତା ଜରିଆରେ ନିରଞ୍ଜନ କହିଛନ୍ତି, ଲକ୍‌ଡାଉନ ସମୟରେ କେହି ଯେପରି ଅନାହାରରେ ମୃତ୍ୟୁମୁଖରେ ନ ପଡ଼ନ୍ତି ତାହା ସୁନିଶ୍ଚିତ କରିବାକୁ ପଡ଼ିବ। ପକ୍ଷୀ ଏବଂ ପଶୁଙ୍କୁ ମଧ୍ୟ ଖାଇବାକୁ ଦେବା ଜରୁରୀ। ମଣିଷଭାବେ ଏହା ଆମର କର୍ତ୍ତବ୍ୟ। ସରକାର ଯଥା ସମ୍ଭବ ସହାୟତା ପ୍ରଦାନ କରନ୍ତୁ। ସେ ଆହୁରି କହିଛନ୍ତି ଯେ, ଲକ୍‌ଡାଉନ ସମୟରେ ଲୋକମାନଙ୍କ ଅସୁବିଧା ହେବ ଜାଣି ସରକାର ଆଗୁଆ ୩ ମାସର ରାଶନ ସାମଗ୍ରୀ ଦେବାକୁ ଘୋଷଣା କରିଛନ୍ତି। ରାଶନକାର୍ଡଧାରୀଙ୍କୁ ମଧ୍ୟ ହଜାରେ ଟଙ୍କାର ନଗଦ ରାଶି ପ୍ରଦାନ କରିବାର ବ୍ୟବସ୍ଥା କରାଯାଇଛି। ବିଧବା, ବୃଦ୍ଧାବୃଦ୍ଧ, ଭିନ୍ନକ୍ଷମଙ୍କୁ ଆଗୁଆ ଭତ୍ତା ପ୍ରଦାନ କରାଯିବା ନେଇ ଘୋଷଣା ସରିଛି। ଏହା ସ୍ୱାଗତଯୋଗ୍ୟ ପଦକ୍ଷେପ । ମାତ୍ର ବର୍ତ୍ତମାନ ସ୍ଥିତିକୁ ନିରୀକ୍ଷଣ କଲେ ଦେଖାଯାଉଛି, ଅନେକ ଯୋଗ୍ୟ ହିତାଧିକାରୀ ଖାଦ୍ୟ ସୁରକ୍ଷା ଯୋଜନାରୁ ବଞ୍ଚିତ ଅଛନ୍ତି। ଯୋଗ୍ୟତା ଥାଇ ଅନେକଙ୍କୁ ଭତ୍ତା ମିଳୁନାହିଁ। ଏହାକୁ ସରକାର ଗୁରୁତ୍ୱର ସହ ବିଚାର କରିବା ଜରୁରୀ। ଯୋଗ୍ୟ ହିତାଧିକାରୀ ଯେପରି ଖାଦ୍ୟ ପାଇବାରୁ ବଞ୍ଚିତ ନ ହେବେ ସେ ଦିଗରେ ପଦକ୍ଷେପ ନେବାକୁ ନିରଞ୍ଜନ ଅନୁରୋଧ କରିଛନ୍ତି।

# ଭୋକିଲା ଲୋକଙ୍କୁ ଖାଦ୍ୟ ଯୋଗାଇଲା ପୋଲିସ

ଭୁବନେଶ୍ୱର,୨୯।୩ (ବ୍ୟୁରୋ)

- ସାମାଜିକ ଦୂରତ୍ୱ ଉପରେ ଗୁରୁତ୍ୱ ଦେଲେ ପୋଲିସ କମିଶନର
- ଖାଦ୍ୟ ବାଣ୍ଟିବାକୁ ଥିଲେ ପୋଲିସକୁ ଦେବାକୁ କହିଲେ




କରୋନା ଲଢ଼େଇ ପାଇଁ ସମସ୍ତେ ଏକାଠି ହୋଇଛନ୍ତି। ଏଭଳି ଜଟିଳ ସମୟରେ କମିଶନରେଟ ପୋଲିସ ଗରିବଙ୍କ ପାଇଁ ଦେବଦୂତ ସାଜିଛି। ଫସି ରହିଥିବା ଶ୍ରମିକ, ମାନସିକ ବିକାରଗ୍ରସ୍ତ ଓ ଗରିବ ଶ୍ରେଣୀର ଭୋକିଲା ଲୋକଙ୍କୁ ଖାଦ୍ୟ ବାଣ୍ଟିଛି। ରବିବାର ଗୋଟିଏ ଦିନରେ ରେଲୱେ ଷ୍ଟେଶନ, ବସ୍ ଷ୍ଟାଣ୍ଡ, ରାଜମହଲ ଛକ, ରାମମନ୍ଦିର ଛକ ସମେତ ବସ୍ତି ଓ ବିଭିନ୍ନ ଅଞ୍ଚଳରେ ୨ହଜାର ଖାଦ୍ୟ ପୁଡିଆ ବଣ୍ଟନ କରିଛି। ଖାଦ୍ୟ ପୁଡିଆରେ ଭାତ, ଡାଲି, ମାଛ, ଖଟା ଓ ଅନ୍ୟ ଖାଦ୍ୟ ସାମଗ୍ରୀ ରହିଥିଲା। ଅ ଖାଦ୍ୟ ବଣ୍ଟନବେଳେ ସାମାଜିକ ଦୂରତ୍ୱ ଉପରେ ଗୁରୁତ୍ୱ ଦିଆଯିବା ସହ ଲୋକଙ୍କ ସଚେତନ କରିଥିଲା ପୋଲିସ।

ଏନେଇ ପୋଲିସ କମିଶନର ସୁଧାଂଶୁ ଷଡ଼ଙ୍ଗୀ କହିଛନ୍ତି, ସ୍ୱେଚ୍ଛାସେବୀ ଓ ବ୍ୟକ୍ତି ବିଶେଷମାନେ ଖାଦ୍ୟ ବାଣ୍ଟୁଥିବାବେଳେ ସାମାଜିକ ଦୂରତା ଉପରେ ଦୃଷ୍ଟି ଦେଉନାହାନ୍ତି। ଫଳରେ କରୋନା ଭାଇରସ୍ ସଂକ୍ରମଣ ଆଶଙ୍କା ରହିଛି। ତେଣୁ ଯେଉଁମାନେ ଖାଦ୍ୟ ବାଣ୍ଟିବା ପାଇଁ ଚାହୁଁଛନ୍ତି, ସେମାନେ ପୋଲିସକୁ ଖାଦ୍ୟ ପୁଡିଆ ଦିଅନ୍ତୁ। ଏହାସହ ବିଭିନ୍ନ ଥାନାଞ୍ଚଳରେ ଭୋକରେ ରହିଥିବା ଲୋକଙ୍କ ତାଲିକା ଦେବାକୁ ସମସ୍ତ ଥାନା ଅଧିକାରୀଙ୍କୁ କୁହାଯାଇଛି। ଏହାସହ ଟୋଲ୍ ଫ୍ରି ନଂ.୧୦୦କୁ ଫୋନ୍ କଲେ ମଧ୍ୟ ସେଠାରେ ଖାଦ୍ୟ ପହଞ୍ଚାଯାଉଛି ବୋଲି ସିପି କହିଛନ୍ତି। ଅନ୍ୟପକ୍ଷରେ ପୋଲିସ ବାରାକରେ ସାମାଜିକ ଦୂରତା ଉପରେ ଅଧିକ ଗୁରୁତ୍ୱ ଦିଆଯାଇଛି। ସେଥିଲାଗି ବାରକରେ ଥିବା ବହୁ ପୋଲିସ କର୍ମଚାରୀଙ୍କୁ ବାଣୀବିହାର ହଷ୍ଟେଲରେ ରଖାଯାଇଛି। ବିଭିନ୍ନ ଛକରେ କାର୍ଯ୍ୟ କରୁଥିବା ପୋଲିସଙ୍କୁ ଲୋକଙ୍କ ପରିଚୟପତ୍ର ନ ଛୁଇଁବାକୁ କୁହାଯାଇଛି।

# ଅଶ୍ୱିନୀରେ ହୋଇପାରେ କରୋନା ହସ୍ପିଟାଲ

କଟକ ଅଫିସ,୨୯।୩

କଟକସ୍ଥିତ ଅଶ୍ୱିନୀ ହସ୍ପିଟାଲ୍‌କୁ କରୋନା ହସ୍ପିଟାଲ୍ ଭାବେ ପରିବର୍ତ୍ତନ କରାଯାଇପାରେ। ବର୍ତ୍ତମାନ ସୁଦ୍ଧା ଏ ନେଇ କୌଣସି ବିଧିବଦ୍ଧ ନିଷ୍ପତ୍ତି ହୋଇନାହିଁ। ତେବେ ରବିବାର ବରିଷ୍ଠ ଅଧିକାରୀମାନେ ଅଶ୍ୱିନୀ ହସ୍‌ପିଟାଲ୍ ପରିଦର୍ଶନ କରିବା ପରେ ଏହି ସମ୍ଭାବନା ବଢ଼ିଛି। ମୁଖ୍ୟମନ୍ତ୍ରୀଙ୍କ ମୁଖ୍ୟ ପରାମର୍ଶଦାତା ଆର୍. ବାଲକ୍ରିଷ୍ଣନ ଏବଂ ପୂର୍ବତ୍ତ ସଚିବ କ୍ରିଷନ୍ କୁମାର ହସ୍‌ପିଟାଲ୍ ପରିଦର୍ଶନରେ ଆସି ଭିତ୍ତିଭୂମିର ସମୀକ୍ଷା କରିଥିଲେ। ହସ୍‌ପିଟାଲ୍ ବୁଲି ଦେଖିବା ସହ ବିଭିନ୍ନ ପ୍ରକାର ଚିକିତ୍ସା ସୁବିଧା ସମ୍ପର୍କରେ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରିଥିଲେ।

# ଲକ୍‌ଡାଉନ୍ ପାଇଁ ଆଇନଜୀବୀ ପ୍ରଭାବିତ

ଭୁବନେଶ୍ୱର,୨୯।୩ (ବ୍ୟୁରୋ)

**ସହଯୋଗ ପାଇଁ ଏଜିଙ୍କୁ ଚିଠି**

ଲକ୍‌ଡାଉନ୍ ପାଇଁ ରାଜ୍ୟର ଆଇନଜୀବୀ ପ୍ରଭାବିତ ହୋଇଛନ୍ତି। ସେମାନଙ୍କ ଆର୍ଥିକ ମେରୁଦଣ୍ଡ ଦୋହଲିଯାଇଛି। ଯେଉଁ ଆଇନଜୀବୀମାନେ ପ୍ରତିଦିନ ରୋଜଗାର କରୁଥିବା ଟଙ୍କାରେ ପରିବାର ଚଳାଉଥିଲେ ସେମାନେ ଏବେ ଦୁର୍ଦ୍ଦିନରେ ଦିନ କାଟୁଛନ୍ତି। ସେମାନଙ୍କ ସ୍ତ୍ରୀ, ପିଲାଛୁଆ ଓ ପରିବାର ସଦସ୍ୟ ନାନା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ରାଜ୍ୟ ସରକାର ସମସ୍ତ ବର୍ଗ ପାଇଁ ବିଭିନ୍ନ ପ୍ୟାକେଜ ଘୋଷଣା କରୁଥିବାବେଳେ ଆଇନଜୀବୀଙ୍କ ପାଇଁ କୌଣସି ଘୋଷଣା କରିନାହାନ୍ତି। ତେଣୁ ୩ ମାସ ପାଇଁ ଆଇନଜୀବୀଙ୍କୁ ୨୫ହଜାର ଟଙ୍କା ଲେଖାଏ ଆର୍ଥିକ ସହାୟତା ଘୋଷଣା କରିବା ପାଇଁ ଭୁବନେଶ୍ୱର ବାର୍ ଆସୋସିଏଶନର ସେକ୍ରେଟେରୀ ବିଶ୍ୱନାରାୟଣ ମହାନ୍ତି ଆଡ୍‌ଭୋକେଟ ଜେନେରାଲଙ୍କୁ ଚିଠି ଲେଖିଛନ୍ତି।

## ସଂକ୍ଷେପରେ

### ଲକ୍‌ଡାଉନ ଉଲ୍ଲଂଘନ କରି ୨୯ ଗିରଫ

**ଭଦ୍ରକ ଅଫିସ, ୨୯।୩:** ଲକ୍‌ଡାଉନ ଉଲ୍ଲଂଘନ ଅଭିଯୋଗରେ ଭଦ୍ରକ ଟାଉନ ପୋଲିସ ରବିବାର ୨୯ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଏମାନେ କଟକଣା ସମୟରେ ଦୋକାନ ଖୋଲି ବ୍ୟବସାୟ କରୁଥିଲେ। ଏନେଇ ପୋଲିସ ନିଜ ଆଡୁ ମାମଲା(ନଂ. ୧୦୫/୨୦ ଓ ୧୦୬/୨୦) ରୁଜୁ କରି ରବିବାର ମଧ୍ୟାହ୍ନରେ କୋର୍ଟଚାଲାଣ କରିଛି। ମିଳିଥିବା ତଥ୍ୟ ଅନୁଯାୟୀ ସମଗ୍ର ଜିଲାରେ ଏହି ଆଇନ ଉଲ୍ଲଂଘନ କରି ୨୦ ମାମଲାରେ ୬୪ଜଣ ଗିରଫ ହୋଇସାରିଲେଣି। ୨୪ଟି ଅବକାରୀ ମାମଲାରେ ୧୨୩୫ ଲିଟର ବିଭିନ୍ନ ମଦ ଜବତ ହୋଇସାରିଛି। ୧୪୦ଟି ଗାଡ଼ି ଯାଞ୍ଚ କରାଯାଇ ୧ ଲକ୍ଷ ୪୩ ହଜାର ୫୦୦ ଟଙ୍କା ଜରିମାନା ସଂଗ୍ରହ କରାଯାଇଥିବା ସୂଚନା ମିଳିଛି।

### କରୋନା ସମ୍ପର୍କିତ ଗୁଜବ ସୃଷ୍ଟିକରି ଯୁବକ ଗିରଫ

**ବଡବିଲ, ୨୯।୩(ସ୍ୱ.ପ୍ର.):** ଦେଶବ୍ୟାପୀ କରୋନାକୁ ନେଇ ଭୟର ବାତାବରଣ ସୃଷ୍ଟି ହୋଇଛି। ସୋସିଆଲ ମିଡିଆରେ କରୋନା ସମ୍ପର୍କିତ ଭୁଲ ତଥ୍ୟ ନ ଦେବାକୁ ସରକାର ଜନସାଧାରଣଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଶନିବାର କେନ୍ଦୁଝର ଜିଲା ବଡବିଲରେ ଜଣେ ଯୁବକ କରୋନା ସମ୍ପର୍କିତ ଭୁଲ୍ ତଥ୍ୟ ସମ୍ବଳିତ ଭିଡିଓ ଭାଇରାଲ କରି ଗୁଜବ ସୃଷ୍ଟି କରିଥିଲେ। ପୋଲିସ ଖବରପାଇ ଏନେଇ ଏକ ମାମଲା ରୁଜୁ କରି ରବିବାର ଅଭିଯୁକ୍ତ ସେଖ ଅବଦୁଲ ରହିମଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ତାଙ୍କ ଘର ବଡବିଲ ଆଜାଦ ବସ୍ତି ଅଞ୍ଚଳରେ।

### ଗୋଲେଇ ଭିତରେ ରହି କିଣିଲେ ଲୋକେ

**ବନ୍ତ, ୨୯।୩(ଡି.ଏନ.ଏ.):** ଭଦ୍ରକ ଜିଲା ବନ୍ତ ସାପ୍ତାହିକ ହାଟରେ ଜନସାଧାରଣ ଓ ବ୍ୟବସାୟୀଙ୍କ ମଧ୍ୟରେ ସାମାଜିକ ଦୂରତ୍ୱ ରକ୍ଷା ଲାଗି ପ୍ରଶାସନ ପକ୍ଷରୁ ଧଳା ରଙ୍ଗରେ ଗୋଲେଇ କରାଯାଇଛି। ରବିବାର ଲୋକମାନେ ଧଳା ଗୋଲେଇ ଭିତରେ ରହି କିଣାକିଣି କରୁଥିଲେ। ବୁଧବାର ହାଟ ପାଳିରେ ଏପରି ବ୍ୟବସ୍ଥା କରାଯାଇ ନ ଥିବାରୁ ବେପାରୀ ଓ ଲୋକ ସଂଖ୍ୟା କମ୍ ଥିଲା। ତହସିଲଦାର ସେଠାରେ ନିଜେ ଉପସ୍ଥିତ ରହି ସାମାଜିକ ଦୂରତ୍ୱ ସମ୍ପର୍କରେ ଲୋକଙ୍କୁ ବୁଝାଉଥିଲେ। ତଥାପି ଲୋକ ସାମାଜିକ ଦୂରତ୍ୱକୁ ଭୁଲି ସାମଗ୍ରୀ କିଣାରେ ବ୍ୟସ୍ତ ରହୁଥିବା ଦେଖିବାକୁ ମିଳିଥିଲା।

### ୧୧୨ ଶଯ୍ୟା ବିଶିଷ୍ଟ କ୍ୱାରାଣ୍ଟାଇନ କେନ୍ଦ୍ର

**କୁଆମରା,୨୯।୩(ଡି.ଏନ.ଏ.):** କରୋନା ମୁକାବିଲା ପାଇଁ ଗୋପବନ୍ଧୁନଗର ବ୍ଲକର ମୋଟ ୧୩ ପଞ୍ଚାୟତରେ ୧୩ଟି କେନ୍ଦ୍ରରେ ୧୧୨ ଶଯ୍ୟା ସ୍ୱତନ୍ତ୍ର କ୍ୱାରାଣ୍ଟାଇନ କେନ୍ଦ୍ର ପ୍ରସ୍ତୁତ ହୋଇଛି। ପ୍ରତି ପଞ୍ଚାୟତର ହାଇସ୍କୁଲଗୁଡ଼ିକରେ ଏହି କେନ୍ଦ୍ର ସ୍ଥାପନ ହୋଇଛି। ଉକ୍ତ କେନ୍ଦ୍ରଗୁଡ଼ିକୁ ବିଡିଓ ରବୀନ୍ଦ୍ର ମଲ୍ଲିକ ଅନୁଧାନ କରି ପାନୀୟ ଜଳ, ବିଦ୍ୟୁତ୍ ଯୋଗାଣ ଉପରେ ଅଧିକ ଗୁରୁତ୍ୱ ଦେବାକୁ ସରପଞ୍ଚମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

# ରୋଜଗାର ହରାଇ ଘରମୁହାଁ

**କେନ୍ଦୁଝର,୨୯।୩(ସ୍ୱ.ପ୍ର.)**


ନିଜ ରାଜ୍ୟ ଅଭିମୁଖେ ଓଟ ସହ ମାଲିକ।

ସମଗ୍ର ବିଶ୍ୱରେ ଏବେ କରୋନା ଭୂତାଣୁ ଆତଙ୍କ ଖେଳାଇବା ପରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ୨୧ଦିନିଆ ଲକ୍‌ଡାଉନ ଘୋଷଣା କରାଯାଇଛି। ଜରୁରୀ କାମ ନ ଥିଲେ ଲୋକେ ପଦାକୁ ବାହାରି ପାରୁନାହାନ୍ତି। ଏଭଳି ପରିସ୍ଥିତିରେ ବାହାରୁ ରାଜ୍ୟରୁ ଆସି ପେଟ ପୋଷୁଥିବା ଓଟ ମାଲିକମାନେ ଏବେ ରୋଜଗାର ହରାଇ ବ୍ୟତିବ୍ୟସ୍ତ ହୋଇ ଘରମୁହାଁ ହୋଇଛନ୍ତି। ଏପରିକି ଯାନବାହନ ସୁବିଧା ନ ଥିବାରୁ ସେମାନେ ଘରକୁ ଚାଲି ଚାଲି ଯାଉଥିବା ଦେଖିବାକୁ ମିଳିଛି।

କରୋନା କଟକଣା ଯୋଗୁ ଏବେ ପର୍ଯ୍ୟଟନ କେନ୍ଦ୍ରଗୁଡିକ ଖାଁ ଖାଁ ହୋଇପଡ଼ିଛି। ପୁରୀ ବେଳାଭୂମିରେ ଉତ୍ତରପ୍ରଦେଶର ଓଟମାଲିକମାନେ ପର୍ଯ୍ୟଟକଙ୍କ ଆମୋଦପ୍ରମୋଦ କରି ପେଟ ପୋଷୁଥିଲେ। ଏବେ କିଛି ରୋଜଗାର ହେଉ ନ ଥିବାରୁ ବଞ୍ଚିବା ସେମାନଙ୍କ ପକ୍ଷେ କଷ୍ଟକର ହୋଇପଡିଛି। ସେମାନେ ଓଟ ଧରି ଚାଲି ଚାଲି ଘରକୁ ଫେରିଯିବାକୁ ଚିନ୍ତା କରି ବାହାରି ପଡିଛନ୍ତି। ୯ଜଣ ଆରୋହୀ ସେମାନଙ୍କର ଓଟ ସହିତ ୨୦ନଂ. ଜାତୀୟ ରାଜପଥ ଦେଇ ରବିବାର ସକାଳେ ଚାଲି ଚାଲି ଯାଉଥିବା ଦେଖିବାକୁ ମିଳିଥିଲା। ସେମାନଙ୍କ ଘର ସୁଦୂର ଉତ୍ତରପ୍ରଦେଶ ଓ ସେମାନେ ପୁରୀ ବେଳାଭୂମିରେ ଓଟ ଗୁଡିକୁନେଇ ପରିବାର ପ୍ରତିପୋଷଣ କରିଆସୁଥିଲେ ବୋଲି କହିଛନ୍ତି । ପୁରୀରୁ ଉତ୍ତରପ୍ରଦେଶର ଦୂରତ୍ୱ ପ୍ରାୟ ୧୦୦୦କି.ମି । କରୋନାକୁ ନେଇ ଲକ୍‌ଡାଉନ ପରେ ସେମାନେ ଜୀବନ ବିକଳରେ ଗତ ୨୩ ତାରିଖଠାରୁ ଘରମୁହାଁ ହୋଇଥିବା କହିଛନ୍ତି। ଭୋକ ଓପାସରେ ଜୀବନ ବଞ୍ଚାଇବା ପାଇଁ ସେମାନେ ପଳାଇଯାଉଥିବା ବେଳେ ସ୍ଥାନୀୟ ଲୋକେ ସେମାନଙ୍କୁ ସହାନୁଭୂତି ପ୍ରଦର୍ଶନ କରୁଛନ୍ତି। ଯିବା ରାସ୍ତାରେ ସେମାନେ ନିଜର ତଥା ଓଟମାନଙ୍କ ଭୋକିଲା ପେଟ ପାଇଁ ହାତ ପାତୁଥିବା ମଧ୍ୟ ଦେଖିବାକୁ ମିଳିଛି।

## ରାଜପଥ ପାର୍ଶ୍ୱରେ ଖୋଲିବ ଢାବା, ଗ୍ୟାରେଜ

### ନିର୍ଦ୍ଦେଶ ଦେଲା ଜିଲା ପ୍ରଶାସନ

**ବାଲେଶ୍ୱର ଅଫିସ, ୨୯।୩**

କରୋନା ଭୂତାଣୁ ସଂକ୍ରମଣ ରୋକିବା ଲାଗି ଦେଶବ୍ୟାପୀ ଲକଡାଉନ ଘୋଷଣା କରାଯାଇଛି। ଏହାକୁ ନଜରରେ ରଖି ବାଲେଶ୍ୱର ଜିଲା ପ୍ରଶାସନ ପକ୍ଷରୁ ଜନସାଧାରଣଙ୍କ ସୁବିଧା ନିମନ୍ତେ ବିଭିନ୍ନ ପଦକ୍ଷେପ ନିଆଯାଇଛି। ରାଜ୍ୟ ବାହାରୁ ଆସୁଥିବା ମାଲବାହୀ ଗାଡିଗୁଡ଼ିକର ସହଜ ଚଳାଚଳ ନିମନ୍ତେ ଜାତୀୟ ରାଜପଥ ପାର୍ଶ୍ୱରେ ଥିବା କେତେକ ଢାବା ଏବଂ ତା' ପାଖରେ ଥିବା ଗ୍ୟାରେଜ ଖୋଲିବା ନିମନ୍ତେ ବାଲେଶ୍ୱର ଜିଲାପାଳ ଅନୁମତି ପ୍ରଦାନ କରିଛନ୍ତି।

ରୂପ୍‌ସା ଥାନା ହଳଦୀପଦା ବ୍ରିଜ୍ ନିକଟରେ ଥିବା ହୋଟେଲ ଅମ୍ରିତ ଢାବା, ବସ୍ତା ଥାନା କଟିପୋଲଠାରେ ଥିବା ହୋଟେଲ ମହାଲକ୍ଷ୍ମୀ ଢାବା, ସିମୁଳିଆ ଥାନା ଅନ୍ତର୍ଗତ ମଇତାପୁରଠାରେ ଥିବା ସିମୁଳିଆ ଢାବା, ସୋର ଥାନା ବାରିକପୁରସ୍ଥିତ ହୋଟେଲ ଜଗତଜନନୀ, ସଦର ଥାନା ବଣପାରିଆସ୍ଥିତ ହୋଟେଲ ବାପୁଜୀ ପ୍ଲାଜା ଏବଂ ଜଳେଶ୍ୱର ଥାନା ଚାଲନ୍ତିଠାରେ ଥିବା ନିରଞ୍ଜନ ଢାବା ଖୋଲିବା ନିମନ୍ତେ ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ ଅନୁମତି ପ୍ରଦାନ କରିଛନ୍ତି । ଏଠାରେ କେବଳ ମାଲବାହୀ ଗାଡ଼ି ପାର୍କିଂ ନିମନ୍ତେ ଅନୁମତି ଦିଆଯିବ। ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ କେତେକ ସ୍ୱୟଂ ସହାୟକ ଗୋଷ୍ଠୀ ବାଲେଶ୍ୱର ଓ ସୋରରେ ଗରିବ ଓ ନିରାଶ୍ରୟ ଲୋକଙ୍କୁ ମଧ୍ୟାହ୍ନଭୋଜନ ବଣ୍ଟନ କରିଛନ୍ତି। ସେହିପରି ଜିଲା ପୋଲିସ ପକ୍ଷରୁ ଜନସାଧାରଣଙ୍କ ସୁବିଧା ନିମନ୍ତେ ହେଲପ ଲାଇନ ନମ୍ବର ୧୦୦ ଏବଂ ୦୬୭୮୨-୨୬୦୧୦୫ ଜାରି କରାଯାଇଛି। ଅସୁବିଧା ସମୟରେ ଲୋକେ ଏହି ନମ୍ବରକୁ କଲ୍ କରି ଆବଶ୍ୟକ ସହାୟତା ମାଗିପାରିବେ। ରାଶନ, ଗ୍ରୋଶରୀ ସମେତ ଆବଶ୍ୟକ ସାମଗ୍ରୀ ମଲ୍ ଏବଂ ଦୋକାନୀମାନଙ୍କ ପକ୍ଷରୁ ଘରେ ପହଞ୍ଚାଇବା ବ୍ୟବସ୍ଥା କରିବାକୁ କୁହାଯାଇଛି । ଜିଲାକୁ ଏବେ ସୁଦ୍ଧା ବିଦେଶରୁଆସିଥିବା ମୋଟ ୨୨୭ଜଣ ଓ ରାଜ୍ୟ ବାହାରୁ ଆସିଥିବା ମୋଟ ୧୨୧୮୩ ଜଣଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିବା ସୂଚନା ମିଳିଛି।

# ହାଟ ବନ୍ଦ କଲେ ବିଡିଓ


ଖଇରା ବିଡିଓ ଡୁଙ୍ଗୁରା ହାଟ ବନ୍ଦ କରାଉଛନ୍ତି।

**ଖଇରା, ୨୯।୩(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଖଇରା ବ୍ଲକ ଅଞ୍ଚଳର ବିଭିନ୍ନ ସ୍ଥାନରେ ଲୋକଙ୍କ ଗହଳି ହେଉଥିବା ଅଭିଯୋଗ ହେବା ପରେ ବିଡିଓ ଦେବେନ୍ଦ୍ର ପ୍ରସାଦ ବଳ ଏହାକୁ ନିୟନ୍ତ୍ରଣ କରିବା ଲାଗି ରାସ୍ତାକୁ ଓହ୍ଲାଇଛନ୍ତି। ସେ ଖଇରା ବ୍ଲକର ଖଇରା, ଡୁଙ୍ଗୁରା, ଗଣ୍ଡିବେଡ, ପାତ୍ରଖୁଣ୍ଟା, ଦୋମୁହାଁଣି, ପଳସା ସମେତ ସମସ୍ତ ସାପ୍ତାହିକ ହାଟକୁ ବନ୍ଦ କରିବା ଲାଗି ସ୍ଥାନୀୟ ଲୋକପ୍ରତିନିଧିମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ନିଜେ ବିଡିଓ ବଳ ପ୍ରତ୍ୟେକ ଦିନ ବିଭିନ୍ନ ଆଞ୍ଚଳିକ ହାଟକୁ ଯାଇ ଏହାର ତଦାରଖ କରିବା ସହ ଭିଡ ହେଉଥିବା ସ୍ଥାନକୁ ପୋଲିସ ଲଗାଇ ବନ୍ଦ କରୁଛନ୍ତି। ଶନିବାର ଡୁଙ୍ଗୁରା ହାଟରେ ପହଞ୍ଚି ବନ୍ଦ କରିବାକୁ ନିର୍ଦ୍ଦେଶ ଦେବା ସହ ରବିବାର ପଳସା ହାଟକୁ ଯାଇ ପରିବା ଦୋକାନୀଙ୍କୁ ସାମାଜିକ ଦୂରତା ରଖି ଆସୁଥିବା ଗ୍ରାହକମାନଙ୍କୁ ଜିନିଷ ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ସେହିଭଳି ପ୍ରତି ପଞ୍ଚାୟତରେ ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟାମାନେ ଖାଦ୍ୟ ପ୍ରସ୍ତୁତ କରି ଗରିବ ଅସହାୟ ଭିକାରୀମାନଙ୍କୁ ବାଣ୍ଟିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହା ଠିକ୍ ଭାବେ ଚାଲିଛି କି ନାହିଁ ସେ ପଞ୍ଚାୟତ ବୁଲି ଦେଖିଛନ୍ତି । ଏ ସମ୍ପର୍କରେ ବିଡିଓ କହିଛନ୍ତି ଯେ, ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମେ ସାଧାରଣ ଭାବେ ହାଟ ବନ୍ଦ ପାଇଁ ସମସ୍ତ ସରପଞ୍ଚଙ୍କୁ ମେସେଜ ଦିଆଯାଇଛି। ଆବଶ୍ୟକସ୍ଥଳେ କମିଟି ଓ ଲୋକପ୍ରତିନିଧିମାନେ ସାମାଜିକ ଦୂରତ୍ୱ ରକ୍ଷା କରିବା ବ୍ୟବସ୍ଥା କରି କମ୍ ସମୟ ହାଟ ଚଳାଇପାରନ୍ତି ବୋଲି କହିଛନ୍ତି।

### ହକରଙ୍କୁ ପୋଲିସର ମାଡ଼ ନେଇ ଅସନ୍ତୋଷ

**ଭଦ୍ରକ ଅଫିସ, ୨୯।୩**

ଜଣେ ଖବରକାଗଜ ବିକ୍ରେତାଙ୍କୁ ରବିବାର ପୋଲିସ ଲାଠିମାଡ଼ କରିବା ଘଟଣାକୁ ନେଇ ଭଦ୍ରକର ଗଣମାଧ୍ୟମ ପ୍ରତିନିଧି, ଖବରକାଗଜ ବିକ୍ରେତା ଓ ସାଧାରଣ ଜନତାଙ୍କ ପକ୍ଷରୁ ତୀବ୍ର ନିନ୍ଦା କରାଯାଇଛି। ମାଡ଼ ମାରିଥିବା ପୋଲିସ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି ହୋଇଛି। ସୂଚନା ଅନୁସାରେ, ଭଦ୍ରକ ନଲେଜ ସେଣ୍ଟର ପରିବାରର ଜଣେ ବରିଷ୍ଠ ଖବରକାଗଜ ବିକ୍ରେତା ପୂର୍ବାହ୍ନ ୯ଟାରେ ଖବରକାଗଜ ବିତରଣ ସାରି ଫେରୁଥିବାବେଳେ ଜଣେ ପୋଲିସ କର୍ମଚାରୀ ତାଙ୍କୁ ଲାଠି ମାଡ଼ କରିଥିଲେ। ଏଥିରେ ସେ ଗୁରୁତର ଭାବରେ ଆହତ ହୋଇଛନ୍ତି। ନିଜର ପରିଚୟପତ୍ର ଦେଖାଇବା ପରେ ବି ପୋଲିସ ତାଙ୍କୁ ଲାଠି ମାଡ଼ କରିଥିବା ସେ କହିଛନ୍ତି।

### ପୌରାଞ୍ଚଳରେ ପନିପରିବା ହୋମ୍ ଡେଲିଭରି

**ବାରିପଦା ଅଫିସ, ୨୯।୩**

କୋରନା ଭାଇରସ୍ ପ୍ରତିରୋଧ ପାଇଁ ସତର୍କତାକୁ ଦୃଷ୍ଟିରେ ରଖି ମୟୂରଭଞ୍ଜ ଜିଲା ପ୍ରଶାସନ ତତ୍ତ୍ୱାବଧାନରେ ବାରିପଦା ପୌରାଞ୍ଚଳରେ ପନିପରିବାର ହୋମ ଡେଲିଭରି ବ୍ୟବସ୍ଥା କରାଯାଇଛି। ମୟୂରଭଞ୍ଜ ଫଳ ଓ ପନିପରିବା ଚାଷୀ ପ୍ରଡ୍ୟୁସର କମ୍ପାନୀ ଦ୍ୱାରା ପରିଚାଳିତ ମୟୂରଫ୍ରେସ୍ ବାରିପଦା ପକ୍ଷରୁ ସ୍ୱତନ୍ତ୍ର ଏକ ଭ୍ରାମ୍ୟମାଣ ଗାଡିରେ ଏହି ସୁବିଧା ଯୋଗାଇ ଦିଆଯାଉଛି। ପୌରାଞ୍ଚଳର ପ୍ରତି ୱାର୍ଡରେ ଏହି ସୁବିଧା ପହଞ୍ଚିବ ଏବଂ ପୌରାଞ୍ଚଳବାସୀ ଆବଶ୍ୟକୀୟ ଅନୁଯାୟୀ ପନିପରିବା ସୁଲଭ ମୂଲ୍ୟରେ ପାଇ ପାରିବେ। ଏଥିପାଇଁ ହ୍ୱାଟସ୍‌ଆପ୍ ନଂ.୯୮୬୧୫୦୯୮୯୬ରେ ଯୋଗାଯୋଗ କରିପାରିବେ ବୋଲି କୁହାଯାଇଛି।

## ସଚେତନତା ପାଇଁ ଗାଁ ମୁଣ୍ଡରେ ଫାଟକ


ଗ୍ରାମବାସୀ ସିଲୁଆଁ-ଘୁଟୁରୁ ରାସ୍ତା ବନ୍ଦ କରିଛନ୍ତି ।

**କେନ୍ଦୁଝର, ୨୯।୩(ସ୍ୱ.ପ୍ର.)**

ଆମେ ବାହାରକୁ ଯିବୁନି କି ବାହାର ଲୋକଙ୍କୁ ଆମ ଗାଁରେ ପଶିବାକୁ ଦେବୁନାହିଁ । ଏଭଳି ନିଷ୍ପତ୍ତି ନେଇଛନ୍ତି ସଦର ବ୍ଲକ ପଳାଶପଙ୍ଗା ପଞ୍ଚାୟତ ହୁଣ୍ଡୁଳା ଗାଁର ଯୁବକ ଓ ସ୍ୱୟଂ ସହାୟକ ଗୋଷ୍ଠୀ । ବାହାରକୁ ଯାଇ ଫେରୁଥିବା ଲୋକମାନେ ଗ୍ରାମରେ ପଶିବା ପୂର୍ବରୁ ସାବୁନରେ ହାତ ଧୋଇ ପଶିବାକୁ ସଚେତନ କରାଯାଉଛି। ଏହି ଗାଁର ଲୋକେ ଗ୍ରାମର ପ୍ରବେଶ ପଥରେ ଫାଟକ ବସାଇ ସାବୁନରେ ହାତ ଧୋଇ ପଶିବା ଦେଖିବାକୁ ମିଳିଛି। ଏହା ସ୍ୱାଗତଯୋଗ୍ୟ ପଦକ୍ଷେପ ବୋଲି ପଳାଶପଙ୍ଗା ସରପଞ୍ଚ ସଞ୍ଜୟ କୁମାର ନାଏକ କହିଛନ୍ତି। ସେହି ଗାଁର ଅରଡେଇ ନଦୀକୂଳରେ ଥିବା ଦୁଦୁକୁଣ୍ଡି ସାହି, ସଦର ବ୍ଲକ ଅଧୀନ ସିଲୁଆଁ-ଘୁଟୁରୁ ରାସ୍ତାର ପ୍ରବେଶ ପଥକୁ ମଧ୍ୟ ଗ୍ରାମବାସୀ ସିଲ୍ କରି ଦେଇଛନ୍ତି। ଏହା ଦ୍ୱାରା କରୋନା ଭୂତାଣୁ ସଂକ୍ରମଣ ରୋକାଯାଇ ପାରିବ ସ୍ଥାନୀୟ ସାମାଜିକ କର୍ମୀ ରମେଶ କହିଛନ୍ତି।

## କରୋନା କଟକଣା ବେଳେ ଚାଲିଛି ଜୁଆଖେଳ

### ଧରାପଡ଼ିଲେ ୪

**ରୂପ୍‌ସା, ୨୯।୩(ଡି.ଏନ.ଏ.)**

କରୋନା କଟକଣା ସତ୍ତ୍ୱେ ବାଲେଶ୍ୱର ଜିଲା ରୂପ୍‌ସା ଥାନା ଲଛମନଖୁଣ୍ଟା ଅଞ୍ଚଳରେ ଗାଁ ପୋଖରୀ ହୁଡ଼ାରେ ଅବାଧରେ ଜୁଆ ଖେଳ ଚାଲିଥିବା ଅଭିଯୋଗ ହୋଇଥିଲା। ଶନିବାର ରାତିରେ ପୋଲିସ ଚଢ଼ାଉ କରି ଜୁଆ ଆଡ୍ଡାରୁ ୪ଜଣଙ୍କୁ ଗିରଫ କରିବା ସହ ଘଟଣାସ୍ଥଳରୁ ଗୋଟିଏ ବାଇକ୍ (ନଂ. ଓଡ଼ି୦୧ଏସ୍-୦୧୪୯), ୩ଟି ମୋବାଇଲ, ନଗଦ ୧୧ଶହ ୨୦ଟଙ୍କା ସହ ଜୁଆପାଲି ଜବତ କରିଛି। ଗିରଫ ଅଭିଯୁକ୍ତ ହେଲେ ଲଛମନଖୁଣ୍ଟା ଗ୍ରାମର ଅବଦୁଲ ରଫିକ ଖାଁ, ହନିଫ ଖାଁ, ସାଫିର ମଲିକ ଓ ସିଦିକ ଖାଁ। ଏନେଇ ରବିବାର ଏକ ମାମଲା (ନଂ. ୨୬/୨୦) ରୁଜୁ ହୋଇଛି। ସମସ୍ତ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଥିଲା। ସେମାନଙ୍କ ଜାମିନ ନାମଞ୍ଜୁର ହେବାରୁ ଜେଲ ହାଜତକୁ ପଠାଯାଇଛି। ଆଇଆଇସି ବିଶ୍ୱଜ କୁମାର ରାଉତରାୟ ସଦଳବଳେ ଚଢ଼ାଉ କରିଥିଲେ।

# ଶ୍ରମିକଙ୍କୁ ସହାୟତା ଯୋଗାଇଲା ପ୍ରଶାସନ

**ଆନନ୍ଦପୁର, ୨୯। ୩(ସ୍ୱ.ପ୍ର.):** କରୋନା ପାଇଁ ସମଗ୍ର ଅଞ୍ଚଳ ଲକ୍‌ଡାଉନ୍। ଏହାଦ୍ୱାରା ଶ୍ରମିକମାନେ କାମଧନ୍ଦା ନ ପାଇ ନିରାଶ ହେଉଛନ୍ତି। ଶ୍ରମିକଙ୍କର କର୍ମସ୍ଥଳରେ କାମଧନ୍ଦା ବନ୍ଦ ହୋଇଯାଇଥିବାରୁ ସେମାନେ ବାଧ୍ୟ ହୋଇ ନିଜ ଘରକୁ ଫେରିଛନ୍ତି। ଶ୍ରମିକ ଶ୍ରେଣୀର କେତେକ ପରିବାର ନିଜର କର୍ମସ୍ଥଳରୁ ଫେରିବା ବେଳେ ରବିବାର ଆନନ୍ଦପୁରଠାରେ ବିଶ୍ରାମ ନେଇଥିଲେ। ସେମାନଙ୍କ ସମ୍ପର୍କରେ ସୂଚନା ପାଇ ସ୍ଥାନୀୟ ପ୍ରଶାସନ ପକ୍ଷରୁ ସହାୟତା କରାଯାଇଛି।

ଉଲ୍ଲେଖଯୋଗ୍ୟ, ମୟୂରଭଞ୍ଜ ଜିଲା ଠାକୁରମୁଣ୍ଡା ଏବଂ କରଞ୍ଜିଆ ଅଞ୍ଚଳର କେତେକ ଶ୍ରମିକ ପରିବାର ଯାଜପୁର ଜିଲା କୁଆଖିଆ ଅଞ୍ଚଳରେ ରହି କାର୍ଯ୍ୟ କରିଆସୁଥିଲେ। ଲକ୍ ଡାଉନ୍ ଲାଗୁ ହୋଇଥିବାରୁ ଶ୍ରମିକମାନେ ସେମାନଙ୍କ ବୃତ୍ତିରେ ଯୋଗଦେଇ ପାରି ନ ଥିଲେ। ଫଳରେ ଶନିବାର ସନ୍ଧ୍ୟାରେ କୁଆଖିଆରୁ ଚାଲି ଚାଲି ଶ୍ରମିକମାନେ ସେମାନଙ୍କର ପରିବାର ସହିତ ଠାକୁରମୁଣ୍ଡା ଏବଂ କରଞ୍ଜିଆ ଅଞ୍ଚଳକୁ ଯାତ୍ରା କରିଥିଲେ। ରବିବାର ସକାଳେ ସେମାନେ ଆନନ୍ଦପୁରର ବାଙ୍ଗିଡି ଅଞ୍ଚଳରେ ବିଶ୍ରାମ ନେଇଥିଲେ। ସେମାନେ ଖାଇବାରେ ବହୁ ଅସୁବିଧାର ସମ୍ମୁଖୀନ ହେବା କଥା ଶୁଣିବା ପରେ ଆନନ୍ଦପୁର ପୌର ଅଧିକାରୀ ହିତାଂଶୁ ଶେଖର ସାମଲ, ତହସିଲଦାର ତପନ କୁମାର ନାୟକ ଅସହାୟ ଶ୍ରମିକମାନଙ୍କ ନିକଟରେ ପହଞ୍ଚି ଆବଶ୍ୟକ ବିସ୍କୁଟ, ବ୍ରେଡ, ପାଣି ବୋତଲର ବ୍ୟବସ୍ଥା ଗ୍ରହଣ କରିଥିଲେ।


ଶ୍ରମିକଙ୍କୁ ପ୍ରଶାସନ ପକ୍ଷରୁ ଖାଇବାକୁ ଦିଆଯାଉଛି।

# ବାହାର ରାଜ୍ୟରେ ଫସିଛନ୍ତି ମୟୂରଭଞ୍ଜର ଶତାଧିକ ଯୁବକ

**ବାରିପଦା ଅଫିସ, ୨୯।୩**


ଫସି ରହିଥିବା ଯୁବକମାନେ।

- ଉଦ୍ଧାର ପାଇଁ ଆକୁଳ ନିବେଦନ
- ଓଡ଼ିଶା ସରକାରଙ୍କ ଉଦ୍ୟମ ସତ୍ତ୍ୱେ ମିଳୁନି ସହାୟତା

ମୟୂରଭଞ୍ଜ ଜିଲାର ବିଭିନ୍ନ ଅଞ୍ଚଳରୁ ଅନ୍ୟ ରାଜ୍ୟକୁ କାମ କରିବାକୁ ଯାଇଥିବା ଶତାଧିକ ଯୁବକ ଲକଡାଉନ ଯୋଗୁଁ ଫସି ରହିଛନ୍ତି। ଉଦ୍ଧାର ପାଇଁ ସେମାନେ ଭିଡ଼ିଓ ପୋଷ୍ଟ କରି ଆକୁଳ ନିବେଦନ କରିଛନ୍ତି। ସେହିଭଳି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସେମାନଙ୍କୁ ସାହାଯ୍ୟ କରିବା ନିମନ୍ତେ ବିଭିନ୍ନ ରାଜ୍ୟର ମୁଖ୍ୟମନ୍ତ୍ରୀମାନଙ୍କୁ ଚିଠି ଲେଖିଥିଲେ ମଧ୍ୟ ଫସି ରହିଥିବା ଯୁବକମାନେ କୌଣସି ସାହାଯ୍ୟ ପାଇ ନ ଥିବା ପ୍ରକାଶ କରିଛନ୍ତି। ଜିଲାର ୫୦ ଜଣ ଯୁବକ ତେଲେଙ୍ଗାନା ରାଜ୍ୟ କରେନନଗର ଜିଲାରେ ଫସି ରହିଛନ୍ତି। ଖାଇବା ଲାଗି ସେଠାରେ ସେମାନେ ବହୁତ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସେହିଭଳି ବଡ଼ସାହି ନିର୍ବାଚନମଣ୍ଡଳୀର ୫୫ରୁ ଊର୍ଦ୍ଧ୍ୱ ଯୁବକ ତାମିଲନାଡୁ ରାଜ୍ୟ ପଣ୍ଡିଚେରିକୁ କାମ କରିବାକୁ ଯାଇ ସେଠାରେ ଅଟକି ରହିଛନ୍ତି। ଲକଡାଉନ ହେବା ଯୋଗୁଁ ଗାଁକୁ ଆସିପାରି ନାହାନ୍ତି। ରାଜ୍ୟ ସରକାର ସୁବିଧା କରିଥିଲେ ମଧ୍ୟ ତାଙ୍କୁ କୌଣସି ସହାୟତା ମିଳି ନ ଥିବା ସେମାନେ ପ୍ରକାଶ କରିଛନ୍ତି। ଏହିଭଳି ଜିଲାର ବହୁ ଯୁବକ ବିଭିନ୍ନ ରାଜ୍ୟରେ ଫସି ରହିଥିବା ବେଳେ ସେମାନଙ୍କୁ ଉଦ୍ଧାର କରିବା ପାଇଁ ମୁଖ୍ୟମନ୍ତ୍ରୀ ଓ ମୟୂରଭଞ୍ଜ ଜିଲାପାଳ ଦୃଷ୍ଟି ଦେବାକୁ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି।



କେମ୍ବ୍ରିଜର ମାସାଚୁଏଟ୍ସ ଇନଷ୍ଟିଚ୍ୟୁଟ ଅଫ୍ ଟେକ୍ନୋଲୋଜିର ଏକ ଅଧ୍ୟୟନରୁ ଜଣାପଡ଼ିଛି ଯେ, ଭାରତରେ ଆଗାମୀ ଦିନରେ କରୋନା ସଂକ୍ରମଣର ପ୍ରଭାବ କମିପାରେ। ଉକ୍ତ ଅଧ୍ୟୟନ ଅନୁଯାୟୀ ଗ୍ରୀଷ୍ମ ପ୍ରବାହ ଯେଉଁ ଅନୁପାତରେ ବୃଦ୍ଧି ପାଇବ ସେହି ଅନୁପାତରେ କରୋନା ଭାଇରସ ସଂକ୍ରମଣ ହ୍ରାସ ପାଇବ । ଏପ୍ରିଲ, ମେ, ଜୁନ୍, ଜୁଲାଇ ୪ ମାସ ଭାରତ ଓ ଏହାର ଆଖପାଖ ଅଞ୍ଚଳରେ ଗ୍ରୀଷ୍ମପ୍ରବାହର ପ୍ରକୋପ ଯଥେଷ୍ଟ ବୃଦ୍ଧିପାଇବାର ସମ୍ଭାବନା ରହିଛି। ତେଣୁ ଏଠାରେ କରୋନା ଭୂତାଣୁ ତିଷ୍ଠିରହିବା ଆଶଙ୍କା କମିଯିବ। ପୂର୍ବରୁ କରାଯାଇଥିବା ଗବେଷଣା ଅନୁଯାୟୀ, ଏପର୍ଯ୍ୟନ୍ତ କରୋନାର ଦ୍ରୁତ ସଂକ୍ରମଣ ୧୭ ଡିଗ୍ରୀ ସେଲସିୟସ ମଧରେ ହୋଇଥିବା ଦେଖାଯାଇଥିଲା।



# ଲକ୍‌ଡାଉନ: ଘରେ ରୁଟି କରୁଛନ୍ତି ହିମାଂଶୀ





**ମୁମ୍ବାଇ:** ମହାମାରୀ କରୋନା ଭାଇରସ୍ ସଂକ୍ରମଣକୁ ବ୍ୟାପିବାରୁ ରୋକିବା ପାଇଁ କେନ୍ଦ୍ର ସରକାର ୨୧ ଦିନ ଯାଏଁ ସାରା ଦେଶରେ ଲକ୍‌ଡାଉନ୍ ଘୋଷଣା କରିଛନ୍ତି। ଏଥିଯୋଗୁ ଘରେ ବନ୍ଦୀ ରହିଥିବା ସେଲିବ୍ରିଟିମାନେ ପ୍ରତିଦିନ ନିଜର କୌଣସି ନା କୌଣସି ଭିଡିଓକୁ ଶେୟାର କରୁଥିବା ଦେଖିବାକୁ ମିଳିଛି। ଇତିମଧ୍ୟରେ ବିଗ୍‌ବସ୍ ଫେମ୍ ହିମାଂଶୀ ଖୁରାନାଙ୍କ ଏକ ଭିଡିଓ ଏବେ ଇଣ୍ଟରନେଟରେ ସେନ୍‌ସେସନ ପାଲଟିଛି। ଏହି ଭିଡିଓରେ ହିମାଂଶୀ ଘରେ ରୁଟି ତିଆରି କରିବା ସହ ଗୀତ ଗାଉଥିବାର ଦେଖିବାକୁ ମିଳିଛି। ତାଙ୍କର ଏହି ଭିଡିଓ ଏବେ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ଭିଡିଓଟି ଶେୟାର ହେବାପରଠାରୁ ଏପର୍ଯ୍ୟନ୍ତ ଲକ୍ଷାଧିକ ୟୁଜର୍ସ ଦେଖିସାରିଲେଣି। ପ୍ରଶଂସକ ଏହି ଭିଡିଓକୁ ବେଶ୍ ପସନ୍ଦ କରିବା ସହ କମେଣ୍ଟ ମଧ ଦେଇଛନ୍ତି।

# ସିନେମା ଗୀତକୁ ଆରତି ଥାଳି

ଘରୁ ବାହାରକୁ ନଆସିଲେ ହିଁ ଲୋକଙ୍କ ଜୀବନ ସୁରକ୍ଷିତ ରହିବ। ଏକଥା ବୁଝାଇବାକୁ ପୋଲିସ୍‌କୁ ବହୁ କଷ୍ଟ କରିବାକୁ ପଡୁଛି। ବାରମ୍ବାର କହିବା ସତ୍ତ୍ୱେ କିଛି ଲୋକ ବାହାରକୁ ଯାଉଥିବାରୁ ଛତିଶଗଡ଼ ବିଳାସପୁରରେ ପୋଲିସ ସେମାନଙ୍କୁ ବନ୍ଦାଣ ଥାଳି ଧରି ଅପେକ୍ଷା କରୁଛି। ଲକ୍ ଡାଉନ୍ ସମୟରେ ଅଯଥାରେ ଘରୁ ବାହାରୁଥିବା ଲୋକଙ୍କୁ ପୋଲିସ୍ ତାଗିଦ୍ କରିବା ପରେ ବି ମାନୁ ନଥିବାରୁ ସେମାନଙ୍କୁ ବନ୍ଦାପନା କରି ତିଳକ ଲଗାଇ ଦେଉଛି। ଏହାପରେ ଶାନ୍ତ ଭାବରେ ପୋଲିସ୍ ଲୋକଙ୍କୁ ବୁଝାଇ କହୁଛି କି ଜଣଙ୍କର ଛୋଟିଆ ଭୁଲ୍ କିପରି ଭୟଙ୍କର ହୋଇ ଅନେକଙ୍କୁ ସଂକ୍ରମିତ କରିପାରେ। ପୋଲିସର ଏଭଳି ଉପାୟ ଅନେକଙ୍କୁ ଭୟଭୀତ କରିନଥିଲେ ବି ଲଜ୍ଜିତ କରୁଛି। ତେଣୁ ଲୋକେ କିଛିମାତ୍ରାରେ ସଚେତନ ହେଉଛନ୍ତି। ଏଠାରେ ପୋଲିସ୍ ମଧ ସିନେମା ଗୀତ ମାଧମରେ ଲୋକଙ୍କୁ ବୁଝାଇବାକୁ ଚେଷ୍ଟା କରୁଛି କି ଛୋଟ ଭୁଲ୍ ବେଳେବେଳେ ମୃତ୍ୟୁ ମୁଖକୁ ଟାଣିଆଣେ।




# ପରିବା ବିକୁଥିବା ବ୍ୟକ୍ତି କରୋନା ପଜିଟିଭ୍




**ଶ୍ରୀନଗର:** କ୍ୱାରାଣ୍ଟାଇନ୍‌ରେ ଥିବାବେଳେ ଲୁଚି ପଳାଇଥିବା ଜଣେ ବ୍ୟକ୍ତି କରୋନା ସଂକ୍ରମିତ ହୋଇଥିବା ଜଣାପଡିଛି। ଶ୍ରୀନଗର ରେନ୍‌ୱାରୀରେ ପରିବା ବିକୁଥିବା ସମ୍ପୃକ୍ତ ବ୍ୟକ୍ତିଙ୍କ ସମେତ ମୋଟ ୨୬ ଜଣ ରେନ୍‌ୱାରୀ ସରକାରୀ ମେଡିକାଲରେ ହୋମ୍ କ୍ୱାରାଣ୍ଟାଇନରେ ଥିବାବେଳେ ଲୁଚି ପଳାଇଥିଲେ। ଟେଷ୍ଟ ରିପୋର୍ଟ ଆସିବା ପରେ ସେମାନଙ୍କ ମଧ୍ୟରୁ ଜଣେ କରୋନା ସଂକ୍ରମିତ ଥିବା ଜଣାପଡିଥିଲା। ପୋଲିସ ତାଙ୍କୁ ଖୋଜି ଠାବ କରିବା ବେଳକୁ ସେ ପରିବା ବିକୁଥିଲେ। ଏନେଇ ଖବର ପ୍ରଚାର ପରେ ସମ୍ପୃକ୍ତ ଅଞ୍ଚଳରେ କୋକୁଆ ଭୟ ଖେଳି ଯାଇଛି। ତାଙ୍କଠାରୁ ପରିବା କିଣିଥିବା ଲୋକେ ଭୟଭୀତ ହୋଇପଡିଛନ୍ତି। ପ୍ରକାଶ ଯେ, ଶ୍ରୀନଗରର ରେନ୍‌ୱାରୀ ହସ୍‌ପିଟାଲରେ କ୍ୱାରାଣ୍ଟାଇନରେ ଥିବା ସମ୍ପୃକ୍ତ ୨୬ଜଣ କରୋନା ସଂକ୍ରମିତଙ୍କ ସମ୍ପର୍କୀୟ ଥିଲେ। ହସ୍‌ପିଟାଲରେ ସେମାନଙ୍କୁ ଆନୁଷଙ୍ଗିକ ସୁବିଧା ଦିଆଯାଉ ନ ଥିବା ଅଭିଯୋଗ କରି ସମସ୍ତେ ସୁଯୋଗ ଦେଖି ଲୁଚି ପଳାଇ ଆସିଥିଲେ। ପରେ ପୋଲିସ ଓ ପ୍ରଶାସନ ପକ୍ଷରୁ ତାଙ୍କୁ ଖୋଜାଯାଇଥିଲା। ସେମାନଙ୍କୁ ଠାବ କରିବା ପରେ ମେଡିକାଲରେ ଅସୁବିଧା ହେଉଥିବା ଓ ଡାକ୍ତର ଠିକ୍‌ରେ ଚିକିତ୍ସା କରୁ ନ ଥିବା ସେମାନେ ଅଭିଯୋଗ କରିଥିଲେ। ପ୍ରଶାସନିକ ଅଧିକାରୀ ତାଙ୍କୁ ବୁଝାଇ ମେଡିକାଲକୁ ଆଣିଥିଲେ। ପରେ ଏହି ଘଟଣାରେ ଚିକିତ୍ସାରେ ଅବହେଳା ଅଭିଯୋଗରେ ୨ ଜଣ ଡାକ୍ତରଙ୍କୁ ମଧ ନିଲମ୍ବନ କରାଯାଇଥିଲା।

# ସହଯୋଗର ହାତ ବଢ଼ାଇଲେ ବରୁଣ



ବରୁଣ ଧୱନ

**ମୁମ୍ବାଇ:** କରୋନା ଭାଇରସ ଏବେ ବିଶ୍ୱକୁ ଥରହର କରୁଥିବା ବେଳେ ସବୁଠି ଲକ୍ ଡାଉନ୍ ପରିସ୍ଥିତି। ଭାରତରେ ମଧ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୨୧ ଦିନିଆ ଲକ୍‌ଡାଉନ୍ ଘୋଷଣା କରିଛନ୍ତି। ଭାରତରେ କରୋନା ସଂକ୍ରମଣ ସଂଖ୍ୟା ବଢି ଚାଲିଥିବା ବେଳେ ଏବେ ଏହା ହଜାରେ ଅତିକ୍ରମ କରି ସାରିଲାଣି। ତେବେ କରୋନା ଭଳି ପରିସ୍ଥିତିକୁ ସାମ୍ନା କରିବାକୁ ଏବେ ସମସ୍ତେ ସହାୟତାର ହାତ ବଢାଇଛନ୍ତି। ବଲିଉଡ୍ ଅଭିନେତା ବରୁଣ ଧୱନ ପ୍ରଧାନମନ୍ତ୍ରୀଙ୍କ କେୟାର ଫଣ୍ଡକୁ ୩୦ ଲକ୍ଷ ଟଙ୍କା ଦାନ କରିଛନ୍ତି। ଏହାସହ ସେ ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ଫଣ୍ଡକୁ ୨୫ ଲକ୍ଷ ଟଙ୍କା ଦାନ କରିଥିବା ଟୁଇଟ୍ କରି ଜଣାଇଛନ୍ତି। ଏହା ପୂର୍ବରୁ ବଲିଉଡ୍ ଖିଲାଡି ବୟ ଅକ୍ଷୟ କୁମାର ପ୍ରଧାନମନ୍ତ୍ରୀଙ୍କ କେୟାର୍ ଫଣ୍ଡକୁ ୨୫ କୋଟି ଟଙ୍କା ଦାନ କରିଥିଲେ। ଏହାକୁ ନେଇ ପ୍ରଧାନମନ୍ତ୍ରୀ ଉଭୟ କଳାକାରଙ୍କୁ ଧନ୍ୟବାଦ ଜଣାଇଛନ୍ତି। ସୂଚନାଯୋଗ୍ୟ, କରୋନା ଯୋଗୁ ସାରା ଦେଶରେ ଲକ୍‌ଡାଉନ୍ ଘୋଷଣା କରାଯାଇଥିବା ବେଳେ ମଧ୍ୟବିତ୍ତ ଓ ଉଚ୍ଚ ମଧ୍ୟବିତ୍ତ ବର୍ଗର ଲୋକେ ଘର ଭିତରେ ବନ୍ଦ ହୋଇ ରହିଥିବା ବେଳେ ଗରିବ ଦିନ ମଜୁରିଆମାନେ ପେଟ ଚାଖଣ୍ଡକ ପାଇଁ ଏବେବି ରାସ୍ତା ଉପରେ ସଂଘର୍ଷ କରୁଛନ୍ତି।

# ଡାକ୍ତର କେକ୍

**ନିୟୁୟର୍କ:** ଡାକ୍ତରଙ୍କ ନାଁରେ ଏବେ କେକ୍ ବିକ୍ରି ହେଉଛି, ଯାହାର ଡିମାଣ୍ଡ ବି ଢେର୍ ଅଧିକ। ଏମିତି ଏକ ଘଟଣା ଏବେ ଦେଖିବାକୁ ମିଳିଛି ଆମେରିକାରେ। ଆମେରିକାର ରୋଚଷ୍ଟରଠାରେ ଥିବା ଡୁନଟ୍ସ ଡିଲାଇଟ୍ କାଫେ ପକ୍ଷରୁ ଏଭଳି ଏକ ଭିନ୍ନ ଧରଣର କେକ୍ ତିଆରି କରାଯାଉଛି। ଏହି କାଫେରେ ଆମେରିକାରେ କରୋନା ଭାଇରସ୍ ନେଇ ସଚେତନ କରୁଥିବା ଜଣେ ଡାକ୍ତର ଆଣ୍ଟୋନି ଫୁସିଙ୍କ ମୁହଁ ଆକୃତିରେ କେକ୍ ତିଆରି କରାଯାଇଥିଲା। କାଫେରେ କେକ୍‌କୁ ଏକ ଭିନ୍ନ ଷ୍ଟାଇଲରେ କରିବା ଲକ୍ଷ୍ୟରେ ଏପରି ଉଦ୍ୟମ କରାଯାଇଥିଲା ସତ କିନ୍ତୁ ଆଶ୍ଚର୍ଯ୍ୟଜନକଭାବେ କେକ୍‌ର ଡିମାଣ୍ଡ ବହୁତ ଅଧିକ ରହିଥିଲା। ସେଥିପାଇଁ ଏଇ କାଫେ ଏବେ ଡାକ୍ତରଙ୍କ ମୁହଁ ଆକୃତିରେ ଅନେକଗୁଡ଼ିଏ କେକ୍ ତିଆରି କରିବା ଆରମ୍ଭ କରିଛି। ପ୍ରକୃତରେ ଏଇ ଡାକ୍ତରଜଣକ ହେଉଛନ୍ତି କରୋନା ଭାଇରସ୍ ବିରୋଧରେ ସଚେତନତା ସୃଷ୍ଟି କରୁଥିବା ଟ୍ରମ୍ପ ପ୍ରଶାସନର ଜଣେ ଷ୍ଟାର ପ୍ରଚାରକ। ଆମେରିକାରେ କରୋନା ଭାଇରସ୍ ଏବେ ଭୟଙ୍କର ରୂପ ନେଇଥିବାବେଳେ ଡାକ୍ତର ଆଣ୍ଟୋନି ବାରମ୍ବାର ଲୋକଙ୍କୁ ବିଭିନ୍ନ ଦିଗ ନେଇ ସଚେତନ କରିବାରେ ଲାଗିଛନ୍ତି। ସେଥିପାଇଁ ଲୋକେ ତାଙ୍କ ଆକୃତିର କେକ୍ ମଧ ନେବା ପାଇଁ ଆଗ୍ରହ ପ୍ରକାଶ କରୁଛନ୍ତି।



# କରୋନାକୁ ନେଇ ଭବିଷ୍ୟବାଣୀ କରିଥିଲେ ଜ୍ୟାକ୍‌ସନ



**ଲସ୍ ଆଞ୍ଜେଲସ୍:** କରୋନା ଭାଇରସ୍ ଏବେ ସାରା ବିଶ୍ୱର ମୁଣ୍ଡ ବିଗାଡ଼ିଥିବା ବେଳେ ଏହାକୁ ନେଇ ବିଭିନ୍ନ କଥା ଶୁଣିବାକୁ ମିଳିଛି। ତେବେ ପପ୍ ଗାୟକ ମାଇକେଲ ଜ୍ୟାକସନଙ୍କ ପୂର୍ବତନ ବଡିଗାର୍ଡ ମେଟ୍ ଫିଡସ୍ କହିଛନ୍ତି, ମାଇକେଲ୍ ଜ୍ୟାକସନ୍ ପୂର୍ବରୁ କରୋନା ଭାଇରସ୍‌କୁ ନେଇ ଭବିଷ୍ୟବାଣୀ କରିଥିଲେ। ପ୍ରାୟ ୧୦ ବର୍ଷ ଧରି ମାଇକେଲଙ୍କ ବଡିଗାର୍ଡ ଥିବା ମେଟ୍ ଏକ ସାକ୍ଷାତ୍‌କାରରେ ଏହା ପ୍ରକାଶ କରିଛନ୍ତି। ସେ କହିଛନ୍ତି, ମାଇକେଲ କହୁଥିଲେ ଦିନେ ଏକ ମହାମାରୀ ସାରା ବିଶ୍ୱକୁ ନଷ୍ଟ କରିଦେବ। ଆଉ ଏହା ଏକ ଭୂତାଣୁ ଦ୍ୱାରା ବ୍ୟାପିବ। ସେଥିପାଇଁ ସେ ସବୁବେଳେ ମାସ୍କ ପିନ୍ଧୁଥିବା କହିଛନ୍ତି ବଡିଗାର୍ଡ ମେଟ୍। ଦିନେ ମେଟ୍ ଜ୍ୟାକ୍‌ସନଙ୍କୁ ମାସ୍କ ଖୋଲି ଦେବାକୁ କହିଥିଲେ। ହେଲେ ମାଇକେଲ କହିଥିଲେ, ମୁଁ ରୋଗୀ ହେବାକୁ ଚାହୁଁନାହିଁ, ମୋ ପ୍ରଶଂସକଙ୍କୁ ମୁଁ ନିରାଶ ହେବାକୁ ଦେବିନାହିଁ। ସୂଚନାଯୋଗ୍ୟ, ମାଇକେଲଙ୍କର ୨୦୦୯ରେ ମୃତ୍ୟୁ ହୋଇଥିଲା। ହେଲେ ମେଟ୍ କହିଛନ୍ତି, ଯଦି ଆଜି ସେ ବଞ୍ଚିଥାନ୍ତେ ତେବେ ନିଶ୍ଚୟ କହିଥାନ୍ତେ ମୋ କଥା ହେକି ଶୁଣିବାକୁ ପ୍ରସ୍ତୁତ ନୁହେଁ। କାରଣ ଯେତେବେଳେ ମାଇକେଲ କିଛି କୁହନ୍ତି, କେହି ତାକୁ ଗମ୍ଭୀରତାର ସହ ନିଅନ୍ତି ନାହିଁ ବୋଲି ସେ ଅଭିଯୋଗ ବି କରନ୍ତି। ତେବେ ମାଇକେଲ ଜ୍ୟାକସନ୍ ଜଣେ ବୁଦ୍ଧିମାନ ବ୍ୟକ୍ତି ଥିଲେ ବୋଲି ମେଟ୍ କହିଛନ୍ତି।

# ମୋ ଭାଇ କରୋନା ସଂକ୍ରମିତ ନୁହନ୍ତି : ଦିବ୍ୟାଙ୍କା



**ମୁମ୍ବାଇ:** ବଲିଉଡ୍ ଅଭିନେତ୍ରୀ ଦିବ୍ୟାଙ୍କା ତ୍ରିପାଠୀଙ୍କ ଭୋପାଳସ୍ଥିତ ଘର ବାହାରେ 'କୋଭିଡ୍-୧୯ ଡୁ ନଟ୍ ଭିଜିଟ୍' ନୋଟିସ୍ ଲଗାଯାଇଛି। କାରଣ ତାଙ୍କ ଭାଇ ଐଶ୍ୱର୍ଯ୍ୟ ତ୍ରିପାଠୀ ଇଣ୍ଡିଗୋ ଫ୍ଲାଇଟ୍‌ରେ ପାଇଲଟ୍ ଥିଲେ। ଫ୍ଲାଇଟ୍ ଉଡ଼ାଣ କରି କିଛିଦିନ ତଳେ ସେ ଭୋପାଳ ଫେରିଥିଲେ। ତେଣୁ ତାଙ୍କୁ କ୍ୱାରାଣ୍ଟାଇନ୍‌ରେ ରହିବା ପାଇଁ କୁହାଯାଇଥିଲା। ଭଉଣୀ ଦିବ୍ୟାଙ୍କା କହିଛନ୍ତି, ସେ କରୋନା ସଂକ୍ରମିତ ନୁହନ୍ତି। ସୁରକ୍ଷା ଦୃଷ୍ଟିରୁ ତାଙ୍କୁ କ୍ୱାରାଣ୍ଟାଇନ୍‌ରେ ରହିବା ପାଇଁ କୁହାଯାଇଛି। ଏକ ସାକ୍ଷାତକାରରେ ଦିବ୍ୟାଙ୍କା କହିଛନ୍ତି, ମୋ' ଭାଇ ୧୩ ଦିନ ତଳେ ଫ୍ଲାଇଟ୍ ଚଳାଇଥିଲେ। ତାଙ୍କଠାରେ କରୋନା ଭାଇରସ୍‌ର କୌଣସି ଲକ୍ଷଣ ନାହିଁ। ଏହାବ୍ୟତୀତ ପ୍ରତିଦିନ ସରକାରୀ ଡାକ୍ତର ତାଙ୍କ ସ୍ୱାସ୍ଥ୍ୟର ଯାଞ୍ଚ କରୁଛନ୍ତି। ଆମେ ନିଜ ସୁରକ୍ଷା ପାଇଁ ତାଙ୍କୁ କ୍ୱାରାଣ୍ଟାଇନ୍‌ରେ ରଖିଛୁ। ଏହାର ଅର୍ଥ ନୁହେଁ ସେ କରୋନା ଭାଇରସ୍‌ରେ ସଂକ୍ରମିତ। ଏହା କେବଳ ସୁରକ୍ଷା ଉପାୟ। ଦିବ୍ୟାଙ୍କା ସୋସିଆଲ ମିଡିଆରେ ମଧ ସଫେଇ ଦେଇଛନ୍ତି। ସେ ଲେଖିଛନ୍ତି, ମୋ ଭାଇ ପାଇଲଟ୍। ସେ ନିଜ ଇଚ୍ଛାରେ କ୍ୱାରାଣ୍ଟାଇନ୍‌ରେ ଥିଲେ। ତାଙ୍କଠାରେ ସେପରି କୌଣସି ଲକ୍ଷଣ ଦେଖାଯାଇନାହିଁ। ଯଦି ସେ ଆକ୍ରାନ୍ତ ହୋଇଥାନ୍ତେ, ତେବେ ତାଙ୍କୁ ସ୍ୱତନ୍ତ୍ର ଭାବରେ ଚିକିତ୍ସା କରାଯାଇଥା'ନ୍ତା। ଅଧିକାରୀମାନେ ଆମ ଭୋପାଳ ଘର ବାହାରେ ନୋଟିସ୍ ମାରିଛନ୍ତି। ଯାହା ଜରୁରୀ ଥିଲା। ମାତ୍ର ଏହା ନୁହେଁ କି , ମୋ' ଭାଇ କରୋନା ପଜିଟିଭ୍। କାହାର ସମ୍ମାନରେ ଆଞ୍ଚ ଆସିବାକୁ ଦିଅନ୍ତୁ ନାହିଁ। ଧନ୍ୟବାଦ ନ ଦିଅନ୍ତୁ ମାତ୍ର ସମ୍ମାନର ସହ ବଞ୍ଚିବାକୁ ଦିଅନ୍ତୁ।

# ବୋତଲ ଭିତରେ ୧୯ ବର୍ଷର ଚିଠି



**ଆୟରଲ୍ୟାଣ୍ଡ:** ଆଧୁନିକ ସମୟରେ ଏବେ ଯୋଗାଯୋଗର ଅନେକ ମାଧ୍ୟମ ବାହାରିଲାଣି। ବିଂଶ ଶତାବ୍ଦୀରେ ବି କେହି ଜଣେ ହାତରେ ଚିଠି ଲେଖି ତାକୁ ପୁଣି ବୋତଲ ଭିତରେ ଭର୍ତ୍ତି କରି ସମୁଦ୍ର ପାଣିରେ ପଠାଇପାରେ, ଏକଥାକୁ ସହଜରେ କେହି ବିଶ୍ୱାସ କରିବେ ନାହିଁ। କିନ୍ତୁ ଏଭଳି ଏକ ଚିଠି ମିଳିଛି ଆୟରଲ୍ୟାଣ୍ଡରେ। ୮୨ ବର୍ଷର ଜଣେ ବୃଦ୍ଧ ତାଙ୍କ କୁକୁର ଧରି ସମୁଦ୍ର କୂଳରେ ଯାଉଥିବା ସମୟରେ ଏହାକୁ ପାଇ ସ୍ଥାନୀୟ ପ୍ରଶାସନର ହସ୍ତାନ୍ତର କରିଥିଲେ। ଏକ ଛୋଟ ବୋତଲ ଭିତରେ କେହି ଜଣେ ଏକ ଚିଠି ଲେଖି କିଛି ସନ୍ଦେଶ ପଠାଇବାକୁ ଚାହୁଁଥିବା ଜାଣି ହେଉଛି, କିନ୍ତୁ ବହୁ ଦିନ ଧରି ବୋତଲଟି ପାଣିରେ ରହିଥିବାରୁ କାଗଜର ଲେଖାଗୁଡ଼ିକ ଖରାପ ହୋଇଯାଇଛି। ଚିଠିରେ ଥିବା କିଛି ଖବରକୁ ଜାଣି ହେଉଥିଲେ ବି ଶେଷକୁ ଲେଖାଯାଇଥିବା ଇ-ମେଲ୍ ଠିକଣାଟି ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି। ତେବେ ଚିଠିରୁ ଜଣାପଡ଼ିଛି କି ୨୦୦୧ ମସିହାରେ ଏହି ଚିଠିଟି ଲେଖାଯାଇଥିଲା। ତେବେ ଚିଠିରେ ଆଉ ଏକ ଠିକଣା ମଧ ଲେଖାଯାଇଛି, ଯାହା ମାଧମରେ ଯୋଗାଯୋଗ କରିବାକୁ ଚେଷ୍ଟା କରାଯାଇଥିଲେ ବି ତାହା ପରିବର୍ତ୍ତନ ହୋଇ ଯାଇଥିବା ଜଣାପଡ଼ିଛି।

> ବର୍ତ୍ତମାନର ଲକ୍‌ଡାଉନ ସ୍ଥିତିରେ ମାଇକ୍ରୋ ଫାଇନାନ୍ସ ଏବଂ ଅଣ ବ୍ୟାଙ୍କିଙ୍ଗ ବିତ୍ତ ପ୍ରତିଷ୍ଠାନଗୁଡ଼ିକୁ ନଗଦ ଯୋଗାଣ କରିବାର ଆବଶ୍ୟକତା ରହିଛି। ଏହା ଦ୍ୱାରା ସେମାନଙ୍କ ଉପରେ ପ୍ରଭାବ କମିବ ।
>
> – ଅରୁନ୍ଧତୀ ଭଟ୍ଟାଚାର୍ଯ୍ୟ, ପୂର୍ବତନ ଏସ୍‌ବିଆଇ ଅଧ୍ୟକ୍ଷ



> ଲକ୍‌ଡାଉନ ସମୟରେ ଗ୍ରାହକଙ୍କୁ ସୁବିଧା ହେଲା ଭଳି ପଦକ୍ଷେପ କେନ୍ଦ୍ରୀୟ ବ୍ୟାଙ୍କ ହାତକୁ ନେଇଛି। ସିଧାସଳଖ ଭାବେ ସବୁ ଗ୍ରାହକଙ୍କୁ ମୋରାଟୋରିୟମରେ ସାମିଲ କରାଯିବ ।
>
> –ରଜନୀଶ କୁମାର, ଏସ୍‌ବିଆଇ ଅଧ୍ୟକ୍ଷ



**୨୧ ଦିନିଆ ଲକ୍‌ଡାଉନ**

# ଡିଜିଟାଲ ଇଣ୍ଡିଆ ପାଇଁ ବଡ଼ ଚ୍ୟାଲେଞ୍ଜ



ନୂଆଦିଲ୍ଲୀ,୨୯।୩

ଡିଜିଟାଲ ଇଣ୍ଡିଆ ଯୋଗୁ ଆପ୍ ସେବା ଯୋଗାଣ କରୁଥିବା କମ୍ପାନୀଗୁଡ଼ିକ ଏବେ ସମସ୍ୟାରେ ରହିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କରୋନା ଭାଇରସ ସଂକ୍ରମଣକୁ ରୋକିବା ଲାଗି ସାରା ଦେଶରେ ୨୧ ଦିନିଆ ଲକ୍‌ଡାଉନ ଘୋଷଣା କରିଥିବା ବେଳେ ଏହା ଏବେ ଡିଜିଟାଲ ଇଣ୍ଡିଆ ପାଇଁ ବଡ ଚ୍ୟାଲେଞ୍ଜ ଭାବେ ଉଭା ହୋଇଛି। ଆପ୍ ଭିତ୍ତିକ ପ୍ଲାଟଫର୍ମରେ ସେବା ପାଉଥିବା ଦେଶର କୋଟି କୋଟି ଗ୍ରାହକ ଏବେ ସେବାରୁ ବଞ୍ଚିତ ହୋଇଛନ୍ତି। କ୍ୟାବ୍ ସେବା ପ୍ରଦାନକାରୀ ଉବର, ଓଲାଠାରୁ ଆରମ୍ଭ କରି ଡୋରଷ୍ଟେପରେ ଖାଇବା ଡେଲିଭରି ଦେଉଥିବା କମ୍ପାନୀ ସ୍ୱିଗି, ଜୋମାଟୋ ସହ ବିଗ୍‌ବାସ୍କେଟ, ଗ୍ରୋଫରର ସେବାରେ ଏବେ ବାଧା ଉପୁଜିଛି। ଏହି ସେବାଗୁଡ଼ିକ ଏବେ ଠପ୍ ହୋଇଯାଇଥିବା ବେଳେ ଡିଜିଟାଲ ଇଣ୍ଡଷ୍ଟ୍ରିରେ ବେତନ କାଟ ଏବଂ ଚାକିରି ସଙ୍କଟ ଦେଖାଯିବା ନେଇ ଆଶଙ୍କା ଉପୁଜିଛି।

କୋଭିଡ-୧୯ ଲକ୍‌ଡାଉନ ପାଇଁ କର୍ମଚାରୀମାନଙ୍କର ବେତନରେ ହ୍ରାସ କରାଯିବା ନେଇ ଜୋମାଟୋ ସିଇଓ ଦିପିନ୍ଦର ଗୋୟଲ ସ୍ପଷ୍ଟ କରିଛନ୍ତି। ଓବର ଏବଂ ଓଲା ଡ୍ରାଇଭର ଏବେ ସେମାନଙ୍କ ଘରେ ହାତବାନ୍ଧି ବସିଛନ୍ତି। କଟକଣା ଲାଗିଥିବାରୁ ଖାଦ୍ୟ ଏବଂ ଗ୍ରସେରି ଡେଲିଭରି ଦେଉଥିବା କର୍ମଚାରୀମାନେ ମଧ୍ୟ ବାହାରକୁ ଆସୁନାହାନ୍ତି। ଏହି କଟକଣାକୁ କମ୍ କରିବା ଲାଗି ସରକାର କମ୍ପାନୀଗୁଡ଼ିକର ପ୍ରତିନିଧିଙ୍କ ସହ ଆଲୋଚନା କରିଛନ୍ତି। ହେଲେ ସାରା ଦେଶରେ ସ୍ୱାଭାବିତ ସ୍ଥିତି ଆସିନାହିଁ। ଆମାଜନ, ଫ୍ଲିପକାର୍ଟ, ମିନ୍ତ୍ରା ଭଳି ପ୍ରମୁଖ ଇ-କମର୍ସ ସାଇଟଗୁଡ଼ିକ ଏବେ ଅର୍ଡର ନେବା ବନ୍ଦ କରି ଦେଇଛନ୍ତି। ଘରେ ଯୋଗ କରିବା ଲାଗି ଉବର ଏହାର ଡ୍ରାଇଭରଙ୍କୁ କହିଛି। ଏପଟେ ଓଲା ସିଇଓ ତାଙ୍କ ଗୋଟିଏ ବର୍ଷର ବେତନ ଦାନ କରିଛନ୍ତି। ଡ୍ରାଇଭରଙ୍କ ଋଣ ଛାଡ, ବିଳମ୍ବ ଦେୟ ପ୍ରଦାନ କ୍ଷେତ୍ରରେ ଟିକସ ଛାଡ କରିବାକୁ ଓଲା ପକ୍ଷରୁ ସରକାରଙ୍କୁ ନିବେଦନ କରାଯାଇଥିବା ଏକ ରିପୋର୍ଟ ପ୍ରକାଶ ପାଇଛି। ଏହା ହେଲେ ଡ୍ରାଇଭରମାନେ କରୋନା ପ୍ରଭାବକୁ କମ୍ କରିବାରେ ସହାୟକ ହେବ ବୋଲି ଏଥିରେ କୁହାଯାଇଛି। କମ୍ପାନୀ କହିଛି ଯେ, ଏହାର ଡ୍ରାଇଭରଙ୍କୁ ବୀମା ଏବଂ ମେଡିକାଲ ସୁବିଧା ପ୍ରଦାନ କରାଯାଇଛି। ଏହାବାଦ ସେମାନଙ୍କ ଭଡା ଚାର୍ଜକୁ ମଧ୍ୟ ରିହାତି ପ୍ରଦାନ କରାଯାଇଛି।

ଫୁଡ ଡେଲିଭରି ଚେନ୍‌ରେ ଦୈନିକ ମଜୁରି ଭିତ୍ତିରେ କାମ କରୁଥିବା ବ୍ୟକ୍ତି ବିଶେଷ, ଅଣ କୁଶଳୀ ହୋଟେଲ ଷ୍ଟାଫ, ଡେଲିଭରି ବୟ ଏବେ ମେଟ୍ରୋ ଛାଡି ସେମାନଙ୍କ ଘରକୁ ପଳାୟନ କରିଛନ୍ତି। ଯେଉଁମାନେ ଘରକୁ ଯାଇ ପାରିନାହାନ୍ତି ସେମାନେ ଏବେ ଲକ୍‌ଡାଉନରେ କୌଣସି କାମ ନ କରି ବସି ରହିଛନ୍ତି। ଦେଶର କିଛି ସ୍ଥାନରେ ଆବଶ୍ୟକ ସାମଗ୍ରୀ ଡେଲିଭରି ପାଇଁ ଲୋକ ଆବଶ୍ୟକ ହେଉଥିଲେ ମଧ୍ୟ ଚାହିଦା ପୂରଣ କରିବା ସହ ଠିକ୍ ସମୟରେ ଡେଲିଭରି ଦେବା ଏବେ କଷ୍ଟକର ହୋଇ ପଡୁଛି। ଏଭଳି ଅସୁବିଧାରୁ ଅନଲାଇନ ସେବା ପ୍ରଦାନକାରୀଙ୍କୁ ବାଦ ଦିଆଯିବା ନେଇ ସରକାର ପଦକ୍ଷେପ ନେଉଥିଲେ ମଧ୍ୟ ସାରା ଦେଶରେ ସ୍ଥିତି ସମ୍ପୂର୍ଣ୍ଣ ସ୍ୱାଭାବିକ ହୋଇ ପାରିନାହିଁ।

- ସମସ୍ୟାରେ ଆପ୍ ଭିତ୍ତିକ ସେବା ପ୍ରଦାନକାରୀ
- ଓଲା, ଉବର ସେବା ଠପ୍
- ସ୍ୱିଗି, ଜୋମାଟୋ ଅର୍ଡର ନେବାରେ ବାଧା
- ଯୋଗାଣ ଚେନ୍ କ୍ଷତିଗ୍ରସ୍ତ
- କିଛି ସହରରେ ମିଳୁଛି ଆବଶ୍ୟକ ସାମଗ୍ରୀ ଡେଲିଭରି

## ସିଏସ୍‌ଆର୍ ବିବେଚିତ ହେବ ପିଏମ୍-କେୟାର୍ସ ପାଣ୍ଠିକୁ ଯୋଗଦାନ




କର୍ପୋରେଟ ଜଗତ ପକ୍ଷରୁ ପ୍ରଧାନମନ୍ତ୍ରୀ କେୟାର୍ସ ପାଣ୍ଠିକୁ ପ୍ରଦାନ କରାଯାଉଥିବା ଅର୍ଥ ରାଶି କର୍ପୋରେଟ ସାମାଜିକ ଦାୟିତ୍ୱବୋଧ(ସିଏସ୍‌ଆର୍) ଖର୍ଚ୍ଚ ଭାବେ ବିବେଚିତ କରାଯିବ। କମ୍ପାନୀ ଆଇନରେ ସାମାଜିକ କଲ୍ୟାଣକାରୀ ଖର୍ଚ୍ଚ ଭାବେ ଏହାକୁ ବିଚାର କରାଯିବା ନେଇ ରବିବାର ସରକାର ସ୍ପଷ୍ଟ କରିଛନ୍ତି। କରୋନା ପ୍ରଭାବରେ ଏବେ ସାରା ଦେଶରେ ଏକ ସଙ୍କଟ ସ୍ଥିତି ସୃଷ୍ଟି ହୋଇଛି। ଏଭଳି ସ୍ଥିତିରେ ଅସୁବିଧାରେ ଥିବା ଲୋକଙ୍କ ଲାଗି ଅର୍ଥଦାନ କରିବାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନିବେଦନ କରିଥିଲେ। କମ୍ପାନୀ ଆଇନ ଅନ୍ତର୍ଗତ କେତେକ ଶ୍ରେଣୀର ଲାଭକାରୀ ସଂସ୍ଥା ସେମାନଙ୍କ ୩ ବର୍ଷର ବାର୍ଷିକ ହାରାହାରି ନେଟ ଲାଭର ୨% ସିଏସ୍‌ଆର୍‌ରେ ଖର୍ଚ୍ଚ କରିବାକୁ ନିୟମ ରହିଛି। ପିଏମ୍‌କେୟାରକୁ ପ୍ରଦାନ କରାଯାଉଥିବା ଅର୍ଥ ସିଏସ୍‌ଆର୍ ଖର୍ଚ୍ଚ ଭାବେ ଧରିନିଆଯିବ ବୋଲି ଅର୍ଥ ଏବଂ କର୍ପୋରେଟ ବ୍ୟାପାର ମନ୍ତ୍ରୀ ନିର୍ମଳା ସୀତାରାମନ ରବିବାର ଟୁଇଟ ଯୋଗେ ସୂଚନା ଦେଇଛନ୍ତି। ଏହି ପାଣ୍ଠିର ଅର୍ଥ ବିପତ୍ତି ସମୟରେ ବ୍ୟବହାର ହୋଇ ପାରିବ।

## ଇପିଏଫ୍ ଉଠାଣ ନେଇ ଶ୍ରମ ମନ୍ତ୍ରଣାଳୟର ଅନୁମତି

ଲକ୍‌ଡାଉନ ସମୟରେ ଲୋକଙ୍କୁ ଆଶ୍ୱସ୍ତି ଦେବା ଲାଗି କର୍ମଚାରୀ ଭବିଷ୍ୟନିଧି ପାଣ୍ଠି(ଇପିଏଫ୍) ପାଣ୍ଠିରୁ ଉଠାଣ ନେଇ ହିତାଧିକାରୀଙ୍କୁ ଶ୍ରମମନ୍ତ୍ରଣାଳୟ ଅନୁମତି ପ୍ରଦାନ କରିଛି। ଏବେ ଇପିଏଫଓର ୬ କୋଟି ହିତାଧିକାରୀ ଅଛନ୍ତି। ଗତ ସପ୍ତାହରେ ୧.୭ ଲକ୍ଷ କୋଟି ଟଙ୍କାର ପ୍ୟାକେଜ ଘୋଷଣା କରିବା ସମୟରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ଏ ନେଇ ସୂଚନା ଦେଇଥିଲେ। ଏହି ଉଠାଣ ଲାଗି କିଛି ସର୍ତ୍ତ ରଖାଯାଇଛି। ପ୍ରଥମତଃ ହିତାଧିକାରୀ ସେମାନଙ୍କ ୩ ମାସର ବେସିକ ପେ ଏବଂ ମହଙ୍ଗା ଭତ୍ତାଠାରୁ କମ୍ ଅର୍ଥ ଉଠାଇ ପାରିବେ। ଏହାବାଦ ସର୍ବୋଚ୍ଚ ଉଠାଣ ସୀମା ଆକାଉଣ୍ଟରେ ଥିବା ମୋଟ ଜମାର ୭୫%ରୁ ଅଧିକ ହେବ ନାହିଁ ବୋଲି କୁହାଯାଇଛି। ଏନେଇ ଶ୍ରମ ମନ୍ତ୍ରଣାଳୟ ପକ୍ଷରୁ ଏକ ବିଜ୍ଞପ୍ତି ପ୍ରକାଶ ପାଇଛି। କର୍ମଚାରୀ ଭବିଷ୍ୟନିଧି ପାଣ୍ଠି ଯୋଜନା ୧୯୫୨ରେ ସଂଶୋଧନ କରାଯାଇ ଏଭଳି ପଦକ୍ଷେପ ନିଆଯାଇଛି।

## ଏଫ୍‌ପିଆଇ ଉଠାଇ ନେଇଛନ୍ତି ୧ ଲକ୍ଷ କୋଟି



କରୋନା ଭାଇରସ ଲାଗି ସାରା ବିଶ୍ୱରେ ମାନ୍ଦାବସ୍ଥା ସ୍ଥିତି ଉପୁଜିଥିବାରୁ ଦେଶର ପୁଞ୍ଜି ବଜାରରୁ ବିଦେଶୀ ଫରେନ ପୋର୍ଟଫୋଲିଓ ଇନଭେଷ୍ଟର୍ସ(ଏଫ୍‌ପିଆଇ) ପ୍ରାୟ ୧ ଲକ୍ଷ କୋଟି ଟଙ୍କା ଉଠାଇ ନେଇଛନ୍ତି। ଗତ ୬ ମାସ ନେବ ବିଦେଶୀ ନିବେଶମାନେ ପୁଞ୍ଜି ବଜାରରେ ନିବେଶ ଧାରା ଜାରୀ ରଖିଥିଲେ ମଧ୍ୟ ମାର୍ଚ୍ଚ ମାସରେ ଏଭଳି ବୃହତ୍ତ ପରିମାଣର ଅର୍ଥ କାଢି ନେଇଛନ୍ତି। ମାର୍ଚ୍ଚ ୨ରୁ ୨୭ ମଧ୍ୟରେ ନିବେଶକମାନେ ଇକ୍ୱିଟିରୁ ୫୯,୩୭୭ କୋଟି ଏବଂ ଡେଟ୍ ସେଗମେଣ୍ଟରୁ ୫୨,୮୧୧ କୋଟି ଟଙ୍କା ଉଠାଇଛନ୍ତି। ମାର୍ଚ୍ଚରେ ମୋଟ ୧.୧୨ ଲକ୍ଷ କୋଟି ଟଙ୍କା ପୁଞ୍ଜି ବଜାରରୁ ପ୍ରତ୍ୟାହର ହୋଇଛି। ୨୦୧୯ ସେପ୍ଟେମ୍ବର ପରଠାରୁ ଏମାନେ ନିବେଶ ଧାରା ଜାରି ରଖିଥିଲେ ବୋଲି ଜାତୀୟ ସିକ୍ୟୁରିଟି ଡିପୋଜିଟୋରୀ ଡାଟାରୁ ଏହା ଜଣାପଡିଛି।

## ନିରନ୍ତର ଇନ୍ଧନ ଯୋଗାଣ ଜାରି ରଖିଛି ଇଣ୍ଡିଆନ ଅଏଲ

ସାରା ଦେଶରେ ୨୧ ଦିନିଆ ଲକ୍‌ଡାଉନ ଘୋଷଣା ହୋଇଥିବା ବେଳେ ଇନ୍ଧନ ଯୋଗାଣ କ୍ଷେତ୍ରରେ ଯେଭଳି ଅସୁବିଧା ନ ଉପୁଜେ ସେ ପ୍ରସଙ୍ଗକୁ ରାଷ୍ଟ୍ରାୟତ୍ତ କମ୍ପାନୀ ଇଣ୍ଡିଆନ ଅଏଲ ନଜରରେ ରଖିଛନ୍ତି। ବର୍ତ୍ତମାନର ସଙ୍କଟ ସମୟରେ ଇନ୍ଧନ ଯୋଗାଣ ଧାରା ଜାରି ରହିଥିବା କମ୍ପାନୀ ପକ୍ଷରୁ ସୂଚନା ଦିଆଯାଇଛି। ୨୪ ଘଣ୍ଟିଆ ଇନ୍ଧନ ଯୋଗାଣ ଦିଗରେ ଉଦ୍ୟମ ଜାରି ରହିଛି ବୋଲି ଇଣ୍ଡିଆନ ଅଏଲର ଅଧ୍ୟକ୍ଷ ସଞ୍ଜୀବ ସିଂ ସୂଚନା ଦେଇଛନ୍ତି। ଏଥି ଲାଗି କମ୍ପାନୀ ଲକ୍ଷ୍ନୌରେ ଏକ ୱାରରୁମ ସ୍ଥାପନ କରିଛି। ଏଠାରେ ଯୋଗାଣ ଚେନ୍, ରିଫାଇନେରୀର ପରିଚାଳନା ଭଳି ବିଭିନ୍ନ ଦିଗକୁ ମନିଟରିଂ କରାଯାଉଛି ବୋଲି ସିଂ କହିଛନ୍ତି। ବର୍ତ୍ତମାନ ସମୟରେ ସାରା ଦେଶର ପର୍ଯ୍ୟାପ୍ତ ପରିମାଣର ଇନ୍ଧନ ଉପଲବ୍ଧ ରହିଛି। ପେଟ୍ରୋଲ,ଡିଜେଲ ଏବଂ ଏଲ୍‌ପିଜି ଯୋଗାଣ ଦେଶରେ କୌଣସି ଅସବିଧା ନାହିଁ ବୋଲି ସେ ସୂଚନା ଦେଇଛନ୍ତି।

## ମାସ୍କ, ସାନିଟାଇଜର ଉପଲବ୍ଧତା ନିଶ୍ଚିତ କର:ଏନ୍‌ପିପିଏ

**ନୂଆଦିଲ୍ଲୀ, ୨୯। ୩:** ମାସ୍କ, ଗ୍ଲୋଭ ଏବଂ ସାନିଟାଇଜର ଉପଲବ୍ଧତା ନିଶ୍ଚିତ କରାଇବା ଲାଗି ନ୍ୟାଶନାଲ ଫାର୍ମାସିଟିକାଲ ଅଥରିଟି (ଏନ୍‌ପିପିଏ) ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକୁ ନିର୍ଦ୍ଦେଶ ଦେଇଛି। କରୋନା ପାଇଁ ସାରା ଦେଶ ଏବେ ଲକ୍‌ଡାଉନ ଘୋଷଣା ହୋଇଥିବାରୁ ଏହି ସାମଗ୍ରୀଗୁଡ଼ିକର ଉପଲବ୍ଧତା ଏବଂ ଯୋଗାଣ ଯେଭଳି ବାଧାପ୍ରାପ୍ତ ନ ହୁଏ ତାକୁ ବିଚାର କରିବାକୁ ରାଜ୍ୟଗୁଡ଼ିକୁ ପରାମର୍ଶ ରହିଛି। ଏହି ପ୍ରସଙ୍ଗ ଉପରେ ରାଜ୍ୟ ଏବଂ କେନ୍ଦ୍ର ଶାସିତ ଅଞ୍ଚଳଗୁଡ଼ିକର ମୁଖ୍ୟ ଶାସନ ସଚିବଙ୍କୁ ଚିଠି ଲେଖାଯାଇଥିବା ଏନ୍‌ପିପିଏ ଅଧ୍ୟକ୍ଷ ଶୁଭ୍ରା ସିଂ ସୂଚନା ଦେଇଛନ୍ତି। ସେହିଭଳି ଏହି ସାମଗ୍ରୀର ଉତ୍ପାଦନ ସହ ମେଡିସିନ ଏବଂ ମେଡିକାଲ ଡିଭାଇସର ଯୋଗାଣ ଉପରେ ଧ୍ୟାନ ରଖିବାକୁ କୁହାଯାଇଛି। ଦେଶର ବିଭିନ୍ନ ପ୍ରାନ୍ତରେ ଏହି ସାମଗ୍ରୀଗୁଡ଼ିକର ଚାହିଦା ଏବେ ବଢିଛି। ଅଧିକ ସଂଖ୍ୟକ ଉତ୍ପାଦନକାରୀ ନ ଥିବାରୁ ସବୁ ସ୍ଥାନରେ ସାମଗ୍ରୀ ପହଞ୍ଚାଇବା ସମ୍ଭବପର ହେଉନାହିଁ। ଏହା ମାନୁଫାକଚରଙ୍କ ସହ ସମନ୍ୱୟ ରକ୍ଷାକରିବା ଲାଗି କୁହାଯାଇଛି।



## ଲକ୍‌ଡାଉନ ବିରୋଧୀ ଅଭିନବ ଲଢ଼େଇ

**ନୂଆଦିଲ୍ଲୀ, ୨୯। ୩:** କରୋନା ଯୋଗୁ ବର୍ତ୍ତମାନ ସାରା ବିଶ୍ୱରେ ଲକ୍‌ଡାଉନ ପାଇଁ ଆର୍ଥିକ କାର୍ଯ୍ୟକଳାପ ହ୍ରାସ ହୋଇଛି। ଏଭଳି ସମୟରେ କମ୍ପାନୀଗୁଡ଼ିକ ଚାପରେ ରହିବା ଫଳରେ ଛଟେଇ ସ୍ଥିତି ଉପୁଜିବା ଆଶଙ୍କା କରାଯାଉଛି। ବିଭିନ୍ନ ଦେଶ ପ୍ୟାକେଜ ଘୋଷଣା ଦ୍ୱାରା ସ୍ଥିତିକୁ ନିୟନ୍ତ୍ରଣ କରୁଥିବା ଦେଖାଯାଉଛି। ଡେନ୍‌ମାର୍କ ଏ ଦିଗରେ ଏକ ମଧ୍ୟ ଏକ ଉଲ୍ଲେଖନୀୟ ପଦକ୍ଷେପ ଉଠାଇବାକୁ ଯାଉଛି। ସେଠାକାର ବିଭିନ୍ନ ରାଜନୈତିକ ଦଳ ସେମାନଙ୍କ ବିଚାରଧାରାଠାରୁ ଊର୍ଦ୍ଧ୍ୱକୁ ଯାଇ ଶ୍ରମ ସଙ୍ଗଠନ ଏବଂ କର୍ମଚାରୀ ସଂଘଗୁଡ଼ିକ ସହ ମିଳିତ ହୋଇ ଲକ୍‌ଡାଉନ ସମୟରେ ଉପୁଜିଥିବା ନିଯୁକ୍ତି ସଙ୍କଟ ବିରୋଧରେ ଲଢେଇ ଜାରି ରଖିବା ଲାଗି କାମ କରୁଛନ୍ତି। ଯୋଜନା କାର୍ଯ୍ୟକାରୀ ହେଲେ କମ୍ପାନୀଗୁଡ଼ିକ ପ୍ରଦାନ କରୁଥିବା ଆଗାମୀ ୩ ମାସର ବେତନର ୯୦% ସରକାର ପ୍ରଦାନ କରିବେ। ଫଳରେ କମ୍ପାନୀଗୁଡ଼ିକ ଉପରେ ଚାପ କମିବ ଏବଂ ସେମାନେ ଛଟେଇ ଯୋଜନାରୁ ନିବୃତ୍ତ ରହିବେ। ଏହାବାଦ ଡେନ୍‌ମାର୍କର ସରକାର କମ୍ପାନୀଗୁଡ଼ିକର ଭଡା ବାବଦ ଖର୍ଚ୍ଚ ମଧ୍ୟ ଉଠାଇବେ ବୋଲି ସୂଚନା ରହିଛି। ଏଭଳି ଭାବେ ୨ଟି ଯୋଜନା ବାବଦକୁ ସେଠାକାର ସରକାର ୪୨.୬ ବିଲିୟନ ଡେନିସ କ୍ରୋନର ବା ୬.୨୭ ବିଲିୟନ ଡଲାର ଖର୍ଚ୍ଚ କରିବାକୁ ଯୋଜନା ଧାର୍ଯ୍ୟ ହୋଇଛି। ଏହି ଧାରାରେ ନେଦରଲାଣ୍ଡ ସରକାର ଯୋଡି ହୋଇଛନ୍ତି। ଯେଉଁ କମ୍ପାନୀଗୁଡ଼ିକ ଅନ୍ତତଃ ପକ୍ଷେ ୨୦% ରାଜସ୍ୱ କ୍ଷତି ଦେଖାଇବେ ସେମାନଙ୍କ ଲାଗି କର୍ମଚାରୀଙ୍କ ବେତନରେ ସରକାର ୯୦% ଅର୍ଥ ବହନ କରିବା ନେଇ ବ୍ୟବସ୍ଥା କରାଯାଇଛି। ଏହାବାଦ ଇଂଲଣ୍ଡ ସରକାର ୮୦% ବେତନ ଅର୍ଥ ଉଠାଇବାକୁ କହିଛନ୍ତି। ଏହା ସହ ଅନ୍ୟ ସ୍ୱତନ୍ତ୍ର ପଦକ୍ଷେପ ଦେଶଗୁଡ଼ିକ ହାତକୁ ନେଉଥିବା ଦେଖାଯାଇଛି। ଏଭଳି ପଦକ୍ଷେପ ସାମୂହିକ ଛଟେଇକୁ ରୋକିବା ଦିଗରେ ସହାୟକ ହେବ ବୋଲି ବଜାର ବିଶେଷଜ୍ଞ କହିଛନ୍ତି।



- କମ୍ପାନୀ କର୍ମଚାରୀଙ୍କ ୩ ମାସର ବେତନ
- ୯୦% ବେତନ ଅର୍ଥ ଉଠାଇବ ନେଦରଲାଣ୍ଡ
- ରେଣ୍ଟାଲ ଖର୍ଚ୍ଚ ବି ଭରିବେ ସରକାର

# ପହିଲାରୁ କାର୍ଯ୍ୟକାରୀ ହେବ ମେଗା ବ୍ୟାଙ୍କ ମିଶ୍ରଣ




**ମୁମ୍ବାଇ,୨୯।୩:** ଦେଶର ୧୦ ରାଷ୍ଟ୍ରାୟତ୍ତ ବ୍ୟାଙ୍କ ମିଶ୍ରଣ ଦ୍ୱାରା ୪ ବଡ ବ୍ୟାଙ୍କ ଗଠନ ପଦକ୍ଷେପ ପହିଲାରୁ କାର୍ଯ୍ୟକାରୀ ହେବ। ରିଜର୍ଭ ବ୍ୟାଙ୍କ ପକ୍ଷରୁ ରବିବାର ଏ ନେଇ ସୂଚନା ଦିଆଯାଇଛି। ବ୍ୟାଙ୍କଗୁଡ଼ିକ ଯେଉଁ ଅନ୍ୟ ବ୍ୟାଙ୍କ ସହ ମିଶିଥିବେ ସେହି ନାମ ଅନୁସାରେ କାର୍ଯ୍ୟ କରିବେ ବୋଲି କେନ୍ଦ୍ରୀୟ ବ୍ୟାଙ୍କ ପକ୍ଷରୁ ସ୍ପଷ୍ଟ କରାଯାଇଛି। ମେଗା ବ୍ୟାଙ୍କ ମିଶ୍ରଣ ନେଇ ସରକାର ମାର୍ଚ୍ଚ ୪ରେ ଘୋଷଣା କରିଥିଲେ। ୧୦ ରାଷ୍ଟ୍ରାୟତ୍ତ ବ୍ୟାଙ୍କକୁ ମିଶାଇ ୪ ବଡ ବ୍ୟାଙ୍କ ଗଠନ ନେଇ ସରକାରଙ୍କ ଲକ୍ଷ୍ୟ ରହିଛି। କରୋନା ଭାଇରସ ବ୍ୟାପିବା ଯୋଗୁ ବର୍ତ୍ତମାନ ଲକ୍‌ଡାଉନ ସ୍ଥିତିରେ ସରକାର ମିଶ୍ରଣ ଯୋଜନାକୁ ଏବେ କିଛି ସମୟ ବନ୍ଦ ରଖନ୍ତୁ ବୋଲି ବ୍ୟାଙ୍କ ସଂଘଗୁଡ଼ିକ ଚିଠି ଲେଖିଥିଲେ। ଏପ୍ରିଲ ୧ ଠାରୁ ମେଗା ମିଶ୍ରଣ ପଦକ୍ଷେପ କାର୍ଯ୍ୟକାରୀ କରାଯିବ ବୋଲି ଅର୍ଥମନ୍ତ୍ରୀ ଗୁରୁବାର ସ୍ପଷ୍ଟ ଭାବେ କହିଥିଲେ। ଯୋଜନା ମୁତାବକ ଓରିଏଣ୍ଟାଲ ବ୍ୟାଙ୍କ ଅଫ କମର୍ସ, ୟୁନାଇଟେଡ ବ୍ୟାଙ୍କ ଅଫ ଇଣ୍ଡିଆ ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ ସହ ମିଶିଯିବ। ସିଣ୍ଡିକେଟ ବ୍ୟାଙ୍କ କାନାଡା ବ୍ୟାଙ୍କ ସହ ମିଶିବାକୁ ଥିବା ବେଳେ ଆଲ୍ଲାହାବାଦ ବ୍ୟାଙ୍କ ଇଣ୍ଡିଆନ୍ ବ୍ୟାଙ୍କ ଏକତ୍ର ହେବେ। ଏହବାଦ ଆନ୍ଧ୍ର ବ୍ୟାଙ୍କ ଏବଂ କର୍ପୋରେଶନ ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆ ସହ ମିଶିଯିବ। ଏହି ନିଷ୍ପତ୍ତି ଫଳରେ ପହିଲାରୁ ଓରିଏଣ୍ଟାଲ ବ୍ୟାଙ୍କ ଅଫ କମର୍ସ, ୟୁନାଇଟେଡ ବ୍ୟାଙ୍କ ଅଫ ଇଣ୍ଡିଆ ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ ଭାବେ କାର୍ଯ୍ୟ କରିବ। ସେହିଭଳି ଅନ୍ୟ ବ୍ୟାଙ୍କଗୁଡ଼ିକ ମିଶିଥିବା ନିର୍ଦ୍ଦିଷ୍ଟ ବ୍ୟାଙ୍କ ଶାଖା ଭାବେ କାମ କରିବେ ବୋଲି ଆର୍‌ବିଆଇ ପକ୍ଷରୁ ସୂଚନା ରହିଛି।

## ଖୋଲା ରହିବ ସବୁ ବ୍ୟାଙ୍କ ଶାଖା




**ନୂଆଦିଲ୍ଲୀ, ୨୯। ୩:** ଲକ୍‌ଡାଉନ ସମୟରେ ସବୁ ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡ଼ିକର ଶାଖା ଖୋଲାରହିବ। ବ୍ୟାଙ୍କିଙ୍ଗ ସେବାରେ ଲୋକମାନଙ୍କୁ ଯେଭଳି କୌଣସି ଅସୁବିଧା ନ ଆସେ ସେ ଦିଗରେ ସରକାର ପଦକ୍ଷେପ ଗ୍ରହଣ କରିଛନ୍ତି। ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ବ୍ୟାଙ୍କିଙ୍ଗ ସଂକ୍ରାନ୍ତ ବିଭିନ୍ନ ପ୍ରସଙ୍ଗ ଉପରେ ସମସ୍ତ ବ୍ୟାଙ୍କ ଏମ୍‌ଡି ତଥା ସିଇଓଙ୍କ ସହ ଶନିବାର ଆଲୋଚନା କରିଛନ୍ତି। ବର୍ତ୍ତମାନର କଠିନ ସମୟରେ ବ୍ୟାଙ୍କଗୁଡ଼ିକର ଯୋଗଦାନକୁ ସୀତାରାମନ ଶନିବାର ଟୁଇଟ ଯୋଗେ ପ୍ରଶଂସା କରିଥିଲେ। ଅର୍ଥମନ୍ତ୍ରୀଙ୍କ ସହ ଭର୍ଚୁଆଲ ବୈଠକରେ ଆର୍ଥିକ ସେବା ସଚିବ ଦେବାଶିଷ ପଣ୍ଡା, ଯୁଗ୍ମ ସଚିବ ମଦନେସ କୁମାର ମିଶ୍ର ଏବଂ ଆର୍ଥିକ ସେବା ବିଭାଗର ସୁଚୀନ୍ଦ୍ର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

ବ୍ୟାଙ୍କଗୁଡ଼ିକର ସମସ୍ତ ଶାଖା ଏବଂ ଏଟିଏମ୍ ଖୋଲା ରଖିବାକୁ ସୀତାରାମନ ବ୍ୟାଙ୍କ ମୁଖ୍ୟଙ୍କୁ ପରାମର୍ଶ ଦେଇଛନ୍ତି। ବ୍ୟାଙ୍କ ଅଧିକାରୀ ଏବଂ କର୍ମଚାରୀମାନେ ଲକ୍‌ଡାଉନ ସମୟରେ ଯେଭଳି କୌଣସି ସାମ୍ନା ନ କରନ୍ତି ସେ ନେଇ ସ୍ଥାନୀୟ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରି ସମସ୍ତ ବ୍ୟବସ୍ଥା କରାଇନେବାକୁ କୁହାଯାଇଛି। ଶୁକ୍ରବାର ସାରା ଦେଶରେ ୧.୦୫ ଲକ୍ଷ ବ୍ୟାଙ୍କ ଶାଖା ଖୋଲା ରହିଥିଲା। ଶନିବାର ଏବଂ ରବିବାର ବ୍ୟାଙ୍କ ବନ୍ଦ ରହିଛି। ଲୋକମାନେ ନେଟବ୍ୟାଙ୍କିଙ୍ଗ, ଡିଜିଟାଲ ବ୍ୟାଙ୍କିଙ୍ଗ ଭଳି ଡିଜିଟାଲ ନେଣଦେଣକୁ ଗ୍ରହଣ କରିବା, ଆବଶ୍ୟକ ନ ହେଲେ ଶାଖାକୁ ନ ଆସିବାକୁ ଅର୍ଥମନ୍ତ୍ରୀ ଲୋକମାନଙ୍କୁ ନିବେଦନ କରିଛନ୍ତି।

CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

FINANCE FINANCE

ଘରେ ବସି ସମସ୍ତ ପ୍ରକାର ଋଣ ପାଆନ୍ତୁ
ମୁଦ୍ରା ଯୋଜନା
କେବଳ ଆଧାର କାର୍ଡ ଉପରେ ୧୦ ଲକ୍ଷ ପର୍ଯ୍ୟନ୍ତ ଋଣ
୧% ସୁଧ ୫୦% ଛାଡ଼
ବିଜିନେସ୍ ଋଣ
ସମ୍ପତ୍ତି ଋଣ
ମାର୍କଶିଟ୍ ଋଣ
ଆଧାର କାର୍ଡ ଋଣ
ବ୍ୟକ୍ତିଗତ ଋଣ
ବିପିଏଲ୍ ଋଣ
ଇତ୍ୟାଦି ସମସ୍ତ ଋଣ
ଏଟିଏମ୍ କାର୍ଡ ଓ ପାସ୍‌ବୁକ୍ ଉପରେ ମଧ୍ୟ ଋଣ ଉପଲବ୍ଧ
ବିଶ୍ୱାସ ଆପଣଙ୍କର, ସହଯୋଗ ଆମର
କର୍ମଚାରୀ/ ମହିଳାମାନଙ୍କ ପାଇଁ ବିଶେଷ ଅଫର
08765414481, 09126344980

HINDUSTAN FINANCE LIMITED
(Reg. No. 3367)
(ଖର୍ଚ୍ଚ ଲୋନ ପାସ୍ ହେଲା ପରେ)
୧୯୪୧ ରୁ ଆପଙ୍କର ସେବାରେ
ମାର୍କସିଟ, ପର୍ସନାଲ, ସମ୍ପତି, BPL, IIT ଭତ୍ତା, କୁକୁଡାପାଳନ, ଇତ୍ୟାଦି ସମସ୍ତ ଋଣ ମାତ୍ର ୨୪ ଘଣ୍ଟାରେ ଘରେ ବସି ପାଆନ୍ତୁ।
2% ସୁଧ ଏବଂ 40% ଛାଡ
ଧୋକାବାଜ୍ ଙ୍କୁ ସାବଧାନ, ଧୋକା ଖାଇଥିବା ଅବଶ୍ୟ କଲ କରନ୍ତୁ
2th floor, Krishna Reddy, Mumbai, Maharastra
8480089848

ପଇସା ଆମର ସଫଳତା ଆପଣଙ୍କର
(ଲକ୍ଷ ଲକ୍ଷ ଲୋକଙ୍କ ଭରସା)
ଏକ୍ସା ଫାଇନାନ୍ସ
ଇ-ମେଲ୍ ଆଇଡି: axafinance051@gmail.com
କାମ ଆମର, ବିଶ୍ୱାସ ଆପଣଙ୍କର
ଜନଧନ ମୁଦ୍ରା ଯୋଜନା ଦ୍ୱାରା
ସବୁ ଋଣ
ଋଣ ପାଆନ୍ତୁ, ଭବିଷ୍ୟତ ଉଜ୍ଜ୍ୱଳ କରନ୍ତୁ
• ପ୍ରପର୍ଟି ଋଣ • ବ୍ୟବସାୟ ଋଣ • ମାର୍କଶିଟ୍ ଋଣ • ଆଧାର କାର୍ଡ ଋଣ • ପର୍ସନାଲ ଋଣ • ବିପିଏଲ୍ ଋଣ
1% ସୁଧ 50% ଛାଡ଼
ମହିଳା/ସୈନିକ/ଚାଷୀ/ବିଦ୍ୟାର୍ଥୀଙ୍କୁ ବିଶେଷ ରିହାତି
8766320840
7982465910

VINOYANA FINANCE
VINOYANA FINANCE ସବୁପ୍ରକାର LOAN 2% ସୁଧରେ ସହଜ କିସ୍ତିରେ ଘରେ ବସି ପାଆନ୍ତୁ ପର୍ସନାଲ, ପ୍ରପର୍ଟି, ବ୍ୟବସାୟ, କୃଷି, ଗୃହ, ମାର୍କଶିଟ୍, ପଶୁପାଳନ ଓ ଗୃପ୍ ଋଣ।
7657025084
8658458039
7657027331
GANGANAN, CHHEPILIPALI, DEBAGARH

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ALL EDITION - B/W (Every Day)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

## ସଂକ୍ଷେପରେ

### ଋଷିକୁଲ୍ୟା ମୁହାଣରେ ମଲା କଇଁଛ



ଗଞ୍ଜାମ,୨୯।୩(ଡି.ଏନ.ଏ.): ଗଞ୍ଜାମ ଜିଲା ପୁରୁଣାବନ୍ଧ ଗ୍ରାମ ନିକଟସ୍ଥ ଋଷିକୁଲ୍ୟା ମୁହାଣ ବେଳାଭୂମିରେ ବର୍ତ୍ତମାନ ଅଲିଭ ରିଡ୍‌ଲେଙ୍କ ଗଣ ଅଣ୍ଡାଦାନ ପ୍ରକ୍ରିୟା ଚାଲିଛି। ଏଭଳି ସମୟରେ ରବିବାର ସେଠାରେ ଗୋଟିଏ ମଲା କଇଁଛ ପଡ଼ିଥିବା ଦେଖିବାକୁ ମିଳିଛି। ଏ ନେଇ ବନ ବିଭାଗ ପାଖରେ ଖବର ନ ଥିବାରୁ କଇଁଛଟି କିପରି ମରିଛି ତାହା ଜଣାପଡୁନାହିଁ।

### ବେଙ୍ଗାଲୁରୁରେ ଫସିଛନ୍ତି ୨୪ ଓଡ଼ିଆ ଶ୍ରମିକ

ଦିଗପହଣ୍ଡି, ୨୯।୩(ଡି.ଏନ.ଏ.): କରୋନା ପାଇଁ ସାରା ଦେଶରେ ଲକ୍‌ଡାଉନ୍ ଟ୍ରେନ ସମେତ ସରକାରୀ ବେସରକାରୀ ଗାଡି ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ। ଏଭଳି ସ୍ଥିତିରେ ବେଙ୍ଗାଲୁରୁରେ ଫସିଛନ୍ତି ଗଞ୍ଜାମ ଜିଲା ଦିଗପହଣ୍ଡି ବ୍ଲକ ଭ୍ରମରପୁର ପଞ୍ଚାୟତ ଅଧୀନ ବିଭିନ୍ନ ଗାଁର ୨୪ ଶ୍ରମିକ। ସେମାନେ ୫ ଦିନ ଧରି ଭୋକ ଉପାସରେ ଦିନ କାଟୁଥିବା ରବିବାର ସକାଳେ ଫୋନ ଯୋଗେ କେତେଜଣ ସେମାନଙ୍କ ପରିବାର ଲୋକଙ୍କୁ ଜଣାଇଛନ୍ତି। ସମସ୍ତଙ୍କୁ ଫେରାଇ ଆଣିବାରେ ହସ୍ତକ୍ଷେପ କରିବାକୁ ସିପିଆଇ (ଏମ୍) ଗଞ୍ଜାମ ଜିଲା ସମ୍ପାଦକ କୈଳାସ ଷଡ଼ଙ୍ଗୀ ଦିଗପହଣ୍ଡି ବିଧାୟକ ତଥା ବାଚସ୍ପତି ଡ଼.ସୂର୍ଯ୍ୟନାରାୟଣ ପାତ୍ରଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ବାହାରେ ଫସି ରହିଥିବା ଶ୍ରମିକମାନଙ୍କୁ ଖୁବଶୀଘ୍ର ଓଡ଼ିଶା ଫେରାଇ ଆଣିବା ପାଇଁ ପଦକ୍ଷେପ ନିଆଯିବ ବୋଲି ବାଚସ୍ପତି ପ୍ରତିଶ୍ରୁତି ଦେଇଛନ୍ତି।

### ୯ ଯାଯାବର ପରିବାରଙ୍କୁ ଥାନାଧିକାରୀ ଦେଲେ ଖାଦ୍ୟ

ସୋରଡ଼ା,୨୯।୩(ଡି.ଏନ.ଏ.): ମହାରାଷ୍ଟ୍ରର ୯ ପରିବାର ସୋରଡା ନୂଆ ବସ୍‌ଷ୍ଟାଣ୍ଡ ନିକଟରେ ୩/୪ ମାସ ହେଲା ତମ୍ବୁ ଟାଣି ରହୁଛନ୍ତି। ୪୫ ସଦସ୍ୟ ବିଶିଷ୍ଟ ଏହି ଦଳର ମୁଖ୍ୟମାନେ ବିଭିନ୍ନ ଅଞ୍ଚଳ ବୁଲି ଜଡ଼ିବୁଟି ଔଷଧ ବିକ୍ରୟ କରିଥାନ୍ତି। ଲକ୍‌ଡାଉନ ପରେ ଏମାନେ କେଉଁଆଡ଼େ ଯାଇପାରୁ ନାହାନ୍ତି। ଫଳରେ ଏମାନଙ୍କ ଚଳିବା କଷ୍ଟକର ହୋଇଛି। ରବିବାର ଅପରାହ୍ନରେ ଥାନାଧିକାରୀ ରମେଶ କୁମାର ପ୍ରଧାନ ପହଞ୍ଚି ସେମାନଙ୍କୁ ଚାଉଳ, ଡାଲି ପ୍ରଦାନ କରିଛନ୍ତି । ଛୋଟ ପିଲାମାନଙ୍କ ପାଇଁ ମଧ ଖାଦ୍ୟ ବ୍ୟବସ୍ଥା କରାଯାଇଛି।

### ବ୍ରତପନୋୟନ ବନ୍ଦ କଲା ପୋଲିସ

ଭଞ୍ଜନଗର,୨୯।୩(ଡି.ଏନ.ଏ): କରୋନା ଭୂତାଣୁ ଭୟାବହତାକୁ ବିବାହ, ବ୍ରତ ଆଦି କାର୍ଯ୍ୟକ୍ରମ ନ କରିବାକୁ କଡ଼ା ନିର୍ଦ୍ଦେଶ ରହିଛି। ଏଭଳି ସ୍ଥିତିରେ ଭଞ୍ଜନଗର ଥାନା ଅନ୍ତର୍ଗତ ବଡ଼ପଡ଼ା ପଞ୍ଚାୟତରେ ଏକ ବ୍ରତୋପନୟନ କାର୍ଯ୍ୟକ୍ରମ ରବିବାର ଆୟୋଜନ କରାଯାଉଥିଲା । ପୋଲିସ ଏହି ଖବର ପାଇ ସେଠାରେ ପହଞ୍ଚି ବୁଝାଶୁଝା କରିବା ପରେ ଉକ୍ତ କାର୍ଯ୍ୟକ୍ରମ ବନ୍ଦ ହୋଇଥିଲା ।

# ବନ୍ଦ ରହିବ ବାଲାଜୀପେଣ୍ଠ ସାହି ଦଣ୍ଡଯାତ୍ରା

- ପ୍ରଶାସନର ନିର୍ଦ୍ଦେଶକୁ ମନ୍ଦିର ପରିଚାଳନା କମିଟିର ସମ୍ମତି
- ଦଣ୍ଡଯାତ୍ରା ବନ୍ଦ ପାଇଁ ଲଗାଇଲା ନୋଟିସ
- ବିନା ଢୋଲ, ବାଦ୍ୟରେ ପୂଜାର୍ଚ୍ଚନା ନିଷ୍ପତ୍ତି

ବ୍ରହ୍ମପୁର ଅଫିସ,୨୯।୩

କରୋନା ଭାଇରସ୍ ସଂକ୍ରମଣର ପ୍ରତିରୋଧ ପାଇଁ ଗଞ୍ଜାମ ଜିଲା ପ୍ରଶାସନ ପକ୍ଷରୁ ଜିଲାର ଦଣ୍ଡନାଚ ଉପରେ ରୋକ ଲଗାଯାଇଛି। ପ୍ରଶାସନ ନିର୍ଦ୍ଦେଶକୁ ସମ୍ମାନ ଜଣାଇ ଏପ୍ରିଲ ୧ରୁ ଆରମ୍ଭ ହେବାକୁ ଥିବା ପାଣିଗ୍ରାହୀପେଣ୍ଠ ସାହି ଦଣ୍ଡକାଳୀ ମନ୍ଦିର ପକ୍ଷରୁ ଆୟୋଜିତ ହେବାକୁ ଥିବା ୧୩ ଦିନିଆ ଦଣ୍ଡଯାତ୍ରା ସ୍ଥଗିତ ରଖାଯାଇଛି। ଏନେଇ ପରିଚାଳନା କମିଟି ପକ୍ଷରୁ ମନ୍ଦିର କାନ୍ଥରେ ନୋଟିସ ଲଗାଯାଇଛି । କରୋନା ଭାଇରସ୍ ସଂକ୍ରମଣ ଆଶଙ୍କାକୁ ନେଇ ଜିଲା ପ୍ରଶାସନର ନିର୍ଦ୍ଦେଶନାମା ଅନୁଯାୟୀ, କେବଳ ମନ୍ଦିରରେ ବିଧି ଅନୁସାରେ ପୂଜା କରାଯିବାକୁ ନେଇ ପରିଚାଳନା କମିଟି ପକ୍ଷରୁ କୁହାଯାଇଛି ।

ଗଞ୍ଜାମର ପୁରାତନ ପରମ୍ପରା ମଧ୍ୟରେ ଦଣ୍ଡଯାତ୍ରା ଅନ୍ୟତମ। ଏଥିରେ ହଜାର ହଜାର ସଂଖ୍ୟାରେ ଦଣ୍ଡୁଆ ସାମିଲ ହୋଇଥାନ୍ତି। ଚଳିତ ବର୍ଷ କରୋନା ସଂକ୍ରମଣର ଭୟାବହତାକୁ ଦୃଷ୍ଟିରେ ରଖି ଭିଡ ଏଡାଇବା ପାଇଁ ଏହାକୁ ବନ୍ଦ କରିବାକୁ ପ୍ରଶାସନ ନିର୍ଦ୍ଦେଶନାମା ଜାରି କରିଛି। ପ୍ରଶାସନର ନିର୍ଦ୍ଦେଶ ପ୍ରକାରେ କେବଳ ବିଧି ଅନୁଯାୟୀ ବିନା ଢୋଲରେ ମନ୍ଦିରରେ ୧୩ ଦିନ ପୂଜା କରାଯିବ। ମାନସିକଧାରୀ ଦଣ୍ଡୁଆ ତଥା ଦଣ୍ଡଯାତ୍ରାରେ ସାମିଲ ହେଉଥିବା ଭକ୍ତମାନେ ଘରେ ରହି ୧୩ ଦିନ ଧରି ବିଧି ପାଳିବାକୁ କୁହାଯାଇଛି। ଏନେଇ ମନ୍ଦିର କାନ୍ଥରେ ନୋଟିସ ମଧ୍ୟ ଜାରି କରାଯାଇଥିବା ପରିଚାଳନା କମିଟି ଆଇନ ପରାମର୍ଶଦାତା କୃଷ୍ଣ ଚନ୍ଦ୍ର ସାହୁ ସୂଚନା ଦେଇଛନ୍ତି ।



ମନ୍ଦିରରେ ଲାଗିଥିବା ପରିଚାଳନା କମିଟି ନୋଟିସ ।

# ଏମ୍‌ପି ଲାଡରୁ ଅଢ଼େଇ କୋଟି ଦେଲେ ଅଚ୍ୟୁତ

ଭଞ୍ଜନଗର,୨୯।୩(ଡି.ଏନ.ଏ.)

କନ୍ଧମାଳ ଏମ୍‌ପି ଅଚ୍ୟୁତ ସାମନ୍ତ କରୋନା ମୁକାବିଲା ପାଇଁ ଏମ୍‌ପି ଲାଡରୁ ଅଢ଼େଇ କୋଟି ଟଙ୍କା ଅନୁମୋଦନ କରିଛନ୍ତି। ଏହି ଅର୍ଥରୁ କନ୍ଧମାଳକୁ ୧ କୋଟି ୧୦ଲକ୍ଷ, ବୌଦ୍ଧକୁ ୭୦ ଲକ୍ଷ, ଗଞ୍ଜାମକୁ ୩୫ ଲକ୍ଷ ଓ ନୟାଗଡ଼ ଜିଲାକୁ ୩୫ ଲକ୍ଷ ଟଙ୍କା ଅନୁମୋଦନ କରିଥିବା ସମ୍ପୃକ୍ତ ଜିଲାର ଜିଲାପାଳମାନଙ୍କୁ ଚିଠି ଲେଖିଛନ୍ତି। ଏହା ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ବିନିଯୋଗ ହେବ ବୋଲି ରବିବାର ସେ ଟୁଇଟର ମାଧ୍ୟମରେ ଜଣାଇଛନ୍ତି । ଏଥିସହ ୩ ମାସର ଦରମା ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିକୁ ଦାନ କରିଛନ୍ତି। ଅନ୍ୟ ସମସ୍ତ ଏମ୍‌ପି ଓ ବିଧାୟକମାନେ ଏହି ସମୟରେ ସହଯୋଗର ହାତ ବଢ଼ାଇବାକୁ ସେ ନିବେଦନ କରିଛନ୍ତି ।

# ଲକ୍‌ଡାଉନ୍ ନ ମାନିଲେ କାର୍ଯ୍ୟାନୁଷ୍ଠାନ

ଦାରିଙ୍ଗବାଡ଼ି,୨୯।୩(ଡି.ଏନ୍.ଏ.)

କରୋନା ସଂକ୍ରମଣ ରୋକିବା ନେଇ ସରକାର ଲକ୍‌ଡାଉନ ଘୋଷଣା କରିଛନ୍ତି। ଦାରିଙ୍ଗବାଡ଼ି ଏବଂ ବ୍ରାହ୍ମଣୀଗାଁ ଥାନା ଅଞ୍ଚଳରେ ପୋଲିସ ପକ୍ଷରୁ ପାଟ୍ରୋଲିଂ କଡାକଡି ସହ ୨ ଥାନା ପୋଲିସ ଏବେ କଠୋର ହୋଇପଡିଛି। ଯେଉଁଠି ନିୟମ ଖିଲାଫ ହେଉଛି ସେଠି ପୋଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ ସହ କେତେକ ସ୍ଥାନରେ ଭିନ୍ନ ଢଙ୍ଗରେ ପଦକ୍ଷେପ ନେଉଛି। 'ଅମାନିଆ ଗ୍ୟାଙ୍ଗ' ଲେଖାଥିବା ଏକ ପୋଷ୍ଟର କରି ସେମାନଙ୍କୁ ଠିଆ କରାଯାଉଛି। ସେହିପରି ସେମାନଙ୍କ ଗାଡ଼ି ସହ ଚାଳକଙ୍କୁ 'ହିନସ୍ତିଆ ଗାଡ଼ି' ଲେଖାଥିବା ପୋଷ୍ଟର ସମ୍ମୁଖରେ ଠିଆକରି ଫଟୋ ଉଠାଇ ସୋସିଆଲ ମିଡିଆରେ ଛାଡୁଛି। ଯେଉଁମାନେ ଏସବୁ ପରେ ମଧ୍ୟ ବାହାରେ ବୁଲୁଛନ୍ତି ସେମାନଙ୍କୁ ଗିରଫ କରାଯାଉଛି। ଦାରିଙ୍ଗବାଡ଼ି କିରିକୁଟି ଅଞ୍ଚଳରେ ଏଭଳି ବୁଲୁଥିବା ୪ଜଣଙ୍କୁ ଗିରଫ କରାଯାଇଛି । ସେମାନେ ହେଲେ ଶ୍ରୀକାନ୍ତ ନାୟକ, ରମେଶ ନାୟକ, ନିଳାଶ ମାଝୀ ଓ ପବିତ୍ର ଦଣ୍ଡସେନା।

# ବିଶାଖାପାଟଣାରୁ ଛତ୍ରପୁର ଚାଲିଲେ ୨ ଶ୍ରମିକ


ଚାଲିଚାଲି ଆସିଥିବା ଦୁଇ ଶ୍ରମିକ ।

### ଘରକୁ ପଠାଇଲା ଗଞ୍ଜାମ ଜିଲା ପ୍ରଶାସନ

ଛତ୍ରପୁର,୨୯।୩(ଡି.ଏନ.ଏ)

ଲକ୍‌ଡାଉନ ଯୋଗୁ ଆନ୍ଧ୍ରପ୍ରଦେଶର ବିଶାଖାପାଟଣାରେ ଫସିଥିବା ଖୋର୍ଦ୍ଧା ଜିଲାର ୨ ଶ୍ରମିକ ଚାଲି ଚାଲି ଆସି ଗଞ୍ଜାମ ଜିଲା ଛତ୍ରପୁରରେ ପହଞ୍ଚିଥିଲେ। ଗଞ୍ଜାମ ଜିଲା ପ୍ରଶାସନ ପକ୍ଷରୁ ଉଭୟଙ୍କୁ ସେମାନଙ୍କ ଘରକୁ ପଠାଯିବା ବ୍ୟବସ୍ଥା କରାଯାଇଛି। ଶ୍ରମିକଦ୍ୱୟ ହେଲେ ଖୋର୍ଦ୍ଧା ଜିଲା ଟାଙ୍ଗୀ ନିକଟ ଗୋପାଳପ୍ରସାଦର ଶଙ୍କର ବେହେରା (୨୯) ଓ ବୋଲଗଡ଼ ନିକଟ ସାନକୁମାରୀର ରଞ୍ଜନ କୁମାର ଖଣ୍ଡାଇ (୪୪) । ଏମାନେ ବିଶାଖାପାଟଣାରେ ଏକ କନଷ୍ଟ୍ରକ୍ସନ କମ୍ପାନୀରେ ଶ୍ରମିକ ଭାବେ କାମ କରୁଥିଲେ । କରୋନା ଭୟାବହତା ଯୋଗୁ କାମ ବନ୍ଦ ହୋଇଥିବାରୁ ଉଭୟେ ସେଠାରୁ ଚାଲି ଚାଲି ଆନ୍ଧ୍ର ସୀମା ପାର କରି ଛତ୍ରପୁର ଆସିଥିଲେ। ଗଞ୍ଜାମ ଏସ୍‌ପିଙ୍କ କାର୍ଯ୍ୟାଳୟକୁ ଯାଇ ସେମାନେ ସହାୟତା ମାଗିଥିଲେ। ଏହାପରେ ଡିଏସ୍‌ପି ଅଜୟ ମିଶ୍ର ଏ ସମ୍ପର୍କରେ ଛତ୍ରପୁର ହସ୍ପିଟାଲକୁ ଜଣାଇଥିଲେ। ଛତ୍ରପୁର ହସ୍ପିଟାଲରେ ଉକ୍ତ ୨ ଶ୍ରମିକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ଘରେ ୧୪ ଦିନ ପାଇଁ କ୍ୱାରାଣ୍ଟାଇନ୍‌ରେ ରହିବାକୁ ପରାମର୍ଶ ଦିଆଯାଇଥିଲା। ଶ୍ରମିକଦ୍ୱୟଙ୍କୁ ସେମାନଙ୍କ ଘରକୁ ପଠାଇବା ପାଇଁ ଗଞ୍ଜାମ ଆରଟିଓ ସଞ୍ଜୟ ବିଶ୍ୱାଳ ଏକ ଗାଡି ବ୍ୟବସ୍ଥା କରିଥିଲେ।

# ମାନିଲେନି କଟକଣା: ୩୫୩ ଜଣଙ୍କ ନାଁରେ ମାମଲା

ଛତ୍ରପୁର,୨୯।୩(ଡି.ଏନ.ଏ.)

ସରକାରଙ୍କ ପକ୍ଷରୁ ଜାରି ହୋଇଥିବା କୋଭିଡ-୧୯ ଗାଇଡ୍‌ଲାଇନ୍ ଓ ଜିଲାପାଳଙ୍କ ନିର୍ଦ୍ଦେଶନାମାକୁ ଉଲ୍ଲଂଘନ କରିବା ଅଭିଯୋଗରେ ବର୍ତ୍ତମାନ ସୁଦ୍ଧା ଗଞ୍ଜାମ ପୋଲିସ ଜିଲାର ବିଭିନ୍ନ ଥାନା ପକ୍ଷରୁ ମୋଟ ୧୬୦ ମାମଲା ରୁଜୁ କରାଯାଇଛି। ଏଥିରେ ୩୫୩ ଜଣଙ୍କ ନାଁ ରହିଛି । ଏମାନଙ୍କ ବିରୋଧରେ ଆଇନ୍ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସୂଚନା ମିଳିଛି।

# ବଳି ଯୋଜନା ବନ୍ଦ କଲା ପ୍ରଶାସନ

ଦିଗପହଣ୍ଡି,୨୯।୩(ଡି.ଏନ.ଏ.)

ଦିଗପହଣ୍ଡି ବ୍ଲକ ଫାସିଗୁଡ଼ା ପଞ୍ଚାୟତ ଜକମେରୀପଲ୍ଲୀ ଗାଁରେ କେତେଜଣ ବ୍ୟକ୍ତି ସେମାନଙ୍କ ଶିଶୁଙ୍କ ମୁଣ୍ଡନ ଉତ୍ସବରେ ଗାଁ ଠାକୁରାଣୀ ମନ୍ଦିରରେ ପ୍ରାୟ ୩୦ ଛେଳି ବଳି ଦେବାକୁ ରବିବାର ଯୋଜନା କରିଥିଲେ। ଶନିବାର ରାତି ପ୍ରାୟ ସାଢ଼େ ୧୧ ଟାରେ ଦିଗପହଣ୍ଡି ତହସିଲଦାର ଅଦ୍ୱୈତ କୁମାର ସ୍ୱାଇଁ, ବିଡିଓ ହଳଧର ଶବର ଓ ଆଇଆଇସି ବସନ୍ତ କୁମାର ସେଠୀ ଗାଁରେ ପହଞ୍ଚି ସମ୍ପୃକ୍ତ ପରିବାରର ମୁଖିଆଙ୍କୁ ବୁଝାଶୁଝା କରିଥିଲେ। କିଛି ବ୍ୟକ୍ତି ଏଥିରେ ରାଜି ହୋଇ ନ ଥିଲେ। ଗାଁରେ ଏନେଇ ଚାପା ଉତ୍ତେଜନା ପ୍ରକାଶ ପାଇଥିଲା। ରାତି ପ୍ରାୟ ସାଢ଼େ ୧ ଟାରେ ଆଲୋଚନା ପରେ ଗାଁ ମୁଖିଆମାନେ ବଳି ଓ ମୁଣ୍ଡନ ଉତ୍ସବ ବନ୍ଦ କରିବାକୁ ପୋଲିସ ଓ ପ୍ରଶାସନକୁ ଲିଖିତ ଦେଇଥିବା ତହସିଲଦାର କହିଛନ୍ତି।

# ଆନ୍ଧ୍ରରେ ଫସିଛନ୍ତି ଗଞ୍ଜାମର ୪୦ ପରିବାର


ପରିବାର ସଦସ୍ୟଙ୍କ ସହ ଶ୍ରମିକମାନେ।

ଛତ୍ରପୁର,୨୯।୩(ଡି.ଏନ୍.ଏ.)

ଆନ୍ଧ୍ରପ୍ରଦେଶ କ୍ରିଷ୍ଣା ଜିଲା ଚିକାଭରମରେ ଗଞ୍ଜାମ ଜିଲାର ୧୫୦ ଜଣ ଫସି ରହିଛନ୍ତି। ଉଦ୍ଧାର କରି ଘରକୁ ଫେରାଇ ଆଣିବା ସହ ଖାଇବାକୁ ଦେବାକୁ ସେମାନେ ନିବେଦନ କରିଛନ୍ତି। ଏନେଇ ଏକ ଭିଡିଓ କ୍ଲିପିଂ କରି ସେମାନେ ବିଭିନ୍ନ ସାମାଜିକ ଗଣମାଧ୍ୟମରେ ଛାଡିଛନ୍ତି। ଏଥିସହ ଛତ୍ରପୁର ଧରିତ୍ରୀ ଫଟୋ ସାମ୍ବାଦିକଙ୍କ ନିକଟକୁ ଏହି କ୍ଲିପିଂ ମଧ୍ୟ ଆସିଛି। ଏ ସମ୍ପର୍କରେ ଖବର ପ୍ରକାଶ କରି ପ୍ରଶାସନ ଓ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବାକୁ ଅନୁରୋଧ କରାଯାଇଛି। ଛତ୍ରପୁର ବ୍ଲକ ଅଧୀନ ଚିକଲଖଣ୍ଡି ଓ ଭିକାରିପଲି ଏବଂ କବିସୂର୍ଯ୍ୟନଗର ବ୍ଲକ ଗୁଡିଆଲି ଅଞ୍ଚଳର ୪୦ ଶ୍ରମିକ ପରିବାର ନେଇ ଦାଦନ ଖଟିବାକୁ ଆନ୍ଧ୍ର ଚିକାଭରମ୍ ଅଞ୍ଚଳକୁ ଯାଇଥିଲେ। ସେଠାରେ ଥିବା ଏକ ପ୍ରାଇଭେଟ ଲିମିଟେଡ୍ କମ୍ପାନୀରେ କାମ କରୁଥିଲେ। କରୋନା ପାଇଁ ସୂତାକଳ ବନ୍ଦ ହୋଇଯାଇଛି। ବାହାରକୁ ଗଲେ ପୋଲିସ ପିଟୁଛି ବୋଲି ଏମାନେ ଉକ୍ତ ଭିଡିଓରେ କହିଛନ୍ତି।

# ବାହାରୁ ଆସିଥିବା ୫ ମହିଳା ସ୍ୱାସ୍ଥ୍ୟକେନ୍ଦ୍ରରେ

ଛତ୍ରପୁର,୨୯।୩(ଡି.ଏନ.ଏ.)

ବାହାରୁ ଆସିଥିବା ୫ ମହିଳାଙ୍କୁ ରବିବାର ଛତ୍ରପୁର ବ୍ଲକର ମୁନିଷିପେଣ୍ଠ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରଖାଯାଇଛି। ସେମାନେ ଭୁବନେଶ୍ୱରରୁ ଆସିଥିବା କହୁଛନ୍ତି। ହେଲେ ଏହାର ସତ୍ୟତା ଜଣାପଡି ନ ଥିବାରୁ ଡାକ୍ତରଙ୍କ ଅବଜରଭେଶନରେ ରଖାଯାଇଛି । ପ୍ରଶାସନ ପକ୍ଷରୁ ସମ୍ପୃକ୍ତ ମହିଳାମାନଙ୍କ ଖାଦ୍ୟ ବ୍ୟବସ୍ଥା କରାଯାଇଛି। ସ୍ୱାସ୍ଥ୍ୟକେନ୍ଦ୍ରରୁ ସେମାନଙ୍କୁ ପୋଟଲାମପୁର ପଞ୍ଚାୟତରେ ଖୋଲାଯାଇଥିବା ଆଇସୋଲେଶନ ସେଣ୍ଟ୍‌କୁ ପଠାଯିବ ବୋଲି ଜଣାପଡିଛି। ସୂଚନାଯୋଗ୍ୟ, କେତେଜଣ ମହିଳା ଓ ପୁରୁଷ ଚାଲି ଚାଲି ଛତ୍ରପୁର ବ୍ଲକ ପୋଟଲାମପୁର ପଞ୍ଚାୟତର ହଂସପୁର ଓ ଗଙ୍ଗାପୁର ଗାଁକୁ ଆସୁଥିବା ଶନିବାର ରାତିରେ ବ୍ଲକ ପ୍ରଶାସନ ନିକଟରେ ଖବର ପହଞ୍ଚିଥିଲା। ଏହାପରେ ବ୍ଲକ ପ୍ରଶାସନ ଓ ସ୍ୱାସ୍ଥ୍ୟ ବିଭାଗର ଅଧିକାରୀ ଓ କର୍ମଚାରୀ ସଜାଗ ହୋଇଥିଲେ ।

# ସାମାଜିକ ଦୂରତ୍ୱ ନିୟମ ଉଲ୍ଲଂଘନ ଅଭିଯୋଗ

### ପାର୍କସାହିରେ ବେଆଇନ ମାର୍କେଟ ଉଚ୍ଛେଦ

ବ୍ରହ୍ମପୁର ଅଫିସ, ୨୯।୩

କରୋନା ମୁକାବିଲା ପାଇଁ ଜିଲା ପ୍ରଶାସନ ପକ୍ଷରୁ ଲକ୍ ଡାଉନ୍ ଜାରି ରହିଥିବା ବେଳେ ବିଭିନ୍ନ ସ୍ଥାନରେ ପ୍ରଶାସନର ନିୟମକୁ ଖୋଲା ଉଲ୍ଲଂଘନ ହେଉଥିବା ଅଭିଯୋଗ ହେଉଛି। ରବିବାର ପାର୍କସାହିରେ କେତେଜଣ ପରିବା, ମାଛ ବ୍ୟବସାୟୀ ପ୍ରଶାସନ ପକ୍ଷରୁ ଜାରି କରାଯାଇଥିବା ସାମାଜିକ ଦୂରତ୍ୱ ନିୟମ ଉଲ୍ଲଂଘନ କରିଥିବା ଅଭିଯୋଗ ହୋଇଥିଲା। ସ୍ଥାନୀୟ ଅଞ୍ଚଳବାସୀଙ୍କ ଅଭିଯୋଗ ପରେ ବ୍ରହ୍ମପୁର ମହାନଗର ନିଗମ ଏନ୍‌ଫୋର୍ସମେଣ୍ଟ ସ୍କ୍ୱାଡ୍ ପହଞ୍ଚି ପାର୍କସାହିରୁ ମାଛ ଓ ପରିବା ବ୍ୟବସାୟୀଙ୍କୁ ହଟାଇବା ସହ ସେମାନଙ୍କୁ ଅନ୍ୟତ୍ର ସ୍ଥାନାନ୍ତର କରିଥିଲା ।


ପାର୍କସାହିରେ ବେଆଇନ ମାର୍କେଟରେ ହୋଇଥିବା ଭିଡ ।

ସୂଚନା ପ୍ରକାରେ, କରୋନା ଭାଇରସ୍ ସଂକ୍ରମଣକୁ ରୋକିବାକୁ ନେଇ ଜିଲା ପ୍ରଶାସନ ପକ୍ଷରୁ ଲକ୍‌ଡାଉନ୍ ଜାରି ରହିଛି । ଏହି କ୍ରମରେ ମାର୍କେଟରେ ସାମାଜିକ ଦୂରତ୍ୱ ବଜାୟ ରଖିବାକୁ ବାଧ୍ୟତାମୂଳକ କରାଯାଇଛି। ଏଥିପାଇଁ ସହରରେ ଥିବା ସମସ୍ତ ଭେଣ୍ଡିଂଜୋନକୁ ବନ୍ଦ କରାଯାଇ ବିଏମ୍‌ସି ପକ୍ଷରୁ ପରିବା, ମାଛ ତଥା ଅତ୍ୟାବଶ୍ୟକ ସାମଗ୍ରୀ ବିକ୍ରି ପାଇଁ ସ୍ୱତନ୍ତ୍ର ସ୍ଥାନ ଚିହ୍ନଟ କରାଯାଇଛି । ଉକ୍ତ ସ୍ଥାନରେ ବିଏମ୍‌ସି ପକ୍ଷରୁ ବ୍ୟବସାୟୀ ଓ ଗ୍ରାହକଙ୍କ ମଧ୍ୟରେ ସାମାଜିକ ଦୂରତ୍ୱ ବଜାୟ ରଖିବାକୁ ସର୍କଲ ଚିହ୍ନ ଦିଆଯାଇଛି। ଏକ ମିଟର ଦୂରତାରେ ଚିତ୍ରିତ ସର୍କଲରେ ରହି ଜିନିଷ କିଣିବାକୁ ପ୍ରଶାସନର ନିର୍ଦ୍ଦେଶ ରହିଛି। ଏହାସତ୍ତ୍ୱେ ପାର୍କ ସାହିରେ ପ୍ରଶାସନର ଅନୁମତି ବିନା କେତେଜଣ ବ୍ୟବସାୟୀ ସେଠାରେ ପରିବା ଓ ମାଛ ବିକ୍ରି କରୁଥିବା ଦେଖିବାକୁ ମିଳିଥିଲା। ଏପରିକି ପ୍ରଶାସନର ସମାଜିକ ଦୂରତ୍ୱ ନିୟମକୁ ମଧ୍ୟ ବ୍ୟବସାୟୀ ଓ ଗ୍ରାହକ ଉଲ୍ଲଂଘନ କରୁଥିବା ଦେଖିବାକୁ ମିଳିଥିଲା। ଏନେଇ ସ୍ଥାନୀୟ ଅଞ୍ଚଳବାସୀ ବିଏମ୍‌ସି କର୍ତ୍ତୃପକ୍ଷଙ୍କ ନିକଟରେ ଅଭିଯୋଗ କରିଥିଲେ। ଏହାପରେ ବିଏମ୍‌ସିର ଏନ୍‌ଫୋର୍ସମେଣ୍ଟ ଅଫିସର ତରୁଣ କାନ୍ତଙ୍କ ନେତୃତ୍ୱରେ ଗଠିତ ଟିମ୍ ପହଞ୍ଚି ପାର୍କ ସାହିରୁ ଉଠା ବ୍ୟବସାୟୀଙ୍କୁ ହଟାଇବା ସହ ବିଏମ୍‌ସି ଦ୍ୱାରା ନିର୍ଦ୍ଧାରିତ ସ୍ଥାନକୁ ସେମାନଙ୍କୁ ସ୍ଥାନାନ୍ତର କରାଯାଇଥିଲା

# ୧୦ ବଖରା ଜଳିଗଲା

ବୁଗୁଡ଼ା/ରାଇକିଆ,୨୯।୩(ଡି.ଏନ୍.ଏ.)

ଗଞ୍ଜାମ ଓ କନ୍ଧମାଳ ଜିଲାରେ ଗତ ୨ ଦିନରେ ଅଗ୍ନିକାଣ୍ଡ ଘଟି ୧୦ ବଖରା ଜଳିଯାଇଛି। ଗଞ୍ଜାମ ଜିଲା ବୁଗୁଡ଼ା ଥାନା ପାଙ୍ଗିଡ଼ି ଗ୍ରାମରେ ରବିବାର ଅପରାହ୍ନରେ କୌଣସି କାରଣରୁ ଅଗ୍ନିକାଣ୍ଡ ଘଟି ୪ ପରିବାରର ୬ ବଖରା ଜଳି ଯାଇଛି। ଏଥିରେ ରେବତୀ ଡାକୁଆ, ବିପ୍ର ଚରଣ ଡାକୁଆ, ରଙ୍ଗା ଡାକୁଆ ଓ ଅପନ୍ନା ସାହୁ କ୍ଷତିଗ୍ରସ୍ତ ହୋଇଛନ୍ତି। ସେହିପରି କନ୍ଧମାଳ ଜିଲା ରାଇକିଆ ବ୍ଲକ ବଡ଼ବରବା ପଞ୍ଚାୟତ ଖଜୁରିଖମନ ଗ୍ରାମରେ ଶନିବାର ରାତି ପ୍ରାୟ ୧୧ଟାରେ ଅଗ୍ନିକାଣ୍ଡ ଘଟି ୪ ବଖରା ଜଳିଯାଇଛି। ଏଥିରେ ଗ୍ରାମର କନିଷ୍ଠ ମଲ୍ଲିକ, ରବି ମଲ୍ଲିକ, ନରେନ୍ଦ୍ର ମଲ୍ଲିକ ଓ ଅନୁରୋଧ ମଲ୍ଲିକ କ୍ଷତିଗ୍ରସ୍ତ ହୋଇଛନ୍ତି। ଧାନ, ଚାଉଳ, ମାଣ୍ଡିଆ ଏବଂ ନିତ୍ୟ ବ୍ୟବହୃତ ସାମଗ୍ରୀ ସହ ଆସବାବପତ୍ର ପୋଡ଼ି ନଷ୍ଟ ହୋଇଯାଇଛି ।

# ଖଣ୍ଡା ଚୋଟରେ ୨ ଆହତ

ଦିଗପହଣ୍ଡି,୨୯।୩(ଡି.ଏନ.ଏ.)

ଦିଗପହଣ୍ଡି ଥାନା ଜକମେରୀପଲ୍ଲୀ ଗାଁରେ ରବିବାର ଚୋରା ମଦ ବିକ୍ରିକୁ ବିରୋଧ କରିବାରୁ ଖଣ୍ଡା ଚୋଟରେ ୨ ଯୁବକ ଆହତ ହୋଇଛନ୍ତି। ସେମାନେ ହେଲେ ସନ୍ତୋଷ ନାୟକ ଓ ବିଶ୍ୱନାଥ ବେହେରା। ଉଭୟେ ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହୋଇଛନ୍ତି। ବିଶ୍ୱନାଥ ଡାକ୍ତରଖାନାରୁ ଫେରି ମଦ ବିକ୍ରେତାଙ୍କ ନାମରେ ଦିଗପହଣ୍ଡି ଥାନାରେ ଏତଲା ଦେଇଥିଲେ। ଅଭିଯୁକ୍ତଙ୍କୁ ପୋଲିସ ଅଟକ ରଖି ତଦନ୍ତ ଘଟଣାର ତଦନ୍ତ ଚଳାଇଛି।



# ପଥର ଖଣ୍ଡରୁ ମିଳିବ ପାଣିପାଗ ସୂଚନା

ମହାକାଶ ବିଷୟରେ ଅଧିକରୁ ଅଧିକ ତଥ୍ୟ ଜାଣିବା ପାଇଁ ବିଭିନ୍ନ ଦେଶର ମହାକାଶବିଜ୍ଞାନୀମାନେ ଚେଷ୍ଟା ଜାରି ରଖିଛନ୍ତି। ତେବେ ନିକଟରେ ଆମେରିକୀୟ ମହାକାଶ ଗବେଷଣା ସଂସ୍ଥା 'ନାସା'ର ମହାକାଶ ବିଶେଷଜ୍ଞମାନେ ଏକ ପଥରକୁ ଗବେଷଣା ପରିସରଭୁକ୍ତ କରି ନୂଆ ତଥ୍ୟ ପାଇଥିବା ବିଷୟରେ ସୂଚନା ଦେଇଛନ୍ତି। ପ୍ରକାଶିତ ରିପୋର୍ଟରେ ଉଲ୍ଲେଖ କରାଯାଇଛି ଯେ, ମଙ୍ଗଳଗ୍ରହରୁ ଏହି ପଥରଟି ମିଳିଛି। ଏହାକୁ ଆଧାର କରି ପାଣିପାଗ ବିଷୟରେ ଅନେକ ସୂଚନା ମିଳିପାରିବ। ତେବେ ମଙ୍ଗଳ ଗ୍ରହରେ ଏହି ପଥର କେଉଁଠୁ ଆସିଲା କିମ୍ବା କିପରି ସୃଷ୍ଟି ହେଲା ସେ ସମ୍ପର୍କରେ ତଥ୍ୟ ଜାଣିବାକୁ ଅଧିକ ସମୟ ଲାଗିବ ବୋଲି ଏଥିରେ ସୂଚିତ ହୋଇଛି।

# ବ୍ରେନ୍ ଟ୍ୟୁମର

ବ୍ରେନ୍ (ମସ୍ତିଷ୍କ) ଟ୍ୟୁମର ଏକ ଗମ୍ଭୀର ଶାରୀରିକ ସମସ୍ୟା। ଏହା ଯଦି ଜଟିଳ ଦିଗକୁ ଗତି କରିଯାଇଥାଏ, ତେବେ ତାହା ଅକାଳ ମୃତ୍ୟୁକୁ ଡାକି ଆଣିଥାଏ। ବ୍ରେନ୍‌ରେ ଟ୍ୟୁମର ହେଲେ ତାହା କ୍ୟାନସରଗ୍ରସ୍ତ ହେବାର ଅଧିକ ଆଶଙ୍କା ଥାଏ। କାରଣ ମସ୍ତିଷ୍କରେ କ୍ୟାନସର ଜୀବାଣୁ ଶରୀରର ଅନ୍ୟ ଅଙ୍ଗ ଅପେକ୍ଷା ବେଶ୍ କ୍ଷିପ୍ର ଗତିରେ ଗତି କରିଥାଆନ୍ତି। ମସ୍ତିଷ୍କରେ ପ୍ରାୟ ୧୨୬ ପ୍ରକାର ଟ୍ୟୁମର ହୋଇଥାଏ। ପ୍ରାଥମିକ ଅବସ୍ଥାରେ ବ୍ରେନ୍‌ରେ ହେଉଥିବା ଟ୍ୟୁମରଗୁଡ଼ିକ ମଧ୍ୟରେ ସବୁଠାରୁ ସାଧାରଣ ହେଲା 'ଗ୍ଲିମୋୟା'। ମସ୍ତିଷ୍କରେ ଥିବା ଗ୍ଲିୟାଇ କୋଷରୁ ଏହା ସୃଷ୍ଟି ହୋଇଥାଏ। ବ୍ରେନ୍ ଟ୍ୟୁମରର କେତୋଟି ପ୍ରାରମ୍ଭିକ ଲକ୍ଷଣ ରହିଛି। ପ୍ରଥମତଃ ମୁଣ୍ଡବିନ୍ଧା ଲାଗି ରହିଥାଏ। ଆଖିରେ ଦୁର୍ବଳ ଅନୁଭୂତ ହୁଏ। ଅଇ ଉଠାଏ ଏବଂ ବେଳେବେଳେ ବାନ୍ତି ହୋଇଥାଏ। ମସ୍ତିଷ୍କ ଟ୍ୟୁମର ହେଲେ ସମ୍ପୃକ୍ତ ବ୍ୟକ୍ତିଙ୍କର କଥା କହିବାରେ ଅସୁବିଧା ହୋଇଥାଏ। ପ୍ରାରମ୍ଭିକ ଅବସ୍ଥାରେ ଏହି ଟ୍ୟୁମରର ଚିକିତ୍ସା ପ୍ରାୟ ସମ୍ଭବ। ବିଶେଷଭାବରେ ଅପରେଶନ ମାଧ୍ୟମରେ ଏହାକୁ ଚିକିତ୍ସା କରାଯାଏ। ଯଦି ବ୍ରେନ୍ ଟ୍ୟୁମର ଜଟିଳ ଅବସ୍ଥାରେ ଥାଏ ତେବେ ରୋଗୀର ବଞ୍ଚିବା ଆଶା ଅନେକାଂଶରେ କମ୍ ଥାଏ।



# କରୋନା ଭୂତାଣୁ ଓ ଶିଶୁ

"କୋଭିଡ–୧୯ ସଂକ୍ରମିତଙ୍କଠାରୁ ଶିଶୁମାନଙ୍କୁ ପୃଥକ ରଖିବା ଉଚିତ। ଏକବର୍ଷରୁ କମ୍ ବୟସ୍କ ଶିଶୁଠାରେ ଏହି ରୋଗ ୫୩ ପ୍ରତିଶତ ହେବାର ଆଶଙ୍କା ରହିଛି। ଅନ୍ୟପକ୍ଷରେ ୧–୩ବର୍ଷ ବୟସ୍କ ଶିଶୁଙ୍କଠାରେ ଏହି ରୋଗ ୧୫ ପ୍ରତିଶତ ଆଶଙ୍କା ଥାଏ। ତେବେ ଶିଶୁମାନଙ୍କଠାରେ ଏହି ରୋଗ କମ୍ ଦେଖାଦେଇଥାଏ।"



କରୋନା ଭୂତାଣୁ ସମଗ୍ର ବିଶ୍ୱରେ ମହାମାରୀ ରୂପେ ଦେଖାଦେଇଛି। ଚାଇନାରୁ ଆରମ୍ଭ ହୋଇଥିବା ଏହି କରୋନା ଭୂତାଣୁ ଲକ୍ଷାଧିକ ଲୋକଙ୍କୁ ଆକ୍ରାନ୍ତ କରିବା ସହ ହଜାର ହଜାର ଲୋକଙ୍କର ଜୀବନ ନେଇସାରିଲାଣି। ଏହି ଭୂତାଣୁ ପ୍ରଥମେ ଉହାନ୍ ସହରର ହୁବେଇ ରାଜ୍ୟରୁ ବାହାରି ସମଗ୍ର ବିଶ୍ୱକୁ ଗ୍ରାସ କରିସାରିଲାଣି।

କରୋନା ଭୂତାଣୁ ନୂଆ ନୁହେଁ। ଏହା ଆବୃତ ହୋଇଥିବା ଏକ ଆର୍.ଏନ.ଏ. ଭୂତାଣୁ, ଯାହାର ଆକାର ୮୦ରୁ ୨୨୦ ନାନୋମିଟର। ପୂର୍ବରୁ ଏସ୍ଏଆର୍ଏସ୍ (ସୁପର ଆକ୍ୟୁଟ ରେସ୍‌ପୋରେଟୋରି ସିଣ୍ଡ୍ରମ ଓ ଏମ୍ଇଆର୍ଏସ୍ (ମିଡିଲ ଇଷ୍ଟ ରେସ୍‌ପୋରେଟୋରି ସିଣ୍ଡ୍ରମ) ନାମରେ ଦୁଇ ଥର ମନୁଷ୍ୟଙ୍କ ପାଇଁ ଘାତକ ସାଜିଛି। ସେତେବେଳେ ଏହା ଦକ୍ଷିଣ ଚାଇନାର ଗୁଆଁଙ୍ଗଡଙ୍ଗ ପ୍ରଦେଶର ଏକ ମାଂସ ହାଟରୁ ମିଳିଥିଲା। ତେଣୁ ଏହା ପଶୁଠାରୁ ଆସି ମନୁଷ୍ୟକୁ ସଂକ୍ରମିତ କରିଥିବାର ଅନୁମାନ କରାଯାଉଛି। କରୋନା ଭାଇରସ୍ ଏସ୍ଏଆର୍ଏସ୍ ରୂପରେ ଦେଖାଦେଇ ସାରା ପୃଥିବୀରେ ମୃତ୍ୟୁର କାରଣ ସାଜିଥିଲା। କିନ୍ତୁ ବର୍ତ୍ତମାନ ଏହା ମ୍ୟୁଟେଶନ ହୋଇ ଅଧିକ ଶକ୍ତିଶାଳୀ ଓ ଭୟଙ୍କର ରୂପ ଧାରଣ କରିଛି।






**କିପରି ବ୍ୟାପେ :** କାଶ ଏବଂ ଛିଙ୍କରୁ ବାହାରୁଥିବା କ୍ଷୁଦ୍ର ଜଳକଣିକା ଦ୍ୱାରା ଏହା ବ୍ୟାପିଥାଏ। ଜଣେ ଛିଙ୍କିବା ସମୟରେ ୬୦ କି.ମି. ବେଗରେ ଏହା ନିର୍ଗତ ହୋଇଥାଏ। ଏହା ବ୍ୟକ୍ତିବିଶେଷଙ୍କ ଶ୍ୱାସକ୍ରିୟାରେ ଯାଇ ରୋଗ କରାଏ ଏବଂ ପୋଷାକ ଏବଂ ଜିନିଷପତ୍ରରେ ଲାଗି ରହେ। ତେଣୁ ପରବର୍ତ୍ତୀ ସମୟରେ ସଂକ୍ରମଣର ଆଶଙ୍କା ଥାଏ।

**ରୋଗର ବିସ୍ତୃତି :** କୋଭିଡ–୧୯ ଭୂତାଣୁ ଶ୍ୱାସପଥର କୋଷିକାଗୁଡ଼ିକୁ ଆକ୍ରମଣ କରିଥାଏ। ଭୂତାଣୁ ପ୍ରବେଶର ୧–୧୪ଦିନ ମଧ୍ୟରେ ରୋଗ ଦେଖାଦେଇଥାଏ। ଏହାର ପ୍ରଥମ ଲକ୍ଷଣ ହେଉଛି ଥଣ୍ଡା ଓ ଜ୍ୱର। ଶିଶୁମାନଙ୍କଠାରେ ଥଣ୍ଡା ଓ ଜ୍ୱର କରାଉଥିବା ଅନ୍ୟାନ୍ୟ ଭୂତାଣୁଗୁଡ଼ିକ ମଧ୍ୟରୁ ଇନ୍‌ଫ୍ଲୁଏଞ୍ଜା, ରାଇନୋ ଭାଇରସ, ଆର୍ଏସ୍‌ଭି ମିଜଲ ଭୂତାଣୁ ମଧ୍ୟ ଥଣ୍ଡା ଜ୍ୱର କରାଇଥାଆନ୍ତି।

ଡା. ନରେଶ ଚନ୍ଦ୍ର ଆଚାର୍ଯ୍ୟ

**ରୋଗର ଲକ୍ଷଣ**

**୧–୩ଦିନ :** ଶୁଖିଲା କାଶ, ଜ୍ୱର, ହାଲିଆ ଲାଗିବା, ନିଃଶ୍ୱାସ ନେବାରେ କଷ୍ଟ।

**୪–୯ ଦିନ :** ନିଃଶ୍ୱାସ ନେବାରେ କଷ୍ଟ, ଦମା ଏବଂ ଧଇଁସଇଁ ଲାଗିବା।

**୯–୧୫ ଦିନ :** ରକ୍ତ ସଂକ୍ରମଣ ହୋଇ ସେପ୍ଟିସିମିଆ ହେବାରୁ ଲିଭର ଏବଂ କିଡ୍‌ନୀ କାମ କରେ ନାହିଁ।

ରୋଗୀ ୧୮–୨୫ଦିନ ମଧ୍ୟରେ ସୁସ୍ଥ ହୋଇଥାଏ କିମ୍ବା ୧୫–୨୨ଦିନ ମଧ୍ୟରେ ମୃତ୍ୟୁମୁଖରେ ପଡ଼ିଥାଏ।

**ଲକ୍ଷଣରୁ କୋଭିଡ୍–୧୯ ଚିହ୍ନିବେ କିପରି**

ଇନ୍‌ଫ୍ଲୁଏଞ୍ଜା ରୋଗ ୧–୪ଦିନ ମଧ୍ୟରେ ହୋଇଥାଏ। ଏଥିରେ ଜ୍ୱର, ମୁଣ୍ଡବ୍ୟଥା ଓ କାଶ ହୁଏ। ନିଃଶ୍ୱାସ ନେବାରେ କଷ୍ଟ ହୁଏ, କିନ୍ତୁ ଏଥିପାଇଁ ଔଷଧ ରହିଛି। ଅନ୍ୟପକ୍ଷରେ ରାଇନୋ ଭାଇରସ୍ ବା କମନ୍ କୋଲ୍ଡ ସଂକ୍ରମଣ ୧–୩ ଦିନ ମଧ୍ୟରେ ଦେଖାଦିଏ। ନାକରୁ ପାଣି ବାହାରି ଛିଙ୍କ ହୁଏ। ମୁଣ୍ଡବ୍ୟଥା ଓ ଜ୍ୱର ୭ଦିନ ଭିତରେ ଭଲ ହୋଇଯାଏ।

କୋଭିଡ–୧୯ ସଂକ୍ରମିତଙ୍କଠାରୁ ଶିଶୁମାନଙ୍କୁ ପୃଥକ ରଖିବା ଉଚିତ। ଏକବର୍ଷରୁ କମ୍ ବୟସ୍କ ଶିଶୁଠାରେ ଏହି ରୋଗ ୫୩ ପ୍ରତିଶତ ହେବାର ଆଶଙ୍କା ରହିଛି। ଅନ୍ୟପକ୍ଷରେ ୧–୩ବର୍ଷ ବୟସ୍କ ଶିଶୁଙ୍କଠାରେ ଏହି ରୋଗ ୧୫ ପ୍ରତିଶତ ଆଶଙ୍କା ଥାଏ। ତେବେ ଶିଶୁମାନଙ୍କଠାରେ ଏହି ରୋଗ କମ୍ ଦେଖାଦେଇଥାଏ।

**ପ୍ରତିଷେଧକ :** ହାତକୁ ପରିଷ୍କାର ରଖନ୍ତୁ। ସାବୁନ୍‌ରେ ୨୦ ସେକେଣ୍ଡ ପର୍ଯ୍ୟନ୍ତ ହାତକୁ ଭଲ ଭାବରେ ଧୁଅନ୍ତୁ। ହେଲେ ମନେରଖନ୍ତୁ ସାନିଟାଇଜର ହାତଧୁଆର ବିକଳ୍ପ ନୁହେଁ। ଶିଶୁ, ୬୫ବର୍ଷ ବୟସରୁ ଅଧିକ ବ୍ୟକ୍ତି ଏବଂ ଗର୍ଭବତୀଙ୍କୁ ଏପରି ସନ୍ଦେହ ରୋଗୀଙ୍କଠାରୁ ଦୂରେଇ ରଖନ୍ତୁ। ଘରୁ ବାହାରକୁ ବାହାରନ୍ତୁ ନାହିଁ। ପିଲାର ସ୍କୁଲ ଯିବା ବନ୍ଦ କରନ୍ତୁ। ଘରେ କିମ୍ବା ଇ–ଲର୍ନିଂ ମାଧ୍ୟମରେ ପଢ଼ାନ୍ତୁ। ସାମାଜିକ ଉତ୍ସବ ବର୍ଜନ କରନ୍ତୁ ଏବଂ ଘରକୁ କୌଣସି ବନ୍ଧୁଙ୍କୁ ଆମନ୍ତ୍ରଣ କରନ୍ତୁ ନାହିଁ। ଲକଡାଉନ ସମୟକୁ ସମସ୍ତେ ପାଳନ କରିବା ଉଚିତ। ତା'ହେଲେ ଆମେ ଏହି ମାରାତ୍ମକ ରୋଗଠାରୁ ନିଜକୁ ଦୂରେଇ ରଖିପାରିବା।

*–ଲିଙ୍ଗରାଜ ବିହାର, ପୋଖରୀପୁଟ, ଭୁବନେଶ୍ୱର*
*ମୋ : ୯୪୩୭୧୦୩୬୭୭*

ନୋବେଲ ବିଜ୍ଞାନୀ

# ଗବେଷଣା ଯାହାର ନିଶା

**ପଦାର୍ଥ ବିଜ୍ଞାନ କ୍ଷେତ୍ରରେ ସ୍ମରଣୀୟ ଅବଦାନ ପାଇଁ ଇଂଲଣ୍ଡର ବିଶିଷ୍ଟ ପଦାର୍ଥବିତ୍ ସାର୍ ମାର୍ଟିନ୍ ରାୟିଲଙ୍କୁ ୧୯୭୪ରେ ସମ୍ମାନଜନକ ନୋବେଲ ପୁରସ୍କାର ପ୍ରଦାନ କରାଯାଇଥିଲା...**

ଲକ୍ଷ୍ୟପଥରେ ଅଗ୍ରସରହେବା ସମୟରେ ଅନେକ ବାଧାବିଘ୍ନର ସମ୍ମୁଖୀନ ହେବାକୁ ପଡ଼ିଥାଏ। ହେଲେ ସେଗୁଡ଼ିକୁ ବେଶ୍ ସାହସର ସହ ସାମ୍ନାକରି ସେ ଆଗେଇ ଚାଲିଥିଲେ। ଶେଷରେ ତାଙ୍କର ଦୀର୍ଘ ବର୍ଷର ପରିଶ୍ରମ ସଫଳ ହୋଇଥିଲା। ପଦାର୍ଥ ବିଜ୍ଞାନ କ୍ଷେତ୍ରରେ ସ୍ମରଣୀୟ ଅବଦାନ ପାଇଁ ତାଙ୍କୁ ମିଳିଥିଲା ନୋବେଲ ପୁରସ୍କାର। ସେ ହେଲେ ଇଂଲଣ୍ଡର ବିଶିଷ୍ଟ ପଦାର୍ଥ ବିଜ୍ଞାନୀ ସାର୍ ମାର୍ଟିନ ରାୟିଲ। ରେଡିଓ ଟେଲିସ୍କୋପ୍ ସିଷ୍ଟମ କ୍ଷେତ୍ରରେ ସେ ଆଣିଥିବା ପରିବର୍ତ୍ତନକୁ ଏବେ ମଧ୍ୟ ସ୍ମରଣ କରାଯାଇଥାଏ। ଆଉ ଏପରି ଅବଦାନ ପାଇଁ ୧୯୭୪ରେ ଆଣ୍ଟୋନି ହେୱିସ୍‌ଙ୍କ ସହ ତାଙ୍କୁ ମିଳିତ ଭାବରେ ସମ୍ମାନଜନକ ନୋବେଲ ପୁରସ୍କାର ପ୍ରଦାନ କରାଯାଇଥିଲା। ୧୯୧୮ ସେପ୍ଟେମ୍ବର ୨୭ରେ ସେ ଜନ୍ମ ଗ୍ରହଣ (ମା–ମରିୟାମା, ପିତା–ପ୍ରଫେସର ଜନ୍ ଆଲ୍‌ଫ୍ରେଡ୍ ରାୟିଲ) କରିଥିଲେ। ବାଡ୍ରଫିଲ୍ଡ କଲେଜରୁ ଶିକ୍ଷା ଶେଷ କରିବା ପରେ ୟୁନିଭର୍ସିଟି ଅଫ୍ ଅକ୍ସଫୋର୍ଡରୁ ପଦାର୍ଥ ବିଜ୍ଞାନରେ ଡିଗ୍ରୀ ହାସଲ କରିଥିଲେ। ଏହାପରେ ସେ ୧୯୩୯ରେ ରାର୍ଡାର ଆଣ୍ଟିନା ଉପରେ ଗବେଷଣାକରି ମହାକାଶ କ୍ଷେତ୍ରରେ ଅନେକ ନୂତନ ତଥ୍ୟ ଲୋକଲୋଚନକୁ ଆଣିବାରେ ସକ୍ଷମ ହୋଇଥିଲେ। କେବଳ ସେତିକି ନୁହେଁ, ଜଣେ ପଦାର୍ଥବିତ୍ ଭାବରେ ଏହା ତାଙ୍କୁ ବିଶ୍ୱସ୍ତରରେ ପରିଚିତ କରାଇଥିଲା। ତା'ପରେ ସେ ରେଡିଓ ତରଙ୍ଗ ଗ୍ରୁପ୍ ଉପରେ ଗବେଷଣାକରି ସଫଳତା ହାସଲ କରିଥିଲେ। ପଦାର୍ଥ ବିଜ୍ଞାନ କ୍ଷେତ୍ରରେ ନୂଆ ନୂଆ ତଥ୍ୟ ଉଦ୍ଭାବନ କରିବାକୁ ସେ ଗବେଷଣା ଜାରି ରଖିଥିଲେ। ୧୯୪୭ରେ ସେ ରୋୱେନା ପାଲମରଙ୍କୁ ସ୍ତ୍ରୀ ଭାବରେ ଗ୍ରହଣ କରିଥିଲେ। ୧୯୫୯ରେ ସେ କ୍ୱାସି ଷ୍ଟିଲର ଅବଜେକ୍ଟ ଉଦ୍ଭାବନ କରି ବେଶ୍ ଚର୍ଚ୍ଚିତ ହୋଇଥିଲେ। ୧୯୬୬ରେ ତାଙ୍କୁ ସମ୍ମାନଜନକ 'ନାଇଟ୍' ଉପାଧିରେ ସମ୍ମାନିତ କରାଯାଇଥିଲା। ୧୯୮୪ରେ ଏହି ପଦାର୍ଥ ବିଜ୍ଞାନୀ ଇହଲୀଳା ସମ୍ବରଣ କରିଥିଲେ।


ସାର୍ ମାର୍ଟିନ୍ ରାୟିଲ

## ସ୍ୱାସ୍ଥ୍ୟ ସୂଚନା



- ଡାକ୍ତରଙ୍କ ସହ କୌଣସି ରୋଗ ବିଷୟରେ ଆଲୋଚନା କରିବା ସମୟରେ ସେ ସମ୍ପର୍କିତ ସମସ୍ତ ତଥ୍ୟ ଜଣାନ୍ତୁ। କୌଣସି କଥା ଲୁଚାଇଲେ ହୁଏତ ତାହା ଚିକିତ୍ସାରେ ବାଧକ ସାଜିବା ସହ ପରବର୍ତ୍ତୀ ସମୟରେ ଗମ୍ଭୀର ସମସ୍ୟା ସୃଷ୍ଟି କରିପାରେ।
- ସବୁବେଳେ ସୁପାଚ୍ୟ ଖାଦ୍ୟ ଖାଆନ୍ତୁ। ଯଦି ଆପଣ ଡାଇବେଟିସ୍ ଦ୍ୱାରା ଆକ୍ରାନ୍ତ ତେବେ ନିଜର ଖାଦ୍ୟପେୟ ପ୍ରତି ଯଥେଷ୍ଟ ସତର୍କତା ଅବଲମ୍ବନ କରିବାର ଆବଶ୍ୟକତା ରହିଛି।
- ସକାଳ ଜଳଖିଆରେ ସବୁବେଳେ ହାଲୁକା ଖାଦ୍ୟ ସାମିଲ କରନ୍ତୁ। ଜୁସ୍, ତଟକା ଫଳମୂଳ ଏହି ତାଲିକାରେ ରଖନ୍ତୁ।
- ଶରୀରରେ ସବୁବେଳେ ଜଳୀୟଅଂଶ ସନ୍ତୁଳିତ ରଖନ୍ତୁ। ଏଥିପାଇଁ ଦିନକୁ ଅତିକମ୍‌ରେ ୨–୩ ଲିଟର ପାଣି ପିଅନ୍ତୁ।
- ଯେତେ କମ୍ ଲୁଣ ଖାଇବେ ତାହା ଆପଣଙ୍କ ପାଇଁ ସେତେ ଭଲ। ଜଣେ ବୟସ୍କ ବ୍ୟକ୍ତି ଦିନକୁ ଅତିକମ୍‌ରେ ୬ ଗ୍ରାମ୍ ଲୁଣ ଖାଇପାରନ୍ତି।
- ସବୁଠାରୁ ବଡ଼ କଥା ହେଲା ଓଜନ। ସବୁବେଳେ ଓଜନକୁ ସନ୍ତୁଳିତ ରଖନ୍ତୁ। ଯଦି ଓଜନ ବୃଦ୍ଧି ପରି ସମସ୍ୟାର ସମ୍ମୁଖୀନ ହୋଇଛନ୍ତି ତେବେ ବିଳମ୍ବ ନ କରି ଡାକ୍ତରଙ୍କ ସହ ପରାମର୍ଶ କରନ୍ତୁ।



# ମାନସିକତାକୁ ସକାରାତ୍ମକ ରଖେ ତଟକା ଫଳମୂଳ



ତଟକା ଫଳମୂଳ ଆମ ସ୍ୱାସ୍ଥ୍ୟ ପାଇଁ କେତେ ଉପକାରୀ ତାହା କହିବା ବାହୁଲ୍ୟ। ଏଗୁଡ଼ିକରେ ଭିଟାମିନ୍ ଭରିରହିଛି। ତେବେ ଏହି ତାଲିକାରେ ଆଉ ଏକ ଜିନିଷକୁ ନିକଟରେ ସାମିଲ କରାଯାଇଛି। ଯଦି ଜଣେ ବ୍ୟକ୍ତି ନିୟମିତ ତଟକା ଫଳମୂଳ ଖାଉଛନ୍ତି ତେବେ ତାଙ୍କର ମାନସିକତା ସକାରାତ୍ମକ ରହିଥାଏ। ଏଭଳି ସିଦ୍ଧାନ୍ତରେ ପହଞ୍ଚିବା ପୂର୍ବରୁ ସେମାନେ କେତେକ ବ୍ୟକ୍ତିଙ୍କୁ ଏହାର ପରିସରଭୁକ୍ତ କରି ଏକ ସର୍ଭେ କରିଥିଲେ। ସେମାନଙ୍କୁ ଦୁଇ ଭାଗରେ ବିଭକ୍ତ କରି ଗୋଟିଏ ଗ୍ରୁପ୍‌ରେ ଥିବା ବ୍ୟକ୍ତିଙ୍କୁ ପ୍ରତିଦିନ ତଟକା ଫଳମୂଳ ଖାଇବାକୁ ପରାମର୍ଶ ଦିଆଯାଇଥିଲା। ଆଶ୍ଚର୍ଯ୍ୟଜନକ ଭାବରେ ସେମାନଙ୍କ ମଧ୍ୟରୁ ଅଧିକାଂଶ ବ୍ୟକ୍ତିଙ୍କ ମାନସିକତା ସକାରାତ୍ମକ ରହୁଥିବାର ଦେଖିବାକୁ ମିଳିଥିଲା।



# ୨୫ ହଜାର କର୍ମଚାରୀଙ୍କୁ ଆର୍ଥିକ ସହାୟତା କରିବେ ସଲମାନ

ମୁମ୍ବାଇ,୨୯।୩

କରୋନା ସଂକ୍ରମଣକୁ ପ୍ରତିହତ କରିବା ପାଇଁ ଗତ ୨୫ ତାରିଖରୁ ସାରା ଦେଶରେ ଲାଗୁ ହୋଇଛି ୨୧ ଦିନିଆ ଲକ୍‌ଡାଉନ୍(ତାଲାବନ୍ଦ)। ଏହାର ଗୁରୁତର ପ୍ରଭାବ ରୋଜଗାର ଉପରେ ପଡ଼ିଛି। ବହୁ ଅନୁଷ୍ଠାନ, ଶିଳ୍ପ, କାରଖାନା ବନ୍ଦ ହୋଇଯାଇଛି। କୋଟି କୋଟି ଶ୍ରମଜୀବୀ, କର୍ମଚାରୀ, କ୍ଷୁଦ୍ର ଓ ମଧ୍ୟମ ବର୍ଗର ବ୍ୟବସାୟୀ ରୋଜଗାର ହରାଇଛନ୍ତି। ଏହାର ପ୍ରଭାବରେ ଅନେକଙ୍କ ଘରେ ଚୁଲି ଜଳିବା ବନ୍ଦ ହୋଇଗଲାଣି। ଏଭଳି ସଙ୍କଟ ସମୟରେ ଫିଲ୍ମ ଇଣ୍ଡଷ୍ଟ୍ରିରେ ଦୈନିକ ମଜୁରିରେ କାମ କରୁଥିବା ୨୫ ହଜାର କର୍ମଚାରୀଙ୍କୁ ଆର୍ଥିକ ସହାୟତା ଯୋଗାଇବାକୁ ଆଗେଇ ଆସିଛନ୍ତି ବଲିଉଡ୍ ସୁପରଷ୍ଟାର ସଲମାନ ଖାନ। ସଲମାନ ତାଙ୍କ 'ବିଂ ହ୍ୟୁମାନ୍ ଫାଉଣ୍ଡେଶନ' ସହାୟତାରେ ଏଭଳି ମାନବିକତା ଦେଖାଇଥିବା ଫେଡେରେଶନ ଅଫ୍ ୱେଷ୍ଟର୍ନ ଇଣ୍ଡିଆନ ସିନେ ଏମ୍ପ୍ଲୋଇଜ୍ (ଏଫ୍‌ଡବ୍ଲ୍ୟୁଆଇସିଇ) ସଭାପତି ବି. ଏନ. ତିୱାରି କହିଛନ୍ତି। ତିୱାରି କହିଛନ୍ତି ଯେ, ଆମର ୫ ଲକ୍ଷ କର୍ମଚାରୀ ଅଛନ୍ତି। ସେଥିମଧ୍ୟରୁ ୨୫ ହଜାର କର୍ମଚାରୀ ଘୋର ଆର୍ଥିକ ଦୁର୍ଦ୍ଦଶାରେ ରହି ସହାୟତା ଚାହୁଁଛନ୍ତି। ଏହି କର୍ମଚାରୀମାନଙ୍କ ବ୍ୟାଙ୍କ ଆକାଉଣ୍ଟକୁ ସିଧା ଅର୍ଥ ପଠାଇବାକୁ 'ବିଂ ହ୍ୟୁମାନ୍ ଫାଉଣ୍ଡେଶନ' ପକ୍ଷରୁ କୁହାଯାଇଛି। ଏଥିପାଇଁ ଫାଉଣ୍ଡେଶନ ଉକ୍ତ କର୍ମଚାରୀମାନଙ୍କ ବ୍ୟାଙ୍କ ଆକାଉଣ୍ଟ ତଥ୍ୟ ନେଇଥିବା ତିୱାରି କହିଛନ୍ତି। ଅନ୍ୟ ୪ ଲକ୍ଷ ୭୫ ହଜାର କର୍ମଚାରୀ ଆର୍ଥିକ ଦୃଷ୍ଟିରୁ ପ୍ରାୟ ଏକ ମାସ ନିଜକୁ ସମ୍ଭାଳି ନେଇପାରିବେ। ଆମ ପାଖରେ ସମସ୍ତ କର୍ମଚାରୀଙ୍କ ପାଇଁ ବହୁ ପରିମାଣର ରାଶନ ପ୍ୟାକେଟ୍ ଉପଲବ୍ଧ ରହିଛି। କିନ୍ତୁ ଲକ୍‌ଡାଉନ ପାଇଁ କେହି ଆସି ତାହା ନେଇପାରୁନାହାନ୍ତି। ସେମାନଙ୍କ ପାଖରେ କିଭଳି ରାଶନ ପ୍ୟାକେଟ୍ ପହଞ୍ଚାଯିବ ସେନେଇ ଚିନ୍ତା କରାଯାଉଛି ବୋଲି ତିୱାରି କହିଛନ୍ତି।



# ଲକ୍‌ଡାଉନ୍: ଦୁଗ୍ଧଚାଷୀ, ଦିନ ମଜୁରିଆ ପ୍ରଭାବିତ

**ନାଉଗାଁ, ୨୯।୩ (ସ୍ୱ.ପ୍ର.):** କରୋନା ଭୂତାଣୁ ସଂକ୍ରମଣ ରୋକିବା ସକାଶେ ସାରାଦେଶରେ ଲକ୍‌ଡାଉନ୍ କରାଯାଇଥିବା ବେଳେ ସାଧାରଣ ଲୋକେ ବିଶେଷ ପ୍ରଭାବିତ ହେଉଥିବା ଦେଖାଯାଉଛି। ନାଉଗାଁ ବ୍ଲକ ଅଞ୍ଚଳରେ ଛୋଟ ବଡ଼ ଦୋକାନ କରି ପରିବାର ପ୍ରତିପୋଷଣ କରୁଥିବା ଲୋକେ ରୋଜଗାର ନ ଥିବାରୁ ଅତିକଷ୍ଟରେ ଦିନ କାଟୁଥିବା ବେଳେ ଦିନମଜୁରିଆଙ୍କ ସମସ୍ୟା ଦ୍ୱିଗୁଣିତ ହୋଇଯାଇଛି। କରୋନା ପାଇଁ ସବୁକାମ ଠପ୍ ହୋଇଯାଇଥିବାରୁ ସେମାନେ ମଧ୍ୟ ହାତ ବାନ୍ଧି ବସିଛନ୍ତି। ସେହିପରି ଦୁଗ୍ଧଚାଷୀମାନେ ମଧ୍ୟ ବହୁ ଅସୁବିଧା ଭୋଗୁଛନ୍ତି। ଦୁଗ୍ଧ ସମବାୟ ସମିତି କ୍ଷୀର ନେଉ ନ ଥିବାରୁ ଚାଷୀମାନେ ଷ୍ଟୋରରେ କ୍ଷୀର ଦେଇପାରୁନାହାନ୍ତି। ଏଥିଯୋଗୁ ଗୋରୁଙ୍କୁ ଖାଦ୍ୟ ଯୋଗାଇବା ଚାଷୀଙ୍କ ପକ୍ଷେ କଷ୍ଟକର ହୋଇଥିବା ବେଳେ ଶହ ଶହ ଲିଟର କ୍ଷୀର ଚାଷୀମାନେ କ'ଣ କରିବେ ସେ ନେଇ ଚିନ୍ତାରେ ପଡ଼ିଛନ୍ତି। ବ୍ଲକରେ ୧୫୦ରୁ ଊର୍ଦ୍ଧ୍ୱ ଦୁଗ୍ଧ ସମବାୟ ସମିତି ଯୋଗେ ଓମ୍‌ଫେଡ, ମିଲ୍‌କ ମନ୍ତ୍ର, କାମଧେନୁ ପକ୍ଷରୁ ୧୫ରୁ ୨୦ ହଜାର ଲିଟର ଦୁଗ୍ଧ ସଂଗ୍ରହ କରାଯାଉଥିବା ବେଳେ ଏବେ ଏହା ସମ୍ପୂର୍ଣ୍ଣ ଭାବେ ବନ୍ଦ ହୋଇଯାଇଛି। ସେହିପରି ବିଭିନ୍ନ ବଜାରରେ ଛୋଟ ଜଳଖିଆ, ଉଠାଦୋକାନ କରି ପରିବାର ଚଳାଉଥିବା ବ୍ୟକ୍ତି ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଲକ୍‌ଡାଉନ୍ ଯୋଗୁ ନାଉଗାଁ, କଣ୍ଟୁଣିଆ, ମୁଣ୍ଡାଲୋ, ଅଲଣାହାଟ, ବ୍ଲକ ଛକ ଆଦି ସ୍ଥାନରେ ଥିବା ସମସ୍ତ ଜଳଖିଆ ଦୋକାନ ଓ ଉଠା ଦୋକାନର ବେପାର ବନ୍ଦ ହୋଇଥିବା ବେଳେ ସେମାନେ ଆର୍ଥିକ ସଙ୍କଟରେ ରହିଥିବା କହିଛନ୍ତି।

# ନିରାଶ୍ରୟଙ୍କ ସାହାରା ସାଜିଲେ ଯୁବକ

**ମାର୍ଶାଘାଇ, ୨୯।୩ (ଡି.ଏନ୍.ଏ.):** କରୋନା ଭୂତାଣୁ ସଂକ୍ରମଣକୁ ପ୍ରତିହତ କରିବା ପାଇଁ ସାରାଦେଶରେ ୨୧ ଦିନ ପାଇଁ ଲକ୍‌ଡାଉନ୍ କରାଯାଇଛି। ଔଷଧ, ପନିପରିବା, ମାଛ, ମାଂସ ଆଦି ଅତ୍ୟାବଶ୍ୟକ ସାମଗ୍ରୀ ଦୋକାନ ଖୋଲୁଥିବା ବେଳେ ଅନ୍ୟ ଦୋକାନ ସବୁ ବନ୍ଦ ରଖିବା ପାଇଁ ସରକାରୀ ନିର୍ଦ୍ଦେଶ ଜାରି କରାଯାଇଛି। ଏପରି ସ୍ଥିତିରେ ସାଧାରଣ ଲୋକଙ୍କ ତୁଳନାରେ ମାନସିକ ବିକାରଗ୍ରସ୍ତ ଓ ନିରାଶ୍ରୟ ଲୋକଙ୍କ ସମସ୍ୟା ବହୁଗୁଣିତ ହୋଇଯାଇଛି। ଏମାନେ ଜଳଖିଆ ଦୋକାନ ବା ହୋଟେଲରୁ ମାଗିଯାଚି ଖାଉଥିବା ବେଳେ ଏବେ ସବୁ ଦୋକାନ ବଜାର ବନ୍ଦ ଯୋଗୁ ଭୋକ ଉପାସରେ ଏମାନଙ୍କ ଦିନ କଟୁଛି। କେନ୍ଦ୍ରାପଡ଼ା ଜିଲା ମାର୍ଶାଘାଇ ବ୍ଲକ ଅଞ୍ଚଳର ଅନେକ ନିରାଶ୍ରୟ ଓ ମାନସିକ ବିକାରଗ୍ରସ୍ତଙ୍କ ଭୋକିଲା ପେଟରେ ଦାନା ଗଣ୍ଡେ ଯୋଗାଇ ଦେବାକୁ ଆଗେଇ ଆସିଛନ୍ତି ସ୍ଥାନୀୟ ଯୁବକମାନେ। ମାର୍ଶାଘାଇ କେନାଲ ବ୍ରିଜ୍ ଅଞ୍ଚଳର କେତେଜଣ ଯୁବକ ନିଜ ଉଦ୍ୟମରେ ଏହି ନିରାଶ୍ରୟଙ୍କୁ ରନ୍ଧାଖାଦ୍ୟ ଯୋଗାଉଛନ୍ତି, ଯାହା ଅନ୍ୟମାନଙ୍କ ପାଇଁ ଉଦାହରଣ ପାଲଟିଛି। ୪ଟି ବାଇକ୍‌ରେ ୮ ଜଣ ଯୁବକ କେନାଲ ବ୍ରିଜ୍‌ଠାରୁ ମହାକାଳପଡ଼ାର ମଙ୍ଗଳପୁର ଛକ ଓ ରାମନଗର ପର୍ଯ୍ୟନ୍ତ ଯାଇ ଛକ ବଜାରରେ ଆଶ୍ରୟ ନେଇଥିବା ମାନସିକ ବିକାରଗ୍ରସ୍ତ ଓ ଅସହାୟ ମଣିଷଙ୍କୁ ଖାଦ୍ୟ ଓ ପାନୀୟ ଜଳ ଯୋଗାଉଛନ୍ତି। ଏହାଛଡ଼ା କେନାଲ ବ୍ରିଜଠାରୁ ଜାତୀୟ ରାଜପଥର ଛଘରିଆ ଛକ, କେନାଲ ବ୍ରିଜଠାରୁ ହଳଦିଆଗଡ଼ା, ନୀଳାଞ୍ଚଳ ବଜାର ଛକ ସମେତ ପାଟକୁରା ରାସ୍ତାର ବିଭିନ୍ନ ଛକ ବଜାରରେ ଥିବା ନିରାଶ୍ରୟଙ୍କୁ ଯୁବକମାନେ ଖାଦ୍ୟ ଯୋଗାଉଥିବା ଦେଖିବାକୁ ମିଳିଛି।



ଯାଜପୁର ଜିଲାର ମହାବିନାୟକ ପୀଠରେ ମାଙ୍କଡ଼ମାନଙ୍କୁ ଅଂଶୁମାନ ଟ୍ରଷ୍ଟ ପକ୍ଷରୁ କଦଳୀ, ବିସ୍କୁଟ, ପାଉଁରୁଟି ଖାଇବାକୁ ଦିଆଯାଉଛି।

# ନିୟମ ମାନୁନାହାନ୍ତି ଶିଳ୍ପ, ଖଣି କର୍ତ୍ତୃପକ୍ଷ

ଯାଜପୁର ଅଫିସ,୨୯।୩

■ କାରଖାନା କ୍ୟାଣ୍ଟିନ, ବସ୍, ପ୍ରବେଶପଥରେ ଜମୁଛି ଭିଡ଼

କରୋନା ମୁକାବିଲା ପାଇଁ ଦେଶ ଲକ୍‌ଡାଉନ୍ ହୋଇଥିବାରୁ ଯାଜପୁର ଜିଲାରେ ଖଣି ଓ ଶିଳ୍ପ କାରଖାନା ପରିଚାଳନା ପାଇଁ ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ନିର୍ଦ୍ଦେଶନାମା ଜାରି କରାଯାଇଛି। ମାତ୍ର ଏସବୁ ନିର୍ଦ୍ଦେଶ କାର୍ଯ୍ୟକାରୀ ହୋଇ ପାରୁ ନ ଥିବା ଅଭିଯୋଗ ହୋଇଛି। ଗତ ୨୪ ତାରିଖରେ ଯାଜପୁରରୋଡ ଖଣି ଉପନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟରେ କଳିଙ୍ଗନଗର ଅତିରିକ୍ତ ଜିଲାପାଳଙ୍କ ଅଧ୍ୟକ୍ଷତାରେ ଶିଳ୍ପ କାରଖାନା ଓ ଖଣି ପରିଚାଳନା ନେଇ ପ୍ରସ୍ତୁତି ବୈଠକ ହୋଇଥିଲା। ଏଥିରେ ସର୍ବନିମ୍ନ କର୍ମଚାରୀ ଓ ଶ୍ରମିକଙ୍କୁ ସମସ୍ତ ଖଣି ପରିଚାଳନା କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ସରକାରଙ୍କ ପକ୍ଷରୁ ଜାରି ହୋଇଥିବା ଆଇନ ମାନି ଖଣି ଉତ୍ତୋଳନ ଓ ପରିବହନ କରିବାକୁ ବୈଠକରେ କୁହାଯାଇଥିଲା। ସର୍ବନିମ୍ନ ଆବଶ୍ୟକତା ଅନୁସାରେ ମାଇନ୍ସ ପରିଚାଳନା, ଖଣି ଅଞ୍ଚଳ ଭିତରେ ସାଧାରଣ ଲୋକେ ଏକାଠି ନ ହେବା, ବସରେ ଯାଉଥିବା କର୍ମଚାରୀଙ୍କ ମଧ୍ୟରେ ସାମାଜିକ ଦୂରତା ରକ୍ଷା କରିବା ଆଦି ପାଳନ କରିବାକୁ କୁହାଯାଇଥିଲା। କିନ୍ତୁ ଏସବୁ ନିୟମକୁ କଳିଙ୍ଗନଗର ଶିଳ୍ପାଞ୍ଚଳରେ ଉତ୍ପାଦନକ୍ଷମ କୌଣସି ଶିଳ୍ପ ସଂସ୍ଥା ମାନୁ ନାହାନ୍ତି। ଶିଳ୍ପ କାରଖାନା ମଧ୍ୟରେ ଥିବା କ୍ୟାଣ୍ଟିନ, ପ୍ରବେଶପଥ, କାର୍ଯ୍ୟସ୍ଥଳ ଆଦି ସ୍ଥାନରେ ଭିଡ ଦେଖିବାକୁ ମିଳୁଛି। ଏହିସବୁ ଖଣି ଓ ଶିଳ୍ପ କାରଖାନାରେ ବହୁ ବାହାର ରାଜ୍ୟର ଲୋକ କାର୍ଯ୍ୟ କରୁଛନ୍ତି। ସେମାନେ କେବେ ନିଜ ରାଜ୍ୟରୁ ଆସିଛନ୍ତି ସେ ନେଇ ମଧ୍ୟ କୌଣସି ତାଲିକା ପ୍ରକାଶ କରି ନ ଥିବା ଅଭିଯୋଗ ହୋଇଛି। ଏଭଳି ସ୍ଥିତିରେ ଓଡିଶାର କର୍ମଚାରୀ ଓ ଶ୍ରମିକଙ୍କ ପରିବାରବର୍ଗ ଆଶା ଆଶଙ୍କାରେ ଜୀବନ ଅତିବାହିତ କରୁଛନ୍ତି। ଶିଳ୍ପାଞ୍ଚଳ ଭିତରେ ସାମାଜିକ ଦୂରତା ରକ୍ଷା କରାଯାଉଛି କି ନାହିଁ ସେ ନେଇ ମଧ୍ୟ ଜିଲା ପ୍ରଶାସନ ପକ୍ଷରୁ ତଦନ୍ତ ହେଉନାହିଁ। ଏ ସମ୍ପର୍କରେ କଳିଙ୍ଗନଗର ପରିବେଶ ସୁରକ୍ଷା ସମିତି ସଭାପତି ଅଶ୍ୱିନୀ ଧଳ କୁହନ୍ତି, ଜିଲାପାଳଙ୍କ ଆଦେଶକୁ ଶିଳ୍ପପତିମାନେ ମାନୁନାହାନ୍ତି। ଶ୍ରମିକଙ୍କୁ ସାନିଟାଇଜେଶନ କରାଯାଉ ନାହିଁ। ହଜାର ହଜାର ଲୋକ ଏକତ୍ରିତ କାମ କରୁଛନ୍ତି। ଶିଳ୍ପପତିମାନେ ଏଭଳି ଭାବେ ଶ୍ରମିକମାନଙ୍କ ଜୀବନକୁ ବାଜି ଲଗାଇବେ ତେବେ ଏହାର ପରିଣାମ ସାରା ରାଜ୍ୟକୁ ଭୋଗିବାକୁ ପଡିବ ବୋଲି ସେ ମତ ରଖିଛନ୍ତି। ଶ୍ରମିକ ନେତା ବିଦ୍ୟାଧର ମହାନ୍ତି କୁହନ୍ତି, ଜିଲା ପୋଲିସ ପ୍ରଶାସନ ବ୍ୟାସନଗର ସହରରେ ସାମାଜିକ ଦୂରତା ରକ୍ଷା କରିବାକୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରିଛି। କିନ୍ତୁ କଳିଙ୍ଗନଗର ଶିଳ୍ପାଞ୍ଚଳ ଓ ଖଣିରେ ହଜାର ହଜାର ଶ୍ରମିକ କର୍ମଚାରୀଙ୍କୁ କାମ କରାଇବା ଦୁଃଖର ଘଟଣା। କାରଖାନା କର୍ତ୍ତୃପକ୍ଷ ଶ୍ରମିକମାନଙ୍କୁ ମୌଖିକ ଭାବେ କାମ ନ କଲେ ଛଟେଇ କରାଯିବ ବୋଲି ଧମକ ଦେଉଛନ୍ତି। ଏଥିପ୍ରତି ଜିଲା ପ୍ରଶାସନ ଆଖି ବୁଜି ଦେବା ଦୁର୍ଭାଗ୍ୟଜନକ। ଏଥିଯୋଗୁ ଜିଲାରେ କରୋନା ସଂକ୍ରମଣ ବ୍ୟାପିବାର ଆଶଙ୍କାକୁ ଏଡାଇ ଦିଆଯାଇ ନ ପାରେ। ଏ ସମ୍ପର୍କରେ କଳିଙ୍ଗନଗର ଅତିରିକ୍ତ ଜିଲାପାଳ ସନ୍ତୋଷ ମିଶ୍ରଙ୍କୁ ପଚାରିବାରୁ ସେ କହିଛନ୍ତି, ଖଣି ଓ କାରଖାନାରେ ସର୍ବନିମ୍ନ କର୍ମଚାରୀ ଏବଂ ଶ୍ରମିକଙ୍କୁ ନେଇ କାମ କରିବାକୁ ନିର୍ଦ୍ଦେଶ ହୋଇଛି। ଏଥିରେ ବ୍ୟତିକ୍ରମ କଲେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।



କଳିଙ୍ଗନଗର ଶିଳ୍ପ କାରଖାନାର ଏକ କ୍ୟାଣ୍ଟିନରେ କର୍ମଚାରୀଙ୍କ ଭିଡ଼ ଜମିଛି।

## ବିଦେଶୀ ମଦ ଜବତ

# ସରପଞ୍ଚଙ୍କୁ ଛାଡ଼ି ନିରୀହଙ୍କୁ ଗିରଫ ଅଭିଯୋଗ

ଯାଜପୁର ଟାଉନ,୨୯।୩(ଡି.ଏନ.ଏ.)

ଯାଜପୁର ସହର ଦେବୀଗୌଡ଼ା ଘାଟରେ ବିଦେଶୀ ମଦଜବତ ଘଟଣାରେ ମୁଖ୍ୟ ଅଭିଯୁକ୍ତ ସରପଞ୍ଚଙ୍କୁ ଛାଡି ଜଣେ ନୀରିହ ଯୁବକଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଛି ବୋଲି ଅଭିଯୋଗ ହୋଇଛି। ସୂଚନା ଅନୁଯାୟୀ ଶନିବାର ଦେବୀଗୌଡା ଘାଟ ଦେଇ ବିରଞ୍ଚି ମଲ୍ଲିକ ବାଇକ ଡିକିରେ ୧୫ ବୋତଲ ବିଦେଶୀ ମଦ ନେଉଥିଲେ। ତାଙ୍କ ସହିତ ବିଞ୍ଝାରପୁର ବ୍ଲକର ଜଣେ ସରପଞ୍ଚ ଥିଲେ। ଖବରପାଇ ଯାଜପୁର ଅବକାରୀ ବିଭାଗ ଚଢାଉ କରି ମଲ୍ଲିକଙ୍କୁ ଗିରଫ କରିବା ସହ ମଦ ଜବତ କରିଥିବାବେଳେ ସରପଞ୍ଚଙ୍କୁ ରଫାଦଫା କରି ଛାଡି ଦେଇଥିଲା। ସେତେବେଳେ ମଲ୍ଲିକ ତାଙ୍କର ମଦ ନୁହେଁ ସରପଞ୍ଚଙ୍କ ମଦ ବୋଲି ଗୁହାରି କରିଥିଲେ ବି ଅବକାରୀ ବିଭାଗ ଅଧିକାରୀ ଶୁଣି ନ ଥିଲେ। କେଶ ନଂ-୮୭/୨୦ରେ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରିଥିଲେ। ଏନେଇ ଅବକାରୀ ବିଭାଗ ଉପଆରକ୍ଷୀ ଅଧୀକ୍ଷକ ପ୍ରସନ୍ନ ନାଏକଙ୍କୁ ପଚାରିବାରୁ ସେ କହିଛନ୍ତି, ଚଢାଉ ସମୟରେ ଅଭିଯୁକ୍ତ କୌଣସି ସରପଞ୍ଚଙ୍କ ବିଷୟରେ କହି ନ ଥିଲେ। ତେବେ ତଦନ୍ତ ଜାରି ରହିଛି, ତଦନ୍ତ ପରେ ଯାହା କିଛି ପଦକ୍ଷେପ ଗ୍ରହଣକରାଯିବ।

# ବରୀମାଉଣ୍ଡ ସାପ୍ତାହିକ ହାଟ ସ୍ଥାନାନ୍ତର

**ବରୀ,୨୯।୩ (ସ୍ୱ.ପ୍ର.):** କରୋନା ସଚେତନତା ପାଇଁ ବରୀମାଉଣ୍ଡ ସାପ୍ତାହିକ ହାଟକୁ ଅସ୍ଥାୟୀଭାବେ ନିକଟସ୍ଥ କୃପାସିନ୍ଧୁ ବିଦ୍ୟାଭବନ ଖେଳ ପଡିଆକୁ ସ୍ଥାନାନ୍ତର କରାଯାଇଛି। ଏହି ହାଟ ପ୍ରତ୍ୟେକ ସୋମବାର ଓ ଗୁରୁବାର ବରୀମାଉଣ୍ଡ ମୁଖ୍ୟ ରାସ୍ତାକଡ଼ରେ ହେଉଥିଲା। ସାମାଜିକ ଦୂରତାକୁ ଆଖି ଆଗରେ ରଖି ବରୀ ତହସିଲ ପକ୍ଷରୁ ଏହି ନିଷ୍ପତ୍ତି ନିଆଯାଇଛି ବୋଲି ତହସିଲଦାର ସରୋଜକାନ୍ତ ନାୟକ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ସୋମବାରଠାରୁ ୭ଟାରୁ ୧୧ଟା ପର୍ଯ୍ୟନ୍ତ ହାଟ ବସିବ ବୋଲି ସ୍ଥିର ହୋଇଛି। ସେହିପରି ବରୀ ବ୍ଲକର ବାଲିଆପାଳ, ବାଲିଆ, ରାଜାତୋଟା, ଅଲ୍ଲିପୁର, କଳାମାଟିଆ ଓ ରତ୍ନଗିରି ସାପ୍ତାହିକ ହାଟରେ ସାମାଜିକ ଦୂରତା ରକ୍ଷା କରିବା ପାଇଁ ସାଧାରଣରେ ଦାବି ହୋଇଛି।

# ଗୋଟିଏ ରାତିରେ ଏକାଧିକ ଜାଗାରୁ ଚୋରି

**ଏରସମା, ୨୯।୩ (ସ୍ୱ.ପ୍ର.):** ଏରସମା ଥାନା ଅଞ୍ଚଳରେ ଶନିବାର ରାତିରେ ୫ଟି ଜାଗାରୁ ଚୋରି ହୋଇଛି। ଏରସମା ମୁଖ୍ୟ ବଜାରରେ ଥିବା ଜିରାଇଲୋ ଗ୍ରାମର ଲକ୍ଷ୍ମୀଧର ଛାଟୋଇଙ୍କର ଫଟୋ ବନ୍ଧେଇ କ୍ୟାବିନ ପଛପଟ ପଟା ତାଡ଼ି ଦୁର୍ବୃତ୍ତମାନେ ଦୋକାନ ଭଙ୍ଗାରୁଜା କରିବା ସହ ଟଙ୍କା ଚୋରି କରି ନେଇଛନ୍ତି। ଏ ନେଇ ଏରସମା ଥାନାରେ ଅଭିଯୋଗ ହୋଇଛି। ଏଥିସହିତ କାଣିପଦା ଗ୍ରାମର ବାବାଜୀ ଭୋଇଙ୍କ ଘରେ ଦୁର୍ବୃତ୍ତମାନେ ପଶି ଟଙ୍କା ସହ ଅନ୍ୟାନ୍ୟ ଜିନିଷପତ୍ର ନେଇଯାଇଥିବା ବେଳେ ଘରୁ ନେଇଥିବା ଏକ ଟ୍ରଙ୍କ ନିକଟସ୍ଥ ଏକ ଜମିରେ ଫୋପାଡ଼ି ପକାଇଥିଲେ। ପରିବାର ଲୋକେ ଉଠି ଯାଇ ପାଟି କରିବାରୁ ଗ୍ରାମବାସୀ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିଥିଲେ ବି ସେମାନଙ୍କ ପତ୍ତା ପାଇ ନ ଥିଲେ। ଏହାଛଡ଼ା ସୁମଡା ଗ୍ରାମର ସର୍ବେଶ୍ୱର ସାହୁ, ମଙ୍ଗୁଳି ସାହୁଙ୍କ ଘରେ ପଶି ଦୁର୍ବୃତ୍ତମାନେ ଜିନିଷପତ୍ର ଭଙ୍ଗାରୁଜା କରିଥିବା ଜଣାପଡ଼ିଛି।

# ଗାଁ ରାସ୍ତା ବନ୍ଦକଲେ ଗ୍ରାମବାସୀ

**ବରୀ,୨୯।୩(ସ୍ୱ.ପ୍ର.):** କରୋନାକୁ ରୋକିବା ପାଇଁ ବରୀ ବ୍ଲକର ବିଭିନ୍ନ ଗାଁମାନଙ୍କରେ ରାସ୍ତା ବନ୍ଦ କରାଯାଇଛି। ଗ୍ରାମକୁ ଯାଇଥିବା ରାସ୍ତାକୁ ଲୋକେ ବାଉଁଶ ବାଡ଼ା ଦେଇ ଅବରୋଧ କରିବା ସହ ଗ୍ରାମ ଭିତରକୁ ବାହାର ଲୋକଙ୍କ ପ୍ରବେଶ ନିଷେଧ ବୋଲି ସୂଚନା ଫଳକ ଲଗାଯାଇଛି। ବ୍ଲକର ଓଉପଡ଼ା(ଅଟିରା), ଠାକୁରପାଟଣା ଦ୍ୱିବେଦୀ ସାହି, ନେଉଳା, ରମ୍ଭା, ଅରୁଆଳ, କଣ୍ଟପୋଇ, ଆନ୍ଦପୁର, ଗହପାଳ, ରାଉତସାହି ଓ କମ୍ପଗଡ଼ ଆଦି ଗ୍ରାମରେ ଏସବୁ ଦେଖିବାକୁ ମିଳିଛି। ଗ୍ରାମକୁ ଯଦି ବାହାର ରାଜ୍ୟ ବା ଜିଲାରୁ କୌଣସି ବ୍ୟକ୍ତି ଆସୁଥିବା ଜଣେ ପଡ଼େ ଗ୍ରାମବାସୀ ସଙ୍ଗେସଙ୍ଗେ ପଞ୍ଚାୟତ ପ୍ରତିନିଧିଙ୍କୁ ଖବର ଦେବା ସହ ଜିଲା ପ୍ରଶାସନର ନଜରକୁ ଆଣୁଛନ୍ତି।



ଓଉପଡ଼ା ଗ୍ରାମବାସୀ ବାଉଁଶ ବାନ୍ଧି ରାସ୍ତା ବନ୍ଦ କରିଛନ୍ତି।

# ଭୋକିଲା ମୁହଁରେ ହସ ଫୁଟାଇଛି ଅଂଶୁମାନ ଟ୍ରଷ୍ଟ

**ରସୁଲପୁର, ୨୯।୩ (ଡି.ଏନ୍.ଏ.):** ଜାରକା ଅଞ୍ଚଳର ସ୍ୱେଚ୍ଛାସେବୀ ଅନୁଷ୍ଠାନ ଅଂଶୁମାନ ମେମୋରିଆଲ ଟ୍ରଷ୍ଟ ଭୋକିଲାଙ୍କ ମୁହଁରେ ହସ ଫୁଟାଇବାରେ ସକ୍ଷମ ହୋଇଛି। ଟ୍ରଷ୍ଟ ପକ୍ଷରୁ କରୋନା ଆତଙ୍କରେ ପ୍ରଭାବିତ ଗରିବ, ଖଟିଖିଆ ଲୋକଙ୍କ ନିକଟରେ ପହଞ୍ଚି ରନ୍ଧାଖାଦ୍ୟ, ଶୁଖିଲା ଖାଦ୍ୟ, ପାଣି, ସାବୁନ ଆଦି ପ୍ରଦାନ କରାଯାଇଛି। ଟ୍ରଷ୍ଟର ସଦସ୍ୟମାନେ ଯାଜପୁର ଜିଲାର ବିଭିନ୍ନ ସ୍ଥାନରେ ବୁଲି ଲୋକଙ୍କୁ ଖାଦ୍ୟ ପଦାର୍ଥ ପ୍ରଦାନ କରିବା ସହ ସ୍ୱଚ୍ଛତା ଓ ପରିଷ୍କାର ରହିବାକୁ ଗୁରୁତ୍ୱ ଦେଉଛନ୍ତି। ଏହି କ୍ରମରେ ଟ୍ରଷ୍ଟ ପକ୍ଷରୁ ସମ୍ପାଦକ ହିମାଂଶୁ ଶେଖର ସାହୁ ଓ ଟ୍ରଷ୍ଟର ସ୍ୱେଚ୍ଛାସେବୀମାନେ ରସୁଲପୁର ବ୍ଲକ ଅଧୀନ କୁଆଖିଆ ବାଜର ମେଲଣ ପଡ଼ିଆରେ ରହୁଥିବା ବସ୍ତିବାସିନ୍ଦାଙ୍କୁ ଭେଟି ରନ୍ଧାଖାଦ୍ୟ, ବିସ୍କୁଟ, ଫଳ ଆଦି ପ୍ରଦାନ କରିଛନ୍ତି। ଏଥିସହ ଟ୍ରଷ୍ଟର ସମ୍ପାଦକ ସାହୁ ଓ ତାଙ୍କର ଯୁବ ବାହିନୀ ମହାବିନାୟକ ପୀଠରେ ମାଙ୍କଡ ଓ ଗାଈଙ୍କୁ ଶୁଖିଲା ଖାଦ୍ୟ ପ୍ରଦାନ କରିଥିଲେ। ଏହି ଟ୍ରଷ୍ଟ ଲକ୍‌ଡାଉନ୍ ହେବା ଦିନଠାରୁ ଜିଲାର ବିଭିନ୍ନ ସ୍ଥାନରେ ପହଞ୍ଚି ଭୋକିଲାଙ୍କୁ ଖାଦ୍ୟ ପଦାର୍ଥ ପ୍ରଦାନ କରୁଥିବା ଜଣାପଡ଼ିଛି।

# ବିଦେଶ ଫେରନ୍ତାଙ୍କୁ ନେଇ ଗାଁରେ ଉତ୍ତେଜନା

**ନାଉଗାଁ, ୨୯।୩ (ସ୍ୱ.ପ୍ର.):** କରୋନା ଭୂତାଣୁ ସଂକ୍ରମଣକୁ ନେଇ ବିଶ୍ୱବାସୀ ଆତଙ୍କିତ ରହିଥିବା ବେଳେ ବାହାର ରାଜ୍ୟକୁ କାର୍ଯ୍ୟ କରିବାକୁ ଯାଇ ଗାଁକୁ ଫେରୁଥିବା ଶ୍ରମିକମାନଙ୍କୁ ନେଇ ଏବେ ବିଭିନ୍ନ ଗ୍ରାମରେ ଉତ୍ତେଜନା ପ୍ରକାଶ ପାଇଛି। ଏପରି କି ବିଦେଶାଗତଙ୍କୁ ଗ୍ରାମରେ ନ ରଖିବା ପାଇଁ କେତେକ ଗ୍ରାମବାସୀ ପ୍ରଶାସନ ନିକଟରେ ଅଭିଯୋଗ କରୁଛନ୍ତି। ଜଗତ୍‌ସିଂହପୁର ଜିଲା ନାଉଗାଁ ବ୍ଲକ ଅଞ୍ଚଳରେ ଏଭଳି ଘଟଣା ଦେଖାଯାଇଛି। ଉକ୍ତ ବ୍ଲକର ବିଭିନ୍ନ ଗ୍ରାମକୁ ରାଜ୍ୟ ଓ ଦେଶ ବାହାରୁ ଶତାଧିକ ଲୋକ ଆସିଛନ୍ତି। ବ୍ଲକ ପ୍ରଶାସନ ପକ୍ଷରୁ ଗଠିତ ଟିମ୍ ସେମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଇବା ପରେ ସେମାନେ ହୋମ୍ କ୍ୱାରାଣ୍ଟାଇନରେ ରହିଛନ୍ତି। ହେଲେ ସେମାନେ ଗ୍ରାମରେ ରହିଲେ କରୋନା ଭୂତାଣୁ ସଂକ୍ରମଣ ବ୍ୟାପିବା ଭୟରେ କେତେକ ଗ୍ରାମରେ ଉତ୍ତେଜନା ସୃଷ୍ଟି ହେଉଥିବା ଦେଖାଯାଉଛି।

ରବିବାର ସୁଦ୍ଧା ନାଉଗାଁ ବ୍ଲକ ଅଞ୍ଚଳର ୨୦୯ ଜଣ ରାଜ୍ୟ ବାହାରୁ ଆସିଥିବା ବେଳେ ୧୧ ଜଣ ଦେଶ ବାହାରୁ ଆସିଥିବା ବ୍ଲକ ପ୍ରଶାସନ ନିକଟରୁ ଖବର ମିଳିଛି। ସେମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ହୋମ୍ କ୍ୱାରାଣ୍ଟାଇନ୍‌ରେ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏଥିସହ ସେମାନଙ୍କ ଉପରେ ପ୍ରଶାସନ ପକ୍ଷରୁ ନଜର ରଖାଯାଇଛି। ରାଜ୍ୟ ବା ଦେଶ ବାହାରୁ ଆସିଥିବା ଲୋକମାନଙ୍କ ପାଇଁ ବିଭିନ୍ନ ସ୍ଥାନରେ ଆଇସୋଲେଶନ ସେଣ୍ଟର କରାଯାଇଛି। ସେହିପରି ଗରିବ, ଅସହାୟ, ଦିନମଜୁରିଆମାନଙ୍କ ପାଇଁ ରନ୍ଧା ଖାଦ୍ୟ ପ୍ରସ୍ତୁତ କରି ଯୋଗାଇବା ପାଇଁ ସମସ୍ତ ପଞ୍ଚାୟତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ପ୍ରଥମ ଦିନରେ ଗଜରାଜପୁର ଓ ଘୋଡାଂଶରେ ରନ୍ଧା ଖାଦ୍ୟ ଦିଆଯିବାର ବ୍ୟବସ୍ଥା କରାଯାଇଛି ବୋଲି ଜିପିଓ ଦିନେଶ ରାୟ ସୂଚନା ଦେଇଛନ୍ତି।

ବାରବାଟୀ ପରିବା ବଜାରରୁ ଗହଳି ହଟାଇବା ପ୍ରୟାସ

# ପୁରୁଣା ହାଟ ଛାଡ଼ିବାକୁ ଚାଷୀ ଅମଙ୍ଗ

ରସୁଲପୁର, ୨୯।୩ (ଡି.ଏନ୍.ଏ.)

ରସୁଲପୁର ବ୍ଲକର ବାରବାଟୀ ପଞ୍ଚାୟତର ଓଡ଼ଙ୍ଗସ୍ଥିତ ଦୈନିକ ପରିବା ବଜାରରୁ ଜନଗହଳି କମୁନି। କରୋନା ସଂକ୍ରମଣ ରୋକିବାକୁ ହେଲେ ବଜାରରୁ ଜନଗହଳି କମ୍ କରିବା ସହ ଚାଷୀ, ବ୍ୟବସାୟୀ, ଗ୍ରାହକମାନେ କିଭଳି ସାମାଜିକ ଦୂରତା, ସଂଗରୋଧ ପାଳନ କରିବେ ସେ ନେଇ ପ୍ରଶାସନର ଚିନ୍ତା ବଢ଼ିଯାଇଛି। ଏହି ସ୍ଥିତିକୁ ପରଖିବା ପାଇଁ ଶନିବାର ଜିଲା ପ୍ରଶାସନର ଏକ ପ୍ରତିନିଧି ଦଳ ସହ ବ୍ଲକ ପ୍ରଶାସନ ଓ ଜନପ୍ରତିନିଧିମାନଙ୍କୁ ନେଇ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ହାଟକୁ ବିଭାଜିତ କରାଯାଇ ୩ଟି ପୃଥକ୍ ପୃଥକ୍ ସ୍ଥାନ ଓଡିଶୋ ପଞ୍ଚାୟତ, ସିଂହାପୁର ପଞ୍ଚାୟତ ଓ ବାରବାଟୀର ଦୁଇଟି ସ୍ଥାନରେ ହାଟ ବସିବ ବୋଲି ନିଷ୍ପତ୍ତି ହୋଇଥିଲା। ତେବେ ଏହି ନିଷ୍ପତ୍ତି ଚାଷୀମାନେ ସହଜରେ ଗ୍ରହଣ କରିପାରୁନାହାନ୍ତି।

ପୁରୁଣା ସ୍ଥାନ ଛାଡ଼ିଯିବାକୁ ଚାଷୀମାନେ ଆଗ୍ରହ ଦେଖାଉ ନ ଥିବା ରବିବାର ହାଟ ବିଭାଜୀକରଣର ପ୍ରଥମ ଦିନରୁ ଆଭାସ ମିଳିଛି। ସିଂହାପୁର ଓ ଓଡ଼ିଶୋ ପଞ୍ଚାୟତରେ ଚିହ୍ନଟ ହୋଇଥିବା ହାଟସ୍ଥଳୀକୁ ରବିବାର ଚାଷୀମାନେ ଆସି ନ ଥିଲେ। ପୂର୍ବଭଳି ଚାଷୀମାନେ ବାରବାଟୀ ନିକଟସ୍ଥ ଏସ୍‌ଏଚ୍‌ଜି ହାଟ ଓ ପୁରୁଣା ଜାତୀୟ ରାଜପଥର ଅବ୍ୟବହୃତ ରାସ୍ତା ଉପରେ କାରବାର କରିଥିଲେ। ପୁରୁଣା ରାଜପଥ ରାସ୍ତା ପାର୍ଶ୍ୱରେ ଅଳିଆ ଆବର୍ଜନା ରହିବା ସହ ଅନାବନା ଗଛ ଓ ବୁଦା ରହିଥିବାରୁ ଏହି ରାସ୍ତାକୁ ତୁରନ୍ତ ସଫା କରି ଚାଷୀମାନଙ୍କ ପାଇଁ କ୍ଷେତ୍ର ପ୍ରସ୍ତୁତ ରଖିବାକୁ ହାଟସ୍ଥଳ ପରିଦର୍ଶନରେ ଆସିଥିବା ଯାଜପୁର ଜିଲାପାଳ ରଞ୍ଜନ କୁମାର ଦାସ ନିର୍ଦ୍ଦେଶ ଦେଇଛନ୍ତି। ଏହି ସମୟରେ ଉପ-ଜିଲାପାଳ ନାରାୟଣ ଚନ୍ଦ୍ର ଧଳ, ଅତିରିକ୍ତ ଜିଲାପାଳ ମିହିର ପ୍ରସାଦ ମହାନ୍ତି, ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ଇନ୍ଦ୍ରମଣି ନାୟକ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ, ରସୁଲପୁର ତହସିଲଦାର ଜ୍ୟୋତିକାନ୍ତ ଭୁଜବଳ, ବିଡିଓ ଉମାକାନ୍ତ ପରିଡ଼ା, କୁଆଖିଆ ଥାନାଧିକାରୀ ମନୋଜ କୁମାର ସ୍ୱାଇଁ, ଧର୍ମଶାଳା ଥାନାଧିକାରୀ ସରୋଜ କୁମାର ସାହୁ ପ୍ରମୁଖ ତିନିଟି ଯାକ ପ୍ରସ୍ତାବିତ ହାଟସ୍ଥଳୀକୁ ବୁଲିବାକୁ ଯାଇଥିଲେ। ବରବାଟୀ ନିକଟସ୍ଥ ପରିବା ବଜାର ନିକଟରେ ୧ମିଟର ଦୂରତା ଆଖି ଆଗରେ ରଖି ପରିବା ଦୋକାନ ସମ୍ମୁଖରେ ଗୋଲ ବୁଲାଯାଇଥିଲା। ହାଟ ସକାଳ ୭ଟାରୁ ୧୧ଟା ଓ ଅପରାହ୍ନ ୩ଟାରୁ ୫ଟା ପର୍ଯ୍ୟନ୍ତ ଖୋଲା ରହିବାକୁ ପରାମର୍ଶ ଦିଆଯାଇଛି। ତେବେ ନୂଆ ସ୍ଥାନକୁ ଚାଷୀ ଯିବାକୁ ପ୍ରଶାସନ ଆଶାବାଦୀ ରହିଛି। ମାତ୍ର ଚାଷୀମାନେ ସେ ସବୁ ସ୍ଥାନକୁ ନ ଯାଇ ବାରବାଟୀର ପୁରୁଣା ସ୍ଥାନରେ ହାଟ ବସାଇବାକୁ ମସୁଧା କରୁଛନ୍ତି ବୋଲି ସାଧାରଣରେ ଆଲୋଚନା ହେଉଛି।


ପ୍ରଶାସନିକ ଅଧିକାରୀମାନେ ବୁଲି ସାମାଜିକ ଦୂରତ୍ୱର ସ୍ଥିତି ଅନୁଧ୍ୟାନ କରୁଛନ୍ତି।

## କାର୍ଯ୍ୟରେ ଅନୁପସ୍ଥିତ: ୫ ଡାକ୍ତରଙ୍କୁ ଜବାବ ତଲବ

**ଯାଜପୁର ଅଫିସ,୨୯।୩:** କାର୍ଯ୍ୟରେ ଅନୁପସ୍ଥିତ ଅଭିଯୋଗରେ ୫ ଜଣ ଡାକ୍ତରଙ୍କୁ ଜବାବ ତଲବ ହୋଇଛି। ସେହି ଡାକ୍ତରମାନେ ହେଲେ ଡା. ପ୍ରଭାସ ସ୍ୱାଇଁ, ଡା. ଏଲ.କେ. ରାୟ, ଡା. ପି. ପତି, ଡା. ଅରୁଣ ସାମଲ ଓ ଡା. ଏସ.ଏସ. ସାହୁ। କରୋନା ମୁକାବିଲା ପାଇଁ ଦାୟିତ୍ୱରେ ଥିବା ଡେପୁଟି କଲେକ୍ଟର ରବିବାର ପୂର୍ବାହ୍ନ ୮ଟା ୪୫ରେ ଜିଲା ସଦର ଡାକ୍ତରଖାନାକୁ ପରିଦର୍ଶନରେ ଯାଇଥିଲେ। ପରିଦର୍ଶନ ସମୟରେ ଉପରୋକ୍ତ ୫ ଜଣ ଡାକ୍ତର ଅନୁପସ୍ଥିତ ଥିବା ସେ ଜାଣିବାକୁ ପାଇଥିଲେ। ତେବେ ରିପୋର୍ଟ ଆଧାରରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ (ସିଡିଏମଓ) ଡା. ଅରୁଣ କୁମାର ପାତ୍ର ତାଙ୍କ ପତ୍ରସଂଖ୍ୟା ୪୦୦/୨୯।୩।୨୦୨୦ରେ କାହିଁକି ଅନୁପସ୍ଥିତ ଡାକ୍ତରଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ ହେବ ସେଥିପାଇଁ ୩ ଦିନ ମଧ୍ୟରେ ଜବାବ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

## ମହୋତ୍ସବ ପଡ଼ିଆରେ ପରିବା ମାର୍କେଟ

ଧର୍ମଶାଳା,୨୯।୩(ଡି.ଏନ.ଏ.): କରୋନା ସଂକ୍ରମଣକୁ ରୋକିବା ଓ ସାମାଜିକ ଦୂରତ୍ୱ ବଜାୟ ରଖିବା ପାଇଁ ଧର୍ମଶାଳା ତହସିଲ ଏବଂ ଥାନା ପକ୍ଷରୁ ପ୍ରୟାସ କରାଯାଇଛି।


ଜାରକା ମହୋତ୍ସବ ପଡ଼ିଆରେ ହୋଇଥିବା ପରିବା ମାର୍କେଟରେ ବୁଲି ସ୍ଥିତି ଅନୁଧ୍ୟାନ କରୁଛନ୍ତି ତହସିଲଦାର ଓ ଥାନା ଅଧିକାରୀ।

ଏହି ବ୍ଲକ ଜାରକା ବଜାରରେ ବିଭିନ୍ନ ସ୍ଥାନରେ ବ୍ୟବସାୟ କରୁଥିବା ପରିବା ବ୍ୟବସାୟୀଙ୍କୁ ସ୍ଥାନୀୟ ମହୋତ୍ସବ ପଡିଆରେ ବ୍ୟବସାୟ କରିବା ପାଇଁ ପ୍ରଶାସନ ପକ୍ଷରୁ କୁହାଯାଇଥିଲା। ସେହି ଅନୁସାରେ ଶନିବାର ସମସ୍ତ ପରିବା ବ୍ୟବସାୟୀ ଜାରକା ବଜାର ନିକଟସ୍ଥ ମହୋତ୍ସବ ପଡିଆରେ ବ୍ୟବସାୟିକ ପସରା ମେଲାଇଥିଲେ। ତେବେ ବ୍ୟବସାୟ ସମୟରେ ଗ୍ରାହକ କିଭଳି ସାମାଜିକ ଦୂରତ୍ୱ ବଜାୟ ରଖିବେ ସେ ନେଇ ଧର୍ମଶାଳା ତହସିଲଦାର ସରୋଜ ପଣ୍ଡା, ଅତିରିକ୍ତ ତହସିଲଦାର ଦେବୀପ୍ରସନ୍ନ ମହାନ୍ତି ଓ ଧର୍ମଶାଳା ଥାନା ଅଧିକାରୀ ସରୋଜ ସାହୁ ସକାଳୁ ପହଞ୍ଚି ଏହାର ତଦାରଖ କରିଥିଲେ। ବହୁ ଗ୍ରାହକ ସାମାଜିକ ଦୂରତ୍ୱ ରକ୍ଷା କରି ପରିବା କିଣୁଥିବା ଦେଖିବାକୁ ମିଳିଥିଲା। ସେହିପରି ଅପରାହ୍ନରେ ଜିଲାପାଳ ରଞ୍ଜନ ଦାସ, ତହସିଲଦାର ପଣ୍ଡା, ଜେନାପୁର ଥାନା ଅଧିକାରୀ ସୁଶାନ୍ତ ଦାସ ଜେନାପୁର ଥାନା ଅଧୀନ ବିଭିନ୍ନ ଅଞ୍ଚଳ ବୁଲି ଲକଡାଉନ ସ୍ଥିତି ତଦାରଖ କରିଥିଲେ।


ଆନ୍ଦୋଳନ କରିଥିବା ଏନ୍‌ଆଇଏନ୍‌ଏଲର କର୍ମଚାରୀମାନେ।

## ନୋଟିସ ପରେ ମଧ୍ୟ ବନ୍ଦ ହେଉନି ଏନ୍‌ଆଇଏନ୍‌ଏଲ୍ କୋକ୍‌ଓଭେନ୍

ଯାଜପୁର ଅଫିସ,୨୯।୩

ରାଷ୍ଟ୍ରାୟତ୍ତ ଉଦ୍ୟୋଗ ଏମ୍‌ଏମ୍‌ଟିସି, ଓଡିଶା ସରକାରଙ୍କ ଉଦ୍ୟୋଗ ଇପିକଲ ଏବଂ ଓଏମସିର ଯୌଥ ପରିଚାଳନାରେ ଥିବା ନୀଳାଚଳ ଇସ୍ପାତ ନିଗମ ଲିଃ(ଏନ୍‌ଆଇଏନ୍‌ଏଲ୍)ର କୋକଓଭେନ ଓ ପ୍ରଡକ୍ଟ ପ୍ଲାଣ୍ଟକୁ ଗତ ୨୭ ତାରିଖଠାରୁ ଆବଶ୍ୟକ କୋଇଲା ଅଭାବରୁ ବନ୍ଦ କରାଯିବ ବୋଲି ବିଭାଗୀୟ ନୋଟିସ ହୋଇଥିଲା। ନୋଟିସର ୨ ଦିନ ଅତିକ୍ରାନ୍ତ ହୋଇ ସାରିଥିଲେ ହେଁ ବନ୍ଦ କରାଯାଇ ନାହିଁ। ବରଂ ଶନିବାର ସକାଳେ ପ୍ରାୟ ୩୫୦୦ଟନ କୋଇଲା ଆସିଥିବା ସୂଚନା ମିଳିଛି। ତେଣୁ ବନ୍ଦ ନୋଟିସ ପଛର ରହସ୍ୟ କିଛି ବୁଝାପଡୁନାହିଁ। ଅନ୍ୟପକ୍ଷେ କମ୍ପାନୀ କର୍ତ୍ତୃପକ୍ଷ କୋକ୍‌ଓଭେନ୍ ଓ ପ୍ରଡକ୍ଟ ପ୍ଲାଣ୍ଟକୁ ଶଟ୍‌ଡାଉନ କରିବାକୁ ଲାଇଟ ଡିଜେଲ ମଗାଇଥିବା ସୂଚନା ମିଳୁଛି। କରୋନା ମୁକାବିଲା ପାଇଁ କେନ୍ଦ୍ର ଓ ରାଜ୍ୟ ସରକାର ନାକେଦମ ହୋଇଥିବାବେଳେ ଏନ୍‌ଆଇଏନ୍‌ଏଲ୍‌ରେ ଖୋଲା ଓ ବନ୍ଦ ରହସ୍ୟ ଉପରେ ତଦନ୍ତ କରାଯିବା ଉଚିତ ବୋଲି ମତପ୍ରକାଶ ପାଇଛି। ଅନ୍ୟପକ୍ଷେ କୋଇଲା ଯୋଗାଣ ଦାବିରେ କର୍ମଚାରୀମାନେ ନୀଳାଚଳ ହାଉସରେ ସାମାଜିକ ଦୂରତା ରକ୍ଷା କରି ଧାରଣାରେ ବସି ରହିଥିଲେ। କାରଖାନାର କୋକ୍‌ଓଭେନ୍ ଥରେ ବନ୍ଦ ହେଲେ ପୁଣି ଚଳାଇବାକୁ ୬୦୦ରୁ ଊର୍ଦ୍ଧ୍ୱ କୋଟି ଟଙ୍କାର ଆବଶ୍ୟକ ପଡ଼ିବ। ଏହାବାଦ୍ ଘରୋଇକରଣ ସମୟରେ କାରଖାନାର ମୂଲ୍ୟ ହ୍ରାସ ପାଇବାର ସମ୍ଭାବନା ରହିଛି। ତେଣୁ କମ୍ପାନୀ କର୍ତ୍ତୃପକ୍ଷ ନିଜର ସ୍ୱାର୍ଥରୁ ଊର୍ଦ୍ଧ୍ୱରେ ରହି ସରକାରଙ୍କ ରାଜସ୍ୱ ହ୍ରାସ ନ କରିବା ଉଚିତ ବୋଲି କର୍ମଚାରୀ, ଶ୍ରମିକ, ଶ୍ରମିକ ନେତା ପ୍ରମୁଖ ମତପ୍ରକାଶ କରିଛନ୍ତି।

## କରୋନା ଅନୁଦାନ ବାଟମାରଣା ହେବା ଆଶଙ୍କା

**ରସୁଲପୁର, ୨୯।୩ (ଡି.ଏନ୍.ଏ.):** ରସୁଲପୁର ବ୍ଲକ ଅଧୀନ ୨୮ଟି ପଞ୍ଚାୟତରେ କରୋନା ସଚେତନତା, ରାଜ୍ୟ ବା ଦେଶ ବାହାରୁ ଆସିଥିବା ଲୋକଙ୍କ ଉପରେ ନଜର ରଖିବା ଓ ଲକ୍‌ଡାଉନ ବେଳେ ସାମାଜିକ ଦୂରତାକୁ କଡ଼ାକଡ଼ି କରିବା ପାଇଁ ସମସ୍ତ ସରପଞ୍ଚଙ୍କୁ ଦାୟିତ୍ୱ ଦିଆଯାଇଛି। ପ୍ରତି ପଞ୍ଚାୟତରେ ଆଇସୋଲେଶନ କେନ୍ଦ୍ର ଖୋଲିବା, ସନ୍ଦିଗ୍ଧମାନଙ୍କ ସମ୍ପର୍କରେ ଡାକ୍ତରୀ ଟିମ୍‌କୁ ଅବଗତ କରାଇବା ଭଳି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ସରପଞ୍ଚମାନେ ପରିଚାଳନା କରିବା ପାଇଁ କୁହାଯାଇଛି। ରସୁଲପୁର ବ୍ଲକର ଅଧିକାଂଶ ପଞ୍ଚାୟତରେ ସରପଞ୍ଚମାନେ ଏହି କାର୍ଯ୍ୟ ସୁଚାରୁରୂପେ କରୁ ନ ଥିବା ଦେଖାଯାଇଛି। ପ୍ରତି ପଞ୍ଚାୟତରେ ଗୋଟିଏ ଲେଖାଏ ଆଇସୋଲେଶନ କେନ୍ଦ୍ର କରାଯିବା ସହ ଭିତ୍ତିଭୂମି ସଜାଡିବା ପାଇଁ କରୋନା ଅନୁଦାନ ଭାବରେ ୫ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି। ଏହି ଅର୍ଥ ଖର୍ଚ୍ଚ କରିବା ଉପରେ ସରପଞ୍ଚମାନେ ଗୁରୁତ୍ୱ ଦେଉଥିବା ବେଳେ କରୋନାକୁ ନେଇ ସତର୍କତା ଅବଲମ୍ବନ କରିବା ସହ ସେମାନଙ୍କ ପଞ୍ଚାୟତରେ ସତର୍କତାମୂଳକ ପଦକ୍ଷେପ କାର୍ଯ୍ୟକାରୀ ହେଉଛି କି ନାହିଁ, ସେଥିପ୍ରତି ଧ୍ୟାନ ଦେଉ ନାହାନ୍ତି। ସରପଞ୍ଚ ଓ ତାଙ୍କ ସମର୍ଥକମାନେ ଏ ବାବଦରେ ଆସିଥିବା ଅର୍ଥ ବାଟମାରଣା କରିବାର ଏକ ଉପାୟ ବୋଲି ସାଧାରଣରେ ମତପ୍ରକାଶ ପାଇଛି। ଲୋକଙ୍କ ବିପଦ ସମୟରେ ଜନପ୍ରତିନିଧିଙ୍କ ଭୂମିକା କ'ଣ ହେବା କଥା, ସେ ନେଇ ସେମାନେ ଯତ୍ନବାନ ହେବା ଉଚିତ ବୋଲି ବୁଦ୍ଧିଜୀବୀ ମହଲରେ ମତପ୍ରକାଶ ପାଇଛି।

## ବୁଲା କୁକୁର, ଗୋରୁ ଡହଳବିକଳ

**ସାଲେପୁର,୨୯।୩(ଡି.ଏନ.ଏ.):** କରୋନା ମୁକାବିଲା ପାଇଁ ଦେଶରେ ଲକ୍‌ଡାଉନ୍ ଘୋଷଣା କରାଯାଇଥିବାରୁ ଏହାର ପ୍ରଭାବ ପଶୁପକ୍ଷୀଙ୍କଠାରେ ପଡ଼ିଥିବା ଦେଖିବାକୁ ମିଳିଛି। କଟକ ଜିଲା ସାଲେପୁର ବ୍ଲକ ଅଞ୍ଚଳରେ ଶତାଧିକ ବୁଲା କୁକୁର ଓ ଗୋରୁଗାଈ ଖାଇବାକୁ ପାଉନାହାନ୍ତି। ଅଞ୍ଚଳରେ ହୋଟେଲ୍ ଓ ଦୋକାନ ବନ୍ଦ ଥିବାରୁ ଏହି ପଶୁପକ୍ଷୀ ଭୋକ ଉପାସରେ ଡହଳବିକଳ ହେଉଛନ୍ତି। ଏପରି କି ଉକ୍ତ ରାସ୍ତା ଦେଇ କୌଣସି ଲୋକ ଚାଲିଗଲେ ଖାଦ୍ୟ ମୁଠେ ପାଇଁ କୁକୁର ଓ ଗାଈଗୋରୁ ତାଙ୍କ ଆଡ଼କୁ ମାଡ଼ି ଆସୁଛନ୍ତି। ଅଧିକାଂଶ ସ୍ଥାନରେ ଲୋକଙ୍କୁ ଦେଖିଲେ କୁକୁରମାନେ ଖାଦ୍ୟ ପାଇବା ଆଶଙ୍କାରେ ତାଙ୍କ ନିକଟରେ ଏକଜୁଟ ହୋଇଯାଉଥିବା ଦେଖିବାକୁ ମିଳିଛି। ସେହିପରି ସାଲେପୁର ବ୍ଲକ୍ ଅଞ୍ଚଳରେ ନିରାଶ୍ରୟ ଓ ମାନସିକ ବିକାରଗ୍ରସ୍ତ ଖାଇବାକୁ ନ ପାଇ ଗୋଟିଏ ଜାଗାରେ ପଡିରହିଥିବା ଦେଖିବାକୁ ମିଳିଛି। ଜିଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହୋଇଛି।


ଘରକୁ ଫେରୁଥିବା ଶ୍ରମିକ।

## ୨ମାସ ପରେ ଘରବାହୁଡ଼ିଲେ ବାହାର ଜିଲାର ୭ ଶ୍ରମିକ

ରସୁଲପୁର,୨୯।୩(ଡି.ଏନ.ଏ.)

କରୋନା ପାଇଁ ସାରାଦେଶରେ ତାଲାବନ୍ଦ ଥିବାବେଳେ ବ୍ୟବସାୟିକ ପ୍ରତିଷ୍ଠାନ, ଉତ୍ପାଦନ ୟୁନିଟ୍, କଳକାରଖାନା ଆଦି ବନ୍ଦ ହୋଇଯାଇଛି। ଏଠାରେ କାର୍ଯ୍ୟରତ ଶ୍ରମିକମାନେ କାମ ହରାଇଛନ୍ତି। ଏହାପରେ ବହୁ ଶ୍ରମିକ, ଦିନମଜୁରିଆ ଘରକୁ ଫେରିବାକୁ ଯାଇ ରାସ୍ତାଘାଟରେ ଫସି ରହିଛନ୍ତି। ସେମାନେ କିଭଳି ଘରେ ପହଞ୍ଚିବେ ସେଥିପାଇଁ ଆକୁଳ ନିବେଦନ କରୁଛନ୍ତି। କମ୍ପାନୀ ମାଲିକ, ଠିକାଦାର, ସରକାର କେହି ସେମାନଙ୍କ ପାଇଁ କୌଣସି ପଦକ୍ଷେପ ଗ୍ରହଣ କରୁନାହାନ୍ତି। ଫଳରେ ସେମାନେ ଭୋକ ଉପାସରେ ରହିଛନ୍ତି। ଏହିଭଳି ସ୍ଥିତିରେ ଯାଜପୁର ଜିଲା ରସୁଲପୁର ବ୍ଲକ ରହାମ୍ବା ପଞ୍ଚାୟତ ମିର୍ଜାପୁର ଗ୍ରାମର ଠିକାଦାର ଦିଲୀପ କୁମାର ସେଠୀ ମାନବିକତାର ପରିଚୟ ଦେଇଛନ୍ତି। ତାଙ୍କ ଅଧୀନରେ କାମକରୁଥିବା ଶ୍ରମିକମାନଙ୍କୁ ପାରିଶ୍ରମିକ ଦେଇ ଘରେ ପହଞ୍ଚାଇବାର ବ୍ୟବସ୍ଥା କରି ଉଦାହରଣ ସୃଷ୍ଟି କରିଛନ୍ତି। ନୟାଗଡ଼ ଜିଲାର ୬ ଓ ମାଲକାନାଗିରି ଜିଲାର ଜଣେ ଶ୍ରମିକଙ୍କ ଘରବାହୁଡିବାର ବାଟ ଫିଟାଇଛନ୍ତି। ଜିଲାର ସୀମାଗୁଡିକ ସିଲ୍ ହୋଇଯାଉଥିବାରୁ ଶ୍ରମିକମାନେ ଘରକୁ ଫେରି ନ ପାରିବା ଆଶଙ୍କା ଉପୁଜିଛି। ଏହାକୁ ଦୃଷ୍ଟିରେ ରଖି ଠିକାଦାର ସେଠୀ ଶ୍ରମିକମାନଙ୍କ ପାଇଁ ଏକ ଗାଡ଼ି ଭଡା କରିବା ସହ ରସୁଲପୁର ତହସିଲଦାର ଜ୍ୟୋତିକାନ୍ତ ଭୁଜବଳଙ୍କଠାରୁ ଯା-ଆସ କରିବାର ଏକ ପାସ୍ ସଂଗ୍ରହ କରିଥିଲେ। ରବିବାର ସନ୍ଧ୍ୟାରେ ସେମାନେ ନିଜ ଘରକୁ ଫେରିଯାଇଛନ୍ତି। ସେମାନେ ୨ମାସରୁ ଊର୍ଦ୍ଧ୍ୱକାଳ ରହି ଏଠାରେ କାମ କରୁଥିଲେ।

## ଡାଲୁଅ ଧାନଚାଷ ଅନିଶ୍ଚିତତାରେ

**କେନ୍ଦ୍ରାପଡା ଅଫିସ, ୨୯।୩:** କୃଷିପ୍ରଧାନ କେନ୍ଦ୍ରାପଡା ଜିଲାରେ ଡାଲୁଅ ଧାନ ଚାଷ ଏବେ ଅନିଶ୍ଚିତତା ଆଡକୁ ଯାଉଛି। କରୋନା ଭୂତାଣୁ ସଂକ୍ରମଣ ଚାଷକୁ ରୋକିଥିବା ଚାଷୀ ଓ ବୁଦ୍ଧିଜୀବୀ ମତ ଦେଇଛନ୍ତି। ପ୍ରତିବର୍ଷ ଏହି ଜିଲାରେ ଉଠା ଜଳସେଚନ ଦ୍ୱାରା ୨୦ ହଜାର ହେକ୍ଟରରୁ ଅଧିକ ଡାଲୁଅ ଧାନ ଚାଷ ହୋଇଥାଏ। ତେବେ କରୋନା ଭୂତାଣୁ ସଂକ୍ରମଣକୁ ରୋକିବା ପାଇଁ ଗତ ୨୨ ତାରିଖ ଜନତା କର୍ଫ୍ୟୁଠାରୁ ଅଦ୍ୟାବଧି ସହର ଓ ଗ୍ରାମାଞ୍ଚଳ ଲକ୍‌ଡାଉନ ହୋଇଥିବାରୁ ବିହନ ଓ ରାସାୟନିକ ସାର, ଔଷଧ ମିଳୁ ନ ଥିବା କେନ୍ଦ୍ରାପଡା ବ୍ଲକ ଦେପୁରା ଗ୍ରାମର ଚାଷୀ ଜଗଦୀଶ ପତି କହିଛନ୍ତି। ସେ କହିଛନ୍ତି ଯେ, ପ୍ରତିବର୍ଷ ପ୍ରାୟ ୩ ଏକର ଜମିରେ ଡାଲୁଅ ଧାନଚାଷ କରିଥାନ୍ତି। ଅଧିକ ଅମଳ ପାଇଁ ସରକାରୀ ବିହନ ଉପଯୁକ୍ତ ହୋଇଥିବା ବେଳେ କରୋନା ପାଇଁ ଏହି ବିଭାଗ ସ୍ଥାଣୁ ପାଲଟିଛି। ବିହନ ନ ମିଳିଲେ ଚାଷ ହୋଇପାରିବ ନାହିଁ ବୋଲି କହିଛନ୍ତି। ସେହିପରି ଡେରାବିଶର ଚାଷୀ କୃତ୍ତିବାସ ପାତ୍ର କହିଛନ୍ତି, ଲକ୍‌ଡାଉନ ପାଇଁ ବଜାରକୁ ଯାଇହେଉ ନାହିଁ। ସ୍ଥାନୀୟ ସମବାୟ ସମିତି ମଧ୍ୟ ଅଦ୍ୟାବଧି ବିହନ ଯୋଗାଣ ଆରମ୍ଭ କରି ନାହାନ୍ତି। ବଜାର ବନ୍ଦ ଥିବାରୁ ରାସାୟନିକ ସାର ଓ ଔଷଧ ମିଳିବା ସମ୍ଭାବନା ନାହିଁ। ଜମିକୁ ହଳ କରି ଉପଯୁକ୍ତ କରିଥିଲେ ମଧ୍ୟ ବିହନ ଧାନ ଆଣିବା ସମ୍ଭବ ନୁହେଁ। ଏ ସମ୍ପର୍କରେ ଉପଜିଲାପାଳ ଜ୍ୟୋତିଶଙ୍କର ମହାପାତ୍ର କହିଛନ୍ତି, ଜିଲାର ଜଜାଙ୍ଗସ୍ଥିତ ବିହନ ପ୍ରକ୍ରିୟାକରଣ କେନ୍ଦ୍ରରେ ପ୍ରାୟ ୬ ହଜାର କୁଇଣ୍ଟାଲ ଧାନ ବିହନ ସଂରକ୍ଷିତ ଅଛି। ତେବେ ସାମ୍ପ୍ରତିକ ସମୟରେ ଚାଷ ଅପେକ୍ଷା ଜୀବନକୁ ଗୁରୁତ୍ୱ ଦିଆଯାଉଛି। କରୋନା ସଂକ୍ରମଣ ରୋକିବା ପ୍ରାଥମିକ କାର୍ଯ୍ୟ ହୋଇଛି। ଏଥିପାଇଁ ରାଜ୍ୟ ସରକାର କେତେକ ବିଭାଗକୁ ବନ୍ଦ କରିଛନ୍ତି। ଏ ନେଇ ବିଭାଗୀୟ ଅଧିକାରୀଙ୍କ ସହିତ ଆଲୋଚନା ପରେ ବିହନ ଯୋଗାଣ ନେଇ ଚିନ୍ତା କରାଯିବ ବୋଲି ଉପଜିଲାପାଳ ମହାପାତ୍ର ମତ ଦେଇଛନ୍ତି।

## ବାଙ୍ଗାଲୋରରେ ଫସିଛନ୍ତି ୮ ଓଡ଼ିଆ

ନାଉଗାଁ, ୨୯।୩ (ସ୍ୱ.ପ୍ର.)

କରୋନା ସଂକ୍ରମଣ ରୋକିବାକୁ ଏପ୍ରିଲ ୧୪ ତାରିଖ ପର୍ଯ୍ୟନ୍ତ ଲକ୍‌ଡାଉନ୍ ଘୋଷଣା କରାଯାଇଛି। ତେଣୁ ଦେଶ ବାହାରେ ତଥା ରାଜ୍ୟ ବାହାରେ ରହିଥିବା ଓଡ଼ିଆମାନେ ଘରକୁ ଫେରି ପାରୁନାହାନ୍ତି। ନାଉଗାଁ ବ୍ଲକର ସୁଦର୍ଶନ ଗୋଚ୍ଛାୟତ, ଅଭିନାଶ ଗୋଚ୍ଛାୟତ, ଗୋବିନ୍ଦ ଗୋଚ୍ଛାୟତ, ବିକ୍ରମ ଗୋଚ୍ଛାୟତ, ରାହୁଲ ଗୋଚ୍ଛାୟତ, ଗୋପୀନାଥ କାଣ୍ଡି, ଶରତ ଗୋଚ୍ଛାୟତ, ଶ୍ରୀକାନ୍ତ ମହାନ୍ତି ପ୍ରମୁଖ ବାଙ୍ଗାଲୋରର କୋରାମଙ୍ଗଲା ଓ ବେଲେନ୍ଦୁରରେ ରହି ବେସରକାରୀ କମ୍ପାନୀରେ କାର୍ଯ୍ୟ କରୁଥିଲେ। ଲକ୍‌ଡାଉନ୍ ଯୋଗୁ କମ୍ପାନୀ ବନ୍ଦ ହୋଇଯିବା ପରେ ସେମାନେ ଘରକୁ ଫେରି ପାରୁ ନ ଥିବା ବେଳେ ଖାଦ୍ୟ ପାଇପାରୁନାହାନ୍ତି। ଜିଲା ଓ ରାଜ୍ୟ ପ୍ରଶାସନ ସେମାନଙ୍କୁ ଫେରାଇ ଆଣିବାକୁ ସେମାନେ ନିବେଦନ କରିଛନ୍ତି।


ବାଙ୍ଗାଲୋରରେ ଫସିଥିବା ଯୁବକମାନେ।

## ଗାଁ ରାସ୍ତାରେ ପଡ଼ିଲା ବାଡ଼

ଏରସମା, ୨୯।୩ (ସ୍ୱ.ପ୍ର.)

କରୋନା ସଂକ୍ରମଣ ରୋକିବା ପାଇଁ ସଂଗରୋଧ ଏକମାତ୍ର ବିକଳ୍ପ ବୋଲି ବିଶେଷଜ୍ଞମାନେ କହୁଛନ୍ତି। ଏହାକୁ ଦୃଷ୍ଟିରେ ରଖି ସାରାଦେଶକୁ ଆସନ୍ତା ଏପ୍ରିଲ ୧୪ ପର୍ଯ୍ୟନ୍ତ ଲକ୍‌ଡାଉନ୍ କରାଯାଇଛି। ତେବେ କେତେକ ଗ୍ରାମରେ ମଧ୍ୟ କରୋନା ସଂକ୍ରମଣ ରୋକିବା ସକାଶେ ବିଭିନ୍ନ ସତର୍କତାମୂଳକ ପଦକ୍ଷେପ ନିଆଯାଉଥିବା ଦେଖାଯାଉଛି। ନାଉଗାଁ ବ୍ଲକ ଅଞ୍ଚଳର ବିଭିନ୍ନ ଗ୍ରାମର ଲୋକେ ଏଥିପାଇଁ ଗ୍ରାମ ରାସ୍ତାରେ ବାଡ଼ ପକାଇ ସର୍ବସାଧାରଣ ପ୍ରବେଶ ଉପରେ ରୋକ ଲଗାଇଥିବା ଦେଖାଯାଇଛି। ବାହାର ଲୋକେ ଯେପରି ଗାଁକୁ ପ୍ରବେଶ ନ କରନ୍ତି ଓ ଗାଁ ଲୋକେ ବାହାରକୁ ନ ଯିବା ଉପରେ ବିଶେଷ ସଚେତନତା ସୃଷ୍ଟି କରାଯାଉଛି। ବିଶେଷ କରି ମଣିକୁଣ୍ଡଳ, ଦେଉଳୀ, କାଣିପଦା, ପୋଖରିଆପଡା, ଭଜନା, ଶରବା, ରବା ପାଟ, କାଙ୍କଣ, ଆମ୍ବିକି ପ୍ରଭୃତି ଗ୍ରାମରେ ଲୋକମାନେ ଗାଁମୁଣ୍ଡରେ ବାଡ଼ ପକାଇ ରାସ୍ତା ବନ୍ଦ କରିଥିବା ଦେଖାଯାଇଛି। କରୋନା ସଂକ୍ରମଣ ରୋକିବାକୁ ହେଲେ ଲୋକମାନେ ଘରେ ରୁହନ୍ତୁ, ସୁରକ୍ଷିତ ରୁହନ୍ତୁ ସ୍ଲୋଗାନ ଦେଇ ଲୋକମାନେ ଗ୍ରାମବାସୀଙ୍କୁ ସଚେତନ କରାଉଥିବା ଦେଖିବାକୁ ମିଳିଛି।

## ଦୁଗ୍ଧଚାଷୀଙ୍କ ଉପରେ କରୋନା ମାଡ଼

ରଘୁନାଥପୁର,୨୯।୩(ଡି.ଏନ.ଏ.)

- ନିୟମିତ କ୍ରୟ କରୁନି ଓମ୍‌ଫେଡ୍
- ଜଗତ୍‌ସିଂହପୁର ଜିଲାର ଅନେକ ଚାଷୀ କ୍ଷତିଗ୍ରସ୍ତ
- ସରକାର କ୍ଷୀର କିଣି ରାଶନକାର୍ଡଧାରୀଙ୍କୁ ଯୋଗାଇବାକୁ ନିବେଦନ

କରୋନା ମୁକାବିଲା ପାଇଁ ଦେଶରେ ଚାଲିଥିବା ଲକ୍‌ଡାଉନ ଯୋଗୁ ଓମ୍‌ଫେଡ୍ ନିୟମିତ ଦୁଗ୍ଧ କ୍ରୟ କରୁନାହିଁ। ଏହାଦ୍ୱାରା ଦୁଗ୍ଧଚାଷୀ କ୍ଷତିଗ୍ରସ୍ତ ହେଉଛନ୍ତି। ଜଗତ୍‌ସିଂହପୁର ଜିଲାରେ ଥିବା ୫୫୦ ସମିତିର ଅନେକ ଚାଷୀ ଏବେ ମୁଣ୍ଡରେ ହାତ ଦେଇ ବସିଛନ୍ତି। ଲାଗୁଛି ଯେମିତି ଏହି ଚାଷୀମାନଙ୍କ ଉପରେ କରୋନା ମାଡ଼ ହୋଇଛି। ଓମ୍‌ଫେଡ୍ ପକ୍ଷରୁ ପ୍ରତି ୨/୩ଦିନ ଅନ୍ତରରେ କ୍ଷୀର ସଂଗ୍ରହ କରାଯାଉଛି। ଫଳରେ ଗୋପାଳନ କରି ପରିବାର ପୋଷଣ କରୁଥିବା ଚାଷୀ ଏବେ ହତାଶ ହୋଇ ପଡ଼ିଛନ୍ତି। ଏପରି କି ପରିବାର ଚଳାଇବା ଓ ଗାଈଙ୍କ ପାଇଁ ଖାଦ୍ୟ କିଣିବାକୁ ସେମାନଙ୍କ ପାଖରେ ଟଙ୍କାଟିଏ ନାହିଁ ବୋଲି କେତେଜଣ ଚାଷୀ କହିଛନ୍ତି। ତେଣୁ ଏ ଦିଗରେ ମୁଖ୍ୟମନ୍ତ୍ରୀ ଦୃଷ୍ଟିଦେବାକୁ ସେମାନେ ନିବେଦନ କରିଛନ୍ତି। ସରକାର ଯେଉଁମାନଙ୍କୁ ଖାଦ୍ୟ ସୁରକ୍ଷା ଯୋଜନାରେ ରାଶନ ସାମଗ୍ରୀ ଦେଉଛନ୍ତି ସେହିମାନଙ୍କୁ କ୍ଷୀର କିଣି ଯୋଗାନ୍ତୁ ବୋଲି ଚାଷୀମାନେ ଅନୁରୋଧ କରିଛନ୍ତି। ଏହାଦ୍ୱାରା ଲକ୍‌ଡାଉନ ସମୟରେ କ୍ଷୀରର ଅଭାବୀବିକ୍ରି ହେବ ନାହିଁ ବୋଲି ଚାଷୀ ମତ ରଖିଛନ୍ତି। ପରିସ୍ଥିତି ସ୍ୱାଭାବିକ ହେବା ପର୍ଯ୍ୟନ୍ତ ସରକାର ଏହି ପନ୍ଥା ଆପଣାନ୍ତୁ ବୋଲି କଟକ ଜିଲା ଦୁଗ୍ଧ ସଂଘ ପରିଚାଳନା ପରିଷଦ ସଦସ୍ୟ ଦିଲୀପ ଲେଙ୍କା, ଶ୍ରୀକାନ୍ତ ଜେନା, ଆର୍ତ୍ତତ୍ରାଣ ପତିଙ୍କ ସମେତ ଅନେକ ଚାଷୀ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି। ଏହାକୁ ପ୍ୟାକେଟ କ୍ଷୀର କିମ୍ବା ଶୁଖିଲା ଗୁଣ୍ଡ ଭାବେ ପ୍ରତ୍ୟେକ ରାଶନ କାର୍ଡଧାରୀ, ଅଙ୍ଗନୱାଡି ଶିଶୁ ଓ ସ୍କୁଲ ଛାତ୍ରୀଛାତ୍ରଙ୍କୁ ଦେବାକୁ ଅନୁରୋଧ କରାଯାଇଛି। ଦୁଗ୍ଧ ସଂଗ୍ରହ ରେଗୁଲାର ନ ହେବା ସମ୍ପର୍କରେ କଟକ ଜିଲା ଦୁଗ୍ଧ ସଂଘ ପରିଚାଳନା ପରିଷଦ ଚେୟାରମ୍ୟାନ ସରୋଜିନୀ ମିଶ୍ର କହିଛନ୍ତି, ଲକ୍‌ଡାଉନ୍ ଯୋଗୁ ଆଶାନୁରୂପକ କ୍ଷୀର ବିକ୍ରି ହୋଇ ପାରୁନାହିଁ। ତଥାପି ବିକଳ୍ପ ବ୍ୟବସ୍ଥା କରିବା ପାଇଁ ସରକାରଙ୍କ ସହିତ ଆଲୋଚନା କରାଯାଉଛି ବୋଲି ପ୍ରକାଶ କରିଛନ୍ତି। ଓମ୍‌ଫେଡ୍ ଏମ୍‌ଡି ଆର୍ ରଘୁପ୍ରସାଦଙ୍କୁ ପଚାରିବାରେ ସେ କହିଛନ୍ତି, ଓମ୍‌ଫେଡ୍ ପକ୍ଷରୁ ସମସ୍ତ ଷ୍ଟଲରେ କ୍ଷୀର ବିକ୍ରୟ କରାଯାଉଛି। ତେବେ ଲକ୍‌ଡାଉନ ଯୋଗୁ କ୍ଷୀର ବିକ୍ରିରେ ବାଧା ସୃଷ୍ଟି ହୋଇଛି। ତେଣୁ ପ୍ଲାଣ୍ଟରୁ କ୍ଷୀର ପ୍ରୋସେସିଂ ହୋଇ ମାର୍କେଟିଂ ହେବାପରେ ପୁନଃ କ୍ଷୀର ସଂଗ୍ରହ କରାଯାଉଛି ବୋଲି ପ୍ରକାଶ କରିଛନ୍ତି। ରାଶନକାର୍ଡଧାରୀଙ୍କୁ କ୍ଷୀର ଯୋଗାଇବା ସମ୍ପର୍କରେ ପଚାରିବାରୁ ସେ ସରକାରଙ୍କୁ ଏନେଇ ଅନୁରୋଧ କରିବେ ବୋଲି କହିଛନ୍ତି। ମୁଖ୍ୟମନ୍ତ୍ରୀ ଦୃଷ୍ଟିଦେବାକୁ ଚାଷୀଙ୍କ ପକ୍ଷରୁ ଦାବି ହୋଇଛି।

## ବଜ୍ରପାତରେ ଯୁବକଙ୍କ ମୃତ୍ୟୁ

**ନୟାଗଡ଼ ଅଫିସ/ଦଶପଲ୍ଲା, ୨୯।୩(ଡି.ଏନ୍.ଏ.):** ବଜ୍ରପାତରେ ରବିବାର ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଶଙ୍କର୍ଷଣ ନାୟକ, ଘର ନୟାଗଡ ଜିଲା ଦଶପଲ୍ଲା ବ୍ଲକ ଶିମିଳିସାହି ପଞ୍ଚାୟତ ଦେଢ଼ଶର ଗାଁରେ। ସୂଚନା ଅନୁସାରେ ଦେଢ଼ଶର ଗାଁର ଶଙ୍କର୍ଷଣ ନାୟକ, ସ୍ତ୍ରୀ ନିବାସୀ, ପଡୋଶୀ ତ୍ରିଲୋଚନ ପ୍ରଧାନ, ଉପେନ୍ଦ୍ର ଦେହୁରି ପ୍ରମୁଖ ରବିବାର ଅପରାହ୍ଣରେ ଯାଇ ବିଲରେ ରବି ଫସଲ କାମ କରୁଥିଲେ। ହଠାତ୍ ବର୍ଷା ପବନ ସହ ବଜ୍ରପାତ ହୋଇଥିଲା। ଏଥିରେ ଅନ୍ୟମାନେ ସାମାନ୍ୟ ଆହତ ହୋଇଥିବାବେଳେ ଶଙ୍କର୍ଷଣ ଗୁରୁତର ହୋଇଥିଲେ। ତାଙ୍କୁ ଦଶପଲ୍ଲା ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ।

## ଫସିଛନ୍ତି ୨୦୦ରୁ ଊର୍ଦ୍ଧ୍ୱ ଫେରିବାଲା

**ନୟାଗଡ ଅଫିସ, ୨୯।୩:** ନୟାଗଡ ସହର ଉପକଣ୍ଠ ସିନ୍ଦୂରିଆରେ ୨୦୦ରୁ ଊର୍ଦ୍ଧ୍ୱ ଫେରିବାଲା ଓ ବାଦାମ ବ୍ୟବସାୟୀ ଫସିରହିଛନ୍ତି। ପଶ୍ଚିମବଙ୍ଗ, ବିହାର, ଉତ୍ତରପ୍ରଦେଶର ଏହି ବ୍ୟବସାୟୀମାନେ ସିନ୍ଦୂରିଆରେ ରହି ଜିଲାର ବିଭିନ୍ନ ଅଞ୍ଚଳରେ ଶାଢ଼ି, ଲୁଗା ସହ ବାଦାମ ବ୍ୟବସାୟ କରୁଥିଲେ। ଏମାନଙ୍କ ମଧ୍ୟରୁ ୯୦ ଜଣଙ୍କୁ ଚିହ୍ନଟ କରାଯାଇ ପ୍ରଶାସନ ପକ୍ଷରୁ ସ୍ଥାନୀୟ ସ୍କୁଲରେ ଖାଦ୍ୟ ଯୋଗାଇବା ବ୍ୟବସ୍ଥା କରାଯାଇଛି। ସୋମବାର ଏମାନଙ୍କୁ ଖାଦ୍ୟ ଯୋଗାଯିବ ବୋଲି ନୟାଗଡ ବିଡିଓ ମନୋଜ ପାତ୍ର କହିଛନ୍ତି। ଅନ୍ୟପକ୍ଷେ ପ୍ରାୟ ୩୦ ଫେରିବାଲା ନିଜ ଅଞ୍ଚଳକୁ ଫେରିଯାଇଥିବା ଜଣାପଡିଛି।

## ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଯୁବକଙ୍କ ମୃତ୍ୟୁ

**ଭାପୁର, ୨୯।୩(ଡି.ଏନ୍.ଏ.):** ନୟାଗଡ ଜିଲା ଭାପୁର ବ୍ଲକ ବିଜିପୁର ଗ୍ରାମରେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ସ୍ୱାଧୀନ କୁମାର ଜେନା (୨୫)। ସ୍ୱାଧୀନ ଭୁବନେଶ୍ୱରରେ ଏକ କମ୍ପାନୀରେ କାମ କରନ୍ତି। କରୋନା କଟକଣା ଯୋଗୁ ସେ ଗ୍ରାମକୁ ଆସିଥିଲେ। ପୂର୍ବାହ୍ଣରେ ସେ ନିଜ ଘରେ ଏକ ଫ୍ୟାନ ସଜାଡୁଥିଲା ବେଳେ ହଠାତ୍ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଗୁରୁତର ହୋଇଥିଲେ। ତାଙ୍କୁ ତୁରନ୍ତ ଭାପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ମାତ୍ର ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

# ମାଡ଼ ଭୟ, ରାସ୍ତା ଶୂନ୍‌ଶାନ



ନୟାଗଡ଼ ସହର ଶୂନଶାନ୍ ହୋଇପଡିଛି।

**ନୟାଗଡ଼ ଅଫିସ, ୨୯।୩**

କରୋନା ଭାଇରାସ୍‌ର ମୁକାବିଲା ଲାଗି ମଙ୍ଗଳବାର ମଧ୍ୟରାତ୍ରରୁ କେନ୍ଦ୍ର ସରକାର ସାରା ଦେଶରେ ଲକ୍‌ଡାଉନ୍ ଘୋଷଣା କରିଛନ୍ତି। ଏହା ପରେ ବି ଲୋକେ ଅଣଦେଖା କରିଚାଲିଥିଲେ। ତେବେ ୫ମ ଦିବସରେ ନୟାଗଡ଼ ଜିଲା ଲୋକଙ୍କ ଚିନ୍ତାଧାରାରେ ପରିବର୍ତ୍ତନ ଲକ୍ଷ୍ୟ କରାଯାଉଛି। କାମ ନ ଥିଲେ କେହି ଘରୁ ବାହାରୁ ନାହାନ୍ତି। ଫଳରେ ସହରର ମୁଖ୍ୟରାସ୍ତା ଜନଶୂନ୍ୟ ହୋଇପଡିଛି। ରୋଗ ପ୍ରତି ଲୋକଙ୍କ ଯେତିକି ଭୟ ନାହିଁ ଅଧିକ ଭୟ ରହିଛି ପୋଲିସର ମାଡ଼ ଓ ଦଣ୍ଡକୁ। ପୋଲିସ ଲୋକଙ୍କର କୌଣସି କଥା ଶୁଣୁ ନାହିଁ। କାହାକୁ ବସଉଠ କରୁଛି ତ ଆଉ କାହାକୁ ଗୋଡାଇ ଗୋଡାଇ ପିଟୁଛି। ଏଭଳି ଦୃଶ୍ୟ କେବଳ ନୟାଗଡ଼ ଜିଲା ସଦର ମହକୁମାରେ ନୁହେଁ, ଜିଲାର ବିଭିନ୍ନ ଗ୍ରାମାଞ୍ଚଳରେ ଦେଖାଯାଇଛି।

କରୋନା ଆଳରେ କିଛି ପୋଲିସ ଲୋକଙ୍କ ଉପରେ ଦାଉ ସାଧୁଛନ୍ତି। ପୂର୍ବର ରାଗ ଶୁଝାଉଛନ୍ତି। କ୍ଷମତାର ଅପବ୍ୟବହାର କରି ଲୋକଙ୍କୁ ମାରପିଟ୍, ବ୍ୟବହାର ଖରାପ ଓ ଦଣ୍ଡ ଦେଉଛନ୍ତି। ହାତଗୁଞ୍ଜା ନେଇ ଲୋକଙ୍କୁ ଦଣ୍ଡ କମାଇ ଦେଉଛନ୍ତି। ନିଜ ପାଖ ଲୋକଙ୍କୁ ଦଣ୍ଡ ଓ ମାରପିଟ୍ କରୁ ନାହାନ୍ତି। ଏପରି କି ଦୋକାନ କାହିଁକି ଖୋଲିଛ କହି ବ୍ୟବସାୟୀଙ୍କଠାରୁ ଦୋକାନ ସାମଗ୍ରୀ ନିଜ ଘର ପାଇଁ ନେଇଯାଉଛନ୍ତି।

**ମିଳୁନି ଔଷଧ:** ନୟାଗଡ ଜିଲାର ବିଭିନ୍ନ ଔଷଧ ଦୋକାନରେ ଏବେ ଆଉ ଅନେକ ଔଷଧ ଉପଲବ୍ଧ ହେଉ ନାହିଁ। ଲୋକେ ଔଷଧ ନ ପାଇ ହଇରାଣ ହେଉଛନ୍ତି। ରିଟେଲର ଓ ହୋଲସେଲରଙ୍କ ପାଖକୁ ଗଲେ ଉତ୍ତର ମିଳୁଛି ମାର୍ଚ୍ଚ ମାସ ଓ କରୋନା କଟକଣା ଯୋଗୁ ଅର୍ଡର ପଠାଇଲେ ବି ଔଷଧ ଆସୁନି। ସବୁଠି ଅସୁବିଧା, କାମ କରିବାକୁ ଲୋକ ମିଳୁନାହାନ୍ତି। କରୋନା କଟକଣାରେ ଭୟଭୀତ ହୋଇ ଲୋକ କାମ କରିବାକୁ ଆସୁନାହାନ୍ତି। ଯେଉଁମାନେ ଆସିବାକୁ ରାଜି ହେଉଛନ୍ତି ସେମାନେ ୧କୋଟି ଟଙ୍କାର ଇନ୍‌ସ୍ୟୁରାନ୍ସ କରିବାକୁ କହୁଛନ୍ତି। ଫଳରେ କିଛି ଅସୁବିଧା ହେଲେ ସେମାନଙ୍କ ପରିବାର ଚଳିଯିବେ। ନଚେତ ଯିବେ ନାହିଁ।

**ଏକାଧିକ ପରିବା ମାର୍କେଟ କରାଯାଉ**

ନୟାଗଡ଼ ବ୍ରଜେନ୍ଦ୍ର ହାଇସ୍କୁଲ ପଡିଆରେ ସୋମବାର ଅସ୍ଥାୟୀ ପରିବା ମାର୍କେଟ ଖୋଲିବାକୁ ଯାଉଛି। ସାମାଜିକ ଦୂରତା ରକ୍ଷା କରିବାକୁ ହେଲେ ଏହିପରି ଜିଲା ସଦର ମହକୁମାରେ ଆଉ ୪ଟି ପରିବା ମାର୍କେଟ କରାଯିବା ଉଚିତ ବୋଲି ସାଧାରଣରେ ମତପ୍ରକାଶ ପାଉଛି।

## ଗାଁ ଦାଣ୍ଡରେ ମୁଗବିରି ବେଙ୍ଗଳା

**ଓଡ଼ଗାଁ, ୨୯।୩(ସ୍ୱ.ପ୍ର.):** ନୟାଗଡ଼ ଜିଲା ଓଡ଼ଗାଁ ତହସିଲ ଅନ୍ତର୍ଗତ ବିଭିନ୍ନ ଗ୍ରାମରେ ଗାଁ ଦାଣ୍ଡରେ ମୁଗବିରି ବେଙ୍ଗଳା ସଙ୍ଗରୋଧଙ୍କ ନିମନ୍ତେ କାଳ ସାଜିଛି। ଲକ୍‌ଡାଉନ ପରିପ୍ରେକ୍ଷୀରେ ଲୋକେ ସପରିବାର ଘରେ ରହୁଥିବା ବେଳେ କେତେକ ଅମାନିଆ ଲୋକ ଗାଁ ଦାଣ୍ଡରେ ମୁଗବିରି ଅମଳ କରୁଥିବା ଦେଖିବାକୁ ମିଳିଛି। ସେମାନେ ଖଳାବାରି ପରିବର୍ତ୍ତେ ଗାଁ ଦାଣ୍ଡ ସିମେଣ୍ଟ ରୋଡକୁ ସହଜ ଭାବେ ଧରିନେଇଛନ୍ତି। ବେଙ୍ଗଳା ପକାଇବା ପରେ ଦାଣ୍ଡ ମଝିରେ ଷ୍ଟାଣ୍ଡ ଫ୍ୟାନ୍ ଲଗାଇ ଏସବୁକୁ ଉଡାଉଛନ୍ତି। ଏହାଦ୍ୱାରା ଏଥିରୁ ନିର୍ଗତ ହେଉଥିବା ଧୂଷ ଗାଁ ସାରା ଉଡି ଅସ୍ୱାଭାବିକ ପରିସ୍ଥିତି ସୃଷ୍ଟି କରୁଛି। ଲୋକେ ମୁକ୍ତ ବାୟୁ ଟିକେ ପାଇବାକୁ ଘର ଦୁଆରେ ବସିଥିବା ବେଳେ ମୁଗୁବିରି ଧୂଷ ସେମାନଙ୍କ ନିମନ୍ତେ ଅସ୍ୱାସ୍ଥ୍ୟକର ହୋଇଛି। ଏପରି କି ଏସବୁ ସେମାନଙ୍କ ଶ୍ୱାସକ୍ରିୟାରେ ବାଧା ସୃଷ୍ଟି କରିବା ଆଶଙ୍କା ଦେଖାଦେଇଛି। ନିକଟସ୍ଥ ବାହାଡାଖୋଲା, ନନ୍ଦିଘୋର, ଆରେଡା ଓ ଅନ୍ୟ କେତେକ ଗାଁରେ ଏହିଭଳି ସମସ୍ୟା ଦେଖାଦେଇଛି। ଏ ନେଇ ଆରେଡା ଲୋକେ ସୂଚନା ଦେବା ପରେ ସ୍ଥାନୀୟ ପୋଲିସ କେବଳ ସେମାନଙ୍କୁ ଏଥିରୁ ନିବୃତ୍ତ ହେବାକୁ କହି ଫେରିଆସିଥିଲା। ପରେ ସେମାନେ ସ୍ଥାନୀୟ ତହସିଲଦାରଙ୍କ ଦୃଷ୍ଟିକୁ ଆଣିଥିବା ଶ୍ରୀକାନ୍ତ କୁମାର ଖଟେଇ ପ୍ରକାଶ କରିଛନ୍ତି।

## ଠାକୁରଙ୍କ କୁଣ୍ଡରେ ଯୌନାଙ୍ଗ ସମର୍ପଣ

**ନୟାଗଡ଼ ଅଫିସ, ୨୯।୩:** ଅନ୍ଧବିଶ୍ୱାସର ବଶବର୍ତ୍ତୀ ହୋଇ ଜଣେ ଯୁବକ ରବିବାର ନିଜର ଯୌନାଙ୍ଗ କାଟି ହନୁମାନଙ୍କ ସମ୍ମୁଖ କୁଣ୍ଡରେ ସମର୍ପଣ କରିଛନ୍ତି। ଗୁରୁତର ଅବସ୍ଥାରେ ଯୁବକଙ୍କୁ ନୟାଗଡ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ପରେ ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଛି। ସେ ହେଲେ ନୟାଗଡ ଟାଉନ ଥାନା ଷଠିଆପଲ୍ଲୀ ଗାଁର ପ୍ରଦୀପ ଦିହୁରି (୨୭)। ଖୁଣ୍ଟୁବନ୍ଧ ଗ୍ରାମର କାଳିଆ ଷଣ୍ଢ ରଘୁନାଥ ମନ୍ଦିରରେ ପ୍ରଦୀପ ପ୍ରାୟ ୧୦ ଫୁଟ ଉଚ୍ଚର ହନୁମାନ ମୂର୍ତ୍ତି ନିର୍ମାଣ କରିଥିଲେ। ସେଠାରେ ସେ ପ୍ରାୟ ୨ବର୍ଷ ହେଲା ଅଧିକାଂଶ ସମୟ ଦେଇ ନିଜକୁ ହନୁମାନଙ୍କ ଭକ୍ତ ରୂପେ ପରିଚୟ ଦେଇଆସୁଥିଲେ। ରବିବାର ସେ ନିଜର ଯୌନାଙ୍ଗ କାଟି ହନୁମାନଙ୍କ ସମ୍ମୁଖ କୁଣ୍ଡରେ ପକାଇ ଦେଇଥିଲେ।



ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରୁଛନ୍ତି ଡାକ୍ତର।

## ରୋଗୀ ସେବାରେ ବ୍ରତୀ ଡାକ୍ତର, ନର୍ସ

**ଖଣ୍ଡପଡ଼ା, ୨୯।୩(ସ୍ୱ.ପ୍ର.):** କରୋନା ଭୂତାଣୁକୁ ନେଇ ସମଗ୍ର ରାଜ୍ୟ ତଥା ଦେଶରେ ଭୟର ବାତାବରଣ ସୃଷ୍ଟି ହୋଇଛି। ଜନସାଧାରଣଙ୍କୁ ସଚେତନ କରିବା ପାଇଁ ପ୍ରଶାସନଠାରୁ ଆରମ୍ଭ କରି ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନ, ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟାମାନେ ଲାଗିପଡିଛନ୍ତ। ଖଣ୍ଡପଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ କଣ୍ଟିଲୋ ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ଓ ଷ୍ଟାଫ୍‌ନର୍ସ ମଧ୍ୟ ଦିନ ଓ ରାତିରେ ରୋଗୀ ସେବାରେ ଲାଗିଛନ୍ତ। ଗତ ୧୦ଦିନ ଧରି ଖଣ୍ଡପଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ କଣ୍ଟିଲୋକୁ ଆଖପାଖ ଅଞ୍ଚଳରୁ ଶହ ଶହ ରୋଗୀଙ୍କ ସୁଅ ଛୁଟୁଛି। ସାମାନ୍ୟ ଜ୍ୱର କିମ୍ବା ଥଣ୍ଡା କାଶରେ ପୀଡିତ ରୋଗୀମାନେ ସ୍ୱାସ୍ଥ୍ୟ ପରୀକ୍ଷା ନିମନ୍ତେ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସୁଛନ୍ତି। ଖଣ୍ଡପଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ସାମାଜିକ ଦୂରତ୍ୱ ନିୟମ ଲାଗୁ କରାଯାଇଥିବାରୁ ରୋଗୀମାନେ ପିଲାଛୁଆଙ୍କୁ ଧରି ଲମ୍ବା ଲାଇନରେ ଛିଡା ହୋଇ ଡାକ୍ତରଙ୍କଠାରୁ ପରାମର୍ଶ ଗ୍ରହଣ କରୁଛନ୍ତି। ପରୀକ୍ଷା କରାଯାଇଥିବା ସମସ୍ତଙ୍କ ସ୍ୱାସ୍ଥ୍ୟାବସ୍ଥା ଠିକ୍ ଥିବା ଭାରପ୍ରାପ୍ତ ଚିକିତ୍ସାଧିକାରୀ ଡା. ଅରୁନ୍ଧତି ପରିଡାଙ୍କଠାରୁ ପ୍ରକାଶ। ନୟାଗଡ ଜିଲାପାଳ ଡା. ପୋମା ଟୁଡୁ ଇତି ମଧ୍ୟରେ ୨ଥର ଖଣ୍ଡପଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପରିଦର୍ଶନରେ ଆସି ସ୍ଥିତି ସମୀକ୍ଷା କରିଛନ୍ତି।

## କାର୍ଯ୍ୟକ୍ଷମ ହୋଇପାରୁନି ପାନୀୟଜଳ ପ୍ରକଳ୍ପ

- ଦୂଷିତ ପାଣି ପିଉଛନ୍ତି ଲୋକେ
- ଆନ୍ଦୋଳନ କରିବାକୁ ଚେତାବନୀ



କମେଇ ନଦୀ କୂଳରେ ନିର୍ମିତ ଇନଟେକ୍ ୱେଲ୍

**ଖଣ୍ଡପଡ଼ା, ୨୯।୩(ସ୍ୱ.ପ୍ର.):** ଭାପୁର ବ୍ଲକ ପଥରଚକଡା ପଞ୍ଚାୟତରେ ପାନୀୟଜଳ ସମସ୍ୟା ସମାଧାନ ପାଇଁ ଗ୍ରାମ୍ୟ ଜଳଯୋଗାଣ ବିଭାଗ ପକ୍ଷରୁ ୨ଟି ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ହୋଇଥିଲା। ହେଲେ ଅବଧି ଶେଷ ହେବାର ବର୍ଷେ ବିତିବାକୁ ବସିଥିଲେ ମଧ୍ୟ ନିର୍ମାଣ କାର୍ଯ୍ୟ ଶେଷହୋଇପାରି ନାହିଁ। ଫଳରେ ପୂର୍ବଭଳି ଲୋକେ ଦୂଷିତ ପାଣି ପିଇବାକୁ ବାଧ୍ୟ ହେଉଛନ୍ତି। ତୁରନ୍ତ ଏହାର ସମାଧାନ ନ ହେଲେ ଲୋକେ ଆନ୍ଦୋଳନ କରିବାକୁ ବାଧ୍ୟ ହେବେ ବୋଲି ସୂଚନା ମିଳିଛି। ପଥରଚକଡା ପଞ୍ଚାୟତ ମାଧପୁର ଗ୍ରାମ ନୂଆସାହିର ୭ରୁ ୧୮ ନମ୍ବର ପର୍ଯ୍ୟନ୍ତ ୧୨ଟି ୱାର୍ଡର ପ୍ରାୟ ୩ହଜାରରୁ ଊର୍ଦ୍ଧ୍ୱ ଲୋକ ବାସ କରନ୍ତି। ବାରମ୍ବାର ଦାବି ପରେ ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗ ପକ୍ଷରୁ ମାଧପୁର ଓ ପଥରଚକଡା ଗ୍ରାମ ପାଇଁ ପୃଥକ୍ ସ୍ଥାନରେ ୨ଟି ପାନୀୟ ଜଳ ପ୍ରକଳ୍ପ ପ୍ରତିଷ୍ଠା ପାଇଁ ୨ବର୍ଷ ପୂର୍ବେ ୧.୪୩ କୋଟି ଟଙ୍କା ବ୍ୟୟରେ କାର୍ଯ୍ୟ ଆରମ୍ଭ ହୋଇଥିଲା। ଗତ ଏପ୍ରିଲ ମାସ ସୁଦ୍ଧା ନିର୍ମାଣକାର୍ଯ୍ୟ ଶେଷ କରାଯାଇ ଲୋକଙ୍କୁ ପାନୀୟ ଜଳ ଯୋଗାଯିବ ବୋଲି ବିଭାଗୀୟ କର୍ତ୍ତୃପକ୍ଷ ଆଶ୍ୱାସନା ଦେଇଥିଲେ। ମାତ୍ର ଅବଧି ଶେଷ ହୋଇଥିଲେ ମଧ୍ୟ କାର୍ଯ୍ୟ ସମ୍ପନ୍ନ ହୋଇପାରିଲା ନାହିଁ। ଏ ସମ୍ପର୍କରେ ପଥରଚକଡା ସରପଞ୍ଚ ତ୍ରିନାଥ ମୁଦୁଲିଙ୍କ କହିବା କଥା, ମାଧପୁର ଗ୍ରାମ ପାଇଁ ମାଧପୁର ବାଲିଘାଟଠାରେ ନିର୍ମିତ ନୂତନ ପ୍ରକଳ୍ପ କାର୍ଯ୍ୟ ଯୁଦ୍ଧକାଳୀନ ଭିତ୍ତିରେ ଚାଲୁ ରହିଥିଲା। ମାତ୍ର ଠିକାଦାରଙ୍କୁ ବାରମ୍ବାର କହିବା ସତ୍ତ୍ୱେ ସେ କାର୍ଯ୍ୟରେ ଅବହେଳା ପ୍ରଦର୍ଶନ କରୁଛନ୍ତି। ଏହି ପ୍ରକଳ୍ପ କାର୍ଯ୍ୟକାରୀ ହେଲେ ମାଧପୁରବାସୀଙ୍କ ଜଳକଷ୍ଟ ଦୂର ହୋଇପାରିବ ବୋଲି ସେ ସୂଚନା ଦେଇଥିଲେ। ସେହିପରି କମେଇ ନଦୀ କୂଳରେ ପଥରଚକଡା ନୂଆସାହିଠାରୁ ଡିପିସାହି ପର୍ଯ୍ୟନ୍ତ ବସବାସ କରୁଥିବା ଦେଢ ହଜାରରୁ ଊର୍ଦ୍ଧ୍ୱ ଗ୍ରାମବାସୀଙ୍କ ପାଇଁ ଅନ୍ୟ ଏକ ଜଳ ଯୋଗାଣ ପ୍ରକଳ୍ପ ନିର୍ମାଣ କରାଯାଇଛି। ନଦୀ କୂଳରେ ନିର୍ମିତ ଇନ୍‌ଟେକ ୱେଲ କାର୍ଯ୍ୟ କିଛିଦିନ ହେବ ଶେଷହୋଇ ଜଳ ଯୋଗାଣ ପାଇଁ ପାଇପ୍ ଲାଇନ ବିଛା ସରିଛି। ମାତ୍ର ଟ୍ୟାପ ଲାଗି ନାହିଁ। ବିଭାଗୀୟ ଅଧିକାରୀ ଆଉ ୧୦/୧୫ଦିନ ମଧ୍ୟରେ ଜଳ ଯୋଗାଣ ହେବ ବୋଲି କହୁଥିଲେ ମଧ୍ୟ ଆମର ବିଶ୍ୱାସ ହେଉନାହିଁ। ଏଣେ ଉଭୟ ଗ୍ରାମର ବାସିନ୍ଦା ଦୂଷିତ ପାଣି ବ୍ୟବହାର କରି ବିଭିନ୍ନ ରୋଗରେ ଆକ୍ରାନ୍ତ ହେଉଛନ୍ତି। ଏହା ବିରୋଧରେ ଗ୍ରାମବାସୀ ରାସ୍ତାରୋକୋ କରିବାକୁ ନିଷ୍ପତ୍ତି ନେଇଥିବା ସରପଞ୍ଚ ମୁଦୁଲି ସୂଚନା ଦେଇଛନ୍ତି। ଏ ସମ୍ପର୍କରେ ନୟାଗଡ ଜିଲା ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ ନିର୍ବାହୀଯନ୍ତ୍ରୀ ରାଜୀବ ପାଣିଗ୍ରାହୀଙ୍କୁ ପଚାରିବାରୁ ସେ କହିଥିଲେ, ଠିକାଦାରଙ୍କୁ ତୁରନ୍ତ କାର୍ଯ୍ୟ ଶେଷ କରି ଜଳଯୋଗାଣ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଏଥିରେ ବ୍ୟତିକ୍ରମ ହେଲେ ସମ୍ପୃକ୍ତ ସଂସ୍ଥା ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

## ଜିଲାପାଳଙ୍କୁ ଫେରାଦ ଅଙ୍ଗନୱାଡି କର୍ମୀ, ସହାୟିକା

**ନୟାଗଡ ଅଫିସ/ରଣପୁର, ୨୯।୩(ସ୍ୱ.ପ୍ର.)**

ଗର୍ଭବତୀ ମହିଳା/ପ୍ରସୂତି ଓ ପ୍ରାକ୍ ବିଦ୍ୟାଳୟ ଶିଶୁଙ୍କ ଉଦ୍ଦେଶ୍ୟରେ ଘରକୁ ଘର ବୁଲି ଶୁଖିଲା ଖାଦ୍ୟ ବଣ୍ଟନରେ ସମସ୍ୟା ଉପୁଜିଲାଣି। ଅଙ୍ଗନୱାଡି କର୍ମୀ ଓ ସହାୟିକାଙ୍କ ପକ୍ଷରେ ଅସୁବିଧା ଉପୁଜିଥିବାରୁ ଅଲ ଓଡିଶା ଅଙ୍ଗନୱାଡି କର୍ମୀ ଓ ସହାୟିକା ସାମ୍ମୁଖ୍ୟ ନୟାଗଡ ଜିଲା ଶାଖା ଏହାର ପ୍ରତିବାଦ କରି ଜିଲାପାଳ ଓ ଉପଜିଲାପାଳଙ୍କୁ ଫେରାଦ୍ ହୋଇଛି। ଅଭିଯୋଗ ଅନୁସାରେ ସରକାରଙ୍କ ନିର୍ଦ୍ଦେଶ ଅନୁସାରେ ଶୁଖିଲା ଖାଦ୍ୟକୁ ଅଙ୍ଗନୱାଡି କେନ୍ଦ୍ରର କର୍ମୀ ଓ ସହାୟିକା ଘରକୁ ଘର ବୁଲି ବଣ୍ଟନ କରିବେ। ବର୍ତ୍ତମାନ ସମୟରେ ଏହି କାର୍ଯ୍ୟ କରିବା କାଠିକର ପାଠ ହୋଇଛି। ଗୋଟିଏ ଗୋଟିଏ କେନ୍ଦ୍ରରେ ୪୦ରୁ ଊର୍ଦ୍ଧ୍ୱ ହିତାଧିକାରୀ ଅଛନ୍ତି। ପୁଣି ଅନେକ ପଡା ଗାଁ ରହିଛି, ଯାହାକି ରାଜସ୍ୱ ଗାଁଠାରୁ ଦୂରରେ। ଜଣେ ଗର୍ଭବତୀ ମହିଳା/ପ୍ରସୂତି ପିଛା ୪.୪୧୦ ଗ୍ରାମ ଛତୁଆ, ୧୨ଟି ଅଣ୍ଡା ଓ ଲଡୁ, ଶିଶୁ ପିଛା ୨.୨୦୫ ଗ୍ରାମ ଛତୁଆ, ୧୨ ଅଣ୍ଡା, ସୁଜି ୧୩୫୦ ଗ୍ରାମ ଯୋଗାଇବା ବ୍ୟବସ୍ଥା ରହିଛି। ଅଙ୍ଗନୱାଡି କେନ୍ଦ୍ରର ଗୋଟିଏ ବା ଦୁଇଟି ସ୍ଥାନରେ ସାମାଜିକ ଦୂରତ୍ୱ ରଖି ବଣ୍ଟନ କାର୍ଯ୍ୟ କରିବା ନେଇ ସଂଘର ସଭାନେତ୍ରୀ ଜ୍ୟୋତ୍ସ୍ନାମୟୀ ପଣ୍ଡା ଓ ସମ୍ପାଦିକା ସୁଶ୍ରୀ ସଙ୍ଗିତା ମହାପାତ୍ରଙ୍କ ନେତୃତ୍ୱରେ ସ୍ମାରକପତ୍ର ପ୍ରଦାନ କରାଯାଇଛି।



କଣ୍ଟିଲୋରେ ପହଞ୍ଚିଥିବା ଶ୍ରମିକମାନେ।

## ଭୁବନେଶ୍ୱରରୁ ଚାଲି ଚାଲି କଣ୍ଟିଲୋରେ ପହଞ୍ଚିଲେ ୯ ଶ୍ରମିକ

**ଖଣ୍ଡପଡା, ୨୯।୩(ସ୍ୱ.ପ୍ର.):** ସାରା ଦେଶ ତଥା ରାଜ୍ୟରେ ଲକ୍‌ଡାଉନ କଡାକଡି ଲାଗୁ କରାଯାଇଥିବାରୁ ଯାନବାହନ ଚଳାଚଳ ଠପ୍ ହୋଇଯାଇଛି। ଏ ପରିପ୍ରେକ୍ଷୀରେ ଭୁବନେଶ୍ୱରରେ ଅଟକି ରହିଥିବା ବୌଦ୍ଧ ଜିଲା ବସନ୍ତବାହାଲ ଗ୍ରାମର ୯ଜଣ ଶ୍ରମିକ ପିଲାଛୁଆ ଧରି ୮୦ କି.ମି. ଚାଲି ଚାଲି ରବିବାର ସକାଳେ କଣ୍ଟିଲୋଠାରେ ପହଞ୍ଚିଥିଲେ। ସେମାନଙ୍କ ଦୟନୀୟ ଅବସ୍ଥା ଦେଖି ସ୍ଥାନୀୟ ଲୋକେ କଣ୍ଟିଲୋ ପଞ୍ଚାୟତ କର୍ତ୍ତୃପକ୍ଷ ଓ ପୋଲିସ ସହାୟତାରେ ଏକ ବୋଲେରୋ ଯୋଗେ ଗ୍ରାମକୁ ପଠାଇଥିଲେ। ଏ ସମ୍ପର୍କରେ ସ୍ଥାନୀୟ ପୋଲିସ ଏକ ଲିଖିତ ଅନୁମତି ଦେଇଥିବା ଜଣାଯାଇଛି।

## ହିତାଧିକାରୀଙ୍କ ନିକଟରେ ପହଞ୍ଚିଲା ଖାଉଟି ସାମଗ୍ରୀ

**ଖଣ୍ଡପଡ଼ା, ୨୯।୩(ସ୍ୱ.ପ୍ର.):** ଖଣ୍ଡପଡ଼ା ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରିଣୀ ଇତିଶ୍ରୀ ଷଡଙ୍ଗୀଙ୍କ ତତ୍ତ୍ୱାବଧାନରେ ମହିଳା ସ୍ୱୟଂସହାୟିକା ଗୋଷ୍ଠୀ ପକ୍ଷରୁ ହିତାଧିକାରୀଙ୍କୁ ୩ମାସର ଚାଉଳ ବଣ୍ଟନ କରାଯାଇଛି। ଜିଲା ପ୍ରଶାସନର ନିର୍ଦ୍ଦେଶ କ୍ରମେ ଖଣ୍ଡପଡାର ମା'ଖାଡେଶ୍ୱରୀ ମହିଳା ସ୍ୱୟଂସହାୟିକା ଗୋଷ୍ଠୀର ସଦସ୍ୟାମାନେ ପ୍ରତ୍ୟେକ ୱାର୍ଡ ବୁଲି ହିତାଧିକାରୀଙ୍କୁ ଖାଉଟି ସାମଗ୍ରୀ ପ୍ରଦାନ କରୁଛନ୍ତି। ଖଣ୍ଡପଡା ବ୍ଲକ ଯୋଗାଣ ନିରୀକ୍ଷକ ସୁବାସ ଚନ୍ଦ୍ର ବିଶ୍ୱାଳ, ଏନ୍‌ଏସି କାର୍ଯ୍ୟାଳୟର ବରିଷ୍ଠ ଅଧିକାରୀ ପ୍ରକାଶ ଚନ୍ଦ୍ର ବାରିକ ଉପସ୍ଥିତ ଥିଲେ।

# କରୁନାହାନ୍ତି ନାଁ ପଞ୍ଜୀକରଣ

**ନୟାଗଡ ଅଫିସ, ୨୯।୩**

**ଗାଁରେ ଦାଦନ ଫେରନ୍ତା**

ନୟାଗଡ ଜିଲାର ବିଭିନ୍ନ ଗାଁରେ ଏବେ ଦାଦନ ଫେରନ୍ତାଙ୍କ ସଂଖ୍ୟା ବଢୁଛି। ହେଲେ ସେମାନଙ୍କ ତାଲିକା ପ୍ରଶାସନ ନିକଟରେ ନାହିଁ। ଏମାନଙ୍କ ମଧ୍ୟରୁ ପ୍ରାୟ ୮୦ ପ୍ରତିଶତ ସେମାନଙ୍କ ନାଁ ପଞ୍ଜୀକରଣ କରିଥିବାବେଳେ ଅବଶିଷ୍ଟ କରିନାହାନ୍ତି। ପୁଣି ଏମାନେ ସରକାରଙ୍କ କଟକଣା ମାନୁନାହାନ୍ତି କି ଗାଁଲୋକଙ୍କ କଥା ଶୁଣୁନାହାନ୍ତି। ୧୪ ଦିନ ଏକାନ୍ତ ଜୀବନ ବିତାଇବା ବଦଳରେ ବିଭିନ୍ନ ଅଞ୍ଚଳ ଘୂରିବୁଲୁଛନ୍ତି। ପୋଲିସର ଆକଟ ସେମାନଙ୍କ ପାଇଁ କାମ କରୁନି। ଭୋଜି ଭାତ କରି ମଉଜ୍‌ରେ ସମୟ ବିତାଉଛନ୍ତି। ସେଲ୍ଫ କ୍ୱାରେଣ୍ଟାଇନ୍ କ'ଣ ସେମାନେ ବୁଝୁନାହାନ୍ତି। ପଚାରିଲେ କହୁଛନ୍ତି ଆମର ସେସବୁ ଦରକାର ନାହିଁ। ଆମେ ଠିକ୍‌ଠାକ ଅଛୁ। ଯଦି କେହି ଜଣେ ସଂକ୍ରମିତ ହୁଅନ୍ତି ତେବେ ଅବସ୍ଥା ଅସମ୍ଭାଳ ହେବ ବୋଲି ବୁଦ୍ଧିଜୀବୀମାନେ ମତ ଦେଇଛନ୍ତି। ନୟାଗଡ଼ ବ୍ଲକ ଘଡୁଆଳ ଗାଁରେ ୨ଜଣ କେରଳରୁ ଆସି ଗାଁରେ ରହିଛନ୍ତ। ସେମାନଙ୍କର ଥଣ୍ଡା କାଶ ହେଉଥିଲେ ମଧ୍ୟ ଘରେ ଲୁଚି ରହିଛନ୍ତି। ଖୋର୍ଦ୍ଧାର ଜଣେ ବ୍ୟକ୍ତି ଗାଁରେ ଲୁଚି ରହିଛନ୍ତି ବୋଲି କିଛି ଲୋକ ନାଁ ଗୋପନ ରଖି ପ୍ରକାଶ କରିଛନ୍ତି। ସେହିପରି ଜିଲାର ବିଭିନ୍ନ ବ୍ଲକ ଅଞ୍ଚଳରେ ଅନେକ ଲୋକ ଥଣ୍ଡା କାଶରେ ପୀଡିତ ଥାଇ ସ୍ୱାସ୍ଥ୍ୟକେନ୍ଦ୍ର ଯାଉନାହାନ୍ତି। ଏହି ଦାଦନ ଫେରନ୍ତା ଉପରେ ଲଗାମ ଲଗାଇବାକୁ ଦାବି ହେଉଛି। ମିଳିଥିବା ସୂଚନା ଅନୁସାରେ ଶରଣକୁଳ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧୀନରେ ରାଜ୍ୟ ବାହାରୁ ୫୨୩ ଓ ବିଦେଶରୁ ୧୧ଜଣ ଏପରି ୫୩୪ଜଣଙ୍କ ନାମ ପଞ୍ଜୀକରଣ ହୋଇଛି। ତେବେ ଏଠାକାର ବିଭିନ୍ନ ଗାଁରେ ୫୦ରୁ ଊର୍ଦ୍ଧ୍ୱ ଲୋକ ଲୁଚି ରହିଥିବା ଜଣେ ବ୍ୟକ୍ତି କହିଛନ୍ତ। ଏ ନେଇ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଶ୍ୱେତ ମହାପାତ୍ର କୁହନ୍ତି, ପ୍ରଶାସନ ପକ୍ଷରୁ କରୋନା ସମ୍ପର୍କରେ ସଚେତନ କରାଯାଉଛି। ଯେଉଁମାନେ ସରକାରୀ ନିର୍ଦ୍ଦେଶକୁ ଅଣଦେଖା କରୁଛନ୍ତି ସେମାନଙ୍କୁ ବୁଝାଶୁଝା କରାଯାଇ ନାଁ ପଞ୍ଜୀକରଣ କରାଯାଉଛି।

## ଅନୁମତି ନ ଥାଇ ଗଛକଟା

**ନୟାଗଡ ଅଫିସ, ୨୯।୩:** ଗୋଡିପଡା ଉଦୟ ନବୀନ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରୁ ୩ଟି ଶାଗୁଆନ ଓ ୨ଟି କଦମ୍ବ ଗଛ କଟାଯାଇଛି। ତେବେ ଶାଗୁଆନ ଗଛ କାଟିବା ପରେ କାଠ ଗାଏବ ହୋଇଥିବାବେଳେ ୨ଟି କଦମ୍ବ ଗଛର କାଠ ରହିଛି। ଖବର ପାଇ ଗୋଡିପଡା ଫରେଷ୍ଟର ଓ ପୋଲିସ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି। ଗୋଡିପଡା ଫରେଷ୍ଟର ସୂର୍ଯ୍ୟକାନ୍ତ ମହାରଣା କୁହନ୍ତି, ସ୍କୁଲ ପରିସରରେ ଶାଗୁଆନ ଗଛର ୩ଟି ଗଣ୍ଡି ଦେଖାଯାଉଥିବାବେଳେ କଟା କଦମ୍ବ ଗଛ ପଡିରହିଛି। ତଦନ୍ତ ପରେ ପଦକ୍ଷେପ ନିଆଯିବ।

## ନବଜାତ ଶିଶୁର ମୃତଦେହ ଗାଏବ

**ନୟାଗଡ ଅଫିସ, ୨୯।୩:** ନୟାଗଡ ଜିଲା ମୁଖ୍ୟ ଚିକିତ୍ସାଳୟର ସ୍ପେଶାଲ କ୍ୟାବିନ ନିକଟ ଓସ୍ତଗଛ ମୂଳେ ଜମା ହୋଇଥିବା ଅଳିଆ ଗଦାରେ ରବିବାର ଏକ ନବଜାତ ଶିଶୁର ମୃତଦେହ ଦେଖିବାକୁ ମିଳିଥିଲା। ହେଲେ କିଛି ସମୟ ପରେ ମୃତଦେହଟି ଗାଏବ ହୋଇଯାଇଥିଲା। ଫଳରେ ଅଳିଆଗଦାକୁ ଶିଶୁର ମୃତଦେହ କିପରି ଆସିଲା ତାହା ସ୍ପଷ୍ଟ ହୋଇପାରି ନାହିଁ। ଏ ନେଇ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଶ୍ୱେତ ମହାପାତ୍ର କୁହନ୍ତି, ଏହାର ତଦନ୍ତ କରାଯାଇ ପଦକ୍ଷେପ ନିଆଯିବ।

# ଜମ୍ମୁରେ ଫସିଛନ୍ତି ୨ ହଜାର ଶ୍ରମିକ

- ରୋଜଗାର ନାହିଁ, ୧ମାସ ହେଲା କାମଧନ୍ଦା ବନ୍ଦ
- ଘରକୁ ଫେରିବା ବ୍ୟବସ୍ଥା କରିବାକୁ ନିବେଦନ

**ନୟାଗଡ଼ ଅଫିସ, ୨୯।୩:** ଜମ୍ମୁର ବିଭିନ୍ନ କଲୋନୀରେ ଫସି ରହିଛନ୍ତି ନୟାଗଡ଼ ଜିଲାର ପ୍ରାୟ ୨ ହଜାର ଶ୍ରମିକ। ଏହି ଶ୍ରମିକମାନେ ନିଜ ଘରକୁ ଫେରି ଆସିବାକୁ ନୟାଗଡ ଜିଲା ପ୍ରଶାସନକୁ ଅନୁରୋଧ କରିଛନ୍ତି। ଏମାନଙ୍କ ମଧ୍ୟରେ ଓଡଗାଁ ବ୍ଲକ ଗୋଡିପଲ୍ଲୀ, ପଞ୍ଚରିଡା ମାନପୁର ଓ ଶିଖରପୁରର ୬୫ ଶ୍ରମିକ ଅଛନ୍ତି। ଜମ୍ମୁରେ କାମ ବନ୍ଦ ହୋଇଯିବା ପରେ ଖାଇବା ଓ ରହିବାରେ ଅସୁବିଧା ହେଉଛି। ସେହିଭଳି ଓଡଗାଁ ବ୍ଲକ ଭାଲିଆଡିହି, ଜାକେଡା, କୋମଣ୍ଡ, ଗୋଡିପଡା ଅଞ୍ଚଳର ୪୦ରୁ ଊର୍ଦ୍ଧ୍ୱ ଶ୍ରମିକ ଫସିରହିଛନ୍ତି। ଶ୍ରମିକ ମହେନ୍ଦ୍ର ଭୂୟାଁଙ୍କ ସୂଚନା ଅନୁସାରେ ବର୍ଷା ହେବା ସହ କରୋନା ଯୋଗୁ ପ୍ରାୟ ୧ମାସ ହେଲା ରୋଜଗାର ଠପ୍ ହୋଇଯାଇଛି। ପୂର୍ବରୁ ଯାହା ରୋଜଗାର ହୋଇଥିଲା ସେଥିରୁ କିଛି ଘରକୁ ପଠାଇବା ପରେ ଯାହା ଥିଲା ଖର୍ଚ୍ଚ ହୋଇସାରିଲାଣି। ବାକିରେ ଚଳିବା ଆରମ୍ଭ କରିଥିଲୁ। ହେଲେ କରୋନା ଯୋଗୁ ବାକି ଦେବାକୁ କେହି ରାଜି ହେଉନାହାନ୍ତି। ପ୍ରଶାସନ ପକ୍ଷରୁ ଚାଉଳ, ପିଆଜ, ଆଳୁ, ତେଲ, ଅଟା ମିଳୁଛି। ଆମେ ୨୦ ଜଣ ଥିବାବେଳେ ମାତ୍ର ୨ଜଣ ଏହି ସୁବିଧା ପାଉଛନ୍ତି। ଏଭଳି ହେବା ଦ୍ୱାରା ଆମେ ଏଠାରେ କିପରି ଜୀବନ ପିତାଇବୁ ତାହାକୁ ନେଇ ଚିନ୍ତିତ ହୋଇପଡିଛୁ।



ଜମ୍ମୁରେ ଫସିରହିଥିବା ଶ୍ରମିକ।

## ପଞ୍ଜୀକରଣ ନ କରି ଯାଉଛନ୍ତି ଶ୍ରମିକ

ଜମ୍ମୁରେ ପ୍ରାୟ ୫୬ମାସ ତଳେ ନୟାଗଡ଼ ଜିଲାର ପ୍ରାୟ ୧୦ ହଜାର ଶ୍ରମିକ କାର୍ଯ୍ୟ କରୁଥିଲେ। ଏବେ ଏହି ସଂଖ୍ୟା ପ୍ରାୟ ୨ ହଜାର ହେବ। ତେବେ ଯେଉଁ ଶ୍ରମିକ ଏଠାରେ କାମ କରୁଛନ୍ତି ସେମାନଙ୍କ ନାଁ ନୟାଗଡ ଜିଲା ଶ୍ରମ ବିଭାଗରେ ପଞ୍ଜୀକୃତ କରାଯାଇ ନାହିଁ। ଜଣେ ଶ୍ରମିକଙ୍କ ସୂଚନା ଅନୁସାରେ ସେମାନେ ବାହାର ରାଜ୍ୟରେ କାମ କରିବାକୁ ଯିବାବେଳେ ନାଁ ପଞ୍ଜୀକୃତ କରିବାକୁ ପଡେ କି ନାହିଁ ଜାଣି ନାହାନ୍ତି। ପଞ୍ଜୀକୃତ କଲେ କି ସୁବିଧା ମିଳିବ ତାହା ସେମାନଙ୍କୁ ଜଣା ନାହିଁ। ଗାଁରେ କାମ ନାହିଁ। ଯେଉଁ କାମ ଅଛି ସେଥିରେ ରାଜନୀତି ଅଧିକ। ପୁଣି ପାରିଶ୍ରମିକ କମ। ବାକି ହୋଇଯିବା ପରେ ପରିଶୋଧ ପାଇଁ ଜମ୍ମୁ ଆସିବାକୁ ପଡେ । ଜମ୍ମୁରେ କିଛି ବର୍ଷ କାମ କରିବା ପରେ ବାକି ପରିଶୋଧ ହୋଇଯାଏ। ଏଣୁ ଅଧିକାଂଶ ଶ୍ରମିକ ଜମ୍ମୁ ଆସିଥାନ୍ତି। ଏହି ପରିପ୍ରେକ୍ଷୀରେ ଆଗକୁ ଶ୍ରମିକମାନେ କିପରି ନାମ ପଞ୍ଜୀକୃତ କରି ବାହାର ରାଜ୍ୟକୁ ଯିବେ ସେ ବ୍ୟବସ୍ଥା କରିବା ଉଚିତ ବୋଲି ମତପ୍ରକାଶ ପାଉଛି।



ଅତୀତ ମନୁଷ୍ୟ ବିଷୟରେ ବହୁ କଥା ଜାଣିଲେ, ଭବିଷ୍ୟତ ମନୁଷ୍ୟ ଗଢ଼ିବା ଦିଗରେ ସହାୟତା ମିଳେ ।
- ବିନୋଦ କାନୁନ୍‌ଗୋ



# ଭୋକିଲାଙ୍କୁ ଆହାର ଦେବାକୁ ପଣ

**ସମ୍ବଲପୁର, ୨୯।୩ (ବ୍ୟୁରୋ)**

ବର୍ତ୍ତମାନ କରୋନା ଭୂତାଣୁ ସମଗ୍ର ବିଶ୍ୱକୁ ସମ୍ପୂର୍ଣ୍ଣ ଭାବେ ଗ୍ରାସିଛି। ଜନ ଜୀବନ ଅସ୍ତବ୍ୟସ୍ତ ହେବାରେ ଲାଗିଛି। ଏପରି ସ୍ଥଳେ ମଣିଷ ଭୟଭୀତ ହୋଇ ଘରେ ବସିବାକୁ ବାଧ ହୋଇଛି। ଜନତା କର୍ଫ୍ୟୁ ଓ ପରେ ୨୧ ଦିନ ଲାଗି ଦେଶକୁ ଲକ୍ ଡାଉନ୍ ଘୋଷଣା କରାଯାଇଛି। ଏହାଦ୍ୱାରା ସମଗ୍ର ଦେଶରେ ଗରିବ ନିଷ୍ପେସିତ, ଖଟିଖିଆ ଭୋକରେ ଆଉଟପାଉଟ ହେଉଛନ୍ତି। ଖାଦ୍ୟ ଟିକକ ପାଇଁ ସେମାନେ ଜୀବନ ସହ ସଂଗ୍ରାମ ମଧ୍ୟ କରୁଛନ୍ତି । ଏପରି ଦୁଃଖୀ ଓ ଭୋକିଲାଙ୍କ ପେଟରେ ଆହାର ଦେବା ପାଇଁ ଆଗେଇ ଆସିଛନ୍ତି ସମ୍ବଲପୁର ଏସଆରଆଇଟି କଲୋନୀ ବାସିନ୍ଦା ଦିଲୀପ କୁମାର ପଣ୍ଡା। କରୋନା ଭୂତାଣୁ ଭୟକୁ ମନରୁ ଦୂରେଇ ଦେଇ ସେ ସମ୍ବଲପୁର ମହାନଗର ନିଗମ ଅଞ୍ଚଳ ରେଳ ଷ୍ଟେଶନ, ସମ୍ବଲପୁର ରୋଡ୍, ସିଟି ଷ୍ଟେଶନ, ଧନୁପାଲି, ଲକ୍ଷ୍ମୀଟକିଜ, ସିନ୍ଦୁରପଙ୍କ, ଅଇଁଠାପାଲି, ପାଟଣେଶ୍ୱରୀ ମନ୍ଦିର ଛକରେ ରହୁଥିବା ଗରିବମାନଙ୍କୁ ରନ୍ଧାଖାଦ୍ୟ ଓ ପାଣି ଦେଉଛନ୍ତି। ଲକ୍ ଡାଉନ ଶେଷ ପର୍ଯ୍ୟନ୍ତ ରନ୍ଧାଖାଦ୍ୟ ବଣ୍ଟନ କରିବାକୁ ସେ ଲକ୍ଷ୍ୟ ରଖିଛନ୍ତି । ଏ ନେଇ ଦିଲୀପ କୁହନ୍ତି, ବାପା ରାଧେଶ୍ୟାମ ପଣ୍ଡା ଅନାଥ ଆଶ୍ରମରେ ବଢ଼ିଥିଲେ। ପରବର୍ତ୍ତୀ ସମୟରେ ସେ ପୋଲିସ ବିଭାଗର ଅଧିକାରୀ ଭାବେ ଅବସର ଗ୍ରହଣ କରିଛନ୍ତି । ଏହାକୁ ଦୃଷ୍ଟିରେ ରଖି ଗରିବ, ଅନାଥଙ୍କ ପେଟରେ ଖାଦ୍ୟ ମୁଠେ ଦେବାକୁ ମନରେ ସ୍ଥିର କରିଛନ୍ତି। ୨୦୧୪ ଏପ୍ରିଲ ୫ ତାରିଖରୁ ପ୍ରତି ରବିବାର ସହରର ବିଭିନ୍ନ ଛକରେ ରହୁଥିବା ୫ଶହ ଜଣଙ୍କୁ ରନ୍ଧାଖାଦ୍ୟ ଦେଇ ଆସୁଛନ୍ତି। ୨୦୧୪ରେ ସହରରେ ହୋଇଥିବା ଜଣ୍ଡିସ ସମୟରେ ସମ୍ବଲପୁର ଡାକ୍ତରଖାନା ପରିସରରେ ଦେଢ଼ ମାସ ରୋଗୀ ଓ ଜନସାଧାରଣଙ୍କୁ ଗରମ ପାଣି ପ୍ରଦାନ କରିଛନ୍ତି। ଏକ ବେସରକାରୀ କମ୍ପାନୀରେ ସେ ଚାକିରି କରିଛନ୍ତି। ଜନସେବା କରିବା ତାଙ୍କୁ ଆନନ୍ଦ ଦେଇଥାଏ ବୋଲି କହନ୍ତି ଦିଲୀପ। ତେବେ ଖାଦ୍ୟ ପ୍ରସ୍ତୁତ ଓ ବଣ୍ଟନରେ ଦିଲୀପଙ୍କୁ ରମେଶ କୁମାର ଗୁପ୍ତା, ଘନଶ୍ୟାମ ସାହୁ, ରାଜକମଳ ମହାନ୍ତି, ମାନସ ଶତପଥୀ, ବୁଢ଼ା ବେହେରା, ଗୋପିନାଥ ପୃଷେଟ, ବିକାଶ ତ୍ରିପାଠୀ, ବିଜୟ ଧର, ତନ୍ମୟ ମେହେର ପ୍ରମୁଖ ସହଯୋଗ କରିଥାନ୍ତି। ପ୍ରଥମେ ସେମାନେ ନିଜେ ମାସ୍କ ଓ ହାତରେ ଗ୍ଲୋଭ୍ସ ପିନ୍ଧି ଖାଦ୍ୟ ଦେବା ପୂର୍ବରୁ ସେନିଟାଇଜରରେ ଅନ୍ୟମାନଙ୍କ ହାତ ସଫା କରିବାକୁ କହିଥାନ୍ତି।



ସମ୍ବଲପୁରର ଦିଲୀପ କୁମାର ପଣ୍ଡା ଅସହାୟଙ୍କୁ ଖାଦ୍ୟ ବଣ୍ଟନ କରୁଛନ୍ତି ।

## ସଂକ୍ଷେପରେ

### ବାପାଙ୍କୁ ମୁଖାଗ୍ନି ଦେଲେ ଝିଅ

ଝାରସୁଗୁଡା ଅଫିସ,୨୯।୩
ଭାରତୀୟ ଜୀବନବୀମା ନିଗମରେ ଉନ୍ନୟନ ଅଧିକାରୀ ଭାବେ କାର୍ଯ୍ୟରତ ଦେବାନନ୍ଦ ଦାଶ(୫୭)ଙ୍କ ଶନିବାର ହୃଦ୍‌ଘାତରେ ଝାରସୁଗୁଡା ସେଣ୍ଟମେରୀ ହସ୍ପିଟାଲରେ ମୃତ୍ୟୁ ହୋଇଥିଲା। ରବିବାର ତାଙ୍କ ଅନ୍ତିମ ସଂସ୍କାର କରାଯାଇଥିଲା। ସହରର କାଳୀ ମନ୍ଦିର ରୋଡସ୍ଥିତ ସ୍ୱର୍ଗଦ୍ୱାରରେ ଏହି କାର୍ଯ୍ୟ ସମାପନ କରାଯାଇଥିଲା। ଦେବାନନ୍ଦଙ୍କ ବଡ ଝିଅ ଦେବସ୍ମିତା ମୁଖାଗ୍ନି ଦେଇ ଶେଷକୃତ୍ୟ ସମ୍ପନ୍ନ କରିଥିଲେ। ପ୍ରକାଶଥାଉକି, ଦେବାନନ୍ଦଙ୍କ ତିନି ଝିଅ ଥିବା ବେଳେ ପୁତ୍ର ସନ୍ତାନ ନାହାନ୍ତି।

### ଲକଡାଉନ୍ ଉଲ୍ଲଂଘନ, ୫୫ ଗିରଫ

ଭବାନୀପାଟଣା, ୨୯।୩ (ଡି.ଏନ୍.ଏ.): କୋରନା ଭୂତାଣୁ ସଂକ୍ରମଣରୁ ରକ୍ଷା ପାଇବା ପାଇଁ ଭାରତରେ ଲକଡାଉନ ଘୋଷଣା କରାଯାଇଛି। ତେବେ ଏହାକୁ ଅମାନ୍ୟ କରିବା ଅଭିଯୋଗରେ କଳାହାଣ୍ଡି ଜିଲା ଜୁନାଗଡ, ଧର୍ମଗଡ, କେସିଙ୍ଗା, ଭବାନୀପାଟଣା ପୋଲିସ ୩୭ଟି ମାମଲା ରୁଜୁ କରିଛି । ଏହାସହିତ ୩୪ଟି ଗାଡି ସିଜ କରାଯାଇ ମୋଟ ୫୫ଜଣ ନିୟମ ଖିଲାପକାରୀଙ୍କୁ ଗିରଫ କରାଯାଇଛି । ସେମାନଙ୍କ ଠାରୁ ୩୯୫୦୦ ଟଙ୍କା ଜରିମାନା ଆଦାୟ କରାଯାଇଥିବା କଳାହାଣ୍ଡି ଏସ୍‌ପି ବାତୁଲା ଗଙ୍ଗାଧର କହିଛନ୍ତି ।

### ବାହାରୁ ଫେରିଥିବା ଶ୍ରମିକଙ୍କୁ ଗାଁ ମନା

ବଡଗାଁ, ୨୯।୩ (ଡି.ଏନ.ଏ): ସୁନ୍ଦରଗଡ ଜିଲା ବଡଗାଁ ବ୍ଲକ ଅଞ୍ଚଳର କେତେକ ସଚେତନ ବ୍ୟକ୍ତି ନିଜ ଗାଁରେ ଯେପରି କରୋନା ସଂକ୍ରମିତ ବ୍ୟକ୍ତି ପଶି ନ ପାରିବେ ସେଥିପ୍ରତି ସଚେତନ ରହିଛନ୍ତି। ଏହି କ୍ରମରେ ଶନିବାର ଶଙ୍କରାପୋଷ ଗ୍ରାମକୁ ସେହି ଗ୍ରାମର ୬ଜଣ ଶ୍ରମିକ ଝାଡଖଣ୍ଡରୁ ଚାଲି ଚାଲି ଆସିବା ପରେ ଗ୍ରାମବାସୀ ସେମାନଙ୍କୁ ଅଟକାଇ ପୋଲିସ ଓ ବ୍ଲକ ଅଧିକାରୀଙ୍କୁ ଜଣାଇଥିଲେ । ପୋଲିସ ସେମାନଙ୍କୁ ୧୪ ଦିନ ପାଇଁ ସଙ୍ଗରୋଧ କେନ୍ଦ୍ରରେ ନେଇ ରଖିଛି ।

### ମିଥ୍ୟା ପ୍ରଚାର, ଯୁବକଙ୍କ ନାଁରେ ମାମଲା

ସମ୍ବଲପୁର,୨୯।୩(ବ୍ୟୁରୋ): କରୋନା ଭୂତାଣୁକୁ ନେଇ ସମଗ୍ର ବିଶ୍ୱରେ ଭୟ ବାତାବରଣ ଖେଳି ଯାଇଛି। ଏହି ସମୟରେ ସୋସିଆଲ ମିଡିଆ ଓ ସରକାରୀ ହେଲ୍ପଲାଇନ ନମ୍ବରଗୁଡିକରେ ମିଥ୍ୟା ଅଭିଯୋଗ କରିବା ଭଳି ଘଟଣା ସାମନାକୁ ଆସୁଛି। ସମ୍ବଲପୁର ଜିଲା ଶାସନ ଥାନାରେ ଏଭଳି ଏକ ମାମଲା ରୁଜୁ ହୋଇଛି। ଅଭିଯୋଗକ୍ରମେ ମାନେଶ୍ୱର ବ୍ଲକ ହେଲ୍ପ ଲାଇନ ନମ୍ବରରେ ଜଣେ ଯୁବକ ଫୋନ କରିଥିଲେ। ତାଙ୍କ ଗ୍ରାମର ଜଣେ ଯୁବକଙ୍କୁ କରୋନା ସଂକ୍ରମଣ ହୋଇଥିବା ନେଇ ଜଣାଇଥିଲେ। ଅଭିଯୋଗ ପାଇବା ପରେ ବ୍ଲକ ପ୍ରଶାସନ ଓ ଡାକ୍ତରୀ ଟିମ ଗ୍ରାମରେ ପହଞ୍ଚିଲେ। ସେଠାରେ ଉକ୍ତ ଯୁବକଙ୍କୁ କେବଳ ଥଣ୍ଡା ହୋଇଥିବା ଜାଣିବାକୁ ମିଳିଥିଲା । ଏହାକୁ ନେଇ ମାନେଶ୍ୱର ବିଡିଓ ଚିନ୍ମୟୀ କୁଅଁର ଶାସନ ଥାନାରେ ଅଭିଯୋଗ କରିଥିଲେ । ପୋଲିସ ଏ ନେଇ ଏକ ମାମଲା ରୁଜୁ କରିଛି।

### ଆମିଷ ବଜାରରେ ଦରବୃଦ୍ଧି ନେଇ ଉତ୍ତେଜନା

ଦେବଗଡ, ୨୯।୩ (ଡି.ଏନ.ଏ.)
ଦେବଗଡ ଆମିଶ ବଜାରରେ ଅହେତୁକ ଦର ବୃଦ୍ଧିକୁ ନେଇ ରବିବାର ଗ୍ରାହକ ଓ ବ୍ୟବସାୟୀ ମୁହାମୁହିଁ ହୋଇଥିଲେ। ଉତ୍ତ୍ୟକ୍ତ ଗ୍ରାହକମାନେ ବଜାର ଫାଟକରେ ତାଲା ପକାଇ ଦେଇଥିଲେ । ପରିସ୍ଥିତି ଗୁରୁତର ଆକାର ଧାରଣ କରିବା ପୂର୍ବରୁ ଦେବଗଡ ଥାନା ପୋଲିସ ଓ ପୌର କର୍ତ୍ତୃପକ୍ଷ ଘଟଣାସ୍ଥଳରେ ପହଞ୍ଚି ଉଭୟପକ୍ଷଙ୍କୁ ବୁଝାସୁଝା କରିଥିଲେ। ବ୍ୟବସାୟୀଙ୍କୁ ନିର୍ଦ୍ଧାରିତ ଦରରେ ମାଛମାଂସ ବିକ୍ରୀ ପାଇଁ ଏକ ତାଲିକା ପ୍ରସ୍ତୁତ କରାଯାଇଥିଲା। ସେହିପରି ସୋମବାରଠାରୁ ପ୍ରାଣୀଧନ ବିଭାଗ ଓ ମତ୍ସ୍ୟ ବିଭାଗ ପକ୍ଷରୁ ଆମିଶ ବଜାରରେ ବିକ୍ରୀ କରା ଯାଉଥିବା ମାଛ ମାଂସର ଗୁଣବତ୍ତା ଯାଞ୍ଚ କରିବା ସହ ପ୍ରତ୍ୟେକ ଦିନ ଦର ନିର୍ଦ୍ଧାରଣ କରିବାର ବ୍ୟବସ୍ଥା କରାଯାଉଥିବା ନେଇ ପୌର ନିର୍ବାହୀ ଅଧିକାରୀ କୁଞ୍ଜବନ ପ୍ରଧାନ ଗ୍ରାହକମାନଙ୍କୁ ଆଶ୍ୱାସନା ଦେଇଥିଲେ। ପରେ ଆମିଷ ବଜାର ଖୋଲିଥିଲା ।

# ଗାଁ ଫେରିବାକୁ ଅପେକ୍ଷା

## ପିଲାଛୁଆ ଧରି ତେଲଙ୍ଗାନାରେ ଫସିଛନ୍ତି ଦାଦନ



ପିଲାଛୁଆ ଧରି ତେଲଙ୍ଗାନାରେ ଫସିଥିବା ଶ୍ରମିକ ।

**ବରଗଡ଼ ଅଫିସ୍,୨୯।୩**

ଦାଦନ ଖଟିବାକୁ ଯାଇ ତେଲେଙ୍ଗାନାରେ ବରଗଡ଼ ଓ ନୂଆପଡ଼ା ଜିଲାର ଅନେକ ଶ୍ରମିକ ସେଠାରେ ଫସି ରହିଛନ୍ତି। ନିଜ ପିଲାଛୁଆ ଧରି ସେଠାରେ ସମୁଦାୟ ୪୪ଜଣ ଅଛନ୍ତି। ସେଠାକାର ବୋମାଲାରାମାରମପୁର ଥାନା କେଶବପୁର ଗ୍ରାମରେ ସେମାନେ ରହିଥିବା ସୂଚନା ମିଳିଛି । ଲକ୍ ଡାଉନ୍ ଯୋଗୁ ସେମାନେ ସେଠାରୁ ବାହାରିବା ତ ଦୂରର କଥା, ସେଠାକର ଇଟାଭାଟି ମାଲିକ ସେମାନଙ୍କୁ କାମରେ ଲଗାଉ ଥିବାବେଳେ ପାରିଶ୍ରମିକ ବାବଦ ସପ୍ତାହକୁ ଜଣ ପ୍ରତି ମାତ୍ର ଅଢ଼େଇ ଶହ ଟଙ୍କା ଲେଖାଏଁ ଦେଉଥିବା ଅଭିଯୋଗ ହୋଇଛି। ସେମାନଙ୍କ ଉଦ୍ଧାର ଦିଗରେ ବିହିତ ପଦକ୍ଷେପ ନେବା ପାଇଁ ବରଗଡ଼ର ସାମାଜିକ କର୍ମୀ ରଞ୍ଜିତା ପ୍ରିୟଦର୍ଶିନୀ ପୋଲିସ ଆଇଜି ଅମିତାଭ ଠାକୁରଙ୍କୁ ନିବେଦନ କରିଛନ୍ତି।

## ତାମିଲନାଡୁରେ ଅଟକ ୭୮ ଦାଦନ ଶ୍ରମିକ

**ବଲାଙ୍ଗୀର ଅଫିସ, ୨୯।୩**

ବଲାଙ୍ଗୀର ଜିଲାର ୭୮ରୁ ଉର୍ଦ୍ଧ୍ୱ ଦାଦନ ଶ୍ରମିକ ତାମିଲନାଡୁର ବିଭିନ୍ନ ସ୍ଥାନରେ ଅଟକି ରହି ଅସୁବିଧା ଭୋଗୁଥିବା ମୋବାଇଲ ଭିଡିଓରୁ ଜଣାପଡିଛି । ସେମାନେ ଉଦ୍ଧାର କରିବା ପାଇଁ ଆକୁଳ ନିବେଦନ କରୁଛନ୍ତି । ଗୋଟିଏ ଭିଡିଓରେ ବଲାଙ୍ଗୀର ଜିଲା ପୁଇଁତଲା ବ୍ଲକ ଲୁକାପଡା ଗ୍ରାମର ୧୫, ଆଗଲପୁର ବ୍ଲକ୍ ନୁନିଆପାଲିର ୧୦, ବଲାଙ୍ଗୀର ସଦର ବ୍ଲକ ଅନ୍ତର୍ଗତ ଚନ୍ଦନଭାଟିର ୧୫ ଏବଂ ସଇଁତଲା ବ୍ଲକ ଟିକ୍ରାପଡା ଗ୍ରାମର ୪ ଜଣ ଏହିପରି ସମୁଦାୟ ୪୪ ଜଣ ଦାଦନ ଶ୍ରମିକ ତାମିଲନାଡୁର ତ୍ରିପୁର ଜିଲା କାଦାମ୍ପାଲିୟମ୍ ଗ୍ରାମରେ ଫସି ରହିଥିବା ଜଣାଇଛନ୍ତି। ସେମାନଙ୍କ ପାଖରେ ଖାଇବା ପାଇଁ କିଛି ନଥିବାରୁ ସେମାନେ ଅସୁବିଧା ଭୋଗୁଥିବା କହିଛନ୍ତି । ଏଭଳି ସ୍ଥିତିରେ ସେମାନେ ପ୍ରଧାନମନ୍ତ୍ରୀ ଓ ଓଡିଶାର ମୁଖ୍ୟମନ୍ତ୍ରୀଙ୍କୁ ଉଦ୍ଧାର ପାଇଁ ଆକୁଳ ନିବେଦନ କରିଛନ୍ତି। ସେହିପରି ତାମିଲନାଡୁର ଗଣପଥିପଲୟମ୍ ରୋଡ, ଭିରାପୋଣ୍ଡିଠାରେ ୩୪ ଜଣ ଦାଦନ ଶ୍ରମିକ ଫସିଥିବା ଜଣାପଡିଛି।

## ୩ ଶହ ଅଣପଞ୍ଜୀକୃତ ଶ୍ରମିକ ଚିହ୍ନଟ

**ସମ୍ବଲପୁର, ୨୯।୩ (ବ୍ୟୁରୋ)**

ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ କ୍ରମେ ସମ୍ବଲପୁର ଶ୍ରମ ବିଭାଗ ପକ୍ଷରୁ ଶ୍ରମିକ ଚିହ୍ନଟ ପ୍ରକ୍ରିୟା ଆରମ୍ଭ ହୋଇଛି । ଏଥିପାଇଁ ଶ୍ରମ ବିଭାଗ ପକ୍ଷରୁ ୪ଟି ଟିମ୍ ଗଠନ କରାଯାଇଛି। ଶନିବାର ସମ୍ବଲପୁର ସହର ସୁନାପାଲି, ରେଙ୍ଗାଲି, ମାନେଶ୍ୱର, ସିନ୍ଦୁରପଙ୍କ, ଧନକଉଡାରେ ଏହି ଟିମ ପହଞ୍ଚି ତଦନ୍ତ କରିଛି । ଅତିରିକ୍ତ ସହକାରୀ ଜିଲା ଶ୍ରମ ଅଧିକାରୀ ସୂର୍ଯ୍ୟନାରାୟଣ ମାଲି ମାନେଶ୍ୱରସ୍ଥିତ ଏକ କ୍ୟାମ୍ପକୁ ଯାଇଥିଲେ । ସେଠାରେ ପଶ୍ଚିମବଙ୍ଗର ଫସିଥିବା ୩୫ ଜଣ ଶ୍ରମିକମାନଙ୍କ ସହ ଆଲୋଚନା କରିଥିଲେ । ଏ ସମ୍ପର୍କରେ ଜିଲା ଶ୍ରମ ଅଧିକାରୀ ସୁମିତ୍ରା ମାଝି କହିଛନ୍ତି, ଶନିବାର ସନ୍ଧ୍ୟା ପର୍ଯ୍ୟନ୍ତ ଜିଲାର ବିଭିନ୍ନ ସ୍ଥାନରୁ ପ୍ରାୟ ୩ ଶହ ଅଣପଞ୍ଜୀକୃତ ଶ୍ରମିକଙ୍କୁ ଶ୍ରମ ବିଭାଗ ପକ୍ଷରୁ ଚିହ୍ନଟ କରାଯାଇଛି । ଏହି ଶ୍ରମିକମାନେ ଶ୍ରମ ବିଭାଗ ଆଇନ ଫାଙ୍କି ଏଠାରେ କାମ କରୁଥିଲେ । ସେମାନଙ୍କ ରିପୋର୍ଟ ଜିଲା ପ୍ରଶାସନ ପାଖରେ ଦାଖଲ କରାଯିବ । ପ୍ରଶାସନ ପକ୍ଷରୁ ତାଙ୍କ ରହିବା, ଖାଇବା ବ୍ୟବସ୍ଥା କରାଯିବ ।

# ପୁଅର ଟାଙ୍ଗିଆ ଚୋଟରେ ବାପା ମୃତ

**ସୁନ୍ଦରଗଡ, ୨୯।୩ (ଡି.ଏନ୍.ଏ)**

ସୁନ୍ଦରଗଡ଼ ସଦର ଥାନା ଅନ୍ତର୍ଗତ ଡିନିକୁଡା ଗ୍ରାମରେ ଘରୋଇ କଳିକୁ ନେଇ ଶନିବାର ରାତିରେ ପୁଅର ଟାଙ୍ଗିଆ ଚୋଟରେ ବାପାର ମୃତ୍ୟୁ ଘଟିଛି। ମୃତ ବ୍ୟକ୍ତିଙ୍କ ନାମ ରିମିସ ଏକ୍କା (୬୦)। ପୋଲିସ ଏହି ଘଟଣାରେ ଅଭିଯୁକ୍ତ ପୁଅ ରଜତ ଏକ୍କା (୨୫)ଙ୍କୁ ରବିବାର ଗିରଫ କରିଛି। ରିମିସଙ୍କ ବଡପୁଅ ବୀରେନ୍ଦ୍ରଙ୍କ ଏତଲା ଆଧାରରେ ସଦର ଥାନା ପୋଲିସ ଏକ ହତ୍ୟା ମାମଲା (ନଂ.୭୩/୨୦) ରୁଜୁ କରିଛି। ବ୍ୟବଚ୍ଛେଦ ଲାଗି ପୋଲିସ ମୃତଦେହକୁ ପଠାଇଛି। ତେବେ ଅଭିଯୁକ୍ତ ରଜତଙ୍କୁ ଗିରଫ ପରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଠିକ ନ ଥିବାରୁ ପୋଲିସ ତାଙ୍କୁ ସୁନ୍ଦରଗଡ ଡାକ୍ତରଖାନାରେ ଭର୍ତ୍ତି କରିଛି। ଏହି ହତ୍ୟା ଘଟଣାରେ ବ୍ୟବହୃତ ଟାଙ୍ଗିଆକୁ ପୋଲିସ ଜବତ କରିଛି।

ପୋଲିସ କହିଛି ଯେ, ରଜତ ବାହାରକୁ ଯାଇଥିବା ବେଳେ ତାଙ୍କ ସ୍ତ୍ରୀ ସହିତ ମା' ବାପାଙ୍କର ପାଟିତୁଣ୍ଡ ହୋଇଥିଲା। ଏହାପରେ ମହିଳା ଜଣକ ଘରୁ ଚାଲିଯାଇଥିଲେ। ରଜତ ସନ୍ଧ୍ୟାରେ ଆସି ଘରେ ପହଞ୍ଚିଲା ପରେ ସ୍ତ୍ରୀ ନ ଥିବା ଦେଖି ନିଜ ମା'ଙ୍କୁ ଗାଳିଗୁଲଜ କରିଥିଲେ। ମା'ଙ୍କୁ ଗାଳିଗୁଲଜ କରିବା ଦେଖି ରଜତଙ୍କ ବଡଭାଇ ବୀରେନ୍ଦ୍ର ବୁଝାସୁଝା କରୁଥିଲେ। ହେଲେ ରଜତ ଓଲଟା ବଡଭାଇ ବୀରେନ୍ଦ୍ରଙ୍କୁ ମାରପିଟ କରିଥିଲେ। ଏପରି ନ କରିବାକୁ ବାପା ରିମିସ ରଜତଙ୍କୁ ବାରଣ କରିଥିଲେ। ମାତ୍ର ଉତ୍ତ୍ୟକ୍ତ ହୋଇ ରଜତ ଏକ ଟାଙ୍ଗିଆରେ ତାଙ୍କୁ ଆକ୍ରମଣ କରିଥିଲେ। ପରିବାର ଲୋକେ ୧୦୮ ଆମ୍ବୁଲାନ୍ସ ଯୋଗେ ତାଙ୍କୁ ସୁନ୍ଦରଗଡ ଜିଲା ମୁଖ୍ୟ ଡାକ୍ତରଖାନାକୁ ନେଇଥିଲେ। ହେଲେ ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ରିମିସଙ୍କ ମୃତ୍ୟୁ ଘଟିଥିଲା।

# ଭୋକିଲା ମାଙ୍କଡଙ୍କୁ ରନ୍ଧାଖାଦ୍ୟ ବଣ୍ଟନ



ପର୍ଯ୍ୟଟନ କ୍ଷେତ୍ର ହରିଶଙ୍କରରେ ମାଙ୍କଡଙ୍କୁ ରନ୍ଧାଖାଦ୍ୟ ଦିଆଯାଉଛି ।

**ଖପ୍ରାଖୋଲ, ୨୯।୩(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ହରିଶଙ୍କର ମନ୍ଦିର ଗତ ୮ଦିନ ହେଲା ପର୍ଯ୍ୟଟକ ଓ ଶ୍ରଦ୍ଧାଳୁଙ୍କ ପାଇଁ ବନ୍ଦ ରହିଥିବାବେଳେ କେବଳ ପୂଜାନୀତି ଚାଲିଛି। ଏଠାରେ ହଜାରହଜାର ସଂଖ୍ୟାରେ ମାଙ୍କଡ ରହୁଥିବାବେଳେ ପର୍ଯ୍ୟଟକଙ୍କଠାରୁ ମୁଆଁ, ବିସ୍କୁଟ୍, ବାଦାମ, ମୁଢ଼ି, ଫଳମୂଳ ଖାଇବା ସହ ବଣଭୋଜି ଓ ଭୋଗର ବଳକା ଖାଦ୍ୟ ଖାଇଥାନ୍ତି। ହେଲେ ଗତ ଆଠଦିନ ହେଲା ସବୁ ବନ୍ଦ ପରେ ମାଙ୍କଡମାନେ ଭୋକିଲା ହୋଇ ନିକଟସ୍ଥ ଗାଁମୁହାଁ ହେଉଥିଲେ। ଏହାକୁ ଦେଖି ସ୍ଥାନୀୟ ପୋଲିସ, ମନ୍ଦିର ପ୍ରଶାସନ, ପଞ୍ଚାୟତ କର୍ତ୍ତୃପକ୍ଷ ଓ ଦୋକାନୀ ସଂଘର ମିଳିତ ଉଦ୍ୟମରେ ଭୋକିଲା ମାଙ୍କଡଙ୍କୁ ରବିବାର ରନ୍ଧାଖାଦ୍ୟ ବଣ୍ଟନ କରାଯାଇଥିଲା। ଏହି ଅବସରରେ ଖପ୍ରାଖୋଲ ଥାନା ଆଇଆଇସି ଜ୍ୟୋତିରଞ୍ଜନ ପତି, ହରିଶଙ୍କର ଫାଣ୍ଡି ଅଧିକାରୀ ସେବନ କେର୍କେଟା, ମନ୍ଦିର ସହପରିଚାଳକ ବିପିନ ପଟେଲ, ସବ୍‌କମିଟି ସଭାପତି ବିପ୍ର ବିଶି, ଅଭୟ ତ୍ରିପାଠୀ, ସ୍ଥାନୀୟ ଦୋକାନୀ ସଂଘ ସଦସ୍ୟ ସାଧୁ ଦେ, ନାରାୟଣ ମେହେର, ମୁନିରାମ ମଲ୍ଲିକ, ବୁଦ୍ଧିଆ ଦେ ପ୍ରମୁଖ ଉପସ୍ଥିତ ଥିଲେ। ଲକ ଡାଉନ ଶେଷ ଯାଏ ମାଙ୍କଡଙ୍କୁ ରନ୍ଧାଖାଦ୍ୟ ବଣ୍ଟନ କରାଯିବ ବୋଲି ଆୟୋଜକ ସଞ୍ଜୀବ ସାହୁ ପ୍ରକାଶ କରିଛନ୍ତି।

# ଅଖାବସ୍ତାରେ ଭର୍ତ୍ତି ବୃଦ୍ଧ ମହାନଦୀ କୂଳରୁ ଉଦ୍ଧାର

**ଅମରପାଲି, ୨୯।୩ (ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଥାନା ଦେଉଳି ନିକଟ ମହାନଦୀ କୂଳରୁ ଜଣେ ବୃଦ୍ଧଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇଛି। ବୃଦ୍ଧ ଜଣକ ହେଲେ ଚନ୍ଦ୍ରମଣୀ ପୋଢ଼(୬୫)। ଦେଉଳି ଗ୍ରାମର କେତେକ ଯୁବକ ନଦୀକୁ ଗାଧୋଇ ଯାଇଥିବା ବେଳେ ଏକ ଅଖାବସ୍ତାରେ ବୃଦ୍ଧ ଜଣକ ଭର୍ତ୍ତି ହୋଇଥିବା ଅବସ୍ଥାରେ ଦେଖି ଦମକଳ ବାହିନୀକୁ ଖବର ଦେଇଥିଲେ। ବୀରମହାରାଜପୁର ଦମକଳବାହିନୀ ବୃଦ୍ଧଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ସ୍ଥାନୀୟ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ବୃଦ୍ଧଙ୍କ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ବୁର୍ଲା ସ୍ଥାନାନ୍ତର କରାଯାଇଥିବା ବୀରମହାରାଜପୁର ଏସ୍‌ଡିଏମଓ ଡା. ସଞ୍ଜୟ ମହାପାତ୍ର ପ୍ରକାଶ କରିଛନ୍ତି। ଏନେଇ କୌଣସି ଅଭିଯୋଗ ହୋଇ ନ ଥିବା ବୀରମହାରାଜପୁର ଥାନା ଅଧିକାରୀ ପ୍ରଭା ଧନ ପ୍ରକାଶ କରିଛନ୍ତି । ଡାକ୍ତରଖାନାରେ ବୃଦ୍ଧଙ୍କୁ ପ୍ରାଥମିକ ଚିକିତ୍ସା ପରେ ଚେତା ଆସିଥିଲା। ସେ ନିଜ ଝିଅ ଓ ଜ୍ୱାଇଁଙ୍କ ସହିତ ପ୍ରାୟ ଏକ ମାସ ହେଲା ମୁର୍ଛୁଣୀ ପଞ୍ଚାୟତର ବଦଲା ଗ୍ରାମରେ ରହୁଥିଲେ। ସେମାନେ ଗାଁଗାଁ ଯାଇ ସର୍ବମଙ୍ଗଳା ବୁଲାଇ ଚଳୁଥିଲେ। ଶନିବାର ରାତ୍ରିରେ କୌଣସି କଥାକୁ ନେଇ ଝିଅ ଜ୍ୱାଇଁ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ଏପରିକି ବିଭିନ୍ନ ସମୟରେ ବୃଦ୍ଧଙ୍କ ଜ୍ୱାଇଁ ତାଙ୍କ ଝିଅ ଉପରେ ନିର୍ଯାତନା ଦେଇ ଆସୁଥିଲା। ଉଭୟ ଗଣ୍ଡଗୋଳ କରୁଥିବା ବେଳେ ବୃଦ୍ଧ ତାଙ୍କୁ ବୁଝାଇବାକୁ ଯାଇଥିଲେ ମାତ୍ର ତାଙ୍କ ଜ୍ୱାଇଁ ତାଙ୍କୁ ମଧ ମାଡ ମାରିଥିଲେ। ଏଥିରେ ତାଙ୍କର ମୃତ୍ୟୁ ହୋଇଯାଇଥିବା ଭାବି ଜ୍ୱାଇଁ ଏକ ଅଖା ବସ୍ତାରେ ଭର୍ତ୍ତିକରି ମହାନଦୀ କୂଳରେ ଫିଙ୍ଗି ଦେଇଥିବା ଅନୁମାନ କରାଯାଉଛି। ଗୁରୁତର ଥିବାରୁ ବୃଦ୍ଧ ଜଣକ ବେଶୀ କିଛି କହି ପାରୁ ନାହାନ୍ତି। ସେମାନେ ଯାଯାବର ଭାବେ ବୁଲୁଥିବାରୁ ତାଙ୍କ ପରିଚୟ ମଧ୍ୟ ମିଳିପାରି ନାହିଁ । ଘଟଣା ପରେ ବୃଦ୍ଧଙ୍କ ଝିଅ ଜ୍ୱାଇଁ ଫେରାର ଥିବା ଜଣାପଡିଛି ।

## ଫଟୋରେ ଖବର




ଲକ୍ ଡାଉନ ଯୋଗୁ ସମ୍ବଲପୁର ଜିଲା ଧନକଉଡା ବ୍ଲକ ଅଧୀନ ବିଶାଲଖଣ୍ଡା ଗ୍ରାମବାସୀ ରବିବାର ଗ୍ରାମ ମୁଖ୍ୟରାସ୍ତାକୁ ବନ୍ଦ କରିଛନ୍ତି ।

# ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିକୁ ୫ ଲକ୍ଷ ଦେଲା ଅରୁନ୍ଧତୀ ଗ୍ରୁପ୍

**ବଲାଙ୍ଗୀର ଅଫିସ, ୨୯।୩**

ସମଗ୍ର ବିଶ୍ୱରେ ଆତଙ୍କ ଖେଳାଇ ସାରିଥିବା କରୋନା ମହାମାରୀ ମୁକାବିଲା ପାଇଁ ଏବେ ସରକାରୀ ଓ ବେସରକାରୀସ୍ତରରେ ଜୋରଦାର ପ୍ରୟାସ ଆରମ୍ଭ ହୋଇଛି । ଏହି ମହତ୍ କାର୍ଯ୍ୟରେ ସହଯୋଗ କରିବାକୁ ରାଜ୍ୟର ଅନ୍ୟତମ ଅଗ୍ରଣୀ ବ୍ୟବସାୟିକ ପ୍ରତିଷ୍ଠାନ ଅରୁନ୍ଧତୀ ଗ୍ରୁପ୍ ଆଗେଇ ଆସିଛନ୍ତି । ଅରୁନ୍ଧତୀ ଗ୍ରୁପ୍ ସିଏସ୍‌ଆର ପାଣ୍ଠିରୁ ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠିକୁ ୫ ଲକ୍ଷ ଟଙ୍କାର ଚେକ୍ ପ୍ରଦାନ କରାଯାଇଛି । ଅରୁନ୍ଧତୀ ଗ୍ରୁପ୍ ମ୍ୟାନେଜିଂ ଡାଇରେକ୍ଟର ବ୍ରହ୍ମାନନ୍ଦ ମେହେର ଓ ଡାଇରେକ୍ଟର ଅଚ୍ୟୁତାନନ୍ଦ ମେହେର ରବିବାର ବଲାଙ୍ଗୀର ଜିଲାପାଳ ଅରିନ୍ଦମ ଡାକୁଆଙ୍କୁ ଭେଟି ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠି ଉଦ୍ଦେଶ୍ୟରେ ୫ ଲକ୍ଷ ଟଙ୍କାର ଚେକ୍ ପ୍ରଦାନ କରିଥିଲେ ।



ଅରୁନ୍ଧତୀ ଗ୍ରୁପ୍ ପକ୍ଷରୁ ବଲାଙ୍ଗୀର ଜିଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ୫ ଲକ୍ଷ ଟଙ୍କାର ଚେକ୍ ପ୍ରଦାନ କରାଯାଉଛି ।

## ସାପ୍ତାହିକ ବଜାରରେ ସାମାଜିକ ଦୂରତ୍ୱକୁ ଫୁ

**ଭେଡ଼େନ,୨୯।୩ (ଡ଼ି.ଏନ.ଏ)**

ବରଗଡ଼ ଜିଲା ଭେଡ଼େନ ବ୍ଲକ ଅଞ୍ଚଳରେ କରୋନା ଲକ ଡ଼ାଉନ ଯୋଗୁ ସାପ୍ତାହିକ ବଜାର ସକାଳୁଆ ବସୁଛି। ରବିବାର ଥୁଆପାଲି ସାପ୍ତାହିକ ହାଟ ଥୁଆପାଲି ରେମଣ୍ଡା ରାସ୍ତାକଡ଼ରେ ବସିଥିଲା। ସେହିପରି ଭେଡ଼େନର ଶନିବାର ହାଟ ମଧ୍ୟ ନିୟମିତ ସ୍ଥାନରେ ନ ବସି ବସଷ୍ଟାଣ୍ଡ ପରିସରରେ ବସିଥିଲା। ଦୋକାନୀମାନଙ୍କୁ ୧ରୁ ୨ ମିଟର ଦୂରତାରେ ବସିବାକୁ ନିର୍ଦ୍ଦେଶ ଥିଲେ ମଧ୍ୟ ତାହା କେହି ମାନି ନ ଥିଲେ । ଲୋକମାନେ ମଧ୍ୟ ଭିଡ଼ କରୁଥିବା ଦେଖିବାକୁ ମିଳିଥିଲା। ସେହିପରି ଗ୍ରାମପଞ୍ଚାୟତରେ ରବିବାରଠାରୁ ତିନି ମାସ ପାଇଁ ଚାଉଳ ବିତରଣ ଆରମ୍ଭ ହୋଇଛି। କେତେକ ଗ୍ରାମପଞ୍ଚାୟତରେ ଲୋକେ ଧାଡ଼ିବାନ୍ଧି ଆସୁଥିବା ବେଳେ ଆଉ କେଉଁଠି ଭିଡ଼ ହେଉଛି । ଭେଡ଼େନ କଲ୍ୟାଣ ମଣ୍ଡପରେ ସ୍ୱୟଂ ସହାୟକ ଗୋଷ୍ଠୀ ପକ୍ଷରୁ ଚାଉଳ ବିତରଣ ସମୟରେ ମଧ୍ୟ ଏପରି ଗହଳି ଦେଖିବାକୁ ମିଳିଛି।

# ମନଇଚ୍ଛା ପାସ୍ ବାଣ୍ଟୁଛି ପ୍ରଶାସନ

**ଜୁନାଗଡ,୨୯।୩(ଡି.ଏନ୍.ଏ)**

କୋଭିଡ଼-୧୯ ପାଇଁ ରାଜ୍ୟରେ ଲକ୍‌ଡାଉନ ହୋଇଛି। ଜରୁରୀକାଳୀନ ସେବା ପାଇଁ ପଞ୍ଚାୟତ, ବ୍ଲକ କର୍ମଚାରୀ ଓ ଜନପ୍ରତିନିଧିଙ୍କୁ ଭେଇକିଲ ପାସ୍ ଦିଆଯାଉଛି। ଏହି ପାସ୍‌ଗୁଡିକ କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ପ୍ରଶାସନ ପକ୍ଷରୁ ମନଇଚ୍ଛା ଦିଆଯାଉଥିବା ଅଭିଯୋଗ ହେଉଛି। ଏକାଧିକ ଲୋକ ବାଇକ ପାସ୍ ପାଇବା ଦ୍ୱାରା ପୋଲିସ ପ୍ରଶାସନ ମଧ୍ୟ ସେମାନଙ୍କୁ ଧରପଗଡ କରୁନାହାନ୍ତି। ଅତ୍ୟାବଶ୍ୟକ କାମରେ ଲାଗିବା ପରିବର୍ତ୍ତେ ସେମାନେ ଭେଇକିଲ ପାସ୍ ଲଗାଇ ବାଇକରେ ମନଇଚ୍ଛା ବୁଲୁଥିବା ଦେଖାଦେଇଛି। ସେହିପରି ସରପଞ୍ଚଙ୍କ ପରିବର୍ତ୍ତେ ତାଙ୍କ ସ୍ୱାମୀଙ୍କୁ ପାସ୍ ଦିଆଯାଉଛି। କିନ୍ତୁ ଏହି ପାସ୍‌ରେ ସରପଞ୍ଚଙ୍କ ପ୍ରତିନିଧି ନ ଲେଖାଯାଇ ସିଧାସଳଖ ସରପଞ୍ଚ ବୋଲି ଉଲ୍ଲେଖ କରାଯାଉଛି। ଏ ସମ୍ପର୍କରେ ସ୍ଥାନୀୟ ବିଡିଓଙ୍କ ପ୍ରତିକ୍ରିୟା ଆଶ୍ଚର୍ଯ୍ୟାନ୍ୱିତ କରିଛି। ଜୁନାଗଡ ବ୍ଲକ ପ୍ରଶାସନ ପକ୍ଷରୁ ସ୍ଥାନୀୟ ପଞ୍ଚାୟତ କର୍ମଚାରୀଙ୍କୁ କୋଭିଡ -୧୯ ଜରୁରୀ ସେବା ପାଇଁ ଭେଇକିଲ ପାସ୍ ଦିଆଯାଇଛି। ତେବେ ଏହି ପାସ୍‌ଗୁଡିକୁ ମନଇଚ୍ଛା ଚିହ୍ନା ଲୋକଙ୍କୁ ଦିଆଯାଇଥିବା ଅଭିଯୋଗ ହୋଇଛି। ଜୁନାଗଡ ବ୍ଲକ ନକଟିଗୁଡା ପଞ୍ଚାୟତ ସରପଞ୍ଚ ଯମୁନା ମେହେର ରହିଥିବାବେଳେ ତାଙ୍କ ସ୍ୱାମୀ ପ୍ରଭାସ ଚନ୍ଦ୍ର ମେହେରଙ୍କୁ ସରପଞ୍ଚ ବୋଲି ଭେଇକିଲ ପାସ୍‌ରେ ଉଲ୍ଲେଖ କରାଯାଇଛି । ଏ ନେଇ ବିଡିଓ ମାରାଣ୍ଡିଙ୍କୁ ପଚାରିବାରୁ କଥାକୁ ଅତି ହାଲୁକାର ସହ ନେଇ ଅସୁବିଧା କ'ଣ ହେଲା ବୋଲି ଓଲଟି ପ୍ରଶ୍ନ କରିଥିଲେ। ଏ ସମ୍ପର୍କରେ ଜିଲାପାଳ ଡ. ଗାଭାଲି ପରାଗ ହର୍ଷଦଙ୍କ ଦୃଷ୍ଟି ଆକର୍ଷଣ କରିବାରୁ ଏପରି ହେବା କଥା ନୁହେଁ। ଏହାର ତଦନ୍ତ କରାଯାଇ ପଦକ୍ଷେପ ନିଆଯିବ ବୋଲି କହିଥିଲେ।




ପାସ୍‌ରେ ସରପଞ୍ଚଙ୍କ ସ୍ୱାମୀଙ୍କୁ ସରପଞ୍ଚ ବୋଲି ଉଲ୍ଲେଖ କରାଯାଇଛି।

**ସଂକ୍ଷେପରେ**

## କ୍ଷତିଗ୍ରସ୍ତଙ୍କ ଆନୁଇଟି ବଢ଼ାଇଲା ଏମ୍‌ସିଏଲ୍

**ତାଳଚେର, ୨୯।୩(ନି.ପ୍ର.):** ମହାନଦୀ କୋଲ୍ ଫିଲ୍ଡସ ଲିମିଟେଡ (ଏମ୍‌ସିଏଲ୍) ପକ୍ଷରୁ ପୁନର୍ବାସ ଓ ଥଇଥାନ ଉପଭୋକ୍ତାମାନଙ୍କ ନିମନ୍ତେ ଥିବା ଆନୁଇଟି (ଚାକିରି ବଦଳରେ ମାସିକ ଅର୍ଥ ଚୟନ)ରେ ବୃଦ୍ଧି କରାଯାଇଛି। ଫଳରେ ସମ୍ପୃକ୍ତ କ୍ଷତିଗ୍ରସ୍ତମାନଙ୍କୁ ପୂର୍ବରୁ ମିଳୁଥିବା ମାସିକ ୧୨ ହଜାର ବଦଳରେ ଏବେ ୨୧ ହଜାର ଟଙ୍କା ପ୍ରଦାନ କରାଯିବ ବୋଲି ଏମ୍‌ସିଏଲ୍ ପକ୍ଷରୁ କୁହାଯାଇଛି। ଏହାସହିତ ସେମାନଙ୍କ ଉପରେ ନିର୍ଭର କରି ଚଳୁଥିବା ପରିବାର ସଦସ୍ୟମାନେ ଏଣିକି କମ୍ପାନୀ ହସ୍ପିଟାଲରେ ଚିକିତ୍ସା ସେବା ପାଇବା ପାଇଁ ଯୋଗ୍ୟ ବିବେଚିତ ହେବେ। କମ୍ପାନୀ ଏହି ଆନୁଇଟିକୁ ନ୍ୟାଶନାଲ କୋଲ୍ ୱେଜ ଏଗ୍ରିମେଣ୍ଟ ସହିତ ସଂଯୋଗ କରିଛି। ପ୍ରତି ୫ ବର୍ଷରେ ଏଥିରେ ସଂଶୋଧନ କରାଯିବ। ଏହା ଅନୁଯାୟୀ କମ୍ପାନୀରେ କାଟାଗୋରୀ ୧ କର୍ମଚାରୀମାନଙ୍କ ସର୍ବନିମ୍ନ ମଜୁରୀ ୬୦ ପ୍ରତିଶତ ହେବ। ଏହି ଆନୁଇଟି ପ୍ରତି ୨ ବର୍ଷରେ ମାସିକ ୧ ହଜାର ଟଙ୍କା ଲେଖାଏ ବୃଦ୍ଧି କରାଯିବ। ଓଡ଼ିଶା ସରକାରଙ୍କ ଆର୍‌ଆଣ୍ଡଆର୍ ପଲିସି ଅନୁଯାୟୀ କମ୍ପାନୀରେ କାମ କରୁଥିବା କର୍ମଚାରୀମାନେ ଏହି ଆନୁଇଟି ସୁବିଧା ନେଇ ପାରିବେ ବୋଲି ଏମ୍‌ସିଏଲ୍ ପକ୍ଷରୁ ପ୍ରେସ୍ ଇସ୍ତାହାରରେ କୁହାଯାଇଛି।

## ୧୩ ରକ୍ତ ନମୁନା ନେଗେଟିଭ

**ଅନୁଗୋଳ ଅଫିସ, ୨୯।୩:** ଦେଶ ଓ ରାଜ୍ୟ ବାହାରୁ ଅନୁଗୋଳ ଜିଲାକୁ ଆସିଥିବା ଲୋକଙ୍କ ମଧ୍ୟରୁ ୧୩ ଜଣ କରୋନା ସନ୍ଦିଗ୍ଧଙ୍କ ରକ୍ତ ନମୁନା ସଂଗ୍ରହ କରାଯାଇ ଜିଲା ମୁଖ୍ୟ ଚିକିତ୍ସାଳୟ ପକ୍ଷରୁ ଭୁବନେଶ୍ୱର ପଠାଯାଇଥିଲା। ତେବେ ସମସ୍ତ ନମୁନା ନେଗେଟିଭ୍ ଥିବା ପ୍ରଶାସନ ପକ୍ଷରୁ ସୂଚନା ମିଳିଛି। ତଥାପି କ୍ୱାରାଣ୍ଟାଇନରେ ଥିବା ଅନ୍ୟମାନଙ୍କ ଉପରେ ତୀକ୍ଷ୍ଣ ନଜର ରଖାଯାଇଛି। ଆବଶ୍ୟକ ପଡ଼ିଲେ ଅନ୍ୟମାନଙ୍କ ରକ୍ତ ନମୁନା ପରୀକ୍ଷା ପାଇଁ ପଠାଯିବ ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଛି।

## ଦେଢ଼ଶୁରଙ୍କୁ ପିଟିଲେ ଭାଇବୋହୂ

**ଅନୁଗୋଳ ଅଫିସ, ୨୯।୩:** ପାରିବାରିକ କଳହକୁ କେନ୍ଦ୍ରକରି ଭାଇବୋହୂଙ୍କ ମାଡ଼ରେ ଦେଢ଼ଶୁରଙ୍କ ମୁଣ୍ଡ ଫାଟିଛି। ଅନୁଗୋଳ ସହରର ଏକ ଅଞ୍ଚଳରେ ଏହି ଘଟଣା ଘଟିଛି। ଏ ନେଇ ଥାନାରେ ଅଭିଯୋଗ ପରେ ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି।

## ଦୁର୍ଘଟଣାରେ ୩ ଗୁରୁତର



**ଛେଣ୍ଡିପଦା, ୨୯।୩(ସ୍ୱ.ପ୍ର):** ଛେଣ୍ଡିପଦା ଥାନା ଅଧୀନରେ ଆସୁଥିବା ଛେଣ୍ଡିପଦା-ବୁଢ଼ାପାଳ ରାସ୍ତାର ଚାରବାଟିଆ ଛକ ନିକଟରେ ରବିବାର ଦୁଇଟି ବାଇକ୍ ମଧ୍ୟରେ ଧକ୍କା ଯୋଗୁ ୩ ଜଣ ଗୁରୁତର ହୋଇଛନ୍ତି। ସେମାନେ ହେଲେ ନାକଟିଦେଉଳ ବଳମ ଗ୍ରାମର ମୁକୁନ୍ଦ ଭୂତିଆ ଓ ପୁଅ ଭାଗ୍ୟ ଭୂତିଆ ଏବଂ ପାଇକସାହି ଟାପଢ଼ୋଲ ଅଞ୍ଚଳର ହିମାଂଶୁ ଶେଖର ସାହୁ। ହିମାଂଶୁ ଓ ତାଙ୍କ ସାଥୀ ବାଇକ୍‌ରେ ରାଉରକେଲାରୁ ଟାପଢୋଲ ଯାଉଥିବାବେଳେ ବିପରୀତ ଦିଗରୁ ଆସୁଥିବା ବଳମ ଗ୍ରାମର ଭାଗ୍ୟ ଓ ମୁକୁନ୍ଦଙ୍କ ବାଇକ୍ ସହ ଧକ୍କା ହୋଇଥିଲା। ଖବରପାଇ ଛେଣ୍ଡିପଦା ଦମକଳ କର୍ମଚାରୀମାନେ ସେମାନଙ୍କୁ ଉଦ୍ଧାର କରି ଛେଣ୍ଡିପଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ପୋଲିସ ବାଇକ୍ ଦୁଇଟିକୁ ଜବତ କରି ତଦନ୍ତ ଚଳାଇଛି।

# ୧୦ ଲକ୍ଷ ଟଙ୍କାର ସମ୍ପତ୍ତି ପାଉଁଶ

**ଖମାରରେ ଭୟାବହ ଅଗ୍ନିକାଣ୍ଡ**



ପାଲଲହଡ଼ା ବ୍ଲକ ଖମାର ଥାନା ରଜଡଙ୍ଗ ଗ୍ରାମରେ ଘର ଜଳିଯାଉଛି।

**ପାଲଲହଡ଼ା/ ଖମାର, ୨୯।୩(ଡି.ଏନ.ଏ.)**

ଅନୁଗୋଳ ଜିଲା ପାଲଲହଡ଼ା ବ୍ଲକ ଖମାର ଥାନା ରଜଡଙ୍ଗ ଗ୍ରାମରେ ରବିବାର ଭୟାବହ ଅଗ୍ନିକାଣ୍ଡ ଘଟି ୧୦ ବଖରା ପୋଡି ପାଉଁଶ ହୋଇଯାଇଛି। ଅପରାହ୍ନ ପ୍ରାୟ ୨ଟାରେ ଏହି ଅଗ୍ନିକାଣ୍ଡ ଘଟିଥିଲା। ନିଆଁ ଲାଗିବା ମାତ୍ରେ ତୁରନ୍ତ ପାଲଲହଡ଼ା ଅଗ୍ନିଶମ ବିଭାଗକୁ ଖବର ଦିଆଯାଇଥିଲା। ପାଲଲହଡା ସହ କଣିହାଁରୁ ଦମକଳ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। କିନ୍ତୁ ପହଞ୍ଚିବାରେ ବିଳମ୍ବ ହେବାରୁ ଏହାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ କିଛି ସମୟ ପାଇଁ ଉତ୍ତେଜନା ପ୍ରକାଶ ପାଇଥିଲା।

ରଜଡ଼ଙ୍ଗ ଗ୍ରାମର ତ୍ରିଲୋଚନ ଦାଶଙ୍କ ଘରେ ବିଦ୍ୟୁତ୍ ଶର୍ଟସର୍କିଟ୍ ଯୋଗୁ ନିଆଁ ଲାଗିଯାଇଥିଲା। ପରେ ଅରୁଣ ଦାସ, ପ୍ରଦୀପ ଦାସ, ପ୍ରଶାନ୍ତ ଦାସ, ତ୍ରିଲୋଚନ ଦାସ, ଅଶୋକ ଦାସ, ଅଦିତ ଦାସ, ଅଭୟ ଦାସ, ଅନ୍ତର୍ଯ୍ୟାମୀ ଦାସ ଏବଂ ଧରଣୀ ଦାସଙ୍କ ୧୦ ବଖରା ସମ୍ପୂର୍ଣ୍ଣ ଜଳିଯାଇଥିଲା। କ୍ଷୟକ୍ଷତିର ପରିମାଣ ପ୍ରାୟ ୧୦ ଲକ୍ଷ ଟଙ୍କା ହେବ ବୋଲି ପରିବାର ପକ୍ଷରୁ କୁହାଯାଇଛି। ପରେ ପଲଲହଡା ବିଧାୟକ ମୁକେଶ କୁମାର ପାଲ, ବ୍ଲକ ଅଧ୍ୟକ୍ଷ ନବକିଶୋର ନାୟକ, ତହସିଲଦାର ପହଞ୍ଚି ଅଗ୍ନିବିପନ୍ନ ପରିବାରକୁ ଆଶ୍ୱାସନ ଦେଇଥିଲେ। କ୍ଷୟକ୍ଷତି ଆକଳନ ସହ ତୁରନ୍ତ କ୍ଷତିଗ୍ରସ୍ତ ପରିବାରକୁ ସମସ୍ତ ପ୍ରକାର ସରକାରୀ ସହାୟତା ଯୋଗାଇ ଦେବାକୁ ବିଧାୟକ ପାଲ ଉପଖଣ୍ଡ ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ।

# ଅମାନିଆଙ୍କୁ ସାବାଡ଼୍ କଲା ପୋଲିସ

**ଅନୁଗୋଳ ଅଫିସ, ୨୯।୩**

ଲକ୍‌ଡାଉନ୍ ସତ୍ତ୍ୱେ ଅନୁଗୋଳ ସହର ଓ ଉପକଣ୍ଠର ଅନେକ ଲୋକ ରବିବାର ବିଭିନ୍ନ ବାହାନା କରି ବାହାରକୁ ଆସିଥିଲେ। କିଏ ପରିବା କିଣିବାକୁ ତ କିଏ ଆମିଷ ବଜାରରେ ଭିଡ଼ ଲଗାଇଥିଲେ। ସାମାଜିକ ଦୂରତ୍ୱ ବଜାୟ ରଖିବାକୁ ରହିଥିବା ନିର୍ଦ୍ଦେଶକୁ ଲୋକେ ଉଲ୍ଲଂଘନ କରୁଥିବା ଦେଖି ପୋଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲା। ଆମିଷ ବଜାରରେ ଭିଡ଼ କରୁଥିବା ଲୋକଙ୍କୁ ମାଡ଼ଦେବା ସହ ସହରରେ ବୁଲି ଅଯଥାରେ ବାହାରକୁ ବାଇକ୍‌ରେ ଆସିଥିବା ଯୁବକମାନଙ୍କ ଗାଡ଼ି ଚକରୁ ପମ୍ପ ଖୋଲି ଦେଇଥିଲା। ଆଉ କେତେକ ସ୍ଥାନରେ କାନ ଧରି ଉଠବସ୍ କରାଇଥିଲା। ସେହିପରି ସନ୍ଧ୍ୟାରେ ସହର ଉପକଣ୍ଠରେ ପୋଲିସ ପଇଁତରା ମାରିଥିବା ଦେଖିବାକୁ ମିଳିଥିଲା। ସେହିପରି ଜିଲା ବାହାରୁ ଆସିଥିବା ଲୋକଙ୍କୁ କ୍ୱାରାଣ୍ଟାଇନରେ ରହିବାକୁ ନିର୍ଦ୍ଦେଶ ରହିଥିଲେ ହେଁ ସେମାନେ ଏହାକୁ ମାନୁ ନ ଥିବା ଦେଖିବାକୁ ମିଳୁଛି। ଫଳରେ ପ୍ରତିଦିନ ପୋଲିସ ମାମଲା ରୁଜୁ କରୁଛି। ଶନିବାର ମଧ୍ୟ କ୍ୱାରାଣ୍ଟାଇନ ବା ସଙ୍ଗରୋଧ ନିର୍ଦ୍ଦେଶ ନ ମାନିବାରୁ ଜିଲାର ୪ ଜଣଙ୍କ ନାମରେ ମାମଲା ରୁଜୁ ହୋଇଛି। ଅନୁଗୋଳ ଥାନାରେ ୨ଟି, ଆଠମଲ୍ଲିକ ଥାନାରେ ଗୋଟିଏ ଏବଂ ନିଶା ଶିଳ୍ପାଞ୍ଚଳ ଥାନାରେ ଗୋଟିଏ ମାମଲା ରୁଜୁ କରାଯାଇଛି। ଏଥିସହ ପୋଲିସ ସେମାନଙ୍କୁ ସରକାରଙ୍କ ତରଫରୁ ନିର୍ମିତ କ୍ୱାରାଣ୍ଟାଇନ ୱାର୍ଡରେ ଭର୍ତ୍ତି କରିଛି। ସେହିପରି ଲକଡାଉନକୁ ନ ମାନି ବାହାରେ ବିନା କାମରେ ବୁଲୁଥିବାରୁ ପୋଲିସ ୨୧ ଜଣ ଏବଂ ମଦ ବିକ୍ରି ଅଭିଯୋଗରେ ୨ ଜଣଙ୍କ ନାମରେ ମାମଲା ରୁଜୁ କରିଛି। ଏଥିସହ ସେମାନଙ୍କଠାରୁ ୧୧ଟି ବାଇକ ଜବତ କରାଯାଇଛି।

| ସାମଗ୍ରୀ | କିଲୋ ପ୍ରତି ମୂଲ୍ୟ ଟଙ୍କାରେ |
|---|---|
| ଚାଉଳ | ୩୦.୦୦ |
| ମୁଗ ଡାଲି | ୯୫.୦୦ |
| ହରଡ଼ ଡାଲି | ୮୦.୦୦ |
| ବୁଟ ଡାଲି | ୬୦.୦୦ |
| ବିରି ଡାଲି | ୯୬.୦୦ |
| ମସୁର (ମଧ୍ୟମ ଧରଣର) | ୬୫.୦୦ |
| ଅଟା (ଚକି) | ୩୫.୦୦ |
| ଅଟା (ମେଶିନ୍ ପେସା) | ୩୦.୦୦ |
| ମଇଦା | ୩୨.୦୦ |
| ସୁଜି | ୩୪.୦୦ |
| ବେସନ | ୭୦.୦୦ |
| ଚୂଡ଼ା | ୩୦.୦୦ |
| ସୋରିଷ ତେଲ | ୧୧୪.୦୦ |
| ବନସ୍ପତି | ୭୪.୦୦ |
| ରିଫାଇନ | ୯୦.୦୦ |
| ସୂର୍ଯ୍ୟମୁଖୀ | ୧୦୨.୦୦ |
| ଚିନି | ୪୦.୦୦ |
| ଗୁଡ଼ | ୩୨.୦୦ |
| ଆଳୁ | ୨୦.୦୦ |
| ପିଆଜ | ୩୦.୦୦ |

## ଜାରି ହେଲା ପାଇକାରୀ, ଖୁଚୁରା ଦର

**ଅନୁଗୋଳ ଅଫିସ, ୨୯।୩**

ଲକ୍‌ଡାଉନ ସମୟରେ ବିଭିନ୍ନ ସ୍ଥାନରେ ଅତ୍ୟାବଶ୍ୟକ ସାମଗ୍ରୀର କଳାବଜାର କରାଯାଉଥିବା ଅଭିଯୋଗ ପରେ ଅନୁଗୋଳ ଜିଲା ପ୍ରଶାସନ ପକ୍ଷରୁ ଖାଦ୍ୟ ସାମଗ୍ରୀର ଦର ସର୍ବସାଧାରଣଙ୍କ ପାଇଁ ପ୍ରକାଶ କରାଯାଇଛି। ଜିଲାରେ ଚାଉଳ, ଡାଲି ଜାତୀୟ ଦ୍ରବ୍ୟ, ତେଲ, ଚୂଡ଼ା, ଅଟା, ବେସନ, ମଇଦା, ସୁଜି, ଆଳୁ, ପିଆଜ ଆଦି ଦର ଧାର୍ଯ୍ୟ କରାଯାଇଛି। ପାଇକାରୀ ସହ ଖୁଚୁରା ବ୍ୟବସାୟୀଙ୍କ ଦର ଓ କେତେ ଟଙ୍କାରେ ସାଧାରଣ ଲୋକଙ୍କୁ ଏସବୁ ବିକ୍ରି କରାଯିବ ତାର ତାଲିକା ପ୍ରଦାନ କରାଯାଇଛି। ଯେଉଁମାନେ ଚଡ଼ା ଦରରେ ବିକ୍ରୟ କରିବେ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

## ସଚେତନ କରୁଛନ୍ତି ଗ୍ରାମବାସୀ

**ଛେଣ୍ଡିପଦା, ୨୯।୩(ସ୍ୱ.ପ୍ର.):** ଛେଣ୍ଡିପଦା ବ୍ଲକର ବିଭିନ୍ନ ଗ୍ରାମରେ ଲୋକମାନେ ନିଜେ ସଚେତନ ରହିବା ସହ ବାଟୋଇଙ୍କୁ କରୋନା ସମ୍ପର୍କରେ ସଚେତନ କରୁଛନ୍ତି। ଟାଙ୍ଗିରୀ ଗ୍ରାମର ଯୁବଗୋଷ୍ଠୀଙ୍କ ପକ୍ଷରୁ ଗ୍ରାମକୁ ପ୍ରବେଶ କରୁଥିବା ଲୋକଙ୍କ ପାଇଁ ହାତ ଧୋଇବାର ବ୍ୟବସ୍ଥା କରାଯାଇଛି। ଏଥିସହ କରୋନାର କାରଣ ଏବଂ ଏହାଠାରୁ କିଭଳି ଦୂରେଇ ରହିହେବ ସେ ସମ୍ପର୍କରେ ପରାମର୍ଶ ଦିଆଯାଉଛି। ଦିଲୀପ ପ୍ରଧାନ, ଲିଙ୍କୁନ ପ୍ରଧାନ, ବାପୁନୁ ବେହେରା, ହିଙ୍କୁନୁ ବେହେରା, ମାନସ ବେହେରା, ସୁକାନ୍ତ ବାରିକ ପ୍ରମୁଖ ଏହାର ତଦାରଖ କରୁଛନ୍ତି। ସେହିପରି ସନ୍ତରାବନ୍ଧ ଗ୍ରାମରେ ଯୁବଗୋଷ୍ଠୀଙ୍କ ଦ୍ୱାରା ସଚେତନତା କାର୍ଯ୍ୟକ୍ରମ କରାଯାଉଛି। ନୂଆପଡା, କୋଶଳା ଗ୍ରାମର ହରିଜନ ସାହି, ବହିଆଳିସାହି ଓ ସମବାୟ ସମିତି ବଜାର ଠାରୁ ଗଳିରାସ୍ତାରେ ମଧ୍ୟ ଯୁବଗୋଷ୍ଠୀଙ୍କ ଦ୍ୱାରା ଜନସାଧାରଣଙ୍କୁ ସଚେତନ କରାଯାଉଛି।



କଟକଣା ଉଲ୍ଲଂଘନ କରି ପାଲଲହଡ଼ା ସହରରେ ଲୋକମାନେ ଚଳପ୍ରଚଳ କରୁଛନ୍ତି।

# ଗାଁରେ କଡ଼ାକଡ଼ି, ସହରରେ ଢିଲା

**ପାଲଲହଡା, ୨୯।୩(ଡି.ଏନ.ଏ.)**

ଅନୁଗୋଳ ଜିଲା ପାଲଲହଡା ଉପଖଣ୍ଡର କେତେକ ଗାଁରେ ଲକ୍‌ଡାଉନ୍ କଟକଣାକୁ କଡ଼ାକଡ଼ି ପାଳନ କରାଯାଉଛି। କିନ୍ତୁ ସହରାଞ୍ଚଳରେ ଲୋକେ ଢିଲା ମାରି ରାସ୍ତାରେ ବାଇକ୍‌ରେ ବୁଲାବୁଲି କରୁଥିବା ଦେଖାଯାଉଛି। ଉପଖଣ୍ଡର ବଡିସୁଆଁ ପଞ୍ଚାୟତ ପୁରୁଣାପଣି, ଡିମିରିଆ ପଞ୍ଚାୟତର ଝିମିରିପାଲି, ବାଲିପଶି ପଞ୍ଚାୟତର ଫପଣ୍ଡ ଏବଂ ବନ୍ଧଭୂଇଁ ପଞ୍ଚାୟତର ଇତି ଗ୍ରାମରେ ସଚେତନତାକୁ ଜୋରଦାର କରାଯାଇଛି। ଗ୍ରାମ ବାହାରୁ ଆସୁଥିବା ଲୋକଙ୍କୁ ହାତ ଧୋଇବା ପରେ ପ୍ରବେଶ ପାଇଁ ଅନୁମତି ମିଳୁଛି। ଏପରି କି ଅତ୍ୟାବଶ୍ୟକ ସାମଗ୍ରୀ ପାଇଁ ଯାଇଥିବା ଗାଁ ଲୋକେ ମଧ୍ୟ ଏହି ପଦକ୍ଷେପକୁ ମାନୁଛନ୍ତି। ଏଥିପାଇଁ ଗାଁ ମୁଣ୍ଡରେ ସାବୁନ ଏବଂ ପାଣି ରଖାଯାଇଛି। ଅନ୍ୟପଟେ ସହରରେ ଏହାର ଓଲଟା ଚିତ୍ର ଦେଖିବାକୁ ମିଳୁଛି। ଲୋକମାନେ କଟକଣା ନ ମାନି ଅବାଧରେ ବୁଲାବୁଲି କରୁଛନ୍ତି। ପନିପରିବା ହାଟ ଏବଂ ମାଛ ମାଂସ ଦୋକାନରେ ସାମାଜିକ ଦୂରତ୍ୱ ରକ୍ଷା ନ କରି ସେମାନେ ପ୍ରବଳ ଭିଡ଼ କରୁଛନ୍ତି।

# ସୀମା ସିଲ୍ କରିବାକୁ ଜିଲାପାଳଙ୍କ ନିର୍ଦ୍ଦେଶ

**ବାହାର ଜିଲାରୁ ଆସିଲେ ରଖାଯିବ ସ୍ୱତନ୍ତ୍ର ନଜର**

**ସନ୍ଦେହ ହେଲେ ପରୀକ୍ଷା ହେବ ରକ୍ତ ନମୁନା**

**ଅନୁଗୋଳ ଅଫିସ, ୨୯।୩**

ଅନୁଗୋଳ ଜିଲାର ସମସ୍ତ ସୀମାକୁ ସିଲ୍ କରାଯିବ। ଜିଲା ବାହାରୁ ଆସୁଥିବା ଲୋକଙ୍କ ଉପରେ ସ୍ୱତନ୍ତ୍ର ଦୃଷ୍ଟି ରଖିବା ସହ ଆବଶ୍ୟକ ପଡ଼ିଲେ ରକ୍ତ ନମୁନା ଯାଞ୍ଚ କରିବାକୁ ଜିଲାପାଳ ମନୋଜ କୁମାର ମହାନ୍ତି ସମସ୍ତ ଉପଜିଲାପାଳଙ୍କ ସହ ବିଡିଓ, ତହସିଲଦାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ରାଜ୍ୟ ସରକାର ପ୍ରତି ଜିଲାପାଳଙ୍କୁ ନିଜ ଜିଲା ସୁରକ୍ଷିତ ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି। ତେଣୁ ବାହାରୁ ଆସୁଥିବା ଲୋକଙ୍କ ଉପରେ ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ଉପଜିଲାପାଳ, ବିଡିଓ ଓ ତହସିଲଦାରମାନଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ବାହାରୁ ଆସୁଥିବା ଲୋକଙ୍କୁ ପଞ୍ଚାୟତରେ ଖୋଲିଥିବା ହୋମ୍ କ୍ୱାରାଣ୍ଟାଇନ୍‌ରେ ରଖିବାକୁ ନିର୍ଦ୍ଦେଶ ଥିବାରୁ ଯେଭଳି ଏହାର ଠିକ୍ ପାଳନ ହେବ ସେଥିପ୍ରତି ଅଧିକ ଦୃଷ୍ଟି ଦେବାକୁ ଜିଲାପାଳ କହିଛନ୍ତି। ଯେଉଁମାନଙ୍କ ଉପରେ ସନ୍ଦେହ ଜାତ ହେବ ସେମାନଙ୍କ ରକ୍ତ ନମୁନା ତୁରନ୍ତ ପରୀକ୍ଷା କରିବାକୁ ଜିଲାପାଳ ପରାମର୍ଶ ଦେଇଛନ୍ତି। କେଉଁମାନେ ଜିଲାକୁ ଆସୁଛନ୍ତି ଓ କିଏ କେଉଁ କାମରେ ଜିଲା ବାହାରକୁ ଯାଉଛନ୍ତି ତାହା ସୀମାନ୍ତରେ ଥିବା ଅଧିକାରୀମାନେ ଦୃଷ୍ଟି ଦେବାକୁ ନିର୍ଦ୍ଦେଶନାମା ଜାରି କରାଯାଇଛି। ଦିଲ୍ଲୀ, ଗୁଜରାଟ, ମହାରାଷ୍ଟ୍ର ଆଦି ରାଜ୍ୟରୁ ଫେରୁଥିବା ଲୋକଙ୍କ ନାମ ପଞ୍ଜୀକରଣ କରିବା ସହ ନିୟମିତ ଚେକ୍ କରିବାକୁ କୁହାଯାଇଛି। ପୂର୍ବରୁ ଗଢ଼ାଯାଇଥିବା ସର୍ଭିଲାନ୍ସ ଟିମ୍ ସହ ସ୍ପେଶାଲ ଟିମ୍ ଗାଁରୁ ସହର ସବୁଆଡ଼େ ବୁଲି ତଥ୍ୟ ସଂଗ୍ରହ କରିବାକୁ କୁହାଯାଇଛି। ଯେଉଁମାନେ କ୍ୱାରାଣ୍ଟାଇନ୍ ନିୟମ ଉଲ୍ଲଂଘନ କରୁଥିବେ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ମଧ୍ୟ ଜିଲାପାଳ ମହାନ୍ତି ନିର୍ଦ୍ଦେଶ ଦେଇଛନ୍ତି।

# ସ୍ୱତନ୍ତ୍ର ୱାର୍ଡ ପାଇଁ ଜାଗା ଚିହ୍ନଟ

**ଅନୁଗୋଳ ଅଫିସ, ୨୯।୩**

ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ଏବେ ଅସ୍ଥାୟୀ ଭାବେ କରୋନା ୱାର୍ଡ ଖୋଲାଯାଇଥିବା ବେଳେ ସ୍ଥାୟୀ ୱାର୍ଡ ପାଇଁ ଯୋଜନା କରାଯାଉଛି। କିନ୍ତୁ କେଉଁ ସ୍ଥାନରେ ଏହି ସ୍ୱତନ୍ତ୍ର ୱାର୍ଡ ଖୋଲାଯିବ ସେ ନେଇ ଜାଗା ଚିହ୍ନଟ କାର୍ଯ୍ୟ ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ଏବେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଥିବା ଜେରିଆଟ୍ରିକ୍ ୱାର୍ଡରେ ଆଇସୋଲେଶନ୍ ସେଣ୍ଟର ଖୋଲାଯିବା ସହ ୬ ମହଲାରେ ମଧ୍ୟ ୨୦ ବେଡ ବିଶିଷ୍ଟ ଏକ ସ୍ୱତନ୍ତ୍ର ଆଇସୋଲେଶନ୍ ସେଣ୍ଟର ଖୋଲାଯାଇଛି। କିନ୍ତୁ ଅନୁଗୋଳ ସହର ଠାରୁ ଦୂରରେ ଥିବା ଜାଗାରେ ସ୍ୱତନ୍ତ୍ର ୱାର୍ଡ ଖୋଲାଯିବ। ଏ ନେଇ ପ୍ରଶାସନ ତାଳଚେରର ସେଣ୍ଟ୍ରାଲ ହସ୍ପିଟାଲ, ବଣ୍ଡାଁରପାଳର ଡିପିଏସ୍ ବିଦ୍ୟାଳୟ ଓ ଅନୁଗୋଳର ଆଦର୍ଶ ଆଇଟିଆଇରେ ସ୍ଥାନ ଚିହ୍ନଟ କରିଛି। ସେଠାରେ ସ୍ୱତନ୍ତ୍ର ୱାର୍ଡ ସହ ଆବଶ୍ୟକ ଆନୁଷଙ୍ଗିକ ବ୍ୟବସ୍ଥା ସରକାର ଯୋଗାଇବେ ବୋଲି ନିଷ୍ପତ୍ତି ହୋଇଛି। କିନ୍ତୁ କାର୍ଯ୍ୟ ଶେଷ ହୋଇପାରି ନ ଥିବାରୁ ଏଥିରେ ବିଳମ୍ବ ହୋଇଚାଲିଛି। ଏ ନେଇ ଜିଲାପାଳ ମନୋଜ କୁମାର ମହାନ୍ତି କହିଛନ୍ତି, ଜାଗା ଚିହ୍ନଟ କରାଯାଇଛି। ପ୍ରାରମ୍ଭିକ ପର୍ଯ୍ୟାୟରେ ତାଳଚେରର ସେଣ୍ଟ୍ରାଲ ହସ୍ପିଟାଲରେ ୧୦୦ ଓ ଅନୁଗୋଳର ଆଦର୍ଶ ଆଇଟିଆଇରେ ୩୦୦ ବେଡ୍ ବିଶିଷ୍ଟ ସ୍ୱତନ୍ତ୍ର ୱାର୍ଡ ଖୋଲାଯିବ।

# ହାଟରେ ଭୁଲିଗଲେ ସାମାଜିକ ଦୂରତ୍ୱ

**ଅନୁଗୋଳ/ବନ୍ତଳା/ ବଣ୍ଡାଁରପାଳ, ୨୯।୩ (ଡି.ଏନ.ଏ.)-** ଲକ୍‌ଡାଉନ ସତ୍ତ୍ୱେ ରବିବାର ଅନୁଗୋଳ ଜିଲାର ବିଭିନ୍ନ ହାଟରେ ପ୍ରବଳ ଭିଡ଼ ହୋଇଥିଲା। ଲୋକେ ସାମାଜିକ ଦୂରତ୍ୱ କଥା ଭୁଲି କିଣାକିଣି କରିଥିଲେ। ଅନୁଗୋଳ ଛକସ୍ଥିତ ସାପ୍ତାହିକ ହାଟରେ ଏପରି ଭିଡ଼ ପରେ ପୋଲିସ ପହଞ୍ଚି ଲୋକଙ୍କୁ ଘଉଡ଼ାଇବା ସହ ହାଟ ଗେଟ ବନ୍ଦ କରିଦେଇଥିଲା। ସେହିପରି ବଣ୍ଡାଁରପାଳ ବ୍ଲକ କୁଲାଡ଼ ଏଫ୍‌ସିଆଇ ଛକଠାରେ ମଧ୍ୟ ହାଟରେ ଗହଳି ହୋଇଥିଲା। ପୋଲିସ ପକ୍ଷରୁ ବାରମ୍ବାର ସଚେତନ କରାଯାଉଥିଲେ ବି ଅନେକେ ଏହାକୁ ମାନୁ ନ ଥିବା ଦେଖାଯାଇଥିଲା।



ଅନୁଗୋଳ ସହରର ଏକ ହାଟରେ ଲୋକଙ୍କ ପ୍ରବଳ ଭିଡ଼ ହୋଇଛି।



ବଣ୍ଡାଁରପାଳ ବ୍ଲକ କୁଲାଡ଼ ଏଫ୍‌ସିଆଇ ଛକସ୍ଥିତ ହାଟରେ ଗହଳି

## ଏନ୍‌ଜେନ୍ କର୍ମଚାରୀଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

**ପରଜଙ୍ଗ, ୨୯।୩(ଡି.ଏନ୍.ଏ.)**

ଢେଙ୍କାନାଳ ଜିଲା ପରଜଙ୍ଗ ଥାନା କଟାବାହାଳ ଗ୍ରାମ ମାଳିମୁଣ୍ଡା ରାସ୍ତା ନିକଟ ଏକ ଆମ୍ବଗଛରୁ ରବିବାର ଜଣେ ଏନ୍‌ଜେନ କର୍ମଚାରୀଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର କରାଯାଇଛି। ମୃତକ ହେଲେ ପରଜଙ୍ଗ ଥାନା ରୋଡ୍ ଗ୍ରାମର ମୃତ୍ୟୁଞ୍ଜୟ ମୁଦୁଲି। ସେ ଆତ୍ମହତ୍ୟା କରିଥିବା ପ୍ରାଥମିକ ତଦନ୍ତରୁ ପୋଲିସ ଜାଣିବାକୁ ପାଇଛି। ମୃତ୍ୟୁଞ୍ଜୟ ରୋଡ୍ ଇଲେକ୍ଟ୍ରିକ୍ ଡିଭିଜନରେ କାର୍ଯ୍ୟରତ ଥିଲେ। ସେ ଶନିବାର ୧୧ଟାରେ ଅଫିସ୍ କାର୍ଯ୍ୟ ସାରି ଆଉ ଫେରି ନ ଥିଲେ। ପରିବାର ଲୋକେ ତାଙ୍କୁ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିଥିଲେ ମଧ୍ୟ ତାଙ୍କର ପତ୍ତା ମିଳି ନ ଥିଲା। ରବିବାର ଆମ୍ବଗଛରେ ମୃତଦେହ ଝୁଲୁଥିବା ଦେଖି ସ୍ଥାନୀୟ ଲୋକେ ପୋଲିସକୁ ସୂଚନା ଦେଇଥିଲେ। ପୋଲିସ ଘଟଣାସ୍ଥଳରୁ ମୃତ୍ୟୁଞ୍ଜୟଙ୍କ ମୃତଦେହ, ସେ ବ୍ୟବହାର କରୁଥିବା ବାଇକ୍ (ଓଆର ୦୬ ଏନ୍ ୦୧୫୫), ମନିପର୍ସ, ମୋବାଇଲ ଜବତ କରିଛି। ତେବେ ସେ କାହିଁକି ଏଭଳି ଚରମ ନିଷ୍ପତ୍ତି ନେଲେ ତାହା ଅସ୍ପଷ୍ଟ ରହିଛି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରାଯାଇଛି। ଏ ନେଇ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।


ଢେଙ୍କାନାଳ ସହର ଶୂନଶାନ

# ଲକ୍‌ଡାଉନ୍ ନିୟମ କଡ଼ାକଡ଼ି

**ଘରେ ସାମଗ୍ରୀ ପହଞ୍ଚାଇବେ ୬ ଗ୍ରସେରି**

**ଦୋକାନରେ ପ୍ରଦର୍ଶିତ ହେବ ମହଜୁଦ ସାମଗ୍ରୀ, ଦର ତାଲିକା**

**ଢେଙ୍କାନାଳ ଅଫିସ, ୨୯।୩**

ଢେଙ୍କାନାଳ ସହରରେ ରବିବାରଠାରୁ ଲକ୍‌ଡାଉନ ନିୟମକୁ ଅଧିକ କଡ଼ାକଡ଼ି କରାଯାଇଛି। ଜରୁରୀ ସମୟରେ ହେଉଥିବା ବାଇକ୍ ଚଳାଚଳକୁ ବାରଣ କରାଯାଇଛି। ସହରର ଅଧିକାଂଶ ପ୍ରମୁଖ ରାସ୍ତାରେ ଏହି ନିୟମ ଲାଗୁ କରାଯାଇଛି। ଫଳରେ ସମଗ୍ର ସହର ଶୂନ୍‌ଶାନ ହୋଇପଡ଼ିଛି। ନିୟମ ଖିଲାପକାରୀଙ୍କୁ ସାବାଡ କରିବାକୁ ପୋଲିସ ଗାଡ଼ି ପଇଁତରା ମାରୁଛି।

ତାଲାବନ୍ଦ ସମୟରେ ଲୋକଙ୍କ ପାଖରେ ଅତ୍ୟାବଶ୍ୟକ ସାମଗ୍ରୀ ପହଞ୍ଚାଇବାକୁ ଜିଲା ପ୍ରଶାସନ ପକ୍ଷରୁ ବ୍ୟବସ୍ଥା କରାଯାଇଛି। ଏ ଦିଗରେ ପଦକ୍ଷେପ ନେବାକୁ ଜିଲାପାଳ ଭୂମେଶ ଚନ୍ଦ୍ର ବେହେରା ଯୋଗାଣ ବିଭାଗକୁ ପତ୍ର ମାଧ୍ୟମରେ ନିର୍ଦ୍ଦେଶ ଦେଇଛନ୍ତି। ସହରର ୬ ଗ୍ରସେରି ହୋଲ୍‌ସେଲରଙ୍କୁ ଘରେ ସାମଗ୍ରୀ ପହଞ୍ଚାଇବାକୁ ଅନୁମତି ପ୍ରଦାନ କରାଯାଇଛି। ଏଥିଲାଗି କୌଣସି ଅତିରିକ୍ତ ଦେୟ ପଡ଼ିବ ନାହିଁ। ତେବେ ଗ୍ରାହକଙ୍କୁ ଅନ୍ୟୂନ ୫୦୦ ଟଙ୍କାର ସାମଗ୍ରୀ କିଣିବାକୁ ପଡ଼ିବ। ହୋଲ୍‌ସେଲରଙ୍କ ମୋବାଇଲ ହ୍ୱାଟ୍‌ସଆପ୍ କିମ୍ବା ମୋବାଇଲ ଜରିଆରେ ସକାଳ ୬ଟାରୁ ମଧ୍ୟାହ୍ନ ୧୨ଟା ଯାଏ ଆବଶ୍ୟକ ସାମଗ୍ରୀ ବିଷୟରେ ଜଣାଇବାକୁ ପଡ଼ିବ। ଅପରାହ୍ନ ୪ଟାରୁ ରାତି ୯ଟା ମଧ୍ୟରେ ସାମଗ୍ରୀ ଘରେ ପହଞ୍ଚିବ। ସାମଗ୍ରୀ ଯୋଗାଣ ପରେ ଏ ବାବଦ ଅର୍ଥ ହୋଲ୍‌ସେଲରଙ୍କ କର୍ମଚାରୀମାନେ ଗ୍ରହଣ କରିବେ ବୋଲି ଉପଜିଲାପାଳ ସାଫଲ୍ୟ ମଣ୍ଡିତ ପ୍ରଧାନ ସୂଚନା ଦେଇଛନ୍ତି। ସେହିପରି ଦୋକାନରେ ମହଜୁଦ ସାମଗ୍ରୀ ତାଲିକା ପ୍ରଦର୍ଶିତ ହେବ। ଏଥିସହ ଦର ତାଲିକା ମଧ୍ୟ ଉଲ୍ଲେଖ କରାଯିବ ବୋଲି ସୂଚନା ଦିଆଯାଇଛି। ଅନୁମତି ପାଇଥିବା ୬ଟି ହୋଲସେଲର ହେଲେ ପୁରୁଣା ବସଷ୍ଟାଣ୍ଡ ଛକସ୍ଥିତ ହିନ୍ଦୁଚା ବ୍ରଦର୍ସ, ଦକ୍ଷିଣକାଳୀ ରୋଡରେ ଥିବା ଏ-୧ ହିନ୍ଦୁଚା ସୁପରଷ୍ଟୋର, ପଣ୍ଡା ଗ୍ରସେରି ଶପ୍, ଗାନ୍ଧୀମନ୍ଦିର ରୋଡରେ ଥିବା ଏ-୧ ହିନ୍ଦୁଚା ସୁପରଷ୍ଟୋର, ଲକ୍ଷ୍ମୀବଜାରସ୍ଥିତ ରାମଜୀ ଷ୍ଟୋର ଏବଂ ଢେଙ୍କାନାଳ କଲେଜ ରୋଡସ୍ଥିତ ହଙ୍ଗରହଣ୍ଟ ହୋଲ୍‌ସେଲର।

ଅପରପକ୍ଷେ ରବିବାର ସହରର ତାପମାତ୍ରାରେ ବୃଦ୍ଧି ଘଟିଛି। ଅପରାହ୍ନ ୨ଟା ଯାଏ ତାପମାତ୍ରା ୩୯ ଡିଗ୍ରୀ ରହିଥିଲା। ଏପରି ସ୍ଥିତିରେ ଲକ୍‌ଡାଉନ୍ ବ୍ୟବସ୍ଥା ତଦାରଖ କରୁଥିବା ପୋଲିସ କର୍ମଚାରୀଙ୍କ ସମସ୍ୟା ବଢ଼ିଛି। ସ୍ୱେଚ୍ଛାସେବୀ ଅନୁଷ୍ଠାନ ହେଲ୍‌ପିଂ ହ୍ୟାଣ୍ଡ୍ ଏସ୍-୨ ପକ୍ଷରୁ କର୍ତ୍ତବ୍ୟରତ ପୋଲିସ କର୍ମଚାରୀଙ୍କୁ ପିଇବା ପାଣି, ଚା ପ୍ରଦାନ କରାଯାଉଛି।

## ସାଇକେଲରେ ଭୁବନେଶ୍ୱରରୁ କାମାକ୍ଷାନଗର

**ଢେଙ୍କାନାଳ ଅଫିସ, ୨୯।୩**

କରୋନା ଭୂତାଣୁ ସଂକ୍ରମଣ ରୋକିବାକୁ ସାରା ଦେଶରେ ଲାଗୁ ହୋଇଛି ଲକ୍‌ଡାଉନ୍ ବ୍ୟବସ୍ଥା। ଏଥିରେ ପ୍ରଭାବିତ ହୋଇଛି ସାଧାରଣ ଜୀବନଯାତ୍ରା। କାର୍ଯ୍ୟକ୍ଷେତ୍ରରେ ଅଟକି ରହିଥିବା ଲୋକମାନେ ଗାଁକୁ ଯିବାରେ ନାହିଁ ନ ଥିବା ସମସ୍ୟା ଭୋଗୁଛନ୍ତି। ଏପରି ସ୍ଥିତିରେ ଜଣେ ଯୁବକ ସାଇକେଲରେ ଭୁବନେଶ୍ୱରରୁ କାମାକ୍ଷାନଗରସ୍ଥିତ ନିଜ ଘରକୁ ଯିବା ଚର୍ଚ୍ଚାର ବିଷୟ ହୋଇଛି। କାମାକ୍ଷାନଗର ଥାନା ଅନ୍ତର୍ଗତ ନୂଆପାଲି ବାସିନ୍ଦା ହେଉଛନ୍ତି ରାଜେଶ ସାମଲ (୨୨)। ସେ ଭୁବନେଶ୍ୱରରେ ଏକ ମିନି ପିକ୍‌ଅପ୍ ଭ୍ୟାନ ଚାଳକ ଭାବେ କାମ କରୁଛନ୍ତି। କରୋନା ପାଇଁ ରାଜ୍ୟରେ ଲକ୍‌ଡାଉନ୍ ଲାଗୁ କରାଯିବା ପରେ ଗାଡ଼ି ଚଳାଚଳ ବନ୍ଦ ହୋଇଯାଇଥିଲା। ସେ କାମ ନ ପାଇ ହାତ ବାନ୍ଧି ବସିଥିଲେ। ଘରଲୋକଙ୍କ କଥା ମନେ ପଡ଼ିବାରୁ ରାଜେଶ ରବିବାର ଭୋର୍ ୫ଟାରୁ ଭୁବନେଶ୍ୱରରୁ ଏକ ସାଇକେଲରେ ଗାଁ ଅଭିମୁଖେ ବାହାରିଥିଲେ। ବିଭିନ୍ନ ସ୍ଥାନରେ ତାଙ୍କୁ ପୋଲିସ ଅଟକାଇଥିଲା। ସେ ନିଜର ପରିଚୟ ଦେବା ସହ ଗାଁକୁ ଯାଉଥିବା କହିଥିଲେ। ଦୀର୍ଘ ସାଢ଼େ ୭ଘଣ୍ଟାର ସାଇକେଲ ଯାତ୍ରା କରି ସେ ମଧ୍ୟାହ୍ନ ସାଢ଼େ ୧୨ଟାରେ ଢେଙ୍କାନାଳରେ ପହଞ୍ଚିଥିଲେ। ସ୍ଥାନୀୟ କାରିଗର ସାହିଠାରେ ପୋଲିସ ତାଙ୍କୁ ଅଟକାଇ ପଚରାଉଚୁରା କରିବା ପରେ ଛାଡ଼ିଥିଲା।

ଏ ନେଇ ରାଜେଶ କୁହନ୍ତି, ଲକ୍‌ଡାଉନ ଯୋଗୁ ଗାଡ଼ି ଚଳାଚଳ ବନ୍ଦ ରହିଛି। ପରିବାର ଲୋକଙ୍କ କଥା ମନେପଡ଼ିଥିଲା। ଏହାପରେ ସେ ସାଇକେଲରେ ଗାଁକୁ ବାହାରିଥିବା କହିଛନ୍ତି।


ସାଇକେଲରେ ରାଜେଶ।

## ବୁଲା ଗୋରୁଙ୍କୁ ଖାଦ୍ୟ ଦେଲେ ସ୍ୱେଚ୍ଛାସେବୀ

**ଢେଙ୍କାନାଳ ଅଫିସ, ୨୯।୩**

ଲକ୍‌ଡାଉନ ଯୋଗୁ ଢେଙ୍କାନାଳ ସହରରେ ହୋଟେଲ ସମେତ ଅନେକ ବ୍ୟବସାୟିକ ପ୍ରତିଷ୍ଠାନରେ ତାଲା ଝୁଲୁଛି। ପୂର୍ବରୁ ସମ୍ପୃକ୍ତ ଦୋକାନ ବାହାରେ ବୁଲାଗୋରୁଙ୍କ ଲାଗି ଖାଇବାକୁ ମିଳିଯାଉଥିଲା। ହେଲେ ଏବେ ସେତକ ବନ୍ଦ ହୋଇଯାଇଛି। ଫଳରେ ବୁଲା ଗୋରୁଙ୍କୁ ଖାଇବାକୁ ମିଳୁନାହିଁ। ପାଟି ଫିଟୁ ନ ଥିବା ଏପରି ପ୍ରାଣୀଙ୍କ ମୁହଁରେ ଦାନା ଦେବାକୁ ଆଗେଇ ଆସିଛି ଢେଙ୍କାନାଳର ସାଇ ସତ୍‌ସଙ୍ଗ ଅନୁଷ୍ଠାନ। ସ୍ୱେଚ୍ଛାସେବୀମାନେ ଦୈନିକ ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ୩ଟା ଯାଏ ରାସ୍ତାଘାଟରେ ବୁଲୁଥିବା ଗୋରୁ, ମାଙ୍କଡ଼, କୁକୁରଙ୍କୁ ଖାଦ୍ୟ ଦେଉଛନ୍ତି। ପ୍ରତି ପରିବାର ୩ଟି ରୁଟି ପଶୁପକ୍ଷୀଙ୍କୁ ଦେବାକୁ ନିବେଦନ କରାଯାଉଛି। ଲକ୍‌ଡାଉନ ନିୟମ କୋହଳ ହେବାଯାଏ ଏପରି ଖାଦ୍ୟ ଦିଆଯିବ ବୋଲି ଅନୁଷ୍ଠାନର ଶିବପ୍ରସାଦ ପଣ୍ଡା ସୂଚନା ଦେଇଛନ୍ତି ।



## ଯୁବଗୋଷ୍ଠୀ ଦେଉଛନ୍ତି ପହରା


ସଚେତନତା କାର୍ଯ୍ୟକ୍ରମରେ ସାମିଲ ହୋଇଥିବା ଗ୍ରାମବାସୀ

**ଓଡ଼ାପଡ଼ା, ୨୯।୩(ଡି.ଏନ.ଏ.)**

**■ରାସ୍ତାରେ ବାଉଁଶ ବାଡ଼**

**■ଗାଁ ମୁଣ୍ଡରେ ହାତଧୁଆ**

ଗାଁର ପ୍ରବେଶ ପଥକୁ ବାଉଁଶ ବାଡ଼ ଦେଇ କରାଯାଇଛି ସିଲ୍। ପହରା ଦେଉଛନ୍ତି ଯୁବଗୋଷ୍ଠୀ। ଗାଁରୁ କୌଣସି ଗାଡ଼ି ବାହାରକୁ ଯାଉନି କି ବାହାର ଗାଡ଼ି ଭିତରକୁ ଆସୁନି। ଅତ୍ୟାବଶ୍ୟକ କାର୍ଯ୍ୟରେ ବାହାରକୁ ଯାଇଥିବା ଲୋକଙ୍କ ଲାଗି ଗ୍ରାମରେ ପ୍ରବେଶ ପୂର୍ବରୁ ହାତ ଧୋଇବା ବାଧ୍ୟ। ଲୋକଙ୍କୁ କୋଭିଡ୍-୧୯ ସଂକ୍ରମଣରୁ ଦୂରେଇ ରହିବା ପାଇଁ ଦିଆଯାଉଛି ସଚେତନତା ବାର୍ତ୍ତା। ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ ବାଙ୍ଗୁରସିଂହ ପଞ୍ଚାୟତ ଏକଘରିଆ ଗ୍ରାମରେ। ଗ୍ରାମର ଯୁବକମାନେ ଏକାଠି ହୋଇ ସାମାଜିକ ଦୂରତା ବଜାୟ ରଖିବାକୁ ଯଥାସାଧ ଉଦ୍ୟମ କରୁଛନ୍ତି। ଗାଁର ସବୁ ଲୋକ ଯେପରି ଏହାକୁ ପାଳନ କରିବେ ସେଥିଲାଗି ଚେଷ୍ଟା ଚଳାଇଛନ୍ତି। ଭୂତାଣୁ ସଂକ୍ରମଣ ରୋକିବାକୁ ଯୁବଗୋଷ୍ଠୀଙ୍କ ଏପରି ଉଦ୍ୟମକୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଇଛି।

## ପୋଲିସ ଅଧିକାରୀଙ୍କ ମୋବାଇଲ ନମ୍ବର ଜାରି

**ଢେଙ୍କାନାଳ ଅଫିସ, ୨୯।୩**

କରୋନା ଭୂତାଣୁ ସଂକ୍ରମଣ ରୋକିବାକୁ ଢେଙ୍କାନାଳ ଜିଲାରେ ପୋଲିସ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି। ଜରୁରୀ ଏବଂ ଅତ୍ୟାବଶ୍ୟକ ସମୟରେ ପୋଲିସ ଅଧିକାରୀଙ୍କ ସହିତ ଯୋଗାଯୋଗ କରିବା ପାଇଁ ଜିଲା ପୋଲିସ ପକ୍ଷରୁ ମୋବାଇଲ ଫୋନ୍ ନମ୍ବର ଜାରି କରାଯାଇଛି। ଏସ୍‌ପି ଅନୁପମା ଜେମ୍ସଙ୍କ ମୋବାଇଲ ନଂ. ୯୪୩୮୯୧୬୫୭୦, ଅତିରିକ୍ତ ଏସ୍‌ପି ଆଇୟୁସିଏଡବ୍ଲୁଙ୍କ ୯୪୩୭୨୩୮୨୮୦, ଡିଆଇବି ଡିଏସ୍‌ପିଙ୍କ ୯୪୩୮୯୧୬୬୭୭, ସଦର ଏସ୍‌ଡିପିଓଙ୍କ ୯୪୩୮୯୧୬୬୭୮, କାମାକ୍ଷାନଗର ଏସ୍‌ଡିପିଓଙ୍କ ୯୪୩୮୯୧୬୬୭୯, ହିନ୍ଦୋଳ ଏସ୍‌ଡିପିଓଙ୍କ ୯୪୩୭୦୯୨୩୬୦, ଢେଙ୍କାନାଳ ଟାଉନ ଥାନାଧିକାରୀଙ୍କ ୯୪୩୮୯୧୬୮୪, ସଦର ଥାନାଧିକାରୀଙ୍କ ୯୪୩୮୯୧୬୮୩, ଗଁଦିଆ ଥାନାଧିକାରୀଙ୍କ ୯୪୩୮୯୧୬୭୪, ନିହାଲପ୍ରସାଦ ଥାନାଧିକାରୀଙ୍କ ମୋବାଇଲ ନଂ. ୯୪୩୮୯୧୬୮୦। ସେହିପରି ବିଭିନ୍ନ ଥାନା ଏବଂ ଫାଣ୍ଡିର ଅଧିକାରୀଙ୍କ ସହ ଅଞ୍ଚଳବାସୀ ଯୋଗାଯୋଗ କରିପାରିବେ ବୋଲି ଏସ୍‌ପି କହିଛନ୍ତି।

## ମା', ଭଉଣୀଙ୍କୁ ପନିକି ଚୋଟ

**ଅନୁଗୋଳ ଅଫିସ/ମାଧପୁର, ୨୯।୩**

ଜମିବାଡ଼ି ଭାଗବଣ୍ଟାକୁ କେନ୍ଦ୍ରକରି ଆଠମଲ୍ଲିକ ଥାନା ମାଧପୁର ଅଞ୍ଚଳରେ ଏକ ଅଭାବନୀୟ ଘଟଣା ଘଟିଛି। ପୁଅର ପନିକି ଚୋଟରେ ମା' ଏବଂ ଭଉଣୀ ଗୁରୁତର ହୋଇଛନ୍ତି। ସେମାନଙ୍କୁ ପ୍ରଥମେ ଆଠମଲ୍ଲିକ ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ପରେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ତେବେ ଆକ୍ରମଣ ପରେ ପୁଅ ଫେରାର ଥିବା ସୂଚନା ମିଳିଛି। ଏ ନେଇ ଥାନାରେ ଲିଖିତ ଅଭିଯୋଗ ହୋଇ ନ ଥିବାରୁ ପୋଲିସ ମାମଲା ରୁଜୁ କରି ନ ଥିବା ଜଣାପଡ଼ିଛି।

## ଗାଁକୁ ସୁରକ୍ଷିତ ରଖିବାକୁ ସଂକଳ୍ପ

**ପରଜଙ୍ଗ, ୨୯।୩(ଡି.ଏନ୍.ଏ.)**

କରୋନା ସଂକ୍ରମଣଠାରୁ ଗାଁକୁ ସୁରକ୍ଷିତ ରଖିବାକୁ ସଂକଳ୍ପ ନେଇଛନ୍ତି ଢେଙ୍କାନାଳ ଜିଲା ପରଜଙ୍ଗ ବ୍ଲକ ପାଟରପଦା ପଞ୍ଚାୟତ ଅଧୀନ ବଡ଼କମର ଗ୍ରାମବାସୀ। ଯୁବଗୋଷ୍ଠୀଙ୍କ ଉଦ୍ୟମରେ ଗ୍ରାମର ପ୍ରବେଶ ପଥରେ ନିର୍ମିତ ହୋଇଛି କାଠ ନିର୍ମିତ ଚେକ୍‌ଗେଟ୍। ସେଥିରେ କରୋନା ସଚେତନଧର୍ମୀ ପୋଷ୍ଟର୍ ଏବଂ ବ୍ୟାନର୍ ଲଗାଯାଇ ସଚେତନ କରାଯାଉଛି। ଘରେ ରହି ନିଜକୁ ଏବଂ ପରିବାରକୁ ସୁରକ୍ଷିତ ରଖିବାକୁ ଏଥିରେ ବାର୍ତ୍ତା ଲେଖାଯାଇଛି। ଏଥିସହ ବାରମ୍ବାର ସାବୁନରେ ହାତ ଧୋଇବା, ଜନଗହଳିଠାରୁ ଦୂରରେ ରହିବା, ମାସ୍କ ବ୍ୟବହାର କରିବା, ଛେପଖଙ୍କାର ଏଣେତେଣେ ନ ପକାଇବାକୁ କୁହାଯାଉଛି। ଜରୁରୀ କାମ ନ ଥିଲେ ବହିରାଗତଙ୍କୁ ଗାଁ ଭିତରକୁ ପ୍ରବେଶ ନିଷେଧ କରାଯାଇଛି। ଅନାବଶ୍ୟକ ସ୍ଥଳେ ଗାଁରୁ ବାହାରକୁ ନ ଯିବାକୁ କୁହାଯାଉଛି। ଚେକ୍‌ଗେଟ୍ ନିକଟରେ ହାତ ଧୋଇବା ବ୍ୟବସ୍ଥା କରାଯାଇଛି। କରୋନା ସଂକ୍ରମଣରୁ ରକ୍ଷା ଲାଗି ବଡ଼କମର ଗ୍ରାମବାସୀଙ୍କ ଏପରି ସଚେତନତା କାର୍ଯ୍ୟକ୍ରମ ଉଦାହରଣ ପାଲଟିଛି।


ଗ୍ରାମର ପ୍ରବେଶ ପଥରେ କରାଯାଇଥିବା ଚେକ୍‌ଗେଟ୍ ।

## କଟକଣା ଫାଙ୍କି ଚାଲିଛି ଇଟାଭାଟି

**ପରଜଙ୍ଗ, ୨୯।୩(ଡି.ଏନ.ଏ.)**

ଢେଙ୍କାନାଳ ଜିଲା ପରଜଙ୍ଗ ବ୍ଲକର ବିଭିନ୍ନ ସ୍ଥାନରେ ଲକ୍‌ଡାଉନ୍ କଟକଣା ଫାଙ୍କି ଚାଲିଛି ଏକାଧିକ ଇଟାଭାଟି। ଭାଟିରେ ବାହାର ରାଜ୍ୟର ଶତାଧିକ ଶ୍ରମିକ ନିୟୋଜିତ ଥିବାରୁ ଅଞ୍ଚଳବାସୀଙ୍କୁ ଘାରିଛି ସମୂହ ସଂକ୍ରମଣ ଆଶଙ୍କା। କରୋନା ଭୂତାଣୁ ପ୍ରତିରୋଧ କରିବାକୁ ଜିଲା ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିବାବେଳେ ଇଟାଭାଟି ମାଲିକ ଆଇନ୍‌କୁ ଅମାନ୍ୟ କରିବା ସ୍ଥାନୀୟ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ବଢ଼ାଇଛି।

କନ୍ଦରସିଂହା ପଞ୍ଚାୟତ ମଝିକା ଗ୍ରାମ ନିକଟ ବ୍ରାହ୍ମଣୀ ନଦୀ ଅବବାହିକାରେ ଗଢ଼ିଉଠିଥିବା ଇଟାଭାଟିରେ ଏପରି ବେଆଇନ କାର୍ଯ୍ୟ ଚାଲିଛି। ଏ ନେଇ ଜଣେ ଇଟାଭାଟି ମାଲିକଙ୍କୁ ପଚାରାଯିବାରୁ ସେ ଅଜବ ଯୁକ୍ତି କରିଥିଲେ। ସେ କହିଥିଲେ, ଶ୍ରମିକଙ୍କୁ କେତେଦିନ ବସାଇ ଟଙ୍କା ଦେବୁ। ତେଣୁ ସେମାନଙ୍କୁ କାମରେ ନିୟୋଜିତ କରାଯାଇଛି। ଶ୍ରମିକଙ୍କ ସେମିତି କୌଣସି ସମସ୍ୟା ନାହିଁ। ଏ ନେଇ ପ୍ରଶାସନକୁ ଅବଗତ କରିଥିବା ସେ କହିଛନ୍ତି। ଅଞ୍ଚଳର ଅନ୍ୟ ୫ ଇଟା ଭାଟିରେ ସମାନ ଦୃଶ୍ୟ ଦେଖିବାକୁ ମିଳିଛି। ଏଥିପ୍ରତି ଦୃଷ୍ଟି ଦିଆ ନ ଗଲେ ଆଗକୁ ପରିସ୍ଥିତି ବିଗିଡ଼ିବା ଆଶଙ୍କା ଥିବା ସ୍ଥାନୀୟ ଗ୍ରାମବାସୀ କହିଛନ୍ତି। ଏ ନେଇ ତହସିଲଦାର ଜୟନ୍ତ କୁମାର ଜୟସିଂ କୁହନ୍ତି, ଘଟଣା ସମ୍ପର୍କରେ ଅନୁଧାନ କରିବେ। ତୁରନ୍ତ ଏଥିପ୍ରତି ଦୃଷ୍ଟି ଦିଆଯିବ।


ମଝିକା ଗ୍ରାମ ନିକଟରେ ଗଢ଼ିଉଠିଥିବା ବେଆଇନ ଇଟାଭାଟିରେ କଟକଣା ଉଲ୍ଲଂଘନ କରି କାମ ଚାଲିଛି।

**■କାମ କରୁଛନ୍ତି ବାହାର ରାଜ୍ୟ ଶ୍ରମିକ**

**■ବଢ଼ୁଛି ସମୂହ ସଂକ୍ରମଣ ଆଶଙ୍କା**

## ସଂକ୍ଷେପରେ

### ଖୋଲିଲା କ୍ୱାରାଣ୍ଟାଇନ ସେଣ୍ଟର

ନନ୍ଦପୁର,୨୯।୩(ଡି.ଏନ୍.ଏ.)- କରୋନା ସଂକ୍ରମଣରୁ ବର୍ତ୍ତିବା ପାଇଁ କୋରାପୁଟ ଜିଲା ନନ୍ଦପୁର ବ୍ଲକର ୨୩ଟି ପଞ୍ଚାୟତରେ କ୍ୱାରାଣ୍ଟାଇନ ବ୍ୟବସ୍ଥା ଆରମ୍ଭ ହୋଇଛି। ପଞ୍ଚାୟତ ମହକୁମା ହେଉ କିମ୍ବା ଯେଉଁ ଗ୍ରାମରେ ୪୦ଟି ଶଯ୍ୟା ରହିବା ଭଳି କୋଠା ଥିବ, ସେଠାରେ ଏହି ବ୍ୟବସ୍ଥା ଚାଲିବ। ସେଠାରେ ପାଣି, ଶୌଚାଳୟ, ବିଜୁଳି ବ୍ୟବସ୍ଥା ମଧ କରାଯାଇଛି। କୌଣସି କରୋନା ସନ୍ଦିଗ୍ଧ ଚିହ୍ନଟ ହେଲେ ସେମାନଙ୍କୁ ୧୪ ଦିନ ଯାଏଁ ଏଠାରେ ରଖାଯିବ ବ୍ୟବସ୍ଥା ହୋଇଛି। ଲକ୍‌ଡାଉନ ତଦାରଖ ପାଇଁ ପୋଲିସ ପାଟ୍ରୋଲିଂ କରୁଛି। ନନ୍ଦପୁର ଥାନା ଏସ୍‌ଡିପିଓ ତପନ କୁମାର ମହାନନ୍ଦ, ନନ୍ଦପୁର ଥାନା ଅଧିକାରୀ କପିଳେଶ୍ୱର ବେହେରା ଓ ପାଡୁଆ ଥାନା ଅଧିକାରୀ ଗୁରୁଦେବ କର୍ମୀ ଲକ୍‌ଡାଉନ ବେଳେ ନିୟମ ଉଲ୍ଲଂଘନ କରୁଥିବା ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେଉଛନ୍ତି।

### ପଞ୍ଚାୟତରେ ଅସହାୟ ପାଇବେ ରନ୍ଧାଖାଦ୍ୟ

ଜୟପୁର,୨୯।୩(ଡି.ଏନ୍.ଏ.)- ପ୍ରତ୍ୟେକ ପଞ୍ଚାୟତ ମୁଖ୍ୟ କାର୍ଯ୍ୟାଳୟରେ ବାହାରରୁ ଆସିଥିବା ଲୋକ, ଅସହାୟ, ଭିକାରୀ, ମାନସିକ ଅସୁସ୍ଥଙ୍କୁ ରନ୍ଧାଖାଦ୍ୟ ଦେବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି ରାଜ୍ୟ ସରକାର। ଏନେଇ ଜୟପୁର ବ୍ଲକ କୁମୁଲିପୁଟରେ ୧୨ ଜଣ, ଟାଙ୍ଗୁଆ ବ୍ଲକରେ ୪୧, ଡଙ୍ଗରଛିଞ୍ଚିରେ ୧୭ ଜଣଙ୍କୁ ରନ୍ଧନ କାର୍ଯ୍ୟ ଦିଆଯାଇଛି । ବିଡିଓ ସୂରଜ ପଟ୍ଟନାୟକ ସମସ୍ତ ପଞ୍ଚାୟତ କାର୍ଯ୍ୟାଳୟରେ ଏହାର ତଦାରଖ କରିଛନ୍ତି। ଉଲ୍ଲେଖଯୋଗ୍ୟ, ବାହାର ରାଜ୍ୟରେ କାର୍ଯ୍ୟରତ ରହିଥିବା ଜୟପୁର ବ୍ଲକର ୨୨ଟି ପଞ୍ଚାୟତରେ ୧୩୩ ଜଣ ଶ୍ରମିକ ଫେରିଛନ୍ତି।

### ଚିକିତ୍ସାଳୟରୁ ଚୋରି ହୋଇଥିବା ଶିଶୁପୁତ୍ର ଉଦ୍ଧାର, ୩ ଗିରଫ



ପାରଳାଖେମୁଣ୍ଡି,୨୯।୩(ସ୍ୱ.ପ୍ର.) - ପାରଳାଖେମୁଣ୍ଡିସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରରୁ ଗତ ୨୧ରେ ସଦ୍ୟଜାତ ଶିଶୁପୁତ୍ର ଚୋରି ହୋଇଥିଲା। ଏହି ଶିଶୁକୁ ପାରଳାଖେମୁଣ୍ଡି ପୋଲିସ ଉଦ୍ଧାର କରିଛି। ଏଥିରେ ସମ୍ପୃକ୍ତ ୩ଜଣଙ୍କୁ ଗିରଫ କରାଯାଇଛି । ସେମାନେ ହେଲେ ମୁଖ୍ୟ ଅଭିଯୁକ୍ତ ୱେନୁଗୁଲା ମାଧୁରୀ, ତାଙ୍କ ସ୍ୱାମୀ ୱେନୁଗୁଲା କଣ୍ଡେୟା (୪୦) ଏବଂ ସହଯୋଗୀ ଜାମୀ ସରସ୍ୱତୀ(୬୦)। ୮ଦିନ ତଳେ ଗଜପତି ଜିଲା ଆର୍‌.ଉଦୟଗିରି ଥାନା ଅନ୍ତର୍ଗତ ମାଣିକପୁର ଗ୍ରାମର ମଦନ ବାଣୁଆ(୩୪) ତାଙ୍କ ଶିଶୁପୁତ୍ରକୁ ଜିଲା ମୁଖ୍ୟ ଚିକିତ୍ସାଳୟରୁ କେହି ନେଇଯାଇଥିବା ପାରଳାଖେମୁଣ୍ଡି ଆଦର୍ଶ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଖବରରୁ ଜଣାପଡିଛି ଗତ ୧୮ରେ ମଦନଙ୍କ ସ୍ତ୍ରୀ କୁରି ପାଇକପ୍ରସବ ପାଇଁ ଜିଲା ମୁଖ୍ୟଚିକିତ୍ସାଳୟରେ ଭର୍ତ୍ତି ହୋଇ ୨୧ରେ ଏକ ପୁତ୍ର ସନ୍ତାନ ଜନ୍ମ ଦେଇଥିଲେ। ଚିକିତ୍ସାଳୟରେ ଥିବା ସମୟରେ ସୂର୍ଯ୍ୟକାନ୍ତି ନିଜକୁ ନର୍ସ ବୋଲି ପରିଚୟ ଦେଇ ଶିଶୁର ମୁଣ୍ଡରେ ଆଘାତ ଲାଗିଛି। ତାର ଚିକିତ୍ସା ଆବଶ୍ୟକ ବୋଲି କହି ଶିଶୁଟିକୁ ନେଇଥିଲେ । ପରେ ସେ ଆଉ ଫେରି ନ ଥିଲେ। ମଦନ ନିଜ ଶିଶୁପୁତ୍ରକୁ ଆଖପାଖ ଚାରିଆଡେ ଖୋଜିଥିଲେ ମଧ ପାଇନ ଥିଲେ। ଶେଷରେ ସେ ଆଦର୍ଶ ଥାନାର ଦ୍ୱାରସ୍ଥ ହୋଇଥିଲେ । ପୋଲିସ ଅଭିଯୋଗ ପାଇବା ପରେ ଜିଲା ମୁଖ୍ୟ ଚିକିତ୍ସାଳୟର ସିସି ଟିଭି ଫୁଟେଜକୁ ଆଧାର କରି ତଦନ୍ତ ଆରମ୍ଭ କରିଥିଲା।

# କ୍ଷୀର ଢାଳି ପ୍ରତିବାଦ ଜଣାଇଲେ ଚାଷୀ

ଜୟପୁର,୨୯।୩(ନି.ପ୍ର.)



**କରୋନା ପ୍ରଭାବ**
- ୮,୩୪୦ ଦୁଗ୍ଧଚାଷୀ ପ୍ରଭାବିତ
- ଦୈନିକ ୨୧ ହଜାର ଲିଟର କ୍ଷୀର କିଣୁଥିଲା ଦୁଗ୍ଧ ସମବାୟ ସମିତି

କରୋନା ଭାଇରସ ସଂକ୍ରମଣର ଭୟ ସବୁ କ୍ଷେତ୍ରକୁ ପ୍ରଭାବିତ କରିଛି। ଅବିଭକ୍ତ କୋରାପୁଟ ଜିଲା ଦୁଗ୍ଧ ଓ ଦୁଗ୍ଧଜାତ ଦ୍ରବ୍ୟ ଯୋଗାଉଥିବା ପ୍ରମୁଖ ଯୋଗାଣକାରୀ ସଂସ୍ଥା ଓମ୍‌ଫେଡ ସିଧାସଳଖ ଏଥିରେ ପ୍ରଭାବିତ ହୋଇଛି। ଓମ୍‌ଫେଡର ବିକ୍ରି ନ ଥିବା ଯୋଗୁ ଦୁଗ୍ଧ ସମବାୟ ସମିତି ଚାଷୀଙ୍କଠାରୁ କ୍ଷୀର କିଣୁନାହିଁ। ଏହାର ପ୍ରତିବାଦ ଜଣାଇ ଫାମ୍ପୁଣି ଗ୍ରାମର ଚାଷୀମାନେ କ୍ଷୀର ଢାଳି ପ୍ରତିବାଦ ଜଣାଇଛନ୍ତି।

ଗତ ୨୨ ତାରିଖରୁ କୋରାପୁଟ, ମାଲକାନଗିରି, ନବରଙ୍ଗପୁର, ରାୟଗଡ଼ା ଦୁଗ୍ଧ ସମବାୟ ସମିତି ଦୁଗ୍ଧଚାଷୀଙ୍କଠାରୁ କ୍ଷୀର କିଣୁନାହିଁ। ଅବିଭକ୍ତ କୋରାପୁଟ ଜିଲାର ୮ ହଜାର ୩୪୦ ଚାଷୀ ଦୈନିକ ସମବାୟ ସମିତିକୁ କ୍ଷୀର ଦେଉଥିବା ବେଳେ ସମବାୟ ସମିତି ଦୈନିକ ୨୧ ହଜାର ଲିଟର କ୍ଷୀର କିଣେ। କିନ୍ତୁ ବର୍ତ୍ତମାନ କ୍ଷୀର ରହିଯାଉଥିବା ବେଳେ ଚାଷୀ ଚିନ୍ତାରେ ପଡ଼ିଛନ୍ତି। ଏହାର ସୁଯୋଗ ନେଇ ଛତିଶଗଡ଼ର ବେପାରୀମାନେ ଚାଷୀଙ୍କଠାରୁ କମ୍ ଦରରେ କ୍ଷୀର କିଣି ନେଉଛନ୍ତି। ଅନ୍ୟ କେତେକ ଚାଷୀଙ୍କ କ୍ଷୀର ନଷ୍ଟ ହେଉଛି। ଚାଷୀମାନେ ବ୍ୟାଙ୍କରୁ ଋଣକରି ଗାଈ କିଣି କ୍ଷୀର ବେପାର କରୁଛନ୍ତି। ଏବେ କ୍ଷୀର ବିକ୍ରି ହେଉ ନ ଥିବାରୁ ଗୁଜୁରାଣ ମେଣ୍ଟାଇବା ଚିନ୍ତା ପଡ଼ିବା ସହ ଋଣଶୁଝା ହେବ କିପରି, ତାହା ବଡ଼ ପ୍ରଶ୍ନ। ସରକାର ତୁରନ୍ତ ଚାଷୀଙ୍କ କ୍ଷୀର କିଣିବା ସହ ଗୋଖାଦ୍ୟ ଯୋଗାଇଦେବାକୁ ଆଞ୍ଚଳିକ ଦୁଗ୍ଧ ସମବାୟ ସମିତିର ସଭାପତି ଶ୍ୟାମ ରାଉତ ଦାବି କରିଛନ୍ତି।

## ଏପଟେ ଦରବୃଦ୍ଧି, ସେପଟେ ଦ୍ରବ୍ୟ ଅଭାବ

ଜୟପୁର/ବୋରିଗୁମ୍ମା, ୨୯।୩(ଡି.ଏନ୍.ଏ.)

କୋରାପୁଟ ଜିଲା ଜୟପୁର ସହରରେ ସମସ୍ତ ସାମଗ୍ରୀ ଦର ଆକାଶଛୁଆଁ ହୋଇଛି। କରୋନା ସଂକ୍ରମଣ ପାଇଁ ୨୧ଦିନିଆ ଲକଡାଉନ ବେଳେ ଅତ୍ୟାବଶ୍ୟକ ସାମଗ୍ରୀ, କିରାନା ଓ ଆମିଷ ବଜାର ଖୋଲା ରଖିବାକୁ ନିର୍ଦ୍ଦେଶ ରହିଛି। ଏସବୁ ଦୋକାନ ପୂର୍ବାହ୍ନ ୬ରୁ ୧୦ଟା ଯାଏ ଖୋଲା ରହୁଥିବା ଯୋଗୁ ପ୍ରବଳ ଭିଡ଼ ଦେଖିବାକୁ ମିଳୁଛି। ଏହାସହ ଦ୍ରବ୍ୟର ଦର ମଧ ଆକାଶଛୁଆଁ ହୋଇଛି। ଆଳୁ କିଲୋ ପିଛା ୩୦ ଟଙ୍କା ଏବଂ ପିଆଜ ୪୦ ଟଙ୍କାରେ ବିକ୍ରି ହେଉଛି। ସେହିପରି ଛେଳି ମାଂସ ୭୦୦ରୁ ୮୦୦, କୁକୁଡ଼ା ମାଂସ ୨୫୦ ଓ ମାଛ ୨୦୦ ଟଙ୍କା କିଲୋ ପିଛା ବିକ୍ରି ହେଉଛି। କେତେକ ଅସାଧୁ ବ୍ୟବସାୟୀ ଏଭଳି ଦର ବୃଦ୍ଧି କରିଛନ୍ତି। ଅନ୍ୟପକ୍ଷରେ ଏସବୁ ସାମଗ୍ରୀ ବାହାରୁ ଆସୁଥିବା ବେଳେ ଏବେ ଲକଡାଉନ ପାଇଁ ତାହା ଆମଦାନୀ ହୋଇ ନ ପାରି ଅଭାବ ଦେଖାଦେଇଛି।

ଜିଲାର ବୋରିଗୁମ୍ମାରେ ଆଳୁ କିଲୋ ୩୦ ଟଙ୍କା ହୋଇଥିବା ବେଳେ ପିଆଜ କିଲୋ ୪୦ ଟଙ୍କା ଛୁଇଁଲାଣି। ଖାଇବା ତେଲ ଲିଟର ପିଛା ୧୧୫ ଟଙ୍କା ବେପାରୀ ନେଉଛନ୍ତି। ଅନ୍ୟ ଗ୍ରସରି ସାମଗ୍ରୀ ଦର ଅହେତୁକ ଭାବେ ବୃଦ୍ଧି ପାଉଛି। ପନିପରିବାରେ ହାତ ମାରିପାରୁ ନାହାନ୍ତି ଲୋକେ। ଟମାଟୋ କିଲୋ ୨୦ ଟଙ୍କା, ପୋଟଳ କିଲୋ ୮୦ ଟଙ୍କା, ସଜନା ଛୁଇଁ କିଲୋ ୮୦ ଟଙ୍କା, ଜହ୍ନି କିଲୋ ୬୦ ଟଙ୍କା ରହିଛି। ସଜ ପରିବା ମିଳୁନାହିଁ। ଆମିଷ ଦର ନ କହିବା ଭଲ। ଚିକେନ କିଲୋ ୨୦୦ ଟଙ୍କା ହୋଇଥିବା ବେଳେ ମଟନ କିଲୋ ୬୦୦ ଟଙ୍କା ହେଲାଣି। ପ୍ରଶାସନ ଏଭଳି ଦରଦାମ୍ ବୃଦ୍ଧି ଉପରେ ଚଡ଼ାଉ କରି ଲଗାମ ଲଗାଇବା ପାଇଁ ଦାବି ହୋଇଛି।

## ଭୁବନେଶ୍ୱର ପଠାଗଲା ୭ ଜଣଙ୍କ ସ୍ୱାବ୍

ରାୟଗଡ଼ା ଅଫିସ,୨୯।୩

କରୋନା ସଂକ୍ରମଣରୁ ବର୍ତ୍ତିବା ପାଇଁ ସରକାର ସମସ୍ତ ପ୍ରକାର ବ୍ୟବସ୍ଥା କରୁଛନ୍ତି। ଏହି କ୍ରମରେ ଶନିବାର ୭ ଜଣଙ୍କ ସ୍ୱାବ ପରୀକ୍ଷା ପାଇଁ ଭୁବନେଶ୍ୱରସ୍ଥିତ ରିଜିଓନାଲ ମେଡିକାଲ ରିସର୍ଚ୍ଚ ସେଣ୍ଟରକୁ ଟେଷ୍ଟ ପାଇଁ ପଠାଯାଇଛି ବୋଲି ରାୟଗଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟର ସିଡିଏମ୍‌ଓ ଆର୍ତ୍ତବନ୍ଧୁ ନାୟକ କହିଛନ୍ତି। ୪ ଦିନରେ ଏହି ରିପୋର୍ଟ ଆସିବ ବୋଲି ସେ ସୂଚନା ଦେଇଛନ୍ତି। ଜିଲାପାଳ ପ୍ରମୋଦ କୁମାର ବେହେରାଙ୍କ ଅଧ୍ୟକ୍ଷତାରେ ଜିଲାରେ ଦିନକୁ ୩ ଥର କରୋନା ସ୍ଥିତି ସମୀକ୍ଷା ବୈଠକ କରାଯାଉଛି। ବର୍ତ୍ତମାନ ୯୩୯ଟି ଗ୍ରାମରୁ ୨୯୭୪ ଜଣ ହୋମ କ୍ୱାରେଣ୍ଟାଇନରେ ଥିବା ଜଣାପଡ଼ିଛି। ରାୟଗଡ଼ାରେ ବର୍ତ୍ତମାନ ୫୦୦ ବେଡ୍ ବ୍ୟବସ୍ଥା କରି ସ୍ୱାସ୍ଥ୍ୟସେବା ଦେବା ପାଇଁ ନିର୍ଦ୍ଦେଶ ହୋଇଛି । ପ୍ରାୟ ୬ଟି ସ୍ଥାନକୁ କୋଭିଡ୍‌-୧୯ ହସପିଟାଲ ଭାବେ କରାଯିବାର ଯୋଜନା ରହିଛି। ଏଥିପାଇଁ ଜୁପିଟର କଲେଜ, ସେଞ୍ଚୁରିୟନ କଲେଜ, ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ଗୁଣୁପୁର ଉଚ୍ଚ ବିଦ୍ୟାଳୟ ହଷ୍ଟେଲ, ଉତ୍କଳ ଆଲୁମିନାର ମେଡିକାଲକୁ ଚୟନ କରାଯାଇଛି।

## ତାମିଲନାଡୁରେ ଫସିଛନ୍ତି କାଶୀପୁରର ୨୦ ଶ୍ରମିକ

ଟିକିରି,୨୯।୩(ଡି.ଏନ୍.ଏ.)

ଲକ୍‌ଡାଉନ୍ ଯୋଗୁ ରାୟଗଡ଼ା ଜିଲା କାଶିପୁର ବ୍ଲକ୍ ଡୁଡୁକାବାହାଲ ପଞ୍ଚାୟତ ଅଧୀନ କାଳିଆପଡ଼ା ଗ୍ରାମର ୨୦ରୁ ଊର୍ଦ୍ଧ୍ୱ ଶ୍ରମିକ ତାମିଲ୍‌ନାଡୁରେ ଫସିଥିବା ଜଣାପଡ଼ିଛି। ସୂଚନା ଅନୁଯାୟୀ କାମ ପାଇଁ ଗାଁର କେତେକ ଶ୍ରମିକ ତାମିଲ୍‌ନାଡୁ ରାଜ୍ୟ ଇରୋଡ୍ ଜିଲାର ପୁଡୁପାଲ୍ୟମ୍ ଗ୍ରାମକୁ ଯାଇଥିଲେ। ହେଲେ କରୋନାର କାୟା ବିସ୍ତାର ଯୋଗୁ ଲକ୍‌ଡାଉନ୍ ଘୋଷଣା ପରେ କମ୍ପାନୀଗୁଡ଼ିକ ବନ୍ଦ ରହିଛି। ଟ୍ରେନ୍ ସେବା ମଧ ବନ୍ଦ ଯୋଗୁ ସେମାନେ ଗାଁକୁ ଫେରିପାରୁ ନାହାନ୍ତି। ପାଖରେ ଥିବା ଟଙ୍କା ମଧ ସରିଲାଣି। ଏବେ ଖାଇବାକୁ ସେମାନଙ୍କ ପାଖରେ ଟଙ୍କା ନଥିବାରୁ ବହୁ ଅସୁବିଧାରେ ରହିଛନ୍ତି। ବାହାରକୁ ବାହାରିବା ସମ୍ଭବ ନ ଥିବାବେଳେ ପିଇବା ପାଣି ମଧ ଠିକ୍‌ଭାବେ ପାଉନାହାନ୍ତି। ତେଣୁ ସେମାନଙ୍କ ଖାଇବା ଓ ପିଇବା ସୁବିଧା କରିବା ସହ ଗାଁକୁ ଫେରିବା ବ୍ୟବସ୍ଥା କରିବାକୁ ସେମାନେ ରାୟଗଡ଼ା ଜିଲା ପ୍ରଶାସନ ଓ ଓଡ଼ିଶାର ମୁଖ୍ୟମନ୍ତ୍ରୀଙ୍କୁ ନିବେଦନ କରିଛନ୍ତି। ଶ୍ରମିକମାନେ ଏକ ଭିଡିଓ ମାଧ୍ୟମରେ ଏହି ନିବେଦନ କରିଛନ୍ତି। ସେହିପରି କାଶିପୁର ବ୍ଲକ୍‌ର ଦିଶାରିଗୁଡ଼ା, ଫୋଟାଗାଡ଼, ସାନମାଟିକଣା ଆଦି ଗ୍ରାମର ଶତାଧିକ ଶ୍ରମିକ ଲକ୍‌ଡାଉନ୍ ଯୋଗୁ ତାମିଲ୍‌ନାଡୁ ସମେତ ଅନ୍ୟ ସ୍ଥାନରେ ଫସିଥିବା ଜଣାପଡ଼ିଛି।



ଫସି ରହିଥିବା କାଶୀପୁର ଅଞ୍ଚଳର ଶ୍ରମିକମାନେ ।

## ଅତ୍ୟାବଶ୍ୟକ ସାମଗ୍ରୀ ମହଜୁଦ ରଖ: ଜିଲାପାଳ

କାଲିମେଲା,୨୯।୩(ଡି.ଏନ.ଏ.)

ମାଲକାନଗିରି ଜିଲାପାଳ ମନୀଷ ଅଗ୍ରୱାଲ ରବିବାର କାଲିମେଲା ବ୍ଲକ ଗସ୍ତ କରି କରୋନା ପାଇଁ ଚାଲିଥିବା ବିଭିନ୍ନ କାର୍ଯ୍ୟର ତଦାରଖ କରିବା ସହ ବିଭିନ୍ନ ଆଇସୋଲେସନ କେନ୍ଦ୍ର ବୁଲି ଦେଖିଛନ୍ତି। ଜିଲାପାଳ ମେଡିକାଲର ଭାରପ୍ରାପ୍ତ ଅଧିକାରୀ ଡା. ଅବିଦ ହୁସେନ ଖାନଙ୍କଠାରୁ ନିଆଯାଇଥିବା ପଦକ୍ଷେପ ପଚାରି ବୁଝିଥିଲେ। ପରେ ଜିଲାପାଳ ତେଲରାଇ ପଂଚାୟତର ଏମଭି-୭୭ ଏବଂ କାଲିମେଲା ବ୍ଲକ କଲୋନୀ ବିଦ୍ୟାଳୟରେ ହୋଇଥିବା କେନ୍ଦ୍ରକୁ ପରିଦର୍ଶନ କରିଥିଲେ। ଏଠାରେ ସମସ୍ତ ଅତ୍ୟାବଶ୍ୟକ ସାମଗ୍ରୀ ମହଜୁଦ ରଖିବାକୁ ପରାମର୍ଶ ଦେଇଥିଲେ। କାଲିମେଲା ବ୍ଲକର ୨୩ ପଞ୍ଚାୟତରେ ଅସହାୟ,ଗରିବ ଏବଂ ବାହାରୁ ଆସିଥିବା ଦିନମଜୁରିଆଙ୍କୁ ସେହି ଅଞ୍ଚଳର ଏସଏସଜି ମହିଳା ସଦସ୍ୟାଙ୍କ ଦ୍ୱାରା ରନ୍ଧା ଖାଦ୍ୟ ପ୍ରସ୍ତୁତ କରି ପ୍ରଦାନ କରାଯାଉଛି। ରବିବାର ୨ଶହ ଲୋକଙ୍କୁ ଖାଦ୍ୟ ଦିଆଯାଇଛି ।

## ଚଇତି ପର୍ବ: ପୂଜାରେ ସୀମିତ ରଖିବାକୁ ପରାମର୍ଶ

ମାଲକାନଗିରି,୨୯।୩ (ଡି.ଏନ୍.ଏ.)

ଅପ୍ରେଲ ପ୍ରଥମ ସପ୍ତାହରେ ଅବିଭକ୍ତ କୋରାପୁଟ ଜିଲାରେ ୧୬ଟି ଆଦିବାସୀ ସମ୍ପ୍ରଦାୟ ସହ ଅନ୍ୟାନ୍ୟ ସମ୍ପ୍ରଦାୟର ଲୋକମାନେ ଚଇତି ପର୍ବ ସାତଦିନ ଧରି ପାଳନ କରିଥାନ୍ତି। ଏହି ପର୍ବରେ ପ୍ରତ୍ୟେକ ଗ୍ରାମରେ ପାରମ୍ପରିକ ଅସ୍ତ୍ରଶସ୍ତ୍ର ରଖାଯାଇ ବଡ ବେଷ୍ଟରେ ଗ୍ରାମ ଦେବଦେବୀଙ୍କ ନିକଟରେ ପୂଜାର୍ଚ୍ଚନା କରାଯାଇଥାଏ। ପୁରୁଷମାନେ ଜଙ୍ଗଲରେ ଜନ୍ତୁ ଶିକାର କରନ୍ତି, ଗ୍ରାମରେ ମହିଳାମାନେ ସୁସ୍ୱାଦୁ ଖାଦ୍ୟ ପ୍ରସ୍ତୁତ କରି ଖାଇପିଇ ଢେମସା ନାଚରେ ମସଗୁଲ ରହନ୍ତି। ରାଜ୍ୟ ସରକାରଙ୍କ ପକ୍ଷରୁ ରାଜ୍ୟସାରା ତାଲା ବନ୍ଦ ଜାରି ରହିଛି। ସାମାଜିକ ଦୂରତା ରକ୍ଷା କରିବା, କୌଣସି ବ୍ୟକ୍ତି ଘରୁ ବାହାରକୁ ନ ବାହାରିବା, ଉତ୍ସବ, ସଭା, ସମିତି, ସାଂସ୍କୃତିକ କାର୍ଯ୍ୟକ୍ରମ ନ କରିବା ପାଇଁ ବାରଣ କରାଯାଇଛି। ଏହି ପରିପ୍ରେକ୍ଷୀରେ ଚଳିତବର୍ଷ ଜିଲାରେ ଚଇତି ପର୍ବ କେବଳ ପୂଜାରେ ସୀମିତ ରଖିବାକୁ ବିଭିନ୍ନ ସଙ୍ଗଠନ ଅନୁରୋଧ କରିଛନ୍ତି। କେବଳ ଦିଶାରୀ, ପୂଜାରୀ ଏବଂ ଗ୍ରାମର ମୁଖିଆଙ୍କ ଦ୍ୱାରା ପୂଜା କରି ବିଦ୍ଧି ପାଳନ କରିବା ଲାଗି ବରିଷ୍ଠ ନାଗରିକ ରଥିକୃଷ୍ଣ ପାତ୍ର, ମିଲୁ ପଟ୍ଟନାୟକ, ଦୁର୍ଗାଚରଣ ପଢିଆରି, ପି. କେଶୁ ରାଓ, ଡି.ଚିନ୍ନା ରାଓ, ଗୋପୀକୃଷ୍ଣ ପଟ୍ଟନାୟକ, ଦୁର୍ଯ୍ୟୋଧନ ପାତ୍ର, ଜି. ଶ୍ରୀନିବାସ ରାଓ, ଡି. ନାଗା, ଜି. ବାବୁରାଓ ପ୍ରମୁଖ ଅନୁରୋଧ କରିଛନ୍ତି।



କର୍ଣ୍ଣାଟକରେ ଫସିଥିବା ଶ୍ରମିକମାନେ ଫେରିବା ପାଇଁ ପ୍ରଶାସନକୁ ନିବେଦନ ଜଣାଉଛନ୍ତି ।

## କର୍ଣ୍ଣାଟକରେ ଫସିଛନ୍ତି ମୁକୁନ୍ଦ

**ଭିଡିଓରେ ସହାୟତା ପାଇଁ କଲେ ନିବେଦନ**

ରାୟଗଡ଼ା ଅଫିସ,୨୯।୩

ରାୟଗଡ଼ା, କୋରାପୁଟ, ନବରଙ୍ଗପୁର ଓ ମାଲକାନଗିରିର ପ୍ରାୟ ପିଲା କର୍ଣ୍ଣାଟକରେ ଫସି ରହିଛନ୍ତି। ଦୀର୍ଘ ଦିନ ତଳେ ସେଠାକାର ଏକ ଘରୋଇ କମ୍ପାନୀରେ କାମ କରିବାକୁ ୧୫ରୁ ଅଧିକ ପିଲା ଯାଇଥିଲେ। ସେଥିରେ ରାୟଗଡ଼ାର ଜଣେ ଯୁବକ ମୁକୁନ୍ଦ ବରଦା ରହିଛନ୍ତି। ଅଶୋକ ନଗର ୨ୟ ଲାଇନରେ ତାଙ୍କ ଘର। ବାପା ପରିବା ବ୍ୟବସାୟ କରନ୍ତି। ଲକ୍‌ଡାଉନ ଘୋଷଣା ହେବା ପରଠାରୁ କମ୍ପାନୀ ବନ୍ଦ ହୋଇଗଲା ଓ କାମ ନ ଥିବା ସହ ପାଖରେ ଥିବା ଟଙ୍କା ସରିଗଲା। ଏବେ ଅନ୍ୟ ଉପାୟ ନ ପାଇ ଅସହାୟ ଅବସ୍ଥାରେ ସେଠାରେ ଫସିରହିଛନ୍ତି ମୁକୁନ୍ଦ। ରାୟଗଡ଼ା ଭିନ୍ନକ୍ଷମ ମହାସଂଘର ସମ୍ପାଦକ ଅମରନାଥଙ୍କୁ ସେ ଯୋଗାଯୋଗ କରି ପ୍ରଶାସନ ମାଧ୍ୟମରେ ସହାୟତା ପାଇଁ ଏକ ଭିଡିଓରେ ନିବେଦନ କରିଛନ୍ତି। ପ୍ରଶାସନ ତାଙ୍କ ପାଖରେ ସହାୟତା ପହଞ୍ଚାଇବା ପାଇଁ ନିବେଦନ କରାଯାଇଛି।

## ୧୩ ଚିକିତ୍ସାଳୟକୁ ୪୦ଲକ୍ଷ ମଞ୍ଜୁର ପାଇଁ ପ୍ରସ୍ତାବ

ପାରଳାଖେମୁଣ୍ଡି,୨୯।୩ (ସ୍ୱ.ପ୍ର.)

ପାରଳାଖେମୁଣ୍ଡି ନିର୍ବାଚନ ମଣ୍ଡଳୀରେ ଗତ କିଛିଦିନ ଧରି କରୋନା ଭୂତାଣୁ କୋଭିଡ୍‌-୧୯ର ମୁକାବିଲା କରିବାପାଇଁ ପାରଳାଖେମୁଣ୍ଡି ବିଧାୟକ କେ.ନାରାୟଣ ରାଓ ମଧ ଆଗକୁ ବାହାରିଛନ୍ତି । ସେ ନିର୍ବାଚନମଣ୍ଡଳୀରେ ଥିବା ସମସ୍ତ ୧୩ଟି ଯାକ ଚିକିତ୍ସାଳୟ ପାଇଁ ନିଜର ବିଧାୟକ ଆଞ୍ଚଳିକ ବିକାଶ ପାଣ୍ଠିରୁ ୪୦ ଲକ୍ଷ ଟଙ୍କା ମଞ୍ଜୁର ପାଇଁ ପ୍ରସ୍ତାବ ଦେଇଥିବା ପ୍ରକାଶ କରିଛନ୍ତି । ନିର୍ବାଚନ ମଣ୍ଡଳୀରେ ଥିବା ସମସ୍ତ ପିଏଚ୍‌ସି ଓ ସିଏଚ୍‌ସି ହସ୍ପିଟାଲ ସମେତ ପାରଳାଖେମୁଣ୍ଡିସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟ ପାଇଁ ମଧ କରୋନା ମୁକାବିଲା ପାଇଁ ଏହି ଅର୍ଥ ଖର୍ଚ୍ଚ କରାଯିବ । ଜିଲା ମୁଖ୍ୟ ଚିକିତ୍ସାଳୟ ପାଇଁ ୫ଲକ୍ଷ, ପୌର ଚିକିତ୍ସାଳୟ ପାଇଁ ୨ଲକ୍ଷ, ଗୋଷାଣୀ ବ୍ଲକ ଗୁରାଣ୍ଡି ସିଏଚ୍‌ସି ପାଇଁ ୪ଲକ୍ଷ, ବାଘଶଳା ସିଏଚ୍‌ସ ପାଇଁ ୩ଲକ୍ଷ, ଗାରାବନ୍ଧ ସିଏଚ୍‌ସି ପାଇଁ ୩ଲକ୍ଷ, ଲାବଣ୍ୟଗଡ ସିଏଚ୍‌ସି ପାଇଁ ୩ଲକ୍ଷ, ଗୁମ୍ମା ସିଏଚ୍‌ସି ପାଇଁ ୪ଲକ୍ଷ, ଗାଇବା ସିଏଚ୍‌ସି ପାଇଁ ୨ ଲକ୍ଷ ନାମନଗଡ ସିଏଚ୍‌ସି ପାଇଁ ୨ଲକ୍ଷ, କାଶୀନଗର ସିଏଚ୍‌ସି ପାଇଁ ୪ଲକ୍ଷ, ହାଡୁଭାଙ୍ଗି ସିଏଚ୍‌ସି ପାଇଁ ୩ ଲକ୍ଷ, ଖାଣ୍ଡବା ସିଏଚ୍‌ସି ପାଇଁ ୨ଲକ୍ଷ ଟଙ୍କା ମଞ୍ଜୁର ହୋଇଛି । ଗଜପତି ଜିଲାକୁ ଏହି ଭୂତାଣୁ ଯେମିତି ନ ଆସିବ, କେହି ଯେପରି ଏଥିରେ ସଂକ୍ରମିତ ନ ହୋଇ ସୁସ୍ଥ ଜୀବନଯାପନ କରିବାକୁ ସହଯୋଗ କରିବା ଲାଗି ଜନସାଧାରଣଙ୍କୁ ଅନୁରୋଧ କରିଛନ୍ତି।

## ୨୩ ପଞ୍ଚାୟତରେ ୨୩ ଆଇସୋଲେଶନ କେନ୍ଦ୍ର



ପ୍ରସ୍ତୁତ ହୋଇଥିବା ଆଇସୋଲେସନ୍ କେନ୍ଦ୍ର ।

କାଲିମେଲା,୨୯।୩(ଡି.ଏନ.ଏ.)

କରୋନା ମୁକାବିଲା ପାଇଁ ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ କାଲିମେଲା ବ୍ଲକ ଅନ୍ତର୍ଗତ ୨୩ଟି ପଞ୍ଚାୟତରେ ୨୩ଟି ଆଇସୋଲେଶନ ସେଣ୍ଟର ଖୋଲାଯାଇଛି । ଏହି ସମସ୍ତ କେନ୍ଦ୍ରରେ ଜଣେ ଲେଖାଏ ନୋଡାଲ ଅଫିସର ଭାବେ ପିଇଓ ଏବଂ ଶିକ୍ଷକମାନଙ୍କୁ ନିୟୋଜିତ କରାଯାଇଛି । ଏଥିସହ ମାଲକାନଗିରି ଆରଟିଓଙ୍କ ଦ୍ୱାରା କେତେକ କେନ୍ଦ୍ରରେ ବୋଲେରୋ ଗାଡି ବ୍ୟବସ୍ଥା କରି ରଖାଯାଇଛି । ଏହିସବୁ କେନ୍ଦ୍ରରେ ବିଭିନ୍ନ ଆଶ୍ରମ ବିଦ୍ୟାଳୟରୁ ଶର୍ଯ୍ୟା ସଂଗ୍ରହ କରି ମହଜୁତ ରଖାଯିବା ସହ ପିଇବା ପାଣି, ବେଡସିଟ୍, ସାବୁନ, ସାନିଟାଇଜର, ପାଇଖାନା, ବିଦ୍ୟୁତ ଏବଂ ରନ୍ଧାଖାଦ୍ୟ ଦେବାର ବ୍ୟବସ୍ଥା କରାଯାଇଛି । କାଲିମେଲା ପଞ୍ଚାୟତର ସଦର ମହକୁମା ପାଇଁ ସ୍ଥାନୀୟ ବ୍ଲକ କଲୋନୀ ଉଚ୍ଚ ପ୍ରଥମିକ ବିଦ୍ୟାଳୟକୁ କେନ୍ଦ୍ର ଭାବେ ନିଆଯାଇଛି। ସେଠାରେ ପ୍ରାୟ ୯୦ଟି ଶଯ୍ୟା ବ୍ୟବସ୍ଥା କରାଯାଇଛି। ଏହି କେନ୍ଦ୍ରରେ ମଧ ୪ଟି ବୋଲେରୋ ଗାଡି ମହଜୁଦ ରଖାଯାଇଛି। ବିଡିଓ ଉମା ଶଙ୍କର ଦଳାଇ, ତହସିଲଦାର ଅଲୋକ କୁମାର ଅନୁଗୁଲିଆ ସମସ୍ତ କେନ୍ଦ୍ର ବୁଲି ଦେଖିବା ସହ ବିଭିନ୍ନ ଗ୍ରାମ ଏବଂ ହାଟ ବଜାର ଏବଂ ଅତ୍ୟାବଶ୍ୟକୀୟ ସାମଗ୍ରୀ ଦୋକାନ ଗୁଡିକୁ ଯାଇ ସାମାଜିକ ଦୂରତ୍ୱ ରକ୍ଷା ହେଉଛି କି ନାହିଁ ତାହାର ତଦାରଖ କରିଛନ୍ତି । କାଲିମେଲା ପୋଲିସ ପକ୍ଷରୁ ମଧ ବିଭିନ୍ନ ସ୍ଥାନରେ ଯାଞ୍ଚ କରାଯାଉଥିବା ଦେଖିବାକୁ ମିଳିଛି ।

## ଚିତ୍ରକୋଣ୍ଡାରେ ଫସି ରହିଛନ୍ତି ୮ ଶ୍ରମିକ

ଚିତ୍ରକୋଣ୍ଡା,୨୯।୩(ଡି.ଏନ.ଏ.)

ମାଲକାନଗିରି ଜିଲା ଚିତ୍ରକୋଣ୍ଡାରେ ୮ ଜଣ ଶ୍ରମିକ ଫସି ରହିଛନ୍ତ। କୋରାପୁଟ ଜିଲା ବୈପାରିଗୁଡ଼ା ଅଞ୍ଚଳରୁ କାମ କରିବାକୁ ଚିତ୍ରକୋଣ୍ଡାକୁ ଆସି ଏହି ଶ୍ରମିକମାନେ ଆଉ ଗ୍ରାମକୁ ଫେରିପାରି ନାହାନ୍ତି। ଚିତ୍ରକୋଣ୍ଡାରେ ଏକ ଇଟାଭାଟିରେ କାମ କରିବାକୁ ସେମାନେ ଆସିଥିଲେ। ଲକ୍‌ଡାଉନ ଘୋଷଣା ପରେ ଗାଡ଼ିମୋଟର ଚଳାଚଳ ବନ୍ଦ ରହିଥିବାରୁ ଏହି ଶ୍ରମିକମାନେ ଘରକୁ ଯାଇପାରିନାହାନ୍ତି। ସେମାନଙ୍କୁ ଗ୍ରାମରେ ଛାଡି ଦେବା ପାଇଁ ଶ୍ରମିକମାନେ ପ୍ରଶାସନକୁ ଅନୁରୋଧ କରିଛନ୍ତି।



ଚିତ୍ରକୋଣ୍ଡାରେ ଫସି ରହିଥିବା ଶ୍ରମିକ ଫେରିବା ଚିନ୍ତାରେ ।

## ଜିଲାରେ କରୋନା ସମସ୍ୟା ସୃଷ୍ଟି କରିପାରନ୍ତି ଦାଦନ ଶ୍ରମିକ

ମାଲକାନଗିରି,୨୯।୩ (ଡି.ଏନ୍.ଏ.)

କରୋନା ଭାଇରସ୍‌ଜନିତ ରୋଗ ପାଇଁ ଏବେ ସମଗ୍ର ବିଶ୍ୱରେ ଆତଙ୍କ ଦେଖାଦେଇଛି। ଏହି ରୋଗ ଅନ୍ୟ ଦେଶରୁ ଆସଥିବା ଲୋକଙ୍କ ଦ୍ୱାରା ଭାରତରେ ସଂକ୍ରମଣ ହୋଇଥିବା ସରକାର ସ୍ପଷ୍ଟ କରିଛନ୍ତି। ମାଲକାନଗରି ଜିଲାରେ ଏହାର ପ୍ରଭାବ ନ ଥିଲେ ମଧ ଏହି ଜିଲାରୁ ରାଜ୍ୟ ବାହାରକୁ ଯାଇ ଏବେ ଗ୍ରାମକୁ ଫେରୁଥିବା ଶ୍ରମିକମାନଙ୍କ ଉପରେ ସମସ୍ତଙ୍କ ନଜର ଲାଗିଛି। ଏହି ଶ୍ରମିକମାନେ ଯେ ରୋଗ ସୃଷ୍ଟି ନ କରିବେ ସେନେଇ ଆଶଙ୍କା ସୃଷ୍ଟି ହୋଇଛି। ବିଶେଷ କରି ଏହି ରୋଗ ଦକ୍ଷିଣ ଭାରତରେ ଦେଖାଦେଇଥିଲା ବେଳେ ବର୍ତ୍ତମାନ ଦକ୍ଷିଣ ଭାରତର ମହାରାଷ୍ଟ୍ର, ତାମିଲନାଡୁ କେରଳ,କର୍ଣ୍ଣାଟକ ଆଦି ରାଜ୍ୟରେ ମୃତ୍ୟୁ ସଂଖ୍ୟା ଅଧିକ ରହିଛି। ମାଲକାନଗିରି ଜିଲାରେ ପ୍ରତିବର୍ଷ ଦାଦନ ଶ୍ରମିକ ଭାବେ କାର୍ଯ୍ୟ କରିବାକୁ ବହୁ ସଂଖ୍ୟକ ଶ୍ରମିକ ଉପରୋକ୍ତ ରାଜ୍ୟକୁ ଯାଇଥାନ୍ତି। ଏବେ ସେସବୁ ରାଜ୍ୟରେ ଲକ୍‌ଡାଉନ୍ ଯୋଗୁ ବିଭିନ୍ନ କଳକାରଖାନା ବନ୍ଦ ରହିବା ସହ ଗାଡ଼ିମୋଟର ଚଳାଚଳ ବନ୍ଦ ରହିଛି। ସାମାଜିକ ଦୂରତା ପାଳନ କରିବା ସହ ଘରୁ ନ ବାହାରିବା ପାଇଁ କଡାକଡି ନିୟମ ପାଳନ ହେଉଛି। ବିଭିନ୍ନ କାରଖାନାରେ କାମ କରୁଥିବା ଶ୍ରମିକଙ୍କୁ ମାଲିକମାନେ ବାହାର କରି ଦେଉଛନ୍ତି। ଫଳରେ ଅନେକ ଶ୍ରମିକ ସମ୍ପୃକ୍ତ ରାଜ୍ୟଗୁଡ଼ିକରେ ରହି ସେମାନଙ୍କୁ ଉଦ୍ଧାର ପାଇଁ ସରକାରଙ୍କୁ ନିବେଦନ କରୁଛନ୍ତି। ଅନେକ ଶ୍ରମିକ କୌଣସି ଉପାୟରେ ମାଲକାନଗିରି ଜିଲାକୁ ପଳାଇ ଆସିଛନ୍ତି। ଏପରି କି ଚାଲିଚାଲି ମଧ ଶ୍ରମିକମାନେ ଆସୁଥିବା ଦେଖିବାକୁ ମିଳୁଛି। ଏହି ଶ୍ରମିକମାନେ ନିଜ ଗ୍ରାମରେ ପହଞ୍ଚିଲା ପରେ ଅଧିକାଂଶ ଶ୍ରମିକ ସେମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରୁନାହାନ୍ତି। ଏହି ଶ୍ରମିକମାନଙ୍କ ଦ୍ୱାରା କରୋନା ଭାଇରସ୍‌ଜନିତ ରୋଗ ବିପଦ ସୃଷ୍ଟି କରିପାରେ ବୋଲି ଆଶଙ୍କା କରାଯାଉଛି। ଜିଲା ପ୍ରଶାସନ ପକ୍ଷରୁ ୧୧୧ଟି ପଞ୍ଚାୟତ, ମାଲକାନଗିରି ପୌର ପରିଷଦ, ବାଲିମେଳା ବିଜ୍ଞାପିତ ଅଞ୍ଚଳ ପରିଷଦ ରେ ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ର ଖୋଲା ଯାଇଥିଲେ ମଧ ଏପର୍ଯ୍ୟନ୍ତ ଏଠାକୁ କୌଣସି ଗ୍ରାମ ଫେରନ୍ତା ଶ୍ରମିକ ଆସିନାହାନ୍ତି। ଅନ୍ୟପକ୍ଷରେ ଅଙ୍ଗନୱାଡ଼ି କର୍ମୀଙ୍କ ଦ୍ୱାରା ଫେରୁଥିବା ଦାଦନ ଶ୍ରମିକଙ୍କ ତାଲିକା ପ୍ରସ୍ତୁତ କରାଯାଇ ସେମାନଙ୍କୁ ପରିବାରଠାରୁ ଅଲଗା ରହିବା ପାଇଁ କୁହାଯାଉଥିଲେ ମଧ ଆଭ୍ୟନ୍ତରୀଣ ଅଞ୍ଚଳରେ ଶ୍ରମିକମାନେ ଏହାକୁ ହେୟଜ୍ଞାନ କରୁଛନ୍ତି। ଏ ଦିଗରେ ଜିଲା ପ୍ରଶାସନ, ସାମାଜିକ କର୍ମୀ, ସ୍ୱେଚ୍ଛାସେବୀ ଅନୁଷ୍ଠାନ ଏବଂ ଜନ ପ୍ରତିନିଧିମାନେ ଏଥିପ୍ରତି ବିଶେଷ ଗୁରୁତ୍ୱ ଦେଇ ଫେରନ୍ତା ଶ୍ରମିକମାନଙ୍କୁ ଚିହ୍ନଟ କରି ସେମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ଆବଶ୍ୟକ। ଏହା ହୋଇପାରିଲେ ସୃଷ୍ଟି ହେଉଥିବା ଆଶଙ୍କା ଦୂର ହୋଇପାରିବ ବୋଲି ସାଧାରଣରେ ମତ ପ୍ରକାଶ ପାଉଛି।





ଚାଲିଚାଲି ଗାଁକୁ ଫେରୁଛନ୍ତି ଦାଦନ ଶ୍ରମିକ ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୨୩ Press Regd. No. R.N. 21326/74 Postal Regd. No. BN/42/18-20. ସୋମବାର, ମାର୍ଚ୍ଚ ୩୦/୨୦୨୦ Monday, March 30/2020

**ସଂକ୍ଷେପରେ**

## ରିଜିଜୁ ଦେଲେ ଗୋଟିଏ ମାସର ଦରମା



ନୂଆଦିଲ୍ଲୀ,୨୯।୩(ପି.ଟି.): କୋଭିଡ-୧୯ ମୁକାବିଲା ପାଇଁ କେନ୍ଦ୍ର କ୍ରୀଡ଼ାମନ୍ତ୍ରୀ କିରେନ ରିଜିଜୁ ଶନିବାର ତାଙ୍କର ଗୋଟିଏ ମାସର ଦରମା ଦାନ କରିଛନ୍ତି। ଦେଶର ସ୍ୱାସ୍ଥ୍ୟାବସ୍ଥାର ଉନ୍ନତି ପାଇଁ ଅର୍ଥଦାନ ଦେବା ଏବେ ଅପରିହାର୍ଯ୍ୟ ହୋଇପଡିଛି ଓ ଏଥିପାଇଁ ଗୋଟିଏ ମାସର ଦରମା ପ୍ରଦାନ କରିଛି ବୋଲି ରିଜିଜୁ ତାଙ୍କ ଫେସ୍‌ବୁକ୍ ପେଜ୍‌ରେ ଉଲ୍ଲେଖ କରିଛନ୍ତି। କରୋନା ଭାଇରସ ବିପକ୍ଷରେ ଲଢେଇ ପାଇଁ ଇତିମଧ୍ୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଭାଜପା ଏମ୍‌ପିମାନଙ୍କୁ ସେମାନଙ୍କ ଏମ୍‌ପିଲାଡରୁ ୧ କୋଟି ଟଙ୍କା ଲେଖାଏ ଦାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏ ଦୃଷ୍ଟିରୁ ଦେଖିବାକୁ ଗଲେ ରିଜିଜୁ ତାଙ୍କ ଏମ୍‌ପିଲାଡରୁ ମଧ୍ୟ ଗୋଟିଏ କୋଟି ଟଙ୍କା ପ୍ରଦାନ କରିବେ। ଏ ନେଇ ସେ ତାଙ୍କ ଜିଲା ପ୍ରଶାସନ ସହ ଯୋଗାଯୋଗ କରିଛନ୍ତି ବୋଲି ରିଜିଜୁ କହିଛନ୍ତି। ସବୁ ସକ୍ଷମ ଲୋକଙ୍କୁ ଅର୍ଥ ଦାନ କରିବା ପାଇଁ ରିଜିଜୁ ଆହ୍ୱାନ କରିଛନ୍ତି। ଉଲ୍ଲେଖଥାଉ କି, କୋଭିଡ- ୧୯ ସଂକ୍ରମଣ ରୋକିବା ପାଇଁ ଦେଶରେ ୨୧ ଦିନିଆ ଲକ୍‌ଡାଉନ ଜାରି ହୋଇଛି। ଏହି ଭାଇରସ୍ କାରଣରୁ ବିଶ୍ୱରେ ୩୦, ୦୦୦ ଓ ଭାରତରେ ୧୯ଜଣ ଲୋକ ପ୍ରାଣ ହରାଇଲେଣି।

# ବକ୍ସରଙ୍କ ପାଇଁ ଅନ୍‌ଲାଇନ୍ କୋଚିଂ

ନୂଆଦିଲ୍ଲୀ, ୨୯।୩ (ପି.ଟି.)

ଅଲିମ୍ପିକ୍ସରେ ଭାଗ ନେବାକୁଥିବା ବକ୍ସର ମାନଙ୍କ ଲାଗି ଅନ୍‌ଲାଇନ୍ କୋଚିଂ ବ୍ୟବସ୍ଥା ସୋମବାରଠାରୁ ଆରମ୍ଭ ହେବ। କୋଭିଡ୍-୧୯ ଯୋଗୁ ଦେଶରେ ଜାତୀୟ ଲକ୍‌ଡାଉନ୍ ଘୋଷଣା କରାଯାଇଛି। ବକ୍ସରମାନଙ୍କ ଟ୍ରେନିଂକୁ ଏହା ପ୍ରଭାବିତ କରିଛି। ଏଥିସହିତ ବକ୍ସରମାନଙ୍କ ମାନସିକ ଅବସ୍ଥାରେ ସ୍ଥିରତା ବଜାୟ ରଖିବା ତଥା ପୁଷ୍ଟିସାଧନ କ୍ଷେତ୍ରରେ ମଧ୍ୟ ଧ୍ୟାନ ଦିଆଯିବ ବୋଲି ଭାରତୀୟ ବକ୍ସିଂ ମହାସଂଘ ତରଫରୁ ସୂଚନା ଦିଆଯାଇଛି। ୨୦୨୧ ପର୍ଯ୍ୟନ୍ତ ଘୁଞ୍ଚାଇ ଦିଆଯାଇଥିବା ଟୋକିଓ ଅଲିମ୍ପିକ୍ସ ପାଇଁ ଭାରତର ୯ଜଣ ବକ୍ସର ଇତିମଧ୍ୟରେ ଯୋଗ୍ୟତା ହାସଲ କରିସାରିଛନ୍ତି। ସେମାନେ ହେଲେ ଏମ୍.ସି. ମେରୀକମ୍ (୫୧କେଜି), ସିମରନଜିତ୍ କୌର (୬୦କେଜି), ଲଭଲିନା ବର୍ଗୋହାନି (୬୯କେଜି), ପୂଜା ରାଣୀ (୭୫କେଜି), ଅମିତ ଫଙ୍ଗାଲ (୫୨କେଜି), ମନୀଷ କୌଶିକ୍ (୬୩ କେଜି), ବିକାଶ କ୍ରିଷନ (୬୯କେଜି), ଆଶିଷ କୁମାର (୭୫କେଜି) ଓ ସତୀଶ କୁମାର (+୯୧କେଜି)। ବକ୍ସିଂ ଫେଡେରେଶନ ଅଫ୍ ଇଣ୍ଡିଆ (ବିଏଫ୍‌ଆଇ) ସଭାପତି ଅଜୟ ସିଂ ରବିବାର ଏହି ବକ୍ସରମାନଙ୍କ ସହିତ ରବିବାର ଏକ କନଫରେନ୍ସ କଲ୍ କରିଥିଲେ। କରୋନା ମହାମାରୀ ବିରୋଧରେ ଲଢେଇ ପାଇଁ ଏପ୍ରିଲ ୧୪ ପର୍ଯ୍ୟନ୍ତ ଲକ୍‌ଡାଉନ୍ ଘୋଷଣା କରାଯାଇଛି। ସେ ସମୟରେ ଅଲିମ୍ପିକ୍ସ ପାଇଁ କିପରି ପ୍ରସ୍ତୁତ ହେବାକୁ ପଡ଼ିବ ତାହା ସିଂ ବ୍ୟାଖ୍ୟା କରିଥିଲେ। ନିଜକୁ ସବୁ ବେଳେ ଫିଟ୍ ରଖିବାକୁ ପଡ଼ିବ। କୋଚ୍‌ମାନଙ୍କ ପରାମର୍ଶକ୍ରମେ ବ୍ୟାୟାମ ଦ୍ୱାରା ଯଥା ସମ୍ଭବ ଶରୀରର ଓଜନ ବଜାୟ ରଖିବାକୁ ପଡ଼ିବ ବୋଲି ସିଂ ବକ୍ସରମାନଙ୍କୁ କହିଥିଲେ। ବିଏଫ୍‌ଆଇର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଆର.କେ. ସାଚେଟ ଖାଦ୍ୟପେୟର ନିୟନ୍ତ୍ରଣ ରଖିବା ଲାଗି କହିଛନ୍ତି। ଦିଲ୍ଲୀରେ ୧୪ ଦିନିଆ ଆଇସୋଲେଶନରେ ରହିବା ପରେ ଭାରତୀୟ ବକ୍ସିଂର ହାଇପରଫର୍ମାନ୍ସ ଡାଇରେକ୍ଟର ସାଣ୍ଟିଆଗୋ ନିଏଭା ବର୍ତ୍ତମାନ ଦିଲ୍ଲୀରେ ଅବସ୍ଥାନ କରୁଛନ୍ତି। ସେ ପୁରୁଷ ବକ୍ସରମାନଙ୍କ ଶ୍ରେଣୀ ପରିଚାଳନା କରିବେ। ମହିଳାମାନଙ୍କ ଶ୍ରେଣୀ ସେମାନଙ୍କ ହାଇପରଫର୍ମାନ୍ସ ଡାଇରେକ୍ଟର ରାଫେଲି ବର୍ଗାମାସ୍କୋ ପରିଚାଳନା କରିବେ। ବର୍ତ୍ତମାନ ସାଣ୍ଟିଆଗୋ ଏକମାତ୍ର ବକ୍ସିଂ କୋଚ୍ ଯିଏକି ପଟିଆଲାରେ ଅବସ୍ଥାନ କରୁଛନ୍ତି। ସେ ସେଠାରେ ରହିଥିବା ବକ୍ସିଂ ହଲ୍‌ର ସଦୁପଯୋଗ କରିପାରିବେ। ଯୋଗାଯୋଗ ଜରିଆରେ ବକ୍ସରମାନଙ୍କୁ ବିଭିନ୍ନ ପ୍ରକାର ଟେକ୍‌ନିକ୍ ସମ୍ପର୍କରେ ଶିକ୍ଷାଦାନ କରିପାରିବେ। ଚଳିତ ମାସ ପ୍ରଥମ ଭାଗରେ ଜୋର୍ଡାନଠାରେ ଅନୁଷ୍ଠିତ ଏସିଆନ କ୍ୱାଲିଫାୟର୍ସରେ ଭାରତୀୟ ବକ୍ସରମାନେ ଅଭୂତପୂର୍ବ ସଫଳତା ହାସଲ କରିଛନ୍ତି। ସେଥିରେ ୯ଜଣ ବକ୍ସର ଅଲିମ୍ପିକ ଯୋଗ୍ୟତା ହାସଲ କରିପାରିଛନ୍ତି। ଜାତୀୟ ଲକ୍‌ଡାଉନ୍ ଯୋଗୁ ସମଗ୍ର ଦେଶରେ ସମସ୍ତ କ୍ରୀଡ଼ା କାର୍ଯ୍ୟକଳାପ ସ୍ଥିର ହୋଇଯାଇଛି। ଖବର ଲେଖା ହେବାବେଳକୁ ଦେଶରେ କରୋନା ଭାଇରସ୍‌ରେ ସଂକ୍ରମିତ ସଂଖ୍ୟା ୯୭୯ରେ ପହଞ୍ଚି ସାରିଥିବାବେଳେ ୨୫ ଜଣଙ୍କର ମୃତ୍ୟୁ ଘଟିସାରିଲାଣି ।



ଏମ୍.ସି. ମେରୀକମ୍

## ରୋନାଲ୍ଡୋ, ଜୁଭେଣ୍ଟସ୍ ୯୦ ମିଲିୟନ ୟୁରୋ ପ୍ରଦାନ କରିବେ

ରୋମ୍,୨୯।୩ (ଏ.ପି.)

ପର୍ତ୍ତୁଗାଲ ଫୁଟବଲ ସୁପରଷ୍ଟାର କ୍ରିଷ୍ଟିଆନୋ ରୋନାଲ୍ଡୋ, କୋଚ୍ ମାଉରିଜିଓ ସାରିଙ୍କ ସମେତ ତାଙ୍କ କ୍ଲବ ଜୁଭେଣ୍ଟସର ଅନ୍ୟ ସଦସ୍ୟମାନେ କରୋନା ବିପତ୍ତି ପାଇଁ ୯୦ ମିଲିୟନ ୟୁରୋ ବା ୧୦୦ ମିଲିୟନ ଆମେରିକୀୟ ଡଲାର ପ୍ରଦାନ କରିବାକୁ ଘୋଷଣା କରିଛନ୍ତି। ଏହି ବିପତ୍ତି ସମୟରେ କ୍ଲବ୍‌ର ସହାୟତା ପାଇଁ ଏମାନେ ଏହି ବିପୁଳ ଅର୍ଥ ପ୍ରଦାନ କରିବେ ବୋଲି କୁହାଯାଇଛି। ଏମାନେ ୪ ମାସ ଅର୍ଥାତ୍ ବର୍ଷକର ଏକ ତୃତୀୟାଂଶ ଦରମା ପ୍ରଦାନ କରିବେ। ଏ ଦୃଷ୍ଟିରୁ ଦେଖିବାକୁ ଗଲେ ରୋନାଲ୍ଡୋ ୧୦ ମିଲିୟନ ୟୁରୋ ବା ୧୧ ମିଲିୟନ ଅମେରିକୀୟ ଡଲାର ପ୍ରଦାନ କରିବେ।

ଉଲ୍ଲେଖଥାଉ କି, ସିରିଜ୍-ଏ'ରେ ଏହି ଇଟାଲୀୟ କ୍ଲବ ଜୁଭେଣ୍ଟସ ରେକର୍ଡ ନବମଥର ପାଇଁ ଟାଇଟଲ ହାସଲ ଲକ୍ଷ୍ୟରେ ରହିଛି। ପଏଣ୍ଟ ତାଲିକାରେ ଜୁଭେଣ୍ଟସ୍ ଶୀର୍ଷରେ ରହିଛି। ଲାଜିଓ ଗୋଟିଏ ପଏଣ୍ଟ କମ୍ ପାଇ ଦ୍ୱିତୀୟ ସ୍ଥାନରେ ରହିଛି। କରୋନା ଭାଇରସ ପାଇଁ ଇଟାଲୀରେ ଜାତୀୟ ବିପତ୍ତି ସୃଷ୍ଟି ହୋଇଛି। ଜୁଭେଣ୍ଟସ ଖେଳାଳି ଯଥା ଡାନିଏଲେ ରୁଗାନି, ବ୍ଲେଇସ୍ ମାଟୁଇଡି ଓ ପାଉଲୋ ଡିବାଲା କାରେନା ଭାଇରସରେ ଆକ୍ରାନ୍ତ ହୋଇଛନ୍ତି। ଇଟାଲୀରେ ମୋଟ ଉପରେ ୧ ଲକ୍ଷ ଲୋକ କୋଭିଡ-୧୯ରେ ଆକ୍ରାନ୍ତ ହୋଇଛନ୍ତି। ଏହି କ୍ରମରେ ଦେଖିବାକୁ ଗଲେ ଇଟାଲୀ ଚାଇନାକୁ ମଧ୍ୟ ପଛରେ ପକାଇଛି। ଚଳିତମାସ ପ୍ରାରମ୍ଭରେ ଜୁଭେଣ୍ଟସ କ୍ଲବକୁ ନିୟନ୍ତ୍ରଣ କରୁଥିବା ଇଟାଲୀର ଶିଳ୍ପପତି ପରିବାର ଆଗ୍ନେଲି ପରିବାର ଦେଶର ସିଭିଲ ପ୍ରୋଟେକ୍ସନ ଏଜେନ୍ସିକୁ ୧୦ ମିଲିୟନ ୟୁରୋ ପ୍ରଦାନ କରିଥିଲା।



କ୍ରିଷ୍ଟିଆନୋ ରୋନାଲ୍ଡୋ

# ନୂଆ କ୍ୟାଲେଣ୍ଡର କରିବ ଏଏଫ୍‌ଆଇ

**ଜାତୀୟ ଆନ୍ତଃରାଜ୍ୟ ଆଥଲେଟିକ୍ସ ଚାମ୍ପିୟନଶିପ୍ ସ୍ଥଗିତ**

ନୂଆଦିଲ୍ଲୀ,୨୯।୩(ପି.ଟି.)

ଆଗାମୀ ଜୁନ୍‌ରେ ଆୟୋଜନ ହେବାକୁ ଥିବା ଜାତୀୟ ଆନ୍ତଃରାଜ୍ୟ ଆଥଲେଟିକ୍ସ ଚାମ୍ପିୟନଶିପ୍ ସ୍ଥଗିତ ରଖିବାକୁ ଆଥଲେଟିକ ଫେଡେରେଶନ ଅଫ୍ ଇଣ୍ଡିଆ (ଏଏଫ୍‌ଆଇ) ନିଷ୍ପତ୍ତି ନେଇଛି। ଦେଶ ତଥା ସାରା ବିଶ୍ୱରେ କୋଭିଡ୍-୧୯ର ଆତଙ୍କ ଜାରି ରହିଥିବା ବେଳେ ଏହି ମେଗା ଇଭେଣ୍ଟକୁ ସ୍ଥଗିତ ରଖାଯାଇଛି। ସାରା ବିଶ୍ୱରେ ପ୍ରାୟ ସବୁ କ୍ରୀଡ଼ା ଇଭେଣ୍ଟ ସ୍ଥଗିତ କିମ୍ବା ବାତିଲ ହୋଇଥିବାରୁ ଏଏଫ୍‌ଆଇ ନୂଆ କ୍ୟାଲେଣ୍ଡର ପ୍ରସ୍ତୁତ କରିବାକୁ ନିଷ୍ପତ୍ତି ନେଇଛି। ଫଳରେ ଏହି ଜାତୀୟ ଇଭେଣ୍ଟକୁ ସ୍ଥଗିତ ରଖାଯାଇଛି ବୋଲି ଏଏଫ୍‌ଆଇ ତରଫରୁ କୁହାଯାଇଛି।

ଏହି ଚାମ୍ପିୟନଶିପ୍ ବେଙ୍ଗାଲୁରୁରେ ଜୁନ୍ ୨୫ରୁ ୨୮ ତାରିଖ ମଧ୍ୟରେ ଆୟୋଜନ ହେବାର କାର୍ଯ୍ୟକ୍ରମ ଥିଲା। ଏହା ଟୋକିଓ ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ପର୍ଯ୍ୟାୟ ଇଭେଣ୍ଟର ମାନ୍ୟତା ମଧ୍ୟ ପାଇଥିଲା। ଅଲିମ୍ପିକ୍ସ ଗୋଟିଏ ବର୍ଷ ଅର୍ଥାତ୍ ୨୦୨୧କୁ ଘୁଞ୍ଚାଇ ଦିଆଯାଇଛି।

ମେ କିମ୍ବା ଜୁନ୍ ସୁଦ୍ଧା ଯଦି ପରିସ୍ଥିତିରେ ସୁଧାର ଆସେ ତା'ହେଲେ ଏହି ଚାମ୍ପିୟନଶିପ୍‌କୁ ଅଗଷ୍ଟରେ ଆୟୋଜନ କରିବୁ ବୋଲି ଡେପୁଟି ନ୍ୟାଶନାଲ ମୁଖ୍ୟ କୋଚ୍ ରାଧାକ୍ରିଷ୍ଣନ ନାୟାର କହିଛନ୍ତି। ବିଭିନ୍ନ କୋଚ୍ ଓ ବିଦେଶୀ ବିଶେଷଜ୍ଞଙ୍କ ସହ ଆଲୋଚନା କରି ପ୍ଲାନିଂ କମିଟି ନୂଆ କମ୍ପିଟିଶନ କ୍ୟାଲେଣ୍ଡର ଓ ଟ୍ରେନିଂ ପ୍ରୋଗ୍ରାମ୍ ପ୍ରସ୍ତୁତ କରିବ ବୋଲି ଏଏଫ୍‌ଆଇ ତରଫରୁ କୁହାଯାଇଛି। କରୋନା ଭାଇରସ ପାଇଁ ସବୁ କ୍ରୀଡ଼ା ଇଭେଣ୍ଟ ବାତିଲ ହୋଇ ସାରିଥିବା ବେଳେ ଏକ ନୂଆ କ୍ୟାଲେଣ୍ଡରର ଆବଶ୍ୟକତା ରହିଛି ବୋଲି ଏଏଫ୍‌ଆଇ କହିଛି। ଏହି କ୍ରମରେ ନୂଆ ପ୍ରକାର ପରିସ୍ଥିତିରେ ୨୦୨୦ ଘରୋଇ କ୍ୟାଲେଣ୍ଡର ସମ୍ପୂର୍ଣ୍ଣ ରୂପେ ପରିବର୍ତ୍ତନ ହେବ। ଖାସ୍ କରି ସିନିୟର ଇଭେଣ୍ଟଗୁଡିକରେ ପରିବର୍ତ୍ତନ ହେବାର ଆବଶ୍ୟକତା ରହିଛି। କମ୍ପିଟିସନକୁ ବାଦ୍ ଦେଲେ କୋଚ୍‌ମାନଙ୍କୁ ଟ୍ରେନିଂ ପ୍ରୋଗ୍ରାମ ଉପରେ କାର୍ଯ୍ୟ କରିବାକୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ଏଏଫ୍‌ଆଇ ଅଧ୍ୟକ୍ଷ ଆଡିଲେ ସୁମରିୱାଲା କହିଛନ୍ତି। ସେହିପରି ଚେନ୍ନାଇରେ ଅଗଷ୍ଟ ୧୬ରୁ ୧୯ ତାରିଖ ମଧ୍ୟରେ ଆୟୋଜନ ହେବାକୁ ଥିବା ନ୍ୟାଶନାଲ ଓପନ୍ ଆଥଲେଟିକ୍ସ ଚାମ୍ପିୟନଶିପ୍ ବିଳମ୍ବରେ ଖେଳାଯିବ।

ଉଲ୍ଲେଖଥାଉ କି, ପୂର୍ବରୁ ଏଏଫ୍‌ଆଇ ଇଣ୍ଡିଆନ ଗ୍ରାଣ୍ଡପ୍ରିକ୍ସ ସିରିଜକୁ ମଧ୍ୟ ସ୍ଥଗିତ ରଖିଛି। ଏହା ମାର୍ଚ୍ଚରେ ଆୟୋଜନ ହେବାର କାର୍ଯ୍ୟକ୍ରମ ଥିଲା। ସେହିପରି ଏପ୍ରିଲ ୧୦ରୁ ୧୩ ତାରିଖ ମଧ୍ୟରେ ଫେଡେରେଶନ କପ୍ ସିନିୟର ଚାମ୍ପିୟନଶିପ୍‌କୁ ମଧ୍ୟ ସ୍ଥଗିତ ରଖାଯାଇଛି। ଇତିମଧ୍ୟରେ ଟୋକିଓ ଅଲିମ୍ପିକ୍ସ ସ୍ଥଗିତ ରହିବା ପରେ ଅଲିମ୍ପିକ୍ ଆସୋସିଏଶନ ଅଧ୍ୟକ୍ଷ ନରିନ୍ଦର ବାତ୍ରା ସବୁ ଜାତୀୟ ଫେଡେରେଶନ୍‌କୁ ସେମାନଙ୍କ ଆଥଲେଟମାନଙ୍କ ଟ୍ରେନିଂ ଓ କମ୍ପିଟିଶନ ପ୍ରୋଗ୍ରାମ ନେଇ ତଥ୍ୟ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛି।

## ଭାରତର ଅଷ୍ଟ୍ରେଲିଆ ଟୁର୍ ପ୍ରଭାବିତ ହୋଇପାରେ

ନୂଆଦିଲ୍ଲୀ, ୨୯।୩ (ପି.ଟି.)

କୋଭିଡ୍-୧୯ ମହାମାରୀ ବ୍ୟାପିବା ଆଶଙ୍କାରେ ଅଷ୍ଟ୍ରେଲିଆ ଏହାର ସୀମାକୁ ୬ମାସ ପାଇଁ ସିଲ୍ କରିଦେଇଛି। ଏହାଦ୍ୱାରା ଭାରତୀୟ କ୍ରିକେଟ ଦଳର ଅଷ୍ଟ୍ରେଲିଆ ଟୁର୍ ପ୍ରଭାବିତ ହେବା ସମ୍ଭାବନା ଦେଖାଦେଇଛି। କାର୍ଯ୍ୟସୂଚୀ ଅନୁସାରେ ଅକ୍ଟୋବରରେ ଏକ ଟି୨୦ ସିରିଜ ସହ ଭାରତର ଅଷ୍ଟ୍ରେଲିଆ ଟୁର୍ ଆରମ୍ଭ ହୋଇ ଟେଷ୍ଟ ସିରିଜ ସହ ଡିସେମ୍ବରରେ ଶେଷ ହେବ। ସିରିଜ ମଧ୍ୟରେ ଅକ୍ଟୋବର ୧୮ରୁ ଟି୨୦ ବିଶ୍ୱକପ୍ ହେବାର କାର୍ଯ୍ୟକ୍ରମ ରହିଛି। ମାତ୍ର ବର୍ତ୍ତମାନ ସମଗ୍ର ବିଶ୍ୱରେ ସ୍ୱାସ୍ଥ୍ୟଗତ ସଂକଟ ଦେଖା ଦେଇଥିବାରୁ ଏହି ଇଭେଣ୍ଟର ଆୟୋଜନ ନେଇ ଅନିଶ୍ଚିତତା ଦେଖାଦେଇଛି। ଅଷ୍ଟ୍ରେଲିଆରେ କରୋନା ଭାଇରସ୍ ପଜିଟିଭଙ୍କ ସଂଖ୍ୟା ୨୦୦୦ରୁ ଅଧିକ ହୋଇଥିବାବେଳେ ୧୬ଜଣଙ୍କର ମୃତ୍ୟୁ ଘଟିସାରିଲାଣି। ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)କୁ ବିକଳ୍ପ ଯୋଜନା ଦିଗରେ ଧ୍ୟାନଦେବାକୁ ପଡ଼ିବ। ଚଳିତ ବର୍ଷର ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ସମ୍ପର୍କରେ ବିସିସିଆଇ ଏପର୍ଯ୍ୟନ୍ତ କୌଣସି ଚୂଡ଼ାନ୍ତ ନିଷ୍ପତ୍ତି ନେଇପାରି ନାହିଁ। ଏହାପଛକୁ ପଛ ଶ୍ରୀଲଙ୍କା (ଦିନିକିଆ ଓ ଟି୨୦), ଜିମ୍ବାୱେ, ଏସିଆ କପ୍ (ଟି୨୦) ଏବଂ ଇଂଲଣ୍ଡ ବିପକ୍ଷରେ ଏକ ହ୍ୱାଇଟ୍ ବଲ୍ ସିରିଜ ରହିଛି। ଏଗୁଡ଼ିକ ସମ୍ପର୍କରେ ମଧ୍ୟ କିଛି ନିଷ୍ପତ୍ତି ନେବାକୁ ପଡ଼ିବ।

## ତୁର୍କୀ ବିଶ୍ୱକପ୍ ହିରୋ ରେକବର କରୋନାରେ ସଂକ୍ରମିତ

ଆଙ୍କାରା, ୨୯।୩ (ଏଏଫ୍‌ପି): ବାର୍ସିଲୋନାର ପୂର୍ବତନ ଗୋଲକିପର ତଥା ତୁର୍କୀ ଜାତୀୟ ଦଳର ପୂର୍ବତନ ଖେଳାଳି ରଷ୍ଟୁ ରେକବର କରୋନା ଭାଇରସ୍ ଦ୍ୱାରା ସଂକ୍ରମିତ ହୋଇଛନ୍ତି। ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ରେକବର ୨୦୦୨ ଫୁଟବଲ୍ ବିଶ୍ୱକପ୍‌ରେ ଚମତ୍କାର ଗୋଲ କିପିଂ କରି ତୁର୍କୀକୁ ସେମିଫାଇନାଲ ପ୍ରବେଶରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ପ୍ଲେ-ଅଫ୍ ତୁର୍କୀ ସହଆୟୋଜକ ଦକ୍ଷିଣ କୋରିଆକୁ ୩-୨ ଗୋଲରେ ପରାସ୍ତ କରି ତୃତୀୟ ସ୍ଥାନ ଅଧିକାର କରିଥିଲା। ଏହି ଗୋଲ୍‌କିପରଙ୍କ ବର୍ତ୍ତମାନ ବୟସ ୪୬ ବର୍ଷ। ବିଶ୍ୱକପ୍ ପରେ ୨୦୦୩ରେ ସେ କିଛି ସମୟ ବାର୍ସିଲୋନାର ଗୋଲକିପର ଦାୟିତ୍ୱ ତୁଲାଇଥିଲେ।

# ନିଜ ରେକର୍ଡ ଭାଙ୍ଗିଥିଲେ ବୀରେନ୍ଦ୍ର



**ମାର୍ଚ୍ଚ ୨୯ ସହ ସେହ୍ୱାଗଙ୍କ ସମ୍ପର୍କ**

ଅନ୍ତର୍ଜାତୀୟ କ୍ରିକେଟରେ ରେକର୍ଡ ସୃଷ୍ଟି କରିବା ଏବଂ କିଛି ବର୍ଷ ବ୍ୟବଧାନରେ ସମାନ ଦିନରେ ନିଜ ରେକର୍ଡକୁ ନିଜେ ଭଙ୍ଗ କରିବା। ଏପରି ଏକ ତାରିଖ ସହ ଯୋଡ଼ିହୋଇ ରହିଛନ୍ତି ଭାରତୀୟ କ୍ରିକେଟ ଦଳର ପୂର୍ବତନ ବିସ୍ଫୋରକ ବ୍ୟାଟ୍ସମ୍ୟାନ ବୀରେନ୍ଦ୍ର ସେହ୍ୱାଗ। ମାର୍ଚ୍ଚ ୨୯ ସହ ତାଙ୍କର ଅଭୁଲା ସମ୍ପର୍କ ରହିଛି। ପ୍ରତିପକ୍ଷ ବୋଲରଙ୍କ ପାଇଁ ଏକଦା ଦୁଃସ୍ୱପ୍ନ ସାବ୍ୟସ୍ତ ହେଉଥିଲେ ଏହି ରେକର୍ଡ ବ୍ରେକର। ତାଙ୍କ ଟାଇମିଂ, ବ୍ୟାଟ୍‌ଚାଳନା ଏବଂ ଦୃଷ୍ଟିଶକ୍ତି ମଧ୍ୟରେ ଥିଲା ଅଦ୍ଭୁତ ସମନ୍ୱୟ। ତାଙ୍କ କ୍ୟାରିୟର ଏପରି ଥିଲା ଯାହାକି ଭାରତୀୟ କ୍ରିକେଟ ଇତିହାସରେ ଅନେକଥର ନୂଆ ଅଧ୍ୟାୟ ଯୋଡ଼ିଥିଲା। ଲୟରେ ଥିବା ଦିନ ସେ ବୋଲରମାନଙ୍କ ବିପକ୍ଷରେ ଝଡ଼ ସ୍ୱରୂପ ପ୍ରତୀୟମାନ ହେଉଥିଲେ। ୨୦୦୪ ମାର୍ଚ୍ଚ ୨୯ରେ ସେ ଭାରତୀୟ କ୍ରିକେଟକୁ ସ୍ମରଣୀୟ କରି ଦେଇଥିଲେ। ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନ ବିପକ୍ଷରେ ବାହାର ପରିବେଶରେ ଭାରତୀୟ ଦଳର ପ୍ରଦର୍ଶନ ସେପରି ଭଲ ନ ଥାଏ। ଏପରି ଏକ ସମୟରେ ସେ ମୁଲତାନଠାରେ ପାକ୍ ବୋଲରଙ୍କୁ ଧୂଳେଇ କରି ଭାରତ ପକ୍ଷରୁ ଟେଷ୍ଟରେ ପ୍ରଥମ ତ୍ରିଶତକ ହାସଲ କଲେ। ୫୩୧ ମିନିଟ କ୍ରିଜ୍‌ରେ ରହିଥିବା ସେହ୍ୱାଗ ୩୭୫ଟି ବଲ୍‌ର ସାମ୍ନା କରି ୩୯ ଚୌକା ଓ ୬ ଛକା ସହାୟତାରେ ୩୦୯ ରନ କରିଥିଲେ। ଏହି ପ୍ରଦର୍ଶନ ପାଇଁ ତାଙ୍କୁ 'ସୁଲତାନ ଅଫ୍ ମୁଲତାନ' ଆଖ୍ୟା ଦିଆଯାଇଥିଲା। ନିଜର ତ୍ରିଶତକୀୟ ଇନିଂସ ଅବସରରେ ସେ ଓପନିଂ ଯୋଡ଼ିରେ ଆକାଶ ଚୋପ୍ରା(୪୨)ଙ୍କ ସହ ୧୬୦ ଏବଂ ତୃତୀୟ ଉଇକେଟ ଭାଗୀଦାରିରେ ସଚିନ ତେନ୍ଦୁଲକରଙ୍କ ସହ ୩୩୬ ରନର ପାର୍ଟନରଶିପ୍ ଗଢ଼ିଥିଲେ। ସଚିନ ୧୯୪ ରନରେ ଅପରାଜିତ ରହିଥିବାବେଳେ ଅଧିନାୟକ ରାହୁଲ ଦ୍ରାବିଡ ୬୭୫/୫ରେ ଇନିଂସ ଘୋଷଣା କରିଥିଲେ। ମ୍ୟାଚକୁ ଭାରତ ଏକ ଇନିଂସ ୫୨ ରନରେ ଜିତିଥିଲା।

ଏହାର ଠିକ୍ ୪ ବର୍ଷ ପରେ 'ନଜଫଗଡ଼ କା ନୱାବ' ପୁଣି ବିସ୍ଫୋରଣ ସୃଷ୍ଟି କଲେ। ୨୦୦୮ ମାର୍ଚ୍ଚ ୨୯ରେ ସେ ଚେନ୍ନାଇର ଚେପକ୍ ଷ୍ଟାଡିୟମରେ ଦକ୍ଷିଣ ଆଫ୍ରିକା ବିପକ୍ଷରେ ୩୦୪ ବଲ୍‌ରୁ ୩୧୯ ରନ ସଂଗ୍ରହ କରିଥିଲେ। ତାହା ଏବେ ମଧ୍ୟ ଟେଷ୍ଟ କ୍ରିକେଟରେ ଭାରତର ସର୍ବାଧିକ ବ୍ୟକ୍ତିଗତ ସ୍କୋର ହୋଇ ରହିଛି। ନିଜ ଇନିଂସ ମଧ୍ୟରେ ସେ ୪୨ ଚୌକା ଓ ୫ ଛକା ମାରିଥିଲେ। ୨୦୧୫ରେ ଅନ୍ତର୍ଜାତୀୟ କ୍ରିକେଟରୁ ଅବସର ନେଇଥିବା ବୀରେନ୍ଦ୍ର ଭାରତକୁ ଟେଷ୍ଟ ର୍‍ୟାଙ୍କିଂରେ ନମ୍ବରଓ୍ୱାନକୁ ନେବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲେ।

## ସହାୟତାର ହାତ ବଢ଼ାଇଲେ ୧୬ ବର୍ଷୀୟା ରିଚା



ରିଚା ଘୋଷ

କୋଲକାତା, ୨୯।୩(ପି.ଟି.)

କୋଭିଡ୍-୧୯ ସଂକ୍ରମଣ ବିରୋଧରେ ଦେଶରେ ଲଢେଇ ଚାଲିଥିବା ବେଳେ ୧୬ ବର୍ଷୀୟା ଭାରତୀୟ ମହିଳା କ୍ରିକେଟର ରିଚା ଘୋଷ ୧ ଲକ୍ଷ ଟଙ୍କା ଦାନ କରିଛନ୍ତି। ଚଳିତ ମାସ ପ୍ରାରମ୍ଭରେ ଭାରତୀୟ ମହିଳା ଟି୨୦ ଦଳ ତରଫରୁ ଏହି ଅଲରାଉଣ୍ଡର ପ୍ରତିନିଧିତ୍ୱ କରିଛନ୍ତି। କରୋନା ଭାଇରସ ବିପକ୍ଷରେ ଲଢେଇ ପାଇଁ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ଫଣ୍ଡକୁ ସେ ଏହି ଅର୍ଥ ପ୍ରଦାନ କରିଛନ୍ତି। ରିଚାଙ୍କ ପିତା ମାନବେନ୍ଦ୍ର ଘୋଷ ସିଲିଗୁଡି ଜିଲାର ମାଜିଷ୍ଟ୍ରେଟ ସୁମନ୍ତ ସହାୟଙ୍କ ବାସଭବନରେ ଏକ ଲକ୍ଷ ଟଙ୍କାର ଚେକ୍ ପ୍ରଦାନ କରିଛନ୍ତି ବୋଲି କ୍ରିକେଟ ଆସୋସିଏଶନ ଅଫ୍ ବେଙ୍ଗଲ (ସିଏବି) ତରଫରୁ କୁହାଯାଇଛି। କରୋନା ଭାଇରସ ବିପକ୍ଷ ଲଢେଇ ପାଇଁ ଦେଶର ଜଣେ ଦାୟିତ୍ୱସମ୍ପନ୍ନ ନାଗରିକ ହିସାବରେ କିଛି ଅର୍ଥ ଦାନ ଦେବାକୁ ନିଷ୍ପତ୍ତି ନେଇଥିଲି ବୋଲି ରିଚା କହିଛନ୍ତି। ଗତ ଟି୨୦ ବିଶ୍ୱକପ୍‌ରେ ଫାଇନାଲ ସମେତ ସେ ଦୁଇଟି ମ୍ୟାଚ୍ ଖେଳିଥିଲେ।

୬୬ଜଣ ଏସିଏବି ମ୍ୟାଚ୍ ଅବଜରଭର ଦେଢ ଲକ୍ଷ ଟଙ୍କା ଓ ୮୨ ଜଣ ସ୍କୋରର ୭୭,୪୨୦ ଟଙ୍କା ଏକାଠି କରି ଦାନ କରିଛନ୍ତି ବୋଲି ସିଏବି ସୂଚନା ଦେଇଛି। ସେହିପରି ସିଏବିରେ ମହମ୍ମଡାନ ସ୍ପୋର୍ଟିଂର ପ୍ରତିନିଧି ଦୀପକ ସିଂ ୨ ଲକ୍ଷ, ପୂର୍ବତନ ମହିଳା ଟେଷ୍ଟ ଖେଳାଳି ମିଥୁ ମୁଖାର୍ଜୀ ୨୫,୦୦୦, ୨୩ ବର୍ଷରୁ କମ୍ ବେଙ୍ଗଲ ମହିଳା ଦଳ କୋଚ୍ ଜୟନ୍ତ ଘୋଷ ଦସ୍ତିଦାର ୧୦,୦୦୦, ସିଏବିର ଅନୁବନ୍ଧିତ କ୍ଲବ ହ୍ୱାଇଟ୍ ବର୍ଡର ଓ ବିଜୟ ସ୍ପୋର୍ଟ୍ସ କ୍ଲବ ୨୫ ହଜାର ଟଙ୍କା ଲେଖାଏ ପ୍ରଦାନ କରିଛନ୍ତି ବୋଲି ସିଏବି କହିଛି।

# ଯୋଗୀନ୍ଦରଙ୍କୁ ଆଇସିସିର ସାଲ୍ୟୁଟ



ଏକଦା ଭାରତୀୟ କ୍ରିକେଟ ଦଳର ଜଣେ ନିର୍ଭରଯୋଗ୍ୟ ବୋଲରଭାବେ ପାକିସ୍ତାନ ହାତରୁ ମ୍ୟାଚ ଛଡ଼ାଇଆଣି ଭାରତକୁ ଟି୨୦ ବିଶ୍ୱକପ ବିଜୟୀ କରାଇଥିଲେ ଯୋଗୀନ୍ଦର ଶର୍ମା। ଏବେ କରୋନା ଭାଇରସ ସଂକ୍ରମଣ ବିଶ୍ୱରେ ଆତଙ୍କ ସୃଷ୍ଟି କରିଥିବାବେଳେ ହରିୟାଣା ପୋଲିସର ଜଣେ ଦକ୍ଷ ଅଫିସରଭାବେ କର୍ତ୍ତବ୍ୟ ନିର୍ବାହ କରି ଚର୍ଚ୍ଚାକୁ ଆସିଛନ୍ତି ଏହି ପୂର୍ବତନ କ୍ରିକେଟର। ଏହି ମହତ୍ କାର୍ଯ୍ୟ ପାଇଁ ତାଙ୍କୁ ସାଲ୍ୟୁଟ ଜଣାଇଛି ଅନ୍ତର୍ଜାତୀୟ କ୍ରିକେଟ କାଉନସିଲ(ଆଇସିସି)। ୨୦୦୭ ଟି୨୦ ବିଶ୍ୱକପ ଫାଇନାଲକୁ କେବେ ଭୁଲିପାରିବେନି ଭାରତୀୟ କ୍ରିକେଟପ୍ରେମୀ। ପାକିସ୍ତାନ ବିପକ୍ଷ ଫାଇନାଲର ଅନ୍ତିମ ଓଭର ବୋଲିଂ କରି ଭାରତକୁ ବିଶ୍ୱକପ ବିଜୟୀ କରାଇବାରେ ହିରୋ ସାବ୍ୟସ୍ତ ହୋଇଥିବା ଯୋଗୀନ୍ଦର ସେତେବେଳେ ଘରେଘରେ ପରିଚିତ ହୋଇଯାଇଥିଲେ। ୨୦୧୮ରେ କ୍ରିକେଟକୁ ଅଲବିଦା ଜଣାଇଥିବା ଯୋଗୀନ୍ଦର ୨୦୧୬ରେ ହରିୟାଣା ପୋଲିସ ଫୋର୍ସରେ ଯୋଗ ଦେଇଥିଲେ। ସମ୍ପ୍ରତି ସେ ହରିୟାଣା ପୋଲିସରେ ଡେପୁଟି ସୁପରିଟେଣ୍ଡେଣ୍ଟ ଭାବେ କାର୍ଯ୍ୟରତ। କରୋନା ଭାଇରସ ସଂକ୍ରମଣ କାରଣରୁ ସାରା ଭାରତରେ ପୋଲିସ ଏବେ ଗୁରୁତ୍ୱପୂର୍ଣ୍ଣ ଭୂମିକା ତୁଲାଉଛନ୍ତି। ଏଥିରେ ସ୍ୱାଭାବିକଭାବେ ସାମିଲ ହୋଇଛନ୍ତି ଯୋଗୀନ୍ଦର। ମୁହଁରେ ମାସ୍କ ପିନ୍ଧି ସେ ଡ୍ୟୁଟି କରୁଥିବା ଏବେ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି।

ଯୋଗୀନ୍ଦରଙ୍କ ପ୍ରଶଂସାରେ ଶତମୁଖ ହୋଇଛି ଆଇସିସି। "୨୦୦୭ ଟି୨୦ ବିଶ୍ୱକପର ହିରୋ ୨୦୨୦ରେ ପ୍ରକୃତ ବିଶ୍ୱର ହିରୋ। ବିଶ୍ୱରେ ଏବେ ସ୍ୱାସ୍ଥ୍ୟ ସଂକଟ ଦେଖା ଦେଇଥିବାବେଳେ କ୍ରିକେଟ କ୍ୟାରିୟର ପରେ ଭାରତର ଯୋଗୀନ୍ଦର ଶର୍ମା ଜଣେ ପୋଲିସ ଅଫିସରଭାବେ ନିଜ ଦାୟିତ୍ୱ ସମ୍ପାଦନ କରୁଛନ୍ତି" ବୋଲି ଆଇସିସି ଟୁଇଟ କରିଛି। ଏଥିସହ ଆଇସିସି ପକ୍ଷରୁ ୨୦୦୭ ବିଶ୍ୱକପ ଫାଇନାଲ ଜିତିବାପରେ ଖୁସି ମୁହୂର୍ତ୍ତର ଫଟୋ ଏବଂ ବର୍ତ୍ତମାନ ଡ୍ୟୁଟି ସମୟରେ ପୋଲିସ ୟୁନିଫର୍ମ ସହିତ ମାସ୍କପିନ୍ଧା ଫଟୋକୁ ଶେୟାର କରାଯାଇଛି। ପ୍ରକାଶ ଯୋଗ୍ୟ ଯେ, ୨୦୦୭ ସେପ୍ଟେମ୍ବର ୨୪ରେ ଜୋହାନ୍ସବର୍ଗରେ ଅନୁଷ୍ଠିତ ବିଶ୍ୱକପ ଫାଇନାଲର ଶେଷ ଓଭରରେ ପାକିସ୍ତାନ ବିଜୟ ପାଇଁ ୧୩ ରନ ଆବଶ୍ୟକ କରୁଥିଲା। ଅଧିନାୟକ ମହେନ୍ଦ୍ର ସିଂ ଧୋନୀ ଯୋଗୀନ୍ଦରଙ୍କ ହାତରେ ବଲ୍ ଦେଇଥିଲେ। ପ୍ରଥମ ବଲ୍‌ରୁ ୱାଇଡ୍ ଭାବରେ ୧ରନ ଆସିଥିଲା। ପରବର୍ତ୍ତୀ ବଲ୍ ଡକ୍(୦) ରହିଥିବାବେଳେ ଦ୍ୱିତୀୟ ବଲ୍‌କୁ ଛକାରେ ପରିଣତ କରିଥିଲେ ମିସ୍‌ବା। ପରବର୍ତ୍ତୀ ୪ ବଲ୍‌ରୁ ମାତ୍ର ୬ ରନ ଆବଶ୍ୟକ ହେଉଥିବାରୁ ଭାରତର ଆଶା ମଉଳିଯାଇଥିଲା। ମାତ୍ର ତୃତୀୟ ବଲ୍‌କୁ ସ୍କୁପ୍ ଶଟ୍ ଖେଳିବାକୁ ଯାଇ ମିସ୍‌ବା ଶର୍ଟ ଫାଇନ୍‌ଲେଗ୍‌ରେ ଏସ. ଶ୍ରୀସାନ୍ତଙ୍କ ହାତରେ ଧରାପଡ଼ି ଆଉଟ ହୋଇଥିଲେ। ଏହାପରେ ଭାରତର ବିଜୟ ଉତ୍ସବ ଆରମ୍ଭ ହୋଇଥିଲା। କ୍ରିକେଟ କ୍ୟାରିୟରରେ ଯୋଜନାବଦ୍ଧଭାବେ ଖେଳି ଭାରତକୁ ବିଶ୍ୱକପ ବିଜୟ ସ୍ୱାଦ ଚଖାଇଥିବା ଯୋଗୀନ୍ଦର ଏବେ ଜଣେ ଦକ୍ଷ ପୋଲିସ ଅଫିସରଭାବେ ସାମ୍ପ୍ରତିକ ସଂକଟ ପରିସ୍ଥିତିରୁ ଭାରତକୁ ମୁକୁଳାଇବାକୁ ଆଗଭର ହୋଇଛନ୍ତି।



1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ